ଡକ୍ଟର କୁଞ୍ଜବିହାରୀ ଦାଶ

ମହିମା ଗରିମା ଦେଶ

ମଣିମା ଶୁଣିମା ହେଉ

ଲେଖକରନ୍ତ

ଡକ୍‌ଟର କୁଞ୍ଜବିହାରୀ ଦାଶ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ମଣିମା ଶୁଣିମା ହେଉ

ଲେଖକ
ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶ

ପ୍ରକାଶକ
ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ-୭୫୩୦୦୨

ଚିତ୍ରଶିଳ୍ପୀ
ଅସିତ୍ ମୁଖାର୍ଜୀ

ପ୍ରଥମ ପ୍ରକାଶ
ବିଜୟା ଦଶମୀ—୧୯୮୧

ମୁଦ୍ରାକର
ଗୁରୁପ୍ରସନ୍ନ ପ୍ରେସ,
ଝୋଲସାହି,
କଟକ-୭୫୩୦୦୨

ମୂଲ୍ୟ
ଚବିଶ ଟଙ୍କା ମାତ୍ର

MANIMA SUNIMA HEU

Written by :
Lokaratna,
Dr. Kunjabehari Das

Published by
Govindacharan Patra
Orissa Book Store
Binodabehari,
Cuttack-753002

1st Edition
October—1981

Price : Rs. 24 Only

Digitized by srujanika@gmail.com

ବୁଝୁଣିଆଙ୍କ ବୁଝାଣୀରେ

ମଶାଣିତୁଳସୀ :—

ଫକୀରମୋହନଙ୍କ ଲେଖାରେ ଯେଉଁ ଗଦ୍ୟ-ଶୈଳୀର ଉନ୍ମେଷ, ଗୋପାଳପ୍ରହରାଜଙ୍କ ଲେଖାରେ ବିକାଶ, କୁଞ୍ଜବିହାରୀଙ୍କ ଲେଖାରେ ତାହାର ଶୀର୍ଷବିନ୍ଦୁରେ ଆରୋହଣ ।

ଲୋକୋକ୍ତି ଓ ଲୋକକଥନ ଭଙ୍ଗୀରେ ଆପଣାର ବକ୍ତବ୍ୟ ପ୍ରକାଶ କରିବାର ଅପୂର୍ବ କୌଶଳ ତାଙ୍କର ଆୟତ୍ତରେ । ମୂଳରୁ ଚୂଳଯାଏଁ ସେ ସର୍ବତ୍ର ଲୋକକଥନଭଙ୍ଗୀ ଅନୁସରଣ କରିଛନ୍ତି, ଯାହା ଉପନ୍ୟାସକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାରେ ଭୂଷିତ କରିଛି ।

ସୃଷ୍ଟି ଛଡ଼ା, “ଡଗର”

ମଣିମା ଶୁଣିମା ହେଉ :—

(‘କୈବଲ୍ୟ’ ପତ୍ରିକାରେ ପ୍ରକାଶିତ ଉପନ୍ୟାସର କେତେକାଂଶ ପାଠ ପରେ)

“ଲୋକକାହାଣୀର ଆଙ୍ଗିକରେ ଓଡ଼ିଆ ଜାତିର ଏ ଯେଉଁ ଆଧୁନିକ ଜୀବନବେଦ ଆପଣ ରଚନା କରିଛନ୍ତି, ସେଥିପାଇଁ ପ୍ରଶଂସା କରିବାର ଉପଯୁକ୍ତ ଭାଷାଜ୍ଞାନ ମୋର ନାହିଁ । ପରିଚିତ ବିଶେଷଣମାନଙ୍କ ମଧ୍ୟରୁ ଅଳ୍ପ

Digitized by srujanika@gmail.com

କେଉଁଠିର ସାହାଯ୍ୟ ନେଇ ମୁଁ କହିବି—ସାଂପ୍ରତିକ ଓଡ଼ିଆ ଉପନ୍ୟାସଜଗତରେ 'ମଣିମା ଶୁଣିମା ହେଉ' ଅପୂର୍ବ, ଅଭିନବ, ଅସାଧାରଣ ଏବଂ ଅତୁଳନୀୟ ।

ମୁଁ ମଫସଲର ମଣିଷ । ଏଇ ଉପନ୍ୟାସଟି ପଢ଼ୁ ପଢ଼ୁ ନାକରେ ମଫସଲର ମହକ, କାନରେ ଗ୍ରାମୀଣ ଭାଷା ଏବଂ ଅନ୍ତର ମଧ୍ୟରେ ଶୈଶବର ସ୍ୱାଦ ମୁଁ ଅନୁଭବ କରୁଚି ।

କିଏ କେଉଁଠି ଆପଣଙ୍କୁ କେଉଁଦିନ କେତେବେଳେ ଲୋକରତ୍ନ ଉପାଧି ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ, ମୁଁ ଜାଣେନା; ଯଦିଓ କାହିଁକି କଥାଟା ଜାଣିଛି । ତେବେ ଏହି ଉପନ୍ୟାସର ଉନ୍ମେଷ, ତାର ଉତ୍ତରଣ ଓ ଉପସଂହାର ପର୍ଯ୍ୟନ୍ତ ଯଦି ଭଗବାନ୍‌ଙ୍କ ଦୟାରୁ ରସ ଉଦ୍‌ବୋଧନ ଦୃଷ୍ଟିରୁ ସମତା ରକ୍ଷାକରି ଗଲେ, ତେବେ କେବଳ ଓଡ଼ିଶାର ଲୋକ ନୁହନ୍ତି, ସମଗ୍ର ବିଶ୍ୱର ଲୋକ ମନରେ ରତ୍ନଟିଏ ହୋଇ ଆପଣ ବହୁଦିନ ପର୍ଯ୍ୟନ୍ତ ଉଜ୍ଜ୍ୱଳ ରହିବେ ।"

ଜଣେ ପାଠକ, ବାଲେଶ୍ୱର

●

Digitized by srujanika@gmail.com

॥ ଏକ ॥

କଥାଟିଏ କହୁଁ
କ କଥା ?
ରଜା କଥା
[illegible]

ଧାନ କାଟି କାଟି ଗମନା ପଚାରିଲା—ମାମୁଁ, ରଜା କ'ଣ ? ଟିକିଏ ରହିଯାଇ ରତନା କହିଲା—କଅଁରେ ରଜା କ'ଣ ଜାଣିନାହୁଁ ? ଇନ୍ଦ୍ର, ଯା ତଳେ ଗୋଟା ପୃଥିବୀ, ଯେ ନ ବର୍ଷିଲେ ସମସ୍ତେ ଚୁଡ଼୍ ଚୁଡ଼୍ ହୋଇ ମରିଯାନ୍ତି, ସେ ସ୍ୱର୍ଗର ରଜା; ବାସୁକୀ ଯେ ପୃଥୀକି ମୁଣ୍ଡରେ ଧରିଚି, ଟିକିଏ ମୁଣ୍ଡ ଦୋହଲେଇଲେ ପୃଥୀ ଥରହର ହୁଏ, ସେ ପାତାଳର ରଜା; ସେମିତି ବାଘ ବଣର ରଜା, ତା ରଡ଼ି ଶୁଣିଲେ ଛାତି ପଡ଼େ ଉଠେ ।

'ହଁ, ରଜା କ'ଣ ଜାଣିନାଇଁକି ? ମୁଁ ତାଆସ ଖେଳନାଇଁକି ? ଯାତ୍ରା ଦେଖିନାଇଁ କି ? ଦେହରେ ଜରି କୁରୁତା, ମୁଣ୍ଡରେ ଝରିଶିଖ ମୁକୁଟ, ହାତରେ ଖଣ୍ଡା, ଦାଢ଼ିକି ନଶ, ବୁଲିପଡ଼ି ପଛପଟେ ଚୁଲିଥିବା ମନ୍ତ୍ରୀଙ୍କି ଗୁମାନରେ ପଚାରନ୍ତି—

ରେ ମନ୍ତ୍ରୀବର,
କହ ଏବେ ରାଜ୍ୟର ଖବର ରେ ।

ଦୁଆରୀ ମଣିମା, ମଣିମା ହୁରି ପକାଇଥାଏ—ଭାରି ତେଜ, ଭାରି ଦମାକ୍, ହୁକୁମ୍ ଜାରୀ, ସତେ ଯେମିତି ପୃଥୀକି ଓଲଟେଇ ପକେଇବେ ! କଂସ ରାଜାର ରଡ଼ି ଶୁଣିଲେ ମୋ କୁମ୍ଭକରନ ନିଦ ବି ଚୁଉଁକିନେ ଭାଙ୍ଗିଯାଏ !'

Digitized by srujanika@gmail.com

'ଆରେ, ସେ କ'ଣ ସତରେ ରଜା ରଜା ବେଶ ପିନ୍ଧି ସେମିତି ଆଡ଼ମ୍ବା ଦେଖାଉଥାଏ ନା; ଭେଶ ଖୋଲିଦେଲେ ଆମରିପରିକା ମୂଳଆଠାଏ—ସକାଳୁ ଉଠିଲେ ଲଙ୍ଗଳେ ଯୋଏ ତୋବଣି ହୁମକାକର ! ହାଣ୍ଡି ମାଙ୍କଡ଼ଚଢ଼ ମାରୁଛି । ମାଇପ ମୁଣ୍ଡରେ ବାପୁଚଢ଼େଇ ବସା ! ଟାସ ରଜା ତ ଚଳଥାଏ; ସେ କ'ଣ ପବେଂସବ ? ତା' ଉପରେ ଛିକ୍କା !'

'ଆଲେ ମାମୁଁ, ତୁ ତ କେତେ ରଜା କଥା କହୁ, କହୁନୁ ଗୋଟେ ।'

'ଆରେ ରଜା କଥା କ'ଣ ଶୁଣିବୁ ରଜା ଗୋଜା, ଯାହା ବୁଝିଥିବେ ସେଇଆ । ପୁଣି ଅବୁଝା ରଜାକୁ ପାଲବଣ୍ଡା ମନ୍ତ୍ରୀ । ସେ ସବୁବେଳେ ପାଲବଣ୍ଡାଠାଏ ମୁହଁରେ ମାଡ଼ିବସିଥାନ୍ତି । ରଜାଙ୍କ କଥାରେ ଉଁ କି ଚୁଁ କହିବାକୁ ଜୁ ନାଇଁ; ଏଡ଼େ ଲୋକର ଯେବେ ମୁହଁ ବନ୍ଦ, ଆଉ କାହା ପାଟି ଫିଟିବରେ ବାପା ! ପିଠରୁ ଚମଡ଼ା ଉତାରିଦେବେ, ଆଖି ଫୁଟାଇଦେବେ, ହାତ ପାଦରେ ଦଳିଦେବେ । ଭୋକିଲା ବାଘ ଆଗରେ ଫିଙ୍ଗିଦେବେ, ଶୂଳରେ ବସାଇଦେବେ, ନଇଲେ ଭୁଲରେ ପାଦ ବାନ୍ଧି ତଳକୁ ଝୁଲାଇ ଦେବେ, କାନ୍ଥ ଭିତରେ ରଖି ପଲସ୍ତ୍ରା କରିଦେବେ, ଅଜଗର ମୁହଁକୁ ଠେଲିଦେବେ, ନଇଲେ ହରିକାଠରେ ପକାଇଦେବେ ! କ'ଣ ସେ ରଜା କଥା ଶୁଣିବୁ ?'

'ମାମୁଁ, ସବୁଦିନ ତ ଭଲ ଭଲ କଥା କହୁ, ଆଜି ତୋର କ'ଣ ହେଇଚି କହିଲୁ ? ରଜା ନାଆଁ ଶୁଣିଲେ ଫିଙ୍କ ଉଠୁଚୁ କାଇଁକି ?'

'ତୁ ତ ହୁଣ୍ଡାଠାଏ, କାହାକୁ କ'ଣ ବସେଇ ଉଠେଇଦବୁ ?'

ଆରେ ରଜା କଥା ଭାବିଲେ ମୋ ଦେହ ଶୀତେଇ ଉଠୁଚି, ଛାତି ଧଡ଼୍ ଧଡ଼୍ ପଡୁଚି !

ହଇରେ ସେ କ'ଣ କଲା ?-କେଡ଼େ ମାଇପବୋଲ୍‌ଠାଏ ବା ? ନିଜର କିଛି ବୁଦ୍ଧି ଅକଲ ନାଇଁ ? ଯେ ଯାହା ବତେଇଦେଲା ସେଇଆ ।

Digitized by srujanika@gmail.com

ଛି ଛି, ମାଇପ କଥାରେ ପଡ଼ି ପିଲା ଦିଟାକୁ ଶୂଳିଆପଦାକୁ ପଠାଇଦେଲା ! କ'ଣ ପାଞ୍ଚ୍‌ଟା ତିନିଟା ଅଛନ୍ତି ଗଣ୍ଡିଧନ ବୋଇଲେ ସେତିକି । ଏ ରଜାଠୁଁ ହାଣୁଆ ଚେତର୍ ଭଲ; ତା ମନରେ ଦୟାପଦ । ସେ ପିଲାଦିଟାଙ୍କୁ ରାଜ୍ୟପାର କରାଇଦେଇ କୁମ୍ଭାଟୁଆଟାଏ ମାଇଲା, ଶାଳପତ୍ର ଦନାରେ ରକ୍ତ ରଖିଲା, ସେଥିରେ ଲୁଣ ମିଶାଇଆଣି ରାଣୀଙ୍କି ଦେଲା; ରାଣୀ ତାକୁ ଚାଖିଲା ପରେ ଶୁଳେଇକି ବଳେ କଲେ, ତାଙ୍କର କାଠିଲାଗି, ମାଳଣା ହେଲା, ମୁଣ୍ଡୋହ୍ନିଁ ବଢ଼ିଲା, ଗମ୍ଭୀରିସାଆନ୍ତ ଗଲେ, ପଞ୍ଚାପୁତ ହ ଗଲେ । ସେ ରଜାଟା କେମିତି ବାୟା ହୋଇ ନ ଗଲା ? ଛାତିଟା ପଥର ନା ଲୁହା ?'

'ଆଉ ସେଦିନ କ'ଣ ଗାତକୁ ପେଲିଦବା କଥା କହୁଥିଲୁ ?' ହଁ ମନେ ପଡ଼ିଲା; ନୂଆ ଅସୁରୁଣୀ ରାଣୀର କଥାରେ ପଡ଼ି ସତେ ରଜା କି ଅକଥାଟାଏ ନ କଲା !

ହାତିଶାଳରେ ହାତି, ଘୋଡ଼ାଶାଳରେ ଘୋଡ଼ାଙ୍କୁ କିଏ ଖାଉଚି ? ଆଉ କିଏ ? ସେଇ ସେଇ ।

ଉଆସରେ ଯେତେ ଯେତେ ଅନର୍ଥ ଘଟୁଚି, ଘଟାଉଚି କିଏ ?

ଆଉ କିଏ ? ସେଇ ସେଇ ଡାହାଣୀମାନେ ।

ସେଦିନ ରାଜ୍ୟରେ ଏତେବଡ଼ ବତାସ ବୋହିଲା କାହିଁକି ?

ଜୋର୍‌ରେ ନିଃଶ୍ୱାସ ମାଇଲେ ସେଇ ସେଇ ପିତାଶୁଣୀମାନେ ।

ରାଜ୍ୟରେ ଅକାଳ ପଡ଼ିଲା କାହିଁକି ?

ସବୁ ଖାଇଗଲେ ସେଇ କଞ୍ଚାଖାଇମାନେ ।

କଥାରେ ଅଛି—ପାଖରେ ଶୁଏ, କାନରେ କୁହେ
ତା କଥା କି ଅନ୍ୟଥା ହୁଏ ?

ହେଲା ଯେ······; ସେ କାହିଁକି ହୋଇଗଲେ ସାତପର ? ସେ କ'ଣ ହାତଧରି ବେହେ ହେଇ ନ ଥିଲେ ? ଯାନିଯଉତୁକ ଆଣି ନ ଥିଲେ, ନା ସ୍ନେହସୋହାଗ ଦେଖାଇ ନ ଥିଲେ ?

ନୂଆ ରାଣୀର କଥା ହୋଇଗଲା ବେଦର ଗାର । ଦୋଷୀ କି ଅଦୋଷୀ କିଛି ବୁଝିଲେ ନାଇଁ ସେ; କେତୁଟା ଖଣିଗାତ ଖୋଳି ସାତ

Digitized by srujanika@gmail.com

ରାଣୀଙ୍କି ଡକାଇଆଣିଲେ, ଖଣିରେ କେତେ [illegible] ପଡ଼ିବ, ପଚାରିଲେ । ରାଣୀଏ କଳନା କରୁ କରୁ [illegible] ମାନଙ୍କୁ ଖଣିଭିତରକୁ ପେଲିଦେଲେ । ତଳ କଣ୍ଠା ଉପର କଣ୍ଠା କରି ପୋତିପକାଇଲେ । ରାଣୀମାନେ ଚିତ୍କାରଟାଏ କରିବାକୁ ବେଳ ଟିକିଏ ପାଇଲେ ନାହିଁ ।'

'ମାମୁଁ, ଆଲୋ ଏଇଟା ରାଣୀ ନା ଚନ୍ଦ୍ରକାଣୀ ? ଯାକୁ ବସୁଧା ସହିଲା କେମିତି ?'

'ପାପ ବଢ଼ୁଥିଲାବେଳେ ବଢ଼େ, ଯାହା ଉପରକୁ ଆଉ ବଢ଼ିବାକୁ ନ ଥାଏ, ସେତେବେଳେ ଛିଡ଼େ, ଚେର ଛିଡ଼ିଯାଏ, ମୂଳ ଉପୁଡ଼ିଯାଏ । ଏ ସାତ ରାଣୀଙ୍କର ଗୋଟିଏ କୋଳ ପୁଅ, ସାତ କୋଳରେ ବସୁଥିଲା, ସାତ ମୁହଁରୁ ଚୁମା ଖାଉଥିଲା । ମାଆମାନଙ୍କର ଏ ଦଶା ଦେଖି ପ୍ରାଣଭୟରେ ସେ ଉଆସରୁ ଖସି ପଳାଇଲା, ଯାଇ ଜ୍ଞାନଦେଈ ମାଳୁଣୀ ଘରେ ଆଶ୍ରା ନେଲା । କେତେବର୍ଷ ଗଲା; ମାଳୁଣୀ ଏ ଟୋକାଲାଗି ଗୋଟେ ଘୋଡ଼ା କିଣିଦେଲା—ଟପକ୍ ଟପକ୍ ଟପକ୍—ଦେହରୁ ଆଲୋକ ଛିଟିକି ପଡ଼ୁଥାଏ—ଅସୁରୁଣୀ କେମିତି ବାରିଲା—ଏ ସେଇ ଟୋକା । ରଜାଙ୍କ ଆଗେ ସାକୁଲେଇ ହୋଇ କହିଲା—ମୋ ଆଖିରେ ଆଲୁଅ ଉଠିଚି, ଟପଟପଣ ପାଣି ଛଡ଼ା ଏ କାହିଁରେ ଭଲ ହୁଏ ନାହିଁ; କିଏ ଯିବ ? ସେଇ କାଠେଇଖିଆ ଟୋକା !

ଟୋକା ପାଗପଟକା, ଗୁରି ହତିଆର ବାନ୍ଧି ସାତ ପରସ୍ତ ପର୍ବତ ଡେଇଁଗଲା । କଟିକଟିଆ ଅନ୍ଧାର, ଅଗନାଗି ବନସ୍ତ; ପତରଟାଏ ପଡ଼ିଲେ ପଥରଟାଏ ପଡ଼ିଲା ପରି ଶବଦ ହଉଚି । ଘୋଡ଼ା ଆଉ ଚଳିଲା ନାହିଁ; ଟୋକା ସେଠି ଓହ୍ଲାଇଲା, ଅଳ୍ପ ଦୂରରେ ଆଲୁଅଟିଏ ଜଳିବା ଦେଖି ଯାଇ ଯାହା ଦେଖିଲା, ତା ଆଖି ଖୋସି ହୋଇଗଲା । ଅସୁରୁଣୀବୁଢ଼ୀ ଗୋଡ଼ଟା ଚୁଲିକି ମୁହାଁ ଦେଇଛି, ଚୁଲି ଜଳୁଚି । ଏ ଟୋକାକୁ ଦେଖି ବୁଢ଼ୀ ଗୋଡ଼ଟା ଓଟାରି ଆଣି ଫୁଙ୍କି ନିଆଁ ଲଗାଇ ଦେଲା, କଅଁଳିଆ କଥା କହି ହେପାଜତରେ ରଖିଲା, ପିଲାଏ ସକାଳୁ ଫେରିଲେ ମୁସୁ ମୁସୁ କରି ଚୋବେଇବେ !

Digitized by srujanika@gmail.com

ଜାଙ୍ଗୁଲୁ ଜାଙ୍ଗୁଲୁ ଘାଡ, ଟୋକା ଝପଟ ମାରିବାବେଳେ ବୁଢ଼ୀ ବେସ୍ତ ବକଳ ଝିଡାଇ ଘୋଡ଼ା ଲାଞ୍ଜରେ ମୁଠାଏ ସୋରିଷ ବାନ୍ଧି ଦେଲା । ସୋରିଷ ବୁଣି ବୁଣି ଯାଉଥାଏ, ଗଛ ଉଠି ଉଠି ଯାଉଥାଏ, ଫୁଲ ଫୁଟି ଫୁଟି ଯାଉଥାଏ । ତଗରୁ ଫେରିଲାକ୍ଷଣି ମାଆଠୁ ସବୁ କଥା ଶୁଣି ଅସୁର ଟୋକାଏ ଗୋଡ଼ାଇଲେ । ପଛକୁ ଲାଗିଆସିବା ଦେଖି ଏ ଟୋକା ଫୁଂକେନେ ଫୁଙ୍କି ଦେଲା ଯେ ଗୁରିଆଡ଼େ କୁହୁଡ଼ି ଘୋଟିଗଲା । ମୁହିଁକୁମୁହିଁ ନ ଦିଶେ । ତା'ରି ଭିତରେ କଚଡ଼ା କଚଡ଼ା ପଡ଼ି ଅସୁର ଗୋଡ଼େଇଲେ । ଫେର୍ ପଛକୁ ଲାଗି ଆସିବା ଦେଖି ଟୋକା କଣ ମନ୍ତ୍ର ଫୁଙ୍କି ଦେଲା ଯେ ଗୁରିଆଡ଼େ ନିଆଁ ଘେରିଗଲା, ବହୁତ ଉପରକୁ ଧୂଆଁ ଉଠୁଥାଏ; ନିଆଁକୁ ଛେପ ପକେଇ ଲିଭେଇ ଅସୁର ପୁଣି ଗୋଡେଇଲେ । ପାଖକୁ ଲାଗି ଆସିବା ଦେଖି ଟୋକା ଟିକଏ କାଠି ମନ୍ତୁରେଇ ଫିଙ୍ଗିଦେଲା । ଚାରିଆଡ଼ େବେତବଣ ହୋଇଗଲା । ବଣକୁ ଦାନ୍ତରେ ଛିଣ୍ଡେଇ ମାଡ଼ି କୁଦି ପୁଣି ଅସୁର ଧାଇଁଲେ । କିଛି ଉପାୟ ନପାଇ ଏ ଟୋକା ଗୋଟିଏ ଆମ୍ବ-ଗଛ କଡରେ ଛିଡ଼ାହୋଇ କହିଲା—ତୁ ଯେବେ ସତ୍ୟ ଯୁଗର ଆମ୍ବଗଛ ହୋଇଥିବୁ, ତୁ ଫାଟିଯିବୁ, ମୁଁ ପଶିଯିବି, ତୁ ବନ୍ଦ ହୋଇଯିବୁ । ସତକୁ ସତ ସେଇଆ ହେଲା ।

ଏ କଥା ଅସୁରୁଣୀ ରାଣୀ କାନରେ ପଡ଼ିଲାକ୍ଷଣି ସେ ଗଛକୁ ହଣେଇଲା, କାଟକୁ ଟିକି ଟିକି କରି ଚିରେଇଲା । ଗଛ ହଣା ହେଲା ବେଳେ କେଣ୍ଡାଟିଏ ବଉଳ ହେଲା, ଚଣା ହେଲା, ଆମ୍ବ ପାଚି ଝଡ଼ିପଡ଼ିଲା, ତାକୁ ଗୋଟିଏ ବାଲିଆ ମାଛ ଗିଳିଦେଲା, ମାଛଟି କେମିତି ଯାଇ ପୁଣି ସେଇ ମାଲୁଣୀ ହାତରେ ପଡ଼ିଲା—ଥିର ଥିର କରି କାଟ ହେ ମାଆ, ମୋ କାନ କଟିଯିବଟି ! ମୋ ଆଖି ଫୁଟିଯିବଟି ।

ଦେଖୁ ଦେଖୁ ସେ ଟୋକା ତା ଭିତରୁ ବାହାରିଲା, ପୁଣି ଘୋଡ଼ା ଝପଟେଇ ଦୌଡ଼ିଲା, ଅସୁରୁଣୀ ତାକୁ ଚିହ୍ନି ପୁଣି ଚପଟପଣ ପାଣି ଆଣି ପଠାଇଲା । ବାଟୋଇକ ପଢ଼େଇ ଏ ଟୋକା ନୂଆ ଭାଷା ଲେଖେଇଲା, ଅସୁର ରାଇଜରେ ଖୁବ୍ ହେପାଜତରେ ରହିଲା, ଚିହ୍ନି ଜାଣି ଅସୁରୁଣୀର ଜୀବନନାଟୀ 'ଲଉ'ଟିକ ଆଣିଲା, ତାକୁ ପିଟିଦେଲାରୁ ଅସୁରୁଣୀ ହାତେ ଜଭ କାଢ଼ି ମରି ଶୋଇଲା ।

Digitized by srujanika@gmail.com

ରଜାର ମନ୍ଦ ବୁଦ୍ଧିରୁ ଏତେ କଥା ହେଲା । ଖଣିରୁ ମାଆ-ମାନଙ୍କ ହାଡ଼ କଢ଼ାଇ ଟୋକା ରାତିସାରା କାନ୍ଦିଲା, ଈଶ୍ୱରପାର୍ବତୀ ଦୟା ପାଇ ବେଲପତ୍ରି ପାଣି କରି ତିନିମୁଠା ଛୁଞ୍ଚ ଦେଲାରୁ ରାଣୀମାନେ ଜୀବନ ପାଇ ଉଠି ବସିଲେ ।'

'ରଜା କଥା କହୁଁ କହୁଁ କେତେକୁଆଡ଼େ ଅମଡ଼ା ମାଡ଼ିଗଲୁ, ମାମୁଁ'

'ଆରେ କଥା ଯେ ଲତା ସେ, ଲତା କଣ ଖାଲି ରଞ୍ଜା ଉପରେ ମାଡ଼େ ନା ରହେ ? କୁଆଡ଼େ ବୋଲି କୁଆଡେ ସେ ଡାଙ୍କ ମେଲେ, ଫୁଟେ, ଫଳେ, ଯେମିତି ରଜା କଥା କହୁଁ କହୁଁ ରାଣୀ ଆସନ୍ତି, ଯୁବରାଜ ଆସନ୍ତି, ଗୁରୁ ସଙ୍ଗାତଙ୍କ କଥା ପଡ଼େ । ମନ୍ତ୍ରୀପୁଅ, ସାଧବ ପୁଅ, କୋଟଆଳ ପୁଅ ଜଣେ ମରି ହଜିଗଲେ ଗୁରୁଖଣ୍ଡ ଦାନ୍ତକାଠିରୁ ତିନିଖଣ୍ଡ ଘଷାଯାଏ, ଖଣ୍ଡେ ପାଣିକି ଫୋପାଡ଼ି ଦିଆହୁଏ, ଗୁରୁଗିନା ତେଲରୁ ତିନିଗିନା ଲଗାଯାଏ । ଗିନାଏ ପାଣିରେ ଅଜାଡ଼ା ହୁଏ । ଗୁରୁପତର ବଡ଼ା ଭାତରୁ ତିନି ପତର ଖିଆଯାଏ, ପତରେ ପାଣିକି ପକେଇ ଦିଆହୁଏ ।

ରଜା କଥା କହିଲେ ମନପବନ ଡଙ୍ଗା, ପକ୍ଷୀରାଜ ଘୋଡ଼ା କଥା ଆସେ, ଜ୍ଞାନଦେଈ ମାଳୁଣୀ, ଯେ ଭେଣ୍ଡାକୁ ମେଣ୍ଢା କରେ, ତା କଥା ଆସେ, ଭୋକଶୋଷ ଲଡ଼ୁ, ଯାହାକୁ ଖାଇଲେ ଭୋକ ଶୋଷ ହୁଏନାହିଁ, ବାନ୍ଧ୍ ବାନ୍ଧ୍ ଦଉଡ଼ି ମାର୍ ମାର୍ ଠେଙ୍ଗା, ଆଜ୍ଞା ମାନେ ଯେ ଶତ୍ରୁକୁ ବାନ୍ଧି ପିଟେ, ଅମୃକମଣି, ଯାହାକୁ ଧରିଲେ ଯାହା ଖୋଜିବ ତା ମିଳେ, କୁହୁକ କଠଉ, ଯାହାକୁ ପିନ୍ଧିଲେ ମଣିଷ ପାହୁଣ୍ଡକେ କୋଶେ ଯାଏ, ତା କଥା ବି ଆସେ । ଯୋଉ ଅସୁର ଅସୁରୁଣୀଙ୍କି ରଜାପୁଅ ମାରନ୍ତି, ତାଙ୍କର କଣ ମଣିଷଙ୍କ ପରି ଗୋଟାଏ ଜୀବନ ? ତାଙ୍କ ଜୀବନକାଠୀ ସାତ ତାଳ ପାଣି, ଚଉଦ ତାଳ ପଙ୍କର କୋଉ କଇଞ୍ଚ, କଇଞ୍ଚ ଭିତରେ କୋଉ ଅନ୍ଧ ସାପ, ତା ଭିତରେ ଭଅଁର, ଭଅଁରର ଚଅଁର ଭିତରେ । ରଜା ଅସୁର ଅସୁରୁଣୀଙ୍କି ମାରି ରାଜଜେମାକୁ ଉଦ୍ଧାର କରି ଆଣନ୍ତି । ତାକୁ ବାଟରେ ଏକୁଟିଆ ବସାଇଦେଇ ଯାନବାହନ ଆଣିଯାଆନ୍ତି ।

Digitized by srujanika@gmail.com

ବେଳେ କୁଣ୍ଡି ଭୁଷୁଣ୍ଡୀ ଆସି କହିଲା—ତୁମ ଚନ୍ଦ୍ରଝୁମ୍ପା ଟିକଏ ପିନ୍ଧନ୍ତୁ, କେମିତି ସୁନ୍ଦର ଦିଶନ୍ତୁ । ତୁମ ମଥାମଣି ଟିକଏ ପିନ୍ଧନ୍ତୁ କେମିତି ସୁନ୍ଦର ଦିଶନ୍ତୁ, ତୁମ କଳା ବୋଇତ ଶାଢ଼ୀ ଟିକଏ ପିନ୍ଧନ୍ତୁ, କେମିତି ସୁନ୍ଦର ଦିଶନ୍ତୁ । ଏମିତି ଫୁସୁଲେଇ ସବୁତକ ଆଯୂଅଳଙ୍କାର ପିନ୍ଧିଲା, କାଳେ କୂଅରେ ଅଳଙ୍କାର ଖସି ପଡ଼ିବ, ମାଠିଆଏ ପାଣି କାଢ଼ିଦିଅ ବୋଲି ଶେଷକୁ କହିଲା, ଜେମା ତ ଏତେ ଛନ୍ଦକପଟ ଜାଣେନାହିଁ, ଯେମିତି ପାଣି କାଢ଼ିଚି, ଭୁଷୁଣ୍ଡୀ ତାକୁ କୂଅକୁ ପେଲିଦେଲା । ସେଇଠୁ ଜେମା କଇଁଫୁଲ ହୋଇ ଫୁଟିଲା, ତାକୁ ଚିରି ଫିଙ୍ଗିଦେଲାରୁ ବେଲ ହେଲା, ବେଲରୁ ବେଲବତୀ କନ୍ୟା ବାହାରି ସବୁକଥା କହିଲା । ରାଣୀଙ୍କ ତଳ କଣ୍ଠା ଉପରକଣ୍ଠା କରି ପୋତିଦିଆ ହେଲା, ରଜାପୁଅ କେଡ଼େ ଓଲୁ ! ଏତେଦିନ ଏ ମାଙ୍କଡ଼ୀକି ସେ ଚିହ୍ନିପାରି ନଥିଲା ।'

'ଯେତେ ହେଲେ ବେଲବତୀକୁ ନେଲେ ତ ' ରଜା ଘର ଭଲ ।'

'ଗୈପାଠ । ବୁଝିଲୁ, ସାତକାଣ୍ଡ ରାମାୟଣ ଶୁଣିଲା ପରେ ପଚାରୁଚ—ସୀତା ମାଇଁ କି ଅଣ୍ଡିରା ? ହଇରେ ରଜାଟା ଭଲ କ'ଣ ? ଅମାପ ଧନ, ଅଖଣ୍ଡ କ୍ଷମତା ତା ମୁଣ୍ଡ ଖାଏ, ପରଝିଅ ଉପରେ ଆଖି. ରାଣୀ ହଂସପୁରରେ ତହୁଁ ବଳି ତହୁଁ ବଳି ରାଣୀ ଥିଲେ କ'ଣ ହେଲା ?'

ସାଧବ ଘରଯା ଗାଧୋଇବା ବେଳେ କେମିତି ତା ଉପରେ ଆଖି ପଡ଼ିଲା କେଜାଣି, ଖାଲି ବାଇଆ ବଲୁଆ ପରି ତ ହେଲା, ମାଲୁଣୀକି ଡାକି କହିଲା—ଆଲୋ ହେ, ମୁଁ ତତେ ଆଞ୍ଜୁଳାଏ ଅସରପି ଦେବି, ତୁ ସେ ସାଧବାଣୀକି ଶିଖେଇ ମଣେଇ ଆଣ୍ ।

ରଜାର ଏ ଢଙ୍ଗରଙ୍ଗ ଦେଖି ଦରିଆ ସେପାରିକି ବୋଇତ କରି ଯାଉଥିବା ସାଧବ କହିଲା—ବାଡ଼ିରେ ବାଗବଗିଚା କରିଚି, କୂଅପୋଖରୀ ଖୋଳିଛି, ପୋଇଲାପରିବାଖି ଖଞ୍ଜିଚି, ନଈକି ଗାଧେଇ ଯିବୁନାହିଁଟି । ମୋ ସାଙ୍ଗେ ଏ ତୁଳସୀ କୁଣ୍ଡୁଆଟି ଗଲା, ଯେତେବେଳେ ତୁଳସୀ ଝାଉଁଳିବ, ଜାଣିବ ବିପତ୍ତି ପଡ଼ିଲା । ହୋଇ ତିନଗାର କାଟିଲା । ଏକୁ ଡେଇଁଲେ ବିପତ୍ତି ପଡ଼ିବ, ଜାଣିଥା—

Digitized by srujanika@gmail.com

ରଜା ପୁଅ ବଡ ହଟିଆ ବୋଲେ ହୁଁ ଟି
ବାଟରେ ରଖିଚ ଖଟିଆ ,, ,,
ସୁନାର ବନଶି କରିଚ ,,
ମିଛେ ମିଛେ ମାଛ ଧରୁଚ ,, ,,

କୋଉ ଛଟକେ ହେଲେ ସେ ସାଧବାଣୀକି ଫୁସୁଲେଇନେଇ ଗୃଲିଗଲା ।"

'ମାମୁଁ, ସେଦିନ କ'ଣ ଗୀତଟାଏ ବୋଲୁଥିଲୁ ?

ମା ବୋଲେ ଝିଅ ଦେଉଳକୁ ନ ଯା
ବାଲି ତ କୃଷ୍ଣ କୁଞ୍ଜ ଅଣ୍ଟା ସରୁ ମଣ୍ଡା
ଚୋଟେ ତ ନେବ ବୋଲି ଲୋ ବସିଚ
କଳିଙ୍ଗ ଦେଶ ରଜା ।'

'କରେ ତୁମ ଦାଉରେ ଲୋକେ ଦେବଦର୍ଶନ କରି ଯିବେନାହିଁ ତୁମେ କ'ଣ ମଣିଷଖିଆ ବାଘ ନା ଗଣ୍ଡାଗସ୍ପୂଳ ? କରେ କାହାଘରେ ଝିଅଟିଏ ବଢ଼ିଲେ ରଜା କାଇଁକି ଶିରପଡଆ ନାଚ ନାଚେ ? ତୁମ ବାଟେ ତୁମେ ଯାଅ, ତୁମର ଏତେ ବଷ୍ କ'ଣ ? ସେ ତା ଶାଶୂଘରକୁ ଯାଉ, ତା ଗେରସ୍ତକୁ ଧେନ ରହୁ । କେଡ଼େ ମାଇପୀ ଜାହାଣା ତୁମେ ! ସପନୁ, ଶୁଣିଚୁ ତ ସେ ଅପରଛମା ଝିଅଟା କୋଳ ତୋଳୁଥିଲା ବେଳେ ରଜା କେମିତି ଝାମ୍ପି ନେଇ ପଳାଇଲା, ଝୁରି ଝୁରି ତା ଅନାଥ ଭାଇଟି ମଲା, ତା ମୁଣ୍ଡ ଖପୁରିରେ କେମିତି ଅନ୍ଧ ଅନ୍ଧୁଣୀ କେନ୍ଦରା ଗଢ଼ିଥିଲେ, ସେ କେନ୍ଦରା ଯେ ଶୁଣିଲା କେମିତି କାନ୍ଦିଲା, ରଜା ସେ କେନ୍ଦରାକୁ କେମିତି ପୋଡ଼ିଦେଲେ, ରାଣୀ କେମିତି ସେ ନିଆଁକୁ ଡେଇଁଲେ, ତାଙ୍କ ସଙ୍ଗେ କେମିତି ରଜା; ପ୍ରଜାଙ୍କ କାକୁତିମିନତିରେ ଶିବପାର୍ବତୀ ଫୁଲ ପାଣି ଛିଞ୍ଚିଲରୁ ଭାଇକି କେମିତି ଭଉଣୀ ଚିହ୍ନିଲା, ରଜା କେମିତି କାଳିଆ କୁକୁରଟାଏ ହୋଇ ସମସ୍ତଙ୍କୁ କାମୁଡ଼ି ଗୋଡ଼େଇଲା, ଗାଁଯାକର କୁକୁର ମିଶି ତାକୁ କେମିତି ଝୁଣି ଝୁଣି ଝିଙ୍ଗାରି କୁଢ଼ୁକୁଟା କରିଦେଲେ, ପରଝିଅ ହରଣଚୃଲ୍ କରିବାର ଫଳ କେମିତି ହାତେ ହାତେ ମିଳିଗଲା, ଦେଖିଲୁ ତ ?'

Digitized by srujanika@gmail.com

'ମାମୁଁ, ଏ ରଜା କେମିତି ହଅନ୍ତ ? ମୁଁ ହଅନ୍ତ ନ !'

'ଉଠ୍ ଉଠ୍, ବାସି ଓଳକ ଦାନା ନାହିଁ, ମନେ ମନେ ଛେନାଗୁଡ଼ ଖାଉଚ !

ହଇରେ ଏ ଝଡ଼ିଆ ପାଗରେ ରଜା କ'ଣ କରୁଥିବେ ? ଆଉ କ'ଣ କରୁଥିବେ ? ଘିଅ ଚାଉଳଭଜା ମିଶାଇ ଚୋବାଉଥିବେ !

ଆରେ ଅଲଜୁକ, ତୁ ରଜା ହବୁନାହିଁ ବୋଲି କିଏ କହିଲା ? ସବୁବେଳେ କ'ଣ ଖାଲି ରଜାପୁଅ ରଜା ହୋଇଥାନ୍ତି ? ହାତୀ ତ ଫେର୍ ସୁବର୍ଣ୍ଣ କଳସ ଢାଳେ । କେତେ ତ ପାଟହାତୀ ପଛରେ କୋଷ ମିଠେଇ ଧେନ ଦୌଡ଼ିଥାନ୍ତି, ଏକୁ ଖାଉ, ଆମ ମୁଣ୍ଡରେ ସୁନା କଳସ ଢାଳୁ ! ସେ କଥା କ'ଣ ହୁଏ ?

ଆରେ ସେମିତି ଯୋଗଭାଗ୍ୟ ପାଇଥିଲେ ହବନା ! ହଇରେ ସପନୁ, ଯଦି ହାତୀ ପାଦତଳେ ଦଳି ନ ଦେଇ ସତକୁ ସତ ତୋ ମୁଣ୍ଡରେ ସୁବର୍ଣ୍ଣ କଳସ ଢାଳିଦିଏ, ତୁ ଆଉ ବୁଢ଼ାବୁଢ଼ୀ ମାମୁଁ ମାଇଁଙ୍କି ପଚରାଉଚରା କରିବୁଟି ? ସିଂହାସନକୁ ଚଢ଼ିଲାବେଳେ ମୁଣ୍ଡକୁ ପିତ୍ତ ଚହଙ୍କି ଯାଉଥିବ, ମଣିଷସବୁ ମାଛି ପରି ଦିଶୁଥିବେ ! କ'ଣ କହିନାହିଁ······

ଆଗର କଣ୍ଢେଇକି
କଣ୍ଢେଇ କାନ୍ଧରେ ଲାଲ୍ ଗାମୁଛା
କଣ୍ଢେଇ ମଣିଷ ଚହ୍ଲେଇ କି ?

ହୀନ ଦୃଷ୍ଟି ନ ପଡ଼ିଲେ ହେଲା । କ'ଣ ମିଛକୁ କହିଚ—

ଗଡ଼ଜାତରେ ଯେବେ କରିବୁ ଘର
ଦାଣ୍ଡଘର ଖଣ୍ଡି ଅଛୁଆଁ କର ।

ଦାଣ୍ଡଘରୁ ଧନସମ୍ପତ୍ତିର କଳନା କରି ପାଖ ଲୋକେ ରଜାଙ୍କ ଆଗରେ ଯାଇ ଗୁହା ଗୁଜୁରନ୍ତି । ଦିନେ ରଜାଙ୍କ ତାଳବେତାଳ ଆସି ସବୁ ବୋହିନଅନ୍ତି, ଦାଣ୍ଡର ଭିକାରୀ କରି ଛାଡ଼ିଦଅନ୍ତି ।

Digitized by srujanika@gmail.com

ମୁଁ ତ ଯାହାକୁ କରୁଚ ଗୁହାର
ମୋର ସେଇ ତ ହେଇଚ ବଇର !

ବାବୁ, କାହାକୁ କହିବ ? କିଏ ଶୁଣିବ ?

ରଜା ନଅର ସାମନାରେ କେହି ଜୋତା କି କଠଉ ମାଡି କି ଛତା ଟାଣି ଯିବେନାଇଁ, କାନକୁହା ଏତକ ଦେଖି କଅଣ ବୋଲି କଅଣ ଲଗେଇଲୁଟେଇ କହେ ; ମାଡ଼ ବସେ, ତେଣେ କାନ୍ଦ ସ୍ୱର ଡୁବେଇବାକୁ ମାଦଳ ବାଜେ, ନଖ ଗୋଟି ଗୋଟି ହୋଇ ଓପଡ଼ା ହୁଏ, ନଖ କୋଣରେ ପିନ୍‌କଣ୍ଟା ବାଡ଼େଇ ଦିଆହୁଏ; ଆରେ ଘୋଉଠି ହାଣ୍ଡି ପରି ଜନ୍ତୁ ଯତନନଗରକୁ ପଥର ବୋହି ବୋହି କାନ୍ଦେ, ସେଠି ମଣିଷଙ୍କୁ ଦୁଃଖକଷ୍ଟ କେତେ ହଉଥିବ, କିଏ ଦେଖେ ? ଆମେ ମୁଣ୍ଡକୁ ଚନ୍ଦା ଆଉ କାନ୍ଧକୁ ଷଣ୍ଢି କରି ଯୋଉ ରାସ୍ତା ଗଢ଼ୁ, ସେଥିରେ ଗୁଲେ କିଏ ? ରଜାଙ୍କ ପାଟହାଣ୍ଡି ନଇଲେ ମଟରଗାଡ଼ି । ଦଇବେ ଶଗଡ଼ଟାଏ କୋଉଠି ଉଠିଗଲେ ଶଗଡ଼ିଆ ପିଠରୁ ଚ୍ଛେପା ଛୁଡ଼ିଯାଏ ।

ରଜାଙ୍କ ଲଠି ଗାଁକୁ ଗାଁ ବୁଲେ—ବେଠି, ଭେଟି, ମାଗଣରେ କମ୍ବା ହାଣ୍ଡି ଖେଦା ହେଲିବେଲେ । କୋଉ ବାଟରେ ସାହି ନାଇଁରେ ବାପା ! ସେଥିଲାଗି ହଳିଆ ଗୀତରେ କହିଚ—

"ବୁଢ଼ାକୁ ନ ପିଟ ପଞ୍ଝରା କାଠି ଦେଖି
ବୁଢ଼ା ଥିଲେ ବୋଲି କରିବ ବାମଣ୍ଡାଗଡ଼ି ବେଠି
ବାମଣ୍ଡାଗଡ଼ି ବେଠି ଶିଆମାଳ ଚଟି
ବୁଢ଼ା ଥିଲେ କଢ଼ାଇବ ଚୂନ ଯେ ଗେଙ୍ଗୁଟି !

ଡାଳମୂଳ ବୋଲି ରାଜ୍ୟ, ବ୍ରାହ୍ମଣୀ ନଈକୂଳ; ବାଉଁଶଦିଆ ଚାଉଳ ଧାନ ଏକମୁହାଁ ଶୋଇଯାଇଛି । କନ୍ଥଳପାତିଆ ଚକ୍କର ଦେଉଛି । ଉଡ଼ିଯାଉଛନ୍ତି ଦଳ ବାନ୍ଧି ସାଇଁ ସାଇଁ ଧାନଖିଆ ଚଢ଼େଇ । ମୂଲିଆ ପାହିକ ପାହି ଧାନ କାଟି ଗୁଳାଉଛନ୍ତି, ଧାଡ଼ି ଧାଡ଼ି କଚଡ଼ା ପକାଇ । ଶୀତଦିନ, ବ୍ରାହ୍ମଣୀ ନଈର କାକରିଆ ପବନ, ମୁଣ୍ଡରେ ଗାମୁଛାଟିଏ ପକାଇ ହିଡ଼ଉପରେ ବୁଢ଼ା ସାଆନ୍ତେ ବସିଛନ୍ତି । ଏକ ଓଳିକିଆ । କିଆର ସରିବ ତ ମୂଲିଆ ଉଠିବେ ।

Digitized by srujanika@gmail.com

ଏକ ଲୟରେ ଶୁଣୁ ଶୁଣୁ ସାଆନ୍ତେ କହିଲେ—କରେ ରତନା, ତୋ ତୁଣ୍ଡରେ ତ ବାଟଲି ବାଜୁନାଇଁ । ଯୁଆଡ଼େ ମେଲୁଛୁ ସିଆଡ଼େ ଶାଖା ମେଲହୋଇଯାଉଚି; କୋଉଠୁ ଏତେ କଥା ଶିଖିଲୁ କରେ ?

ସପନା କହିଲା—ଏ କ'ଣ ଶୁଣିଲେ ମ ସାଆନ୍ତେ ? ଏମିତି ସାତ ରାତି ସାତ ଦିନ ପାହିଯିବ, ତା ଗପ ସରିବ ନାଇଁ କି ତାକୁ ଭୋକ ଶୋଷ ହବନାଇଁ । ସେ ସାଂଗରେ ଥିଲେ ଯେତେ ବାଟ ଗଲେ ବି ଗୋଡ଼ ଥୋଳ ହୁଏ ନାହିଁ । ଯେତେ କାମ କଲେ ବି ବାଧା ଲାଗେନାଇଁ ।

ସଞ୍ଜବେଳେ ସେ କୋଉଠି ଟିକେ ବସିଗଲେ ପିଲେ ଘେରିଯାନ୍ତି, ଭେଣ୍ଡିଆ ବି । ତା ତୁଣ୍ଡ ବି ଖୁଜୁବୁଜୁ ହଉଥାଏ, ଯେତେ ଗପିଲେ ବି ପାଟିରୁ ବଳ ବାହାରେନାଇଁ ।

ଖାଲି କଥା ରଖିଣଲୁ ପଚାରିଦିଏ—କି କଥା କହିବିରେ ପିଲେ ? ସୁଖ ନା ଦୁଃଖ ?

'ଟାକୁଆ କୁମର କଥା', 'ଚଉଦଶିଙ୍ଘା ରଜା' କଥା, 'ମଉନାବଣି' କଥା, ନା ଯା ଅଙ୍ଗେ ନିଭେଇଚି, ସେ କଥା ?

ସୂର୍ଯ୍ୟ ବୁଡ଼ିଯାନ୍ତି, ଆକାଶସାରା ଉଆ ଗୁଡ଼ଉଲ ପରି ତରା ବୁଣି ହୋଇଯାନ୍ତି, ଗଛବୁଛରେ ଜୁଳୁଜୁଳିଆ ଲିଭୁଥାନ୍ତି, ପୁଣି ଜଳୁଥାନ୍ତି । ଶାଳବଣର କୁମ୍ଭାଟୁଆ ଧୁମୁରେ, ମୁଣ୍ଡ ଉପରେ ଉଡ଼ି ଯାଉ ଯାଉ କୋଇଲି ବି ପଦେ ପଦେ ଗୀତ ପକେଇଦେଇ ଯାଏ । ପିଲାଏ ମାରୁଥାନ୍ତି ଏକାବେଳକେ ହୁଁ, ଅନେକ ହୁଁ କୁମ୍ଭାଟୁଆକୁ ଖତେଇ ହେଲା ଭଳି । ମାମୁଁଙ୍କର ଓଠ ପଡ଼ୁଥାଏ, ଉଠୁଥାଏ । କେତେଟା ପିଲା ସେଇଠି ଗଡ଼ିପଡ଼ନ୍ତି । ପହରକିଆ ବୋବାଏ, କେତେଟା ପିଲାଙ୍କୁ ମାଆ ଢୋଷାର ଢୋଷାର ନିଅନ୍ତି ଖୋଇବାକୁ । କୁଆଁ ତରା ଉଠେ । ବେଳେ ବେଳେ ମାମୁଁ ବି ସେଇଠି ଗଡ଼ିପଡ଼େ । ସାତଥାନେ ଚିରା ଗାମୁଛା, ପେଟ ପଡ଼ିଚି ହାକୁ ହାକୁ, ହେଲେ ସବୁବେଳେ ମନରେ ତାର ହସଖୁସି ।

ବୁଢ଼ିଦ ସାଆନ୍ତେ କହିଲେ—ଆରେ ଆମର ତ ସବୁବେଳେ ରଜାଘର ସାଙ୍ଗେ କାରବାର । ରଜାଙ୍କୁ ଘେରି ବସିଗଲେ ଆମକୁ କୋଟିନିଧି ମିଳିଲା ପରି ଲାଗେ ।

Digitized by srujanika@gmail.com

ସତକୁସତ, ସେଇ ଆମ ସାଇଁଟାଯାକର ଘର ତୋଳଦେଇଛନ୍ତି, ସବୁ ସାଆନ୍ତଙ୍କ ନାଁଆଁରେ ଜମି ଖଞ୍ଜି ଦେଇଛନ୍ତି, ଚଷିବେ ତ ଖାଇବେ ।

ମୋ ମନେ ମନେ ମୂର୍ଖ ମାନେ ମୂର୍ଖ, ଶ୍ରୀ ଅକ୍ଷର ବରୁଣେଇଁ ପର୍ବତ, ତାଙ୍କ ଭିତରେ ଏଡ଼େ ଏଡ଼େ ପଣ୍ଡିତ ଅଛନ୍ତି ବୋଲି ମୁଁ କଣ ଜାଣେ ?

ଆମ ଦରବାରକୁ ଜଣେ ପଣ୍ଡିତ ଆସନ୍ତି, କାନରେ କୁଣ୍ଡଳ, ହାତରେ ଖଡ଼୍ଗ, ଅନନ୍ତବ୍ରତ । ପାଟ ଖଦକ ଦୋଶଡ଼ା, କେତେ ଚିତା ଚଇତନ । ଶ୍ଳୋକ ପରେ ଶ୍ଳୋକ ବାହାରେ, ଚଉପଦୀ ପରେ ଚଉପଦୀ, ମଝିରେ ମଝିରେ ଗୋଟିଏ ଗୋଟିଏ ଢମାଳୀ । ପାଟିରେ ବାଜା ବଜାଏ—ଢୋଲ, ଯୋଡ଼ିନାଗରା, ଡେମ୍ପନାଗରା, ମହୁରୀ । ବାହାଘର ଭୋଜି, ନାଚ, ତାମ୍‌ସା କଥା କହୁଁ କହୁଁ ପଦେରେ ବସେ । ଗୋଟାଏ ଗପ ସାରିବାକୁ ତାଙ୍କୁ ତିନଦିନ ଲାଗେ । ରଜା ତାଙ୍କୁ କେତେ କଅଣ ଦିଅନ୍ତି—ଶହେ କ ପଚିଶେ ବଦାଙ୍କ, ସୁନା ମୁଦି, ପାଟ ଯଥା । ଏ ଗଳ୍ପସାଗର । ରତନା ବ ଦେଖୁଚ ଗୋଟାଏ ରତ୍ନାକର । କଏ କାହାକୁ କମ୍ ନୁହେଁ, ରତନା, ତୋର ସବୁ ଭଲ ଯେ······?'

'ମୋ ଭୁଲ୍ କ'ଣ ହେଲା୍ ଆଜ୍ଞା ଆପଣ ?'

'ସବୁ ରଜା ଖରାପ ହେଲେ ପୃଥିବୀରେ ଏଡ଼େ ଏଡ଼େ କୀର୍ତ୍ତି ହୁଅନ୍ତା କେମିତି ?

ମଧୁବନ ତୋଟା ଲଗାନ୍ତା କଏ ? ରସସାଗର ବା ଖୋଳାନ୍ତା କଏ ? ବଡ଼ଦେଉଳ ତୋଳନ୍ତା କଏ ? ମେଳାମେଳଣ ସବୁ ବସାନ୍ତା କଏ ? ଅମଣିଆଙ୍କୁ ମଣ, ଅସାଧଙ୍କୁ ସାଧ ବା କରନ୍ତା କଏ ?

ରତନା, ରାଜବାଟି ଦେଖିଚୁ ? ରଜା ?'

'ନାଇଁ ସାଆନ୍ତେ. ରଜା ଦେଖିନାଇଁ, ସିଂହ ଦରଜା ବାଟେ ଯାଇଚି, ଯୋଡ଼େ ପଥରସିଂହ ଜଭ କାଢ଼ି ବସିଛନ୍ତି । ବନ୍ଧୁକ ଧରି ସିପାହି କେତୁଟା ଆଗକୁ ପଛକୁ ଯାଆସ କରୁଥାନ୍ତି । ଏଇ ତ ଉଆସ,

Digitized by srujanika@gmail.com

ଆଖି ପାଏ ନାହିଁ, କେତେ ଉଞ୍ଚକୁ ଉଠିଚି । ଏ ବାଟରେ ଗଲାବେଳେ ତ ଛାତି ଦମ୍ ଦମ୍ ଉଡ଼େ, ଭିତର ଦେଖିବାକୁ କାହା ମନ ବଳେ ?'

'ଏଥିରେ ସାହାଲା ଉପରେ ସାହାଲା, ମହଲ ପରେ ମହଲ— ସୂର୍ଯ୍ୟ ମହଲ, ଚନ୍ଦ୍ର ମହଲ, ମେଘ ମହଲ, ହାଓ୍ୱା ମହଲ, ରାଣୀହଂସ-ପୁର, ଦରବାର ଆଉ ଅଭିଷେକ ମହଲ, ମୃଦୁସୁଲା ସାହାଲା, ଖନ୍ଦାଘର, ମଦ୍ଧର, କୋଠି, ଖମାର, ଷୋଳ ଖମ୍ବର ହବାହ ବେଢ଼ା, ଜେନାମଣି ଜେମାମଣିମାନଙ୍କ ପଢ଼ାଘର, ଖେଳଘର ।

ରାଜବାଟି ପିଣ୍ଡା କାନ୍ଥଯାକ ମହାବଳ ବାଘ ମୁଣ୍ଡ, ଦନ୍ତାବଳ ମୁଣ୍ଡ, ଗୟଳ ମୁଣ୍ଡ, ଅରଣା ମଇଁଷି ମୁଣ୍ଡ, ବାରଶିଙ୍ଗା, କୃଷ୍ଣସାର ମୁଣ୍ଡ, କଲଦପଟିଆ ମୁଣ୍ଡ, ବାଘ ଛାଲ ଟଙ୍ଗା । ଏସବୁ ରଜା ନିଜେ ଶିକାର କରିଥିଲେ । ବାପ! ବଡ଼ବାପା ତାଙ୍କ ନିଜର ଗୌରବ ଓ ସାହସର ସଙ୍କେତ ଆଉ କେତେ । ପାହାଡ଼ ଖୋଲରେ, ପ୍ରପାତ ଧାରରେ, ବନ୍ୟ ହ୍ରଦର କୂଳରେ ବା ପାହାଡ଼ୀ ଘାଟିରେ ମଞ୍ଚା ବନ୍ଧା ହୋଇ ମଡ଼ ଥୋଇ କାହାକୁ ବା ଶିକାର କରି ହୋଇଥିଲା ।

ଏ ଯୋଡ଼ କମ୍ଭୀରଟା, ଏଟା ରେଙ୍ଗାଳି ଗଣ୍ଡର ଗୋଟାଏ ଘଡ଼ିଆଳ । କେତେ ଚରୁଥିବା ଗାଈମଇଁଷିଙ୍କି ସେ ଖଟ ମାରି ଝିଙ୍କିନିଏ, କେତେ ମାଇପେ ଗାଧୋଇଯାଇ ଆଉ ଲେଉଟି ଆସନ୍ତି ନାହିଁ । ସେ କମ୍ଭୀର ପେଟ ଚିରିହୋଇ କେତେ ବଳା, ପାହୁଡ଼, ଖଡ଼ୁ, ବନ୍ଦରିଆ କଟରିଆ ବାହାରିଚି ।

ଝୁଲୁହେଇଚି, କେତୁଟା ଅଜଗର, ଅହିରାଜଙ୍କର ଚମଡ଼ା, ଗୋଟାଏ ଗଣ୍ଡା ଆଉ ହିପଣ୍ଡ କଳାବାଘର ମୁଣ୍ଡ, ବୈଠକଘରେ ପଡ଼ିଚି ମୁଣ୍ଡ ସମେତ ଗୋଟାଏ କଳା ଭାଲୁର ଚମଡ଼ା ।

ରାଜଉଆସକୁ ଲାଗି ବଗିଚ୍ଛ, କେତେ ଜାତିର ଫୁଲ, ପାଏଡ଼ା ପଡ଼ିଲେ ରାଜଜେମା ବୁଲି ବିଜେକରନ୍ତି ।

ଉଆସ ପଛକୁ ଗୋଟାଏ ରଗଡ଼, ଘୋର ଜଙ୍ଗଲ, ପାଣିଚଡ଼ଇକୁ ବନ୍ଧେଇ ଚୂଆ କଲାପରି ରଜା ପାଚେରୀ ଘେରେଇ

Digitized by srujanika@gmail.com

ଦେଇଛନ୍ତି । ଚଉବଗୁରେ ମାଛ ଜାଆଁଇଲାପରି ହଜାର ହଜାର ମିରଗ, ଶମ୍ବର ଧରଆଣି ଏଠି ଛାଡ଼ିଛନ୍ତି । ଶିକାର ନ ମିଳିଲେ ଏଥିରୁ ଗୋଟିଏ ଗୋଟିଏ ମାରନ୍ତି ।

ଏଇ ବଣରେ ଚନ୍ଦନପୋଖରୀ, ଗୁଡ଼ିର ପାଖପାଖ ଚନ୍ଦନ ଆଉ କର୍ପୂର ଗଛ, ଗୋଟାଏ କେଳିକଦମ୍ବ ଗଛ । ବସ୍ତ୍ରହରଣ କରିନେଇ କୃଷ୍ଣ ଝିଙ୍କା ଡାଳରେ ବସି ହସୁଛନ୍ତି । ଗୋପୀମାନେ ବସ୍ତ୍ର ଫେରାଇଦେବା ଲାଗି କାକୁତିମିନତି କରୁଛନ୍ତି ।

ପୋଖରୀ ପାଖରେ ଗୋଟାଏ ପ୍ରପାତ, ଅଳ୍ପ ଉଚ୍ଚ ପାହାଡ଼ରୁ ପଡ଼ୁଛି, ନଈଟି ବଙ୍କେ ବଙ୍କେ ବୁଲି ବୁଲି ଯାଉଛି, ବୁଲୁଛନ୍ତି ଦଳ ଦଳ ମୟୂର, ରଙ୍ଗୀନ୍ ଡେଣା ଟେକି ଟେକି ।

ଅଳ୍ପ ଦୂରରେ ମୂର୍ତ୍ତି ଆଉ ଚିତ୍ରଶାଳା । ଅଜନ୍ତା ଆଉ ରାବଣ-ଗୁମ୍ଫାର ଚିତ୍ର, ଓଡ଼ିଶୀ ନୃତ୍ୟ, ନରସିଂହଦେବ ଓ କପିଳେନ୍ଦ୍ରଦେବଙ୍କ ପଟଚିତ୍ର, ମାଣିକାଗଉଡ଼ୁଣୀଠାରୁ ବଳଭଦ୍ର ଜଗନ୍ନାଥଙ୍କ ଦହିଖିଆ, ଲିଙ୍ଗରାଜ, ମୁକ୍ତେଶ୍ୱର ଆଉ ରାଜରାଣୀର ଶ୍ରେଷ୍ଠ ନମୁନା ଦେଉଳ ।

ରଜାଙ୍କର ଏ ଉଆସ କେମିତି ତୋଳାହେଲା ଜାଣିଛ ?

ନାହିଁ ସାଆନ୍ତେ ।

ଠେକୁଆ ମାଡ଼ିବସିଥିଲା ଏଠି ଗୋଟାଏ କଳରାପତରିଆ ବାଘକୁ । ଏ ଅଘଟଣ କେମିତି ହେଲା ? ଜାଗାର କିଛି ଗୁଣ ଥିବ । ସୂର୍ଯ୍ୟ ବଂଶର ରଜା ଏଠିକି ପୁରୁଣା ଉଆସ ଉଠେଇଆଣିଲେ । ସେଇ ଦିନରୁ ଖୁବ୍ ବଢ଼ିତି ହେଲା ।

ଆଜ୍ଞା, ପିଣ୍ଡାକୁ ତ ଲୁଣି ଖାଇଯାଉଛି ଯେ ମାଟି ଟିକେ ଛାଡ଼ି ପାରୁନାହିଁ, ଆମ ମୁଣ୍ଡରେ ଏ କଥା ପଶୁଛି ?

ତୁମ ଚଳଣି ତାଙ୍କ ଚଳଣି ପ୍ରକୃତରେ କିଆର ! ସେ ଛାମୁଁ, ତୁମେ ତୁ ବା ଆପଣ; ତାଙ୍କ ଶୋଇବା ପହଡ଼, ଖାଇବା ମୁଣୋହି, ଗାଧୁଆ ମାଜଣା, ପୋଖରୀପାଣି ଶୁଖିଲେଇବାଜେ ।

Digitized by srujanika@gmail.com

ସେ ମଣିଷରୂପୀ ଦେବତା, ଦେବତା ପୂଜାରେ ଯେତିକ ସିଦ୍ଧି, ସ୍ୱାଙ୍କ ସେବାରେ ସେତିକ ସିଦ୍ଧିଲ । ଦେବତାଙ୍କ ମନ୍ଦିର, ଧୂପଧାପର କାଳବେଳ ଅଛି, ଗୁମୁଙ୍କର ନାହିଁ, ତାଙ୍କ ପାଠ ଓଲଟା, ସମସ୍ତେ ରାତିରେ ଶୁଅନ୍ତି, ଗୁମୁଁ ଶିକାର କରିଯାନ୍ତି । ରାତି ପାହାନ୍ତାରେ ମୁଣୋହ୍ନିଁ, ଉପରବେଳାକୁ ପହଡ଼ ଭାଙ୍ଗେ—ଘଡ଼ିଏପହରରେ ରାଜ୍ୟର ହାନିଲାଭ ବିଚାର ହୁଏ ।।

ଏସବୁ ଆମ ପରି ଗରିବଗୁରୁବାଙ୍କୁ ନ ପାଏ । ରଜା କାମ ନ କଲେ ତାଙ୍କୁ କହିବାକୁ କିଏ ଅଛି ? ଆମ ଉପରେ ତ ସମସ୍ତେ ଡେଙ୍ଗେ, ସାଇଭ ମାମଲତକାରଠୁ ଘରର ମାଇପ ପର୍ଯ୍ୟନ୍ତ···

ଆରେ ରଜାଙ୍କ କାରଖାନା ଶୁଣ, କର୍ଣ୍ଣ ପବିତ୍ର ହୋଇଯିବ ! ରଜା ସିଂହାସନରେ ବସିଲାଠୁ ପାଇକ ତାର ବଚନିକା ଗାଇଯାଏ—

କଳିଯୁଗ ଷଣ୍ଢ
ଝାଡ଼ ପାତିଶା ଖଣ୍ଡା
ନବକୋଟି କର୍ଣ୍ଣାଟ କୁଳବର୍ଗ ଚଣ୍ଡା
ଅତୁଳ ବଳ ପରାକ୍ରମ ନୃପତିଙ୍କ ନୃପତି
ସୁବର୍ଣ୍ଣ ସିଂହାସନରେ ବିଜେ କରିଅଛନ୍ତି
ସଂଗ୍ରାମେ ସହସ୍ର ବାହୁ
ବୀରଙ୍କ ଶିରୋମଣି
ପାତ୍ରମନ୍ତ୍ରୀ ଚଉପାଶେ ସେବକ ଖଟଣି
ଚାଳନ୍ତି ଚାମର ପାଖ ଲୋକ
ବାଜେ କାହାଳୀ, ମହୁରୀ
ଛଟ କୈବାର କରେ ଖୁଣ୍ଟିଆ ପୁଷ୍ପ ହୁରଜୁରି
ଗୁମୁଁରେ ଉଷ୍ଟ ଚଣ୍ଡ ସହସ୍ର ବେତ ଧରି
ଆଲଟ ବାସ ଧରି ଅନେକ ସେବାକାରୀ
ଶ୍ରୀ ଶ୍ରୀ ଶ୍ରୀ ପଦୁରେ ଅଗ୍ରଳ ତୋଡ଼ର
ଧଳା କଳା ଛତ ଯେ ଉଡ଼ଇ ଫର ଫର

Digitized by srujanika@gmail.com

ରାଜ୍ୟ ତାଳମୂଳ ଖଣ୍ଡା ଏତ ଘର
ହାତାଣାଖାମଣା ଖଣ୍ଡା ତରବାଘ ଧର
ଶାଗ୍ରୁମୁଁରେ ହାଜର ।

ପାଇକଘରର ଅଭିନନ୍ଦନ ପରେ ରଜା ଅତିଥିଅଭ୍ୟାଗତଙ୍କ ହାଲଚାଲ, ପ୍ରଜାଙ୍କ ହାରଗୁହାରି ଶୁଣନ୍ତି, ମାଲିମକଦ୍ଦମା ଫଇସଲା କରନ୍ତି । ମୁହେଁ ମୁହେଁ ରାୟ, ମୁକ୍ତିଲାଭ ବା ଶାସ୍ତିବିଧାନ ହୋଇଯାଏ । ଦସ୍ୟୁର ମୁଣ୍ଡକାଟ, ରାଜଦ୍ରୋହୀର କେଶମୁଣ୍ଡନ, ହତ୍ୟାକାରୀକ "ବଉଳମୂଳ ଆଗୁଳା" ଦଣ୍ଡ ଅର୍ଥାତ୍ ଗୃହସମେତ ସର୍ବସ୍ୱ ଜରିମାନା ଦେଲେ ରକ୍ଷା ମିଳୁଥିଲା ।

ଭଲ କାର୍ଯ୍ୟ କଲେ ରାଜକର୍ମଚାରୀଙ୍କ ମୁଣ୍ଡରେ ଶାଢ଼ୀ ଶିରପା ବନ୍ଧାହେଉଥିଲା, ପାଲିଙ୍କି ବା ହାତୀରେ ବସାଇ ତାଙ୍କୁ ସସମ୍ମାନେ ଘରେ ଛାଡ଼ିଦିଆହେଉଥିଲା, ଯାତ୍ରାକାଳରେ ଶଙ୍ଖମହୁରୀ ବାଜୁଥିଲା, ରାତି ହୋଇଥିଲେ ଦୋପଖା ମଶାଲ ଜଳୁଥିଲା ।

'ହଁ ସାଆନ୍ତେ, ରଜାଙ୍କ ଖିଆଲ ତ ଆଇନ୍, କାହା ଭାଗରେ ମେଣ୍ଢାଏ, କାହା ଭାଗରେ କେଣ୍ଡାଏ, କିଏ ଖିରି ଖିରସା ଖାଉଥିଲା, କିଏ ବା ବାସିତୋରାଣି ତୋପେ ନ ପାଇ ଗଡ଼ିମରୁଥିଲା ।'

'ହଁ, ଅନ୍ୟାୟ ହଉ ନଥିଲା, କହୁନାହିଁ । ରାଜମର୍ଜିର ଶିକାର କିଏ କେମିତି ହୋଇ ଯାଉଥିଲେ । ତଥାପି ଆମ ଏ ତାଳମୂଳ ରାଜ୍ୟ ଭଲ ଥିଲା—ରାଜା ଆଠଜଣଙ୍କ ସାହାଯ୍ୟରେ ରାଜ୍ୟକୁ ଅକ୍ତିୟାରରେ ରଖିଥିଲେ—ତାଙ୍କ ପ୍ରଧାନମନ୍ତ୍ରୀ ପାତ୍ର—ପାତ୍ରଙ୍କ ତଳେ କେତେକ ମନ୍ତ୍ରୀ ଥିଲେ । ତାଙ୍କ ସେନାପତି ସର୍ଦ୍ଦାର—ସର୍ଦ୍ଦାରଙ୍କ ତଳେ, ଗଡ଼ନାୟକ, ଦଳବେହେରା ଥିଲେ । ଏମାନେ ରାଜ୍ୟରେ ଶାନ୍ତିରକ୍ଷା କରୁଥିଲେ; ଅପରାଧୀକ ରଜାଙ୍କ ଆଗେ ବିଚାର ଲାଗି ହାଜର କରୁଥିବା ବ୍ୟକ୍ତି ହୁଆଲଦାର୍, ଆୟ ବ୍ୟୟ ହିସାବ ରଖୁଥିବା ବ୍ୟକ୍ତି ପାଞ୍ଜିଆ, ଦେଶ-ବିଦେଶକୁ ରାଜାଙ୍କ ହୁକୁମ୍ ଓ ଚିଠିପତ୍ର ଲେଖୁଥିବା ବ୍ୟକ୍ତି ଗ୍ରାମୁଁକରଣ, ବେଠି ବେଗାର ଲାଗି ତଲବ୍ କରୁଥିବା ବ୍ୟକ୍ତି ବକ୍ସି । ଏମାନେ ସମସ୍ତେ ଦିନକେ ଥରେ ରଜାଙ୍କୁ ସାକ୍ଷାତ କରୁଥିଲେ ।'

Digitized by srujanika@gmail.com

"ଆପଣ ରଜାଙ୍କ ନିଜ ଲୋକ, ଆପଣଙ୍କ ଦିନକାଳ ବହୁତ ସୁଖରେ ଯାଇଛି । ହେଲେ ଜନପୁରୁଷ ଧରି ଆମ ଦଶା ସମାନ— ପିଠିକି ଥିଲେ ପେଟକୁ ନାହିଁ, ପେଟକୁ ଥିଲେ ପିଠିକି ନାହିଁ ।"

"ଏବେ ଆଉ ଆମର କ'ଣ ଅଛି ବା ? ରଜା ସିଂହାସନରେ ବସିଥିଲେ, ଆମେ ବସିଥିଲୁ ଖଟୁଲିରେ; ଏବେ ରଜା ଚୌକିରେ ବସିଲେ, ଆମେ ବସିଲୁ ତଳେ । ସେକାଳ ଆଉ କିଏ ଦେଖିବରେ— ମଣିମାଙ୍କ ସାଙ୍ଗେ ଆମେ ଯେତେବେଳେ ନଗର ପରିକ୍ରମା କରି ବାହାରୁଥିଲୁ, କଣ ଦେଖିବ ସେ ନାଗରା ଧାମସା, ତୂରୀ ରଣଶିଙ୍ଘା, ବାଇଦବଜ୍ରକାଠ, ମଦନଭେରୀ, ଛତ୍ରଚୈରେଖ, କଳା ଧଳା ଛତା, ଦନ୍ତାମଞ୍ଚ ହାତୀ, ଉଡ଼ଣବାରଣ ଘୋଡ଼ା, ନାନାନାକ ବାଇଦ, ଘଣ୍ଟି ଘୁଙ୍ଗୁରମାନ, ମୁଖବଂଶୀମାନ, ନାକବଂଶୀମାନ, ଇନ୍ଦ୍ରଗୋବିନ୍ଦ ଗୁନ୍ଦୁଆ, ମଗରମୁହାଁ ପାଲିଙ୍କିରେ ରଜା ବୁଲି ବିଜେ କଲାବେଳେ ଆମେ ପାଲିଙ୍କି ବାଡ଼ ଧରି ଚାଲୁ ।

ଏ କାଙ୍ଗାଳ ଯୁଗରେ ବେଳେ ବେଳେ ମନେ ପଡ଼ିଯାଏ ରଜାଙ୍କର ସେ ଭୋଜି—ଖଣ୍ଡ ଖଣ୍ଡ ବସାଦହି, ମୁଣ୍ଡା ମୁଣ୍ଡା ଛେନା, କି ପୁରି କାକରାନାନମାନ, କି ଖିରି ଆରିଷା, ଗୁଆଘିଅପୁଆଁ କେତେ କ'ଣରେ ସେ, ପାଟିରେ ଥୋଉ ଥୋଉ ଅନ୍ତର୍ଧାନ ହୋଇଯାଏ ।

କି ଗୀତ ନାଟ୍ୟାଙ୍ଗୀରେ ସେ କି ଠିଆପାଲି ! ତୁ ତ ଇତନା ବହୁତ ପାଲି ଦେଖିଥିବୁ, କହିଲେ ବୁଝିବୁ ?

ଥରେ ଗାୟକ ବାଙ୍କନାଥ ପଚାରିଲେ—ବିଷ୍ଣୁ ଚକ୍ର, ଗଦା, ପଦ୍ମ ଛାଡ଼ି ଶଙ୍ଖ କାହିଁକି ଧରିଲେ ?

ଗାୟକ ବିଷ୍ଣୁନିଧି ଯାହାର ଉତ୍ତର ଦେଲି—ଲକ୍ଷ୍ମୀଙ୍କ ଗଳା ଶଙ୍ଖ ପରି, ଏତେ ସ୍ୱଚ୍ଛ ଯେ ପାନ ପିକ ଗଳିଗଲା ବେଳେ ଦିଶେ । ବିଷ୍ଣୁଙ୍କ ହାତର ଶଙ୍ଖରେ କଙ୍କଣର ମାଣିକ୍ୟ ତେଜ ପଡ଼ି ସେମିତି ଦିଶିଲା । ତେଣୁ ଅତି ଆଦରରେ ବିଷ୍ଣୁ ଶଙ୍ଖକୁ ଧରିଲେ, ଗଦା ବା ଚକ୍ରକୁ ନୁହେଁ ।'

Digitized by srujanika@gmail.com

ତାପରେ ଦୟାନିଧି ବାଙ୍କୁ ଗୋଟାଏ ପ୍ରଶ୍ନ କଲି—ଲକ୍ଷ୍ମୀ ବକ୍ଷଲୋମକୁ ଏତେ ପୋଛୁଛନ୍ତି କାହିଁକି ?

ବାଙ୍କନିଧି ଉତ୍ତର ଦେଲି—ବରାହ ଅବତାରରେ ବିଷ୍ଣୁ ଲକ୍ଷ୍ମୀଙ୍କ ବକ୍ଷକୁ ଚୁମ୍ବନ କଲାବେଳେ ମୃତ୍ତିକା ଲାଗିଥିଲା । ବାମନାବତାରରେ ବଳୀଙ୍କ ଦାନ ପାଣିରେ ବିଷ୍ଣୁ ସେ ବକ୍ଷକୁ ଧୌତ କଲେ । ମାଟି ପାଣି ଧାର ବୋଲିବାରୁ ଲକ୍ଷ୍ମୀ ବକ୍ଷଲୋମକୁ ପୋଛୁଛନ୍ତି ।

କେତେ ରାଜା ବିଜେ କରଛନ୍ତି, ରତ୍ନମଞ୍ଜରୀ ଜେମାଙ୍କ ବିଭାଘର, କେତେ କବି, ପଣ୍ଡିତ ସମାରୋହ । ରାଜକବି ସମସ୍ୟା ପୂରଣ ଲାଗି ପଚାରିଦେଲେ—

"ଚନ୍ଦ୍ରମା ଶରୀରେ ଏହା ନୁହେ କଳଙ୍କ"

ନିମନ୍ତ୍ରିତ କବିମାନେ ଏଇ ପ୍ରକାରେ ପଦ ପୂରଣ କଲେ ।

"ସମୁଦ୍ର ମନ୍ଥନରୁ ଐରାବତ ଉଠିଲା—ଚନ୍ଦ୍ରଦର୍ପଣରେ ତା ଆଖି ପଡ଼ିଗଲା; ତା ଭିତରେ ଆଉ ଗୋଟାଏ ହାତୀ ଅଛି ବିଗ୍ଭରି ସେ ଦନ୍ତାଘାତ କଲା, ଦର୍ପଣ ଚଡ଼କି ଗଲା—

ତେଣୁ ସିନା ରହିଚି ଅଙ୍କ
ଚନ୍ଦ୍ରମା ଶରୀରେ ଏହା ନୁହେ କଳଙ୍କ ।

ସମୁଦ୍ରମନ୍ଥନରୁ ଲବ୍ଧ ଅମୃତକୁ ଗୋଟିଏ କାଚ କଳସୀରେ ରଖାଯାଇଛି । ତାକୁ ଖାଇବା ଲାଗି କଳା ପିମ୍ପୁଡ଼ି—

ବେଢ଼ିଛନ୍ତି ହୋଇଣ ରଙ୍କ
ଚନ୍ଦ୍ରମା ଶରୀରେ ଏହା ନୁହେ କଳଙ୍କ ।

ଇନ୍ଦ୍ର ବଜ୍ରରେ ପର୍ବତମାନଙ୍କ ଡେଣା ଛିଣ୍ଡାଇଲା ବେଳେ ଗୋଟାଏ ପର୍ବତ ଆସି ଚନ୍ଦ୍ରରେ ଲୁଚିଗଲା—

ଦିଶୁଚି ଏ ତାହାର ଟଙ୍କ
ଚନ୍ଦ୍ରମା ଶରୀରେ ଏହା ନୁହେ କଳଙ୍କ ।

Digitized by srujanika@gmail.com

ଏ ଆଖି ସେସବୁ ଦେଖିଚ—କି ରାଜା, କି ଭୋଜ, କି ଆଡ଼ମ୍ବର ! ତୁ ରତନା, କି ରଜା କଥା କହୁଚୁ ! ନ ଦେଖିଲି ଓଉ ଛପଡ଼ା । ତୁ ତ ପ୍ରକୃତ ରଜା ଦେଖିନାହୁଁ, ଗପ ରଜା କଥା କହିବୁନି ତ କ'ଣ କହିବୁ ?

ଏକଓଳିକଥା କ'ଣ, କଥାଲହସରେ ବେଳ ବୁଡ଼ିଲାଣି ।

ଆଜି ଥାଉ ଏତିକି, ଫୁଲ ଫୁଟୁ କେତକୀ ।

କାଲି ରଜା କାର୍ତ୍ତିଚନ୍ଦ୍ରଙ୍କ କଥା କହିବ । ସେ ତ ଏବ ରଜା; ତାଙ୍କ ଅଭିଷେକ ଦେଖିଚ ମୁଁ ।

॥ ଦୁଇ ॥

ବାସିଓଳିକ ଦାନା ନାଇଁ, ହାଣ୍ଡି ମାଙ୍କଡ଼ଚଡ଼ି ମାରୁଚି । ଓଳିଗି ଗୃହ, ଆଲୁଖିବାଲୁଖି ଭରିଯା, ଅସଣାମସଣା କେତୁଟା ଛୁଆ । ଦୁଆରେ ତାଲି ପଡ଼େନାଇଁ, ଚୋର ଯିବାକୁ କିଛି ନାଇଁ ବୋଲି । କାନ୍ଥ ଅଳଗୁଣି, ପେଟ ଭଣ୍ଡାରଘର । ଏତେ 'ନାହିଁ' ଭିତରେ ସବୁ ଅଛିର ଆନନ୍ଦ ସେ ଭୋଗ କରେ । ଗୃହିରିପାଆ ନଈବଡ଼ି ପରି ଆନନ୍ଦ ମନର ଦ୍ୱକୂଳ ଖାଉଥାଏ । କଥା କହୁଁ କହୁଁ ସେ ଗୀତ ଗାଏ, ଗୀତ ଗାଉଁ ଗାଉଁ ପୁଣି କଥାସୁଅରେ ଭସିଯାଏ । ଯେତେକ ଅଜଣା ସ୍ୱପ୍ନ ତା ମନରେ ବସା ବାନ୍ଧିଚି । ଯେତେକ ଅଜବ କଳ୍ପନା କରି ସେ ହସେ, ହସାଏ । ବାଟଘାଟର ଫୁଲଟିଏ ଦେଖିଲେ ସେ ଗେଲ କରେ, କୋଇଲିର ସ୍ୱର ଶୁଣିଲେ ପ୍ରେମରେ ଫୁଲିଉଠେ; କୋଳର ପିଲା ଅଟହ୍ଳା ବାରନ୍ତି ନାଇଁ, ତା କୋଳକୁ ଡେଇଁପଡ଼ନ୍ତି । ଯେଉଁ କବିକାର ସେ ତେଉଁ ଗପୁଡ଼ି, ଗାଆଣ । ଆଜଯାଏ ଶୁଣାଇ ଆସିଥିଲି, ଆଜି ଶୁଣିଚ, ତା ମନକୁ ଭରି

Digitized by srujanika@gmail.com

ଖାଇଯାଉଛ । ସେ ତ ମନରୁ ତୋଳି କଥା କହେ, ଏ ଆଉ ପ୍ରକାରେ କଥା—ସଂସାରରେ ଘଟିଥିବା, ଅଙ୍ଗେ ଲାଗିଥିବା କଥା । ଆଜି ବକତା ନୁହେ, ଶ୍ରୋତା ସେ ।

ରତନାକୁ ରାତିରେ ନିଦ ନାହିଁ, ବଡ଼ଘରରୁ ଉଠି ସେ ଧାନ ଖଳରେ ।। ଅନ୍ୟ କଣ୍ଠାଳି ପହଞ୍ଚିଲାବେଳକୁ ତାର ପାହ୍ନଟିଏ ଲାଗିଲାଣି । ବୁଢ଼ା ସାଆନ୍ତ ଛତାଟିକି ଥୋଇ ହାଣ୍ଡିମୁଣ୍ଡାରେ ବସିଛନ୍ତି କି ନାଇଁ, ରତନା ମନେ ପକେଇଦେଲା—ଅଧା ଥିଲା କାଲିର ଗପ……

ହାଲପାଟା ପଡ଼ିଚ, ମଞ୍ଜି ଝଡ଼ିଯାଉଚି । ତୋର କିଛି ବେପାର ନାହିଁ କରେ ? ପିଲାମାଇପଙ୍କ ଚନ୍ଦା ମୁଣ୍ଡରେ ପଶେନାହିଁ ? କେଡ଼େ ପିଲା ହେଇଯାଉଚୁ ବା !

ସାଆନ୍ତେ, ବେଳ ଯବ ଆଖର ହେଲାଣି, ଖରା ଆଖି ତରାଟିଲାଣି, ହେମାଳିଆ ପବନ ଆଉ କାଇଁ ?

ଗପ ଶୁଣିବାକୁ କଏ ଭଲ ନ ପାଏ କି ? ମତେ କାହିଁକି ପିଲା କହୁଚ ?

ଦରବୁଢ଼ା ହେଲେ ବି ତୁଚ୍ଛା ଘର ପିଲା—ଗୋଟାଏ କଣ୍ଠା ମେଞ୍ଚଣ୍ଡା

ଆଜ୍ଞା ରଜା ଭଲ ବୋଲି କହୁଚ ଯେ,

କାହିଁକି କ'ଣ ହେଲା ?

ଆଳରଜା କେମିତି ବାଘ ଆଗରେ ମଣିଷକୁ ପକାଇଦଏ…?

ଆଳରେ ତ ରଜା ନ ଥିଲେ, ଜମିଦାର ଥିଲେ ! ତାଙ୍କର ଏଡ଼େ ଗୁଡ଼ି ହବ—ମଣିଷକୁ ବାଘ ଆଗେ ପକାଇଦେବେ !

ଠାକୁରରଜା, ଲକ୍ଷେ ରଜାର ମହୁଡ଼ମଣି ଦିବ୍ୟସିଂହଦେବଙ୍କୁ କଳାପାଣି ଭୋଗିବାକୁ ହେଲା, ମଣିଷ ମାରିଥିଲେ ବୋଲି । ସେମିତି ଏକା ଅପରାଧରେ ବାଙ୍କୀ ରଜାଙ୍କ ମୂଳ ବୁଡ଼ିଲା; ମାନେ ରାଜ୍ୟ ଖାସ୍ ହେଲା । ରାଜମାନଙ୍କ ବଡ଼ଘର ବନା ସମ୍ପତ୍ତିରେ ଗଡ଼ଜାତ ରଜାର ଯେତେବେଳେ ଫାଶି ଦେବାର ହୁକୁମ୍ ନାଇଁ, ଜମିଦାର କି ଛାର ! କେତେକଡ଼ାରେ

Digitized by srujanika@gmail.com

ଖଣ୍ଡାଏ ! ଇଂରେଜ ସରକାର ବାଘ ବକରିକ ଏକା ତୁଠରେ ପାଣି ପିଉଥିଲା ଠିକ !

ତେବେ ଆଲଗାଜା ଜମିଦାର ହେଲେ କ'ଣ ହେବ, ରଜାର ଦିଲ୍ ଥିଲା ତାଙ୍କର, ଘର ଅମାନିଆଁ, ଘର ବେପରୁଆ । ସେ ହାତ ଓଲଟେଇଲେ ଯୁଗ ଓଲଟି ଥିଲା । ବାଘବାଗେଣି ମନ୍ତ୍ର ତାଙ୍କୁ ଜଣା ଥିଲା । ବାଘକୁ ବିଲେଇଛୁଆ ପରି ସେ କୋଳରେ ବସାଉଥିଲେ । ତାଙ୍କ ସର୍କସ୍ ଘର ନାଁଡାକ ଥିଲା ।

ଆଜ୍ଞା, ଗୋପିଆ ସେଦିନ ମରିଥାନ୍ତା ନା ନାହିଁ ?

ଏ ଗୋପିଆ କିଏ ? କଥା କ'ଣ ?

ଏ ଗୋପିଆଟାକୁ କିଏ ନ ଜାଣେ ? ଆମର ଏଇ ତାଳମୂଳର ଲୋକ ପରା ! ଯେମିତି ଗଣ୍ଡମୂର୍ଖ, ସେମିତି ହୁଣ୍ଡା । ଦିନେ ରଜାଙ୍କୁ ଗୁହାରି କଲା—ଛାମୁ, ଏ ଘୋଡ଼ାଶାଳ କାମ ଆଉ କରିବ ନାହିଁ ।

କରେ କାହିଁକି ?

ଛାମୁଁ, ଦେଖ, ମୋ ପିଠିଯାକ କେମିତି ଆବୁ ! କାଲି ତିନି ନାତ, ଆଜି ବି ନାତ ଖାଇଛି ! ମୋତେ ଦେଖିଲାମାତ୍ରେ ଏ ଘୋଡ଼ା-ଗୁଡ଼ାକ ହେଁ ହେଁ—ଫେଁ ଫେଁ ହଉଚନ୍ତି !

ସେ ସେମିତି ହଉଥାନ୍ତି, ତୋର କ'ଣ ଗଲା !

ଯେତେହେଲେ ପଶୁ ସେଗୁଡ଼ାକ, ଆମେ ତାଙ୍କୁ ପାଳୁ, ପୋଷୁ, ତାଙ୍କ ପିଠିରେ ବସୁ, ମତେ ଏମିତି କ'ଣ କରି ପାଇଲେ କି କରି କରି ହସିବେ ! ମଣିଷ ବୋଲି ଟିକିଏ ମାନ୍ୟଧର୍ମ ନାହିଁ ! କିଏ କେତେବେଳେ କୋରଡ଼ାଏ ପକାଇଛି ବୋଲି ସବୁ ଦାଉ ମୋରି ଉପରେ ସାଧିବେ !

ଛାମୁଁ, ସବୁ କଥା ବୁଝି, ମୁଁ ହେଲେ ରାମ କି ବସ୍ତୁ, କହିଥାନ୍ତି । ଛାମୁଁଙ୍କର ଯୋଉ 'ଭବନା' ଘୋଡ଼ା ନାତ ପଣି ପକାଇଲା, ମୁଁ ଖୁଆଁ ଉଠାଇ ପାରୁନାହିଁ ।

Digitized by srujanika@gmail.com

ରଜା ହସି ହସି କହିଲେ—ଘୋଡ଼ାଶାଳ କାମ ତ ତତେ ଗନ୍ଧେଇଲାଣି, ଉପହରକୁ ଆ, ଅନ୍ୟ କାମ ଦେବା ।

ଗୋପିଆ ଉପହରକୁ ଗଲାରୁ ବରାଦ୍ ହେଲା—ବାଘଙ୍କୁ ଖାଇବାକୁ ଦେ ।

ଘୋଡ଼ା ନାତ ମାରୁଚି, ବାଘ ଖାଇଦେବ, ଏ ହୋସ୍ ହେଲାନାଇଁ ନିଶା ଜୋର୍‌ରେ ।

ତିନିଟା ବାଘରୁ ଦୁଇଟା ମହାବଳ, ଗୋଟାଏ ଶିତା । ତାଙ୍କ ଲାଗି କଟକ କଲ୍‌ଖାନାରୁ ଅଠର ସେର ଗୋରୁମାଉଁସ ଆସେ । ତା ଛଡ଼ା ପ୍ରତ୍ୟେକ ପାଇଁ ପାଞ୍ଚ ସେର ମଇଁଷି ଦୁଧ ବରାଦ୍ ।

ଯେତିକି ମନମୋହିଆ, ସେତିକି ବେଖାତିରିଆ । ବଗୁରିଲ ଏ ଭିଅଲ ହେଲା; ଘୋଡ଼ାଗୁହାଳ ପୋଛିବାକୁ ଉନଯାକ ଲାଗୁଥିଲା । ବାଘ ତ ମୋଟେ ତିନିଟା, ତାଙ୍କ ଗୁହାଳ ପୋଛିବା, ଜଞ୍ଜାଳ ବୁହିବା କିଛି କଷ୍ଟକର ନୁହେଁ । ବରଜୁଆ ହାଡ଼ୁଆ ଲବଣ୍ୟ, ଗ୍ରାମ ମାଇକିନିଆଁ ଟାଏ ହେଇ ବୁଝୁଚି ! ମତେ ବଳେଇଯିବ !

ଆ ତୁ ତୁ କରି ଗାଈକି ଡାକିଲା ପରି ଦୁଆର ଫିଟାଇ ଗୋପିଆ ବାଘକୁ ଡାକିଲା ।

ଖାଇବା ବେଳ । ଭୋକରେ ବାଘର ଆଖିରୁ ଜୁଳୁଜୁଳିଆ ପୋକ ବାହାରୁଥିଲା । ଦୁଆର ଖୋଲିବାମାତ୍ରେ ସେ ଖପ୍‌କିନା ଡେଇଁ କେଁ କରି ମାଡ଼ିବସିଲା । ଶିଙ୍ଘି ଚିପିଦେଇଥାନ୍ତା । ଭାଗ୍ୟକୁ ଅଳ୍ପ ଦୂରରେ ଲବଣ୍ୟ ଥିଲା, ଦୌଡ଼ିଆସି ସେ ଲୁହାଛଡ଼ରେ ବାଘ ମୁଣ୍ଡରେ ଶକତ ପାହାରେ ଦେଲା । ବାଘ ଛାଡ଼ିଦେଲା ।

ରକ୍ତସ୍ନାନ, ଗୋପିଆ ମରୁ ମରୁ ବଞ୍ଚିଗଲା । ରଜା ଡାକ୍ତରଖାନାକୁ ପଠାଇ ଚିକିତ୍ସା କରାଇଲେ । ଭଲ ହେଲା । ଛାତିରେ ଛନକା ପଶିଯାଇଥିଲା । ଗୋପିଆ ସ୍ୱପ୍ନରେ ବାଘକୁ ଦେଖି ଚମକି-ପଡ଼ୁଥିଲା । ତା'ପରେ ସେ ରଜାଘର ଚାକିରି ଛାଡ଼ି କୋଇଲାଖଣିରେ ପଶିଲା ।

Digitized by srujanika@gmail.com

ଏଥିରେ ରଜାଙ୍କର କି ଦୋଷ ? ବାଘ ପରା ଜନ୍ତୁ, କ'ଣ ଗୋରୁ ନା ଗାଈ ? ତାକୁ ତୁ ତୁ କରି ଡାକୁଥିଲା କାହିଁକି ? ନିଶାଖୋର୍ ଲୋକର କୋଉ ହିତାହିତ ଜ୍ଞାନ ରହେ କି ?

ଏମିତି ବେକୁବ୍‌କୁ ବାଘ ନ ଖାଇ ଛାଡ଼ିଦେଲା ଯାହା !

ଆଜ୍ଞା ସାଆନ୍ତେ, ମୁଁ ବୁଝିଗଲି, ଏ ସେଇଠି ଥାଉ । ଆଜି ରଜାଙ୍କ ଅଭିଷେକ କଥା କହିବ ପରା !

ତୋ କଥା ତୁ ରଖିଲୁନାଇଁ; ମଝିରେ ପଚାରିଲେ ସୂଅ ଭାଙ୍ଗିଯାଏ । ମଝିରେ ଯଦି ଆଉ ପଚାରୁ, କଥା ସେଇଠି ଶେଷ ହେଲା, ଜାଣିବୁ ! ଏଥର ଶୁଣ୍ ।'

ରାଜା ଉଦୟଚନ୍ଦ୍ରଙ୍କ ପରଲୋକ, ଯୁବରାଜ କୀର୍ତ୍ତିଚନ୍ଦ୍ରଙ୍କର ଅଭିଷେକ ।

ରାଜା ଚିରଜୀବୀ, ସେ ମରନ୍ତି ନାଇଁ, ମରନ୍ତି ଜଣେ ଗୌରବଚନ୍ଦ୍ର, ଜଣେ ଚଣ୍ଡାଦିତ୍ୟ, ଜଣେ ବିକ୍ରମସିଂହ । ପ୍ରଜାଙ୍କର ବି ସେଇ କାମନା— ରଜା ଚିରଜୀବୀ ହୁଅନ୍ତୁ ।

ରାଜଗାଦି କେବେ ଖାଲି ରହେ ନାଇଁ, ଜଣେ ସିଂହାସନରୁ ଓହ୍ଲାଇବାମାତ୍ରେ ଆଉ ଜଣେ ବସେ । ବସି ଆଦେଶ ଦେଲେ ଯାଇ ପୂର୍ବ ରଜାଙ୍କର ଶବ ଦାହ ହୁଏ । ଏ ସନାତନ ନିୟମ ।

ସୁଖ ଦୁଃଖ ଯଦି ଖୁବ୍ ଲଗାଲଗି ହୋଇ କୋଉଠି ରହିଛନ୍ତି, ସେ ଏଇ ରାଜବାଟିରେ । ଏଠି ଏକାବେଳକେ ଗୋଟିଏ ଆଖି କାନ୍ଦେ, ଆର ଆଖିଟି ହସେ କିମ୍ବା ଆଖିଦୁଇଟି ଲୁହରେ ଜୁଡ଼ୁବୁଡ଼ୁ ହୁଏ, ସେତିକିବେଳେ ଓଠ ଫାଙ୍କରୁ କୁରୁ କୁରୁ ହସ ବାହାରେ । ପୂର୍ବକୁ ଚାହିଁଲେ ହସ, ପଶ୍ଚିମକୁ ଚାହିଁଲେ କାନ୍ଦ । କେଡ଼େ ବେଗି ମନର ଭାବ ବଦଳେ ।

ଗୋଟେପଟେ ଶଙ୍ଖମହୁରୀ ବାଜେ, ଏକାବେଳକେ ବହୁ ସ୍ୱରରେ ହୁଳହୁଳି ପଡ଼େ । ଖୋଲା ଆକାଶରେ ଚନ୍ଦ୍ର ଉଇଁଛି, ଗଛଲତା ହସି ଉଠୁଛନ୍ତି ।

Digitized by srujanika@gmail.com

ଆଉ ପଟେ ସୂର୍ଯ୍ୟ ଅସ୍ତାଚଳର ବହୁତ ତଳକୁ ଖସିଯାଇଛନ୍ତି, ଲିଭିଯାଇଚି ସବୁ ତେଜ, ସବୁ ରାଗରଙ୍ଗିମା । ସେଠି କାକର-କାନ୍ଦଣା, ଗୋଟିଏ ପାଖେ ଜୁଆର, ଆଉପାଖେ ଭଙ୍ଗା, ଗୋଟେପାଖେ ଆଲୋକର ଝଲକ, ଆଉପାଖେ ଅନ୍ଧାରର ଘନଘଟା । ଗୋଟେପାଖେ ଶୋକାକୁଳ ପ୍ରଜା, ଆଉପାଖେ ବି ସେଇ ପ୍ରଜାରୁ କେତେ ଉଛୁଳୁଛନ୍ତି ହସରେ ।

ଗୋଟେପଟେ ଶବର ପଟୁଆର, ଉଠୁଚି ଶବ୍ଦ—ରାମନାମ ସତ୍ୟ ହେ । ବାଜୁଚି ଢୋଲ, କରୁଣ ସ୍ୱରରେ ମହୁରୀ, ପଡ଼ୁଚି ଫୁଲର ଶ୍ରଦ୍ଧାଞ୍ଜଳି; ଆଉପଟେ ବାଜୁଚି ଯୋଡ଼ିନାଗରା, ତେଲଙ୍ଗିବାଜା, ଶୁଭଶଙ୍ଖ ଓ ମହୁରୀ ।

ଯୁବରାଜ କ୍ଷିଅର ହେଉଛନ୍ତି, ଗାଧୋଉଛନ୍ତି, ନୂଆ ଲୁଗା ପିନ୍ଧୁଛନ୍ତି, ମୁଣୋହିଁ ରନ୍ଧାହେଉଚି, ବୋଦା କଟାହେଉଛି । ଏସବୁ ବିଧି ମାନ; ପ୍ରକୃତରେ ରଜା ମୁଣୋହିଁ କରନ୍ତି ନାହିଁ । ତେବେ ମଶାଣିରେ ବି ବିଧି ପାଳନା ହେଉଛି । ଶବକୁ କ୍ଷିଅର କରି ଗାଧୋଇ ଦିଆହେଉଛି, ନୂଆ ଲୁଗା ପିନ୍ଧେଇ ଦିଆହେଉଛି । ଭାତ ବି ରନ୍ଧା ହେଉଛି, ଯଦି ବା ମାଲକ୍ଷଇ ଜାଣନ୍ତି ଯେ ଶବ ଖାଏ ନାହିଁ ।

ନାମକୁ ମାନ ଅଭିଷେକ ହେଉଛି କୀର୍ତ୍ତିଚନ୍ଦ୍ରଙ୍କର, ସଙ୍ଗରେ ନାହାନ୍ତି ରାଣୀ ସୁରତରଙ୍ଗିଣୀ ।

ରାଜଅଭିଷେକ ପୂର୍ବରୁ ରାମସୀତାଙ୍କର ଅଭିଷେକ ହେବା ବିଧି । ଏ ଅଶୌଚ ଅଭିଷେକରେ ରାମସୀତାଙ୍କ ମୂର୍ତ୍ତି ଅଣାଗଲା ନାହିଁ । ଦୁର୍ଗାମାଧବ ପଟ୍ଟକଳସ ମାନ ବସିଲା, ରାଜପୁରୋହିତ ଯୁବରାଜଙ୍କ ମୁଣ୍ଡରେ ଶାଢ଼ୀ ବାନ୍ଧିଦେଲେ । ଏତିକରେ ଯୁବରାଜ ହେଲେ ରାଜା । ସିଂହାସନରେ ବସିବାମାତ୍ରେ ତାଙ୍କର ପ୍ରଥମ ଆଦେଶ-ପିତାଙ୍କର ଶବଦାହ ।

ମୁଖାଗ୍ନି ଦେଲେ ରାଜାଙ୍କ ଦ୍ୱିତୀୟପୁତ୍ର—ପଞ୍ଚାମୃତ, ଦଶଦିନ କ୍ରିୟା ଧରିଲେ ବ୍ରାହ୍ମଣ ନୁହେଁ, ସ୍ୱୟଂ ପଞ୍ଚାମୃତ । ଶୁଦ୍ଧିପରେ ଏକାଦଶାହ, ଦ୍ୱାଦଶାହ କାର୍ଯ୍ୟ କଲେ ନିଜେ ରାଜା ।

Digitized by srujanika@gmail.com

ରଜାଘର ଛଡ଼ା ଏକାବେଳକେ ସୁଖଦୁଃଖର ଏଇ ବଚନ ଦୃଶ୍ୟ ଅନ୍ୟତ୍ର ଦୁର୍ଲଭ ।

ଶବ ଉଠିବା ପରେ ପରେ ଆଉ ଗୋଟିଏ ଛାତିଫଟା ଦୃଶ୍ୟ ଦିଶେ—ସେ ରାଣୀବଗିଚାର ରସସାଗର ହ୍ରଦର ଅଣଭୁଠରେ । ସେଠି ରାଣୀ ରତ୍ନପ୍ରଭା । ଆଖିରୁ ଝର ଝର ଲୁହ ବୋହିଯାଉଛି । ବୁଝାଉଛନ୍ତି ଚନ୍ଦ୍ରଲେଖା, ମଦାଳସା ଆଦି ମୃଦୁସୁଲ୍ଲା, ଯଦି ବା ଏ ଦୁଃଖ ବୁଝିବାର ବାହାରେ । 'ତୁନିହ' କହିଲେ ଏଥିରେ ବେଶୀ କୋହ ଉଠେ, ଲୁହ ବଢ଼େ ।

ଗେଲ୍ହି ଭଣ୍ଡାରୁଣୀ ରାଣ୍ଡ କରୁଛି । ଅଳଙ୍କାର କାଢ଼ୁ କାଢ଼ୁ ଆଖିର ଲୁହରେ ତା ମୁହଁ ଭାସିଉଠୁଛି ।

ସେ ମୁଣ୍ଡରୁ କାଢ଼ୁଛି ଟଏରା, ଅଳକାପାଟି, ମଥାମଣି, ଚନ୍ଦ୍ରସୂର୍ଯ୍ୟ, ଝାମ୍ପା, ବେଣୀର ଯେତେ ସାଜ, ଝୁମ୍ପା ।

ନାକରୁ ନାକପୁଟୁଳି, ଦଣ୍ଡି ।

କାନରୁ ମଲ୍ଲିକଡ଼ି, ଚନ୍ଦ୍ରବାଉଳି ।

ଗଳାରୁ କଣ୍ଠି, ହାର ।

ହାତରୁ ବାହୁବନ୍ଧ, କଙ୍କଣ, ଗୁଞ୍ଜର, ରତ୍ନଚୁଡ଼ି, ହସ୍ତପଦ୍ମ ।

କଟିରୁ ଓଡ଼ିଆଣୀ, ମେଖଳା, କମରପଟା ।

ପାଦରୁ ନୂପୁର, ପାହୁଡ଼, ପାଦପଦ୍ମ, ଝୁଣ୍ଟିଆ । ପାଦର ସବୁ ଅଳଙ୍କାର ସୁନା, ରାଣୀଙ୍କି ଯୋଗାଏ । ଅନ୍ୟ ସ୍ତ୍ରୀ ପିନ୍ଧିଲେ ଲକ୍ଷ୍ମୀ ଛାଡ଼ିଯାନ୍ତି ।

"ଷନିଯୁ ଘରେ ତ ରଖନ୍ତୁ, କାନରେ ଏ ହୀରା ଫୁଲ ଦିଓଟି ଥାଉ ମଣିମା," ଫୁସୁରିଲା ଗେଲ୍ହି ।

"ନାଇଁ, ନାଇଁ ।"

"ପଦ୍ମରାଗ, ନୀଳମଣି ମିଶା ଏ ମୋତିମାଳାଟି ଗଳାରେ ଥାଉ ।"

Digitized by srujanika@gmail.com

"ନାଇଁ, ନାଇଁ ! ଘୋଡ଼ା ବଅଣରେ ଆଉ କି ସୁଆଦ ଅଛି ?

ରାଜ୍ୟ ଯାଉଥିଲା, ଧନେ ହେଲେ ଭାବ ନ ଥିଲା; ସେ ଥିଲେ; ମୋର ସବୁ ଥିଲା । ତାଙ୍କ ମୁହଁକୁ ଚାହିଁଦେଲେ ମତେ ସବୁ ସୁଖ, ସବୁ ଶାନ୍ତି ମିଳି ଯାଉଥିଲା । ଏବେ ସେ ଗଲେ, ମୋର ସବୁ କିଛି ଗଲା ।

ମୋର କୋଉ କଥା ଧନେ ତଳେ ପଡ଼ି ନଥିଲା । କଟକ ଗଲେ ମୋ ଲାଗି ଆଣୁଥିଲେ ନୂଆ ନୂଆ ଅଳଙ୍କାର, କଲିକତା ଗଲେ ନୂଆ ନୂଆ ଶାଢ଼ୀ ।

ମୋ ଲାଗି ଆଣିଥିଲେ ନୂଆ ବେଶକାରଣୀ, ନିତି ନୂଆ ନୂଆ ବେଶ ନହେଲେ ତାଙ୍କ ମନକୁ ପାଉ ନ ଥିଲା । କୋଉଦିନ ମୋତି, ମାଣିକ, ବୈଡ଼ୂର୍ଯ୍ୟ, ପୋଖରାଜ, ହୀରା, ମାଳାର ବେଶ, କୋଉଦିନ କେବଳ ସୁନାରେ, କୋଉଦିନ ମଣିମାଣିକ୍ୟରେ, କୋଉ ଦିନ ରୂପା ତାରକସିରେ, କୋଉଦିନ ହାତିଦାନ୍ତ ଅଳଙ୍କାରରେ ସଜେଇ ହୁଏ, କୋଉଦିନ ବା ପକ୍ଷୀପର, କଅଁଳ ପତ୍ର, ଫୁଲରେ ଶବରୁଣୀ ବେଶ ହୋଇଥାଏ । ସଜେଇଲା ବେଳେ ବେଶକାରଣୀ ମାଳବିକା କହୁଥିଲା—ରାଣୀଙ୍କି ବେଶ କରିବା କି ଲୋଡ଼ା ? ସେ ତ ସିଆଡ଼ୁ ବେଶ ହୋଇ ଆସିଛନ୍ତି । ସଜେଇଲେ ବଳକା ଉପରେ ବଢ଼ିକା ହୁଏ, ସୁନ୍ଦର ଉପରେ ସୁନ୍ଦର ନଦି ହେଲା ପରି ଦିଶେ ।

ମତେ କେତେ ଦେଖିପାରୁଥିଲେ ସେ । ରଜ ଆଖି ତାଙ୍କର, କେତେ ରୂପ ଚାହିଁଛି, ହେଲେ ଲାଖି ରହିଥିଲା ଏଇଠି । ମତେ ଦେଖିଲାକ୍ଷଣି କେତେ କାବାକାର ହୋଇଯାଉଥିଲେ ସେ, କହୁଥିଲେ—ଦିହରେ ମିଶି ଗୋଟିଏ ହୋଇଯାନ୍ତି ଯଦି, କେଜାଣି ଏ ମନ ତୃପ୍ତି ଲଭି କରନ୍ତା । ତା ନହେଲେ ନାଇଁ, ବାସିଚନ୍ଦନ ହୋଇଥିଲେ ଦିହରେ ଲିପି ହୋଇ ରହିଥାନ୍ତି ।

ରାଣୀ ରନ୍ନପ୍ରଭା ଉଦୟଚନ୍ଦ୍ରଙ୍କ ଏଇସବୁ କଥା କହୁଁ କହୁଁ କାନ୍ଦୁଥିଲେ; ବଡ଼ ପାଟିକରି ଗାଉଁଲି ସ୍ତ୍ରୀ ପରି ବାହୁନୁ ନଥିଲେ । ଯଦିବା ଶୋକ ପ୍ରକାଶରେ ସେ ଅନ୍ୟ ସ୍ତ୍ରୀଠାରୁ ଭିନ୍ନତର ନଥିଲେ । ରାଜବାଟିରେ

Digitized by srujanika@gmail.com

ସେ ଏକାନ୍ତ ଏକୁଟିଆ । ରାଜାଙ୍କର ପଡ଼ୋଶୀ ନାହିଁ, ଯେ ଦୁଃଖରେ ସମବେଦନା ପ୍ରକାଶ କରିବେ । ବେଦନା ତେଣୁ ଶେଳ ପରି ଅନ୍ତରରେ ଭେଦିଯାଏ, ଭେଦୁଥାଏ ।

ରାଣୀ ରତ୍ନପ୍ରଭା କାନ୍ଦି କାନ୍ଦି ଅଚେତା ହୋଇଗଲେ, ବହୁ ଛିଞ୍ଚାବଞ୍ଚା ପରେ ତାଙ୍କ ଚେତା ଫେରିଲା । ଦାସୀମାନେ ତାଙ୍କୁ ଗାଧୋଇ-ପାଧୋଇ ଉଆସକୁ ନେଲେ—ଅଲତା ପୋଛି ହେଉଥା ପାଦ ଟଳମଳ ।

ଚାଲିଗଲାବେଳେ ବାଟରେ ଖରା ତେଜରେ ରତ୍ନ ଚୁର୍ଣ୍ଣ ହୋଇ-ଯାଉଥିଲା, ପଦେ ପଦେ ସୁନା ପଦ୍ମ ଫୁଟି ଉଠୁଥିଲା । ଏବେ ସେ ଫୁଲ-ପତ୍ରହୀନ ଝାଞ୍ଜିପିଟା ଝାଟିଟିଏ । ଅଳଙ୍କାରପତ୍ର କାଢ଼ିନେଲା ପରେ ସୌଭାଗ୍ୟସମ୍ପଦ ସବୁ କିଏ ଝାଡ଼ିଝୁଡ଼ି ନେଲା ପରି ଲାଗିଲା ।

ରତ୍ନପ୍ରଭା ! ସେ ଆଜି ତାଳମୂଳ ରାଜ୍ୟର ରାଣୀ ନୁହନ୍ତି । ସବୁ ସୁଖ ସରିଯାଇଛି । ଅସ୍ତସୂର୍ଯ୍ୟ ପଛେ ପଛେ ଚାଲି ପରି ଯାଇଛି ତାଙ୍କ ମନ, ଧଡ଼ଧଡ଼ ଯାହା ପଡ଼ିରହିଛି ଉଆସରେ । ପୁଅ ରଜା ହେଲେ ମା'ଆର ଯଥେଷ୍ଟ ଗର୍ବ କରିବାର ଅଛି । ରାଜମାତା ସେ, ସେଦିନର ପାଟ-ମହାଦେଈ, ପୁଅ ମୁଣ୍ଡରେ ଶାଢ଼ୀ ବାନ୍ଧିଲେ ପୁଅ ରଜା ହୁଏ । ସେତିକି । ରାଜ୍ୟଶାସନରେ ତାଙ୍କର ପାଟି ଫିଟେଇବାକୁ ନଥାଏ । କଥାରେ ଅଛି—

'ଭାଇ ରଜା ହେଲେ ଭଉଣୀ ନୁହଇ ରାଣୀ
ଯେତେ ହେଲେ କହୁଥାନ୍ତି ରଜାଙ୍କ ଭଉଣୀ ।'

ସେହିପରି ରାଜମାତା । ଉଆସରେ ଥିଲେ ବି ଠାକୁର ଘର ତାଙ୍କର ଆଶ୍ରା; ଭକ୍ତିଭାବ ହିଁ ତାଙ୍କର ଭାବ, ଶାନ୍ତରସ ହିଁ ଏକମାତ୍ର ରସ ।

ସ୍ୱାମୀ ବିୟୋଗର ଦୁର୍ଭାଗ୍ୟ, ପୁତ୍ର ରଜା ହେବାର ସୌଭାଗ୍ୟ ତାଙ୍କୁ ଏକାବେଳକେ ଭେଟନ୍ତି । ପତି ବିଚ୍ଛେଦରେ ବାହୁନା ପକାଇବେ ନା ପୁତ୍ର ଗୌରବରେ ଛାତି ଫୁଲେଇବେ ?

Digitized by srujanika@gmail.com

ଏକାବେଳକେ ଜୁଆର ଆଉ ଭଟ୍ଟାର ହଟହଟା ଲାଗ୍ୟ ତାଙ୍କୁ ଭୋଗିବାକୁ ହୁଏ । ସଂସାରର ଜୀବନ ଗୋଟିଏ ନଈ ସବ୍ ବିଧାତିଲ ରଜା ଘର ନଈର ଗୋଟିଏ ଗଣ୍ଡ ପରି, ସେଠି ଜୁଆର ଆଉ ଭଟ୍ଟାର ପ୍ରକୋପ ବେଶୀ, ସ୍ରୋତ ଯେତିକ ପ୍ରଖର, ଭଉଁରି ସେତିକ ମୁଖର । କୁମ୍ଭୀର ଯେତିକ ମଗର ସେତିକେ ।

ପୌଷ ପୂର୍ଣ୍ଣିମା, ଜଗନ୍ନାଥଙ୍କ ଅଭିଷେକ ଉତ୍ସବ । ଜଗନ୍ନାଥଙ୍କ ଅଭିଷେକ ଦିନ ହିଁ ଓଡ଼ିଆ ରଜାମାନଙ୍କ ଅଭିଷେକ ଦିନ । ଜନ୍ମଦିନ ପରି ପ୍ରତିବର୍ଷ ରାଜବାଟିରେ ରାଜାରାଣୀଙ୍କ ଅଭିଷେକଉତ୍ସବ ପାଳିତ ହୁଏ । ଜଗନ୍ନାଥ ବିଶ୍ୱବ୍ରହ୍ମାଣ୍ଡର ରାଜା—ଏକମାତ୍ର ରାଜା; ଅନ୍ୟ ରାଜାମାନେ ତାଙ୍କର ସେବକ ମାତ୍ର । ପ୍ରଭୁଙ୍କ ପଥ ଅନୁସରଣରେ ପୌଷ ପୂର୍ଣ୍ଣିମାକୁ ତାଳମୂଳ ବର୍ଷର ଅଭିଷେକ ତିଥି ଭାବେ ଗ୍ରହଣ କରନ୍ତି ।

ନାମକୁ ମାତ୍ର କୀର୍ତ୍ତିଚନ୍ଦ୍ରଙ୍କର ଅଭିଷେକ ହୋଇଥିଲା । ପୌଷ ପୂର୍ଣ୍ଣିମାକୁ ପ୍ରକୃତ ଅଭିଷେକ ଉତ୍ସବ ଯୋଗାଡ଼ ଲାଗିଗଲା ।

ବିଦେଶୀ ଇଂରେଜ ଶାସକ ବିଦାୟ ନେଇଛନ୍ତି । ଭାରତ ସ୍ୱାଧୀନ । ଉଦୟଚନ୍ଦ୍ରଙ୍କ ଅମଳରୁ ରାଜ୍ୟ ଯାଇଛି । ଏବେ ରାଜ ଉପାଧି ଅଛି । ବାର୍ଷିକ ସରକାରୀ ଭତ୍ତା ମିଳେ । ରାଜ ଉପାଧି ଥିବା ସ୍ଥଳେ ବିଧି ମୁତାବକ ଅଭିଷେକ ନୋହିବ କପରି ? ଅଭିଷେକ ତାଳମୂଳ ରାଜବାଟିର ସବୁଠାରୁ ବଡ଼ ଉତ୍ସବ । ରାଜା ହାତ ଖୋଲି ଦିଅନ୍ତି । ଆଖିବୁଜା ଖର୍ଚ୍ଚ ହୁଏ । ଗାଦିନାସିନ ଉତ୍ସବକୁ ବହୁ ଗଣ୍ୟମାନ୍ୟ ରାଜା, କ୍ଷମତାଶାଳୀ ଅଫିସର, ବନ୍ଧୁ ବାନ୍ଧବ ବିଦଗ୍ଧ କବିଙ୍କୁ ନିମନ୍ତ୍ରଣ କରାଯାଏ । ଖୁବ୍ ଯାନିଯାତ୍ରା, ଭୋଜି ମଉଜ ହୁଏ ।

ରାଜା ରୁକ୍ମକରଣଙ୍କୁ ଡାକି ରାଜବଂଶ ରୀତି ଅନୁସାରେ ପହିଲି ନିମନ୍ତ୍ରଣପତ୍ର ଇଷ୍ଟଦେବୀ ହିଙ୍ଗୁଳା ଓ ଶ୍ରୀ ଜଗନ୍ନାଥଙ୍କୁ ଲେଖାଇଲେ । ତାପରେ ରାଜାମାନଙ୍କ ନିକଟକୁ ଏହି ପ୍ରକାରେ ଚିଟଉ ଚିଠା କରାଗଲା—

ସ୍ୱସ୍ତି ଶ୍ରୀ ସମସ୍ତ ପ୍ରଶସ୍ତ ସହିତେଷୁ ଶ୍ରୀ ସୋମନାଥ ଦେବଗଣ, ଶ୍ରୀ ଭୁବନେଶ୍ୱରୀ ଚରଣେ ଶରଣ, ଶ୍ରୀ କାଳଜୟୀ ଦେବୀଙ୍କର ବରପ୍ରସାଦ,

Digitized by srujanika@gmail.com

ଶ୍ରୀ ମାଣିକେଇ ଦେବୀଙ୍କର ଚରଣେ ଶରଣ, ଶ୍ରୀ ଗାଙ୍ଗପୁର ଶୁଭସ୍ଥାନ ଅଧିପତି, ଶ୍ରୀ ରାଜଶେଖର ଦେଓଙ୍କୁ ନମ ଯାହାର ବଧି, ତାଳମୂଳର ରଜା ଶ୍ରୀ ଶ୍ରୀ ଶ୍ରୀ କୀର୍ତ୍ତିଚନ୍ଦ୍ରଙ୍କ ଅଭିଷେକ ଚଟାଉ ।

ସ୍ୱସ୍ତି ଶ୍ରୀ ସମସ୍ତ ପ୍ରଶସ୍ତ ସହିତେଷୁ, ଶ୍ରୀ ଉମାମହେଶ ଦେବଗଣ, ଶ୍ରୀ ଲକ୍ଷ୍ମୀନାରାୟଣ ଚରଣେ ଶରଣ, ଶ୍ରୀ ମୁକୁଟେଶ୍ୱର ଦେବତାଙ୍କର ବରପ୍ରସାଦ, ଶ୍ରୀ ବାମଣ୍ଡା ଶୁଭ ସ୍ଥାନର ମହାରାଜାଧିରାଜ ଶ୍ରୀ ଶ୍ରୀ ଶ୍ରୀ ୧୦୮ ଶ୍ରୀ ତ୍ରିଭୁବନେଶ୍ୱରଙ୍କୁ ତାଳମୂଳର ରଜା ଶ୍ରୀ ଶ୍ରୀ ଶ୍ରୀ କୀର୍ତ୍ତିଚନ୍ଦ୍ରଙ୍କର ଅଭିଷେକ ବଧି ଚଟାଉ···

ସ୍ୱସ୍ତି ଶ୍ରୀ ସମସ୍ତ ପ୍ରଶସ୍ତ ସହିତେଷୁ, ଶ୍ରୀ ବଉଳମ୍ବ ଦେବଗଣ, ଅଯୋନିସମ୍ଭୂତ, ମୟୂର ଡିମ୍ବଜାତ, ବଶିଷ୍ଠ ଋଷି ପ୍ରତିପାଳନ, ଶ୍ରୀ ରାମଚନ୍ଦ୍ର ଦେବ ଟୀକାଧାରଣ, ଶ୍ରୀ ହିରଣ୍ୟଦେବୀଙ୍କର ବରପ୍ରସନ୍ନ, ବୈଦ ସହସ୍ର ରଉତାଳ, ଶ୍ରୀ ଜୟଗୋପାଳ ଭଗତ, ଶ୍ରୀ ହରିହର ଚରଣେ ଶରଣ, ଶ୍ରୀ କେନ୍ଦୁଝରୀ ଶୁଭସ୍ଥାନ, ଶ୍ରୀ ଦେବନାରାୟଣ ଭଞ୍ଜଦେଓ ମହାରାଜାଙ୍କୁ ତାଳମୂଳ ରଜାଙ୍କ ଶ୍ରୀ ଶ୍ରୀ ଶ୍ରୀ କୀର୍ତ୍ତିଚନ୍ଦ୍ରଙ୍କର ଅଭିଷେକ ଚଟାଉ······

ସ୍ୱସ୍ତି ସମସ୍ତ ପ୍ରଶସ୍ତ ସହିତେଷୁ, ଶ୍ରୀ ଗଣେଶ୍ୱର ଦେବଗଣ, ଶ୍ରୀ କୁମାରୀଦେବୀ ଚରଣେ ଶରଣ, ଶ୍ରୀ କୋପେଶ୍ୱର ବରପ୍ରସାଦ, ଶ୍ରୀ ବଣେଇଁ ଶୂଳଶହସ୍ର ଶୁଭ ସ୍ଥାନ ଅଧିପତି, ରଜାଧିରାଜ କୁମାର ରାଜ୍ୟ ରାଜ୍ୟେଶ୍ୱର ତ୍ରିଲୋକ ମଣ୍ଡଳେଶ୍ୱର ଶ୍ରୀ ଚନ୍ଦ୍ରଭଞ୍ଜ ଦେଓଙ୍କୁ ତାଳମୂଳ ରଜା ଶ୍ରୀ ଶ୍ରୀ ଶ୍ରୀ କୀର୍ତ୍ତିଚନ୍ଦ୍ରଙ୍କର ଅଭିଷେକ ଚଟାଉ···

ପାଟଣା ରଜାଙ୍କୁ ଚଟାଉ—

ସ୍ୱସ୍ତି ଶ୍ରୀ ସମସ୍ତ ପ୍ରଶସ୍ତ ସହିତେଷୁ ଶ୍ରୀଗଙ୍ଗବଂଶକୁ ନନ୍ଦୋହ ଧବଳ ବଇର, ଦୁର୍ଜୟ ସଙ୍ଗମ ଗଡ଼ ଶନଶ୍ଚର, ଅନବାଣଦେଲ ସନ୍ଧିବାର ସିଧୀ, ବୁଡ଼ନ୍ତା ଗଡ଼ ଉଦ୍ଧାରଣ, ଧୀରେ ଗନ୍ଧେ ଗନ୍ଧବାରଣ, ବୀରମଣ୍ଡଳୀଙ୍କ ମସ୍ତକେ ତ୍ରିଶୂଳ ଶ୍ରୀରଣରଙ୍କସ, ଶ୍ରୀ ବିମଳେଶ୍ୱର ଦେବଗଣ, ଶ୍ରୀ ସମଲାଈଦେବୀ ଶରଣ, ଶ୍ରୀ ପଟଣେଶ୍ୱରୀ ଦେବୀଙ୍କର

Digitized by srujanika@gmail.com

ବରପ୍ରସାଦ । ଶ୍ରୀ ପଟ୍ଟଣ ଶୁଭସ୍ଥାନ ଅଧିପତି ନୃପେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ସ୍ୱସ୍ତି ଶ୍ରୀ ପ୍ରବଳ ପ୍ରତାପାନ୍ୱିତ, ପରତାପ ଦାନସମ୍ପନ୍ନ ମହାରାଜାଧିରାଜ ତାଳମୂଳ ଶୁଭସ୍ଥାନ ଅଧିପତି, ଶ୍ରୀ ହିଙ୍ଗୁଳାଦେବୀଙ୍କ ବରପ୍ରସାଦ, ଗାବଧିଗାରବର ଶ୍ରୀ ଶ୍ରୀ ଶ୍ରୀ ୧୦୮ ଶ୍ରୀ ରାଜା କୀର୍ତ୍ତିଚନ୍ଦ୍ରଙ୍କ ଅଭିଷେକ ଚିଟାଉ—

ସାହାଣଭଣ୍ଡାର, ଦଳପରିବାର, ସମସ୍ତ କ୍ଷେମ କୁଶଳ, ଏ ଜାଣି ଆପଣଙ୍କର ସମସ୍ତ ପାଟସାହାଣ ଭଣ୍ଡାର, ଦଳପରିବାର, ଶ୍ରୀ ଅଙ୍ଗରାଇଜ କ୍ଷେମକୁଶଳ—ଏ କଥାମାନ ଲେଖା ହେବ ହୋଇବ ।

ଶୁଣି ଚିତ୍ତର ଆନନ୍ଦ ହୋଇବ—ଶ୍ରୀ ତାଳମୂଳ ପାଟଣା ଏକ ରାଇଜ, ଏକା ଧର୍ମେ, ଏକା କର୍ମେ, ପାଟଣା ଭଲେ, ତାଳମୂଳ ଭଲ, ତାଳମୂଳ ଭଲେ ପାଟଣା ଭଲ, ତାଳମୂଳର ଯେ ଶତ୍ରୁ, ପାଟଣାର ସେ ଶତ୍ରୁ, ପାଟଣାର ଯେ ମିତ୍ର ତାଳମୂଳର ସେ ମିତ୍ର । ଆଜ ବୋଲି ନୁହଇ ସଦାସର୍ବଦା, ପୁରୁଷାନୁକ୍ରମେ ଆମ୍ଭ ଦୁଇ ରାଇଜ ନଖ ମାଂସ ଅଚ୍ଛେଦ ଅଭେଦ ହୋଇ ଦିନ ଯାଉଅଛୁ । ଏ ନିମନ୍ତେ ଅଭିଷେକ ଚିଟଉ ପଠାଗଲା ।

ଏଇ ପ୍ରକାରେ ମୟୂରଭଞ୍ଜ, ଢେଙ୍କାନାଳ, ଆଠଗଡ଼, ତିଗିରିଆ, ନରସିଂହପୁର, ପାଲହଡ଼ା, ଷଡ଼େଇକଳା, ଖରସୁଆଁ, ହିନ୍ଦୋଳ, ନୟାଗଡ଼, ସୋନପୁର, କଳାହାଣ୍ଡି, ଦଶପଲ୍ଲା, ଖଣ୍ଡପଡ଼ା, ରଣପୁର ପ୍ରଭୃତିର ରାଜା ଓ ରାଜା ଉପାଧିଧାରୀ ଜୟପୁର, ପାରଳାଖେମିଣ୍ଡି, ବଡ଼ଖେମିଡ଼ି, ସାନଖେମିଡ଼ି, ଖଲ୍ଲିକୋଟ, ଆଳି, କନିକାର ଜମିଦାରମାନଙ୍କୁ ଚିଟାଉ ଲେଖାଗଲା ।

କିଏ ପାଲିଙ୍କି ଉପରେ ପାଟଛତି ଟାଣି, କିଏ ଦନ୍ତାମସ୍ତ ହାତୀର ଭେଲ୍‌ଭେଟ୍ ଗଦି ଉପରେ ବସି, କିଏ ବା ଉଡ଼ଣବାରଣ ଘୋଡ଼ା ଛୁଟାଇ, କିଏ ବା ମୂଲ୍ୟବାନ୍ ମଟରଗାଡ଼ିରେ ଚଢ଼ି ପାରିମନ୍ତ୍ରୀଙ୍କ ସହ ସଦଳବଳେ ଆସି ପହଞ୍ଚୁଥିଲେ । ସେମାନଙ୍କ ଲାଗି ତିଆରି ହେଉଥିଲା କେତେ ଅସ୍ଥାୟୀ ଘର, ପଡ଼ୁଥିଲା ଧାଡ଼ି ଧାଡ଼ି ତମ୍ବୁ । କୋଶ କୋଶ ମାଡ଼ି ରହୁଥିଲେ ସେମାନେ । ଗହଳଚହଳରେ ଚୌଦିଗ ଉଚ୍ଛୁଳୁଥିଲା ।

Digitized by srujanika@gmail.com

ଆଜ ପୁଷ୍ୟପୁନଅଁ, ରାଜାଙ୍କ ଅଭିଷେକ ଦିନ । ଜଗନ୍ନାଥ ଦର୍ଶନ ଲଗି ହଜାର ହଜାର ଯାତ୍ରୀ ଆସୁଥିବେ । ଦେଉଳରେ ଯେପରି ଦେବତା, ନଅରେ ସେପରି ରଜା । ଏଡ଼େ ଶୁଭଦିନ, ହେଲେ ନଅରରେ ସେପରି ଗହଳଚହଳ ନାହିଁ । ରଜା ଘୋଷିତ ହେଲେ—ଏତେ ଚିଠାଉ ପଠାଇଲି, ଭାଇବନ୍ଧୁ କୁଟୁମ୍ବଙ୍କ ଛଡ଼ା ଆଉ ଜଣେ ହେଲେ ରଜା ଏଯାକେ ମୁହଁ ଦେଖାଇଲେନାହିଁ । କେବଳ ଆସିଛନ୍ତି ସୁଜନଗଡ଼ର ମୋ ଶଳା, ବଉଦର ଭଣେଇଁ, କୁରୁପମ୍‌ର ମୋ ଭଣଜା ।

ନଅରରେ କାହାରି ମନରେ ଉତ୍ସାହ ନାହିଁ । ସେଦିନର ପ୍ରଜା ଆଜି କଡ଼ ଆଡ଼େଇ ଯାଉଛନ୍ତି । ପ୍ରଜାଙ୍କର ରଜା ମୁଁ ନୁହେଁ । ମୁଁ ରଜା କେବଳ ଏଇ ନଅରର, ଯେମିତି ବୁଝିଲେ ତ ଯେଝା ଘରେ ସେ ରଜା । ରଜା ହବା ଲଗି କାହା ଘରେ କ'ଣ ଅଭିଷେକ ହଉଚି ? ଯଦି ହଉନି, ନଅରରେ ହବ କାଇଁକି ? କାଇଁକି ମିଛକୁ ଏ ସୁଆଙ୍ଗ ?

ନା ନା ଏ କଥା ଠିକ୍ ନୁହେଁ; ରଜା ଯେ ରଜା, ପ୍ରଜା ଯେ ପ୍ରଜା । ଆଜ ରାଜ୍ୟ ଚାଲିଗଲା ତ କଅଣ ହେଲା ? ତାର ଆକାଶଛୁଆଁ ନଅର ତ ଅଛି, ସିଂହାସନ ତ ଅଛି । ଯେମିତି ଥିଲା ସେମିତି ରାଜଉପାଧି ଅଛି । ରାଜବଂଶର ବିଧି ଭାଙ୍ଗିବାକୁ ମୁଁ କିଏ ?

ରଜାଏ ଆଜ ମୋ ଚିଠାଉକୁ ମାନ୍ୟ କଲେନାହିଁ, କାଲି ତାଙ୍କ ଚିଠାଉ ଆସିବ । ମୁଁ ଯିବିନାଇଁ କି ଜବାବ୍ ଦେବିନାଇଁ । ତାଙ୍କ ଅଭିଷେକ ଯେମିତି ମନ ସେମିତି ହଉ ।

ଶୁଭ ଲଗ୍ନ; ରାଜପୁରୋହିତ ରଜା କୀର୍ତ୍ତିଚନ୍ଦ୍ର ଓ ରାଣୀ ସୁରତରଙ୍ଗିଣୀଙ୍କୁ ଅଭିଷେକଗୃହକୁ ପାଛୋଟି ନେଲେ । ଏଠି ରାଜା-ରାଣୀଙ୍କର ପ୍ରତିମୂର୍ତ୍ତି । ଧରାଯାଉ, ଏମାନେ ଜୀବନ୍ତ । ରାଜାର ଅଭାବ ପୂର୍ଣ୍ଣ କରିଛନ୍ତି ଏମାନେ । ହସୁଛନ୍ତି ହର୍ଷୋତ୍‌ଫୁଲ୍ଲ । କୀର୍ତ୍ତିଚନ୍ଦ୍ର ଉତ୍ସାହିତ ହେଲେ । ତାଙ୍କ ଆନନ୍ଦ ଅନ୍ୟମାନଙ୍କୁ ଆନନ୍ଦିତ କଲା ।

ଅଭିଷେକ ଆସନ ସୁନାରେ ଗୁଆଣି ହୋଇଥିଲା । ହୀରା, ନୀଳା, ମୋତି ମାଣିକ ଏଠି ସେଠି ଝଟକୁଥିଲା । ଆଜ ସବୁ କାଢ଼ିନିଆହୋଇଛି,

Digitized by srujanika@gmail.com

ହୁଏତ ରାଜବାଟିର କୋଉ ଅଭାବ ପୂର୍ଣ୍ଣ କରୁଛି । ତାର ଦାରିଦ୍ର୍ୟ କିନ୍ତୁ ପଦାକୁ ପୁଟୁନାହିଁ । ପଲଙ୍କଛଡ଼ା, ଖଣ୍ଡି ଆଖାବରି ସେଇ ଆସନଟିକୁ ଘୋଡ଼ାଇ ଦିଆହୋଇଛି ପାଟମୁଚୁଳିରେ ।

ଝାଉଁରିଚନ୍ଦ୍ର, ଦେହରେ ଅଚକନ୍, ଅଣ୍ଟାରେ କମରବନ୍ଧ, ପିନ୍ଧା ଚୁଡ଼ିଦାର ପାଇଜାମା, ମୋଜା, ନାଗରା ଜୋତା, ମୁଣ୍ଡରେ ବେନାରସୀ ଜରିପଗଡ଼, ତା ଉପରେ ଶ୍ରୀପେଞ୍ଚ—ଏ ସାଧାରଣ ରାଜବେଶ । ଆଜି ଅଭିଷେକବେଳେ ତାଙ୍କ ବେଶ ଭିନେ । ସେ ପିନ୍ଧିଛନ୍ତି ପାଟ ଖଦି, ଶରୀର ଆଉ ମୁଣ୍ଡ ମୁକୁଳା । କାନ୍ଧରେ ପାଟ ଗୁଦରଟିଏ ମାତ୍ର, ଗଳାରେ ସୁନାଗୋପ, ହାତରେ ହୀରା ମୁଦିଟିଏ । ତାଙ୍କ ପାଖରେ ବସିଛନ୍ତି ଅଷ୍ଟାଳଙ୍କାର ଭୂଷିତା ରାଣୀ ସୁରତରଙ୍ଗିଣୀ ।

ସାମ୍ନାରେ ପୂର୍ଣ୍ଣକୁମ୍ଭ, ଜାଗର, ଦୁର୍ଗାମାଧବପଟି, ଆଉ ରାମ ସୀତାଙ୍କର ସୁବର୍ଣ୍ଣ ପ୍ରତିମୂର୍ତ୍ତି ।

ପହିଲେ ତୀର୍ଥଜଳରେ ରାମସୀତାଙ୍କର ଅଭିଷେକ ହେଲା, ରାଜାରାଣୀ ରାମସୀତାଙ୍କର ପ୍ରତିନିଧି ମାତ୍ର । ରାମ ସୀତା ପ୍ରକୃତରେ ରାଜା ରାଣୀ । ସେ ରାଜ୍ୟ ଅଯୋଧ୍ୟା ପରି, ଅଯୋଧ୍ୟା ଆଦର୍ଶରେ ରାଜ୍ୟକୁ ଗଢ଼ିବା ରାଜାର ମନସ୍କାମନା । ଯେମିତି ଜଗନ୍ନାଥ ଓଡ଼ିଶାର ରାଜା, ଓଡ଼ିଶାର ଠାକୁରରାଜା ତାଙ୍କର ପ୍ରତିନିଧି, ଚଳନ୍ତୀ ପ୍ରତିମା ।

ତାଳମୂଳ ରାଜ୍ୟରେ ଅନୁକୃତ ସେଇ ରୀତି । ରାଜାରାଣୀ ହେଲେ ବୋଲି ଅହଙ୍କାର କରିବାର ନାହିଁ ।

ଶୁଭଶଙ୍ଖ, ଯୋଡ଼ନାଗରା, ଯୋଡ଼ ମହୁରୀ ବାଜୁଥାଏ । ରାଜପୁରୋହିତ 'ମଙ୍ଗଳଂ ଭଗବାନ୍ ବିଷ୍ଣୁ' ଇତ୍ୟାଦି ମନ୍ତ୍ର ବୋଲି ରାଜା ରାଣୀଙ୍କ ମୁଣ୍ଡରେ ତୀର୍ଥଜଳ ଛିଞ୍ଚିଦେଲେ ।

ଏଥର ଗଙ୍ଗା, ଯମୁନା, ଗୋଦାବରୀ, ନର୍ମଦା, ସିନ୍ଧୁ, କାବେରୀ, ସରସ୍ୱତୀର ତୀର୍ଥଜଳ ଆସିନାହିଁ । ରାଜାଙ୍କର ପଣ୍ଡାମାନଙ୍କ ପାଖକୁ ଚିଠାଉ ଯାଇଥିଲା; ରାଜ୍ୟହୀନ ରାଜାଙ୍କର ନିମନ୍ତ୍ରଣକୁ ସେମାନେ ବି ପ୍ରାସଙ୍ଗରେ

Digitized by srujanika@gmail.com

ପକାଇନାହାନ୍ତି । ଅସଲ କଥା, ଭଲ ପାଉଣା, ଏପରି କି ଭଲ ସିଧାଟିଏ ମିଳିବାର ଆଶା ହେଉନାହିଁ—

ଏଇ ନାନାମାନ ଏଇ କାକରା
ଏଇଥିପାଇଁକି ଏତେ ଡାକରା !

ଆରମ୍ଭ ଭୁବନାନନ୍ଦ, ଆଡ଼ମ୍ବରଟା ପମ୍ପା । ହାଙ୍କିଖିଆ କଇଥ ଯେ ରଜା ସେ ମାନେ ରଜା ପରି ଦିଶନ୍ତି, ରଜା ନୁହନ୍ତି । କହନ୍ତି ଯେତେ ନୁହନ୍ତି ତେତେ । ଉପରକୁ ଭୁବନମୋହନ ଖୋସା ଦେଖାଇ କି ଲାଭ ? ଭିତରେ ଯେ ବାୟାଚଢ଼େଇ ବସା

କେବଳ ଜଗନ୍ନାଥଙ୍କ ପଣ୍ଡା ଆସିଛନ୍ତି । ଜଗନ୍ନାଥେ ସୁଖର ଦୁଃଖର; ସମସ୍ତେ ଗୁଡ଼ିଗଲେ ବୋଲି କଣ ଜଗନ୍ନାଥେ ଗୁଡ଼ିପିବେ ?

ଶ୍ରୀମନ୍ଦିରରେ ତାଳମୂଳ ବଂଶର ସେବା ଅଧିକାର ଅଛି, ଠାକୁର-ରାଜା ଦେଇଛନ୍ତି । ପଣ୍ଡା ନ ଆସିବେ କେମିତି ?

ପୁରୀ ପଣ୍ଡାଙ୍କୁ ଦେଖି କାର୍ତ୍ତିଚନ୍ଦ୍ର ଆଶ୍ୱସ୍ତ । ସବୁ ଆଉ ଗୁଡ଼ବାଡ଼ ହେଲେ ବି ଜଗନ୍ନାଥ କୋଳଛଡ଼ା କରନାହାନ୍ତି । ସେଇଥିଲାଗି ତ କହନ୍ତି—ସାରା ଜଗତର ଠାକୁର ସେ ।

ପୁରୀ ପଣ୍ଡା ଆଣିଛନ୍ତି ବିନ୍ଦୁସାଗରର ଜଳ—ବିନ୍ଦୁଏ ବିନ୍ଦୁଏ କରି ସବୁ ତୀର୍ଥ ଜଳ ପକାଯାଇ ବିନ୍ଦୁସାଗର ହ୍ରଦ ଗଢ଼ାଯାଇଛି, ଆଣିଛନ୍ତି କୋଟିତୀର୍ଥର ଜଳ, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର, ଶ୍ୱେତଗଙ୍ଗା, ମାର୍କଣ୍ଡେଶ୍ୱର; ଏଇ ପଞ୍ଚତୀର୍ଥର ଜଳ, ସର୍ବୋପରି ତୀର୍ଥରାଜ ସମୁଦ୍ରର ଜଳ, ଓଡ଼ିଶା ତ ଗୋଟିଏ ଶ୍ରେଷ୍ଠ କାଠର ଭାରତବର୍ଷ, ଏଠି ଭାରତର କୋଉ ଦୃଶ୍ୟ ନାହିଁ, କୋଉ ତୀର୍ଥ ବା ନାହିଁ ।

ପୁରୋହିତେ ସେଇ ତୀର୍ଥବାରି ରାଜାରାଣୀଙ୍କ ମୁଣ୍ଡରେ ଛିଞ୍ଚିଦେଲେ । ପାଟମହାଦେଈ କାର୍ତ୍ତିଚନ୍ଦ୍ରଙ୍କ ମୁଣ୍ଡରେ ଶାଢ଼ୀ ବାନ୍ଧି ପାଟଖଣ୍ଡା ଧରାଇ ଦେଲେ, ରାଜା ଆଉ ରାଣୀଙ୍କ ଗଳାରେ ଫୁଲମାଳା ପିନ୍ଧାଇଦେଲେ

Digitized by srujanika@gmail.com

ସାତଜଣ ବ୍ରାହ୍ମଣ ଆଶୀର୍ବାଦ କୋଲେ ସାତଜଣ ବ୍ରାହ୍ମଣୀ ଦୂବ ବରକୋଳି ପତ୍ର ଓ ହଳଦିଆ ଧଳା ଗୁଣ୍ଡଳ ନେଇ ହୁଳହୁଳି ଦେଇ ଧୂପଦୀପରେ ରାଜାରାଣୀଙ୍କୁ ବନ୍ଦାପନା କଲେ ।

ବ୍ରାହ୍ମଣଙ୍କ ଆଶୀର୍ବାଦର ମର୍ମ ଥିଲା—ଉଆସରେ ଚଞ୍ଚଳା ଅଚଞ୍ଚଳା ହୋଇ ରହନ୍ତୁ, କଣ୍ଠଦେଶରେ ସରସ୍ୱତୀ ବିଜେ କରିଥାନ୍ତୁ । ବହୁତ ବନ୍ଧୁବାନ୍ଧବ ହୁଅନ୍ତୁ, ଶତ୍ରୁ କ୍ଷୟ ଯାନ୍ତୁ । ଦେଶେ ଦେଶେ କୀର୍ତ୍ତି ବିସ୍ତୃତ ହେଉ । ରାଜଲକ୍ଷ୍ମୀଙ୍କର ମହିମା ସବୁଠି ପ୍ରକାଶ ପାଉ ।

ରାଜା କୀର୍ତ୍ତିଚନ୍ଦ୍ର ଜାଣନ୍ତି—ଏ ଆଶୀର୍ବାଦ କଣ; ରାଜବାଟିରୁ ଲକ୍ଷ୍ମୀ ବିଦାୟ ନେଇଛନ୍ତି । ପିଲାଦିନେ ନେଳେଜବାମାଙ୍କ ପ୍ରଭାବରେ ଯେଉଁ ଖଣ୍ଡିଏ କାବ୍ୟ ଲେଖିଥିଲେ, ସେଇଦିନୁଁ ସରସ୍ୱତୀ ବି ବିଦାୟ ନେଇଛନ୍ତି । କେତେ ବନ୍ଧୁ ବଢ଼ିଛନ୍ତି ଅଭିଷେକରୁ ତ ବୁଝିହେଉଛି । ଧନ ନାହିଁ କି କ୍ଷମତା ନାହିଁ । କିଏ ଶତ୍ରୁ ହେବ କାହିଁକି ? ତଥାପି ପୁରୁଣା ଚଳଣି, ମୁଣ୍ଡ ପାତି ବୋହିବାକୁ ହେବ !

ଅଭିଷେକ ପରେ 'ପାଟବର' ପୂଜା—ଅର୍ଥାତ୍ ଦେବୀ ଦୁର୍ଗାଙ୍କ ପୂଜା ଓ ବଳି । ଦେବୀଙ୍କୁ ସମର୍ପଣ ପରେ ଶାଢ଼ୀ ଆଣି ଦେହୁରୀ ରଜାଙ୍କ ମୁଣ୍ଡରେ ବାନ୍ଧିଦିଏ ।

ତାଳମୂଳ ରାଜ୍ୟ ଦିନେ ଶଅରର ଥିଲା । ଏଠି ଶଅର ରାଜା ଶାସନ କରୁଥିଲେ । ତାର ସୂଚନା ଏଇ ଅଭିଷେକ ପ୍ରଥା ମଧ୍ୟରେ ରହି-ଯାଇଚି । ଅଭିଷେକ ପରେ ଶଅରୁଣୀ ନୂଆ ରଜାଙ୍କୁ କୋଳରେ ବସାଏ । କପାଳରେ ସିନ୍ଦୂର, ଆଖିରେ କଜ୍ଜଳ ଲଗାଇଦିଏ । ଶାଢ଼ୀ କାହୁଁ ପାଇବ ? ତା ବଦଳରେ ଖଣ୍ଡେ ଶିଆଳୀ ଲଟା ମୁଣ୍ଡରେ ବାନ୍ଧି ଦିଏ, କହେ—ଆମେ ତତେ ରଜା କଲୁ, ତୁ ଭଲରେ ମୁଲକ ଚଳା ।

ହିଙ୍ଗୁଳା ଠାକୁରାଣୀ ଇଷ୍ଟଦେବୀ, ବାଘ ରୂପରେ ସେ ତାଳମୂଳର ଶତ୍ରୁ ନାଶ କରିଛନ୍ତି, ବାଘମୁଣ୍ଡ ଏବେ ତାଳମୂଳ ରାଜବଂଶର ସଙ୍କେତ ।

Digitized by srujanika@gmail.com

ହିଙ୍ଗୁଳା ଠାକରାଣୀ—ହୁତୁ ହୁତୁ ଜଳୁଥିବା ନିଆଁରେ ତାଙ୍କ ଉଗ୍ର ରୂପ ପ୍ରକାଶ ପାଏ । କେତେବେଳେ ସେ କୋଉଠ ଜଳି ଉଠନ୍ତି । କାହାକୁ ପୋଡ଼ି ପକାନ୍ତି, ଗାଁ ଗଣ୍ଡା ଜାଳଦିଅନ୍ତି । ତାଙ୍କ କୋପ ସମ୍ଭାଳି ପାରିବ କିଏ ?

ଖରାଦିନେ ତାଙ୍କ ପ୍ରକୋପ ବେଶୀ—ବଣ ପୋଡ଼ନ୍ତି । ତାଳମୂଳ ପରି କୋଇଲି ରାଜ୍ୟରେ ସବୁଠି ଜଳିଉଠନ୍ତି ସେ । ହିଙ୍ଗୁଳାଙ୍କ କ୍ରୋଧରୁ ନିସ୍ତାର ନାହିଁ, ଘରଦ୍ୱାର, ଧନଦଉଲତ ଘଡ଼ିକେ ପୋଡ଼ି ନାରଖାର ହୋଇଯାଏ । ପୋଡ଼ାଜଳାରୁ ରକ୍ଷା ପାଇବା ପାଇଁ ଲୋକେ ତାଙ୍କୁ ପୂଜନ୍ତି । ଯାତ୍ରାଦିନ ହୋମ ନିଆଁ ବହୁତ ଉପରକୁ ଉଠେ, ଲୋକେ ଗୁହାକୁ ଗୁହା ଏଇ ଜଳନ୍ତା ଦେବୀଙ୍କ ଉପରକୁ ଗୋଚ୍ଛ ଗୋଚ୍ଛ ଖୋଷ, ପକାଉଥାନ୍ତି, ତାଙ୍କ ଉପରେ ଘିଅ, ଗୁଡ଼, କନ୍ଦ ଢାଳୁଥାନ୍ତି, ନଡ଼ିଆ ବି ପକାଉଥାନ୍ତି । ଛେଳି କୁକୁଡ଼ା ବି ଫିଙ୍ଗୁଥାନ୍ତି । ଯେ ପଡ଼ିବାର ପଡ଼େ, ଯିଏ ନିଆଁକୁ ଡେଇଁ ଉଡ଼ିଯାଏ ସେ ରକ୍ଷା ପାଇଯାଏ ।

ହିଙ୍ଗୁଳାଙ୍କର ମୂର୍ତ୍ତି ନାହିଁ, ତାଙ୍କର ପ୍ରତୀକ ଦୁଇଟି କାଷ୍ଠ ସ୍ତମ୍ଭ ମାତ୍ର । ନୂଆ ରଜା ହେଲେ ସ୍ତମ୍ଭ ବଦଳେ । ଯୋଉ ଦେହୁରୀ ପୁରୁଣା ସ୍ତମ୍ଭ ଓପାଡ଼ି ନୂଆ ସ୍ତମ୍ଭ ପୋତେ, ସେ ମରେ । ଦେହୁରୀକୁ ତ ସେ କାର୍ଯ୍ୟ କରିବାକୁ ହୁଏ । ତା ନହେଲେ ଅଭିଷେକ ଲୋକ ଆଖିରେ ସିଦ୍ଧ ହୁଏନି । ଦେହୁରୀ ସ୍ତମ୍ଭ ବଦଳାଏ, ତିନି ମାଣ ଜମି ଜାଗିରି ପାଏ । ବହୁ ଧନ-ରତ୍ନ ପାଏ । ବଳି, ପୂଜା ପରେ ଦେହୁରୀ ରାଜାଙ୍କ ମୁଣ୍ଡରେ ଶାଢ଼ୀ ବାନ୍ଧିଥାଏ ।

କନକେଇ ଠାକୁରାଣୀ ଓ ଅନ୍ୟାନ୍ୟ ଦେବାଦେବୀ ଦର୍ଶନ, ଗୁରୁଦର୍ଶନ ପରେ ରାଜା ଏଥର ରାଜଧାନୀ ପରିକ୍ରମାରେ ଗଲେ ନାହିଁ । କୋଉ ମୁହଁରେ ବା ଯିବେ ? ପଟୁଆରରେ କିଏ ବା ଯିବ ? ରାଜବେଶ ପିନ୍ଧି ପଦାକୁ ବାହାରିବାକୁ ସେ ଲାଜ ମାଡ଼ୁଛି ।

ରାଜାଙ୍କ ନଅର ପ୍ରବେଶ ପରେ ରାଜଦର୍ଶନ । ମନ୍ତ୍ରୀ ଦର୍ଶନରେ କିଛି ଫଳ ଫଳିପାରେ, ରାଜ ଦର୍ଶନରେ କି ଲାଭ ? ବୁଢ଼ା ବୁଢ଼ା ପ୍ରଜାଏ

Digitized by srujanika@gmail.com

ନିରସ୍ତ ରହିଲେ । ଆସିଲେ ରାଜବଂଶୀୟ ସାମନ୍ତ, କେତେକ ଖାବଡ଼ାବୁସି, କିଏ ଘଣ୍ଟାଟିଏ, କିଏ ଫାଉଣ୍ଟେନ ପେ କିଏ କୁକର୍ ବା ଷ୍ଟୋଭଟିଏ ବା ଷ୍ଟେନ୍‌ଲେସ୍ ବାସନ ସେଟ୍‌ଟିଏ, ସେଟ୍ ବା ରେଡ଼ିଓଟିଏ ନେଇ । ଯେ ରଜାଙ୍କ ହକର ଖାନ୍ତି, ଜମି ଭୋଗ କରନ୍ତି, ଡ଼ିହରେ ପଡ଼ିଛନ୍ତି ବା କୋଉ ପ୍ରକାରେ ରାଜ ଅନୁଗ୍ରହରେ ଚଳନ୍ତି, ସେମାନଙ୍କ ଭିତରୁ କିଏ ସରୁ ଚାଉଳ ବସ୍ତାଟିଏ, ମୁଗ, ବିରି ବା ସୋରିଷ ବସ୍ତାଟିଏ, କିଏ ସାରୁ, କଖାରୁ, କଦଳୀ, ଖମ୍ବଆଳୁ ବେତାଏ ଦର୍ଶନୀ ନେଇ ଆସିଛନ୍ତି । ଯେମିତି ଠାକୁରଦର୍ଶନ, ସେମିତି ରାଜଦର୍ଶନ । ଭୋଗରାଗ ନ ଦେଇ ପାରିଲେ ଫୁଲ କେଣ୍ଡାଟିଏ ବା ଘିଅ ଦୀପଟିଏ ଦେବାକୁ ହୁଏ । ବିନା ଦର୍ଶନୀରେ ଠାକୁରଦର୍ଶନ ବା ରାଜଦର୍ଶନ ପାପ ।

ଏଥର ଯାତ୍ରା ବା ଥିଏଟରଦଳ ଆସିନାହାନ୍ତି । ସେମିତି ନାମଜାଦା ଗାୟକଙ୍କୁ ବି ଡକା ହୋଇନାହିଁ ! ବାରାଣସୀର ବେଶ୍ୟା ନାଚ ବ୍ୟବସ୍ଥା ବି ହୋଇନାହିଁ । ଏସବୁ ପାଇଁ ପଇସା କାହିଁ ? ମନରେ ବା କୋଉ ସରାଗ ଅଛି ?

ତଥାପି ସଙ୍ଗୀତ ବୈଠକଟିଏ କେତେକ ସ୍ଥାନୀୟ ଓସ୍ତାଦ୍‌ଙ୍କୁ ନେଇ ହୋଇଥିଲା । ନବୀନବାବୁ କଲିକତା ସଙ୍ଗୀତ ମହାବିଦ୍ୟାଳୟର ଗୁରୁ, ରାଜା କୀର୍ତ୍ତିଚନ୍ଦ୍ରଙ୍କର ବାଲ୍ୟବନ୍ଧୁ । ଅଭିଷେକରେ ଯୋଗ ଦେବା ଲାଗି ସେ ଛୁଟି ନେଇ ଆସିଛନ୍ତି—ସେ ଏଇ ବୈଠକରେ ସ୍ୱର ଲମ୍ବାଇଲେ ।

ରାଜଭୋଜିରେ ମିଠା ପ୍ରଧାନ, ଖଜା, ମିଠାଇ, ଗଜା, ଅମାଲୁ, ପୁଚୁକାକରା, ଆରିଷା, ଲଡ଼ୁ, ଝିଲପି—ମୂଳରେ ମିଠା, ମଝିରେ ମିଠା, ଶେଷକୁ ବି ସେଇ ମିଠା—ରଜାଘରେ ଖଟା, ପିତା, କଷାର କଳ୍ପନା କରାଯାଇ ନ ପାରେ, ତେଣୁ ମିଠାରେ ପାଟି ବାନ୍ଧିଗଲା । ସଂସାରର ବହୁତ କଟୁ ପିତା, କଷା ଉଆସ ଭିତରକୁ ପଶି ଆସିଥିଲେ ବି ତାର କ୍ଷୀଣ ପରିଚୟ ଭୋଜିରେ ମିଳିଲା ନାହିଁ ।

ଏମିତି ଅଭିଷେକ ସରିଲା,
ଫୁଲ ଗଛଟି ମରିଲା ।

Digitized by srujanika@gmail.com

ରାଜା କୀର୍ତ୍ତିଚନ୍ଦ୍ର ସେ ଫୁଲଗଛ । ମନରେ କେମିତି ଗୋଟେ ପୋଡ଼ାଜଳା ବ୍ୟଥା ଅନୁଭବ କଲେ ସେ । କିଛୁ କୋହଲାର ଭାବ, ମିଛ ବଡ଼ତି ଦେଖାଇ ଭାଙ୍ଗିଗଲାର ଭାବ । ତଥାର ଗ୍ଲାନି ।

ଇତିହାସର ଏ କି ଉପହାସ ! ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର ।

ରାଜା ଦିନେ ରାଜ୍ୟର ଥିଲା ମୁଣ୍ଡିଆଳ । ତାର କୋଉ କଥା ତଳେ ପଡ଼ୁ ନଥିଲା । ମୁହଁରୁ ଆଦେଶ ନ ବାହାରୁଣୁ କେତେ ଲୋକ ଝୁମୁଁ ଝୁମୁଁ କହି ପାଳିବାକୁ ତତ୍ପର ହୋଇ ଉଠୁଥିଲେ । ରାଜାର ଧର୍ମ ପ୍ରଜାର ଧର୍ମ ଥିଲା । ଲୋକେ କହୁଥିଲେ—ତାପରେ କେବଳ ରଜାଙ୍କ କଥା । 'ଗୋଟିଏ ଦେଶରେ ଜଣେ ରଜା ଥିଲେ । ତାଙ୍କ ରାଣୀଙ୍କ କଥା, ଯୁବରାଜଙ୍କ କଥା, ଉଆସ କଥା, ତାଙ୍କ କଥା ଛଡ଼ା ଯେମିତିକି ଆଉ କଥା ନାହିଁ । ପ୍ରଜାଙ୍କ ମନ ଚହ୍ଲିବାକୁ ମନ ନ ଥିଲା । ପ୍ରଜାଙ୍କ କଥା ଶୁଣିବାକୁ କାନ ନଥିଲା । ଆଜି ଏ କଣ ହେଲାରେ ! ଯୁଗଟା ଏକଦମ୍ ଓଲଟି ଗଲା । ରଜାଙ୍କୁ ବାସି ମୁହଁରେ ପଚାରୁ ନାହାନ୍ତି କେହି । କେତେ କେତେ ଶିଳ୍ପବାଣିଜ୍ୟକୋଠି, କେତେ କେତେ ଗାଡ଼ି । ରଜା ଉଆସକୁ ବଳି ନଅର ତୋଳିଛନ୍ତି ବ୍ୟବସାୟୀ ।

କୁଆଡ଼େ ଗଲେ ସେ ଶକ୍ତିଶାଳୀ ବ୍ରିଟିସ୍ କେଶରୀ ! ତାଙ୍କ ହେଣ୍ଟାଳରେ ଦିନେ ଉଠୁଥିଲା ପଡୁଥିଲା ପୃଥିବୀର ଗୁଡ଼; ଏତେ ବଡ଼ ସାମ୍ରାଜ୍ୟ ଯେ, ଏଠି ସୂର୍ଯ୍ୟ ଅସ୍ତ ହେଲେ ଆଉ କୋଉଠି ଉଦୟ ହେଉଥିଲା । ଏ କଣରେ ଅମାବାସ୍ୟା ହୋଇଥିଲେ ସେ କଣରେ ହେଉଥିଲା ପୂର୍ଣ୍ଣିମା । କେତେ କେତେ ବୀର, ଅସ୍ତ୍ର ଶସ୍ତ୍ର ଆଉ ଧନରେ ବଳୀୟାର ଦେଶ, ଯାହା ସଙ୍ଗେ ପନ୍ଝା ମିଳେଇବାକୁ ଡରୁଥିଲେ, ତାଙ୍କ ମୁଛକୁ ଧରି ଝିଙ୍କେଇ ଦେଲା ଜଣେ ଅଧା ଲଙ୍ଗଳା ଫକୀର ! କ'ଣ କହନ୍ତି—

ବିଲେଇ ଅଣସୁ ରୁଷା ଦେଖି
ମୂଷା ମାରୁଚି ଆଖି ।

ଏ ସେମିତି କଥା ।

Digitized by srujanika@gmail.com

॥ ତିନି ॥

ଗାନ୍ଧନ.ସୀନ ଗହଳଚହଳ ଭାଙ୍ଗିଲାବେଳକୁ ରାତି ଅଧ—ଦୋତାଲା ଉପରକୁ ଉଠି ଅନାଇଲା ବେଳକୁ ବ୍ରାହ୍ମଣୀ ନଈ ଉପରେ ବହଳ ଗୃନ୍ଧମା—ତାକୁ ମଳିନ କରି ଦେଇଛି ପୁଷମାସର ନାଳୀ କୁହୁଡ଼ି । ନଈର ଫାଳକକର ପାଣି, ଫାଳକରେ ବାଲି ହେଲେ ବି କୁହୁଡ଼ିଆ ଗୃନ୍ଧମା ଯୋଗୁଁ ପାଣି ଏକୂଳ ସେ କୂଳ ଖାଇଲା ପରି ଦିଶୁଚି । ଏତେ ରାତିରେ ବୋବେଇ ବୋବେଇ ଏ ଟେଣ୍ଟୋଇଟି କୁଆଡ଼େ ଭାସି ଯାଉଚି ? ତା ଆଖିରେ ନିଦ ନାହିଁ କାହିଁକି ?

ରାତି ଅଧ କି ତିନି ପହରକୁ ରାଜା କୀର୍ତ୍ତିଚନ୍ଦ୍ରଙ୍କର ପହଡ଼ ପଡ଼େ, ଆଜି ଆଖି କଷା ପଡ଼ୁନାହିଁ । ହାତୀଦାନ୍ତ ପଲଙ୍କରେ ହଂସତୁଳି ଶେଯରେ ରାଣୀ ସୁରତରଙ୍ଗିଣୀ ବସିଛନ୍ତି । ଅଳଙ୍କାର ଝଲମଲ, ଏଠି ସେଠି ଆଲୁଅ ଟୋପା ଛିଟିକି ପଡ଼ୁଚି । ରଜାଙ୍କ ମନରେ ଭାବନା ପଶିଚି, ସେ ଗମ୍ଭୀର, ସେ ଗାମ୍ଭୀର୍ଯ୍ୟ ରାଣୀଙ୍କି ସଙ୍କୋଚିତ କରିଛି । ରାଜା କେତେ କାଳ ଭାବି ଭାବି ମୁହଁ ଖୋଲି ଏତିକିମାତ୍ର କହିଲେ—

କ'ଣ ଥିଲୁ
କ'ଣ ହେଲୁ ଆମେ !

କିସ ପୁଣି ଦେଖା ନ ଯାଏ·

ଭିତର ଦାସୀ ମଦାଳସା ଉପରୁ ତଳକୁ ତଳୁ ଉପରକୁ ଯା ଆସ କରୁଚି, ବଡ଼ଆ ଯୋଗଉଚି, ଆଜ୍ଞାକୁ ଅବଧାନ ରହୁଚି ।

ରାଣୀ ସୁରତରଙ୍ଗିଣୀ, ବ୍ରାହ୍ମଣୀ ନଈର ସେଇ ମଇଳା ଗୃନ୍ଧମା ପରି କରୁଣ ରୂପ, ଆଜିର ପ୍ରହସନ ମନର ସବୁ ଭାଙ୍ଗି ଦେଇଚି, ତଥାପି

Digitized by srujanika@gmail.com

ସେ ଚେଷ୍ଟା କରୁଛନ୍ତି ସ୍ୱାମୀଙ୍କ ଦୁଃଖକୁ ନିଜ ଉପରକୁ କିଛି ଖସେଇ ନେବା ଲାଗି । ସେ ବୁଝଉଛନ୍ତି—

ନାଥ, ବୃଥା ଭାବନା କରି କି ଲାଭ ? ଯେତେବେଳେ ଯାହା ଭାଗ୍ୟ ପଡ଼ିବ, ଭୋଗିବାକୁ ତ ହେବ । ରଜା, ପ୍ରଜା କାହାକୁ ରୋଗ, ଶୋକ ବା ବିପତ୍ତି ଛାଡ଼ିଛି ? କିଏ ଛାତିରେ ହାତ ଦେଇ କହିପାରିବ— ତାର ଚଉଦ ପୁରୁଷ ସୁଖରେ ସଂସାର କରିଯାଇଛନ୍ତି ବୋଲି ?

"ପ୍ରିୟେ, ମୋର କଣ ଦୋଷ ହେଲା ? ରାଜବଂଶରେ ଜନ୍ମହୋଇ ମୁଁ ରଜା ନ ହୋଇପାରିଲି କାହିଁକି ? ବଡ଼ବଡ଼ଆଙ୍କ ଭିତରୁ କାହାର କଣ ପାପ ଥିଲେ ଥିବ, ତାର ଫଳ ମୁଁ ଭୋଗ କରିବି କାହିଁକି ? ଯଦି ପାପ ଭୋଗ ହେଲା, ପୁଣ୍ୟ କାହିଁକି ଭୋଗ ନ ହେବ ? ସେମାନେ ତ ବହୁତ ପୁଣ୍ୟ କରିଥିବେ । ପାପର ବଳ କଣ ପୁଣ୍ୟ ବଳଠାରୁ ବେଶୀ ?" "ରଜା କଣ ପାପ କରନ୍ତି ? ଯାହା କରନ୍ତି, ତାକୁ ପାପ ବୋଲି କିଏ କହେ ? ତାଙ୍କ ହାତରେ ତ ଦଣ୍ଡ, ପାପ କଲେ ବି ତାର ବିଚାର କରେ କିଏ ? ଶାସ୍ତି ବା ଦେଇପାରେ କିଏ ? ଦେଲେ ଦଉଥିବ ଦୈବ ।

ପାପୀ ରଜାର ପାପ ଫଳରୁ କଣ ପୁଅ ରଜା ହୁଏ ନାହିଁ ?"

"ହିଁ ହୁଏ ଯେ...ହେଲେ ମୋ ପରି କିଏ ? ନୁଖୁରା ରଜା ! ଭାବିଲେ ଛାତି କଅଣ ହୋଇଯାଏ ।"

"ଏ ରାଜବଂଶର ପାପ ଭାଗ କେତେ, ପୁଣ୍ୟ ଭାଗ କେତେ ମୁଁ ଜାଣେନାହିଁ । ସୁଜନଗଡ଼ ରାଜାଙ୍କର ବଡ଼ ଜେମାମଣି ମୁଁ, ଗୋଲାପ ଜଳରେ ଗାଧଉ ଥିଲି, ପାଟ ପାଏଡ଼ାରେ ଶୋଉଥିଲି, ସୁନା ଗିନ୍ନିରେ ଦୁଧ ପିଇ ବଢ଼ିଥିଲି । କି କାଳ ଚଢ଼କ ପଡ଼ିଲା, ରାଜବାଟିରେ କାହା ଦେହରେ ସେ ନିଆଁ ଝୁଲ ନ ପଡ଼ିଛି ନାହିଁ, ମୋର ଯୋଉ ଭାଇମାନେ ବଦନ ବୋହିଥିଲେ, ଦେହରୁ ମାଛି ଖସି ପଡ଼ୁଥିଲା, ସେମାନେ ଭାବି ଭାବି କଙ୍କାଳସାର ହେଲେ । ମେଘନାଦ ପାଚେରୀଗୁଡ଼ା ବିନା ବତାସରେ ଭୁଷୁଡ଼ି ପଡ଼ିଲା । ସିଂହ ଦରଜାର ସେ ସିଂହଟା ମୁହଁ ମାଡ଼ି ପଡ଼ିଥିଲା,

Digitized by srujanika@gmail.com

କେହି ଉଠାଇ ନ ଥିଲ । ଘରର ଶଙ୍ଖମଲମଲ ପଥର ଚଟ୍ଟାଣ ହୋଇ ବର୍ଣ୍ଣି ହେଉଥିଲ—ବଙ୍କା ହେଉଥିଲ ଝାନ୍ସିରାଣୀ ଲକ୍ଷ୍ମୀବାଈଙ୍କର ସେଇ ମାର୍ବଲ ମୂର୍ତ୍ତିଟି, ଫୁଆରା ଆଉ ସବୁଜ ଘାସ ପଡିଆ ସାମ୍ନାରେ ଖୋଲା ଖଣ୍ଡା ହାତରେ ଘୋଡ଼ା ଉପରେ ଝପଟିବା ଭଙ୍ଗୀରେ ଥିଲ ।

କବିବର ରାଧାନାଥ ଗଡ଼ଜାତ ରଜାଙ୍କୁ କାଠସିଂହ ବୋଲି କହିଛନ୍ତି, ସିଂହର ପ୍ରକୃତ କ୍ଷମତା ତା ପାଖେ ନ ଥିଲ ବୋଲି । ରାଜ୍ୟରେ ଯେତେ ଯେତେ ପାପ କାର୍ଯ୍ୟ ହୁଏ, ସବୁ ଜାଣି ନ ଜାଣିଲ ପରି ସେ ରହେ ।

ଦୁଷ୍ଟଙ୍କୁ ମାରି ସନ୍ଥଙ୍କୁ ପାଳିବା ରଜାର ଧର୍ମ । ରାଜା ସେ କାମ ନ କରି ଦିନରାତି ଭୋଗରେ ବୁଡ଼ି ରହିଲ୍, ଦଳେ ଅମଣିଷଙ୍କ ମେଳରେ ଅତି ଅମଣିଷ ହୋଇ ବହୁତ ତଳକୁ ଖସିଗଲ ।”

‘କୁଆଁ ତାରା ଉଠିଲଣି, ବଣଚଢ଼େଇ ସକାଳ ଗୀତ ଲାଗି କଣ୍ଠ ସଫା କଲେଣି; ସାଇଁ ସାଇଁ ଶବ୍ଦ କରି ଉଡ଼ିଗଲେଣି ଧାନଖିଆ । ରାତି-ସାରା ତ ଅନିଦ୍ରା, ଆଉ କଣ ନିଦ ଲାଗିବ ?

ତାଳମୂଳର ବଡ଼ବଡ଼ଆଙ୍କ କାହାଣୀ ଟିକିଏ କହ, ମୋର ଦାଇନ ।’

ରାଜା ହରିଶ୍ଚନ୍ଦ୍ର କହିଲେ—‘ରାଣୀ, ଶୁଣିବାକୁ ତୁମର ମନ, ପୂର୍ବ କଥାସବୁ ଉଗାରି ନ ପକାଇଲେ ମୋ ମନରେ ଶାନ୍ତି ଆସିବ ନାଇଁ, ଦେଖୁଚ—

ଆମର ଏ ତାଳମୂଳ ଗୋଟିଏ ପାହାଡ଼ୀ ମୂଲକ, ତାକୁ ଘୋର ଜଙ୍ଗଲ ଘୋଡ଼ାଇ ରଖିଥିଲ; ଏଠି ବାଘ କହୁଥିଲ ମୁଁ, ଭାଲୁ କହୁଥିଲ ମୁଁ । ଅହିରାଜ, ଅଜଗର, ଚିତିସାପ ଭେଳା ଭେଳା; ସେମିତି ନଈ ଗଣ୍ଡରେ କୁମ୍ଭୀର ।

କନ୍ଧ, ନହୁରା, ଶଅରେ, ତଅଁଳା, ଘଣ୍ଟରା ଏହାର ପହିଲି ବାସିନ୍ଦା; ପଶୁ ପିନ୍ଧନ୍ତି, କନ୍ଦା କରିବା, ଆମ୍ବମହୁଲ, ମହୁ, କାଇଡ଼ମ୍ବ,

Digitized by srujanika@gmail.com

ଠେକୁଆ, ମାଙ୍କଡ଼, ମିରଗ, ଶମ୍ବର ମାଉଁସ ଖାନ୍ତି, ଠାକୁର ବା ଠାକୁ-ରାଣୀଙ୍କ ପାଖେ ମେଣ୍ଢା ବଳି ଦିଅନ୍ତି । ସମତଳ କ୍ଷେତରୁ ଯୁବକ ବା ବାଳକଟିଏ ଚୋରିକରି ତାକୁ ଜଗୁଆଳି ଜଗାଇ ରଖନ୍ତି, ତାର ଯାବତୀୟ କାମନା ଅକୁଣ୍ଠଭାବେ ପୂର୍ଣ୍ଣ କରନ୍ତି ।

ବଳିଦିନ ମେଣ୍ଢାର ମୁଣ୍ଡ ଖିଅର କରି ଦିଅନ୍ତି, ଗାଧୋଇ ଦିଅନ୍ତି, ବହୁତ ନିଶା ପିଆଇ ଦିଅନ୍ତି, ଫୁଲମାଳ ପିନ୍ଧାଇ ପଟୁଆର କରନ୍ତି ।

ତାପରେ ତାକୁ ଗୋଟିଏ ଖମ୍ବରେ ବାନ୍ଧି ଦିଅନ୍ତି, ଦିଶାରୀ ତା ବେକରେ ଟିକିଏ କୁରାଢ଼ି ଲଗାଇ ଦିଏ । ରକ୍ତଧାରା ଝରଝର ବୋହିଥାଏ । କନ୍ଧମାନେ ତା ହାଡ଼ ଟିକି ଟିକି କରି ଭାଙ୍ଗି ଦିଅନ୍ତି, ମୁଣ୍ଡକୁ ଛାଡ଼ି ଜୀଅନ୍ତା ଅବସ୍ଥାରେ ଟିକିଏ ଟିକିଏ ମାଉଁସ କାଟି ନିଅନ୍ତି । ନରବଳି ଦେଲେ ଫସଲ ଭଲ ହୁଏ, ବିଶ୍ୱାସ ।

ଅଳ୍ପ କେତେକ ଆର୍ଯ୍ୟ ଆସି ତାଳମୂଳରେ ବସବାସ କରିଥାନ୍ତି । ବ୍ରାହ୍ମଣୀ କୂଳରେ ଉର୍ବର ଜମିରେ ଅଳ୍ପ ଶ୍ରମରେ ଆଣ୍ଠୁଆଣି ଚାଷ । ବାରବାଟି ପଡ଼ିଆ ପଡ଼ିଚି, ଚଷିବାକୁ କିଏ କାହାନ୍ତି ? ଲୋକେ ଖାଇପିଇ ହେଉଡ଼ି ମାରୁଥାନ୍ତି, ପହଲ ପହଲ ଗୋରୁଗାଈ, ମେଣ୍ଢା ଛେଳି, ଚରିବୁଲି ଆଉ ବଣବୁଦାର ପାହାଡ଼ ଲମ୍ବିଚି କୋଉଠୁ କୋଉଯାଏ । ଘିଅ ମହୁରେ ଦେଶ ଭାସୁଚି କହିଲେ ଚଳେ । କେବଳ ଡର—ବଣର ରଜା ମହାବଳ ବାଘକୁ, ଦେଶର ରଜା ବୋଇତା ଶଅରଙ୍କୁ ।

କନ୍ଧ, ନହୁରି, ତଅଁଳାଙ୍କୁ ହଟାଇ ରାଜୁତି କରୁଥାଏ ବୋଇତା । ରଜା ହେଲେ ବି ପାହାଡ଼ ଉପର ତାଳପତ୍ରର କୁଡ଼ିଆ ତାର ଉଆସ, ଫଳମୂଳ, ମାଂସ ତାର ଆହାର । ଚାଷ କରେନାଇଁ. ଚାଷ ସଙ୍ଗେ ବାସର ସମ୍ପର୍କ । ଚାଷ ନ କଲାରୁ ବାସର ଉନ୍ନତି ବି ହୋଇପାରେ ନାଇଁ ।

ଯୁଗ ଯୁଗ ଧରି ଏକା ଧାଡ଼ିର ଜୀବନ ବଣ ପାହାଡ଼ରେ ସ୍ୱାଧୀନ ଚଳାଚଳ, ନାଚଗୀତ, କେହି କାହା ସଙ୍ଗେ ନାହିଁ, କେହି କାହାରିକି ଠକେନାଇଁ, କାହାରିକି ଅବିଶ୍ୱାସ ନାଇଁ, କୁଡ଼ିଆରେ ଚୋରି ପଡ଼େ ନାଇଁ ।

Digitized by srujanika@gmail.com

ହେଲେ ଆର୍ଯ୍ୟଙ୍କର ସୁଖସମୃଦ୍ଧି ସେମାନେ ସହ୍ଯ ପାରନ୍ତନାହିଁ । କେଡ଼େ କେଡ଼େ ଘରେ ସେମାନେ ରହୁଛନ୍ତି, କେ ୍ ବସନ ବୋହୁଛନ୍ତି, କେତେ ଧନଦଉଲତ କମେଇଛନ୍ତି ?

କୃଷି ଅନୁକରଣରେ ସେମାନେ ପାହାଡ଼ରେ ପୋଡ଼ୁକୃଷି କରୁଥିଲେ, ଫସଲ ସେମିତି ଉଠୁ ନଥିଲା ନାହିଁ । ଅନ୍ୟ ଅନ୍ୟ ପାହାଡ଼କୁ ଗଲେ ସିନା, ପାହାଡ଼ ତଳକୁ ଓହ୍ଲାଇଲେ ନାହିଁ; ଜୀବନ ଗତିର କିଛି ହେଲେ ଅଦଳ-ବଦଳକୁ ପସନ୍ଦ କରନ୍ତି ନାହିଁ ସେମାନେ; ଫଳରେ ଯୋଉଠି ରହନ୍ତି ସେଇଠି । ପରିବର୍ତ୍ତନ ନାହିଁ ତ ପ୍ରଗତି ନାହିଁ ।

ଧନୁଶର ଧରି ହଜାର ହଜାର ସଂଖ୍ୟାରେ ସେମାନେ ଚଢ଼ାଉ କରନ୍ତି ଆର୍ଯ୍ୟ ଗାଆଁ ଉପରେ । ଘର ପୋଡ଼ି ଦିଅନ୍ତି । ଧାନଗୃହଳ ବୋହି ନିଅନ୍ତି, ଗାଈ ମେଣ୍ଢା ପଲ୍ଲକୁ ବଣକୁ ଘଉଡ଼ି ନେଇଯାନ୍ତି । ଗାଆଁ ମାନଙ୍କରେ ଏମିତି କଳାକନା ବୁଲିଯାଏ । ସବୁ ଛନ୍ଦଭନ୍ଦ ଥୋଇ-ଥିବ, ମୁହୂର୍ତ୍ତକେ ଖତମ୍ । ଏ ଉପଦ୍ରବ କେତେ ସହିବେ ?

ସେତେବେଳେ ଓଡ଼ିଶାର ସିଂହାସନରେ ବିଜେ କରିଥାନ୍ତି— ବୀରଧୀରବର ନବକୋଟି କର୍ଣ୍ଣାଟୋତ୍କଳକଳବର୍ଗେଶ୍ବର ମହାପ୍ରତାପୀ ଶ୍ରୀ ଶ୍ରୀ ଶ୍ରୀ ଗଜପତି କପିଳେନ୍ଦ୍ର ଦେବ; ଏ ଉପାଧି ତାଙ୍କୁ ମାନୁଥିଲା । ଯେମିତି ଅତୁଳବଳପରାକ୍ରମ, ସେମିତି ପୁରୁଷୋତ୍ତମ; ଗଙ୍ଗାଠାରୁ କାବେରୀ ଓ ତା ପରବର୍ତ୍ତୀ ରାଜ୍ୟମାନ ସେ ଜୟ କରିଥିଲେ । ଶିଳା-ଲେଖସବୁ ଏବେ ତାଙ୍କ କୀର୍ତ୍ତି ଘୋଷଣା କରନ୍ତି ।

ଦକ୍ଷିଣ କଟକାଇରୁ ଫେରିଲା ପରେ ଜଣେ ରାଜପୁତ ବୀର ରାଜଦର୍ଶନ କଲା; ଉଚ୍ଚ ଆସନକୁ ଗୃହିଁ ମାନ୍ୟତା ଦେଖାଇବା କଥା; ହେଲେ ରାଜପୁତ ସାଷ୍ଟାଙ୍ଗ ପ୍ରଣିପାତ ନ କରି ନମସ୍କାରଟିଏ ମାତ୍ର କଲା । ଆଗନ୍ତୁକର ଏ ଦାମ୍ଭିକତା ଦେଖି ଗଜପତି ସମ୍ରାଟ ବିଗିଡ଼ିଲେ—ପ୍ରଣବରୁ ଅଶୁଦ୍ଧ, ଏହା କଥା ଆଉ ଶୁଣିବ କିଏ ? କିଏ ଅଛରେ ଏହାକୁ ନେଇ କଏଦଖାନାରେ ଠୁଙ୍କିଦିଅ । ମୁଣ୍ଡ ଥଣ୍ଡା ହେଲା ପରେ ସେ ବୁଝିବ— 'ଯେ ଦେଶେ ଯାଇ ସେ ଫଳ ଖାଇ' । ଏଠିକି ଆସିଲେ ଏଠା ବିଧି ଅନୁସାରେ ଚାଲିବାକୁ ହେବ ।

Digitized by srujanika@gmail.com

ରଜା [illegible] ନାଁ ପୃଥ୍ୱିରଜ ସିଂହ, ଅସାଧ ସାଧିବା ଲାଗି ଏକୁଟିଆ ବାହାରି ପଡ଼ିଥାଏ। ହୃଦୟର ସାହସ ଏକମାତ୍ର ସମ୍ବଳ।

ସେତେବେଳେ ଗୋଟାଏ ଦନ୍ତାବଳ ପାଗଳ ହୋଇଥାଏ, ରଜାଙ୍କ ପାଟହାତୀ, ରଜା ତାକୁ ମାରିଦେବାକୁ ଚାହୁଁ ନ ଥାନ୍ତି। ଆୟତ୍ତରେ ଆଣିବା ଲାଗି ନାନା ଉପାୟ ଖୋଜି ବ୍ୟର୍ଥ ହୋଇଥାନ୍ତି। ବହୁ ଉପଦ୍ରବ ସୃଷ୍ଟି କରେ ସେ, ଲୋକଙ୍କୁ ଦଳି ମକ୍ଠି ପଳାଇଯାଏ, ଗାଆଁର ଚାଳ କୁଡ଼ିଆସବୁ ଥୋରପାରରେ ଓଲଟ ପକାଏ, ପିଲାଙ୍କୁ ଟେକି ଉପରକୁ ଫିଙ୍ଗିଦିଏ, ତଳେ ପଡ଼ି ଯଦି ଦୈବାତ୍ ବଞ୍ଚେ, ତା ଗୁଣ୍ଡରେ ଗୋଡ଼ଟେ ଥୋଇଦିଏ।

କେତେ କେତେ ବୀର ହଦେଇଗଲେ, ଶେଷକୁ ରଜା ଘୋଷଣା କଲେ—ଯେ ହାତୀକୁ ଜବତ୍ କରିପାରିବ, ତା ମୁଣ୍ଡରେ ରଜ-ଦରବାରରେ ଶାଢ଼ୀ ବନ୍ଧାଯିବ, ବହୁତ ଧନରତ୍ନ ଉପହାର ଦିଆଯିବ। ଏ ସମ୍ବାଦ କାନରେ ବାଜିଲା, ସେ ଉଦ୍ଧତ ଭାବେ ଏ ଆହ୍ୱାନ ଗ୍ରହଣ କଲା, ରଜାଙ୍କୁ ଦାମ୍ଭିକ ଭାଷାରେ ଜବାବ୍ ଦେଲା—ହାତୀକି ଜବତ କରେ କଏ ? ସିଂହ; ଦନ୍ତାବଳକୁ ଆୟତ୍ତରେ ଆଣିପାରିବ କଏ ? ପୃଥ୍ୱିରଜ ସିଂହ !

ସତକୁ ସତ, ପୃଥ୍ୱିରଜ ଓଲଟା ଶୂନ୍ୟ ମାରି ହାତୀ ପିଠିରେ ଉଠି ବସିଲା, ଅଙ୍କୁଶ ମାରି ମାରି ତାକୁ ବଶକୁ ଆଣିଲା। ଶାଢ଼ୀ, ସୁନାବଳା ପିନ୍ଧି ରଜଧାନୀ ପରିକ୍ରମା କଲାବେଳେ ତାଳମୂଳର ପ୍ରଜା ତାଙ୍କର ଶରଣ ପଶିଲେ, ତାଙ୍କୁ ଆଣି ସିଂହାସନରେ ବସାଇଲେ।

ସିଂହ ନାଆଁ ଶୁଣି ବୋଇତା ଗୁନଆଁ; କେତେ ହାଣ ଖାଇଲେ; କାହାକୁ କାହାକୁ ମାରି ଗଛ ଡାଳରେ ଟାଙ୍ଗିଦେଲେ—ମାନେ—ବର ମାଡ଼ ଦେଖି କୋଳଥ ଗୈପା' ହେଉ।

କାହାର କାହାର ହାତ ଗୋଡ଼ କାଟି ଦିଆଗଲା। ତାପରେ ସବୁ ଥଣ୍ଡା ପଡ଼ିଲା, ବୋଇତା·ଆଉ ପାହାଡ଼ ଗୁଡ଼ ତଳକୁ ଓହ୍ଲାଇଲା ନାହିଁ।

Digitized by srujanika@gmail.com

ରାଜା ଓଡ଼ିଆ ଭାଷା ଶିଖିଲେ, କିଛି ଦିନ ପରେ ଖାଣ୍ଟି ଓଡ଼ିଆ ହୋଇଗଲେ, ଦିଅଁ ଦେଉଳ, ବ୍ରତ ବିବାହାଦି କାର୍ଯ୍ୟ କରିବା ପାଇଁ ସେ ପୁରୀରୁ ବ୍ରାହ୍ମଣ ଡକାଇ ଶାସନଟିଏ ବସାଇଲେ—ନାଆଁ ପୃଥ୍ୱୀରାଜପୁର । ସେ ଗାଁରେ ଜଗନ୍ନାଥ ମନ୍ଦିରଟିଏ ତୋଳାଇଲେ, ,ଦୟାନ୍ତି ପୋଖରୀଟିଏ ଖୋଳାଇଲେ, ଚନ୍ଦନକୁ ମଦନମୋହନ ଏଥିରେ ଗୃପ ଖେଳିଲେ ।

ପାଞ୍ଚଶେଣିଆ, ମଦ୍ଦୁଳମରା ଗୁଳ ଘରଟିଏ ସେ ତୋଳାଇଲେ—ଏ ରାଜଉଆସ । ପ୍ରଜା ଭଲରେ ରାଜାର ଭଲ ବିଗୁରି ସେ ଗାଁଗଣ୍ଡା ବୁଲି ପ୍ରଜାଙ୍କ ହାରଗୁହାରି ଶୁଣୁଥିଲେ; କେତେବେଳେ ଘୋଡ଼ାରେ ବା ଶଗଡ଼ ଗାଡ଼ିରେ ବସି ବା ଗୁଲି ଗୁଲି ସେ ଯାଉଥିଲେ ।

ରାଜାଙ୍କୁ ଦେଖିବା ମାତ୍ରେ ଆଦିବାସୀ ପ୍ରଜା ହଳଦିପାଣିରେ ତାଙ୍କ ଗୋଡ଼ ଧୋଇ ଦେଉଥିଲେ; ମାଣ୍ଡିଆ, ମହୁ, ହାଁଡ଼ିଆ ଆଣି ଦେଉଥିଲେ । ଗାଁ ମଝିରେ ଖଣ୍ଡିଏ ପଟି ବା ଜୀର୍ଣ୍ଣ ମସିଣା ଉପରେ ବସି ରାଜା ମାଡ଼ପିଟ୍‌ରୁ ଚୋରିଡକାୟତି ମକଦ୍ଦମା ବୁଝୁଥିଲେ, ସଙ୍ଗେ ସଙ୍ଗେ ରାୟ ଘୋଷଣା କରି ଦେଉଥିଲେ ।

ରାଜା ଆଉ ପ୍ରଜାଙ୍କ ଚଳଣି ଭିତରେ ଆକାଶପାତାଳ ତଫାତ୍ ନ ଥିଲା । ପ୍ରଜାଙ୍କ ଲୁହବୁହା ଧନରେ ସେ ମଉଜମଜଲିସ୍ କରୁ ନ ଥିଲେ ।

ତାପରେ ରାଜୁତି କଲେ ତାଙ୍କ ବଡ଼ପୁଅ ଛତ୍ରିବର ସିଂହ । ସେତେବେଳକୁ ତାଳମୂଳ ଓଡ଼ିଶା ସମ୍ରାଟଙ୍କର ଗୋଟିଏ କରଦ ରାଜ୍ୟ । ଗଜପତିଙ୍କର ଲୋଡ଼ା ପଡ଼ିଲେ ସେ ସୈନ୍ୟସାମନ୍ତ ଯୋଗାଉଥିଲେ ଓ ନିଜ ରାଜ୍ୟରେ ଅଖଣ୍ଡ ସ୍ୱାଧୀନତା ଭୋଗ କରୁଥିଲେ ।

ବିଜୟନଗର ପରାସ୍ତ; ବାହମନୀ ସୁଲତାନଙ୍କ ସଙ୍ଗେ କପିଳେନ୍ଦ୍ରଙ୍କ ଘୋର ଲଢ଼େଇ । ଋଣଦ ଶଗଡ଼ ଲମ୍ବିଥାଏ କୋଡ଼ଏ କୋଉଯାଏ । ଆଗେଇ ଗୁଲିଥାନ୍ତି ଗଜାରୋହୀ, ଅଶ୍ୱାରୋହୀ ବାହିନୀ । ଛତ୍ରିବର ସୈନ୍ୟସାମନ୍ତ ଦେଇ ନିଜେ ଏଇ ଯୁଦ୍ଧରେ ଯୋଗ ଦେଲେ, ଗୋଟିଏ

Digitized by srujanika@gmail.com

ପରେ ଠ ବାହମଣୀ ବାହିନୀକୁ ଏକଦମ୍ ପଦା କରିଦେଲେ । ମଡ଼ା ଉପରେ ପାଦ ଦେଇ ମାଡ଼ିଯିବା ଛଡ଼ା ଅନ୍ୟବାଟ ନ ଥିଲା ।

କପିଳେନ୍ଦ୍ରଙ୍କ ଦୁର୍ଦ୍ଧର୍ଷ ପାଇକବାହିନୀର ତୁଳନା ସେତେବେଳେ ନ ଥିଲା । ସକଳ ପାହାଡ଼ ପର ମାଡ଼ି ଚାଲିଥାନ୍ତି ଅପରାଜେୟ ଦନ୍ତାବଳବାହିନୀ । ପୁରାଣ ଢ଼ଙ୍ଗରେ ମହାକବି ସାରଳା ଦାସ ମହାବୀର କପିଳେନ୍ଦ୍ରଙ୍କ ଦିଗ୍‌ବିଜୟକୁ କାବ୍ୟ ରୂପ ଦେଉଥାନ୍ତି ।

ବିଭିନ୍ନ ରଣାଙ୍ଗନରେ ଋଷିବରଙ୍କ ବୀରତ୍ୱର ପରିଚୟ ପାଇ ଗଜପତି ତାଙ୍କୁ 'ମହାବୀର କେଶରୀ' ଉପାଧି ଦେଇଥାନ୍ତି । କାଞ୍ଚୀ ଅଭିଯାନରେ ଅନୁରୂପ ବୀରତ୍ୱର ପ୍ରମାଣ ଦେବାରୁ ଗଜପତି ପୁରୁଷୋତ୍ତମଦେବ ଶଙ୍ଖମହୁରୀ ସିଲ୍ ସହିତ ପୂର୍ବ ଉପାଧିକୁ ବ୍ୟବହାର କରିବାକୁ ଅନୁମତି ଦେଲେ ।

ତାପରେ ଯୁବରାଜ ଲୋକନାଥ 'ମହାବୀରକେଶରୀ' ଉପାଧି ନେଇ ରାଜା ହେଲେ । ତାଙ୍କ ଇଷ୍ଟଦେବୀ ତାଳମୂଳେଶ୍ୱରୀ ଠାକୁରାଣୀ । ତାଙ୍କ ବେଢ଼ାରେ ଦଶହରାକୁ ହଜାର ହଜାର ବୋଦା, କୁକୁଡ଼ା ବଳି ପଡ଼ୁଥିଲେ, ବଳି ପଡ଼ୁଥିଲା ଗୋଟାଏ ପଣ୍ଡା ମଇଁଷି । ଲାଲ୍ ନଈଟିଏ ପରି ରକ୍ତଧାର ବୋହି ଯାଉଥିଲା । ଜୀବଜନ୍ତୁଙ୍କ ରକ୍ତ ପିଇ ପିଇ ଚିଠା ଲାଗିଥିଲା, ଦେବୀ ଲୋଡ଼ୁଥିଲେ ମଣିଷର ତାଜା ରକ୍ତ ।

ରାଜା ଥରେ ରାଗିଯାଇ କହିଲେ—ଏଇଟା ଦେବୀ ନା ଦାନବୀ ? ମଣିଷକୁ ମାରେଗ, ନବପଦ ରଖିବା ଲାଗି ଆମେ ଦେଉଛୁ ଜୀବବଳି, ସେ ଖୋଜୁଚି ମଣିଷ ବଳି, ଏ ଆଉ ମଣିଷକୁ ରକ୍ଷା କରିବ କଣ ?

ଏତେ ମୁଣ୍ଡ ଖାଇ ତୋଷ ନାହିଁ, ଆଉରି ଜିଭ ଲହ ଲହ କରୁଚି । ଲେଭେଡ଼ାଙ୍କ ଭଳି ଦେହୁରୀଙ୍କ ସପନେଇ ମେରିଆ ମାଗୁଚି । ଆଉ ଯୁଆ ମୁହଁ ଗୁହଁକରି ନାହିଁ । ଯୁଆ କହି ଦେବୀଙ୍କ ତାଡ଼ି ନେଇ ମୁହଁ ମଡ଼ାଇ ବ୍ରାହ୍ମଣୀ ନଈ ବାଲିରେ ଫିଙ୍ଗିଦେଲେ । ଏତିକିରେ ଦେବୀଙ୍କ ମହିମା ଲୋପ ପାଇଲା ।

Digitized by srujanika@gmail.com

ମଣିଷ କଣ ଦେବଦେବୀଙ୍କ ମହିମା ଲୋପ କରିପାରେ ? ଦେବତା କଣ ମରନ୍ତି ? ମଲା ପରେ ତାଙ୍କ ପ୍ରେତ କଣ ଉପଦ୍ରବ ସୃଷ୍ଟି କରିପାରେ ? ହେଲେ ହୋଇଥିବ, କିଏ ଜାଣେ ? ଶୁଣା କଥା ତ ।

ଦେବୀଙ୍କ ପ୍ରେତ କୁଆଡ଼େ ତାଳମୂଳରେ ଲଗାଇଦେଲା ବାଘ-ଗୋଳ । ବାଟଘାଟ ପଡ଼ିଗଲା । ଦିନ ଦିପହରେ ବାଘ ଘର ଭିତରେ ପଶି ଗୋରୁଗାଈ, ଏମିତିକି ମଣିଷକୁ ଟାଣି ନେଉଥିଲା ।

କିଛି ବାଟ ନ ପାଇ ଶେଷକୁ ରଜା କେନ୍ଦୁଆ ଠାକୁରାଣୀଙ୍କି ପୂଜା କଲେ—ଚୂଆ, ହଳଦୀ, ସିନ୍ଦୂର, କଳାଖଡ଼, ରୂପା ଟିକିଲି, ସୁନା ଛତି ଦେଇ ବର୍ଷକୁ ବର୍ଷ ଦେବୀଙ୍କ ଗାଧୁଆ ବେବସ୍ଥା ହେଲା, ବହୁତ ଭୋଗରାଗ ହେଲା । ଜମି ଖଞ୍ଜାପଡ଼ା ହେଲା । ତାପରେ ବାଘ ଉପଦ୍ରବରୁ ରକ୍ଷା ମିଳିଲା ।

ପ୍ରଜା ଗୃହଆୟର ଛ' ଭାଗରୁ ଭାଗେ ରଜାଙ୍କୁ କର ଦେଉ-ଥିଲେ । ଦଶହରାରୁ ଏ ରଜା ସନକଟା ଆରମ୍ଭ କଲେ । ଭଲ କାମ କଲେ ପାତ୍ରମନ୍ତ୍ରୀଙ୍କ ମୁଣ୍ଡରେ ଶାଢ଼ୀଶିରୋପା ବାନ୍ଧୁଥିଲେ, ତାଳପତ୍ରରେ ଦାନ ସନନ୍ଦ ଲେଖାଇ ଶ୍ରୀହସ୍ତ ସନ୍ତକ ଦେଉଥିଲେ । ସେ ପାଟରାଣୀଙ୍କି ସରଘର, ଗନ୍ତାଘର ଭାର ଦେଇଥିଲେ, ତାଙ୍କ ନଜର ଚଳାଚଳ ଖର୍ଚ୍ଚ ଲାଗି ହଳଦୀ ମାଲପା ମାହାଲଟିଏ ଖଞ୍ଜି ଦେଇଥିଲେ ।

ଏ ରଜାଙ୍କର ଗୃର ରାଣୀ, ତଥାପି ପିଲା ବାକଟେ ହେଲାନାହିଁ, ଦିଲୀପ ମହାରାଜା ଯେପରି ନନ୍ଦିନୀର ସେବା କରି ରଘୁଙ୍କୁ ଲାଭ କରିଥିଲେ, ଲୋକନାଥ ସେହିପରି କଲେ । ସେ କୃଷ୍ଣଚନ୍ଦ୍ରଙ୍କ ଶରଣ ନେଲେ, ଗାଈ-ଜଗା ଟୋକାଙ୍କ ସହିତ ମିଶି ବୃନ୍ଦାବନରେ ଗାଈ ଚରାଇଲେ । ତାପରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦୟାରୁ ପୁଅଟିଏ ପାଇଲେ ।

ସେତେବେଳେ ରଜା ରଜାଙ୍କ ଭିତରେ ସୀମା ବିବାଦ ହୋଇ କଳି ଉପୁଜୁଥିଲା, ତୁଣ୍ଡ କଳିରୁ ମୁଣ୍ଡ କୋଡ଼ାକୋଡ଼ି ଯାଏ ଯାଉଥିଲା—କେବେ କେବେ ଝିଅମିଟିଖେଳରୁ ମହାଭାରତ ଯୁଦ୍ଧ ଲାଗି ଯାଉଥିଲା ।

Digitized by srujanika@gmail.com

ଶୁଣିଥିବ—ଅନୁଗୁଳ ଆଉ ଢେଙ୍କାନାଳର ବୁଢ଼ାପଙ୍କ ଯୁଦ୍ଧକଥା । ସେମିତି ଗୋଟାଏ ଯୁଦ୍ଧ ଲଗିଗଲା ତାଳମୂଳର ଲୋକନାଥ ମହାବୀର ଝୋଣଗାଁ ଆଉ ପାଳହଡ଼ାର ଜଗନ୍ନାଥ ପାଳଙ୍କ ମଧ୍ୟରେ । ପହ୍ଲେ ପାଳ କଣ୍ଟେଇକୋଳି କଣ୍ଟାରେ କାନ୍ଥ ପକାଇଲେ, ତାଳମୂଳର କେତେ ଖଣ୍ଡି ଗାଁ ଦଖଲ କରିଦେଲେ, କେତେ ପେଣ୍ଠା ଗାଈଗୋରୁ, କେତେ ପନ୍ଦ୍ଖା ମେଣ୍ଢା ଛେଳି ତଡ଼ି ନେଇଗଲେ । ଗାଈ ଆଉ ମେଣ୍ଢାଜଗାଳୀଙ୍କୁ ନିସ୍ତୁକ ମାଡ଼ ଚଢ଼ାଇଲେ । ସେମାନେ କାନ୍ଦବୋବେଇ ଆସି ସବୁକଥା ବଖାଣ କଲେ ।

ରଜା ଗାଁ ଆଉ ଗାଈଗୋରୁ ଫେରାଇ ଦେବା ଲାଗି ଚିଠିଉ ଲେଖିଲେ । ଦୂତ ଅପମାନ ପାଇ ଫେରିଲା । ତାପରେ ତାଳମୂଳ ସାରା ଗୋଟାଏ ତାତିଲା ଝାଞ୍ଜି ବୋହିଗଲା, ସାଜ୍ ସାଜ୍ ରବ ଖେଳିଗଲା । ବଡ଼ ଭୋରରୁ ଦ’ ରାଜ୍ୟ ସୀମାରେ ଧମାଧୋଟ ଲଢ଼େଇ ଲାଗିଗଲା ।

ଏପଟେ ସେପଟେ କେତୁଟା ହାତୀ, କେତୁଟା ଘୋଡ଼ା ଦଉଡ଼ା-ଦଉଡ଼ି କରୁଥାନ୍ତି, ସୈନ୍ୟମାନେ ଫିଙ୍ଗୁଥାନ୍ତି ପରସ୍ପର ଉପରକୁ ସାବେଳ, ଏକମୁନା, ଘୋଡ଼ାଚଢ଼ାଳୀଙ୍କ ଭିତରେ ଖଣ୍ଡାଯୁଦ୍ଧ ଲାଗିଥାଏ; ସୈନ୍ୟ-ମାନେ ଫଡ଼, ପରଶୁ, ବାଙ୍କ ଛୁରି ବ୍ୟବହାର କରୁଥାନ୍ତି । କେତେକଙ୍କ ଭିତରେ ଧରାଧରି, ପଡ଼ାପଡ଼ି ମଲ୍ଲଯୁଦ୍ଧ ବି ଲାଗି ଯାଇଥାଏ, କେତେ ଜାଗାରେ ଗୋଡ଼ାଗୋଡ଼ି, ଠେଙ୍ଗାରେ ପିଟାପିଟି ହେଉଥାଏ, ଟେକା ପଥର ଫିଙ୍ଗାଫିଙ୍ଗି ବି ଚାଲିଥାଏ । ଯାହାଙ୍କ ହାତରେ ଅସ୍ତ୍ରଶସ୍ତ୍ର ନାହିଁ, ରାଗରୋଷ ମେଣ୍ଟାଇବାକୁ ଚାହାନ୍ତି, ସେମାନେ ଏଇ ପ୍ରକାର ଲଢ଼େଇ କରୁଥାନ୍ତି । ଏ ଫଉଦାରିଟା ଭରି ଗୋଟାଏ ମାର୍‌ପିଟ୍ ପରି ଦିଶୁଥିଲା, ଖୁବ୍ ଧୂଳି ଉଠୁଥିଲା ।

ଏ ଯୁଦ୍ଧର ଶେଷ ମୀମାଂସା କଲା ଯାମୁଖୀ ନଳୀ । ଯାମୁଖୀ ନଳୀର ଗୋଳାରେ ଲହଡ଼ାର କେତେ ଘର ହାତୀ ଶୋଇଗଲେ, କେତେ ହାତୀ ଚମକି ଉଠି ଆପଣା ପକ୍ଷ ସୈନ୍ୟଙ୍କୁ ଚକଟି ମନ୍ଥି ଧାଇଁଲେ ।

Digitized by srujanika@gmail.com

ତାପରେ ପାଲହଡ଼ା ସୈନ୍ୟ ଭଙ୍ଗ ପଳାଇଲେ; ତାଳମୂଳ ସୈନ୍ୟ ଗୋଡ଼ାଇ ଗୋଡାଇ ମାଇଲେ । ଶେଷକୁ ଗୃହ ଦିଗରୁ ଘେରିଗଲେ; ପଳାଇବାକୁ ଗୋଟିଏ ମାତ୍ର ପାହାଡ଼ୀ ଘାଟି, ଘାଟି ମୁହଁରେ ତାଳମୂଳ ସୈନ୍ୟ ତରବାରି ଧରି ଜଗି ବସିଲେ, ଘାଟିରେ ଅଗଣିତ ମୁଣ୍ଡ ଗଡ଼ିଲା ।

ଜଗନ୍ନାଥ ପାଳ ଯୁଦ୍ଧରେ ହାରି ସନ୍ଧିପତ୍ରରେ ସନ୍ତକ କଲେ । ତାଳମୂଳ ହୃତ ଗ୍ରାମ ଓ ଗୋରୁଗାଈ ଫେରି ପାଇଲା, ଯୁଦ୍ଧକ୍ଷେତ୍ର ଅଞ୍ଚଳ ତା ଦଖଲରେ ରହିଲା ।

ରଣକ୍ଷେତ୍ରରେ ଲହଡ଼ାର ଦୁଇଜଣ ବ୍ରାହ୍ମଣ ମରିଥିଲେ । ଲୋକନାଥଙ୍କୁ ବ୍ରହ୍ମହତ୍ୟା ପାତକ ଲାଗିଲା । ପ୍ରାୟଶ୍ଚିତ୍ତ ଲାଗି ସେଇ ଯୁଦ୍ଧ କ୍ଷେତ୍ରରେ ରାଜା 'ଲୋକନାଥପୁର' ନାମରେ ଗୋଟିଏ ବ୍ରାହ୍ମଣ ଶାସନ ବସାଇ ଲାଖରାଜ ବୃତ୍ତି ଖଞ୍ଜିଦେଲେ—ଦାନପତ୍ରରେ ଲେଖିଲେ—'ଆମ୍ଭ ଅଣାପୂର୍ବରୁ ବ୍ରହ୍ମହତ୍ୟା ହେଲାରୁ ବ୍ରହ୍ମହତ୍ୟା ଦୋଷ ବ୍ୟାପୋହନାର୍ଥ ଶାସନ ମହାଦାନ ଅବଧାନ କଲୁଁ । ଏ ଭାଗଭୂମି ବା ୧୪ ମାଣ ଲେଖାଁଏ କରିବ । ଏ ଦେଶ ଆପ୍ୟେ ସୀମାନ୍ତ ଗଛ, ମାଛ, ଜାଣ, ଜୋଡ଼, ଡ଼ିହ, ଡ଼ଙ୍ଗର, ସିଆ, ଲିଆ, ରଇତ, ପରଜା ମଧ୍ୟ ଦାନ କରି ଅବଧାନ କଲୁଁ, ଏ ଭୂମି ସକଳ ଜଳ, ସ୍ଥଳ, ନିଧିନିଖାତ କାଷ୍ଠ ପାଷାଣ ସହିତ ଯାବଚ୍ଚନ୍ଦ୍ରାର୍କେ ଭସ୍ମାନ୍ତକେ ଆପ୍ୟ କରିବ ।

ଏ ଶାସନରେ ଧୋବା ଏକ ଘର, ଭଣ୍ଡାରୀ ଏକ ଘର, ଗଉଡ଼ ଏକ ଘର, ମାଳୀ ଏକ ଘର, କୁମ୍ଭାର ଏକ ଘର, ବଢ଼ାଇ ଏକ ଘର, ତେଲି ଏକ ଘର, ଗୁଡିଆ ଏକ ଘର, ରାଡ଼ି ଏକ.ଘର ରଖିବ । ଏ ପ୍ରାୟଶ୍ଚିତ୍ତକୁ ଏ ଶାସନ କରି ମହାଦାନ କରି ଅବଧାନ କଲୁଁ । ଏଥିରେ ଯେ କେହି ଅନ୍ୟଥା ବର୍ତ୍ତିବ ସେ ବ୍ରହ୍ମହତ୍ୟା ଦୋଷ ପାଇବ ।'

ସନ୍ତକ, ମହାରାଜ

ବାଘ ମୁଣ୍ଡ ଚିହ୍ନ

ଲୋକନାଥଙ୍କ ବଡ଼ ପୁଅ ଦୋଲଗୋବିନ୍ଦ । ସେତେବେଳେ ଓଡିଶାର ସିଂହାସନରେ ବସିଥାନ୍ତି ଶେଷ ସ୍ୱାଧୀନ ରାଜା ତେଲେଙ୍ଗା

Digitized by srujanika@gmail.com

ମୁକୁନ୍ଦ ହରିଚନ୍ଦନ । ମୁସଲମାନମାନେ ଘନ ଘନ ଓଡ଼ିଶା ଆକ୍ରମଣ କରୁଥାନ୍ତି, ଏଣେ ରାଜ୍ୟ ଭିତରେ ବହୁ ବିପ୍ଳବ ମୁଣ୍ଡ ଟେକୁଥାଏ । ସେ ସବୁ ବିପ୍ଳବ ଦମନରେ ସାହାଯ୍ୟ କରୁଥିଲେ ଦୋଳଗୋବିନ୍ଦ । ମୁକୁନ୍ଦ-ଦେବ ଏଥିରେ ତୁଷ୍ଟ ହୋଇ ତାଙ୍କୁ ଧଳାକଳା ଛତ୍ରଚାମର, ପାଉଁଜି ମଶାଲ, ସୁନା ରୂପାର କାହାଳୀ ଉପହାର ଦେଇଥିଲେ । ପଶ୍ଚିମ ଦ୍ୱାର କଳରା ହାଟ ବାଟେ ସେ ବଡ଼ ଦେଉଳ ପ୍ରବେଶ ସିଦ୍ଧି ଲାଭ କରିଥିଲେ, ପ୍ରବେଶ ଆଗରୁ ଦେଉଳଶୋଧ ଆଦେଶ ମିଳିଥିଲା । ଦୋଳଗୋବିନ୍ଦ ପ୍ରତିବର୍ଷ ଦୋଳଯାତ୍ରାବେଳେ ଜଗନ୍ନାଥଙ୍କ ଅବିର ଚର୍ଚ୍ଚା ଲାଗି ମହାରାଜାଙ୍କ ପାଖକୁ ପଚିଶ କାହାଣ କଉଡ଼ି ପଠାଉଥିଲେ ।

ବହୁତ ରଜା, ଜମିଦାର ଆଉ ବଡ଼ଲୋକଙ୍କର ପିଲା ବଞ୍ଚେ ନାହିଁ କାହିଁକି ? ଅଥଚ ଯାହାର କାଣିକଉଡ଼ିଟିଏ ନାହିଁ, ତା ଘରେ ପିଲା ଭେଳା ଭେଳା; ହନ୍ତସନ୍ତ ହେବେ, ଯୋଗିଣୀନାଗୁଣୀ ହୋଇ ଗଡ଼ମଡ଼ିବେ, ସେ ଭଲ; ସରଳବଣୀକି ଥୁ ଥୁ କରିବେ, ସୁନାଦୋଳିରେ ଦୋଳୁଥିବେ, କାଖରୁ କୋଳରୁ ଅନ୍ତର ହେବେନାହିଁ, ଆଖିରୁ ଟିକିଏ ଆଡ଼ ହେଲେ ହୋ-ହଲ୍ଲା ପଡ଼ିଯାଉଥିବ, ସେ ମନ୍ଦ । ବିଧାତାର ଏ କି ରୀତି ? ତେଲିଆ ମୁଣ୍ଡରେ ତେଲ ଢାଳୁଥିବ, ଏଣେ ଲୁଖୁରାକୁ ଆହୁରି ମାଖିରା କରୁଥିବ; ନଥିଲା ଘରକୁ ଫଉଜ ଧାଡ଼ି ଲାଗିଥିବେ, ଥିଲା ଘରେ ଟିକିଏ ହେଲେ ପିଲାଗୋଳ ଶୁଣାଯାଉ ନ ଥିବ ।

ରଜା କେତେ ଦେଉଳ ତୋଳେଇଲେ, କେତେ ବ୍ରାହ୍ମଣଶାସନ ବସାଇଲେ, କେତେ ଆଡ଼ମ୍ବରରେ ଷଠିଦୁତ୍ତୀ ପୂଜା କଲେ, କେତେ ବାଲଗୋପାଳ ମେଳା କରାଇଲେ, 'ପୁଅ କଲେ ପୁଅ ହୁଏ' ବିଶ୍ୱାସରେ ଧର୍ମପୁଅ କଲେ; ଦୁଃଖୀରଙ୍କୀର କାଳେ ନିଃଶ୍ୱାସ ପଡ଼ିଥିବ, ଏଥିଲାଗି କାଙ୍ଗାଳଭୋଜନ ଦେଲେ । ଏ ସବୁରେ କିଛି ଫଳ ନ ମିଳିବାରୁ ଯାଜପୁର ଯାଇ ପୁତ୍ରେଷ୍ଟି ଯଜ୍ଞ କରାଇଲେ—ଏଥର ଶୁଭ ଫଳ—'ଆହା ମୋ ନନ୍ଦକୋଳେ ଗୋବିନ୍ଦ !' ଏକୋଇଶାକୁ ନାଆଁ ଦିଆ ହେଲା ସୁରେନ୍ଦ୍ର । ରଜା ଆଖି ବୁଜିଲେ, ନିଜେ ଯିବାର ଅଳ୍ପଦିନ ମଧ୍ୟରେ ଡାକିନେଇଗଲେ ରାଣୀଙ୍କି ।

Digitized by srujanika@gmail.com

ସୁରେନ୍ଦ୍ର, ମହାବୀରକେଶରୀଙ୍କ ମାନ୍ୟମନ୍ତ୍ରୀ, ରାଜଗୁରୁ ଓ ପ୍ରଜାମାନେ ସିଂହାସନରେ ବସାଇଲେ । ପାଟ..ମାଦେଈ ରହସ୍ୟମଞ୍ଜରୀ ମୁଣ୍ଡରେ ଶାଢ଼ୀ ବାନ୍ଧି ହାତରେ ପାଟଖଣ୍ଡା ଧରେଇବା କଥା; ବିମାତା ତ ସେ; ମନରେ ଈର୍ଷା; ଅଭିଷେକବଦନ କଷ୍ଟ ଆଳରେ ସେ ବାପଘରକୁ ଗୁଳିଗଲେ ।

ତା'ପରେ ଫେରଆସି ଗୋଟାଏ ମନ୍ଥରା ଦାସୀ ସହିତ ମିଶି ବହୁତ କୁପାଞ୍ଚ ଚଳାଇଲେ । ସଉତୁଣୀ ପୁଅ ରାଜା ହବ, ଏ କଥା ସେ ହ ଆଖିରେ ଦେଖିପାରୁ ନଥିଲେ; କଳେବଳେ କୌଶଳେ ସେ ସୁରେନ୍ଦ୍ରଙ୍କୁ ରାଜଗାଦିରୁ ତଡ଼ିବା ଉପାୟ ଖୋଜୁଥିଲେ ।

ସୀମା ନେଇ ଝିକସ୍‌ଗଡ଼ ସାଙ୍ଗେ ଚାଲମୂଳର ବିବାଦ ଥାଏ । ଝିକସର ରଜା ତିନି ମାସବାଳୁ ବାଟ ଖୋଳିଥାନ୍ତି । ଚାଲମୂଳର ଏ ଗୋଟିଏ ଦୁର୍ବଳ ମୁହୂର୍ତ୍ତ; ପିଲାରଜା, ଖେଳରେ ମନ; ଫୁଲବଗିଚାରେ କେତେକ ସାଆନ୍ତ ପିଲାଙ୍କ ସହିତ ମିଶି ପ୍ରଜାପତି ଧରୁଥାନ୍ତି ।

ମିରଗଚୁଆଙ୍କ ସାଙ୍ଗେ ବେଳେ ବେଳେ ଖେଳ ଲାଗିଯାଏ, ତାଙ୍କୁ ଦଉଡ଼ରେ କେମିତି ହଟାଇଦେବେ, ଏଇ ଜିଦ୍ । ଭାରି ଭଲ ପାଆନ୍ତି—ସତେ ଯେମିତି ଭାଇଭଉଣୀ, ଗୁରୁଗୋଡ଼ିଆ ହୋଇଛନ୍ତି ଯାହା । ଗେଲ କରନ୍ତି, ଗେହ୍ଲା ହୋଇଥାନ୍ତି, ମିରଗଚୁଆ ତାଙ୍କ ମୁଣ୍ଡବାଳକୁ କାମୁଡ଼ି ଭିଡ଼ନ୍ତି, ତାଙ୍କ ଦେହରେ ଘଷିହେଉଥାନ୍ତି । ସୁରେନ୍ଦ୍ର କାହା ମୁହଁକୁ ନେଇ ମାଆ ଶରଚରେ ମାଡ଼ିଦଅନ୍ତି, କଅଁଳ ଘାସ, ପତର ଛିଣ୍ଡାଇଆଣି କାହା ପାଟିରେ ଦଅନ୍ତି । ଏମିତି ବାଳଲୀଳା ଲାଗିଥାଏ, ଦେଖିଲେ ରହସ୍ୟମଞ୍ଜରୀଙ୍କ ଆଖିରେ ଶୁଖୁଆକଣ୍ଟା ମାଡ଼ିହୋଇଯାଏ ।

ଭଲରେ ଭଲ, ଏ କ'ଣ ହେଲା ! ଖାଲି ରଜା ସିଂହାସନରେ ବସିବେ, ରାଣୀ ବସିବେ ନାହିଁ—ଏ କଥା କେଉଁ ଶାସ୍ତ୍ରରେ ଲେଖା ଅଛି ? ହଁ ଜାଣନ୍ତେ ? ରଜା ଘର ପାରିବାର, ନାକରେ ଫୁଟି କାନରେ ବାହାରୁଛନ୍ତି । ଉମ୍ଫଟାଏ, ଗାଲ ଚିପିଲେ ଜନମଦୁଧ ବାହାରିପଡ଼ିବ—

Digitized by srujanika@gmail.com

ଏ କରିବ ରାଜ୍ୟଶାସନ । କ’ଣ ଖେଳଘର ହୋଇଛି ! କ’ଣ କହନ୍ତି ନାହିଁ—

କହିବା ନାହିଁ
କହିଲେ ଏ ଘରେ ରହିବ ନାହିଁ ।

ହେଲେ ନ କହି ରହିହେଉଛି କୋଉଠି ? କୁଟୁମ୍ବ କ’ଣ, ରାଜ୍ୟ ଯେ ଭାସିଯାଉଛି !

ସେ ପୋଡ଼ାମୁହାଁ ପାଟଯୋଷୀର ଆଖି କ’ଣ ଫୁଟିଯାଇଛି ? ସେ ଗଡ଼ନାୟକ ଆଖିରେ କ’ଣ ଝରଲ ପଡ଼ିଛି ? ସର୍ଦ୍ଦାରଗୁଡ଼ାଙ୍କର ମୁଣ୍ଡରେ କ’ଣ କିଛି ନାହିଁ ?

ରହରେ ଚୂଲପଶାଏ, ତୁମକୁ ଦେଉଛି ଚେଙ୍ଗେ, ଆରେ ଅନ୍ଧ, ଶୁଣିଛ କି ଏ ସୃଷ୍ଟିରେ ଚନ୍ଦ୍ରସୂର୍ଯ୍ୟ ନାହାନ୍ତି ବୋଲି ? ଯେତେବେଳେ କମ୍ପୀର ଘୋଷାରନେଇ ମହିନଣ୍ଡରେ କରିବ, ସେତେବେଳେ ବୁଝିବ ରେ ଗଛଜଳାଏ—ମାଇପୀଙ୍କ ମୁଣ୍ଡରେ ବୁଦ୍ଧି ଅଛି କି ନାହିଁ ?

ହଠାତ୍ ହନେ ମୁଣ୍ଡରେ ପଗଡ଼ି ଭିଡ଼ି ଘୋଡ଼ାରେ ଝପଟିଆସିଲା ଏ କିଏ ? ଅଣ୍ଟାରେ ତରବାରି, ବାଙ୍କ ଛୁରି । ଚଟ୍‌କିନେ ତଳକୁ ଡେଇଁ ପଡ଼ିକିନେ ସୁରେନ୍ଦ୍ରକୁ ଝାମ୍ପିନେଇ ଘୋଡ଼ାରେ ଥୋଇ ଦେ ଦୌଡ଼ । ଗୁହକରିବାକର ବୋକା ପରି ଗୁହାଁଥାନ୍ତି—ଆରେ ଏ କ’ଣ ହେଲା ? ଆମ ରଜାଙ୍କୁ ଘେନି ପଳାଇଗଲା ସେଟା କିଏ ? ତାକୁ ଧରରେ ଧର, କିଛି କିଛି ଝିକସ୍ ମାରିଲା ଝପଟ, କୋରଡ଼ାରେ ଘୋଡ଼ା ପଛକୁ ପାହାରେ ପିଟିଦେଇ । ଦଣ୍ଡକ ଭିତରେ କୁଆଡ଼େ ସେ ହଗ ତଳେ ଛପିଗଲା, ଉଡ଼ନ୍ତି ଧୂଳି ଗଛପତରରେ, ତଳେ ପୁଣି ବସିଗଲା ।

ରାଜଗୁରୁ, ପାଟଯୋଷୀ, ଗଡ଼ନାୟକ, ସର୍ଦ୍ଦାର ବେଖ୍ତିବକଲ ହୋଇ ଗୁରିଆଡ଼େ ବହୁତ ଖୋଜାଖୋଜି କଲେ । କିଏ କହିଲା—ଏ ଡକେଇତଙ୍କ କାମ; ଆଉ କିଏ କହିଲା—ଡକେଇତ ସିନା ରଜାଙ୍କ

Digitized by srujanika@gmail.com

ଧନଦରବ ଲୁଟିକରି ନେଇଥାନ୍ତା, ସେ ରଜାଙ୍କୁ ନେଇ କ'ଣ କରିବ ? ପୁଣି ସେ ବାଟରେ ସଦଳବଳେ ନ ଆସି ଏକୁଟିଆ ବନରେ ଆସନ୍ତା କାଇଁକି ?

କଏ କହିଲା—ଝକସ୍ ଆସିଥିବ, ରଜାଙ୍କୁ ମାରଦେଇଥିବ କି ଜଙ୍ଗଲରେ ପୂରାଇ ରଖିଥିବ । ହଠାତ୍ କୋଉ ବନ ସୈନ୍ୟବଳ ଘେନଆସି ଚାଳମୂଳ ଦଖଲ କରି ସିଂହାସନରେ ବସିବ । ରାଜବାଟିରେ କୂଟମନ୍ତ୍ରର ଦୁର୍ଗନ୍ଧ, ଯେତେ ବିଷବାଷ୍ପ ତାର ଭିତରୁହିଁ ବାହାରେ । ଏଠି ସମସ୍ତେ କିଛି ନ ଜାଣିବାର ପରି ହୋଇ ଆଖି ବୁଜି ବୁଜି ଦୁଧ ପିଅନ୍ତି । କରେ ରହସ୍ୟମଞ୍ଜରୀଙ୍କର ଅଜାଣତରେ କ'ଣ ଏ ଘଟଣା ଘଟିଲା ? ଭିତରକୁ ଭିତରକୁ ଆନ୍ତୁ ଖୋଳ, ଦେଖିବ, କେମିତି ମହାଦେବ ବାହାରିବେ !

ଆଉ କଏ କହିଲା—ସେଟା ଡକେଇତ ନୁହେଁ, ପିଲାଚୋର । ରଜାଙ୍କ ସୁନାଖଡ଼ୁ, ଅନନ୍ତବ୍ରତ, ନୋଳି, ବେକର ଗୋପ କାଢ଼ିନେଇ ଆଖି ଫୁଟାଇଦେବ, ଭିକ ମଗାଇବ । ରଜାଘରେ ଜନମ ହେଲେ କ'ଣ ହେଲା, ଭାଗ୍ୟକୁ ଭୋଗ ବସୁନ୍ଧରା । ପୋଡ଼ା କରମ ହୋଇଥିଲେ ପାଟିରେ କାମୁଡ଼ିଥିବା ପାଚିଲା ଆମ୍ବ ତଳକୁ ଖସିପଡ଼ିବ ।

ପାହାଡ଼, ଜଙ୍ଗଲ, ଗାଁଗଣ୍ଡାରେ ଖୁବ୍ ଖୋଜ ଖୋଜି ଚାଲିଥାଏ । ଏଣେ ମନ୍ତ୍ରଣା ବି ହେଉଥାଏ—ରାଜଗାଦି ତ ଖାଲି ରହିବ ନାହିଁ, ଯାହାକୁ ହେଲେ ବସାଇବାକୁ ହବ । ରାଣୀ ରହସ୍ୟମଞ୍ଜରୀ ଆପଣା ଲୋକଙ୍କୁ ଠିହାଉଥାନ୍ତି—ମୋ କଥା ପାଟଯୋଷୀ ଆଉ ସର୍ଦ୍ଦାରମାନଙ୍କୁ କହନ୍ତୁ—ଭାରି ବୁଦ୍ଧିମନ୍ତ, ସିଂହାସନରେ ବସିଲେ ମନବୋଧି କରିଦେବେ । ସେମାନଙ୍କୁ ସବୁ କଥାରେ ପଚାରିଉଚାରି ରାଜ୍ୟ ଚଳାଇବେ ।

ହେଲେ ଏ କଥା କାହା ମନକୁ ପାଉ ନ ଥାଏ । ରାଜାଝିଅ, ରଜାଘର ବୋହୂ ସତ, ହେଲେ ମାଇପୀଟାଏ । ତାର ବୁଦ୍ଧି କେତେ ! ଝିଅଜନମ ତ ଚୂଲିମୁଣ୍ଡକୁ । ରାଜ୍ୟଶାସନ କ'ଣ ରୋଷେଇବାସ କଥା ହୋଇଛି !

Digitized by srujanika@gmail.com

ଆଗରୁ ତ କେତେ ମିଣିପେ ରଜା ହେଇଚନ୍ତ; ମାଇପେ କୋଉଠି ରାଜୁତି କରବା, ଶୁଣିଚ ? ଅଦ୍ଭୁଲ କଥା ଏ; ବୋଇଲ—

ନ ଦେଖିଲ କଥା ଦେଖ
କଇଁଅ କାଢ଼ିଚ ବେକ !

ସୂାଙ୍କ ମୁହଁକୁ ଦେଖ, ସେ ଖାଉଛନ୍ତ ଗୀରମରଚ ଚୂଙ୍କ । ଏକଥା ଶୁଣି ରାଣୀଙ୍କ ମୁହଁ କେଶର ପଡ଼ଗଲ ।

ରଜାଙ୍କ ଭାଇବରାଦରମାନେ ମନେ ମନେ ଛେନାଗୁଡ଼ ଖାଉଥାନ୍ତ । ମୁକୁଟ ପିନ୍ଧାଇଲାବେଳେ କେମିତ ମୁଣ୍ଡ ଦେଖାଇବ, କେମିତ ମୁକୁତା ଜାଲ ଦେଇ ନୂଆ ରାଜପୋଷାକ କରାଇବେ, କେମିତ ଆଉ୍‌ଡାରେ ରାଜପାହୁଲ ପକାଇବେ; ରାଜଥାଟ୍ ବଜାୟ ରଖିବେ, ଭାବୁଥାନ୍ତ । ହେଲେ ପାତ୍ରମନ୍ତ୍ରୀମାନେ ଅପହୃତ ରାଜାଙ୍କ ବଦଳରେ କୋଉ ସାଆନ୍ତପୁଅକୁ ସିଂହାସନରେ ବସାଇବା କଥା ଭାବୁ ନ ଥାନ୍ତ ।

ରାଣୀଙ୍କ ଉପରେ ସନ୍ଦେହ, ତାଙ୍କ ଅଜଣାରେ ରାଜାଙ୍କ ବଗିଚ୍ଚରେ କିଏ ପଶିପାରେ ? ଖୋଦ୍ ରାଜାଙ୍କୁ ହରଣଚାଲ୍ କରନେବାର ସାହସ କାହାର ହୋଇପାରେ ? ଏମିତ କାର୍ଯ୍ୟ କରପାରେ ପାଲହଡ଼ା, ତା ସାଙ୍ଗେ ତାଲମୂଲର ଯୁଦ୍ଧ ହୋଇଥିଲ, କରପାରେ ଝିକସ୍‌ଗଡ଼, ତା ସାଙ୍ଗେ ତାଲମୂଲର ଅପଡ଼ ହୋଇଚ; ଦଇବେ ତାର ରଜା ପାଟମହାଦେଈଙ୍କ ମାମୁଁ ।

ପାଟଯୋଷୀ ଏକେ ଘୋଡ଼ାରେ ଚଢ଼ି ଚାଲଗଲେ ଲହଡ଼ା, ତା'ପରେ ସୁକନ୍ଦା, ବଲରାମପୁର, ଅନୁଗୁଳ; କୋଉଠି କିଛି ଟେର୍ ପାଇଲେ ନାଇଁ, ଶେଷକୁ ଗଲେ ଝିକସ୍‌ଗଡ଼ । ଘୂରଆଉ ବୁଲ ବୁଲ ହରାଶ ହୋଇ ପୋଖରୀକୂଳ ଶିବମନ୍ଦରରେ ବସିଛନ୍ତ, ସଞ୍ଜ ହୋଇ ହୋଇନାହିଁ । କେତେ ଜଣ ସ୍ତ୍ରୀଲୋକଙ୍କ କଥାବାର୍ତ୍ତା ଶୁଣିଲେ—

ଏଇବାଟେ ପରା ଗଲେ ଲୋ ।

କିଏ ବା ? କାହା କଥା କହୁଚୁ ?

Digitized by srujanika@gmail.com

ଆଲେ ମୂଳକଥାକ ଚହଲ ପଡ଼ିଚ, ତ କାଇଁକି ଅଜଣା ଗୃଉଲର ଭାତ ଖାଇଚୁ ବା ?

ମୋ କଥା ମତେ ବଳେଇଚ ଲୋ ଅପା, ଏତକ ସର ହେଲଣି, ଆଉ କାହା ଲଗି ମୋ ମୁଣ୍ଡ ବଥେଇବ କାଇଁକି ?

ତୋ ମୁଣ୍ଡ ବଥେଇଲେ କେତେ ନ ବଥେଇଲେ କେତେ, କାହାର କ'ଣ ଅଛି କଲୋ ? କଣ୍ଟି କୋଉଠି ଘଟିଗଲେ କୋଉ ମଣିଷ କାନ ପାତେନାଇଁ ବା ? କ'ଣ କାଠ ନା ପଥର ?

ହଉ, ହଉ ମୋର ଏବେ କାଇଲ ହେଲା, କଥାଟା କ'ଣ କହ ବା ?

ହବ ଛେନାଗୁଡ଼, ଅଗ ତ ଭାଙ୍ଗିଦେଲ, କାହା ମନ ଆଉ କହିବାକୁ ଉଙ୍କେଇବ ?

'କାଇଲ ପରା ମାନିଲ, ଆଉ କ'ଣ ? ଗୋଡ଼ତଳେ ପଡ଼ିବ ?'

'ନାଇଁ, ନାଇଁ ଶୁଣ୍—ତାଳମୂଳ ରଜାପିଲାକୁ ପରା ଆମ ରଜା ଗେହ୍ଲେଇ ଆଣିଚନ୍ତି ଲୋ···!'

'ଚୁପ୍ ଚୁପ୍, ରଜା କ'ଣ ଗେହ୍ଲା କରନ୍ତି ? ଆମ ରଜାଙ୍କର ତ ତହୁଁ ବଳ ତହୁଁ ବଳ ପିଲା—ଗଜା ଦାମୁଡ଼ି ଆଉ କଅଁଳା ବାଛୁରି ପରି ଡ଼ିଆଁ ମାରୁଛନ୍ତି ! ସେ କାହିଁକି ପରପିଲା ଗେହ୍ଲାକରିବେ ବା ? ଭୁଛା ମିଛ, ହେ ମହାପ୍ରଭୁ, ଏମିତି ଯାହା ମିଛ କହୁଚ, ତା ପାଟିରେ ପୋକ ପଡୁ ।'

'ତତେ ଅଡ଼ୁଆ ଲାଗୁଚ ଯଦି ନ ଶୁଣ୍, ମୋ ପାଟିରେ କାଇଁକି ପୋକ ପଡ଼ିବ କଲୋ ?

କଲୋ, ଏ ସଂସାରରେ ଗେହ୍ଲାକରେ କିଏ ? ଯାହାଙ୍କର ବହୁତ ଅଛି ।

Digitized by srujanika@gmail.com

ବଡ଼ବଡ଼ିଆ ନେଗୁଣୀଳଚନ୍ଦ୍ର, ଭଣ୍ଡାରୀ ମୁଣ୍ଡରେ ଅଠା । ଚୋରି କରିବ, ଅଥଚ ଚୋର ବୋଲି କେହି କହିବେ ନାହିଁ; ଗରିବ ଲୋକ କ କଥାରୁଟାଏ ଚୋରିକରେ, ସେ ଦାଗୀ ହୁଏ—ଏ ଦୁନିଆଁର ରୀତି ।'

'ଆଜିକାଲି ତୁ ତ କଣ ଭୂଆସୁଣୀଟାଏ, ତତେ ଏ ତିନପୁର କଥା ଗୋଚର ହଉଚି କେମିତି ?'

'ଇଏ ପରା ମତେ କହୁଥିଲେ ! କାନେ କାନେ କହୁଛନ୍ତି— କଥାଟା ଯେମିତି ଫୁଟିଆଉ ନାହିଁ । ସାତ ଥର କାନ ମୋଡ଼ା ହୋଇଥିଲା, କୋଉଠି ପାଟି ଫିଟାଇବିନାହିଁ ବୋଲି । ହେଲେ ଏ ନିଆଁଲଗା ପୋଡ଼ପୋଡ଼ା ମନରେ କ'ଣ କିଛି ରହୁଚି ?

ତତେ ସାତଥର କରି ମହାପୁରୁଙ୍କ ଦୋହି, ତୋ ଶାଶୂ ମୁଣ୍ଡଖା, ତୋ ଦାଅର ରାଣ, ନାହିଁ ନାହିଁ ତୋ ବଡ଼ପୁଅ ରାଣ, କୋଉଠି କହିବୁନାହିଁ ।'

'ଦେ ଉଠିବା, ଭାରି କଥାଟାଏ କହିଲୁ । ମୋର ତ ଏକୋଇର ବଳା ବଳିଁକେଶୀନ, ତା ରାଣ କାହିଁକି ପକାଉଚୁ କଲେ !

ନେହିଁ କାନରେ ସାତଗଣ୍ଠି ପଡ଼ିଲା, ଦେଖ୍, ଏ କଥା କୋଉଠି କହିବିନାହିଁ ।'

'ଆମ ଗଡ଼ରଜା କେମିତି ରଜା ଜାଣିଚୁ ତ, ଦେହରୁ ମାଉଁସ ଚେଛିଲି କୁଚୁକୁଚା କରି କୁକୁରଙ୍କ ଆଗରେ ପକାଇଦେବେ । ତୋ ମୁଣ୍ଡ ଗଡ଼ିବ, ତା ସାଙ୍ଗେ ମୋ ମୁଣ୍ଡ ବି ।'

ପାଟଯୋଷୀ ଏ କଥା ଶୁଣିବାମାତ୍ରେ ସଞ୍ଜ ଅନ୍ଧାରରେ ତୋଟାବାଟେ କୁଆଡ଼େ ଖସିଗଲେ, ମନରେ ଭାବନା—ସାଆନ୍ତମାନେ ରଜାଙ୍କ ଘରଡ଼ିଙ୍କି ଏବେ କମ୍ବୀର ପାଳିଛନ୍ତି । ସେମାନଙ୍କ ଭିତରୁ ଜଣେ ରଜା ହେଲେ ରାଜବାଟିରେ ରାଜମାତରେ ଅଲ୍ପସ୍ଵାର ରହିବ, ଅଧିକ ବୃତ୍ତି, ଜାଗିର ମିଳିବ ।

Digitized by srujanika@gmail.com

କେତେକ ନିଜକୁ ରଜାଙ୍କର ଅତି ପାଖ ବୋଲି ମନେ କରୁଛନ୍ତି । ଅନ୍ତର ପୁଅ ନିଜ ପୁଅ ତ ଏକା; ରଜାଙ୍କ ରକତ ଯାହାଙ୍କ ଦେହରେ ବୋହୁଚି, ପୋଷାପୁଅଟିଏ ଆଣି ଗାଦିରେ ବସାଇଲେ ହୁଅନ୍ତା; ହେଲେ କଥା ଅଛି—

ପୋଷାପୁଅ, ଗୁଣ୍ଡା ରୁଅ
ଡାକିଲାବେଳେ ନ କରନ୍ତି ଉଅ ।

ନିଜ ସ୍ୱାର୍ଥସାଧନ କରିଚାଲିବେ, ପ୍ରଜାଙ୍କ ମୁହଁକୁ ଚାହିଁବେ ନାହିଁ ।

ରାଣୀ ରହସ୍ୟମଞ୍ଜରୀ ଖବରବି ଦେଉନାହାନ୍ତି । ଏ ରାଜ୍ୟର ବଣବୁଦା, ପାହାଡ଼ ଚିହ୍ନିନାହାନ୍ତି; ଶତ୍ରୁଙ୍କର ଗୋଟାଏ ଧଡ଼ସରେ ସେ ଯାଇ ଅନ୍ତଃପୁରର କୋଉ କଣରେ ପଶିବେ, ସେତେବେଳେ ପିଠିରେ ପଡ଼ିବ କିଏ ? ସପକ୍ଷରେ ଥିଲେ ସାଆନ୍ତେ ପଡ଼ନ୍ତେ; ସେମିତି ସୈନ୍ୟବଳ ଥିଲେ କିଆଁକୁ ଡରନ୍ତେ । ଏବେ ତ ଯା ମୁହଁ ଯାଉଛେ, ତା ମୁହଁ ସିଆଉଛେ ।

ଦଳେ ସାଆନ୍ତଙ୍କ ପଟେ, ଦଳେ ରାଣୀଙ୍କ ପଟେ; ରାଜା ତ ଗଲେ; ସେ ଯେମିତି ଗଲେ, ମଲେ ବୋଲି ପ୍ରଜାଏ ଧରିନେଇଛନ୍ତି; ସେ ଯଦି ଫେରି ପୁଣି ଗାଦିରେ ବସନ୍ତି, ତେବେ ଉଷୁନା ଧାନ ଗଜା ହେଲା ବୋଲି ବୁଝିବାକୁ ହବ, ଯେ ନାହିଁ, ତା ପକ୍ଷରେ କେହି ନାହିଁ; ରାଜଗୁରୁ ତ ସୁବିଧାବାଦୀ; ଯୁଆଡ଼େ ବର୍ଷା, ସିଆଡ଼କୁ ଛତା ଦେଖାନ୍ତି । କର୍ମଚାରୀମାନେ କ'ଣ ରାଜ୍ୟର ହାନିଲାଭ ବୁଝୁଛନ୍ତି ? ପାଉଣାଟିକ ପାଇଲେ କଥା ଶେଷ । ଏବେ ଏକା ବାଘ ଗଡ଼ନାୟକ ସକାଶେ ରାଜ୍ୟ ଚାଲିଛି । ରାଜାଙ୍କର ଖୁବ୍ ବିଶ୍ୱସ୍ତ ସେ । ପାଟପୋଷୀ ତାଙ୍କୁ ମୂଳ କରି ଧରିଥାନ୍ତି । ଏକା ତାଙ୍କ ସଙ୍ଗେ ରାତିଅଧରେ ମନ୍ତ୍ରଣା ଚାଲେ ।

ବାଘକୁ ରଜାଙ୍କ ହାଲ୍‌ସବୁ କହି ପାଟପୋଷୀ ରାତିଅଧରେ ଘୋଡ଼ା ଝିପଟେଇ କଟକ ବାହାରିଗଲେ । ସେତେବେଳେ ଓଡ଼ିଶାରେ ମରହଟ୍ଟା ରାଜତି, ଗାଦିରେ ରଜାରାମ୍; ଗଡ଼ଜାତ ରାଜାମାନେ ତାଙ୍କୁ ପେସ୍‌କସ୍ ଦେଉଥାନ୍ତି ।

Digitized by srujanika@gmail.com

ରେମଣ୍ଡ ରାଜାରାମ୍‌ଙ୍କ ସେନାପତି । ଝିକଡ଼ିଗଡ଼ ଆକ୍ରମଣ କରି ସେ ଥରେ ପରାଭବ ପାଇଥିଲେ, ମନରେ ପ୍ରତିହିଂସା ସାଧିବାର ଲିପ୍‌ସା, ସୈନ୍ୟ ସଜାଇ ଏକ ସୁଯୋଗକୁ ସେ ଗୁହାଁରିଥିଲେ । ପାଟଯୋଷୀ ଜଣାଇଲେ—ଝିକଡ଼ିର ଘର ରାଜା ସେ ପାରିବେ, ନୂଆ ରଜା ମଦ ଖାଇ ଚୂର୍ । ଧନ ଅକୁଳାଣ ହେଲେ କାଣୀ ବଲେଇ କୁର୍ନି ଅସରପା ଉପରେ ଝାମ୍ପ ଦେଲା ପରି ସେ ପ୍ରଜାଙ୍କ ଉପରକୁ କୁଦିପଡ଼ନ୍ତି, ଧନଦଉଲତ ବୋହିଆଣନ୍ତି ।

ଅତି ଦୁର୍ବଳ ରଜା, ସୈନ୍ୟ କଏ କୁଆଡ଼େ ଛିନ୍‌ଛତର ହୋଇ ରହିଛନ୍ତି, ରଜା ନାହିରେ ତେଲ ପକାଇ ବସିଛନ୍ତି ।

ତଥାପି ବାଘର ଫାଗକୁ ଡର, ଥରେ ଚେଙ୍ଗ ପାଇଛନ୍ତି, ପ୍ରସ୍ତୁତ ହେବାକୁ କେତେ ବର୍ଷ ଲାଗିଗଲା । ପାଟଯୋଷୀ ସେନାପତି ରେମେଣ୍ଡଙ୍କୁ ବାଟ କଢ଼ାଇନେଲେ । ସୂର୍ଯ୍ୟ ଉଠୁ ନ ଉଠୁ ଝିକଡ଼ି ରାଜଧାନୀରେ ମରହଟ୍ଟା ସୈନ୍ୟଙ୍କ ଘୋଡ଼ା ଝିପଟ ଶୁଣାଗଲା । ଲୋକଙ୍କୁ ଛୁନିଆଁ କରିବା ଲାଗି କେଇଟା ତୋପ ଦାଗିଦିଆଗଲା । ଯେ ଯୁଆଡ଼େ ଛିନ୍‌ଛତର ହୋଇଯାଇ ବଣରେ ଲୁଚିଲେ । ଝିକଡ଼ିର ରାଜାଙ୍କୁ ବାରବାଟି ଦୁର୍ଗରେ ବନ୍ଦୀକରି ରଖାଗଲା । ତାଳମୂଳର ରାଜା ସୁରେନ୍ଦ୍ର ମୁକ୍ତ ହେଲେ ।

ଏ ଶୁଭସମ୍ବାଦ ଗୋପନୀୟଭାବରେ ବାଘଙ୍କ ନିକଟକୁ ପଠାଇ ଦିଆଗଲା । ବାଘ କିଛି ସୈନ୍ୟ ପ୍ରସ୍ତୁତ କରି ରଖିଲେ । ସୁରେନ୍ଦ୍ର ତାଳମୂଳରେ ପହଞ୍ଚିବାମାତ୍ରେ ସେମାନେ ତାଙ୍କୁ ପାଛୋଟି ନେଇଗଲେ ଓ ରାଜବାଟିକୁ ଘେରାଉ କଲେ, ରାଣୀ ରହସ୍ୟମଞ୍ଜିଷ୍ଠ ପଳାଇବାକୁ ବାଟ ନ ପାଇ ନଜରବନ୍ଦୀ ଭାବେ ରହିଲେ ।

ରାଜା ଫେରିଆସିବା ସମ୍ବାଦ ବିଜୁଳି ପରି ସାରା ରାଜ୍ୟରେ ଖେଳିଗଲା, ହଜାର ହଜାର ପ୍ରଜା ରାଜଧାନୀକି ମାଡ଼ିଆସିଲେ । ସାଆନ୍ତ-ମାନଙ୍କ ଅକଲ ଗୁଡୁମ୍ । ପ୍ରଜାଙ୍କ ଆନନ୍ଦର କଲ୍ଲୋଳ ମଧ୍ୟରେ ପୁଣି ଥରେ ସୁରେନ୍ଦ୍ରଙ୍କ ଅଭିଷେକ ହେଲା ।

Digitized by srujanika@gmail.com

ରାଜା ସୁରେନ୍ଦ୍ର ମହାବୀରକେଶରୀ ଏବେ ସାବାଳକ, ବଳିଷ୍ଠ ଯୁବକ, ଆତ୍ମରକ୍ଷା କରିବାକୁ ସମ୍ପୂର୍ଣ୍ଣ ସମର୍ଥ । ତହୁଁ ତାଙ୍କର ଲାଲ୍ ଆଖି ପଡ଼ିଲା ସାଆନ୍ତମାନଙ୍କ ଉପରେ; ଯେତେ ଷଡ଼ଯନ୍ତ୍ର ତାର ମୂଳ ଏଇମାନଙ୍କ ଘରେ । ଏମାନେ ଭାଇ ବୋଲାନ୍ତି, କିନ୍ତୁ ପ୍ରକୃତରେ ଭଗାରି, ଗଛ ଉପରକୁ ଚଢ଼ାଇଦେଇ ମୂଳ କାଟନ୍ତି ।

ରଜାଙ୍କ ହରଣଗୁଳ୍ ପରେ ଯୁଦ୍ଧ ଭିତରୁ ଖୋଜି ଯାଇଥିଲା କିଏ ? କେହି ନାହିଁ । ଉଆସକୁ ଫେରିଆସିଲା ପରେ ପାଗ୍ରେ ହିନେବାକୁ ଆସିଥିଲା କିଏ ? କେହି ନାହିଁ । ସବୁ ତକ ସୁବିଧା ମାରନେଲାବେଳକୁ ଆଗ; ବିପଦରେ ଗୁଡ଼ ପଟାଇବାକୁ କେହି ନାହିଁ । ରଜା ଏକା, ଏକାନ୍ତ ଏକୁଟିଆ ।

ଏବେ କେତେ ପାଖକୁ ଆସି ଲୁଙ୍ଗ ପୁଙ୍ଗ ହେଉଛନ୍ତି, କେତେ ସଫେଇ ଦେଉଛନ୍ତି, ଭଲେଇ ହେଉଛନ୍ତି, ମୁରବିଗିରି ଦେଖେଇ ହଉଛନ୍ତି । ରଜାକୁ ହାତ କରିବାକୁ କେତେ ମତେ ଚେଷ୍ଟା ଚଳାଇଛନ୍ତି । ରଜା ଭାବିଲେ—

ଘଷର ଘଷର ପୁଣି ଘଷର
ଆଉର ଘଷରେ ପାଣି
ତୁମେ ଯହିଁପାଇଁ ନସରପସର
ଆମେ ସେ କଥାଟି ଜାଣି ।

ଏ ଲୋକଙ୍କୁ ଦୟାମାୟା ନାଇଁ, କୌଣସି ପ୍ରଶ୍ରୟ ଦେବା ଭଲ ନୁହେଁ । ମୂଳରୁ ନିକାଶ କଲେ ଯାଇ ନିଜେ ନିରାପଦ ରହିପାରିବ । ନଇଲେ ମେଖ ସଜାଡ଼ିବେ, ବାଟରେ କଣ୍ଟା ପୋତିବେ । ଘାଟି ଉଣ୍ଡି ବୁଲୁଥିବେ ।

ରଜା ପାଇକ ବରଗି ଧରେଇ ଆଣିଲେ ସେଇମାନଙ୍କୁ, ଯେ ରାଜଠାଣିରେ ଫିରେଇ କାଢ଼ୁଥିଲେ, ଶ୍ରୀପେଞ୍ଚ ପିନ୍ଧିବେ ବୋଲି ମନେ ମନେ କଳ୍ପି ହେଉଥିଲେ । ପଛଆଡ଼ୁ ହାତକଡ଼ି ପକାହେଲା; ସାଆନ୍ତଙ୍କ

Digitized by srujanika@gmail.com

ଭିତରୁ ଷାଠିଏ ଜଣଙ୍କୁ ନେମଣ୍ଡା ଅଦେଉଛିଲା ପରେ ତଡ଼ିଦିଆଗଲା ଶୁକ୍ଲଆପଦାକୁ । ମୁହଁ ମାଡ଼ି ଶୁଆଇଦେଇ ସମସ୍ତଙ୍କ ବେକ କାଟିଦିଆଗଲା । ସାଆନ୍ତସାଇ ପ୍ରାପ୍ତ ପୁରୁଷଶୂନ୍ୟ ହୋଇଗଲା; ଏକାବେଳକେ ଶାଶୂ ରାଣ୍ଡି, ବୋହୂ ରାଣ୍ଡି । ଘରେ ଘରେ କେବଳ ରାଣ୍ଡି । ରାଣ୍ଡିଙ୍କ କାନ୍ଦବୋବାଳିରେ ସାଆନ୍ତସାଇ ଉଛୁଳିଲା । କିଏ ତୁନି କରିବ ?

ଏ ବିକଳ କାନ୍ଦ ଶୁଣି ଯେ ସାଆନ୍ତଙ୍କ ପାଖକୁ ଯିବ, ସେ ରାଜାଙ୍କ କୋପଦୃଷ୍ଟିରେ ପଡ଼ିବ । ତେଣୁ ଏ ରୋଦନ ଅରଣ୍ୟରୋଦନ ହୋଇଗଲା ।

ଦୋଷୀ ଅଦୋଷୀ ବାରୁଛି କିଏ ? କେତେ ଝିଅ ପୁଅ ଯେ ଅଥାନ୍ତା ହେଲେ କଳନା କରୁଛି କିଏ ? ରଜାର ଖିଆଲ ବଳୀୟାନ୍, ଉଠାଇଲେ ଆକାଶକୁ ଉଠାଏ, କଚାଡ଼ିଲେ ପାତାଳରେ କଚାଡ଼େ । ଉପରେ କେତେବେଳେ ଚଡ଼କ ପଡ଼ିବ କେହି କହି ନ ପାରେ; ରାଜାର କ୍ରୋଧକୁ ଦୈବୀ ବିପତ୍ତି ବୋଲି ଧରିନିଆଯାଏ ।

ସୁରେନ୍ଦ୍ର ଏଡ଼େ ଦୁର୍ଦ୍ଦାନ୍ତ, ପ୍ରତିହିଂସାପରାୟଣ ହୋଇଉଠିଲେ କାହିଁକି ? ପିଲାଦିନୁଁ ତାଙ୍କ ମନ ଭାଙ୍ଗିଯାଇଥିଲା । ବାପ ମାଆ ଗୁଡ଼ିଗଲେ; ସେପରି ସ୍ନେହ-ସୋହାଗ ଆଉ ଦେଇପାରିଲା କିଏ ?

ବିମାତାଙ୍କ ବିଷଦୃଷ୍ଟିରେ ପଡ଼ିଥିଲେ ସେ; ରହସ୍ୟମଞ୍ଜରୀ ରାନ୍ଧୁଣିଆକୁ ହାତ କରି ଆହାରରେ ବିଷ ଦେଇଥିଲେ; ମୁଣୋହିଁ ଆଗରୁ ଆହାରରୁ କିଛି ଫିଙ୍ଗିଦିଆଯାଏ । ଦିନେ ତାକୁ ଖାଇ କେତୋଟି କୁଆ ମରିଥିଲେ । ରଜାଙ୍କ ପଲ୍ଙ୍ଗଡ଼ଘରେ ଗୋଟାଏ ଗୋଖୁରସାପ ଗୁଡ଼ି-ଦିଆହୋଇଥିଲା । ଦୈବୀ କୃପାରୁ ରଜା ରକ୍ଷାପାଇଥିଲେ; ହେଲେ ତାଙ୍କ ମନବଳ ଭାଙ୍ଗି ହୋଇଯାଇଥିଲା । ରହସ୍ୟମଞ୍ଜରୀଙ୍କ ଉପରେ ସେ ପ୍ରତିଶୋଧ ନେଇପାରିଥାନ୍ତେ; ରାମାୟଣର କୈକେୟୀଙ୍କ କଥା ମନେ ପଡ଼ିଲା । ସାପକୁ ପେଡ଼ିରେ ରଖିଲା ପରି ସେ ତାଙ୍କୁ ବନ୍ଦୀ କରି ରଖିଲେ, ସଦା ସତର୍କ ରହିଲେ ।

Digitized by srujanika@gmail.com

ଝଙ୍କସ୍‌ଗଡ଼ରେ ଦୀର୍ଘକାଳ ବନ୍ଦୀ ହୋଇ ରହିବାଫଳରେ ତାଙ୍କ ମନ ଝଟପଳପାଇଥିଲା; ଜୀବନ ମାତ୍ର ବଞ୍ଚେଇବା ଲାଗି ମୋଟାସୋଟା ଯାହା ମୁଠେ ଖାଇବାକୁ ଦିଆହେଉଥିଲା, ପିନ୍ଧିବାକୁ ମୋଟା ବାଉଁରବୁଣା ଖଦି, ଶୋଇବାଲାଗି କାଠଖଟରେ ଜୀର୍ଣ୍ଣ ମସିଣାଟିଏ; ନଜରବନ୍ଦୀ ସେ, କଡ଼ା ପହରା ମଧ୍ୟରେ ରହିଥିଲେ, ପାଟି ଫିଟାଇବାକୁ ଜୁ ନ ଥିଲା । ପେଡ଼ିଭିତରେ ଦରମଲା ସାପ ପରି ମୋଡ଼ିମାଡ଼ି ହୋଇ ପଡ଼ିରହିଥିଲେ ସେ ।

କ୍ରୋଧର ନିଆଁ ଦହକୁ ଥିଲା, ସେଥିରେ ପଡ଼ି ପୋଡ଼ିହୋଇ ମଲେ ପହିଲେ ସାଆନ୍ତମାନେ, ପରେ ଆଉ କେତେ କଏ ।

ପାଟଯୋଷୀ ରଜାଙ୍କର ଯୋଉ ଉପକାର କରିଥିଲେ, ତାକୁ ଟଙ୍କାରେ ଶୁଝିହୁଏ ନାହିଁ । ସେ ଉଚ୍ଚ ଆସନ, ପଦବୀ ବା ଅର୍ଥ ଗୃହ୍ଣୁଁ ନ ଥିଲେ । ଶାକାନ୍ନ ଆହାର ତୃଣଶଯ୍ୟା, ଠାକୁରପୂଜା ଓ ପରୋପକାର ମଧ୍ୟରେ ସେ ଅତ୍ୟନ୍ତ ସୁଖୀ ଥିଲେ; ତାଙ୍କ ଦେହରୁ ଯେଉଁ ତେଜ ବାହାରୁଥିଲା, ଯୋଗଶକ୍ତିରେ ସେ ତାହା ଅର୍ଜନ କରିଥିଲେ । ସେ ତାଳମୂଳର ସର୍ବସମ୍ମାନିତ ବ୍ୟକ୍ତି ଥିଲେ ।

ପାଟମୁଣ୍ଡ ଆଉ ଚନ୍ଦନଟୀକ୍‌କା ପରେ ରାଜା ସୁରେନ୍ଦ୍ର ବାଙ୍କୀର ଜେମାମଣି ଲବଣ୍ୟମଞ୍ଜରୀଙ୍କୁ ବାହା ହୋଇଥିଲେ । ଦୁଇଶହ ଖଣ୍ଡ ଶଗଡ଼ରେ ବାଙ୍କୀରୁ ତାଳମୂଳ ଯଉତୁକ ବୁହାହୋଇ ଆସିଥିଲା । କୋଶେ ବାଟଯାଏ ଭରୁଆ ଲମ୍ବିଥିଲେ—ଖଜାମିଠେଇ, ମନୋହର, ଚୁଡ଼ାପୁଆ, ଗୁଡ଼ଖଇ ଆଉ କେତେ କ'ଣ ଭାର ।

ଲବଣ୍ୟମଞ୍ଜରୀ ଲବଣ୍ୟମୟୀ, କିନ୍ତୁ ତାଙ୍କର ସବୁ ଲବଣ୍ୟକୁ ଘୋଡ଼ାଇ ପକାଇଥିଲା ହୀରା, ମୁକ୍ତା, ପଦ୍ମରାଗ, ନୀଳକାନ୍ତ, ପ୍ରବାଳ ଆଦି ପଞ୍ଚରତ୍ନ, ବାହୁଟିସାର, ଅଣ୍ଟୁଲ, ମରକତଚୁଡ଼ି, ମାଣିକର ମଥାମଣି, କଆପତ୍ରୀ, ମୋତିଜାଲି, ଝିଲମିଲିକା ଚନ୍ଦ୍ରଝୁମ୍ପୀ, ବେଣ୍ଟୁଲି, ବନ୍ଧଆ, ମଲ୍ଲିକଡ଼ି, ନାକର ନାକଚଣା, ସୁନାର ଗୁଣା, ମୁକ୍ତାର ନୋଥ,

Digitized by srujanika@gmail.com

ଯୋଡ଼ମାଳ ଆଦି ଅଳଙ୍କାର; ହଳଦିଆ ଗୋରା ଗଣ୍ଡଦେଶରେ ମକରୀଚିତ୍ର, କସ୍ତୁରୀର ଗୋଟିଏ ବିନ୍ଦୁ ଚିବୁକରେ, ଆଖିରେ କଜ୍ଜଳ ଲଞ୍ଜି, ଲଲାଟରେ ସିନ୍ଦୂରବିନ୍ଦୁ ।

ହୀରା, ପାନ୍ନା, ପଦ୍ମରାଗ, ପୋଖରାଜ, ମୁକ୍ତା ଆଉ ମଣିମାଣିକ୍ୟର ଝଲମଲ ମଧ୍ୟରେ ଜଳୁଥିଲା ତାଙ୍କର ଦୁଇଟି ଆଖି, ଐଶ୍ୱର୍ଯ୍ୟ ଆଉ ଆଭିଜାତ୍ୟରେ ଭରା; ଓଡ଼ିଆ କାରିଗରୀର ନମୁନା ସ୍ୱରୂପ ଥିଲା ବାଉଁଶ ନଳୀରେ ରଖା ତାଙ୍କର ପିନ୍ଧା ସୂକ୍ଷ୍ମ ମାଳ ଶାଢ଼ୀଟି । ପାନଖିଆ ଓଠରୁ ତାଙ୍କର ଝରୁଥିଲା ଭଞ୍ଜକବିତା । ଯୋଡ଼ିଯମକ, ମାଳ ଯମକ, ସର୍ବଯମକ ଆଉ ବିଭିନ୍ନ ବନ୍ଧ କବିତା ଉଦ୍ୟାନ ଭ୍ରମଣକାଳରେ ସେ ଶୁଣାଉଥିଲେ ସଖୀମାନଙ୍କୁ ।

ଯୌତୁକ ମଧ୍ୟରେ ରଜାଙ୍କ ଆଖିଦୃଶିଆ ହୋଇଥିଲା ହାତୀଦାନ୍ତ, ଚନ୍ଦନକାଠ ଆଉ ମୋତିରତ୍ନର ପଲଙ୍କଟି, ମହଣେ ଓଜନର ସୁନା ଶିଳ ଆଉ ଶିଳପୁଆଟି ।

ରାଣୀ ଆଣିଥିଲେ ସଙ୍ଗରେ ସତେଇଶଟି ଦାସୀ—ମେନକା, ମାଳତୀ, ପ୍ରମଦା, ମଦମତ୍ତା, ଚଞ୍ଚଳା, ଚକୋରନୟନା, ମନ୍ଦାକିନୀ, ବଳାଙ୍ଗୀ, ଚନ୍ଦ୍ରଲେଖା, ସୁବର୍ଣ୍ଣରେଖା, କୁସୁମଲତା, କାବେରୀ, ଚଳାଚଳରେ ସାହାଯ୍ୟ କରିବା ଲାଗି । ସମବୟସୀ, ସୁନ୍ଦରୀ—ଚିତ୍ରଲେଖା, ଖୋଷିଦିଆ, ଛବିଅଙ୍କା, କବିତାଲେଖା, ସଙ୍ଗୀତବୋଲା ଓ ଚତୁର ବକ୍ରୋକ୍ତିରେ ଜଣେ ଜଣକୁ ବଳିଥିଲେ । କିନ୍ତୁ ଶେଷକୁ ସେମାନେ ହେଲେ ଗୋଡ଼କୁ ଶିକୁଳି, ଗଳାକୁ ଫାଶି ।

ରାଜାଙ୍କର ଚାରି ରାଣୀ, ଦାସୀଙ୍କ ସଂଖ୍ୟା ଶତାଧିକ । ଏତେ ଦାସୀଙ୍କ ଲାଗି ଉଆସରେ କିଛି କାମ ନଥିଲା; ଏ ରାଣୀଙ୍କ ଦାସୀ ସଙ୍ଗେ ସେ ରାଣୀଙ୍କ ଦାସୀର ଝଗଡ଼ା ଲାଗି ଯାଉଥିଲା । ଜଣକର ଫୁଟାଣି, ଫୁଲପଣ ଆଉ ଜଣେ ହୁଏତ ସହିପାରୁ ନଥିଲା । ଜଣେ ଛଟା ମେଲିଲେ ଆଉ ଜଣେ ଉତ୍ତର ଦେଇ ନପାରି ରାମ୍ପୁଡ଼ାକାମୁଡ଼ା ହଉଥିଲା । ଏମିତି ଟିକି ଟିକି କଥାରୁ ଅନ୍ତଃପୁରର ଯାବତୀୟ କଳି । ଗୌରୀଦେବୀ

Digitized by srujanika@gmail.com

କୋଳାହଳମୟ ହୋଇଉଠିଥିଲା । କେହି ଶାନ୍ତଶୃଙ୍ଖଳା ରକ୍ଷାକରି ପାରୁ ନଥିଲେ । ନପୁଂସକ ଜଗୁଆଳୀ ଜଣକ ବୁଢ଼ା, ତାଙ୍କୁ ଏଜା ଅଜା····· କହି ଥଟ୍ଟା କରୁଥିଲେ ଦାସୀମାନେ, ବିଶେଷତଃ ମଦନିକା, ମଦାଳସା । ମୋହମୁଲ୍କାରେ ଏ ଯୁବତୀ ନାରୁଣୀମାନଙ୍କ ମୁହଁ ଭାଙ୍ଗି ପାରୁ ନଥିଲା କଞ୍ଚୁକୀ । ଏତେ ନାଗୁଣୀଙ୍କୁ କି ପଦ୍ଧତିଟାରେ ମୁଗ୍ଧ କରି ରଖିପାରିବ ସେ ?

ମଦନିକା ଗହଳମାନରେ କେତେବେଳେ ପଦାକୁ ଖସିଯାଏ, ବାହାରେ ତାର କିଏ ଜଣେ ପ୍ରେମିକ ଥିଲା, ଅନ୍ୟ ଦାସୀମାନେ ତା ଭାଗ୍ୟକୁ ହିଂସା କରନ୍ତି, ଖୋଲତାଡ଼ି କେତେ କଥା ପଚାରନ୍ତି । ମଦନିକା ନୀରବ ରହେ; ଦାସୀମାନେ ଅଜବ କଳ୍ପନାରେ ମସ୍‌ଗୁଲ୍ ହୁଅନ୍ତି ।

ଏତେଗୁଡ଼ିଏ କୁମାରୀ, ଏମାନଙ୍କୁ ବିଭାଦେବା ଚିନ୍ତା କେହି କରେନାହିଁ, ମନର କାମନାକୁ ଗୁପିଚୁପି ଏମାନେ ଚାଳିବେ, ମୁଠିଏ ଆହାର, ଖଣ୍ଡିଏ ବସ୍ତ୍ର, କିଛି ପ୍ରସାଧନ—ଏତିକିରେ ଉଆସ ସୀମା ଭିତରେ ଚଳାଚଳ ହେବେ, ରାଣୀମାନଙ୍କ ସେବା କରିବେ, କିଏ ମୁଣ୍ଡ କୁଣ୍ଡାଇଦେବ, କିଏ ଫୁଲମାଳା ଗୁନ୍ଥିଦେବ, ଚନ୍ଦନ ଘୋରିଦେବ, ତେଲ ମର୍ଦ୍ଦନ କରିଦେବ, ମାଜଣା କି ମୁଣୋହିଁ ଯୋଗାଡ଼ କରିବ । କାମ ନଅଣ୍ଟି, କଳିତକରାଳ ଲାଗି ବହୁତ ବେଳ ମିଳେ । ଖୋଦ୍ ରାଣୀ ଏସବୁ ମୀମାଂସା କରନ୍ତି ।

କେତେବେଳେ ରାଜଦୃଷ୍ଟି ପଡ଼ିଗଲେ ଭାଗ୍ୟ ବଦଳିଯାଏ, ଦାସୀର ପିଲା ଜନମ ହୁଅନ୍ତି, ଦିନେ ରାଣୀଙ୍କ ଆଡ଼ି, ଦିନେ ଦାସୀଙ୍କ ଆଡ଼ି, ଯାହା ଉପରେ କୃପାଆଖି ନ ପଡ଼େ, ସେ ଭାଗ୍ୟକୁ ନିନ୍ଦା ଲାଗିଥାଏ । ମଦନିକା ସେ ଦିଗରୁ ଭାଗ୍ୟହୀନା, ଲପ୍‌ସା ସମ୍ଭାଳି ନପାରି ସେ ଜଣେ ଯୁବକର ପ୍ରେମରେ ବା ପାଲରେ ପଡିଗଲା, କଥାଟା ଫୁଟିଆରି ହଉ ହଉ ଯାଇ ରାଜାଙ୍କ କାନରେ ବାଜିଲା କମ୍ଭା ରଜା ଧମକ ଦେଇ ସବୁ କଥା ଜଣେ ଦାସୀଠାରୁ ଆଦାୟ କରିନେଲେ, ଅନ୍ତଃପୁରର ଶାସନ ଦାୟିତ୍ବ ତ ତାଙ୍କର. କଡ଼ା ଦୃଷ୍ଟି ନ ରଖିଲେ ସବୁ ଖନଖରାପ ହେଇଯିବ ।

Digitized by srujanika@gmail.com

ରଜାଙ୍କ କ୍ରୋଧର ଅସଲ କାରଣ ହେଲା ଏଇ—ଅନ୍ତଃପୁରର ମର୍ଯ୍ୟାଦା ଉପରେ ଆଞ୍ଚ୍ ଆସିବା ଯାହା, ନାଗସାପର ଲାଙ୍ଗୁଡ଼ରେ ହାତ ବାଜଯିବା ସେଇଆ । କେତେକଙ୍କୁ ଛାଡ଼ିଦେଲେ ରଜା ବଗୁରନ୍ତ, ଅନ୍ତଃପୁରିକା ମାନେ ତାଙ୍କର ସ୍ତ୍ରୀ । ଏ ଗୋଟିଏ ଗାଈଗୋଠ, ଏଇ ଗୋଠର ସେ ଏକମାତ୍ର ବୃଷଭ । ଏଇ ଶୃଙ୍ଖଳାରୁ ଦାସୀଟିଏ ମୁକୁଳିଗଲା ମାନେ ଘୋର ଅନଧିକାର ଚର୍ଚ୍ଚା ହେଲା ।

ଆଜି ଗୋଟିଏ ଗଲା, କାଲିଆଉ ଗୋଟିଏ ମିବ, ଉଦାଖିଆ ଗୋରୁ କଆବାଡ଼ ଡେଇଁ ଫସଲଖେତରେ ପଶିଲା ପରି ଏମିତି ଯାଉଥିବେ । ଆଉ ଗୋଠ ଆଳମାନେ ତାଙ୍କୁ ଉସ୍କଉଥିବେ, ରଜା ସାକ୍ଷୀଗୋପାଳ ପରି ବସି ଏ ନାଟ ଦେଖୁଥିବେ । ହଁ ନାଟ ନୁହେ ତ କଣ, ବାଘ ଘରେ ମିରିଗର ନାଟ ଏ ।

ଦାସୀଙ୍କ ସଙ୍ଗେ ରଜା ମାଡ଼ିବାର ବିକଟ ଦୃଶ୍ୟ ରାଣୀ ଦେଖନ୍ତି, କିଛି ନ ଦେଖିଲା ପରି ହୋଇ ରହନ୍ତି ।

ସ୍ତ୍ରୀର ପ୍ରତି ଏ ଚରମ ଅପମାନ, ହେଲେ ପ୍ରତିକାର ନାସ୍ତି । ଗୋଟାଏ ଆଳରେ ସବୁ ଉଡ଼ିଯାଏ, କଣ ନା ପୁରୁଷପୁଅ ଭ୍ରମର ଜାତି, ଏ ଫୁଲରୁ ସେ ଫୁଲରେ ବସେ । ଫୁଲ ମାଷ୍ଟ ହୋଇଯାଏ ନାଇଁ, ଭ୍ରମର ଚରିତ୍ରବାନ୍ ହୋଇ ରହେ ।

ରଜାଘରେ ଏକଥା ପୂର୍ବାପର ସତ୍ୟ । ରଜାଙ୍କ ଚରିତ୍ରହୀନ ହୋଇଗଲା, କାହା ଜିଭରେ ହାଡ଼ ଅଛି, କହିବ ?

ରାଜ ଅନ୍ତଃପୁରେ ମାନଭଞ୍ଜନ ଚଳେନାଇଁ । ରାଣୀ ମାନ କଲେ ରାଣୀ ହଂସପୁରକୁ ରଜାଙ୍କ ଆସିବା ବନ୍ଦ ହୋଇଯାଏ । ମାନଭଞ୍ଜନ କରିବାର ଧୈର୍ଯ୍ୟ ରଜାଙ୍କର ନାଇଁ । ମାନ କରିବା ଅର୍ଥ ନିଜ ଜିଭ ନିଜ ହାତରେ କାଟିବା, ଆପଣା ସୋରକ ହାନ କରିବା । ରଜାଙ୍କୁ ହାତରେ ନ ରଖିପାରିଲେ ରାଣୀଙ୍କର ହାରକ ହେଲ, ଧରିଯାଏ । ଅନ୍ୟ ରାଣୀ ଆଉ ଦାସୀଙ୍କ ଆଖିରେ ମାନିନୀ ଶ୍ରେଷ୍ଠ ହୋଇଯାନ୍ତି । ତେଣୁ ରଜାଙ୍କ

Digitized by srujanika@gmail.com

ନିକୃଷ୍ଟ ଆଚରଣ ସବୁ ଦିନର ଏକ ଚିହ୍ନା ଦୃଶ୍ୟ । ଆଖି, କାନ ବୁଜି ରହିବା ରାଣୀଙ୍କ ପକ୍ଷେ ମଙ୍ଗଳକାରକ ।

ଉଆସର ଅଳ୍ପ ଦୂରରେ ଭଙ୍ଗା ଦେଉଳଟିଏ, ପଛରେ ତାର ବୁଦିବୁଦିକିଆ ବଣ । ମାଛି ଅନ୍ଧାର ହେଲେ ନୂପୁର କାଢ଼ି ଥୋଇଦିଏ, କଳା ଖଦି ଖଣ୍ଡିଏ ପିନ୍ଧି ମଦନିକା ଅଭିସାରରେ ବାହାରି ପଡ଼େ ।

ଚୋରା ପ୍ରୀତି; ଏଥିରେ ଭୟ ବେଶୀ, ବୋଧେ ସେଇ ଭୟ ଲାଗି ଏ ଏତେ ମଧୁର । ହେଲେ ଆଜିର ଭୟ ସୀମା ଅତିକ୍ରମ କରିଛି । ଧରା ପଡ଼ିଯାଇଛି ମଦନିକା । ମନ ତରଙ୍ଗ ତରଙ୍ଗ । ଶଙ୍କା—କି ଦଶା ଘଟିବ !

ଏତିକିବେଳେ ଶଶଧର ଗଛ ତଳକୁ ଓହ୍ଲାଇ ଆସିଲା ।

'ମଦି, ଆଜି ଏତେ ଡେରି କାହିଁକି ?'

'କଥା ସରିଯାଇଛି । ପ୍ରେମ କଲେ ତ ଅପବାଦ । ସବୁ ଅପବାଦ ମୁଁ ମୁଣ୍ଡ ପାତି ସହି ଯାଉଥିଲି । ଭୟ ଆଉ ଅପବାଦ ଲାଗି ତ ଚୋରା ପ୍ରୀତି ସ୍ୱାଦୁ ଲାଗେ ।'

କିନ୍ତୁ ଏ ବିପଦର ଅନୁକୂଳ ପାଉନାହିଁ; ରାଜା ଯାହା ଉପରେ ରାଗନ୍ତି, ତାର କ'ଣ ଗତିଗୋଚର ରହେ ?'

'କାଲି ପଳାଇବା ?'

'ଆଜି ରାତି ପାହୁ ଆଗେ ।'

ସତକୁ ସତ ରାତି ପାହିଲା ନାହିଁ । ଉଆସରେ ପହଞ୍ଚିଛି କି ନାହିଁ, ସାମ୍ନାରେ ହାଜର ହେବା ଲାଗି ରଜାଙ୍କ ହୁକୁମ୍ ଆସିଗଲା । 'ଛାତି ଦାଉଁ ଦାଉଁ ପଡ଼ୁଥାଏ, ଗୋଡ଼କୁ ଗୋଡ଼ ଛନ୍ଦି ହୋଇଯାଉଥାଏ, ପଛରୁ କିଏ ଠେଲିଲା ପରି ମଦନିକା ଆସି ଛାମୁଁରେ ହାଜର ହେଲା ।

Digitized by srujanika@gmail.com

ରଜାଙ୍କ ଲାଲ୍ ଆଖି ଆଉ ବାଘ ନଖକୁ ଚାହିଁଦେଲା ମାତ୍ରେ ସତେ କି ମଦନକା ଦେହରୁ ଜୀବ ଛାଡ଼ିଗଲା, ପାଟି ଅଠା ଅଠା ହୋଇଗଲା ।

ଛାତିରେ ଛୁରି ମାରିଲା ପରି ରଜାଙ୍କ କଥା । ସ୍ତ୍ରୀ ବୋଲି ଟିକିଏ ହେଲେ ଉପ୍ରୋଧ ନ ରଖି ସେ ପଚାରିଲେ—ତୋ ନାଆଁରେ ଏ କଣ ଶୁଣାଯାଉଚି ମଦନକା ?

'ସହି ନ ପାରି ମୋ ନାଆଁରେ ଲଗେଇଲୁଟେଇ କହୁଛନ୍ତି ଗାମୁଁ । ସବୁ ତାହା ମିଛ ।'

'ଆଉ ତ କାହା ନାଆଁରେ କହୁ ନାହାନ୍ତି, ତୋ ନାଆଁରେ କାହିଁକି ?' ନିଆଁ ନ ଥାଇ କଣ ଧୂଆଁ ବାହାରେ ?'

'ମୋ ଭାଗ୍ୟର ଦୋଷ ।'

'ନା କଲା କର୍ମର ଦୋଷ ? ଦୋଷ କରିଛ, ଦଣ୍ଡ ଭୋଗିବ, ଭାଗ୍ୟକୁ କାହିଁକି ଟାଣୁଚ ?'

'ଆରେ ସେ ଲୋକଟା କିଏ ?'

ମଦନକା ନୀରବ, ଜଣେ ଚର ସାମ୍ନାକୁ ଆସି କହିଲା—ଶଶଧର !

'ଆରେ ସେ ଶଶାଟାର ଏଡ଼େ ସାହସ ? ସିଂହ ମୁଛରେ ହାତ ମାରୁଛି ! ଯାଅ, ତା ମୁଣ୍ଡଟା କାଟି ଆଣି ମୋତେ ଦେଖାଅ ।'

ଏଇ ସମୟରେ ବାର୍କିଆଣୀ ମଣିମା ରଜାଙ୍କ ସାମ୍ନାରେ ଛିଡ଼ାହୋଇ କହିଲେ—ଏଟା ଅପବାଦ···

'ମିଛ ?'

ସ୍ତ୍ରୀ ଆଉ ଅପବାଦ ଏକା ସଙ୍ଗେ ଚାଲନ୍ତି । ସତୀ ସୀତାଙ୍କ ନାଆଁରେ କହିବାକୁ ତ ଫେର୍ ଖଳଙ୍କ ଜିଭ ଲେଉଟେ ।'

Digitized by srujanika@gmail.com

'ତୁମେ ମଦନକା ଲାଗି ଆପତ୍ତଲା ଖାଉଚ କାହିଁକି ? ଓକାଲତି କରିବାକୁ ବା ସାକ୍ଷୀ ହବାକୁ ତ ମୁଁ ଡାକନାହିଁ ! ଏ ଶାସନକାର୍ଯ୍ୟ; ସେଥିରେ ହସ୍ତକ୍ଷେପ କରୁଚ କାହିଁକି ? ଜାଣିଚ ତ ଦ ଲେ ମୁଁ କାହାର ନୁହେ । ଏଠୁ ଶୀଘ୍ର ଘୁ'ଞ୍ଚ ଯାଅ ।'

ଲାବଣ୍ୟମଞ୍ଜରୀଙ୍କ ମୁହଁରୁ ଆଉ କଣ ବାହାରୁଥିଲା । ଅଟକି ଗଲା, ହୁଏତ ଲୁହ ହୋଇ ବୋହିଗଲା ।

ମଦନକା ଅତିପ୍ରିୟ ହେଲାଗା ଦାସୀଟିଏ ତାଙ୍କର । ତା ଉପରେ ରାଜବେଷ ବାର୍କିଆଣୀ ମହିମା ସହିପାରୁ ନଥିଲେ । ପାଟରାଣୀ ସେ, କେଜାଣି ରଜା ତାଙ୍କ କଥା ଘେନା କରିବେ ।

ଘେନା ତ କଲେ ନାହିଁ, ଓଲଟି ଅପମାନ ଦେଲେ । ଶାସନରେ କଣ ରାଣୀଙ୍କର କିଛି ଭାଗ ନାହିଁ ? ତେବେ ରାଣୀ କିଏ ?

ଲାବଣ୍ୟମଞ୍ଜରୀ ଲାବଣ୍ୟମୟୀ, ବହୁ ଯାନମଉତୁକ ଆଣିଥିଲେ । ରଜା ତାଙ୍କୁ ବେଶୀ ଭଲ ପାନ୍ତି ବୋଲି ମନରେ ଗର୍ବ ଥିଲା । ସବୁ ଚୁର୍‌ମାର୍ ହୋଇଗଲା ।

ରାଣୀ ହେବା ତେବେ କେଉଁ ଭାଗ୍ୟରେ ଲେଖା ? ସାଧାରଣ ପ୍ରଜାର ସ୍ତ୍ରୀ ତ ନାନା ଅଭାବ ମଧ୍ୟରେ ବହୁ ସୁଖରେ କାଳ କଟାଏ ।

ବାହାରୁ ଦେଖିଲେ ବହୁତ ବଡ଼ ଦଶେ—ଉଆସ, ଶାଢ଼ୀ, ଅଲଙ୍କାର, ଯାନବାହନ । କିନ୍ତୁ ଭିତରଟା ଫମ୍ପା । ରାଣୀଠାରୁ ଦୁଃଖିନୀ କିଏ ଅଛି ?

ରାଣୀ ଉଆସକୁ ଗ୍ଳଲଗଲା ପରେ ହୁକୁମ୍ ହେଲା—ମଦନକାର ଗୋଟାଏ ସ୍ତନ କାଟିଦିଅ ।

'ବେକଟା କାଟିଦିଅ' ଆଦେଶ ମିଳିଥିଲେ ମଦନକା ଏତେ ଭୟ କରି ନଥାନ୍ତା । ଏମିତି ତ କେତେ ହାଣିକାଟି କୁକୁରଙ୍କ ଆଗେ

Digitized by srujanika@gmail.com

ଫିଙ୍ଗି ଦିଆନ୍ତୁ ଏ । ...ଏ ତ ଚରମ ଘଟଣା, ଯେଉଁଠି ଗଡ଼ଜାତ ରାଜ୍ୟର ସବୁ ନାଟକର ...ନାୟିକା ପଡ଼େ, ଆଲୁଅ ଲିଭେ ।

ଏକସ୍ତମ୍ଭା ମଦନିକା ଲୁହ ଆଉ ଲହୁରେ ଭାସୁଥିଲା । ନାରୀର ପ୍ରତି ଚରମ ଅପମାନ । କୁଆଡ଼େ ଯିବ, କୋଉଠି କିପରି ମୁହଁ ଦେଖାଇବ ? କାହାର କୃପାର ପାତ୍ର ହେବ ? ନଲିନ୍ତ ଜୀବନ ଯେବେ ଏମିତି ବଞ୍ଚି ରହିବା ଅପେକ୍ଷା ଜୀବନ ହାରିଦେବା ଭଲ ।

ଏ ଭୟଙ୍କର ଘଟଣା ପରେ ମଦନିକା ଯୋଉ ରୋଗଶଯ୍ୟାରେ ଶୋଇଲା, ଆଉ ଉଠିଲା ନାହିଁ; ରୋଗ, ଦୁଶ୍ଚିନ୍ତା, କ୍ଷୁଧା କୋଉଦିନ ତାର ନିଃଶ୍ୱାସ ଉଡ଼ାଇନେଲା ।

॥ ଗୃହ ॥

ରାଣୀ ହେଲେବି ଜଣେ ପ୍ରଜା; ଦୋଷ କଲେ ପ୍ରଜା ଯେପରି, ରାଣୀ ସେହିପରି ଦଣ୍ଡ ପାଇବା ଉଚିତ । ଘର ଆଉ ବାହାର ଭିତରେ ଯେ ବାଛବିଚାର କରେ, ସେ ପକ୍ଷପାତୀ, ରାଜପଦକୁ ଅଯୋଗ୍ୟ ।

ଅପରାଧୀ ଯେପରି, ତାକୁ ଯେ ଘଣ୍ଟ ଘୋଡ଼ାଇ ରଖେ, ସେ ସେହିପରି ଦଣ୍ଡ ପାଇବା କଥା ।

ଅନ୍ତଃପୁରରେ ପତି, ସିଂହାସନରେ ରାଜା ବା ଶାସକ । ଲାବଣ୍ୟମଞ୍ଜରୀ, ଏତିକି ତାରତମ୍ୟ ବୁଝିପାରିଲ ନାହିଁ ? ହଉ, ନ ବୁଝିଲ ତ ନାହିଁ, ଏବେ ଫଳ ଭୋଗ । ଘର ନିଆଁ ବୋଲି ତ ମୁଁ ଅଣ୍ଟିରେ ପୂରାଇ ରଖି ନ ପାରେ ।

Digitized by srujanika@gmail.com

ଲାବଣ୍ୟମଞ୍ଜରୀ ଅନ୍ତଃପୁରରେ କାନ୍ଦୁଥିଲେ, ଆଉ ଭାବୁଥିଲେ— ନିଜ ଲୋକ ପାଇଁ ପଦେ କହିବା କଣ ପାପ ? ଏ ସଂସାରରେ ଏ କଥା କିଏ କରେନାହିଁ ?

ନିଜ ପକ୍ଷ ଲୋକ ମାଡ଼ ଖାଉଥିବ, ଜଳ ଜଳ ଚାହିଁଥିବ, ଏ କୋଉ ଧର୍ମ ? ବିପଦରୁ ରକ୍ଷା କରିବା କ'ଣ ପାପ ?

ମୁଁ କଣ କରିବି ? ଗୁପ୍ତ ବିଦାର ହୋଇଗଲା ପରି ଲାଗୁଚି । କି ଅପମାନ !

କାହିଁକି ମଦନିକା ପାଇଁ କହିବାକୁ ଗଲି ? ମୋ କୁହାବୋଲାରେ ଶାସ୍ତି କମିଲା ନା ବଢ଼ିଲା ? ନ କହି କେମିତି ରହି ପାରିଥାନ୍ତି ?

ଯୌବନର ସୁନାର କଳସଟି, ପ୍ରେମର ଅମୃତ କଳସୀଟି, ମାତ୍ର ସୌଭାଗ୍ୟର ସ୍ନେହର ଝରଣାଟି ! ଆହା, କଣ କରିଲି !

ପ୍ରାଣର ମଦନିକା ମୋର, ସୁଖରେ ଦୁଃଖରେ କିଏ ଆଉ ମୋର ଏତେ ଆପଣାର ହୋଇ ପାରିବ ?

ଝଡ଼ ପରେ ମହାବୃଷ୍ଟି ପରି ଏଇ ସମୟରେ ପହଞ୍ଚିଲା ମହାରାଜାଙ୍କ ଆଦେଶ—ଅନ୍ତଃପୁରରୁ ବାହାରିଯାଅ ।

ଲାବଣ୍ୟମଞ୍ଜରୀଙ୍କ ଲୁହଭରା ଆଖିରେ ହଠାତ୍ ଦିଟା ଆଙ୍ଗୁଠି ଗେଞ୍ଜି ହୋଇଗଲା ପରି ଲାଗିଲା, ଝରିଗଲା ଲୁହ ନା ଲହୁ ?

ମନର କୋହ କାହା ଆଗରେ ପ୍ରକାଶ କରିବେ ? ଯେହେଲେ କହିବ—ରାଣୀ ସେମିତି କିଛି ପାପ କରିଥିବେ ନା ! ରଜା କ'ଣ ବାଇଆ ହୋଇଛନ୍ତି ?

ବଡ଼ଦେଉଳରୁ ଗଲେ ଠମ୍ ଠମ୍ ହୋଇ ମହାଲକ୍ଷ୍ମୀ ବାହାରିଗଲା ପରି ଟଳେଟେଳେ ପଛକୁ ନ ଚାହିଁ ଲାବଣ୍ୟମଞ୍ଜରୀ ବାହାରିଗଲେ, ପଛରେ ପଦ୍ମେଦାସୀ, ସମସ୍ତଙ୍କ ଆଖିରେ ନୀରବ ଅଶ୍ରୁଜଳ ।

Digitized by srujanika@gmail.com

କେହି କିଛି ଭରସି କହିପାରୁ ନ ଥାନ୍ତି, ରଜାଙ୍କର ନିଷ୍ଠୁର କାର୍ଯ୍ୟକୁ ମନେ ମନେ ଘୋର ନିନ୍ଦା କରୁଥାନ୍ତି ।

ଏତିକିବେଳେ ତିନିଜଣ ନିଆ ଗଲା, ମୁହଁଁକୁହା ବ୍ରାହ୍ମଣ ଆସି ପହଞ୍ଚିଲେ; ବ୍ରହ୍ମହତ୍ୟା ଦୋଷ ଭୟରେ ରଜା ମାରିବେ ନାହିଁ, ଏଇ ଭରସାରେ ପ୍ରଜାମାନେ ପଠାଇଛନ୍ତି, ସେମାନଙ୍କର ମଧ୍ୟ ଜୀବନକୁ ଭୟ ନାହିଁ, ମାଇପଙ୍କୁ ରାଣ୍ଡ କରି ଆସିଛନ୍ତି ।

ଦୁଆରୀ ସମ୍ବାଦ ଦେବାମାତ୍ରେ ରଜା ଡକାଇଲେ, ନମସ୍କାର କରିବା ପରେ ରଜା ପଚାରିଲେ—ମିଶ୍ର ଆପଣେ, କୁଆଡ଼େ ଆସିବା ହେଲେ ? କିଛି ହେଲେ ଅବତରଣିକା ନକରି ମିଶ୍ରେ କହିଲେ— ଗ୍ରୀମୁଁ ମଦନକାର ସ୍ତନ କାଟିଦେଲେ !

'ଅପରାଧୀକି ଶାସ୍ତି ଦେବା ରଜାଙ୍କର କାର୍ଯ୍ୟ ।'

'ଜାଣେ, ଜଣେ ଅବଳା, ଶୁଣୁଚି ଦେହର ସବୁ ରକ୍ତ ବୋହି ଗଲାଣି, ଧକଉଚି, ଏଇନେ ମରିବ କି କଣ ।'

'ମରୁ, ରଜା ଏମିତି କେତେ ମାରନ୍ତି, କେତେ ବା ତାରନ୍ତି । ତୁମ ମୁଣ୍ଡ କାହିଁକି ବଥଉଚି ?'

'ଅବଳା ଅବଧ୍ୟ ଗ୍ରୀମୁଁ ପରୋକ୍ଷରେ ମଦନକାକୁ ହତ୍ୟା କଲେ !'

'କଲ ତ କଲ, ଭଅଲ କଲ, ରଜାଙ୍କ ରାୟ ଉପରେ ଟିପ୍ପଣୀ ଦେବାକୁ ତୁମେ କିଏ ? ଜାଣ ତ ଯ୍ୟାର ଫଳ ?'

'ବାଇନନା

'ଗ୍ରୀମୁଁ ?'

'ଆମ୍ଭ ଗ୍ରୀମୁଁ କୁଆଡ଼େ ପାପ କଲେ ?'

ଜିଭ କାମୁଡ଼ିପକାଇ ବାଇନନା କହିଲେ—ଗ୍ରୀମୁଁଙ୍କର ସବୁ କାର୍ଯ୍ୟ ଧର୍ମକାର୍ଯ୍ୟ, ରଜା କୌଣସି ପାପ କରନ୍ତି ନାହିଁ ।

Digitized by srujanika@gmail.com

କାଳକେତୁ, ଯୁା କପାଳରେ ତାଙ୍କର ଲୁହାରେ ଲେଖିଦିଅ—
ନମକ୍‌ହାରମ୍ ।

'କିଓ, ନିପାଠୀ, କୁଆଡ଼େ ?'

'ରାଜାଙ୍କ ଦର୍ଶନ ଲାଗି ।'

'କିଛି ମାଗୁଣି ଅଛି ?'

'ନାଇଁ ଦାଇନା ।'

'କ'ଣ ?'

'ରାଜା ରାଜ୍ୟର ପାଟରାଣୀଙ୍କି ଷ୍ଟେରଚଣ୍ଡାଳ ପରି ତଡ଼ିଦେଲେ ?'

'ଦେଲ ତ ଦେଲ; ରଜାଘର କଥାରେ ମୁଣ୍ଡ ପୂରଉଚ କାଇଁକ ? ଭଲ ହବନାଇଁ, ଆଗରୁ କହିଦେଲି, ସାବଧାନ ।'

'ରାଜ୍ୟର ଭଲ ଚାହେଁ, ମୋର ଭଲମନ୍ଦ ଯାହାହଉପଛକେ; ରାଣୀ ରାଜ୍ୟର ଅଧେ, ତାଙ୍କ ପ୍ରତି ଅପମାନ, ଏ ରାଜ୍ୟର ମାତୃଜାତି ପ୍ରତି ଅପମାନ, ପ୍ରଜାଙ୍କୁ ଅପମାନ । ପ୍ରଜାମାନେ ମୋତେ ପଠାଇଛନ୍ତି ।'

ନିପାଠିଏ, ଷ୍ଟେଟ ମୁହଁରେ ବହୁତ ବଡ଼ ବଡ଼ କଥା କହୁଚ, ବୁଝି ଖବରଦାର !'

'ବାଇନନା, କହିବଟି ଆମ୍ଭ ରାଜାଙ୍କ କ ଦୋଷ କଲେ ?'

'ଧର୍ମବତାର, ରାଜାଙ୍କ କାର୍ଯ୍ୟ ଧର୍ମକାର୍ଯ୍ୟ, ରଜା କୌଣସି ପାପ କରନ୍ତି ନାହିଁ ।'

କାଳକେତୁ, ଯୁା କପାଳରେ ତାଙ୍କର ଲୁହାରେ ଲେଖିଦିଅ—
ନମକ୍‌ହାରମ୍ ।

କିଓ ମହାପାତ୍ରେ, କୁଆଡ଼େ ?

Digitized by srujanika@gmail.com

'ବାଙ୍କୀରଜାଙ୍କ ସୁକୁମାରୀ, ଗେଲବସରୀ କେମାମଣି, ତାଳମୂଳର ପାଟବାଣୀ, କ ଏମିତି କ ପାପ କଲେ ଯେ ତାଙ୍କୁ ତୁମ୍ଭେ ଗୋଟାଏ ଗାତ ଭିତରକୁ ଫୋପାଡ଼ିଦେଲ !'

'ଦେଖ ମହାପାତ୍ରେ, ତୁମ କଥାର ଜବାବ ଦେବାକୁ ମୁଁ ବାଧ ନୁହେଁ, ଆସିଛ ଯେବେ, ବାଇନନାଙ୍କ ବଖାଣ ଶୁଣିଯାଅ ।'

'ବାଇନନ', ଆମ୍ଭ ତୁମ୍ଭେ କ ପାପ କରିଛନ୍ତି ?'

'ରାମଚନ୍ଦ୍ର ଯେମିତି ଅଯୋଧ୍ୟାର ମଙ୍ଗଳ ଲାଗି' ସୀତାଙ୍କୁ ତଡ଼ିଥିଲେ, ତୁମ୍ଭେ ସେମିତି ଧର୍ମପତ୍ନୀଙ୍କୁ ତଡ଼ି ଧର୍ମକାର୍ଯ୍ୟ କରିଛନ୍ତି; ରାଜା କୌଣସି ପାପ କରନ୍ତି ନାହିଁ ।'

କାଲକେତୁ, ତାତଲା ଲୁହାରେ ସ୍ୱାମୀ କପାଳରେ ଲେଖିଦିଅ—ନମକ୍‌ହାରାମ୍ ।

ରାଜଧାନୀର କିଛି ଦୂରରେ ଗୋଟାଏ ପାହାଡ଼ କରରେ କେତୁଟା ତୋପ ଦାଗିଦିଆଗଲା, ତଳମୁହାଁ; ଫଳରେ ଗୋଟାଏ ଲମ୍ବା ଚଉଡ଼ା ଓ ଗହ୍ୱରା ଗାତ ଖୋଳାହୋଇଗଲା । ରାଣୀଙ୍କୁ ତାର ଭିତରକୁ ଠେଲିଦିଆଗଲା, ତାଙ୍କ ସଙ୍ଗେ ସଙ୍ଗେ କେତୁଟା ବସ୍ତ୍ର ଦାସୀଙ୍କୁ ବି ।

ଲାବଣ୍ୟମଞ୍ଜରୀଙ୍କୁ ଦାସୀମାନେ ବୁଝାଇଲେ—ବାପଘରକୁ ଚାଲିଯାଅ, ଘଇତାମାଇପଙ୍କ କଳରେ ସ୍ତ୍ରୀଲୋକେ ଏମିତି ଲୁଷିଯାନ୍ତି । ବାପଘରେ ମୂଲିଆ ହୋଇଥିଲେ ବି ମାନ୍ ସାରନ୍ତିନାହିଁ, ମୂଲ ଲାଗି ଝିଅ ବା ଭଉଣୀଙ୍କି ପୋଷନ୍ତି । ମଣିମାଙ୍କ ବାପା ତ ରଜା । ତାହେଲେ ଆଉ ଭାବନା କ'ଣ ? ଲୋଡ଼ାପଡ଼ିଲେ ସାରାଜୀବନ ସେଇଠି ବିତାଇବେ, କେହି ପଦେ କହିବାକୁ ନାହିଁ ।

ମଣିମା କହିଲେ—କ୍ଷତ୍ରିୟ ଘର ଝିଅ ଶଶୁରଘରକୁ ଗଲେ ଆଉ ବାପଘରକୁ ଫେରେ କୋଉଠି ? ରାଜାଘରେ ତ ଏ ବିଧି ବେଶୀ କଡ଼ାକଡ଼ । ପହିଲପାଳି, ଦୁହାଁପାଳି, ବହୁତ କଷ୍ଟ ବା ବହୁତ ପାଳି ଏଠି ନାହିଁ, ବାପଘରକୁ ଫେରିବା ନନ୍ଦାର କଥା ।

Digitized by srujanika@gmail.com

'ପଥ ସୁମର ପିତାଘର ଯିବ
ଆଉ ଅଯୋଧ୍ୟାକୁ ମନ ନ କରିବ ।'

ବାପଘରକୁ ଫେରିଲ ତ କଥା ସରିଗଲା, ଆଉ ସ୍ୱାମୀଘରକୁ ଫେରିବା କଥା ନାହିଁ, କୁଳକୁ ଲଜ୍ଜା ଏ । କାଳକାଳକୁ ଲୋକେ ଖୁଣ୍ଟା ଦେବେ; ମୋ'ର ଦୋଷ ବାଛିବସିବେ । ମୁଁ ଏଇ ଖରାକାକରରେ ପଡ଼ି ମରିବ ପଛେ ବାଙ୍କୀ ଫେରିବନାଇଁ. ରୁକ୍ମୁଣୀରଥ ଅଣବାହୁଡ଼ା, ଏ କଥା ଜାଣିବ, କାନରେ ଗଣ୍ଠି ପକାଇ କହୁଚ ।

ଲାବଣ୍ୟମଞ୍ଜରୀଙ୍କ ଆଦେଶରେ ଦାସୀମାନେ କେତୋଟି ପତରକୁଡ଼ିଆ ତିଆରିକଲେ, ସତେ କି ନୂଆ ପ୍ରମିଳାରାଜ୍ୟଟିଏ ଗଢ଼ା ହୋଇଗଲା !

ରାଜବାଟିର ରୁଦ୍ଧ, ବିଷାକ୍ତ ବାତାବରଣ । ଫୁସ୍ ଫୁସ୍ କଥା, ମନ୍ତ୍ରଣା କଳକୋଳାହଳ ଏଠି କିଛି ନାହିଁ । ଦାସୀଙ୍କ ଆଳଟ, ହାତଚଲା ପଙ୍ଖା ହାଓ୍ୱା କ'ଣ ଭଲ ଲାଗେ ?

କି ଖୋଲା ଏ ଜାଗା, କେଡ଼େ ଭଲଲାଗୁଚ ଏ ହାଓ୍ୱା । ପ୍ରକୃତି କୋଳରେ ନିସଙ୍ଗ ବାଳୁତ ଝିଅଟିଏ ପରି ବସିଚ, କେଡ଼େ ଶାନ୍ତ ଲାଗୁଚ ! ଘୋର ଦୁଃଖ ଭିତରେ ଏତେ ସୁଖ, ଲୁହ ଭିତରେ ଏତେ ରସ !

ଭାବଥିଲି, ଏ ଗଛଗୁଡ଼ାକ ମୂକ, କିନ୍ତୁ ଅସଂଖ୍ୟ ପୁଷ୍ପ ମୁଖରେ କି ଅପୂର୍ବ କଥା କହିବା ଭଙ୍ଗୀ ! କ'ଣ ପଚାରିବେ, ପଚାରିବେ ହଉଚନ୍ତି, ପାଟି ଫିଟୁନାଇଁ ।

କେଡ଼େ ଜକଜକ ଏ ତାରା, କେତେପାଖରେ ଦିଶୁଛନ୍ତି ମ ! ସତେ ଯେମିତି ଗଛଉପରକୁ ଉଠିଗଲେ ତୋଳି ଆଣିହବ ! ଗଛଲତାର ଏ ମର୍ମର କେଡ଼େ ମିଠା, କି ଆନନ୍ଦରେ ପ୍ରାଣ ପୂରିଯାଉଚ ।

କେଡ଼େ ପଡ଼ୋଶୀ ସ୍ନେହଭାବ ଏ ପକ୍ଷୀମାନଙ୍କର ! ଟିକିଏ ହେଲେ ଉଡୁନାହାନ୍ତି, କେତେ ପାଖକୁ ଲାଗି ଲାଗି ଆସୁଚନ୍ତି ! ମୋର ଧରିବା ମତଲବ୍ ନାଇଁ, ମୁହଁକୁ ଚାହିଁଦେଇ କେତେ ସହଜରେ ସେମାନେ

Digitized by srujanika@gmail.com

ବୃଷ୍ଟିପାଉଛନ୍ତି [illegible] ଆ ବୋଲି କହନ୍ତି, ମଣିଷ ଆଗେ ଜାଣିପାରିବ !

ଠିକ ବାୟାଚଢ଼େଇଟି, କେଉଁଠି ଜାଗାରେ ସେ, ଯୋଉ ବସା ଗଢ଼େ ଗ୍ରେଷ୍ଠିଆ ଥଣ୍ଟିରେ, କେତୋପାଟିଏ ହେଲେ ପାଣି ଗଳିବ ? ଗ୍ରେଷ୍ଠିଆ ଉଇଠି, ଯୋଉ ବହୁ ଶାଖାର [illegible] ଗଢ଼େ, ତା ଭିତରେ ଯୋଉ ଗଳି ଅର୍ଗଳି ତିଆରିକରେ, ଗୋଟିଏ ଅଂଶ ଭାଙ୍ଗିଗଲେ ଯୋଉ ଉତ୍ସାହରେ ଏକଜୁଟ୍ ହୋଇ ନିର୍ମାଣରେ ଲାଗିପଡ଼ନ୍ତି, ଦେଖି ମଣିଷ ଶିଖିବାର କଥା ।

ଏମିତି ଯେଁ ଯେଁ ହୋଇ କିଏ ବୋବାଉଛି ? ମିଛକୁ କାହିଁକି ବୋବାଉଛ ? ଯାହା ଧରିଛ ସେ ଧରିଛ, ତା ନିଃଶ୍ୱାସ ବନ୍ଦ ହୋଇ ଯାଉନାହିଁ ? ରାତିଯାକ କ'ଣ ଶୁଏନାହିଁ ? ରାତିର କଥା ସବୁ ଯେମିତି ଏକା ଗପୁଛି ସେ; କାହାକୁ କିଛି କହିବାକୁ ଦଉନାହିଁ, କେଡ଼େ ଠିକଏ ପୋକ, ତାର ଢମାକ୍ ଦେଖ ।

ଖୋଲାପବନ, ପକ୍ଷୀଗହଳ ଆଉ ବଣର ସରସର ମରମର ମଧ୍ୟରେ ତେରେଛା ଲାଲ୍ ସୂର୍ଯ୍ୟକିରଣ ଆସି ପଡ଼ିଲା, ଦୁଶ୍ଚିନ୍ତା ଭିତରେ ରାତିରେ ପେଟକୁ ତ ଦାନା ଯାଇ ନଥିଲା; ସେଥିରେ ବାଟଚଲା ବାଧା, ନିଦ କେତେବେଳେ ଆସି ଆଖି ସିଇଁଦେଲା; କେହି ଜାଣିପାରିଲେ ନାହିଁ ।

କୁମ୍ଭାଟୁଆକୁ କପୋତ, ବଣକୁଆକୁ କଜଳପାତି, କୁଣ୍ଡାଖାଇକି ଘୁକାଳିକା ଆଉ ଶୁଆଇ ଦେଲେନାହିଁ । ଗୁଳି ପରି ଛୁଟିଥାନ୍ତି ଏଣେତେଣେ ପ୍ରଜାପତି; ଲବଣ୍ୟମଞ୍ଜରୀଙ୍କ ନିଦ ଭାଙ୍ଗିଲା । ଯାହିତାହି ମାଣ୍ଡି ବଢ଼ାଇବାରେ ଦାସୀମାନେ ଆସି ସାହାଯ୍ୟ କଲେ ।

ଯଉତୁକ ସୁନାଶିଳରୁ ଖଣ୍ଡେ କା ବିକି ସଉଦା କିଣି ଆଣିବା ଲଗି ରାଣୀ କେତେ ଜଣ ଦାସୀଙ୍କି ପଠାଇଲେ । ମୂଲ କରୁଚି କିଏ ? ଦୋକାନୀ ଯାହା ଦେଲା ଦେଲା । ଶାଗ ମାଛ ଦରରେ ସୁନାଶିଳରୁ ପ୍ରାୟ ଅଧାଅଧି ବିକ୍ରୀ ହୋଇଗଲା ।

Digitized by srujanika@gmail.com

ଏ ମଧ୍ୟରେ ରାଜ୍ୟରେ ଚହଳ ପଡ଼ିଗଲା—ରଜା ପାଟରାଣୀଙ୍କି ରାଣୀହଂସପୁରରୁ ତଡ଼ିଦେଇଛନ୍ତି । ରାଜା କାହାର ? ଆମର; ରାଣୀ କାହାର ? ଆମର; ରାଜା ନାରାୟଣ ହେଲେ ରାଣୀ ମହାଲକ୍ଷ୍ମୀ । କିଏ କାହାକୁ ଊଣା ?

ରାଣୀ ମେଲାରେ ପଡ଼ିଛନ୍ତି, ଆମେ ରହିବା ଘରେ ? ସେ ଉପାସେ ରହିଛନ୍ତି, ଆମ ପାଟିକି କେମିତି ଗୁଣ୍ଡା ଯାଉଚି ?

ବାପ ମାଆଙ୍କର ଯାହା କୋଉ କଥାରେ ଅପଡ଼ ହୋଇଗଲା, ସେ କଥା ବୁଝିବ କିଏ ? ଆମେ ତ ' ରଜା ଆଉ ରାଣୀଙ୍କି ବୁଝେଇବ କିଏ ? ଆମେ ତ; ତାଙ୍କ ବେଳକୁ ଆମେ, ଆମ ବେଳକୁ ସେ ରହିବେ, ବାପ ମାଆ ସେ, ଆପଦବିପଦରେ ଠିଆ ହିଁବା ପିଲାମାନଙ୍କର ଧର୍ମ ।

ଦେଖ ଦେଖୁ ରାଜ୍ୟର ଗୁରୁଆଡ଼ ସିଧା ବା ଛଞ୍ଚା ବୋହି ଆସିଲା । କିଏ, ସଉରାଙ୍କ ଭିତରୁ କିଏ କୋଳି, କିଏ ବା କେନ୍ଦୁ, ଆମ୍ବ, ପଣସ ବା ମହୁ ଆଣି ପହଞ୍ଚାଇ ଦେଲେ । ରାଣୀ ଆଖି ଛଳଛଳ କରି କହିଲେ—ତୁମମାନଙ୍କ ସ୍ନେହ ସବୁକାଳେ ମନେ ରହିବ ।

ଦେଖ ଦେଖୁ ପାହାଡ଼ ପ୍ରମାଣେ ଜିନିଷ ଆସି ଗଦା ହୋଇ-ଗଲା, ରାଣୀ କହିଲେ—ଏତେ ଜିନିଷ ମୁଁ କଣ କରିବି ? ସମସ୍ତେ ରାନ୍ଧି ବାଢ଼ି ଖାଅ । ମୋର କିଛି ଲୋଡ଼ା ନାହିଁ । ମୁଠାଏ ଖାଇ ବଞ୍ଚିବାକୁ ମୋ ଦେହରେ ଢେର୍ ଅଳଙ୍କାର ଅଛି ।

'କଣ ? ରାଣୀମାଆ ଦେହର ଅଳଙ୍କାର ବିକି ଖାଇବେ ? ଆମେ ଏତେ ପୁଅ, ଝିଅ ଆଉ ଅଛୁ କାହିଁକି ?'

ଏତିକିବେଳେ ବାଙ୍କୀରୁ ରାଜଗୁରୁ ଆସି ପହଞ୍ଚିଗଲେ—ସଙ୍ଗରେ ବହୁତ ସରଞ୍ଜାମ—ଲବଣ୍ୟମଞ୍ଜରୀ ଯାହା ବାଙ୍କୀ ନ ଯାନ୍ତି, ରଜା ଏଇଠି ଉଆସ ତୋଳାଇଦେବେ, ସବୁ ଖଞ୍ଜା କରିଦେବେ । ରାଣୀ ରାଜଗୁରୁଙ୍କୁ ପାଦତଳେ ପଡ଼ି କହିଲେ—ଯାହା ସରଞ୍ଜାମ ଆଣିଛ, ମୋର ବରଷେ

Digitized by srujanika@gmail.com

ବୁଲିଯିବ । ବାପାଙ୍କୁ କହିବ, ଆଉ କିଛି ପଠାଇବେ ନାହିଁ, ମୋ ଭାଗ୍ୟ-ଫଳ ମୁଁ ଭୋଗୁଚି, କିଛି ମନକଷ୍ଟ କରିବେ ନାହିଁ । ମାଆକୁ କହିବ; ମୁଁ ଏଠି ସୁଖରେ ଅଛି, ସେ ମିଛିଟା ଭାବିବେ କାହିଁକି ? ଭାବୁଥିଲି— ଏଟା ନିର୍ଜନ ଜାଗା ବୋଲି, ଦେଖୁ ଦେଖୁ ଏଠି ବହୁତ ଜନଗହଳି ହୋଇଗଲାଣି । ମୁଁ କାହାର ସାହାଯ୍ୟ ଲୋଡ଼ି ନାହିଁ, ଏତେ ସାହାଯ୍ୟ ପହଞ୍ଚୁଚି ଯେ ସାଇତିବାକୁ ଏଠି ଜାଗା ନାହିଁ । ମୋର କିଛି ଭୟ ନାହିଁ, ସ୍ୱୟଂ ଭଗବାନ୍ ହିଁ ମୋ ପଛେ ପଛେ ଅଛନ୍ତି ।

ରାଜା ଅନ୍ତଃପୁରରେ ପଶି ଦେଖିଲେ, ମାଛି ମରିଯାଇଛି, କାହାର ମନରେ ସୁଖ ନାହିଁ । ହସକୌତୁକର ସନ୍ଧା ନାହିଁ । ଘୋର ଶଙ୍କା । ପାଟରାଣୀ ଲାବଣ୍ୟମଞ୍ଜରୀ ଯିବା ସଙ୍ଗେ ସଙ୍ଗେ ଶ୍ରୀ ତୁଟି ଯାଇଛି ।

ପ୍ରଜାଙ୍କ ଧାଡ଼ି ଲାଗିଛି, ଯୋଉଠି ରାଣୀ, ସେଇ ବାଗକୁ । କାହାକୁ କି ଶାସ୍ତି ଦେବେ ?

ମନ ବିକଳ ହୋଇ ଉଠିଲା—ଛି, କି କାମଟାଏ କଲି ମୁଁ ! ଯାହାଙ୍କୁ ଚନ୍ଦ୍ରସୂର୍ଯ୍ୟ ଦେଖୁ ନଥିଲେ, ଛଡ଼ା ଫୁଲଟାଏ ଲାଗିଲେ ଯାହାର ଶ୍ରୀପଦକୁ ବାଧୁଥିଲା, ତାକୁ ଟେକା ପଥର ବାଟରେ ଚଲାଇ ଚଲାଇ ନେଲି, ସତେ ଯେମିତି ମହିଷମାରୁ, ତାକୁ । ଶଶୁର ଆଉ ଶଳାମାନଙ୍କ କାନକୁ ଏକଥା ଯିବଣି, କଣ ଭାବୁଥିବେ ସେମାନେ !

ଏତିକିବେଳେ ପାଟଯୋଷୀ ଆସି ରାଜବାଟିରେ ପହଞ୍ଚିଲେ । ପାଟଯୋଷୀ ରାଜାଙ୍କୁ ଶତ୍ରୁ କବଳରୁ ଉଦ୍ଧାର କରିଛନ୍ତି, ପୁଣି ତାଲମୂଳର ସିଂହାସନରେ ବସାଇଛନ୍ତି । ଉପକାର ବଦଳରେ ଧନରତ୍ନ ବା ଜମିଦାରୀ, ଜାଗିରୀ କିଛି ଗୃହିଁ ନାହାନ୍ତି, ଲୋଭ ତାଙ୍କୁ ଛୁଇଁ ନାହିଁ । ନିଜ ସାଧନା ଓ ସଦ୍‌ଗୁଣରେ ଦାରିଦ୍ର୍ୟ ମଧ୍ୟରେ ମହାନ୍ ହୋଇ ଉଠିଛନ୍ତି ସେ ।

Digitized by srujanika@gmail.com

କପାଳରେ ଚନ୍ଦନଟୋପା, କାନ୍ଧରେ ଚକ୍ ଶକ୍ ପଇତା; ମୁହଁରେ ଚମ୍ପାକଳିଆ ଦାଢ଼ି, ଆଖିରେ ଧବଳ ଜ୍ୟୋତି, ପାଦରେ କଠଉ । ରାଜା ତାଙ୍କୁ ଦେଖିବାମାତ୍ରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ବିଶ୍ୱସ୍ତ କର୍ମଚାରୀ ବାଘ ଗଡ଼ନାୟକ ରାଜାଙ୍କୁ ସେନାପତିର ଯଥାମାନ୍ୟ ନମସ୍କାର କଲା ।

ପାଟପୋଷୀ କ୍ଷଣେ ନୀରବ ରହି ପାଟି ଫିଟାଇଲେ—ନ ଆସି ରହିପାରିଲିନି ବୋଲି ଆସିଲି, ନିସନ୍ଧ୍ୟାରେ ରଜାଙ୍କ କଲ୍ୟାଣ କାମନା କରେ, ପ୍ରଜାଙ୍କର ବି—ସର୍ବରକ୍ଷା ଶାନ୍ତିର୍ଭବନ୍ତୁ ।

କିନ୍ତୁ ଏ କଣ ହଉଛି—ସମସ୍ତ ରାଜ୍ୟ ଏବେ ବାର୍କିଆଣୀ ମଣିମାଙ୍କ ପଛରେ । କେତେବେଳେ ବିପ୍ଳବ ଘଟିଯିବ, କହି ନ ପାରେ, ବହୁ କଷ୍ଟରେ ଅର୍ଜିତ ଏ ରାଜ୍ୟ ନାରଖାର ହୋଇଯାଉ, ଚାହେଁ କିଏ ?

ଝୁଙ୍କସ ଖଣ୍ଡା ମଜାଉଛି, ଲହଙ୍ଗା ତାଳ ନଚାଉଛି, ପ୍ରଜାଙ୍କ ଆଡ଼ୁ ଟିକିଏ ଇସାରା ପାଇଲେ ମାଡ଼ି ଆସିବେ ।

ବାର୍କିଆଣୀ ମଣିମାଙ୍କୁ ଯୋଉ ଦଣ୍ଡ ଦେଲେ ଏହା ଲାଉଗ୍ରେରାଙ୍କ ମୁଣ୍ଡକାଟ ଶାସ୍ତି ପରି ହେଲା; ବିଭା କାଳରେ ସ୍ତ୍ରୀର ଦଶ ଦୋଷ କ୍ଷମା କରିବେ ବୋଲି ବେଦୀ ଉପରେ ଅଗ୍ନି ସାକ୍ଷ୍ୟରେ ଯେଉଁ ସଂକଳ୍ପ କରିଥିଲେ, ତାହା ଭୁଲିଗଲେ କି ?

ରାଜଧର୍ମ ପ୍ରଜାଙ୍କ ଧର୍ମ, ରଜା ଯୋଉ ବାଟ ଦେଖାନ୍ତି, ପ୍ରଜା ସେଇ ବାଟରେ ଚାଲନ୍ତି । ରାଜା ଏଇ ଯୋଉ ଦୃଷ୍ଟାନ୍ତ ଦେଖାଇଲେ, ତାଙ୍କୁ ଅନୁସରଣ କଲେ କାହାରି ଘରେ ଆଉ ମାଇପେ ରହିବେ ନାହିଁ । ଟିକିଏ ଟିକିଏ ଦୋଷରେ ପ୍ରଜାମାନେ ମାଇପଙ୍କୁ ଘରୁ ତଡ଼ିଦେଇ ଗାତ ଖୋଳି ଜିଅନ୍ତା ପୋତି ଦେବାର ବ୍ୟବସ୍ଥା କରିବେ । ଲୋକସମାଜ ନଷ୍ଟଭ୍ରଷ୍ଟ ହୋଇଯିବ ।

ଧନ ଆଉ କ୍ଷମତାରେ ବାଇ, ମଣିଷ ଅମଡ଼ା ମାଡ଼ି ଚାଲିଯାଏ, ବୁଝିପାରେନାହିଁ—ସେ କି ଅକର୍ମ କରୁଛି ! କେବେ ଭାବେନାହିଁ ତାର ଫଳାଫଳ କ'ଣ ?

Digitized by srujanika@gmail.com

ଗ୍ରୁମୁଁ ବାଙ୍କିଆଣୀ ମନ୍ତିମାଙ୍କୁ ଛାଡ଼ିଲେ, ସେ ଦୁଷ୍ଟା ବା ପତିତା ନୁହନ୍ତି, ତାଙ୍କ ଦୋଷ ମଧ୍ୟ ନଗଣ୍ୟ । ପରାଶର ସ୍ମୃତି କହେ—ଏଭଳି [illegible] ଫଳ ଭୟଙ୍କର—ଦଣ୍ଡଦାତା ସାତ ଜନ୍ମଯାଏ ଝିଅ ହୋଇ ଜନ୍ମ ହେଉଥାଏ, ବିଭାହେବା ପରେ ପରେ ସ୍ୱାମୀ ମରେ, ହାତର କାଚ ଷ୍ଟେଇଗୁ ହୁଏ । ସ୍ତ୍ରୀ ପକ୍ଷରେ ବୈଧବ୍ୟଦୁଃଖରୁ ବଳି ଦୁଃଖ ନାହିଁ ।

ପ୍ରଜାମାନେ କ ପାଞ୍ଚ ମନରେ ରଖି ଗ୍ରୁମୁଙ୍କ ପାଖକୁ ତିନି ଜଣ ବ୍ରାହ୍ମଣ ପଠାଇଥିଲେ ଗ୍ରୁମୁଁ ତାହା ସମଝିବାକୁ ଚେଷ୍ଟା କଲେ ନାହିଁ । ଏ ରାଜ୍ୟରେ କଣ ସାହସୀ କ୍ଷତ୍ରିୟ ବା ବୈଶ୍ୟ ନଥିଲେ ? ବ୍ରାହ୍ମଣ କାହିଁକି ପଠାଇଲେ ? ତର୍କତାର୍କରେ ଏସବୁ ବୁଝିବା କଥା; ତା ନହେଲେ ରାଜ୍ୟ ଚଳିବ କେମିତି ?

ପ୍ରଥମ କଥା, ପ୍ରଜାମାନେ ବୁଝିଥିଲେ—ବ୍ରାହ୍ମଣ ଅବଧ୍ୟ । ବ୍ରହ୍ମ-ହତ୍ୟାର ପ୍ରାୟଶ୍ଚିତ୍ତ ଭୟଙ୍କର—ଜୋତା ମାଡ଼ିବେ ନାହିଁ କି ଛତା ଟାଣିବେ ନାହିଁ, ରାଜା ଖାଲି ପାଦରେ ଖରା ବର୍ଷାରେ ବୁଲି ବୁଲି ଗୃହ ବର୍ଷିଙ୍କଠାରୁ ଭିକ ମାଗିବେ, ଆଉ ସମସ୍ତଙ୍କ ଆଗେ ନିଜର ପାପ ପ୍ରକାଶ କରିବେ ।

ଗ୍ରୁମୁଁ ବ୍ରହ୍ମହତ୍ୟା କରିନାହାନ୍ତି. ଗ୍ରୁମୁଁଙ୍କ ଆଜ୍ଞାରେ ବ୍ରାହ୍ମଣଙ୍କ କପାଳରେ 'ନମଃ ହାରାମ୍' ଲେଖାଗଲାବେଳେ ରକ୍ତପାତ ହେଲା । ଏଥିଲାଗି କୃଚ୍ଛ୍ରବ୍ରତ ଅବଲମ୍ବନ କରିବାକୁ ହବ, ନ'ଦିନ ପର୍ଯ୍ୟନ୍ତ ଦୈନିକ ଏକ ମୁଷ୍ଟି ମାତ୍ର ଭୋଜନ, ତାପରେ ତିନିଦିନ ନିର୍ଜଳ ଉପବାସ, ଶାସ୍ତ୍ରୀୟ ପ୍ରାୟଶ୍ଚିତ୍ତ ବ୍ୟବସ୍ଥା ଏ ।

ପ୍ରଜାମାନେ ଏ ଦୁଇ ଘଟଣା ପରେ ଅତି ଉତ୍କଣ୍ଠ ଅବସ୍ଥାରେ ଅଛନ୍ତି । ନେଡ଼ି ଗୁଡ଼ି କହୁଣୀକି ବୋହି ଗଲାଣି । କେତେବେଳେ ନିଆଁ ଜଳି ଉଠିବ, କିଏ କହିବ ? ସାରା ରାଜ୍ୟ ଏବେ ରାଣୀଙ୍କ ସପକ୍ଷରେ ।

ତଥାପି କହିବି, ଅବସ୍ଥା ଅନାୟତ୍ତ ହୋଇନାହିଁ । ଯୁବାଙ୍କୁ ଏବେ ଆପଣା ବାଟରେ ଆଗେଇନେଇ ହବ ।

Digitized by srujanika@gmail.com

ବାଙ୍କିଆଣୀ ମ ାଙ୍କ କୋପ ଶାନ୍ତ କର ଫେରାଇ ଅଣାହଉ । ଦେଖିବେ, ନାଆଁରେ ପାଣି ପଡ଼ଲା ପରି ସବୁ ଥଣ୍ଡା ପଡ଼ିଯିବ ।

ପାଟପୋଷୀଙ୍କ କୋଉ କଥା ତଳେ ମଡ଼େନାହିଁ, ପଡ଼ଲା ନାହିଁ । ରଜା ବିଗୁଡ଼ିଲେ—ଏ ମୋର ପ୍ରକୃତ କଲ୍ୟାଣକାମୀ ଗୁରୁଜନ, ଯାଙ୍କ କାଳୋପଯୋଗୀ ଉପଦେଶ ନ ମାନିବା ଅର୍ଥ ବିପଦ ବରଣ କରିବା ।

ବାଘ କାହିଁକି ଆସିଛି ? ରାଜ୍ୟର ଅବସ୍ଥା ଅସମ୍ଭାଳ ବୋଲି ଜଣାଇବାକୁ ଆସିଛି, ହେବା ସେ କଥା ପ୍ରକାଶ କରିନାହିଁ । ବୋଧହୁଏ, ଦୁହେଁ ବିଚାରିବିଚାରି ହୋଇ ଆସିଛନ୍ତି ।

ଭଲକଥା ନ ଶୁଣିଲେ ମଝିରେ ପଡ଼ିବାକୁ ହୁଏ । କାଳ ବିଳମ୍ବ ନ କରି ଅନ୍ୟ ତିନି ରାଣୀଙ୍କି ଘେନି ରାଜା ଆଠ ପାଟୁଆରରେ ବାଙ୍କିଆଣୀ ମଣିମାଙ୍କ ପାଖେ ପହଞ୍ଚିଲେ, ତିନି ରାଣୀ ରାଜାଙ୍କ ଅନୁତାପ କଥା ଲବଣ୍ୟ-ମଞ୍ଜରୀଙ୍କୁ ବୁଝାଇ ଦେଲେ ।

ନଅରକୁ ଫେରିଆସ ବୋଲି ତୁଣ୍ଡରେ ନ କହିଲେ ବି ରାଜାଙ୍କ ବିନୀତ ଭାବ ଦେଖି ରାଣୀଙ୍କ ମନ ତରଳି ଗଲା, ତାଙ୍କ କୋପ ଶାନ୍ତ ହୋଇଗଲା, ସେ ରାଜାଙ୍କୁ ମନେ ମନେ କ୍ଷମା ଦେଲେ—ଏଡ଼େ ବଡ଼ ଦର୍ପିଷ୍ଟ ରାଜା, ଯେ ନାଆଁ ହେଲେ ସାରା ରାଜ୍ୟରେ ଛାଆଁ ମାଡ଼ ହୋଇ-ଯାଏ, କଥା ଟିକିଏ ଏପଟ ସେପଟ ହେଲେ ଶିବଙ୍କ ପରି ତାଙ୍କ କପାଳରୁ ବୀରଭଦ୍ର ବାହାରି ପଡ଼ନ୍ତି, ସେ ଯେତେବେଳେ ସବୁ କ୍ରୋଧ, ଅଭିମାନ ଭୁଲି ପାଦ ତଳକୁ ଅଇଲେଣି, ସେଇ କଣ ହେଲା ନାହିଁ ? ସୂତା ମାଜିଲେ ସରୁ, କଥା ମାଜିଲେ ଗରୁ, ଛିଣ୍ଡି ଆସୁଥିବା କଥାକୁ ଏବେ ମାନ-ଅଭିମାନରେ ମୋଡ଼ କରିବା ବୃଥା । ଲବଣ୍ୟମଞ୍ଜରୀ ସଙ୍ଗିନୀ ସଉତୁଣୀ-ମାନଙ୍କ ସହିତ ପାଲିଙ୍କି ଉପରେ ପାଟଛତା ଟାଣି ଉଆସକୁ ଲେଉଟି ଆସିଲେ । ସେତେବେଳେ ପାଟପୋଷୀ ବା ଗଡ଼ନାୟକଙ୍କ କଥା କାହାରି ମନେ ପଡ଼ିଲା ନାହିଁ—

ତେଲି ତେଲ ହେଲେ ଏକା
ପିଡ଼ଆ ଖଣ୍ଡ ପଛକୁ ପକା ।

Digitized by srujanika@gmail.com

ଦେଶକ ବିପ୍ଳବ ଭୟ, ଦେଶକ ଧର୍ମ ଭୟ, ଧର୍ମ ଭୟ ମାନେ ରାଜା କୁଳ ବୁଡ଼ିଯିବାର ଶଙ୍କା କରୁଥିଲେ; ଗୃହ ରାଣୀ, ହେଲେ କାହାର କୋଳରେ ପିଲା ନଥିଲା । ରାଜା ଭାବୁଥାନ୍ତି—ଅନନ୍ତ ଗାଦିରେ କିଏ ବସିବ ? ଅନ୍ତରପୁଅକୁ ଗାଦିରେ ବସାଇଲେ ଲୋକେ କଣ କହିବେ ! ତାଙ୍କୁ ରଜା ବୋଲି ନ ମାନିଲେ କଣ ହେବ

ଏମିତି ଦୁଃଖର ଭାବନା ଭିତରେ ପାଟଗୋଷୀଙ୍କ ପ୍ରସ୍ତାବରେ ଦୁର୍ଦ୍ଧାନ୍ତ ଖିଆଲି ରାଜା ସୁରେନ୍ଦ୍ର ସାଳପ ଲାଗି ରାଜି ହୋଇଗଲେ । ସାଳପ ପରେ ସେ ଜଟାଧାରୀ ସନ୍ନ୍ୟାସୀଙ୍କ ଶରଣ ନେଲେ, ସନ୍ନ୍ୟାସୀଙ୍କ ପରାମର୍ଶ—ଯାଜପୁର ବିରଜା ମନ୍ଦିରରେ ପୁତ୍ରେଷ୍ଟି ଯଜ୍ଞ କର ।

ରାଜା କାଷ୍ଠାନୁଷ୍ଠାନରେ ଯଜ୍ଞ କଲେ, ପୂର୍ଣ୍ଣାହୁତି ଆଗରୁ ଅଖିଆ ଅପିଆ ଦେବୀଙ୍କ ସମ୍ମୁଖରେ ଅଧା ପଡ଼ିଲେ, ଦେବୀଙ୍କ ମସ୍ତକରୁ ମନ୍ଦାର ଫୁଲ ଖସିବା କାର୍ଯ୍ୟସିଦ୍ଧିର ଲକ୍ଷଣ ।

ତାପରେ ରାଜା ତାଳମୂଳ ଫେଣ୍ଟଯାଇ ରାଣୀମାନଙ୍କୁ ଯଜ୍ଞଚରୁ ଓ ବିରଜାଙ୍କ ପାଦୁକ ଖାଇବାକୁ ଦେଲେ । ଏକାଦଶତମ ବର୍ଷର ରାଣୀଙ୍କର ମାସ ଗଡ଼ିଲା ।

କୁଳର ପୁଅଟିଏ ପାଳିବାକୁ ଏତେ ଆଗ୍ରହ ଯେ ରଜା ନିଜେ ରାଣୀମାନଙ୍କ ସଧ ମେଣ୍ଟାଇବାକୁ ଚେଷ୍ଟା କଲେ । ଗର୍ଭଗର ଅବସ୍ଥାରେ ଗରଭ ସ୍ତ୍ରୀଙ୍କ ସଧ ଆଉ ରାଣୀଙ୍କ ସଧ ମଧ୍ୟରେ ତାରତମ୍ୟ ଥିଲା । ସ୍ଥୂଳତଃ ଗରଭ ସ୍ତ୍ରୀର ସଧ ଭଲ ଖାଇବା, ଯଦି ବା କେହି କେହି ବେଳେ ବେଳେ କାନ୍ଥ ମାଟି ବା ଚୂଲି ପାଉଁଶ ଖାଇଯାନ୍ତି ।

ରାଣୀଙ୍କ ସଧ ଗରବାନ ଖାଦ୍ୟ ଉପରେ—ପିତାଶାଗ, ମୁଳା କାଞ୍ଜି, ସଜପଖାଳ ଦହି, ମଦରଙ୍ଗାଶାଗ ରାଇତା, ବାଲିଛତୁ, ନଡ଼ିଆ-ଫାର୍ଣ୍ଣି ପିଠା କମ୍ବା ଲମ୍ବପତ୍ର ଛୁଙ୍କିକରା ଖୁଦପିତାରେ, ରାଣିମିଗା ଗୁଉଲଭଜା, ମାଛପୋଡ଼ା, ଗଇଁଠାପିଠା, ବାଉଁଶ କରଡ଼ି ଖଟାରେ ।

Digitized by srujanika@gmail.com

ରାଣୀମାନେ ଯେତେବେଳେ ଯାହା ଖାଇ ମନ କଲେ, ରଜା ଆଣିଦେଲେ, ଦେବଦର୍ଶନ କରାଇଲେ, ସୁନ୍ଦର ସୁନ୍ଦର ଦୃଶ୍ୟ ଦେଖାଇଲେ ।

ଏକାବେଳକେ ଛଅ ରାଣୀଙ୍କର ଛଅଟି ପୁଅ ହେଲା । ପାଞ୍ଚ ବର୍ଷ ଏଇ ଭିତରେ ପିଲା ହେଲେ; କୋଡ଼ିଏଟି ପିଲା ମଧ୍ୟରେ ଊଣେଇଶଟି ପୁଅ, ଗୋଟିଏ ମାତ୍ର ଝିଅ । ରଜା ଏ ଝିଅକୁ ଅନୁଗୁଳର ଯୁବରାଜ ସୋମନାଥ ସିଂହଙ୍କୁ ବାଗ୍ଦତ୍ତା ଦେଇଥିଲେ ।

ଦାସୀଙ୍କ ଆଉ ରଜାଙ୍କର ଯେତେ ପିଲା ହୋଇଥିଲେ, ସେଥିରେ ଗୋଟିଏ ଗାଁ ବସିପାରବ । ଝିଅଙ୍କୁ କିଏ ଗଣେ ? ଶତାଧିକ ଦାସୀଙ୍କ ଗର୍ଭରୁ ପଚିଶଟି ଅନ୍ତରପୁଅ ହୋଇଥିଲେ ।

ଦାସୀ ଆଉ ଛୁଆଙ୍କ ଗହଳଚହଳରେ ଅନ୍ତଃପୁରରେ ପଶି ହେଲାନାହିଁ । କେଁ କାଁ ଭେଁ ଭାଁ ଚହଳରୁ ଡେଣେ ଦାସୀଙ୍କ ଭିତରେ କଳି । ଯତେ ଯେମିତି ରାଣୀହଂସପୁରେ ଗୋଟାଏ ମାଛହାଟ ବସିଚି ! କେହି କାହା କଥା ଶୁଣୁନାହାନ୍ତି, ସମସ୍ତେ କହୁଛନ୍ତି ବା ପରସ୍ପର ମଧ୍ୟରେ ବକାବକ ହଉଛନ୍ତି । ରଜାଙ୍କୁ ଦେଖିଲେ ଆଉ ଶଙ୍କି ଯାଉନାହାନ୍ତି । କାହାର ପାଟି ବନ୍ଦ ହୋଇଯାଉନାହିଁ । ଜାଣିଶୁଣି ରଜା ତ ଏସବୁ ଭୋଗିଇଛନ୍ତି ! କହିବେ କାହାକୁ ?

ଜଣେ ବେଶ୍ୟା ଘରଯା, ଆଉ ଜଣେ ଥୋଇଲା ପୋଇଲା, ଉଭୟେ ତାଙ୍କ ପଡ଼ରୂପରେ ଦେଖୁଛନ୍ତି, ଗେଲେଇ ଲୁଚେଇ ହଉଛନ୍ତି; ପୋଇଲା ଯାହା ଟିକେ ଦୂରେଇ ରହୁଛନ୍ତି । ରାଜମର୍ଜିକ ଗୁହାଁ କାରବାର । କାଳେ ସେ ମନରୁ ଭୂତ ବାହାରି ନକାଶ କରିଦେବ, ଏ ଭୟ ରହିଚି । ତଥାପି ଗର୍ବ କମ୍ ନାହିଁ; ରାଣୀଙ୍କ ପରି ପୋଇଲା ବି ପୁଅର ମାଆ ! ତାର ପୁଅ ବି ରଜାପୁଅ, ଯଦି ବା କିଛି ଅନ୍ତର । ବଢ଼ାଇଲାବେଳେ ପାତରଅନ୍ତର ନ ଥାଏ, ସମସ୍ତେ ପ୍ରାୟ ଭଲ ଖାନ୍ତି, ଭଲ ପିନ୍ଧନ୍ତି

Digitized by srujanika@gmail.com

ପୁଅ ହେବାପରେ ରଜାଙ୍କ ମନ ବଦଳିଗଲା, ଅନ୍ତର ପୁଅ-ମାନଙ୍କଠାରୁ କରଛଡ଼ା ଦେଲେ. ମାତ୍ରଅନ୍ତର ଭାବ ପ୍ରକାଶ ପାଇଲା; ସେଦିନର ପ୍ରୀତିମଣ୍ଡ ଟୋଇଲାକ ଦୂର୍ ଦୂର୍ ମାର୍ ମାର୍ କଲେ ।

ଦିନେ ଘୋର କୋଳାହଳରେ ରଜା ରାଗି ନିଆଁ ହୋଇଯାଇ କହିଲେ—ସମସ୍ତେ ଅଭି ବାହାର; ନଇଲେ ଦେଖିବ ।

ଦେଖୁ ଦେଖୁ ସାଆନ୍ତ ଗାଁଟିଏ ବସିଗଲା—ନା ସୁରେନ୍ଦ୍ରପୁର; ପ୍ରତ୍ୟେକ ଅନ୍ତରପୁଅ ନାଁରେ ରଜା ଖଣ୍ଡିଏ ଖଣ୍ଡିଏ ଗାଁ ଖଞ୍ଜିଦେଲେ ।

ଏ ରାଜା କଉଡ଼ିଚଳଣି ବନ୍ଦ କଲେ, ସ୍ୱରାଜ୍ୟରେ ମରହଟ୍ଟୀ ମୁଦ୍ରା ଚଳାଇଲେ । ଜମି ମାପ୍‌ଚୁପ୍ କରି ଭାଗ, ଗୁଣ୍ଠ, ବାଟି ହିସାବରେ କର ଆଦାୟ କଲେ । ପ୍ରତି ପାଞ୍ଚ ଭରଣ ଧାନ ଆୟ ହେଉଥିବା ଜମିକୁ ଏକ ବାଟି, କୋଡ଼ିଏ ଭରଣ ଧାନ ଆୟ ଜମିକୁ ଏକ କାଣି, ଅଶୀ ଭରଣ ଧାନ ଆୟ ଜମିକୁ ଏକ ଭାଗ ଧରାଯାଉଥିଲା । ପ୍ରତି ବାଟିରୁ ଏକ ପୁଡ଼ୁଗ ଧାନ ଓ ଏକ ଟଙ୍କା ଖଜଣା ଆଦାୟ ହେଉଥିଲା । ଲାଖରାଜୀ ଶାସନମାନଙ୍କରୁ ଏଇ ବିଭାଗ ଅନୁସାରେ ଗ୍ରାମର ଛେଦା, ଭେଦା, ପଞ୍ଜା ଆଦାୟ କରାହେଉଥିଲା ।

ରାଜ୍ୟର ଆୟ ରଜାଙ୍କୁ ନଅଣ୍ଟ; ପ୍ରଜାଙ୍କ ଲାଗି କାଣିକଉଡ଼ିଟିଏ ଖର୍ଚ୍ଚ ହେଉ ନ ଥିଲା । ରଜା ବହୁକୁଟୁମ୍ବୀ, ଖର୍ଚ୍ଚ ସମତୁଲ କରି ନ ପାରି ବ୍ୟତିବ୍ୟସ୍ତ ହେଉଥିଲେ; ମନ ସଂସାରରୁ ଗୁଡ଼ିଗଲା ପରି ଲାଗୁଥିଲା । ସେ ଏକୁଟିଆ ଭାବବସୁଥିଲେ, ଭାବନାର ଥଳକୂଳ ନ ଥିଲା । କେହି ପାଖରେ ପଶିବାକୁ ଭରସୁ ନ ଥିଲେ, ପଚାରିବେ କ'ଣ ?

କାହାକୁ କିଛି ନ କହି ରାଜ୍ୟ ଦାୟିତ୍ୱ କାହା ମୁଣ୍ଡରେ ନ ଥୋଇ ଦିନେ ଟାଙ୍ଗଣ ଘୋଡ଼ାରେ ବସି ରଜା ତୀର୍ଥବ୍ରତ କରି ବାହାରିଗଲେ. ରଜାର ଖିଆଲ, କହିବ କିଏ ସେ ? ଗଙ୍ଗାସାଗରସଙ୍ଗମ, କାମାକ୍ଷୀ ବାରାଣାସୀ, ପ୍ରୟାଗ, ବୃନ୍ଦାବନ, ମଥୁରା, ଦ୍ୱାରକା, ବୈଦ୍ୟନାଥ

Digitized by srujanika@gmail.com

ଜଗନ୍ନାଥ ପ୍ରଭୃତ ତୀର୍ଥସ୍ଥାନ ବୁଲି ଦେଖିବାକୁ ପ୍ରାୟ ପାଞ୍ଚ ବର୍ଷ ବୋହିଗଲା ।

ରାଜ୍ୟ ଚୂଲିକି ଗଲା କି ଚୁଲାରେ ରହିଲା, କିଏ ଦେଖୁଚି ? ରାଜା ନ ଥାଇ ରାଜ୍ୟ ଚଳିବ କିପରି ? ଚୋରିଆଡ଼ି ଲୁଟ୍‌ପାଟ୍, ଅରାଜକତା; ରାଜକର୍ମଚାରୀ ହିଁ ଦିନ ଦିପହରେ ରାଜାଙ୍କ ଗଣ୍ଡି କାଟୁଥିଲେ, ତଣ୍ଡି କାଟୁଥିଲେ ।

ଏ ଅବସ୍ଥା ଦେଖି ପାତ୍ରମନ୍ତ୍ରୀଙ୍କ ଭିତରେ ଭଲେଣି ପଡ଼ିଲା— କ'ଣ କରିବା ? ଚୋରିଆଡ଼ି ଘରପୋଡ଼ି, ଚୋରି, ଡକାୟତି, ବଦ୍‌ମାସୀ; ଦମାକ୍ ବହୁତ ବଢ଼ିଚି; ଚୁଲିଲା ଗୋଡ଼କୁ ପଛଆଡ଼ ଟାଣିଦେଉଛନ୍ତି ସେମାନେ । ବିବାହବେଦୀରୁ କନ୍ୟାକୁ ହରଣ କରିନେଉଛନ୍ତି । ବାଟଘାଟ ପଡ଼ିଗଲାଣି; ବାଧ ନ ଥିବାରୁ ମିରିଗଙ୍କର ଏ ନାଟ ଲାଗିଚି ।

ବିଚାରିବିଚାରି ହୋଇ ପାତ୍ରମନ୍ତ୍ରୀ ଗମ୍ଭୀରସାଆନ୍ତଙ୍କୁ ଗାଦିରେ ବସାଇଦେଲେ । ରାଜ୍ୟ ସମ୍ଭାଳା ପଡ଼ିଲା; ରାଜଦଣ୍ଡ ଭୟରେ ଲୁଟ୍‌ତରାଜ ଊଣା ହୋଇଗଲା ।

ଏଥିକି ବଳ କାହାର ? ଏ ରଜାଘର ପାଠ; ଏ ପାଠରେ ସବୁ ଚଳେ ।

'ପାଞ୍ଚେ ପଢ଼ିଲେ ପାଠ, ତନ୍ ଦୁଗୁଣେ ଆଠ'; ଏ ଠିକ୍ କି ଭୁଲ୍ କହିବାକୁ ଗୁଡ଼ କାହାର ଅଛି ?

ରଜାଙ୍କ ମନ କେତେବେଳେ କ'ଣ । ଏଇନେ ବଗୁଚିଲେ ରହିବେ, ଆଉ କ୍ଷଣକୁ ଗୁଡ଼ ଚୁଲିଯିବେ । 'ବେଙ୍ଗ ବୋଲେ ବେଙ୍ଗୁଲି ଲୋ, ପୃଥିବୀ କ୍ଷଣକ୍ଷଣକେ ଆନ ।' ଏ ରଜାଙ୍କ ମନର ପୃଥିବୀ । ଦଣ୍ଡକେ ବଦଳିଯାଏ, ଏ କ୍ଷଣି ଉଆ ତ ଆଉ କ୍ଷଣକୁ ଉଷୁନା ।

ରାଜା ସୁରେନ୍ଦ୍ର ମହାଶୀରକେଶରୀ ଦିନେ ଯେମିତି ହଠାତ୍ ଝଡ଼ ପରି ଯାଇଥିଲେ, ସେମିତି ଆସି ପହଞ୍ଚିଗଲେ; ରଜାଙ୍କ ଆସିବା ଖବର ପାଇ ପାତ୍ରମନ୍ତ୍ରୀମାନେ ତାଙ୍କୁ ସୁଦୂରରୁ ଦଣ୍ଡପ୍ରଣାମ କଲେ ।

Digitized by srujanika@gmail.com

ଆଗେ ବାନପ୍ରସ୍ଥ, ପରେ ଯତିବ୍ରତ; ଆର୍ଯ୍ୟଜୀବନର ବିଧି ଏଇଆ । ଆଗର ବଡ଼ ବଡ଼ ଭାରତୀୟ ରାଜାମାନେ ଏଇଆ କରୁଥିଲେ, ପୁଅ ଉପରେ ରାଜ୍ୟଭାର ଦେଇ ବୁଢ଼ାବୟସରେ ବାନପ୍ରସ୍ଥରେ ଯାଉଥିଲେ । ତୁମ୍ଭଁ ସେଇ ପରମ୍ପରା ରକ୍ଷା କରିଛନ୍ତି, ପ୍ରଜାଙ୍କୁ ବଧାଇ ନଅନ୍ତୁ ।

ସଂସାରମାୟାରୁ କେହି ସହଜରେ ମୁକୁଳି ପାରେ ନାହିଁ; ହେଲେ ସଂସାରମାୟା ତୁମ୍ଭଁଙ୍କ ମନକୁ ବାନ୍ଧିପାରି ନାହିଁ ।

ତୁମ୍ଭଁଙ୍କ ମନ ପଦ୍ମପତ୍ରର ନୀର, ଲଗି ଲାଗେନାହିଁ । ଅସାର ସଂସାରର କ୍ଷଣିକ ମାୟା ଛୁଇଁ ଛୁଇଁପାରେ ନାହିଁ । ସାଧୁ, ଯୋଗୀଙ୍କ ମନ ଯେପରି, ତୁମ୍ଭଁଙ୍କ ମନ ସେହିପରି ।

ତୁମ୍ଭଁଙ୍କ ଗାଦିରେ ଏବେ ଆମେ ଗମ୍ଭୀରସାମନ୍ତଙ୍କୁ ବସାଇଛୁ । ତୁମ୍ଭଁ ତୀର୍ଥବ୍ରତ କରି ବହୁ ବୈରାଗ୍ୟ, ଜ୍ଞାନ ଅର୍ଜନ କରିଛନ୍ତି । ଏବେ କପଟ ମାୟାରେ ନ ପଶି ଗମ୍ଭୀରସାମନ୍ତଙ୍କୁ ଆଶୀର୍ବାଦ କରି ପୁରୁଷୋତ୍ତମରେ ତୀର୍ଥବାସୀ ହୁଅନ୍ତୁ କିମ୍ବା ତାଳମୂଳର କୌଣସି ଖମାରରେ ରହି ନିତି ଦେବଦର୍ଶନ କରନ୍ତୁ ।

ମଣିଷ କ୍ଷମତାପ୍ରିୟ; ଯମ ହାତ ଧରି ସେପୁରକୁ ଭଉଁଥିଲେ ବି ସେ କ୍ଷମତାଲିପ୍ସା ଛାଡ଼ିପାରେ ନାହିଁ । ପାତ୍ରମନ୍ତ୍ରୀଙ୍କ ମୁହଁରୁ ଏ ପ୍ରସ୍ତାବ ଶୁଣିବାମାତ୍ରେ ରଜା ରାଗି ପାଚିଗଲେ, ମୁଣ୍ଡୋହିଁ ରନ୍ଧା ହେଉଥିବା ହାଣ୍ଡିକି ଗୋଟାଏ କାଠଫାଳିଆରେ ପିଟି ଗୁଣ୍ଡା କରିଦେଲେ । କହିଲେ —ତୁମେସବୁ ମୋ ଆଗରୁ ପଳାଇଯାଅ, ନଇଲେ. ଦେଖିବ, କେମିତି ଅନର୍ଥ ଘଟିବ; ମୁଁ ସଂସାରତ୍ୟାଗୀ ସନ୍ନ୍ୟାସୀଙ୍କଠାରୁ ବହୁତ ଧର୍ମଉପଦେଶ ଶୁଣିଆସିଛି, ସେସବୁ ପୁଣି ଶୁଣିବା ଲାଗି ରାଜ୍ୟକୁ ଫେରିନାହିଁ ।

ରଜାଙ୍କର ଏ ଗର୍ଜନଶୁଣି ଦେଖି ପାତ୍ରମନ୍ତ୍ରୀ କିଏ କୁଆଡ଼େ ପଳାଇଲେ; ରଜା ଗୋଟାଏ ତିନ୍ତୁଳି ଗଛ ମୂଳେ ଡେରା ପକାଇଲେ ।

Digitized by srujanika@gmail.com

ସେତେବେଳକୁ ଅନୁଗୁଳର ଲଙ୍ଗର ନକ୍ଷତ୍ରରେ ସୂର୍ଯ୍ୟ ବୁଡ଼ୁଥାନ୍ତି । ରଜା ରାଗରେ ତମ୍ ତମ୍ ହୋଇ ଧସ୍ତୁଥାନ୍ତି ଠିକ୍ ଯେମିତି । ଘାନ୍ତିଛ'ଘଡ଼ିକ ମୁହଁଶୋହଁ ବଢ଼ିଲା, ହିନ୍ତୁଳ ଗଛମୂଳେ ଗୋଟିଏ ଖଟିଆରେ ପହଡ଼ ପଡ଼ିଲା—ଏଣେ ମନ ଭିତରେ ଦୁଶ୍ଚିନ୍ତାକୁ, ବାହାରେ ମଶା, ଆଖି କଷା ପଡ଼ିଲା ନାହିଁ ।

ଅନୁଗୁଳର ରାଜା ସୋମନାଥ ସିଂହ ସୁରେନ୍ଦ୍ରଙ୍କ ଜୋଇଁ । ରାଜାଙ୍କର ଏ ଦୁର୍ଦ୍ଦଶା ଦେଖି ସେ ଉଆସକୁ ନିମନ୍ତ୍ରଣ କଲେ । 'ଶଶୁର ହୋଇ ଜୋଇଁର ଅନ୍ନରେ ଚଳିବ ? ତା ଅପେକ୍ଷା ଏ ଗଛମୂଳ ଢେର୍ ଭଲ ।'

ସୋମନାଥ ପ୍ରତିଦିନ ସିଧାଟିଏ ଶଶୁରଙ୍କ ପାଖକୁ ପଠାଇଦେଲେ । 'ଜୋଇଁର ଖୁଦକଣାଟିଏ ବି ମୁଁ ଛୁଇଁବିନାହିଁ । ଏ ଅମର୍ଯ୍ୟାଦା । କୃଷ୍ଣଚନ୍ଦ୍ର ଗଡ଼ର ଏ ଦାନାମୁଠାକ ବିନା ମୁଁ କ'ଣ ଚଳିପାରିବି ନାହିଁ ?

ସୁରେନ୍ଦ୍ର ନିଜ ପାଖରେ ଯାହା ଥିଲା ବିକିଭାଙ୍ଗି ଖାଇଲେ । 'ବସି ଖାଇଲେ ନଈବାଲି ସରେ', ଯାହା ଧନଦଉଲତ ଥିଲା, ଦେଖୁ-ଦେଖୁ ସରିଆସିଲା । ପଧାନଙ୍କର ଭାରି ଥିଲାବାଲା, ନାଁଡାକ୍ । ତା ଘରୁ ଚାଉଳ ମାଗିଆଣିବା ଲାଗି ରାଜା ଲୋକ ପଠାଇଲେ । ପଧାନ ଆତ୍ମଗର୍ବୀ; ସେ ରାଜଭିକ୍ଷୁକକୁ ଅପମାନ ଦେଇ ଫେରାଇ ଦେଲା ।

'ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ' ସତ । ନିଜ ରାଜ୍ୟ ହୋଇଥିଲେ ସେ ପଧାନର ମଜ୍ଜା ନିକାଳି ଦେଇଥାନ୍ତେ । ପର ରାଜ୍ୟ, କ'ଣ କରିବେ ! ତଳପା ରାଗ ତାଳୁକୁ ଉଠି ରାଜାଙ୍କୁ ଅସମ୍ଭାଳ କଲା; ପ୍ରତିଶୋଧର ବାଟ ଖୋଜୁ ଖୋଜୁ ସେ ପାଇଗଲେ । ତାଙ୍କ ଶିଖାମଣାରେ ପାଣମାନେ ରାତିଅଧରେ ପଧାନର ଘର ପୋଡ଼ିଦେଲେ । ଧନଦଉଲତ ମୁଠାଏ ପାଉଁଶରେ ପରିଣତ ହେଲା । ପଧାନ ବହୁତ ପସ୍ତେଇହେଲା । ରାଜା କିଏ, ତାଙ୍କ ଶଶୁର କିଏ । ଅସମୟରେ ପଡ଼ି ସେ ମୁଠାଏ ଚାଉଳ ମଗାଇଥିଲେ । ଭିକାରି ବହୁତ ଆସନ୍ତି, ରାଜଭିକାରି

Digitized by srujanika@gmail.com

କାହିଁ ? ମୁଠାଏ ଗୁଡ଼ଳ ଲାଗି ମୁହଁକୁ ନ ଚାହିଁ ତାକୁ ସର୍ବସ୍ୱ ହରାଇବାକୁ ହେଲା ।

ଅନ୍ୟାଭାବ ଉତ୍କଟ । ବର୍ତ୍ତିବାର କିଛି ବାଟ ନପାଇ ରାଜା ସୁରେନ୍ଦ୍ର ଜୋଇଁ ସୋମନାଥ ସିଂହଙ୍କୁ ଅନୁରୋଧ କଲେ—ମୋତେ ସୈନ୍ୟସାମନ୍ତ ସାହାଯ୍ୟ ଦେ, ମୁଁ ତାଳମୂଳ ଜପ୍ତ କରିବି । ବାପ ବଞ୍ଚି ଥାଉଁ ଥାଉଁ ପୁଅ ରଜା ହବ, ଏ କେଉଁ ନ୍ୟାୟ ? ପାତ୍ରମନ୍ତ୍ରୀଙ୍କର ଏ କି ବିଚାର ?

ହଉ ଯଦି ହେଲା, ବାପ ଫେରି ଆସିଲା ପରେ ସେ ସିଂହାସନରୁ ଓହ୍ଲାଇ ଆସିବା ଉଚିତ ନା ନାହିଁ ? ତା ନକରି ଓଲଟି ପାତ୍ରମନ୍ତ୍ରୀଙ୍କି ଶିଖେଇମଣେଇ ମୋ ପାଖକୁ ପଠାଇଛନ୍ତି । ସେ ମଉଜରେ ସିଂହାସନରେ ବସିବ, ମୁଁ ଦାଣ୍ଡରେ ଭିକ ମାଗି ବୁଲୁଥିବି !

"ରଜା ତ ଅବୁଝା । କେଉଁ କଥା କହୁଁ କହୁଁ କଣ ବୁଝିବେ, ଏ ବାପପୁଅଙ୍କ ଭିତରେ, ଶଳାଶଶୁରଙ୍କ ଭିତରେ କଳି ଲଗାଇବି ମୁଁ ? ଶଶୁରଙ୍କ ହାତରେ ଶଳାକୁ ମରାଇବି ମୁଁ ?" ରାଜା ସୋମନାଥ ସିଂହ ଭାବିତ ହେଲେ ।

ଶଶୁରଙ୍କ ଅଭିଶାପକୁ ଭୟ; ବାଧ୍ୟ ହୋଇ ସେ ବୁଡ଼ାପଙ୍କ ଆଉ ପାଞ୍ଚଗଡ଼ର ପାଇକମାନଙ୍କୁ ଲେଖିଲେ—

'ଓଁ ଶ୍ରୀରାଜେ ସୋମନାଥ ସିଂହ ମହେନ୍ଦ୍ର ବୀରବର ଜଗଦେବଙ୍କର ପାଞ୍ଚଗଡ଼ ଓ ବୁଡ଼ାପଙ୍କର ସାମନ୍ତ ଗଡ଼ନାୟକ ଓ ଦଳବେହେରାଙ୍କୁ ଆଜ୍ଞାପତ୍ର । ଏ ଅଙ୍କେ ୧୮ ଦିନ ଏ ନିମନ୍ତେ ଆଜ୍ଞା କଲୁକି ତୁମ୍ଭେ ସମସ୍ତେ ତାଳମୂଳ ରାଜା ସୁରେନ୍ଦ୍ର ମହାବୀର କେଶରୀଙ୍କ ସାହାଯ୍ୟାର୍ଥେ ଯିବ ।'

ରାଜା ଶ୍ରୀ ସୋମନାଥ ସିଂହ ଶ୍ରୀହସ୍ତ ସନ୍ତକ

ରାଜା ସୁରେନ୍ଦ୍ର ଜୋଇଙ୍କ ଫଉଜ ଘେନି ପୁଅ ଗମ୍ଭୀରସାଆନ୍ତଙ୍କ ରାଜ୍ୟ ତାଳମୂଳରେ ପଶିଲେ । ପାତ୍ରମନ୍ତ୍ରୀମାନେ ଏପରି ଶଙ୍କା କରୁଥିଲେ । କିଛି ପ୍ରତିରୋଧ ହେଲା ନାହିଁ । ରାଜା ସୁରେନ୍ଦ୍ର କେଡ଼େ ଦୁର୍ଦ୍ଦାନ୍ତ, ସମସ୍ତେ

Digitized by srujanika@gmail.com

ଜାଣନ୍ତି । ପ୍ରିୟତମା ରାଣୀ ବାର୍କି ଆଣୀ ମଣିମାଙ୍କ ମୁହଁକୁ ସେ ଚାହିଁନାହାନ୍ତି । ତାଙ୍କ ପୁଅ ମୁହଁକୁ ଚାହିଁବେ ? ପ୍ରତିବୋଧ କଲେ ତାଙ୍କ କ୍ରୋଧନିଆଁକୁ ତାହାଲ ପର ହେବ । ମନକୁ ମନ ସେ ନିଆଁ ଜଳି ଉଠି ବରଂ ଲିଭିଯାଉ ।

ରାଜ୍ୟରେ ପାଦ ଦେଉଁ ନ ଦେଉଁ ବିଶ୍ୱସ୍ତତମ କର୍ମଚାରୀ ବାଘ ଗଡ଼ନାୟକ ଆସି ରାଜାଙ୍କ ପକ୍ଷରେ ଛିଡ଼ାହେଲ । ସୁରେନ୍ଦ୍ର ବିନା ବାଧାରେ ରାଜଧାନୀରେ ପଶିଲେ, ନଅର ଘେରାଉ କଲେ । ଗମ୍ଭୀର ସାଆନ୍ତେ ପଳାଇ ଯାଇ ଗୋଟିଏ ଖମାରରେ ଆଶ୍ରାନେଲେ । ରାଜା ସେ ଖମାରକୁ ଖାଦ୍ୟ ଯୋଗାଣ ବନ୍ଦ କଲେ—ମତେ ଭିକ ମଗାଇଛନ୍ତି, ନିଜେ ଏବେ ସେଇ ଦଶା ଭୋଗ କରନ୍ତୁ ।

ଏଇ ସମୟରେ ବାପପୁଅଙ୍କ କଳି ମଝିରେ ଆସି ଛିଡ଼ା ହେଲେ ରାଜା ସୋମନାଥ । ଏପଟେ ଶଶୁର, ସେପଟେ ଶଳା । ଏପଟକୁ କହିଲେ ସେପଟ ବିପକ୍ଷ ହେବ । ବଡ଼ ଅଡୁଆ, ଅକଡ଼ଆ କାମ ଏ ।

ପହିଲେ ରାଜା ସୁରେନ୍ଦ୍ରଙ୍କ କୋପଶାନ୍ତି ଲାଗି ଗମ୍ଭୀରସାଆନ୍ତ ଓ ସାଆନ୍ତାଣୀଙ୍କୁ ଆଣି ଗୋଡ଼ ତଳେ ପକାଇଲେ । ଗମ୍ଭୀରସାଆନ୍ତେ କହିଲେ—ବାପା, ମୋର ଭାରି ଭୁଲ୍ ହୋଇଛି, କ୍ଷମାଦିଅ । ରାଜ୍ୟରେ ବହୁତ ଅଶାନ୍ତି ଉପୁଜିବାରୁ ସାମନ୍ତମାନେ ମୋତେ ରଜା କରିଥିଲେ । ଏବେ ଆଉ ଅରାଜକତା ନାହିଁ, ଶାନ୍ତି ଫେରି ଆସିଛି, ତା ସହିତ ଆପଣ ସ୍ୱରାଜ୍ୟକୁ ଫେରି ଆସିଛନ୍ତି । ଏହାଠାରୁ ଆମ ପକ୍ଷରେ ଅଧିକ ସୁଖକର ସମ୍ବାଦ ଆଉ କଣ ଥାଇପାରେ ? ଆପଣ ଏବେ ସିଂହାସନରେ ବସନ୍ତୁ, ଆମେ ପୂର୍ବପରି ଆପଣଙ୍କ ଚରଣସେବା କରିବୁ ।

ରାଜା ସିଂହାସନରେ ବସି ଏହି ସନନ୍ଦଟି ଲେଖାଇ ସନ୍ତକ କଲେ—ଶ୍ରୀଶ୍ରୀ ରାଜେ ସୁରେନ୍ଦ୍ର ମହାବୀର କେଶରୀଙ୍କ ବାଘ ଗଡ଼ନାୟକଙ୍କୁ ଆଜ୍ଞା, ଏ ନିମନ୍ତେ ଅନୁଗ୍ରହ ଆଜ୍ଞା କଲୁ, ଏ ଅଙ୍କ ଆଦ୍ୟରୁ ଯେ ତୁମ୍ଭଙ୍କୁ ନୂଆପଡ଼ା ଗ୍ରାମ ଶୂଦ୍ର ଦାନ ଦକ୍ଷିଣା ରୂପ ଗୋମାଂସ ଗୋରକ୍ତ ପ୍ରମାଣରେ

Digitized by srujanika@gmail.com

ଧାଆଗଲା । ଏ ଗ୍ରାମର ଆସ୍ବ ସୀମାନ୍ତ, ଗଛ, ମାଛ, ଘଣ୍ଡ, ଛେଉଣ୍ଡ ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଭୋଗ କରୁଥିବ, ଆମ୍ଭ ଘୁମୁଁର ସେବାରେ ହାଜର ଥିବ ।

ବାଘମ୍ବଣ୍ଡ ଦସ୍ତକ

ଶ୍ରୀ ରଜା (ଦେବନାଗର ଅକ୍ଷର ଦସ୍ତକ)

ବାଘଙ୍କ ଛଡ଼ା ଆଉ ଯୋଉମାନେ ସିଂହାସନପ୍ରାପ୍ତିରେ ସାହାଯ୍ୟ କରିଥିଲେ, ସମସ୍ତଙ୍କୁ ସେ ମୁକ୍ତ ହସ୍ତରେ ଦାନ କଲେ । ତାପରେ ସିଂହାସନରୁ ଓହ୍ଲାଇଆସି କହିଲେ—ସୁବର୍ଣ୍ଣମୁକୁଟ ଏ ଶୁକ୍ଳ ମସ୍ତକର ଶୋଭା ଆଉ ବଢ଼ାଉନାହିଁ, ଏ ଜରାଜୀର୍ଣ୍ଣ ଦେହକୁ ରାଜପୋଷାକ ଆଉ ମାନୁନାହିଁ । ଢେର୍ ଭୋଗ କଲି । ମନର ଯାବତୀୟ କାମନା ପୂର୍ଣ୍ଣ କଲି । ଏବେ ବିଶ୍ରାମ ସୁଖ ଲୋଡ଼ା ।

ମୁଁ ଏବେ ଶ୍ରୀକ୍ଷେତ୍ରରେ ତୀର୍ଥବାସ କରିବି, ନିତ୍ୟ ଜଗନ୍ନାଥ ଦର୍ଶନ କରି କୈବଲ୍ୟକଣିକା ପାଇବି ।

ସ୍ୱର୍ଗଦ୍ୱାରରେ ଶାନ୍ତିର କୁଟୀରଟିଏ ଗଢ଼ି ରହିବି, ବନ୍ୟ ଝାଉଁ ମର୍ମର ଓ ସମୁଦ୍ରର ଆନନ୍ଦୋଚ୍ଛ୍ୱାସ ମୋତେ ପୁଲକିତ କରୁଥିବ ।

ମୋ ସହିତ ଦାସଦାସୀ ନିଦେନାହିଁ, ଜୀବନସାରା ପର ହାତରେ ଉଠିଚି, ବସିଚି । କିଏ ତେଲ ମର୍ଦ୍ଦନ କରିଚି, ଦାନ୍ତୁଆଣି ଯୋଗାଇଛି, ସ୍ନାନ ଲାଗି ପାଣି ଯୋଗାଡ଼ିଚି, ଲୁଗା କୁଞ୍ଚ କରିଚି, ପଙ୍ଖା କରିଚି । ଛତି, ଆଲଟ, ଚାମର, ଭୋଜ ମଉଜମଜ୍‌ଲିସ୍‌ରେ ଦିନ ବୋହିଗଲା । ମତେ ସୁଖୀ କରିବା ଲାଗି ଅନ୍ତଃପୁରର ସମସ୍ତେ ଲାଗିଥିଲେ । ମୁଁ ଦିନେ ହେଲେ କାହାକୁ ସୁଖୀ କରିବାକୁ ଚେଷ୍ଟା କରିନାହିଁ । ରଜା ହବା ଅର୍ଥ କଣ ଆପଣାସୁଖୀ ହବା ? କାହାକୁ ଆଉ ଆଖିରେ ନ ଚାହିଁବା

ଦୁନିଆକୁ ଯଥେଷ୍ଟ ଦୋହନ କରି ଚାଲିଚି, ଆଜି ସେ ଇଚ୍ଛା ଆଉ ନାହିଁ ।

Digitized by srujanika@gmail.com

କେତେ କାହା ଜୀବନରେ ଆଉଜି ପଡ଼ିଛି, ଭାର ଦେଇ ଉଠିଛି, ଭାରି ହୋଇଛି, ଲଦନ ହୋଇ କାନ୍ଧକୁ ବର୍ତ୍ତି କରିଛି, ପର ଉପରେ ଚଳି ଚଳି ଜୀବନ ଗଲା । ପରକୁ ଆପଣାର କରିପାରିଲି ନାହିଁ । ପର ଯେ ପରମେଶ୍ୱର, ଏ ଚିନ୍ତା ମୁଣ୍ଡରେ ପଶିଲା ନାହିଁ । ମୁଁ ତ କାହା ବିଷୟରେ ଭାବିନାହିଁ, ଆଜି ମୋ ବିଷୟରେ କିଏ ଭାବୁ, ମୁଁ ଚାହେଁ ନାହିଁ ।

ଏତିକିବେଳେ ବାଙ୍କିଆଣୀ ଲାବଣ୍ୟମଞ୍ଜରୀ ଆଗେଇ ଆସି କହିଲେ—ମୁଁ ସବୁବେଳେ ଭାବି ଆସିଛି, ଆଜି ବି ଭାବିବି ।

'ମହାରାଣୀ, ତୁମକୁ ଜୀବନରେ ବହୁତ ଦୁଃଖ ଦେଇଛି, ଆଉ ଦେବାକୁ ଚାହୁଁନାହିଁ; ବାକି କେତୋଟି ଦିନ ରାଜବାଟିରେ ସୁଖରେ କଟାଅ । ମୋ ସଙ୍ଗରେ ଯାଇ ଦୁଃଖ ଭୋଗ କରିବ କାହିଁକି ?'

'ପତି ସାଙ୍ଗରେ ଥାଇ ନାରୀର ଯୋଉ ଦୁଃଖ, ସେଇ ତାର ପରମ ସୁଖ । ସେ ଏକୁଟିଆ, ଅଲଗା ରହିପାରେ ନାହିଁ, ନିଜର ସ୍ୱତନ୍ତ୍ର ସ୍ଥିତି ଅନୁଭବ କରିପାରେ ନାହିଁ । ପତିର ସ୍ଥିତିରେ ହିଁ ତାର ସ୍ଥିତି ।'

'ମହାରାଣୀ, ତୁମକୁ ମୁଁ କେବେ ସମାସ୍କନ୍ଧ ଆସନ ଦେଇନାହିଁ, ଗୋଟିଏ ହେଲେ କଥା ଧେନା କରିନାହିଁ । ନାରୀକି ମୁଁ କେବେ ମଣିଷ ବୋଲି ଗ୍ରହଣ କରିନାହିଁ, ମନେ କରିଛି ଗୋଟାଏ ରକ୍ତମାଂସ ପିଣ୍ଡୁଳା, ପୁରୁଷର କାମନା ପରିତୃପ୍ତି ଲାଗି ଉଦ୍ଦିଷ୍ଟ; ଏକ ଜନନ ଯନ୍ତ୍ର । ତା କଥାକୁ କେବେ ପାସଙ୍ଗରେ ପକାଇ ଦେଖିନାହିଁ, ଯାର କିଛି ଓଜନ ଅଛି କି ନାହିଁ; ଜାଣିବା ଲାଗି । ଅଥଚ ତା'ରି ପେଟରୁ ମୁଁ ବାହାରିଛି, ତା'ରି ଲାଗି ମୋର ସବୁ ସୁଖ ।

ନା, ମହାରାଣୀ, ତୁମେ ଏ ସ୍ୱାର୍ଥପର ଲୋକଟା ସାଙ୍ଗରେ ଯାଅ-ନାହିଁ, ସେ ଆତୁର ଖଟାଇବ, ଦିହର ସବୁ ରକ୍ତ ଦୁହିଁଦବ, ତା ହୃଦୟରେ ଦୟାମାୟା ନାହିଁ ।'

Digitized by srujanika@gmail.com

ସେତେବେଳେ ରାଜା ଥିଲ, ରାଣୀ ହୋଇ ମୁଁ ସୁଖଭୋଗ କରିପାରିଲି ନାହିଁ; ଏବେ ମଣିଷ ହୋଇଚ, ଯୋଉ ସୁଖ ମୁଁ ପାଇ ନ ଥିଲି, ତା ପାଉଚି । ସମୃଦ୍ଧିରେ ମୁଁ ମହା ଦରିଦ୍ର ଥିଲି, ଆଜ ଘୋର ଦାରିଦ୍ର୍ୟ ଭିତରେ ହେବି ମହାଧନୀ ।

ତୁମକୁ ଅତି ନିକଟଲାରେ ପାଇବି, ପାଖରେ ପାଇବି । ମୋତେ ଈର୍ଷା କରିବ ନାହିଁ ସଉତୁଣୀ ରାଜଲକ୍ଷ୍ମୀ । ଗୋଟିଏ ଡେମ୍ଫରେ ଦୁଇଟି ଫୁଲ ଫୁଟିବାର ସୁଖ ଅନୁଭବ କରିବା, ତୁମେ ଯୋଗୀ ହେଲେ ଯୋଗିଆଣୀ ହେବି, ତୁମେ ବାଘୁଆ ହେଲେ ମୁଁ ବାଘୁଣୀ ହୋଇ ସଙ୍ଗରେ ବୁଲିବି । ମିଳିଲେ ଖାଇବି, ନ ମିଳିଲେ ଉପାସେ ଶୋଇବି । କାଳର ଡକରା ଆସିଲେ ତା କୋଳକୁ ଆନନ୍ଦରେ ଡେଇଁପଡ଼ିବି ।'

'ଗୋଟାଏ ଜିଦ୍‌ରେ ଝଡ଼ ପରି ମାଡ଼ିଆସିଥିଲି—ବାପ ସିଂହାସନରେ ବସିଚ, ପୁଅ ପୁଣି ସେଥିରେ ବସିବ କେମିତି ? ଯେ ଏ କାମ କରିଚ, ତା ଠାଣ ଭାଙ୍ଗିବି, ଯୋଉ ପୁଅ ସିଂହାସନଲୋଭରେ ତାଙ୍କ କଥାରେ ଭଳିଗଲା, ତାକୁ ଉପଯୁକ୍ତ ଶିକ୍ଷା ଦେବି—ଏଇ ପାଞ୍ଚରେ ଆସିଥିଲି । ବାପର ମର୍ଯ୍ୟାଦା ଫେରିପାଇଲି, ସେଇ ତେର୍; ଆଜ ଗମ୍ଭୀରସାଆନ୍ତଙ୍କର ଅଭିଷେକ କର, ମୋ ମନ ପରିତୃପ୍ତ ହେଉ ।

ଅଭିଷେକ ହେଲା; ଆଶୀର୍ବାଦ ପରେ ରାଜାରାଣୀ ଯୋଗୀ ଯୋଗିଆଣୀ ବେଶରେ ବାହାରିପଡ଼ିଲେ, ପୁରୁଷୋତ୍ତମ, ଯାହାଙ୍କ ପାଦତଳେ ସବୁ ତେଉ ବାଜେ ଓ ଭାଙ୍ଗେ ।

Digitized by srujanika@gmail.com

॥ ଘାଞ୍ଜ ॥

ରାଜା ସୁରେନ୍ଦ୍ରଙ୍କ ଶାସନର ଶେଷ କାଳ, ଓଡ଼ିଶା ଇଂରେଜଙ୍କ ଅଧିକାରକୁ ଆସିଲା । ମରହଟ୍ଟାବାହିନୀର ପରାଜୟ ପରେ ରଘୁଜୀ ଭୋନ୍‌ସଲା ଦେଓଗାଁସନ୍ଧିରେ ଇଂରେଜଙ୍କ ହାତରେ ଓଡ଼ିଶାକୁ ଟେକିଦେଲେ । ମୋଗଲବନ୍ଦୀ ପୂର୍ବପୂରୁ ମରହଟ୍ଟାଙ୍କ ଅକ୍ତିୟାରରେ ଥିଲା । ପାହାଡ଼ ଆଉ ଘୋର ଅରଣ୍ୟରେ ଦୁର୍ଗମ, ହିଂସ୍ର ଜନ୍ତୁପୂର୍ଣ୍ଣ ଗଡ଼ଜାତରେ ମରହଟ୍ଟାମାନେ ଅଧିକାର ଜାରି କରିପାରୁ ନ ଥିଲେ ।

ଗଡ଼ଜାତ ରାଜାମାନଙ୍କ ମଧ୍ୟରୁ କେହି କେହି ନିର୍ଦ୍ଧାରିତ ପେସ୍‌କସ୍ ଦେଇ ନିର୍ଦ୍ଵନ୍ଦରେ ସ୍ଵରାଜ୍ୟରେ ଶାସନ ଚଳାଇଲେ । ପେସ୍‌କସ୍ ନ ଦେଉଥିବା ରାଜ୍ୟରେ ମରହଟ୍ଟା ଅଶ୍ଵାରୋହୀ ବାହିନୀ ପଶି ବେଳେ ବେଳେ ଲୁଟ୍‌ତରାଜ କରୁଥିଲେ । ଡେଙ୍କାନାଳର ତ୍ରିଲୋଚନ ମହୀନ୍ଦ୍ରବାହାଦୁରଙ୍କ ପରି କୌଣସି କୌଣସି ରାଜା ସେମାନଙ୍କୁ ଯୁଦ୍ଧରେ ହରାଇ ପୂର୍ଣ୍ଣ ସ୍ଵାଧୀନତା ହାସଲ କରିଥିଲେ । ମରହଟ୍ଟା ଶାସନ ଅତ୍ୟନ୍ତ ଦୁର୍ବଳ ଓ ଶିଥିଳ ହୋଇପଡ଼ିଥିଲା । ଶେଷକାଳକୁ ପେସ୍‌କସ୍ ଆଦାୟ ଲାଗି ବଳପ୍ରୟୋଗ ସମ୍ଭବ ହୋଇପାରୁ ନ ଥିଲା । ରାଜାମାନେ ପ୍ରାୟ ଅଖଣ୍ଡ ସ୍ଵାଧୀନତା ଉପଭୋଗ କରୁଥିଲେ ।

• ଏ ଅବସ୍ଥା ଦେଖି ଓଡ଼ିଶା ଅଧିକାର ପରେ ଇଷ୍ଟଇଣ୍ଡିଆ କମ୍ପାନୀ କମିସନରମାନଙ୍କୁ ନିର୍ଦ୍ଦେଶ ଦେଲେ—

ଗଡ଼ଜାତ ରାଜାମାନେ ମରହଟ୍ଟାମାନଙ୍କ ବଶ୍ୟତା ସ୍ଵୀକାର କରନ୍ତି ନାହିଁ । ସେମାନଙ୍କର ଯେପରି ଅଧିକାର ଅଛି, ସେହିପରି ରହୁ, ସେମାନଙ୍କୁ ଇଂରେଜଙ୍କ ବଶ୍ୟତା ସ୍ଵୀକାର କରିବା ଲାଗି ବାଧ୍ୟ କରା ନ ଯାଉ । ସେମାନଙ୍କ ସ୍ଵାର୍ଥ ଉପରେ ଯେପରି ତିଳାର୍ଦ୍ଧ ଆଞ୍ଚ୍ ନ ଆସେ

Digitized by srujanika@gmail.com

ବ୍ୟବସ୍ଥା ହେଉ । ଭାରତର ଗଭର୍ଣ୍ଣର ଜେନେରାଲ ଓ୍ୱେଲ୍‌ସଲି ରାଜା ସୁରେନ୍ଦ୍ରଙ୍କ ସଙ୍ଗେ ସନ୍ଧି କରିଥିଲେ । ତଦନୁସାରେ ରାଜା ସୁରେନ୍ଦ୍ର ଇଂରେଜଙ୍କୁ ବର୍ଷକୁ ମାତ୍ର ଏକ ହଜାର ଟଙ୍କା ପେସ୍‌କସ୍ ଦେଲେ; ଇଂରେଜମାନେ ତାଙ୍କ ଆଭ୍ୟନ୍ତରୀଣ ରାଜ୍ୟଶାସନରେ ହସ୍ତକ୍ଷେପ କରୁ ନ ଥିଲେ ଓ ବହିଃ ଆକ୍ରମଣରୁ ରକ୍ଷା କରିବା ଦାୟିତ୍ୱ ବହନ କରିଥିଲେ ।

ବଣରେ ନିଆଁ, ପାହାଡ଼ରେ ନିଆଁ, ଖୋଲା ପଡ଼ିଆରେ ନିଆଁ, ନଈକୂଳରେ, ଗୁମ୍ଫାରେ, ଝାଳମାନଙ୍କରେ ହଠାତ୍ ଜଳିଉଠେ ନିଆଁ । ହୋମର ନିଆଁ ନୁହେଁ, ଅଗ୍ନିଆଉ ବା ଚୂଲିର ନିଆଁ ନୁହେ । ଏ କି ନିଆଁ ? 'ହିଙ୍ଗୁଳାଠାକୁରାଣୀ', ଦେହୁରୀ କହିଥିଲା, ପୂଜାଧୂଜା ବି ଧୂମ୍ ଚାଲୁଥିଲା ।

ହେଲେ ଦେଖି ଦେଖି ବିଜ୍ଞାନବୁଦ୍ଧି ଆସୁ ଖୋଳୁ ଖୋଳୁ ମହାଦେବ ବାହାରି କଲା । କଳା କଳା ମହାଦେବ—କଳା ରୁଦ୍ରମଣି ହୋ ଜୟ ।

ମୁଗୁନିପଥର ପରି ଦିଶୁଚି, ଏ ପଥରପରି ଟାଣ ନୁହେ, ପଥର ଜଳେନାହିଁ, ଏ—ହିଁ ତ ଜଳୁଚି ହୁରୁ ହୁରୁ, ଶୁଖିଲା କାଠ ପରି । କଳା କାଠ ଏ—କିନ୍ତୁ କୁରାଢ଼ିରେ ହାଣିବାକୁ ପଡ଼େନାହିଁ । ଏ ଜ୍ୱାଳାଦେବୀ ନୁହନ୍ତି, ନୂଆ ଯୁଗର ଜାଳେଣି । ଏ ଠାକୁରାଣୀ ନୁହନ୍ତି, ଘରଣୀ-ମାନଙ୍କର ଅତି ଆଦରର ଧନ—ପଥରକୋଇଲା । 'ଜାଳ ନ ହେଲେ ଜୀବ ନ ଫୁଟେ'—ଏ ତତ୍ତ୍ୱ ବୁଝନ୍ତି ଭଲ ସେଇମାନେ ।

ଦେହୁରୀ ତାକୁ ଠିକ୍ ଠିକ୍ ଚିହ୍ନିପାରି ନ ଥିଲା—ଚିହ୍ନିଲେ ଇଂରେଜସାହେବ କାପ୍‌ଟେନ୍ କିଟି । କୋଇଲା ଆବିଷ୍କାର ହେଲା ହିଁ କୃଷିରାଜ୍ୟ ତାଳମୂଳରେ ସେ ପହିଲେ ଶିଳ୍ପର ମୂଳଦୁଆ ପକାଇଲେ । ଲୋକେ ବୁଝିଲେ—କୃଷି ଛଡ଼ା ଅନ୍ୟ ଧନ୍ଦା ଥାଇପାରେ, ଯୋଉଥିରୁ ବହୁତ ବେଶୀ ରୋଜଗାର ହୁଏ ।

କଟକରୁ ରେଲ୍‌ଲାଇନ୍ ପଡ଼ିଲା, ପହିଲେ ମାଲଗାଡ଼ି ଗଲା; ଖଣିରୁ କୋଇଲା, ଜଙ୍ଗଲରୁ କାଠ ବୋହିନେଲା । ତା'ପରେ ଗଲା

Digitized by srujanika@gmail.com

ପାସେଞ୍ଜର ଗାଡ଼ି । ଏହାର ପ୍ରଥମ ଯାତ୍ରୀ ହେବାର ଗୌରବଲାଭ କଲେ ରାଜା ଈଶ୍ୱରଚନ୍ଦ୍ର ।

ରାଜା ସୁରେନ୍ଦ୍ରଙ୍କ ରାଜତ୍ୱରେ କୋଇଲାର ଆବିଷ୍କାର । କୋଇଲାଖଣି ଭଲଭାବେ ଚାଲୁହେବା, ରେଲ୍‌ଲାଇନ୍ ପଡ଼ିବା ଓ ପାସେଞ୍ଜର ଗାଡ଼ି ଚାଲିବା ମଧ୍ୟରେ ପ୍ରାୟ ତିନି ପୁରୁଷ ଚାଲିଗଲା; ଖଣିରୁ ପ୍ରଚୁର ରୟାଲ୍‌ଟି ମିଳିଲା ଓ ତାଳମୂଳ ରାଜାଙ୍କ ଆୟ ଚତୁର୍ଗୁଣ ବଢ଼ିଗଲା ।

ଗମ୍ଭୀରସାଆନ୍ତ ଗୁଣସାଗର ମହାରାଜକେଶରୀ ନାମ ଧାରଣକରି ପୁଣି ଥରେ ଅଭିଷିକ୍ତ ହୋଇଥିଲେ । ପ୍ରଥମ ଗାଦିନାସୀନ ହେବାପରେ ତଡ଼ାଖାଇ ତାଙ୍କ ମୁହଁ କେଶରା ପଡ଼ିଯାଇଥିଲା ! ବାପ ଥାଉଁ ଥାଉଁ ପୁଅ କେମିତି ଗାଦିରେ ବସିଲା ? ପାତ୍ରମନ୍ତ୍ରୀ କହିଦେଲେ କ'ଣ ହେଲା ? ଯୁବାଙ୍କର ନିଜର ବୁଦ୍ଧି ନାହିଁ ? ବାପାଙ୍କ ପ୍ରତି ଭକ୍ତି, ସମ୍ମାନ ନାହିଁ ? ରାଜଗାଦିଟା କ'ଣ ଏତେବଡ଼ ଜିନିଷ ହୋଇଗଲା ? ଦଳ ଦଳ ପ୍ରଜା ଏମିତି ବିଚରବିଚାର ହେଉଥିଲେ । ଗୁଣସାଗରଙ୍କ କାନରେ ଏ କଥା ବାଜିଲାକ୍ଷଣି ସେ ବିଚାରୁଥିଲେ—ମୁହଁ ବନ୍ଦ କରିଦେବେ । ଯୋଡ଼ି ଯୋଡ଼ି ବାନ୍ଧିଆଣି ତତଲା ବାଲିରେ ଛିଡ଼ାକରି ଯାଉଁଳିବେତ ଲଗାଇବେ, ନୋଳା ଫାଟି ରକ୍ତ ବୋହିଲାପର୍ଯ୍ୟନ୍ତ । ଜୁଆନ୍ ରାଜରକ୍ତ ଟିକେ ଟିକେ କଥାରେ ଗରମ ହୋଇଯାଉଥିଲା ।

ରାଜଯୋଗ୍ୟ ଚେହେରା ତାଙ୍କର ଥିଲା । ଥାଳୀପଟ ପରି ଜୁଆନ୍ ମୁହଁକୁ ମାନିଲାଭଳି ନିଶ ଦିପଟା ରଖିଥିଲେ—ଖୁବ୍ ଗହଳ, କାନରେ ଲାଗେ ନ ଲାଗେ । ତାକୁ ଚାହିଁ ଦିଟା ଢିମା ଢିମା ଆଖି; କ୍ରୋଧରେ ଗୋରା ମୁହଁ ଲାଲ୍ ପଡ଼ିଗଲେ ଆଖି ଦିଟା ଯେମିତି ହିଙ୍ଗୁଳା, ନିଶ ଦିପଟ ସେମିତି କରଡ଼ା କରଡ଼ା ହୋଇଯାଉଥିଲା ।

ବଦନ ତ ବେଶ୍ ବୋହିଥିଲେ, ଯାଉଁଳା ଦେହରେ ମାଛି ବସୁ ନ ବସୁ ଖସିପଡ଼ୁଥିଲା । ଏଡ଼େ ସୁନ୍ଦର ଦେହରେ ବିଧାତା ଟିକିଏ ହେଲେ

Digitized by srujanika@gmail.com

ବିବେକ ଦେଇ ନ ଥିଲା । ବିଶୃଙ୍ଖଳବୁଦ୍ଧି ଥିଲେ ସେ ଆଗମନ୍ତ ବିଚାରିଥାନ୍ତେ—ବାପା ଆଉଁ ଆଉଁ ଗାଦିରେ ବସିବା ଭୁଲ୍ କି ଠିକ୍, ପରବୁଦ୍ଧିରେ ପଡ଼ିବା ଭୁଲ୍ କି ଠିକ୍ ? ତା'ହେଲେ ତାଙ୍କୁ ଏତେ ଅପଦସ୍ତ ହେବାକୁ ହୋଇ ନ ଥାନ୍ତା । କେତେକାଳ କାହିଁ ଅଇଲାପରେ ବାରଦୁଆର ଶୁଣ୍ଢି ପିଣ୍ଡା ହୋଇ ବୁଲି ନ ଥାନ୍ତେ ।

ଅଜାତଶତ୍ରୁ ତଡ଼ିଥିଲେ ବିମ୍ବିସାରଙ୍କୁ; ଔରଙ୍ଗଜେବ୍ ସାଜାହାନ୍‌ଙ୍କୁ । ବନ୍ଦ କରିଥିଲେ ଗୁଣସାଗର ତଡ଼ିଦେଇଥାନ୍ତେ ସୁରେନ୍ଦ୍ରଙ୍କୁ । କ୍ଷମତାଲାଳସାରେ ଅନ୍ଧ ସେ; ବାପାଙ୍କ ପ୍ରତି କର୍ତ୍ତବ୍ୟ ଭୁଲିଯାଇଥିଲେ, ମାଆଙ୍କ କଥା ମାନୁ ନ ଥିଲେ । ସାଧାରଣ ଘର ପରି ରାଜବାଟିରେ କ'ଣ ସ୍ନେହ ଶ୍ରଦ୍ଧା ଥାଏ ? ନା ରଜା ଧନ, କ୍ଷମତାରେ ନିଜେ ବାୟା ହୋଇଥାନ୍ତି, ପିଲାମାନଙ୍କୁ ବାୟା କରିଦେଇଥାନ୍ତି ? କେହି ଅଛି ନ ଅଛି ବିଚାରି ସେ ମଦ୍ୟପାନ କରନ୍ତି ବା ଗର୍ହିତ, ଅନୁଚିତ କଥାମାନ କରନ୍ତି ? ଫଳରେ ରାଜାପିଲାଙ୍କ ମଧ୍ୟରେ ଜଣେ ଆଉ ଜଣକ ପର ହୋଇଥାଏ— ଯାବଜ୍ଜୀବନ ଦୁରଭ୍ୟାସର ନମୁନା ।

ଏଥର ଗାଦି ଦେଇ ରଜା ସୁରେନ୍ଦ୍ର ତୀର୍ଥବାସୀ ହେଲେ; ଗୁଣ ବିମୀତ ପୁତ୍ରର ଏକ ଛଳ ଅଭିନୟ କରୁଥିଲେ । ତାଙ୍କ ଭିତରଟା ସେ ପୋଡ଼ା, ଦେଖୁଛି କିଏ ? ସୁରେନ୍ଦ୍ର ବିଚାରିଲେ—ପୁଅ ପଶ୍ଚାତ୍ତାପ କରୁଛି । ସେ ଶାନ୍ତ ମନରେ ବିଦାୟ ନେଲେ ।

କଥା ଅଛି—ଗୁଣସାଗର
ଗୁଣ ପଶିଗଲା ଅଖା ଭିତର
ଅଖା ଧୋଉଥିବ
ଗୁଣ ଗାଉଥିବ ।

ଏ ଭୁଲ୍ଟା ନାଆଁ ଠାଏ—ଅନ୍ଧ ନାଆଁ ଯେପରି ପଦ୍ମଲୋଚନ । ନାଆଁ ସଙ୍ଗେ ରୂପ ବା ଗୁଣର କି ସମ୍ପର୍କ ଅଛି ?

Digitized by srujanika@gmail.com

ପ୍ରଜାଙ୍କ ହାରଗୁହାର ଶୁଣିବା ରଜାର ଧର୍ମ, ପ୍ରଜାଙ୍କ ଲାଗି ରଜା ନିଜର କର୍ତ୍ତବ୍ୟ ନ କରି ତୀର୍ଥବ୍ରତ କରିଯିବାରେ ଆଉ କୋଉ ବଡ଼ ଧର୍ମ ଲାଭ ହୋଇପାରେ

ରଜାଙ୍କୁ କେହି ବୁଝାନ୍ତି ନାହିଁ, ବୁଝେଇ ପାରନ୍ତି ନାହିଁ ବୋଲି । ରଜା ବୋଇଲେ ଅବୁଝାପଣର ଏକ ପ୍ରତିମୂର୍ତ୍ତି । କଣ କହନ୍ତିନି—

'ଭଲ ବତାଇଛୁ ଜଟାଧାରୀ ରେ ବଇରାଗୀ ।'

କାଳେ କାଳେ ମୁନିଋଷିଙ୍କ ରଜାଙ୍କ ଉପରେ ଭପ୍ଥ ଥିଲା । ବେଳେ ବେଳେ ସେଇମାନଙ୍କ ପରାମର୍ଶରେ ରାଜ୍ୟଶାସନ ଚାଲୁଥିଲା । ପ୍ରଜାରଞ୍ଜନ ରଜାଙ୍କ ଏକମାତ୍ର ଧର୍ମ; ପ୍ରଜାଙ୍କ ଲାଗି ସେମ ସବୁ ସୁଖଶାନ୍ତିରେ ଜଳାଞ୍ଜଳି ଦେଇଥିଲେ ।

'ଗୁଣସାଗର ଅବୁଝାମଣା, ରାଣୀମଣିମାନଙ୍କ କଥା ତ ପାଣିର ଗାର, ଏ କାନ୍‌ଖୋର ରଜାଙ୍କ ପାଖେ; ପାତ୍ରମନ୍ତ୍ରୀଙ୍କ କଥା କୋଉ ରହିବ ? କାହିଁକି ମିଛରେ ହାଣକୁରାଢ଼ି ବେକକୁ ଆଣିବେ ? ରାଜ୍ୟ ଚାଲିରେ ରହୁ, ନହେଲେ ଚୂଲିକି ଯାଉ । ମାରିପିଟି ଟିକସ ଆଦାୟ କରିବା ସେମାନଙ୍କର କାମ—ରାଜକୋଷକୁ ପଇସାଏ ଦେଲେ ଘରକୁ ନିଅନ୍ତି ଦିପଇସା । ରଜା ନ ରହିଲେ କୋଉ ଅଲାଭ ହୋଇଯାଉଛି ! ବରଂ ବାଧ ନଥିଲେ ମିରଗଙ୍କ ନାଟଟା ଜମେ ଭଲ, ବାଦ୍ୟଟା ବାଁ-ତାଳିଆ, ବେତାଳିଆ ହେଉଚି ବୋଲି କେହି ବାଛୁନାହାନ୍ତି । ଏକ ଜାଗାରେ ଅନେକ ଖିଆଲ କାମ କରେ, ଜଣକ ଜାଗାରେ ହୁଅନ୍ତି ଅନେକ ରଜା ।

'କେବଳ ଏତିକି ଶୁଭ କଥା ଯେ ରଜା ନିଜ ମୁଣ୍ଡକୁ ଆଉ କାହାକୁ ଅଣ୍ଡୁଆ ରଖି ନଥିଲେ, ସଂସାର ଲୋକେ ନିନ୍ଦିବାର କାହାକୁ ହେଲେ ହେଉ ନ ଥିଲା । କଥା ଅଛି—

ଘରେ ଝିଅ ରଖିଲେ ଅଣ୍ଡୁଆ
ଘିଅ ରଖିଲେ କଣ୍ଡୁଆ ।

Digitized by srujanika@gmail.com

ବେଶୀ ଧନ ଝୋବାରେ ରଖିଲେ ଖାଣ୍ଟି ଗୁଆଢିଅ ହେଉଥିଲେ ବି ରହଣିଆ ଗନ୍ଧାଏ, ବଡ଼ିଲ ଝିଅ ବେଶୀ ଦିନ ଅବାହାଡ଼ୀ ରହିଲେ ନାଆଁରେ ନିନ୍ଦା ରଟେ ।

ରଜାଙ୍କର ଗୁଡ଼ାଏ ଜେମାମଣି, ଯୋଗ୍ୟ ଜେନାମଣିମାନଙ୍କ ହାତରେ ଦେଇ ସେ ଖୁସି । ଲହଡ଼ାର ମୁନିପାଲ, ନରସିଂହପୁରର ମାନସିଂହ, ମଧୁପୁର ଗଡ଼ର ଧୀରେନ୍ଦ୍ରବୀରବର, ନୟାଗଡ଼ର ମାନ୍ଧାତାଙ୍କୁ କୋଇଁ ଭାବେ ପାଇ ତାଙ୍କ ଛାତି ଫୁଲି ଉଠୁଥାଏ । ଅପତଆଣୀ ତମୁଣୀ ଜେମାଙ୍କୁ ଚେଡ଼ାଖୋଲର ଜେନାମଣିଙ୍କ ହାତରେ ସେ ଅର୍ପଣ କରିଥାନ୍ତି । ଜେମାମାନଙ୍କୁ ବିଭା ଦେବାରେ ରାଜକୋଷ ତ ଶୂନ୍ୟ ହେଲା, ମାଗଣରେ ପ୍ରଜାମାନଙ୍କ କୋଠି, ଅମାର ମଧ୍ୟ ଓଲଆ-ପୋଲଆ ହୋଇଗଲା ।

ସେତେବେଳେ ଘୋର ନଅଙ୍କ ଦୁର୍ଭିକ୍ଷ, ମଣିଷ ମାଉଁସ ଜାଣ ମଣିଷ ଖାଉଥାନ୍ତି । ଗଛର ପତର, ପୋଖରୀର କଇଁଚେଣ୍ଡା, ଜଙ୍ଗଲର କନ୍ଦାକରବା, ବିଲର ମୂଠି, ଗଇଣ, ମଦରଙ୍ଗା ଶାଗ ବି ରହୁ ନଥାଏ । ଲୋକେ ପେଟ ଚିପି ଚିପି ଗୋରୁଗାଈଙ୍କ ପରି ଏଠି ସେଠି ଚରୁଥାନ୍ତି, ବାଡ଼ପୋଖରୀରେ ପହିଲି ପହିଲି ମରୁଥାନ୍ତି । ବାଟ ଅବାଟ ସବୁଠି ମଢ଼ା, ଅମଢ଼ା ବାଟ ଇ ନାହିଁ ।

ଅତି ଆପଣାସୁଖୀଏ ରଜା. ଲୋକେ ମଲାଗଲା ହୋଇ ପଡ଼ିଥିବା ବେଳେ ଜବରଦସ୍ତି ମାଗଣ ଆଦାୟ କରୁଥିଲେ; ନର କଙ୍କାଳମାନଙ୍କ କାନ୍ଦଣା ଭିତରେ ଜେମାମଣିମାନଙ୍କ ପାଟମୁଦି, ବାଟହସ ଓ ମଙ୍ଗଳକୃତ୍ୟ ଉତ୍ସବ ବଢ଼ିଥିଲା ।

ହଉ, ଭଲ ହେଲା, ଗୋଟାଏ ବଡ଼ କାମ ଛୁଟିଗଲା; ଏଣିକି ଭଲା ଧାନଅମାର ଖୋଲ, ସାହୁକାରଙ୍କ ଦାଉରୁ ପ୍ରଜାଙ୍କୁ ରକ୍ଷା କର । ଅଳଙ୍କାରପତ୍ରରୁ ବାସନକୁସନ, ଆଖିର କଜ୍ଜଳରୁ ମୁହଁର ତେଜ, ମନର ତେଜ, ଦେହର ବଳବୀର୍ଯ୍ୟ ସବୁ ଶୋଷି ନେଉଥିଲେ ଏ ପଙ୍ଗପାଳଦଳ ।

Digitized by srujanika@gmail.com

ମନରେ ଚନ୍ଦ୍ରାତକ ନାଇଁ, ନାହାରେ ତେଲ ପକାଇ ହାଓ୍ୱା ଖାଇ ବୁଲୁଥିଲେ ଏ ରଜା । ଏ କାଳମହରଗ ରାଜବାଟିକି ଟିକଏ ହେଲେ ବାଧୁ ନଥିଲା । ପାନରୁ ଚୂନ ଖସୁ ନଥିଲା । ରଜାଙ୍କ ଫୁଲପନି ପଡ଼ିଆ ହେଉ ନଥିଲା ।

ପ୍ରଜା ଘରେ ଜନ୍ମିଥିଲେ ମରିଥାନ୍ତା, ଏ ନଅଙ୍କିଆ ପୁଅର ହେପାଜତ କରିଥାନ୍ତା କିଏ ? ସାତ ଜେମାରେ ରଜାଘରେ ଜନ୍ମିଚି, ରୁପାବାଟିରୁ ସୁନାଶାମୁକାରେ ଦୁଧ ପିଉଚି, ଜନ୍ମରୁ ସୁନାଦୋଳି, ପାଟମୂଚୁଳି । ଏତେ ବଡ଼ ମରୁଡ଼ିରେ ବି ରାଜବାଟିରେ ଘିଅ ମହୁ ବର୍ଷା ହଉଚି, 'ଦାନଖଇରାତ ଚାଲିଚି । ଅତି ଆନନ୍ଦ ଭିତରେ ହାଟବାଟ ଜରୁର ହୁକୁମ୍ ହେଇଚି, ହାଟୁଆବାଟୁଆ ରଜାଘରୁ ମୂଳ ଜମାରୁ ବହୁତ ବେଶୀ ନଉଛନ୍ତି ।

ସାତ ଜେମାରେ ପୁଅଟିଏ; ପୁଅ ହେଲେ ତୀର୍ଥବ୍ରତ କରିବେ ବୋଲି ରାଜା ମନେ ମନେ ସଂକଳ୍ପ କରିଥିଲେ' । ବଡ଼ଲୋକଙ୍କ ସଂକଳ୍ପ ମାନେ କାର୍ଯ୍ୟ—

ତୁମେ ମନ କଲେ କେବେ କେବେ
ଆମେ ମନ କଲେ ଏବେ ।

ରାଜାଙ୍କ କଥା—ମଥା କଟିଗଲେ ବି ଅନ୍ୟଥା ନୁହେ । ପୁଣି ମରଦ୍‌କା ବାତ୍ ହାତୀକା ଦାନ୍ତପରି ଶକ୍ତ । କାଳାକାଳ ବିଚାର ନାଇଁ । ରଜା ବାହାରି ପଡ଼ିଲେ—ଯିବେ କାମାକ୍ଷାରୁ କାଞ୍ଚୀ, ବଦ୍ରିନାଥରୁ ରାମନାଥ, ମଥୁରାପୁରୀରୁ ମଧୁରାପୁରୀ; ଭାଇବିରାଦର, ବ୍ରାହ୍ମଣ, ଚାକର ମିଶି ସଙ୍ଗରେ ପଚୀଶ ଜଣ; ଚାଲିଲା ରାଜପଟୁଆର—ଘରେ ହାତୀ, ଦଶଘର ଓଟ, ପନ୍ଦରବଖରା ଘୋଡ଼ା, ଖଟଣ୍ଟି ଟମ୍ ଟମ୍ ଗାଡ଼ି । ରାଜକୋଷ ପ୍ରାୟ ଶୂନ୍ୟ; ଏଣେ ନଅଙ୍କ, ବିସୂଚିକା, ମହାମାରୀ । ରାଜ୍ୟ ସଙ୍ଗେ ରାଜାଙ୍କ ସଂପର୍କ କେବଳ ଟଙ୍କାକଉଡ଼ିର ସଂପର୍କ—କେତେ ଦୁହିଁ ପାରିବେ ? ଦୁହିଁ ଦୁହିଁ ଗାଈ ଶରୀରୁ ଦୁଧ ନ ଝରି ଯେ ରକ୍ତ ଝରୁଥିଲା, ଏ ଦୃଶ୍ୟ

Digitized by srujanika@gmail.com

ତାଙ୍କୁ ଦିଶୁ ନଥିଲା । ସେ ତୀର୍ଥ କ୍ଷେତ୍ରରୁ ବାରମ୍ବାର ବରାଳ ଗଡନାୟକଙ୍କ ନିକଟକୁ ଟଙ୍କା ଲାଗି ତାଗିଦ୍ କରି ଚିଠି ଲେଖୁଥିଲେ—

“ଶ୍ରୀ ଶ୍ରୀ ଦେଜେ ଗୁଣସାଗର ମହାବୀର କେଶରୀଙ୍କର ବରାଳ ଗଡ଼ନାୟକ ଓ ସୋମନାଥ ଦିଆନ ପଟ୍ଟନାୟକଙ୍କୁ ଅନୁଗ୍ରହ ଆଜ୍ଞା, ଏ ନିମନ୍ତେ ଆଜ୍ଞା ଅବଧାନ କଲୁଁ କି ବର୍ତ୍ତମାନ ତୁମ୍ଭେ ସେଠୁଁ ତିନିହଜାର ଟଙ୍କା ପଠାଇ ଅଛ ସେ ଟଙ୍କା ପାଇ ଏ ପାଇକକୁ ବିଦାୟ କରିଦେଲୁଁ । ଏହା ତୁମ୍ଭ ଜାଣିବା କାରଣ ଲେଖାଗଲା । ବର୍ତ୍ତମାନ ଏଠାରେ ଶିବରାତ କଲୁଁ । ସପ୍ତମୀ କି ଅଷ୍ଟମୀ ଦିନ ଏଠାରୁ ଦମାଛ କରିବୁ, ଏ ବିଷଏ ।

ବର୍ତ୍ତମାନ ଆମ୍ଭ ଗହଣରେ ହାତୀ ଘରେ, ଓଟ ଦିଘର, ଘୋଡ଼ା ପନ୍ଦର ବଖରା, ଏକ ଗାଡ଼ି । ଏମାନ ଥିବାରୁ ଗମ୍ଭୀରସାମନ୍ତଙ୍କ ପାଇଁ ପୋଷାକ ଖରିଦ୍ ପାଇଁ ଖର୍ଚ୍ଚ ନଅଣ୍ଟ ହେଲା । ବର୍ତ୍ତମାନ ଲେଖା ଗଲେ କିଛି ଖର୍ଚ୍ଚ ଆସିବ । ଭିତରଆଡ଼େ ନାମାଙ୍କର ହାତରେ ଖବର ଦେଇ ବଡ଼, ଆଗୁର ଦୁଇଜଣ ସୁଆର ବ୍ରାହ୍ମଣ ହାତେ ପଠାଇବ । ଆଉ ଅଧିକ କି ଅଛି ।

ଆମ୍ଭ ତୁମ୍ଭଁରୁ ଲେଖ ନ ଯିବାପର୍ଯ୍ୟନ୍ତ ପଠାଇବନାହିଁ । ଯଦ୍ୟପି କୌଣସି ଲୋକ ପଠାଇବ ସେସବୁ ମହିଷ ବଡ଼ ସଡ଼କରେ ରାଣୀଗଞ୍ଜି ବାଟେ ଆସି ଗୟା ବଳଦେବ କଣ୍ଟାରିୟା ଘରେ ତଲାସ ନେଲେ ଆମ୍ଭର ଲୋକକୁ ବୈଦ୍ୟନାଥରେ ଦେଖିବେ ।

ଶ୍ରୀରାଜା (ଦେବନାଗରୀ ସ୍ୱାକ୍ଷର)

ବେଳେ ବେଳେ ମୁଲକ କଥା ମନେ ପଡ଼ିଯାଏ; ସେ ଚିନ୍ତା କିନ୍ତୁ ବେଶୀ ଗମ୍ଭୀରକୁ ଭେଦେନାଇଁ । ଭସା ମେଘ ପରି ଆସୁ ଆସୁ କୁଆଡ଼େ ଉଡ଼ିଯାଏ ।

“ବର୍ତ୍ତମାନ ମୁଲକଭାର ତୁମ୍ଭ ଉପରେ ଦେଇ ଦମାଛ କରୁଅଛୁ । ଏଥର ତୁମ୍ଭେ ଗମ୍ଭୀରସାମନ୍ତଙ୍କର ଶ୍ରୀଅଙ୍ଗ ଓ କଲ୍ୟାର ଭଲମନ୍ଦରେ

Digitized by srujanika@gmail.com

ହୁସିଆରରେ ସବୁ ବ୍ୟବସ୍ଥା କରିବ । ଆଉ [illegible] ଲେଖିବୁ ସୁ
ଜାଣିବ । ଦଶ ଅଙ୍କ ତୁଲା ଯତର ଦିନ ।”

ପ୍ରଜାଙ୍କ ଦୁଃଖ ଧୋଇଲେ ଶୁଖିଲେ ସବୁ ନାହିଁ, ତେଣିକି ବାଧା ନାହିଁ । ସେଥିରେ ସେ ମନଇଚ୍ଛା ଖର୍ଚ୍ଚ କରି ଆପେ ଚଳିବେ, ପୁଣି ଅସମୟ ସମୟରେ ବନ୍ଧୁବାନ୍ଧବଙ୍କୁ ଚଳାଇବେ । ବଣେଇରାଜାଙ୍କ ଚିଠାଉରୁ ସେ କଥା ଜଣାଯାଏ ।

ରାଜ୍ୟର ଦୁରବସ୍ଥାରେ ବି ସେ ବର୍ଷ ବଣେଇଁ ରାଜକୁମାରଙ୍କର ମଙ୍ଗଳକୃତ୍ୟରେ ତାଳମୂଳର ରାଜା ବହୁତ ଆର୍ଥିକ ସାହାଯ୍ୟ ଦେଇଥିଲେ । ବଣେଇଁ ଟୀକାଏତ ଇନ୍ଦ୍ରଦେଓ ସେଥିଲାଗି ବଧେଇ ଦେଇଛନ୍ତି । ସେ ରାଜା ଗୁଣସାଗରଙ୍କୁ 'ବଡ଼' ଅର୍ଥାତ୍ ବାପାଙ୍କ ବଡ଼ଭାଇ ବୋଲି ମାନ୍ୟ କରୁଥିଲେ । ରାଜାଙ୍କ ମୃତ୍ୟୁ ପରେ ସେ ଯାହା ବରାଳ ଗଡ଼ନାୟକଙ୍କୁ ଲେଖିଛନ୍ତି—

“ସ୍ୱସ୍ତି ଶ୍ରୀ ମହାଧିରାଜାଧିରାଜ ଶ୍ରୀ ମହାରାଜକୁମାର ଶ୍ରୀଯୁତ ଇନ୍ଦ୍ରଜିତ ଦେଓ ଶ୍ରୀ ଟୀକାଏତ୍ ବାହାଦୁରଙ୍କର ବରାଳ ଗଡ଼ନାୟକଙ୍କୁ ଗୌରବ ହୁକୁମ୍ ଏମନ୍ତ ଯେ ଆମ୍ଭର ଓ ତାଳମୂଳର ଯେ ପ୍ରାୟ ସେ ତ ତୁମ୍ଭଙ୍କୁ ଗୋଚର ଯେ କିଛି କଥାର କହିଁତ ଲେଖାଯିବ, ମାତ୍ରକ ବଡ଼ବାବାଙ୍କର ହେତୁରୁ ବହୁତ ଅବଶୁଦ୍ଧରେ ରହିଲୁଁ, ଆମ୍ଭଙ୍କୁ କିଛି ପରଓ୍ୱାସ୍ତେ ନ ଥିଲା, କେବଳ ଆମ୍ଭ ଦୁର୍ଭାଗ୍ୟର କଥା; ମାତ୍ରକ ତୁମ୍ଭେ ଯେଉଁ ଅଛ ଆମ୍ଭର କେହୁଣସି କଥାର ପରଓ୍ୱାସ୍ତେ ନାହିଁ ।

ବଡ଼ଙ୍କର ମଦତରୁ ଶ୍ରୀ ଶୁଭ ମଙ୍ଗଳକୃତ୍ୟ ଉତ୍ତମ ରୂପରେ ହଇହେଲା, ମାତ୍ରକ ଆମ୍ଭର ଏଠାରୁ ଦୁଇଶପଚିଶ ଟଙ୍କା ପଠାଇ ଦିଆଯାଇଥିଲା ।

···ଉଙ୍ଗା ଗୃହଣ କଲୁଁ । ଉଙ୍ଗା ଛତିଶଖଣ୍ଡ ପଠାଗଲା ଯେ ବାଟରେ କେତେ ରହିଲା ଯେ ଉକ୍ତ ବେଭାର ଧରି ପୂଜାରୀଙ୍କୁ ପଠାଗଲା ।

Digitized by srujanika@gmail.com

ତୁମ୍ଭେ ଆଜି ଯେ ବିଧି ତା କପାଳ ପୂଜାରୀଠାରୁ ସେ ହାଲ ତା ଜାଣିବ । ତୁମ୍ଭେ ତ ଆମ୍ଭର ଘରର ମଣିଷ ବିଶେଷ କି ।'

ପ୍ରଜାଙ୍କ ଖଜଣା ଏନ ଦେଶର କୌଣସି ହିତକାର୍ଯ୍ୟରେ ଲାଗୁ ନ ଥିଲା । ରାଜଚର୍ଚ୍ଚାରେ ଓ ରାଜାଙ୍କ ବନ୍ଧୁକୁଟୁମ୍ବ ଚର୍ଚ୍ଚାରେ ପ୍ରାୟ ସବୁ ବିନିବ୍ୟୟ ହୋଇଯାଉଥିଲା ।

ରାଜାଙ୍କ ଜୀବନର ନୀତି ଥିଲା—ଆପେ ବଞ୍ଚିଲେ ବାପର ନାମ । ନିଜେ ଭଲ ତ ଦୁନିଆଁ ଭଲ । ଖାଇପିଇ ନିଜେ ଆରାମରେ ରହ; ପରଲାଗି ମୁଣ୍ଡଅଣ୍ଡୁଆଁ କାହିଁକି ? ଯେଝା କଥା ସେ ବୁଝିବ । ତୁମ ମୁଣ୍ଡ ବିଆଉଛ କାହିଁକି ?

ଦୁନିଆଁରେ କେତେ ଦୁଃଖ ପୂରିରହିଛି, ତୁମର ବଳ କେତେ ? ତୁମେ କ'ଣ ସମସ୍ତଙ୍କ ଦୁଃଖ ଦୂର କରିପାରିବ ? ଯଦି ନ ପାରିବ, ମିଛକୁ ବାଡ଼େଇକଚାଡ଼ି ହଉଛ କାହିଁକି ?

ଅସଲ କଥା—ଏ ଦୁଃଖରାଜ୍ୟରେ ତୁମେ କେତେ ସୁଖୀ ହୋଇପାରୁଛ; ତୁମେ ନିଜକୁ ସୁଖୀ କରୁ କରୁ କିଏ ଯଦି ଖାଲରେ ଖମାରେ ପଡ଼ିଗଲା, କ'ଣ କରିବ ? ତା ଦୁର୍ଭାଗ୍ୟ ସେ, ଦୁନିଆଁରେ ସମସ୍ତଙ୍କ ଭାଗ୍ୟଲିପି ଲେଖିବା ତୁମର କାମ ନୁହେଁ ! ସେ କାମ ଜନ୍ମଦିନରୁ ସରିଛି । ଅନ୍ୟର ଭାଗ୍ୟ ବଦଳାଇପାରିବ କିଏ ? କେଉଁ ଯୁଗରେ କିଏ କରିପାରିଛି ? ଆଉ ତୁମେ ମିଛକୁ ହମ ହମ ହଉଛ କାହିଁକି ?

ରଜା ଲୁଣିଆ ଲୁହରୁ ମିଠା ମଦ୍ଦ ବାହାରକରି ପିଉଥିଲେ । ଏମିତି କରି କରି ତାଙ୍କ ଜୀବନ ବିତିଗଲା ।

ସଂସାରରେ ବହୁତ ସ୍ୱାର୍ଥପର ଲୋକ ଅଛନ୍ତି । ଗୁଣସାଗର ତା ଭିତରୁ ଜଣେ ହୋଇଥିଲେ ଚଳନ୍ତା । କିନ୍ତୁ ସେ ରଜା, ସବୁ ପ୍ରଜାଙ୍କ ପାଇଁ ତାଙ୍କର ସ୍ଥିତି, ପ୍ରଜାଙ୍କ ସୁଖ ପାଇଁ ଜୀବନ ମୂର୍ଚ୍ଛିବା ତାଙ୍କର କାମ । ଏ ଚେତନା ତାଙ୍କର ନ ଥିଲା ।

Digitized by srujanika@gmail.com

ଗୁଣସାଗରଙ୍କ ବଡ଼ ଅବଗୁଣ ପ୍ରକାଶ ପାଇଲା ଶେଷଜୀବନରେ । ପିଲାଦିନରୁ ତାଙ୍କ ମନରେ ପ୍ରତିହିଂସା ବଡ଼ ତୀବ୍ର ଥିଲା । ବହୁ ତୀର୍ଥାଟନ, ଦେବଦେବୀ, ଯୋଗୀସନ୍ନ୍ୟାସୀ କେହିହେଲେ ପରିବର୍ତ୍ତନ ଘଟାଇ ପାରି ନ ଥିଲେ । ସଂସାର ପ୍ରତି ନ ଥିଲା ଟିକିଏ ଉଦାସୀନ ଭାବ ବା ବୈରାଗ୍ୟ ।

ତାଙ୍କର ଭଣେଇ ଅନୁଗୁଳର ସର୍ବମାନ୍ୟ ରାଜା ସୋମନାଥ ସିଂହ । ସେ ପିତା ସୁରେନ୍ଦ୍ରଙ୍କୁ ସୈନ୍ୟସାହାଯ୍ୟ ଦେଇ ତାଳମୂଳ ରାଜବାଟି ଘେରାଉ କରିଥିଲେ, ଲଙ୍ଗୁଳି ଜାକି ପଳାଇବା ଛଡ଼ା ଅନ୍ୟ ବାଟ ନ ଥିଲା । ଶଳା ବୋଲି ସେ ଯଦି ମୁହିଁକୁ ନ ଗୁହିଁଲେ, ଭଣେଇଁ ବୋଲି ମୁଁ ଗୁହିଁବି କାହିଁକି ?'

କଥା ଅଛି—ଆପଣା ହସ୍ତେ ଜିହ୍ୱା ଛେଦି
କେ ତାରି ଅଛି ପ୍ରତିବାଦୀ ?

ନିଜର ଯେ କ୍ଷତି ଘଟାଉଛନ୍ତି, ନିଜ ଭଉଣୀର କାଚ ଛେଚି ରାଣ୍ଡି କରାଉଛନ୍ତି, ଏ ଧାରଣା ମନରେ ପଶିଲା ନାହିଁ, ସୋମନାଥଙ୍କ ରାମ୍ଭୀକାସ୍ପ ବ୍ୟକ୍ତିତ୍ୱ ଯୋଗୁଁ ସୁରେନ୍ଦ୍ର ଯତିବ୍ରତ ଗ୍ରହଣ କଲେ, ପୁଣି ପୁଣି ରାଜଗାଦି ଲାଭ କଲେ, ଏ ଉପକାର ମନେ ପଡ଼ିଲା ନାହିଁ । ମଣିଷ ଶୀଘ୍ର ଉପକାର ଭୁଲିଯାଏ; ଅପକାରକୁ ଆଜୀବନ ମନେ ରଖେ ।

ନିଜର ଶଳା ବିଶ୍ୱାସରେ ବିଷ ଦେବ, ଏ ଧାରଣା ସୋମନାଥଙ୍କର ନ ଥିଲା । ଚିଠାଉ ପାଇବାମାତ୍ରେ ଆଗପଛ କିଛି ନ ବିଗୁରି ଘୋଡ଼ାରେ ବସି ସେ କୃଷ୍ଣଚନ୍ଦ୍ର ଗଡ଼ରୁ ତାଳମୂଳ ଗୁଲିଆସିଲେ; ସିଂହଦ୍ୱାରରୁ ଉଆସ ଶଳା ପାଖ୍ରେ ଟିନେବ କ'ଣ, ବିପରୀତ କଥାଟାଏ ଘଟିଲା । ସିଂହଦ୍ୱାର ଦପଟେ ଲୁଚିଥିବା ଇଂରେଜ ସୈନ୍ୟ ଆସି ଘେରିଗଲେ, ବନ୍ଧୁକ ଦେଖାଇଲେ । ତରବାରୀ ବୁଲାଇବାକୁ ବା ପିସ୍ତଲ ଚଳାଇବାକୁ ବେଳ କାହିଁ ରଜା ବନ୍ଧ ହୋଇ ଉପରକୁ ହାତ ଟେକିଲେ । ତାଙ୍କ ତରବାରୀ, ବାଙ୍କଛୁରୀ ଆଉ ପିସ୍ତଲ ଛଡ଼ାଇ ନିଆଗଲା । ହାତକଡ଼ି ଆଉ ଗୋଡ଼ବେଡ଼ି ଦେଇ ସଶସ୍ତ୍ର ଜଗୁଆଳି

Digitized by srujanika@gmail.com

ଭିତରେ ତାଙ୍କୁ କଣ୍ଟକ ଶଯ୍ୟାଶ ଲାଗିଲା । ସନ୍ତ୍ରମାନ୍ୟ ପେନସନ୍ ଦେଇ ନଜରବନ୍ଦରେ ରଖାଗଲା । ଅପରାଧ—ରାଜଦ୍ରୋହ, ଯଦି ବା ତାର ଭିଲାଛି ପ୍ରମାଣ ନ ଥିଲା ।

ପ୍ରବଳର ଏ ଗୋଟିଏ ଆଳ. ମେଣ୍ଢାକୁ ଆକୁ ଗଧିଆର ଆଳ ପରି । କୌଣସି ଗୋଟେ ଅପବାଦ ଦେଇ ଇଂରେଜମାନେ ଏମିତି ଗୋଟିକ ପରେ ଗୋଟିଏ ରାଜ୍ୟ ଦଖଲ କରିଯାଉଥିଲେ ।

ରାଜା ବନ୍ଦୀ ହେବାପରେ ଅନୁଗୁଳ ଖାସ୍ ହେଲା; କାଳର ରାଜପରିବାରର ଲୋକେ ଆଜି ଦାଣ୍ଡର ଭିକାରୀ ହେଲେ । ଅନୁଗୁଳର ରାଜଭକ୍ତ ପ୍ରଜା, ଦେଶପ୍ରେମୀ, ପ୍ରଜାରଞ୍ଜକ, ବୃଟିଷଙ୍କ ଯୁଦ୍ଧବିଜେତା ମହାବୀର ରାଜା ସୋମନାଥ ସିଂହଙ୍କ ଲାଗି ସେତେବେଳେ ବହୁତ କାନ୍ଦିଛନ୍ତି । ଏବେ ବି ସେ ଦୁଃଖ ମନେପଡ଼ିଲେ ଲୁହ ଗଡ଼ିଆସେ ।

କେତେଦିନ ପରେ ରାଜା ସୋମନାଥଙ୍କୁ ହାଜାରିବାଗ୍ ଜେଲକୁ ପଠାଗଲା, ସେନାପତି ସିଦ୍ଧ ଗଡ଼ନାୟକଙ୍କୁ କଳାପାଣି ଦଣ୍ଡ ହେଲା । ବନ୍ଦୀ ଅବସ୍ଥାରେ ରୁଗ୍ଣ ସୋମନାଥ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ରାଜା ଗୁଣସାଗର ବିଦେଶୀ ଶାସକଙ୍କଠାରୁ ବିଶ୍ୱାସଘାତକତାର ଉପଯୁକ୍ତ ପୁରସ୍କାର ଲାଭ କଲେ । ସରକାରୀ ଚିଠିରେ ତାଙ୍କୁ ମେହେରବାନ୍ ଦୋସ୍ତାନା (ପ୍ରିୟବନ୍ଧୁ) ସମ୍ବୋଧନ କରାଯାଉଥିଲା । ତାଙ୍କୁ 'ମହାରାଜ ବାହାଦୁର୍' ଉପାଧି ସହିତ ଏକ ଖିଲତ୍ ଓ ଏକ ଘର ହାତୀ ପୁରସ୍କାର ମିଳିଥିଲା । ଏ କଥା ମନେପଡ଼ିଲେ ତାଳମୂଳର ସ୍ୱଦେଶପ୍ରେମୀଙ୍କ ମୁଖ ଘୃଣାରେ ବିକୃତ ହୋଇଯାଏ ।

ବିଦେଶୀ ଶାସକଙ୍କ ସହିତ ଅଧିକ ବନ୍ଧୁତା ଜମାଇବାକୁ ଗୁଣସାଗରଙ୍କୁ କାଳ ସହିଲା ନାହିଁ । ରାଜନଅର ପାହାଡ଼ରୁ କେଳା ଧରିଥିଲା ଗୋଟାଏ କୋଳଥିଆ ନାଗ; ମାଟିଆରେ ସାପକୁ ରଖି ସିଧା ଧୋଡ଼ାଇ ରାଜାଙ୍କୁ ଦେଖାଇବାଲାଗି ଆଣିଥିଲା ସେ—ଆଶା—ପୁରସ୍କାର । ମନରେ ପିଲାଳିଆ କୌତୁକ । ରାଜା ସାପକୁ ଦେଖିବାକୁ ଚାହିଁଲେ ।

Digitized by srujanika@gmail.com

ସବୁ କାଢ଼ିବା ମାନେ ସଭାରେ ନାଗ ରାଜାଙ୍କ ମୁହଁରେ ମାରିଲା ଗୋଇଠା । ଗୁଣସାଗର ପଟଙ୍କ ସଟଙ୍କ ଝଲପଡ଼ିଲେ; କେଳା ଦେଖେ ଜାଲମଦ୍ଦୁରୀ ଲଗାଇଲା, କିନ୍ତୁ ଫଳ ହେଲାନାହିଁ । ନଅରରେ କାନ୍ଦବୋବାଳି ପଡ଼ିଗଲା । ପ୍ରଜାପାଠକଙ୍କ ଆଖି ସତେ କି ପଥର ପାଲଟିଯାଇଥିଲା ! ଟିକିଏ ହେଲେ ଓଦା ହେଲାନାହିଁ ।

॥ ଛଅ ॥

ତା'ପରେ ପ୍ରୀତିଚନ୍ଦ୍ର ରାଜା ହେଲେ, ବିଧି ଅନୁସାରେ ଯୁବରାଜ ରଜା ହୁଅନ୍ତି ବୋଲି । ରାଜନୀତିରେ ତାଙ୍କ ମନ ନ ଥିଲା । ପୁନଅ ଜୁଆର ପରି ସେ ଫୁଲୁଥିଲେ ପ୍ରୀତିରେ ।

ସେ ପ୍ରୀତିକବିତା ଲେଖୁଥିଲେ, ପ୍ରୀତିଗୀତ ଶୁଣୁଥିଲେ, ଜପୁଥିଲେ କେବଳ ପ୍ରୀତିମନ୍ତ୍ର । ସେ ବୁଝିଥିଲେ ଯେ ସଂସାରର ସାରପଦାର୍ଥ ପ୍ରୀତି । ପ୍ରୀତିହୀନ ଦେହ 'ଶବ ମାତ୍ର ।

ତାଙ୍କ ରାଣୀଙ୍କ ନାମ ନୟନପ୍ରତିମା । ସୁନ୍ଦରୀ; ଦେଖିଲେ ଆଖି ଲାଖିରହେ; କିନ୍ତୁ ପ୍ରାଣରେ ଟିକିଏ ହେଲେ ରସ ନାହିଁ, କମଳକୁଟକର ଶୁଖିଲା କାଠକୁଣ୍ଢାଇଟାଏ, ବକ୍ରୋକ୍ତି ବୁଝେନାହିଁ, ହାସ୍ୟରସର କଥା ପଡ଼ିଲେ ବାଲୁବାଲୁ କରି ଗୃହେଁ ।

କିନ୍ତୁ ଶାଳୀ କନକମଞ୍ଜରୀ ଠିକ୍ ତାଙ୍କର ବିପରୀତ; ଚଞ୍ଚଳା; ବିଜୁଳିପରି ଏଠିସେଠି ଚମକଉଥାନ୍ତି । ପାଠର ଉତ୍ତର ପାଠରେ ଦିଅନ୍ତି, ଶାଠର ଉତ୍ତର ଶାଠରେ । 'ପାନ ଖଣ୍ଡେ ଦିଅ' ଏଇ ଅର୍ଥ ଆସୁଥିବା ବହ୍ନିଲିପିର ଉତ୍ତର ସେ ବହ୍ନିଲିପିରେ ଦିଅନ୍ତି । କଥାକେ କଥାକେ ଭଞ୍ଜକବିତା; ରୀତିଯୁଗର କବିଙ୍କୁ ଚଢାରେ ଲେଖନ୍ତି, ଗ୍ଲୁଲରେ ଗ୍ଲୁଲରେ

Digitized by srujanika@gmail.com

ଭଞ୍ଜଛନ୍ଦ ଫୁଟାନ୍ତି । ଟିକେ ହେଲେ କୋଉଠି ନ ଅଟକି କେତେ ଗ୍ରନ୍ଥ, ଚଉପଦୀ ଗାଇଯାନ୍ତି ସେ । କଳକଣ୍ଠ, ଛଇଛଟକରେ ରସିକହାରାବଳୀ; ଆଖିଦୁଇଟି ନର୍ତ୍ତକୀ, କେତେବେଳେ କୋଉ ଛନ୍ଦରେ ନାଚେ, କେତେବେଳେ ବା ଢେଉଅକମ୍ପିତ ସ୍ଥିର ହ୍ରଦ । ଯୋଡ଼ଯମକ, ମାଳଯମକ ବା ଶ୍ଳେଷରେ ସେ କଥା କହନ୍ତି । ଏଣେ ବାକ୍ଚାତୁରୀ ଭିତରେ ଗୁର ଚକ୍ଷୁମେଳ ହୋଇଗଲା ।

କନକମଞ୍ଜରୀ ଏଣେ କବାଟ କିଳି ଶୋଇପଡ଼ିଥିଲେ; ଠିକ୍ ଶୁଆ ନୁହେଁ, ଚେଇଁ ଶୁଆ; ଭେଣାଇଁପ୍ରାଣର ସ୍ୱାଦୁତା ଗୃହିବା ତାର ଉଦ୍ଦେଶ୍ୟ ।

କବାଟ କିଳା ଦେଖି ପ୍ରୀତିଚନ୍ଦ୍ର ଦୁଆରେ ହାତ ମାରିଲେ; ଭିତରୁ ପ୍ରଶ୍ନ—'କିଏ ?'

'ମୁଁ ମହିଷ ।'

'ମଇଁଷି ?'

'ମୁଁ କଅଣ କରିବିଟି ?
ହାଣ୍ଡିଟା ଭିତରେ ପିହାଣଟାଏ—
ମୁଁ ଚମକିପଡ଼ିବିଟି !'

'ମୁଁ ଭୋଗୀ !'

'ସାପ ! ଗାତରେ ନ ପଶି କି ବଡ଼ପଞ୍ଜିଆରେ ଆହାର ନ ଖୋଜି ମୋ ପୁରକୁ ଆଇଲ୍ କେମିତି ? ପୋଇଲିମାନେ ଦୁଆର ଜଗିଛନ୍ତି ନାଁ କୁଆଡ଼େ ଟହଲ ମାରୁଛନ୍ତି ?'

'ମୁଁ ଧରଣୀଧର—ଶିବ ।'

'ଶିବ ! କନ୍ଦର୍ପର ଶତ୍ରୁ ଯୁବତୀପୁରକୁ କାହିଁକି ବିଜେ କରିବେ ? ସେ ଦେଉଳରେ ବଅଁ ହୋଇ ରହିବେ, ନଇଲେ ଷଣ୍ଢପିଠିରେ ଟୋଟୋ ହୋଇ ପୃଥ୍ୱୀ ତମାମ୍ ବୁଲୁଥିବେ ।

Digitized by srujanika@gmail.com

'ମୁଁ ନରହର—ନର୍‌ଙ୍କ ଭିତରେ ନାରାୟଣ—ରାଜା ।'

'ଓ, ନରଙ୍କ ଭିତରେ ହରି—ବାନର ? ରାତିଅଧରେ କବୁଜ ଅନ୍ତଃପୁରରେ ତ ଖରା ପଡ଼ୁନାହିଁ, କି ତ ଦିଶୁନାହିଁ । ମାଙ୍କଡ଼ଟାଏ ପଶିଲା କେମିତି ?'

'ମୁଁ ଦଣ୍ଡଧର—ରାଜା ।'

'ଯମ ? ସେ ଅକାଳେ ମୋ ପୁରକୁ କାହିଁକି ଆସିବେ ?'

ପ୍ରୀତିଚନ୍ଦ୍ର ଆଉ ଉତ୍ତର ଦେଇପାରିଲେ ନାହିଁ, ଚତୁରୀ କନକମଞ୍ଜରୀ ପାଖରେ ହାରିଲେ ; ବଦନ୍ଧାତ୍ରର ଶବ୍ଦଯୁଦ୍ଧରେ ସିନା ହାରିକ ହେଲା, ସେ ପ୍ରୀତିଯୁଦ୍ଧରେ ବିଜୟୀ ହେଲେ ବୋଲି ମନେ କଲେ ।

ସ୍ୱରାଜ୍ୟକୁ ଫେରିଗଲା ପରେ ନା ରାଣୀ ନୟନପ୍ରଭିମାଙ୍କୁ ପଚାରିଲେ ନାହିଁ, ପ୍ରଜାମାନଙ୍କ ହାନିଲାଭ ବୁଝିଲେ ନାହିଁ, ଦିନରାତି କେବଳ ଲେଖା-ଲେଖା ଚାଲିଲା, କେମା କନକମଞ୍ଜରୀଙ୍କଠାରୁ ଘନ ଘନ ଉତ୍ତର ମଧ୍ୟ ମିଳିଲା ।

ପ୍ରୀତିଚନ୍ଦ୍ର ଲେଖିଲେ—

'ଦାରୁଣ ବିରହ ବିଚ୍ଛେଦ
କି ଲଭ ଅଛୁ ରାଜପଦେ ?

ମୋର ଏଠି ରଜା ହବାକୁ ମନ ନାହିଁ, ଯଦି କୋଉଠି ରଜା ହବାକୁ ଇଚ୍ଛା, ସେ ତୁମ ହୃଦୟରାଜ୍ୟରେ । କୋକିଳଙ୍କୁ ମୁହଁମାଡ଼ ପଡ଼ିଚି, ଛଟପଟ ହଉଚି, ପାଣିର ମାଛ ଶୁଖିଲାରେ ପଡ଼ିଲେ ଯେମିତି । ତୁମ ଅଧରର ମଧୁରତା କୋଉ ମିଷ୍ଟାନ୍ନରେ ନାହିଁ, ଦୁଇଟି ଦେହରେ ଗୋଟିଏ ପ୍ରାଣ ଆମର ଗୋ କେମା ।'

ଏହାର ଉତ୍ତର କନକ ଲେଖିଲେ—

"ହେ ପ୍ରାଣସଙ୍ଗାତ, ପ୍ରୀତି କାହାକୁ କହନ୍ତି, ଜାଣେନାହିଁ, ସେ ନାଲି ନା ନେଳା, କଳା ନା ଧଳା କୋଉ ରୂପ ଆଉ ରଙ୍ଗରେ ଆସି

Digitized by srujanika@gmail.com

ସେ ମନକୁ ଭୁଲାଏ ? କେମିତି ନବୀନ ହୃଦ ଭିତରେ ସେ ପଶେ ? କେମିତି ଧୈର୍ଯ୍ୟର ମଣିମାଣିକ୍ୟ ଲୁଣ୍ଠନ କରେ ?

ସେ କେମିତି ଘୋର ଅନ୍ଧାରରେ ଅବାଟରେ ବାଟ କଢ଼ାଏ ? ମାନମହତକୁ ନିକାଶ କରି ଘରଆଡ଼େ ହାଟ ବସାଏ, ତା ଡ଼େଙ୍ଗୁରା ଶୁଣିଲେ ଗୁପ୍ତ କଣ ହୋଇଯାଏ ?

ସେ ନିଶା ନୁହେଁ, ମୁଣ୍ଡ ଘୂରାଇଦିଏ, ଉଚନୀଚ ଭେଦ ମାନେନାହିଁ, କାଳାକାଳ ବିଚାର ବି କରେନାହିଁ । ପ୍ରୀତି କି ପଦାର୍ଥ ମୋତେ ବୁଝାଇ ଲେଖିବ—

ପଥର ହେଲେ ତରଳିବ
ପୀରତି ଯାହା ହୃଦେ ଥିବ ।

ହେ ଭେଣାଇଁ, ମୋର ହାର ନିଅ, ଲୁହର ହାର, ରାତି ଉଜାଗର ରତ୍ନ ଗୁନ୍ଥିଚି । ଦକ୍ଷିଣା ପଠାଇଦିଅ, ମୋ କଥା ପଚ୍ଛରିଚ, କ'ଣ ଲେଖିବ ?

'ଯଥା ଗଙ୍ଗଶିଉଳି
ଅରୁଣ କିରଣେ ଯାଏ ଝାଉଁଳି ।'

ତୁମକୁ ଭୁଲିଯିବା କଥା ଲେଖିଚ ! କେମିତି ଭୁଲିବି ? ତୁମେ ମୋର ଜପାମାଳୀ, ମୁଁ ତୁମର ପାଦଧୂଳି, ତୁମେ ମୋର ଫୋଟିଚନ୍ଦନ, ଗଳାରତନ ।

ତୁମେ ପୁରୁଷ, ଭ୍ରମର ଜାତି, ଏ ଫୁଲୁ ସେ ଫୁଲେ ବୁଲିବା ତୁମ ବେଉସା; କେତେ ରଙ୍ଗରହସ୍ୟ ଲେଖି ଗ୍ରନ୍ଥ ଦଉଚ । ମତେ କ'ଣ କବିତା କି ଗୀତ କରିଆସେ ?

ଚରଣରେ ଥାନ ଦେଇ ରଖ ଏ ଦାସୀରେ
ତୁମେ ତ ଅନ୍ତରଧନ ନ ରହ ଅନ୍ତରେ ।'

ତୁମର ତ ଉଆସରେ ରାଣୀ, ଆଉ କିଏ କେତେ ଅଛନ୍ତି । ତୁମ ବିନା ମୋର ଆଉ କିଏ ଅଛି

Digitized by srujanika@gmail.com

ପିଣ୍ଡ ପ୍ରାଣ ତବ ଚରଣେ ବନ୍ଧା
ପ୍ରାଣ ଥିବାଯାଏ ହେବନି ମୁକ୍ତ ।
ପ୍ରାଣ ସଙ୍ଗାତ
ପାସୋର ଦେଲେଟି ହେଲି ଅନାଥ
ଯାଉଅଛୁ ଏବେ ମେଲାଣି ହୋଇ
ମନେ କରୁଥିବ ପଲଙ୍କେ ଶୋଇ
ହେ କଣିକାକୁଡ଼
ମନେ କରୁଥିବ ଘଡ଼କ ଘଡ଼ ।

ତା'ପରେ ପ୍ରୀତିଚନ୍ଦ୍ର ଲେଖିଲେ—

"ପ୍ରୀତିର ରୂପ ନାହିଁ କି ବର୍ଣ୍ଣ ନାହିଁ, ଥରେ ମନକୁ ଛୁଇଁଲେ ଚୁମ୍ବକ ପରି ସେ ଟାଣିଧରେ, ଯେତେ ଛଡ଼ାଇଲେ ଛୁଟେନାହିଁ ।

ପ୍ରୀତି ଗୋଟିଏ ନିଶା, ଏ ନିଶା ଧରି ଛୁଡ଼ିଯାଏ, ସେ ଛୁଟେନାହିଁ; ସେ ସମ୍ରାଟକୁ ବାଟର କାଙ୍ଗାଳ ପରି ଛୁଟେ, କାଙ୍ଗାଳକୁ ବି ସମ୍ରାଟର ହାଲ୍ ଦିଏ ।

ପ୍ରୀତି ନିଆଁରୁ ତାତିଲା; ପାଣିପକାଇଲେ ନିଆଁ ଲିଭେ, ଶୀତଳ ଜଳରେ ଯେତେ ଗାଧୋଇଲେ ବି ପ୍ରୀତିର ତାତି ସେମିତି ଥାଏ । ତଥାପି ରୋଗର ଔଷଧ ଅଛି, ବିରହିଣୀଙ୍କ ଗ୍ରୀଷ୍ମର ଉତ୍ତାପ ଊଣା କରିବାର ଶୀତଳ ଉପଚାର ରାଜବାଟିରେ ଜେମାମଣିମାନେ ବ୍ୟବହାର କରି ଆସିଛନ୍ତି, ତୁମେ କରିବ, ପଦ୍ମପତ୍ର ଉପରେ କଇଁନାଡ଼ ପକାଇ ଶୋଇବ, ବାସିଚନ୍ଦନ, ବେଣାଚେର ଓ କର୍ପୂର ବାଟି ଛାତିରେ ବୋଳୁଥିବ, ଶିବ, ଶିବ ଜପୁଥିବ ।

କଳାହାଣ୍ଡିଆ ମେଘକୁ ଚାହିଁବ ନାହିଁ, ବିଜୁଳି ମାରିଲେ ଆଖି ବୁଜିଦେଉଥିବ, ପୁନେଇଁ ଚନ୍ଦ୍ର କାହାକୁ ଭଲ, କାହାକୁ ସଲ, ଜାଣିବ, ଏ ଏକ ନିଆଁ ଉହ୍ନେଇ, ଚାତକୀ ଛାତିକି ତରଳାଇ ଝୁରାଇଦିଏ, ଗବାକ୍ଷ ବନ୍ଦ କରିବ ।

Digitized by srujanika@gmail.com

ଦେଖୁନ୍ତ, ଫାଲ୍ଗୁଣର ଏ ପଲାଶ, ବିରହ୍ନିଶୀମାନଙ୍କ ବୁକୁ ବଦାର ରକ୍ତରେ କେମିତି ଜାଲ୍ ହୋଇଛି !

ପ୍ରାଣର ଜ୍ୟୋତ୍ସ୍ନା, କେବଳ ସବୁବେଳେ ତୁମ କଥା ଭାବୁଛି । ସଂସାର ପିତା ଲାଗିଲାଣି ।''

ପ୍ରୀତିଚନ୍ଦ୍ର ଦିନେ କନକକୁ ଧରି କୁଆଡ଼େ ଯେ ଅନ୍ତର୍ଧାନ ହୋଇଗଲେ କେହି ପତ୍ତା ପାଇଲେ ନାହିଁ । କେତେ କୁଆଡ଼େ ଦେଉଡ଼ି ଗଲା ।

ଦୂତ ବରଗି ପାତ୍ରମନ୍ତ୍ରୀମାନେ ଗୋଟା ଭାରତବର୍ଷ ଖୋଜାଇଲେ । କୌଣସି ସନ୍ଧାନ ମିଳିଲା ନାହିଁ । ଏ ମଧ୍ୟରେ ଦୁଇ ତିନି ବର୍ଷ ବିତିଗଲା । ରାଜ୍ୟ ଅପାଳକ ହେଲା । ଯୁଆଡ଼େ ଶୁଣିବ ଚୋରି, ଲୁଟି, ହଣାମରା, ପୋଡ଼ାଜଳା, ହାଉଳିଚୁଲ୍ ।

ପାତ୍ରମନ୍ତ୍ରୀମାନେ ବୁଝିବିଚାରି ପ୍ରୀତିଚନ୍ଦ୍ରଙ୍କ ସାନଭାଇ ପଞ୍ଚାୟୁତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗାଦିନାସୀନ କଲେ ।

ସିଂହାସନରେ ବସିବାର କିଛିଦିନ ପରେ ପୂର୍ଣ୍ଣଚନ୍ଦ୍ର ମହାବୀର-କେଶରୀ ମହୀନ୍ଦ୍ରବାହାଦୁରଙ୍କୁ ଅତିସାର ରୋଗ ଧରିଲା । କେଉଁ କେଉଁ କୁଣ୍ଡଳମଣ୍ଡିତ ପଣ୍ଡିତପ୍ରବର ରାଜକବିରାଜମାନେ ବଡ଼ ବଡ଼ ବହିଆମାନ ଘେନି ପହଞ୍ଚିଲେ, ସେମାନେ ନିଜ ଡିଗ୍ରୀମ ନିଜେ ପିଟୁଥିଲେ, ନିଜ ହାତ-ଯଶ କଥା ନିଜେ ବଖାଣୁଥିଲେ—କେଉଁ କେଉଁ ରୋଗକୁ ଫୁତ୍କାରରେ ଉଡ଼ାଇ ଦେଇଛନ୍ତି, ରୋଗୀକୁ ଗୋଟେ ଆଡ଼ୁ ଝିଙ୍କୁଛି ଯମ, ଅନ୍ୟ ଆଡ଼ୁ ଝିଙ୍କୁଛନ୍ତି ବୈଦ୍ୟରାଜ; ଯମ ହାରିଯାଇ ଉଡ଼ନ୍ତ ମଇଁଷିରେ ବସି ପଳାଇଲା ଆଉ ଦିନେ ସାମ୍ନାକୁ ଆସେନାହିଁ, ଅମୁକ କବିରାଜ ଲାଗିଛନ୍ତି ବୋଇଲେ ସେ ବାଟ କାଟି ପଳାଏ; ଏ ଖଣ୍ଡମଣ୍ଡଳରେ ଯଶ ବ୍ୟାପିଛି—ଗୋଟିଏ ମୋଦକ, ପାନେ ମକରଧ୍ୱଜ, ପାନେ ଚୂର୍ଣ୍ଣିକ, ଗୋଟିଏ ବଟିକା କି ଟିକିଏ ସୁବର୍ଣ୍ଣ ଭସ୍ମ ପଥିପାଚନ ବିଧିରେ ଖାଇଥିଲେ ରୋଗୀ ଏକାବେଳକେ ଆରୋଗ୍ୟ ହୋଇଯାଏ । ନପୁଂସକ ଗୁଗୁଲ ଖୋଜିଆଣି ଯୋଉ ଗୁଗୁଲାଦିଘୃତ ପ୍ରସ୍ତୁତ ହୋଇଛି, ସେଥିରୁ ଚୋପାଟିଏ ସେବା କଲେ

Digitized by srujanika@gmail.com

ବାରବର୍ଷର ପୁରୁଣା ବେମାରି ଗ୍ରହଣି ମେଳାଏ—ଶ୍ୱାସ, ଅ[illegible]ର, ଅପସ୍ମାର, ବାତ, ପିତ୍ତ ବା କଫଜନିତ ରୋଗମାନ୍ତ ଆଦି ଯେତେ ଅସାଧ୍ୟ ରୋଗ ହେଉ, ଛାଗଳାଦ୍ୟଘୃତର ବାସ୍ନା ଆଘ୍ରାଣ କଲେ ଭଲ ହୋଇଯାଏ ।

ଏବେ ସବୁରୋଗ ମହୌଷଧଟିଏ ବାହାର କରିଛି—କୋଟିଏ ରୋଗକୁ ଗୋଟିଏ ମାତ୍ର ଔଷଧ । ବଡ଼ ବଟୁଆ ଆଉ ବୋହିବାକୁ ହବନାହିଁ, ଏ ପାନଖିଆ ବଟୁଆର ଚୂନଦାନୀ ଖୋଳ ଭିତରେ ପଣେ ବଟିକା ରହିଯାଇପାରିବ । ତୁଳସୀପତ୍ର, ମହୁ କି ପାନପତ୍ର ରସ ଅନୁପାନରେ ବଟିକାଟିଏ ଦେଇ ନାହାକରେ ମାଳିପା ପକାଇ ବସିଥାଅ—ଦେଖିବ—କାଛୁକୁଣ୍ଡିଆରୁ କାଶଶର୍ଦ୍ଦି, ମୁଣ୍ଡବୁଲାରୁ ପେଟବଥା, ଅଣ୍ଡା-ବଢ଼ାରୁ ଆଖିଧରା, ବସନ୍ତରୁ ବାଡ଼ପୋଖରୀ, ଗଣ୍ଠିବାତରୁ କଟିବାତ, ଗାଲୁଆଓହଳାରୁ ଗଳିତ କୁଷ୍ଠ, ଶାଣ୍ଡିଲ, ପିଛୁଳପଡ଼ାରୁ ଦାନ୍ତଝଡ଼ା—ରୋଗୀ ଘଡ଼ିକ ପରେ ଆସି ଗୋଡ଼ତଳେ ପଡ଼େ; ରୋଗୀଙ୍କ ଆନନ୍ଦରେ ମୋ ଆନନ୍ଦ । ପାଉଣା ଦେଲେ କି ନ ଦେଲେ ସେ ପଛକଥା ।

ମହାମାରୀଶତଶୁଳ୍କ, ବସନ୍ତଭୂତଭୈରବ, ଶ୍ୱାସମୃଗହର୍ଯ୍ୟକ୍ଷ, ଜ୍ୱରଜବସନ୍ତଭିମ, ବାତବ୍ୟାଧିଧୂମକେତୁ ଆଦି ମହୌଷଧିର ଗୁଣ କିଏ ନ ଜାଣେ ?

ଏମିତି ବଡ଼ ବଡ଼ କଥା ଶୁଣିଲେ, କେତେ କେତେ 'ବ୍ୟାଧିତମ-ଭାସ୍କର', 'ରସରତ୍ନବାରିଧି' ଉପାଧିଧାରୀ ବୈଦ୍ୟମାନଙ୍କ ଔଷଧ ରାଜା ପୂର୍ଣ୍ଣଚନ୍ଦ୍ର ସେବନ କଲେ । ସବୁ 'ନାମ୍ ବଡ଼ା ଦରଶନ୍ ଥୋଡ଼ା' ।

କେତେ କେତେ ଗୁଣିଆଁ ଆସି ହାତ ଝାଡ଼ିଲେ, କାଳିଲେ; କିଛି କାହିଁ କଲନାହିଁ । ଶେଷକୁ ହାଡ଼ମାଳ, କଙ୍କାଳ ରହିଲା, ଚମଡ଼ାକୁଣି ମାତ୍ର । ଖାଲି ନିଃଶ୍ୱାସ ଯାଆସ କରୁଥାଏ । ବୁଲ୍‌ବୁଲ୍ କରିବା ତ ଦୂରର କଥା, ଉଠିବସିବାକୁ ବଳ ପାଉ ନ ଥାଏ । ଏକଦମ୍ କଡ଼ଲାଗା, ଆଖି ଗାଡ଼େ ଗାଡ଼େ ପଶିଚି । କେଉଁ ମୁହୂର୍ତ୍ତରେ ପ୍ରାଣ ଛାଡ଼ିଯିବ, କିଏ ଜାଣେ ?

ତା'ହେଲେ ତାଳମୂଳ ରାଜାଙ୍କ କୁଳ ବୁଡ଼ିଯିବ, ଚଉଦିଗ ଅନ୍ଧାର !

Digitized by srujanika@gmail.com

ବହୁବାର କଷ୍ଟହେଲେ ଆଶା ନ ଦେଖି ରାଜମାତା କୁସୁମମାଳା ପୁଅକୁ ଜଗନ୍ନାଥଙ୍କୁ ସମର୍ପିଦେଲେ, କାନପଟତକୁ ବେକରେ ଗୁଡ଼ାଇ ସାଷ୍ଟାଙ୍ଗ ନମସ୍କାର କଲେ, ଆଉ ସଙ୍କଳ୍ପ କଲେ—ପୁଅ ଯଦି ଏ ଘାଟିରୁ ବର୍ତ୍ତିଯାଏ, ଶ୍ରୀମନ୍ଦିରରେ ଲକ୍ଷେ ବ୍ରାହ୍ମଣଙ୍କୁ ମହାପ୍ରସାଦ ଭୋଜନ ଦେବ, ଲକ୍ଷେ ଯୋଡ଼ ପିନ୍ଧାଇବ, ବଥାମତେ ଦକ୍ଷିଣା ଦେବ ।

ଏ ଶୁଦ୍ଧଇଚ୍ଛାର ବଳ କେତେ ସାଙ୍ଗେ ସାଙ୍ଗେ ଜଣାପଡ଼ିଗଲା । ବାହରେ ଜଗନ୍ନାଥଙ୍କ ପାଦୁକ ବୋଳା ହେଲା; ତାଜ୍ଜବ୍ କଥା, ସେଇଦିନଠାରୁ ଆସ୍ତେ ଆସ୍ତେ ରଜା ଭଲଅଡ଼କୁ ଆସିଲେ ଓ ମାସକ ପରେ ପୂରା ଭଲ ହୋଇଗଲେ ।

ଜଗନ୍ନାଥଙ୍କ ଦୟାରୁ ବଞ୍ଚିଛନ୍ତି, ପ୍ରତିବର୍ଷ ଜଗନ୍ନାଥଦର୍ଶନ ତାଙ୍କର କାମ୍ୟ ହେଲା । ଅଷ୍ଟଶମ୍ଭୁଙ୍କ ସଙ୍ଗେ ଲିଙ୍ଗରାଜ, କେଦାରେଶ୍ୱର, ଧବଳେଶ୍ୱର, ପଶ୍ଚିମେଶ୍ୱର, ମୁକ୍ତେଶ୍ୱର ଆଦି ଈଶ୍ୱରଙ୍କୁ ଦର୍ଶନ କରିବା ଲାଗି ମଧ୍ୟ ତତ୍ପର ରହୁଥାନ୍ତି ।

ସବୁକିଛି ବିଳାସବ୍ୟସନ ହାତପାଆନ୍ତାରେ; ସେ ମାଡିପାରିଲେ ନାହିଁ; ଭୟ—ପୁଣି କାଳେ ରୋଗ ହେବ !

ରୋଗବ୍ୟାଧି ଭଗବାନଙ୍କ ହାତର ଚାବୁକ ପରି । ସେଥିରେ ସେ ଦୁର୍ଦ୍ଦାନ୍ତଙ୍କୁ ଶାସନ କରନ୍ତି । ଶାସନ ବାହାରକୁ ଗଲେ ବିନାଶ କରନ୍ତି ।'

ପୂର୍ଣ୍ଣଚନ୍ଦ୍ର ଦେଉଳ ତୋଳାଇଲେ, ଦେଉଳ ଲଗାଏଡ଼ି ପୋଖରୀ ଖୋଳାଇଲେ; ଦେବଦେବୀଙ୍କ ଲାଗି ବହୁତ ଖଞ୍ଜାପଡ଼ା କଲେ ।

ସେ ହରିହରପୁର, ଜଗନ୍ନାଥପୁର, ଲୋକନାଥପୁର, ପୂର୍ଣ୍ଣଚନ୍ଦ୍ର ପୁର ଆଦି ବ୍ରାହ୍ମଣଶାସନ ବସାଇଲେ—ତ୍ରିସନ୍ଧ୍ୟାରେ ସେମାନେ ଆଶୀର୍ବାଦ କରିବେ, ଲୋକଙ୍କ ମଙ୍ଗଳ କରିବେ, ହୋମଯଜ୍ଞ, ଜପତପ, ତୀର୍ଥବ୍ରତ, ଦେବପୂଜାରେ ଦିନ କଟାଇବେ । ଲୋକଙ୍କ ମନକୁ ସଂସାର ମାୟାରୁ ଦୂରେଇ ରଖିବେ, ପର ପରମେଶ୍ୱର, ପ୍ରତି ଜୀବ ଭିତରେ ପରମ ଅଛନ୍ତି, ଏଇ ଭାବ ପ୍ରଚାର କରିବେ ।

Digitized by srujanika@gmail.com

ସେ ପ୍ରତି ପରିବାର ଲାଗି ପାଞ୍ଚମାଣ ଲାଖରାଜ୍ ଜମି ଦାନ କଲେ, ପ୍ରତି ଦୁଆରେ ଗୋଟିଏ ଗୋଟିଏ ମଣ୍ଡପ ଗଢ଼ିଲେ, ପ୍ରତି ଗ୍ରାମରେ ଗୋଟିଏ ଚୌପାଢ଼ୀ, ଗୋଟିଏ ଭାଗବତଟୁଙ୍ଗୀ ବସାଇଲେ । ଖୁବ୍ ବିଦ୍ୟାଚର୍ଚ୍ଚା, ଧର୍ମଚର୍ଚ୍ଚା ଚାଲିଲା ।

ଗାଁର ଗୋଟେପାଖେ ଗୋପୀନାଥ, ଆରପାଖେ ନୀଳକଣ୍ଠେଶ୍ୱର ବା ମହାମଣ୍ଡଳେଶ୍ୱର, ମଝିରେ ମଙ୍ଗଳା, ଏଠିକି ଲୋକେ ଦିଅଁ ମଙ୍ଗୁଳି-ଯାନ୍ତି, ଆଞ୍ଜୁଳି ଚାଉଳ, ଗୁଆ ଅର୍ଘ୍ୟ ଦିଅନ୍ତି । ଏଠି ଦଣ୍ଡନାଟ ହୁଏ, କଣ୍ଟାପାଟ, ନିଆଁପାଟ, ଖଣ୍ଡାପାଟ ହୁଏ । ପଣାସଂକ୍ରାନ୍ତିକି କାଳସୀ ସମେତ ଭକ୍ତମାନେ କିଆପଣା ଟିକିଏ ମାତ୍ର ପିଇ ଉପାସ କରିଥାନ୍ତି, ଶୁଦ୍ଧପୂତଭାବେ ରହିଥାନ୍ତି, ସେମାନେ ଜଳନ୍ତା ନିଆଁ କୁଣ୍ଡରେ ଚାଲନ୍ତି, ଚାଲିଲାବେଳେ ଟଣ୍ଟା ବନ୍ଧା ହେଉଥାଏ । ପାଦ ଉପରେ ନିଆଁ ଜଳୁଥାଏ, ଧୂଆଁ ଆଖି ରୁନ୍ଧି ଦେଉଥାଏ ।

ସେମିତି ଭକ୍ତାମାନେ ଭେକବାଇଗଣ କଣ୍ଟାରେ ଖଟରେ ଶୋଇରହନ୍ତି, ଖାଲି ଗୋଡ଼ରେ ଦାଢ଼ୁଆ ଖଣ୍ଡାରେ ଠିଆହୋଇ ରହନ୍ତି କି ଜଭ ଫୋଡ଼ନ୍ତି, 'ଦେଖ, ଠାକୁରାଣୀଙ୍କ ମହିମା କେଡ଼େ, ନିଆଁ ପୋଡୁନାଇଁ, ଖଣ୍ଡା କାଟୁନାଇଁ ।

ପରଲାଗି କଷ୍ଟପାଇବା ଭାବ ବହୁତ ଥାଏ । ସେଥିରେ ହିଁ ମଣିଷର ଇଷ୍ଟ, ଜଗତର କଲ୍ୟାଣ ।

ସେ ଜମିବାଡ଼ ବନ୍ଦୋବସ୍ତ କରାଇ ଦେବୋତ୍ତର, ବ୍ରହ୍ମୋତ୍ତର, ଖୋରପୋଷ୍, ବାମେର, ମହତ୍ତ୍ରାଣ ଆଦି ଯାହାର ଯେପରି ପୂର୍ବ ସ୍ୱତ୍ୱ ଥିଲା, ଦଖଲ ଅନୁସାରେ ବାହେଲ କରି ସନନ୍ଦ, ପଟ୍ଟା ଖଞ୍ଜି-ଦେଇଥିଲେ ।

ରାଜା ସଂସ୍କୃତରେ ସୁପଣ୍ଡିତ ଥିଲେ । ବାର୍ଷିକ ବଡ଼ ଦରବାର, ମହୋତ୍ସବ ଛଡ଼ା ପ୍ରତିଦିନ ରାଜଦରବାର ବା ସଭା ବସୁଥିଲା, ଏଥିରେ ବହୁ କବି, ପଣ୍ଡିତ, ଗଳ୍ପସାଗର, ବିଦୂଷକ, ଗୁଣିଙ୍କ ଓ ଗାୟକଙ୍କରନ୍ତ ସ୍ଥାନ ପାଉଥିଲେ । ସେ ପଣ୍ଡିତମାନଙ୍କୁ ବାଣୀଭୂଷଣ, ତର୍କଭୂଷଣ,

Digitized by srujanika@gmail.com

ତର୍କପଞ୍ଚାନନ, ପଣ୍ଡିତ, ପରମଗୁରୁ, ବାଚସ୍ପତି, ଖାଡ଼ଙ୍ଗା, ସାନ୍ତରା, ପାଟଯୋଧୀ; ସାହସୀ, ସର୍ଦ୍ଦାର ଓ ସେନାପତିମାନଙ୍କୁ ଓଲଟାସିଂହ, ପାଲଟାସିଂହ, ବାଘସିଂହ, ରଣସିଂହ, ଛତ୍ରଆଲସିଂହ, ଝପଟସିଂହ, ଅରିମର୍ଦ୍ଦନ, ବୈରିଗଞ୍ଜନ, ଶତ୍ରୁଶଲ୍ୟ, ଦକ୍ଷିଣକବାଟ, ଉତ୍ତରକବାଟ, ଗାୟକମାନଙ୍କୁ ଗାୟକରତ୍ନ, ଗାୟକଶିରୋମଣି, କବିମାନଙ୍କୁ କବିସୂର୍ଯ୍ୟ, କବିଚନ୍ଦ୍ର ଆଦି ଉପାଧି ଶାଢ଼ୀ, ସୁନାବଳା ସହିତ ଦେଇଥିଲେ ।

ସେ ପୁରସ୍ତମ ଅନୁକରଣରେ ଗଡ଼ର ଚନ୍ଦନପୋଖରୀରେ ଚନ୍ଦନଯାତ୍ରା କରାଉଥିଲେ । ଗଞ୍ଜାମରୁ ଆସୁଥିଲେ ଗୋଟିପିଲା । ଓଡ଼ଶୀ ନାଚର ଘୁଙ୍ଗୁର, ପଖଉଜ ତାଳରେ ଗଡ଼ କମ୍ପୁଥିଲା ।

ଝୁଲଣକୁ ସୋଲର ଅଣ୍ଡିରା ମୟୂର, ଓଲଟ ଶୁଆ, କେଳି-କଦମ୍ବ, ପଦ୍ମ, ସେବତି ଆଦି ଫୁଲ ଆଉ ଅଷ୍ଟସଖୀର କୁଞ୍ଜଟିଏ ସଜାହେଉଥିଲା । କଟକରୁ ଆସୁଥିଲେ କେତେ ପଞ୍ଚା ଯାତ୍ରାବାଲା । ନ ଚାଖିଲା ଦ୍ରବ୍ୟ ଚାଖୁଥିଲେ, ନ ଦେଖିଲା ଦୃଶ୍ୟ ଦେଖୁଥିଲେ । ଶମ୍ବର ମାଉଁସ ଖାଇ ହେଉଡ଼ି ମାରି ଫେରୁଥିଲେ ସେମାନେ । ଯାହା ଦକ୍ଷିଣା, ମେଡ଼ାଲ ପାଉଥିଲେ, ସେଥିରେ ମନବୋଧ ହୋଇଯାଉଥିଲା ।

ପୁରୀ ଢାଞ୍ଚାରେ ପୂର୍ବମୁଖା ବଡ଼ଦେଉଳ ତୋଳା ହୋଇଥିଲା, ଗୁଣ୍ଡିଚାବାଡ଼ି ଆଉ ବଡ଼ଦାଣ୍ଡ ତିଆରି ହୋଇଥିଲା । ଗୁଣ୍ଡିଚାକୁ ରଥ ଚାଲିଲାବେଳେ ବାହୁକ ବୋଲୁଥିଲା—

ମଇଁଷି ପିଠିଟା କଳା
ଆରେ ଜଗନ୍ନାଥେ ଷୋଳକଳା
ନନ୍ଦିଘୋଷ ରଥ ବାଜଣୀ ବଳା
ବିଜେକଲେ ଚକାଡ଼ୋଳା;
ଯାରେ ରଥ ଯା
ଗୁଡ଼ିଆ ଘରକୁ ଯା
ଶୋଇବାକୁ ଦେବେ ବେଲୁରି ଖଟ
ଖାଇବାକୁ ଦେବେ ଖଜା ।

Digitized by srujanika@gmail.com

ଯେ ହୁଳହୁଳ ନ ପକେଇବ, ହରିବୋଲ ନ ଦେବ, ତା ପାଛିରେ ଘାଆ ହବ, ଯେ ରଥଦଉଡ଼ି ନ ଉିଡ଼ିବ, ତା ବଡ଼ପୁତ ପଡ଼ି ମରିବ, ଏମିତି ବହୁତ ଘଣାଣଅମ ପକାଏ, ବହୁତ ତୁଣ୍ଡରେ ନ ଧରିବା କଥା ଧରେ, କାନ ବୁଜି ଧରିବାକୁ ମନ ହୁଏ, ହେଇ ଶୀତେଇଉଠେ, ରଥ ଘିଡ଼ି ଘିଡ଼ି ହୋଇ ଆଗକୁ ମାଡ଼ିଗଲେ ।

ପ୍ରଜାଙ୍କ ଗୁହାରିକି କାନ ଡେରିଥାନ୍ତି ସେ, ମୁହେଁ ମୁହେଁ ହୁକୁମ୍ , ସାଙ୍ଗେ ସାଙ୍ଗେ କାମ ।

ହନେ ଜଣେ ପ୍ରଜା ଆସି ଗୁହାରି କଲା—ଗ୍ରାମୁଁ, ଗଲା ସାଲେ ଖୋଗବଗ କରିଥିଲି, ସ୍ୱର୍ଗ୍ଗଲା ଠାକୁରାଣୀଙ୍କର ମୋ ଉପରେ କାହିଁକି ରାଗ, କେମିତି ଜାଣିବି, ଗ୍ରାମୁଁ ଆଶ୍ରା ନବାକୁ ଆଉ ବର୍ଷୁରିଏ ହେଲେ ଜାଗା ନାହିଁ, ନଆଁ ସବୁ ଗ୍ରୁଣ୍ଡିଯାଇଚି । ଭାଗ୍ୟ ଭଲ, ଗୁହାଳ ଭିତରେ ସାହସ କରି ପଶି ପଘା କାଟିଦେଲି । ଗୋରୁଗାଈ ବଞ୍ଚିଗଲେ, ବାସନକୁସନ ସବୁ ଯାଇଚି ଗ୍ରାମୁଁ, ପିନ୍ଧା ଲୁଗାଖଣ୍ଡିକ ଛଡ଼ା ଆଉ କିଛି ନାହିଁ ।

ହୁକୁମ୍ ହେଲା—ଶଗଡ଼ ନେଇ ଯାଅ, ଯାହା କାଠ, ବାଉଁଶ ତାର ଲୋଡ଼ା ହବ, କାଟି ଦୁଆରେ ପକାଇଦେଇ ଆସ । ଆରେ ପ୍ରଜା ଜିଏ, ପୁଅ କିଏ ? ତା ପିଲାଏ କ'ଣ ଭୋକଉପାସରେ ମରିବେ ? ଘର ତିଆରି କରି ଚଳାଚଳ ହବାଯାକେ ଯାହା ଗ୍ରୁଉଲ ଦରକାର, ଆମ ଖମାରରୁ ଦେଇଦିଅ ।

ଏତିକିବେଳେ ଗୋଟିଏ ଛୁଆ ଆସି ପହଞ୍ଚିଲା—ପାଞ୍ଚ ଗୌଣୀ ସରୁ ଗ୍ରୁଉଲ, ସେଇ ଅନୁକ୍ରମେ ଡାଲି, ଘିରବା, ମସଲାମସଲି, ହଳେ ପାଞ୍ଚ ସଙ୍ଗେ ନାଲିଅକ୍ଷରରେ ଲେଖା ଚିଠିଉ ।

'କରେ କ'ଣ ?'

'ହିଅ ବିଭାଘର !'

Digitized by srujanika@gmail.com

'ମାଛ ଯୋଗାଡ଼ କରନ୍ତୁ ?'

'କୁଆଡ଼ୁ ବେଭାର ଆସିପାରେ ।'

ବେବର୍ତ୍ତାଙ୍କୁ ହୁକୁମ୍ ହେଲା, ପୂାର ଯେତେ ମାଛ ଦରକାର ହବ, ଦେଇଦବ । ଝିଅ ଜୋଇଙ୍କ ଲୁଗାପଟା ଓଗେର ରାଜବାଟିରୁ ଯିବ ।

ଏମିତି ରଜା; ରଜା ଥିଲାକୁ ପ୍ରଜାଙ୍କର କିଛି ହେଲେ ଭାବନା ନ ଥିଲା । ଏ ଥିଲେ ପ୍ରଜାପାଳକ, ପୋଷକ, ବିପଦର ପ୍ରକୃତ ବନ୍ଧୁ ।

ତାଙ୍କର ତିନ ରାଣୀ ଥିଲେ, ସେ ସମସ୍ତଙ୍କ ଲାଗି ସିନ୍ଦୂରଟୀକ୍କା ବା ହଳଦ୍ୱଳଗା ମାହାଲ ଖଞ୍ଜିଥିଲେ । ତିନଙ୍କି ସମାନ ଦୃଷ୍ଟିରେ ଦେଖୁଥିଲେ ।

ମହାରାଣୀ ଭିକ୍ଟୋରିୟାଙ୍କ ଭାରତସାମ୍ରାଜ୍ଞୀ ଉପାଧି ଧାରଣ ଉପଲକ୍ଷ୍ୟେ କଟକର ବାରବାଟୀ ପଡ଼ିଆରେ ଗୋଟିଏ ଦରବାର ହୋଇଥିଲା । ଶହ ଶହ ସଜ୍ଜିତ ଶୁଣ୍ଢାଳ, ହଜାରହଜାର ସଜ୍ଜିତ ଅଶ୍ୱ, ବଗିଗାଡ଼ି, ରକ୍ତବର୍ଣ୍ଣ ପୋଷାକଧାରୀ ସହସ୍ରାଧିକ ସୈନିକ, ଘନ ଘନ ତୋପଧ୍ୱନି, ବାଦ୍ୟଧ୍ୱନି ମଧ୍ୟରେ ପୁରୀର ଠାକୁରରାଜା ବିଜେ ହୋଇଥିଲେ; ତାଙ୍କ ପାଲଙ୍କି ଆଗରେ ଶତ ଶତ ଲୋକ ଦଣ୍ଡ ପ୍ରଣାମ କରୁଥିଲେ ।

ଦରବାରର ପ୍ରଥମ ଧାଡ଼ିରେ ବସିଲେ ପାରମ୍ପରିକ ଆଡ଼ମ୍ବରପୂର୍ଣ୍ଣ ପୋଷାକ, ସ୍ୱର୍ଣ୍ଣମୁକୁଟ, ସ୍ୱର୍ଣ୍ଣାଳଙ୍କାର ପିନ୍ଧି ଗଡ଼ଜାତ ରାଜା, ଦ୍ୱିତୀୟ ଧାଡ଼ିରେ ସମ୍ମାନିତ ବ୍ୟକ୍ତିଗଣ । ତାଳମୂଳର ରାଜା ପୂର୍ଣ୍ଣଚନ୍ଦ୍ର ପ୍ରଥମ ଧାଡ଼ିରେ ସମ୍ମାନଜନକ ଆସନ ଲାଭ କରିଥିଲେ । ଲେଫ୍‌ଟନାଣ୍ଟ୍ ଗଭର୍ଣ୍ଣର ସମସ୍ତ ରାଜାଙ୍କ କରମର୍ଦ୍ଦନ କରିଥିଲେ ! କେହି କେହି ରକ୍ଷଣଶୀଳ ରାଜା ଏହାକୁ ମ୍ଳେଚ୍ଛ ସ୍ପର୍ଶ ଜ୍ଞାନ କରି ଦରବାରର ପୋଷାକପରିହିତ ଅବସ୍ଥାରେ ମୁଣ୍ଡ ବୁଡ଼ାଇ ଗାଧୋଇଥିଲେ ।

ରାଜା ପୂର୍ଣ୍ଣଚନ୍ଦ୍ର ଇଂରାଜୀ ପଢ଼ି ନ ଥିଲେ, ଚାଲିଚଳଣିରେ ବଡ଼ବଡ଼ିଆଙ୍କୁ ଅନୁକରଣ କରୁଥିଲେ । ଦରବାରରେ ସେ ପାରମ୍ପରିକ

Digitized by srujanika@gmail.com

ବେଶଭୂଷଣ, ମୁକୁଟ ଧାରଣ କରୁଥିଲେ, ବାହାରକୁ ଗଲେ ସେ ଆଧୁନିକ ରୀତିରେ ଚଳୁଥିଲେ, ମୋଗଲବନ୍ଦୀ ସହର ଅନୁକରଣରେ ସେ ନିଜ ରାଜଧାନୀକୁ ଗଢ଼ିବାକୁ ଚେଷ୍ଟା କରୁଥିଲେ । ସେ ପୋଷ୍ଟଅଫିସ୍, ଡାକ୍ତରଖାନା, ସଂସ୍କୃତ ଟୋଲ୍ ସଙ୍ଗେ ମାଇନର ସ୍କୁଲ ବସାଇଥିଲେ; ଥାନା, ଖଜଣାଖାନା, ମହାଫିସ୍‌ଖାନା, ନାଜରଖାନା, ଜେଲ୍ ଗଢ଼ିଥିଲେ । ବସନ୍ତ ନିବାରଣ ଲାଗି ସେ ଗୋବୀଜଟୀକା ପ୍ରଚଳନ କରିଥିଲେ, ଲାଞ୍ଚୁଆ, ମିଛୁଆ, ଖଚୁଆ, ଚୋର, ଡାକୁକୁ ଉପଯୁକ୍ତ ଦଣ୍ଡ ଦେଇ ଜବତ କରିଥିଲେ ।

ସେ ପଚାଶଟି ମସ୍ତ ମସ୍ତ ଘୋଡ଼ା ପାଳିଥିଲେ; ଫିଟନ ଗାଡ଼ିରେ ଥରେ ଯାଉଁ ଯାଉଁ ଗାଡ଼ିରେ ଥିବା ରଜାଙ୍କ ଭରା ବନ୍ଧୁକ ଫୁଟିଗଲା । ଘୋଡ଼ା ଏ ଶବ୍ଦରେ ହୁରୁଡ଼ି ପାଗଳ ପରି ହୋଇଗଲା, ଗୋଟାଏ ପଥର ପାଚେରୀରେ ପିଟିହୋଇ ତଳେ ପଡ଼ି ଅଚେତା ହୋଇଗଲା । ରଜା ଆଉ ଅନୁଚରମାନେ ଏଠି ସେଠି ଛତ୍ରଭଙ୍ଗ ହୋଇ ପଡ଼ି ଖଣ୍ଡିଆଖାବରା ହେଲେ । ସେହିଦିନରୁ ସେ ଫିଟନ୍ ଗାଡ଼ି ଛାଡ଼ିଲେ, ହାତୀରେ ବା ପାଲିଙ୍କିରେ ବସି ଚଳାଚଳ ହେଲେ ।

ତାଙ୍କ ସମୟରେ ଘୋର ଅକାଳ ପଡ଼ିଲା, ଚାଉଳ ମାଣ ଚାରି ପଇସା ହେଲା, ହା-ଅନ୍ନ ଚିତ୍କାର ଶୁଣି ରାଜା ଅମାର ଖୋଲିଲେ, ଧାନ ସରିଯିବାରୁ ଧନୀଲୋକଙ୍କଠାରୁ ଧାନ ଆଣି ଲୋକଙ୍କୁ ବଞ୍ଚାଇଲେ । ହୃଦୟରେ ତାଙ୍କର ଦୟାପଦ ଥିଲା । ଗରିବ ଲୋକଙ୍କୁ କାମ ଯୋଗାଇବା ଲାଗି ସେ ବହୁତ ବନ୍ଧ ଖୋଳାଇଥିଲେ ।

ଲୋକବିଶ୍ୱାସ—ବାଇଶି, ବତିଶି, ବୟାଳିଶ, ବାଉନ ପ୍ରଭୃତି ଯୋଡ଼ାବର୍ଷ ଘାତିବର୍ଷ । ରାଜା ପୂର୍ଣ୍ଣଚନ୍ଦ୍ରଙ୍କର ବତିଶ ବର୍ଷ ବୟସରେ ମାରକଦଶା । ନିଜେ ପଠାଣିସାମନ୍ତ ଜାତକ ଗଣନା କରିଥିଲେ; ଏ ଭୁଲ ହେବାର ନୁହେଁ । କେଜାଣି ଦଶା ମେଣ୍ଟିବ, ରଜା ନାନା ଉପାୟ କଲେ । ଯୌବନ ବୟସରେ ଉଆସ, ରାଜଗାଦି ଆଉ ସୁନାର ସଂସାର ଛାଡ଼ିଯିବା ଇଚ୍ଛା କାହାର ନ ଥାଏ, ତାଙ୍କର ନ ଥିଲା । ମନ୍ତ୍ର

Digitized by srujanika@gmail.com

ବଡ଼ ବିକଳ ହେଉଥିଲା । କାହାକୁ ସେ ଅଧା ବୟସରେ ମାରିଥିଲେ, କାହା ଦାନାରେ ଧୂଳି ଦେଇଥିଲେ ? କାହିଁକି ତାଙ୍କୁ ପ୍ରିୟତମା ରାଣୀ, ଅଖଣ୍ଡ କ୍ଷମତା, ଅକଳନ୍ତି ଧନଦୌଲତ, ସୁଖସମ୍ଭୋଗ ଛାଡ଼ି ଚାଲିଯିବାକୁ ହବ ?

ମାରକ ବର୍ଷ; ରାତିରେ ନିଦ ଭାଙ୍ଗିଲେ ମୃତ୍ୟୁଭୟ, ମୁଣୋହିଁ ବେଳେ, ରାଣୀମାନଙ୍କ ସହିତ ସୁଖାଳାପବେଳେ ମୃତ୍ୟୁଭୟ, ଉଆସର ଆଲୁଅରେ ମୃତ୍ୟୁର ଛାୟା; ଉଆସକୁ ଆବୋରି ବସିଛି ଯେପରିକି ଗୋଟାଏ କାଳରାତି । କେହି ଖୁସିରେ ହସିପାରେ ନାହିଁ, ରଜାଙ୍କ ବିପଦ ସମସ୍ତଙ୍କ ବିପଦ ।

ଯମଘଣ୍ଟ, କାଳଘଣ୍ଟ ମାରକ, ଜୋତିଷେ କହିଛନ୍ତି ସେଇମାନଙ୍କୁ ତୋଡ଼ିବା ଲାଗି ବର୍ଷସାରା ଦେଉଳରେ ଅଲଗା ପୂଜା ବ୍ୟବସ୍ଥା ହୋଇଛି । ଟିକିମେନ୍ଦ୍ରର ମହାଦେବଙ୍କ ମୁଣ୍ଡରେ ଲକ୍ଷେ ଗଙ୍ଗଣ, ବେଲପତ୍ରୀ ଚଢ଼ା ହେଉଛି, ହିଙ୍ଗୁଳାଙ୍କଠି ଯନ୍ତ୍ରାଳ, ଗୋପୀନାଥଙ୍କଠି ଚବିଶପ୍ରହର; ଗାଁଗଣ୍ଡାରେ ମାନସିକ ପାଳି ଆଉ ନଗରକୀର୍ତ୍ତନ ଲାଗିରହିଛି । ଯାଗଯଜ୍ଞ, ନବଗ୍ରହପୂଜା ବି ଚାଲିଛି । କେଜାଣି କେଉଁ ଦେବଦେବୀଙ୍କ କୃପାଦୃଷ୍ଟି ପଡ଼ିଯିବ, ଗ୍ରହଶାନ୍ତିସନ୍ତୋଷ ଆସିଯିବ । ରଜା ଦାନଖଇରାତରେ ମାତିଛନ୍ତି । ଶେଷକୁ ପୁରୋହିତେ କହିଲେ—ଗ୍ରାମ୍ଭ ଭୂଲାପୁରୁଷ ଦାନ କର, ସବୁ ରିଷ୍ଟ କଟିଯିବ ।

ହରିଚନ୍ଦନପୁରର ଦାନୁଆଁ ବ୍ରାହ୍ମଣ ମିଛସତ ମିଶ୍ରଙ୍କୁ ବରଣ କରାଗଲା—'ମିଛ ସତ' ଏକୋଇଶାରେ ବାପାମାଆଙ୍କ ଦିଆ ନାଆଁ ନୁହେଁ, ଗାଲୁ ନାଆଁ, ଚଷମ ଓ ଚଲଣିକି ଚାହିଁ ଲୋକେ ଏ ନାଆଁ ଦେଇଛନ୍ତି—ମାନେ ମିଛକୁ ସତ ପରି କହି ସେ ବିଶ୍ୱାସ ଜନ୍ମାଏ ।

ମିଶ୍ରେ କିଛି କାମ କରନ୍ତି ନାହିଁ; ଦାନଜମି ଅରାଏ ଅରାଏ ହୋଇ ତାଙ୍କର କେତେଗୁଡ଼ାଏ ହେଲଣି; ସେଇଆକୁ ଭାଗ ଲଗାଇ ସେ ଚଳନ୍ତି । ମଝିରେ ମଝିରେ ଜମିଦାର, ବଡ଼ଲୋକଙ୍କଠୁ ମୋଟା ଦାନ ମିଳିଯାଏ ।

Digitized by srujanika@gmail.com

ବହୁତ ଜମିବାଡ଼ି, ଧନଦଉଲତ ଦେଖି ଅସହଣି ଲୋକେ କହନ୍ତି —ଏସବୁ ପାପ ଜମିଚି । ମିଶ୍ରେ ସମସ୍ତଙ୍କ ପାପ ଝାଡ଼ିଝୁଡ଼ି ଆଣି ଉଦରେ ଜମାଇଛନ୍ତି । ମିଶ୍ରେ ଏସବୁ ଶୁଣି ହସି ହସି କହନ୍ତି—ଉଦରେ କ'ଣ, ଦହରେ ତ, ସବୁ ପାପ ମୋ ହିରଣ୍ୟଗର୍ଭରେ ପଶି ବ୍ରହ୍ମାଗ୍ନିରେ ଭସ୍ମୀଭୂତ ହୋଇଯାଏ ।

ରାଜନିମନ୍ତ୍ରଣ ପାଇ ମିଶ୍ରେ ନିଜ ଭାଗ୍ୟକୁ ଧନ୍ୟ ଧନ୍ୟ କଲେ— ଏକାବେଳକେ ରଜା ବନିଯିବେ—ମାନେ ରଜା ସୁନାରୂପାରେ ଓଜନ ହେବେ, ସୁନାରୂପାତକ ମିଶ୍ରଙ୍କୁ ଦାନ କରାଯିବ, ଚଉଦପୁରୁଷକୁ ଦାରିଦ୍ର୍ୟ ଘୁଞ୍ଚିଯିବ ।

ସୁନା, ରୂପା ପ୍ରାୟ ଭାରେ, ତା ସାଙ୍ଗେ ସେତେ ପାଟ, ମଠା । ମିଛସତ ମିଶ୍ରେ ସାଙ୍ଗରେ ଭାରୁଆ ନ ନେଇ ସବୁତକ ପାଉଁଳ ବାନ୍ଧିଲେ, କାନ୍ଧରେ ପକାଇ ହିଡ଼େ ହିଡ଼େ ଗାଆଁକୁ ଚାଲିଲେ ।

ରଜାଙ୍କ ଗ୍ରହଦଶା ସେ କଟୁ ଝାଡ଼ିଝୁଡ଼ି ନେଇଥିଲେ, ମାରକ କେତୁଗ୍ରହ ତାଙ୍କ ପଛେ ପଛେ ଗୋଡ଼ାଇଥିଲା, ବାଡ଼ିଦୁଆର ପାହାଚକୁ ଉଠି ଘରଣୀକି ଡାକ ପକାଉ ପକାଉ ଗୋଖୁରସାପ ରୂପରେ ଚୋଟ ମାଇଲା ସେ—ଏକାଥରକେ ରଜାହେବା ସ୍ୱପ୍ନ ଭାଙ୍ଗି ଚୁନ୍‌ଚୁନ୍ !

ଦାନ ଧର୍ମ ପରେ ରଜା ପୂର୍ଣ୍ଣଚନ୍ଦ୍ର ପାଲିଙ୍କିରେ ଚଢ଼ି ପୁରସ୍ତମ ଗଲେ—ଢଦାଳ ବୁହାଳୀ; ଦଳେ ଥକିଗଲେ ଆଉ ଦଳେ କାନ୍ଧେଇବେ । ସେତେବେଳେ ତାଳମୂଳରୁ କଟକ ଘୋର ଜଙ୍ଗଲ—ମେଣ୍ଢା ଛେଳିପରି ଏଠି ସେଠି ପଲ୍ଲ ପଲ୍ଲ ହରିଣ, ଶମ୍ବର ଚରୁଥାନ୍ତି । ସାମ୍ନାରେ ବାଟ ଏ ପାଖରୁ ସେପାଖ ଭାଲୁଟାଏ ଚାଲିଯାଏ—ଆଖି ଉପରକୁ ବାଳ ଲମ୍ବିଚି । ବେଳେ ବେଳେ କାନରେ ପଶେ ବାଘର ହେଣ୍ଟାଳ । ତା ମଧ୍ୟରେ ହୁମୁରା ଭାଇରେ ଖବଡ଼ଖାଡ଼ରେ ଧବଡ଼ ଧାଡ଼ରେ ଶବ୍ଦ, ରଜାଙ୍କ ପାଲିଙ୍କି ପୁରସ୍ତମ ଚାଲେ ।

ମଗୁଶୀର ମାସର ସିର ସିର ଶୀତ; ବଡ଼ଭୋରରୁ ନାଳ କୁହୁଡ଼ି ଭିତରେ କୁଆଁରୀମାନେ ଦାଣ୍ଡ ଓଳଉଥାନ୍ତି—ଦାଣ୍ଡଓଳଆ ଓଷା ।

Digitized by srujanika@gmail.com

'ଆମ ରାଣୀମାନଙ୍କର ଯଦି ନିଃଶ୍ୱାସ ଥାଏ, କାଚ ବଜର ହୋଇଥାଏ, ଆମ ବିକଳ ମିନତି ଯଦି ଠାକୁରାଣୀ ଶୁଣନ୍ତି, କେଜାଣି ପତି ବଞ୍ଚିଯିବେ !' ରାଣୀ ଚନ୍ଦ୍ରାବତୀ, ରାଣୀ ହେମରାଜଲକ୍ଷ୍ମୀ, ରାଣୀ ଗିରିରାଜକୁମାରୀଙ୍କ ମନରେ ବିଚାର ।

ମୂଲ୍ୟବାନ୍ ଅଳଙ୍କାରମାନ ଦେହରୁ କାଢ଼ି ଶୀତଳେଇ ଠାକୁରାଣୀଙ୍କ ନାଆଁରେ ପାଣି ଛଡ଼େଇଦେଲେ । ଗରବାନ ଚଣ୍ଡାକ୍ରୁଣୀ ବେଶରେ ଆସି ତିନି ରାଣୀ ସିଂହଦୁଆର ଓଳାଇଲେ । ଠାକୁରରାଜା ସୁନାଖଡ଼ିକାରେ ଛେରାପହରା କରନ୍ତି । ରାଣୀମାନେ କୁଆଁରୀଙ୍କ ଦେଖାଦେଖି ବଜରମୂଳରେ ଦାଣ୍ଡ ଓଳାଇଲେ—ଏ ଦାଣ୍ଡ କେତେ ବାଟୋଇଙ୍କ ଚରଣରଜ ପଡ଼ିଚି ଏଠି—ସବୁଠାରୁ ଯେ ଉପରେ, ଯେ ସମସ୍ତଙ୍କ ତଳେ, ଆଉ ମଝିରେ ଯେତେ ଯେତେ ଲୋକେ ନଡ଼ା ବା ପତରକୁଡ଼ିଆରେ ରହନ୍ତି—ସମସ୍ତଙ୍କ ପାଦରଜ ତଳକୁ ଆଜି ଓହ୍ଲାଇଆସିଛନ୍ତି ଉଆସର ରାଣୀମାନେ—ଯୋଉ ଜନମରେ ଯାହାର ଯେତେ ଦୋଷ ଆମେ କରିଚୁ, କ୍ଷମା ଦିଅ, ରଜାଙ୍କ ଜୀବନ ରକ୍ଷା କର—ମିଳିତ କରୁଣ ସ୍ୱର ।

ସଞ୍ଜକୁ ଠାକୁରଘରେ ଘିଅଦୀପ ଜଳିଲା, ପାଟରାଣୀ ଚନ୍ଦ୍ରା ଦାଣ୍ଡପହରା ଓଷା ପୋଥି ପଢ଼ିଲେ—

ବ୍ରହ୍ମନଗରରେ ଖାରବନ୍ଦମ ରଜା, ବସୁଦେବ ବୋଲି ସାଧବ, ତାର ସାତ ପୁଅ, ସାତ ବୋହୂ; ସାନବୋହୂ ଦିନେ ଠାକୁରାଣୀଙ୍କ ଭୋଗ ଛେନାଗୁଡ଼ ବାଣ୍ଟୁ ବାଣ୍ଟୁ ସରିଗଲା । ପଛନ୍ତେ ଅଇଲା ପିଲାକୁ ସେ ଗୁଡ଼ବଣାର ଖପରା ଖଣ୍ଡିଏ ଭଣ୍ଡିଦେଲା । ସେ ପିଲା ହରିହର କୁମର; ଖପରାଖଣ୍ଡେ ପାଇ ରାଗିଯାଇ କହିଲା—ତୁ ମତେ ଥରେ ଭଣ୍ଡିଚୁ, ମୁଁ ତତେ ସାତଥର ଭଣ୍ଡିବି । ତା'ପରେ ସେ ମରିଗଲା, ସାନବୋହୂର ପ୍ରଥମ ଗର୍ଭରେ ରହିଲା, ଜନ୍ମ ହେଲା । ସାଧବ ଚନ୍ଦନକାଠରେ ଇନ୍ଧୁଡ଼ି ଜାଳିଲା, ଘିଅଦୀପ ଜାଳିଲା; ପିଲା ରକତ ମୁଣ୍ଡି ମଲା, ଦ୍ୱିତୀୟ ଗର୍ଭ ପିଲା ଚମକଉଠି ମଲା ।

Digitized by srujanika@gmail.com

ଏମିତି ବାରମ୍ବାର ପିଲା ମରିବାରୁ ସାଧବ ବ୍ରାହ୍ମଣ ବରଣ କରି ଶିବଙ୍କ ମୁଣ୍ଡରେ ଟେଖର ଢାଳିଲା, ଦଶ ଜଣ ଅହ୍ୟ ସ୍ତ୍ରୀ, ଦଶ ଜଣ ବାଳଗୋପାଳ ଡାକି ଖୁଆଇଲା, ଧାଉଁପରିବାଖମାନେ ରାତିସାରା ଜଗିବସିଲେ, ପିଲା ତିନିଟା ବୋବାଳି ଗୁଡ଼ି ମରିଗୋଇଲା ।

ସାଧବବୋହୂ ପୁଅର ଶବ ପଛ ଗୋଡ଼ାଇଯାଇ ମଶାଣିରେ ବସି ବହୁତ କାନ୍ଦବୋବାଳି ପକାଇଲା । ଲୋକେ ଛିଗ୍ଛା କଲେଣି, ଅଲକ୍ଷଣୀ, ଅମଙ୍ଗୁଳି କହିଲେଣି—ଏଇଠି ମରେଁ ସରେ, ଆଉ ଘରକୁ ନ ଫେରିବ ।

ତା କାନ୍ଦଣା ଶୁଣି ନଡେଇଧୋବଣୀ ପଚାରିଲା—ମଣିଷ ନା, ଡାହାଣୀ ଚିରୁଣୀ ? ସାଧବବୋହୂ ତା ଦୁଃଖ କାହାଣୀ କହିଲା ।

ସେତିକୁ ସାଧବବୋହୂକୁ ଗୋଟିଏ ବୁଢ଼ିଆଣୀ କରି ପିଠିରେ ବସାଇ ନଡେଇ ଧୋବଣୀ ଦେନଗଲା; ସେପୁରେ ହରହରକୁମରର ରାଜ୍ୟ, ତାର ହୀରବନ୍ତି ମାଲାବନ୍ତି ଦୁଇ ରାଣୀ, ଧୋବଣୀ ସାଧବବୋହୂକୁ ଗୋଟିଏ କଲରା ଲଟିରେ ବସାଇଦେଲା । ଦୁଇ ରାଣୀ କହୁଥିଲେ—ତୁମେ ଏଥର ଯାଇ ମଞ୍ଚରେ ବନ୍ଧନ୍ଦନ ରହିଗଲ, ଏବେ ଗଲେ କେମିତି ଆସିବ କହ । ହରହର ଝିଅ ଚଉଁରୁ କହିଲେ—ମୋତେ କଏ ଅଟକେଇ ରଖିପାରିବ ? ମୁଁ ଗୋଟାଏ ନାଁ । ଗୋଟାଏ ଆଳ ଖୋଜ ଆସିବ ।

ମୁଁ ଗର୍ଭରେ ଥିବାବେଳେ ପ୍ରଥମ ମାସରେ ଢୁଁଧିଗଇଁଠା, ଦ୍ୱିତୀୟ ମାସରେ ଲେଉଟିଆ ଶାଗ, ତୃତୀୟ ମାସରେ ମୂଳା କାଞ୍ଜି, ଚତୁର୍ଥ ମାସରେ ତାଳଗଜା, ପଞ୍ଚମ ମାସରେ ଚକୁଳିପିଠା, ଷଷ୍ଠମାସରେ ଗୁଁଉଳଭଜା, ସପ୍ତମ ମାସରେ ଘାଣ୍ଟତିଅଣ, ଅଷ୍ଟମ ମାସରେ ମାଛ ମରିଚପାଣି, ନବମ ମାସରେ ଖରମରା ଘିଅପକା ସୁନାଖିଲ ଧାନର ଖେଚୁଡ଼ି, ଦଶମ ମାସରେ ପୁରୁକାକରା, ନାନାମାନ ଆଦିରେ ବୋଉ ସାଧ ନ ମେଣ୍ଟାଇଲେ ଆସିବି । ଜନ୍ମ ହେବାର ପାଞ୍ଚ ଦିନରେ ପଞ୍ଚୁଆତି, ଛଦିନରେ ଷଠୀ, ସାତଦିନରେ ଉଠିଆଣ୍ଟି, ବାରଦିନରେ ବାର ଯାତ୍ରା, ଏକୋଇଶି ଦିନରେ ଏକୋଇଶା ନ ପାଳିଲେ ଆସିବ ।

Digitized by srujanika@gmail.com

ଜନ୍ମ ହେବାମାତ୍ରେ ବାଁ ଡାହାଣ କାନ ନ ଫୋଡ଼ାଇଲେ ଆସିବ । ଛକଡ଼ାକୁ ବକ ନ କଡ଼ାରେ କଟିବେ, ନାଁ 'ବକାକେଣା' ଦେବେ, ତା ନ ହେଲେ ଆସିବ, ଗୁରୁଣ୍ଡୁ ଗୁରୁଣ୍ଡୁ ନଆଁ ଉହ୍ମେଇରେ ପଡ଼ି ଆସିଣ, କାନ୍ଥବାଡ଼ ଧରି ଛୁଆ ହଉ ହଉ ପଡ଼ି ମରିବ, ଆସିବ । ଦାନ୍ତ ଉଠିବାମାତ୍ରେ ଦାନ୍ତଗଇଁଠା ନ କଲେ ଆସିବ, ଧାନକୁଟାରେ, ଭାତଗଲାରେ, ପାଣିଅଣାରେ ବୋଉ କାନ ଧରି କାନ୍ଦିବ, ସେ ପରପଣ୍ଟ ପିଲ ବୋଲ ଗାଳି ଦେଲାକ୍ଷଣି ଆସିବ ।

ଦାଣ୍ଡବାଲରେ ଖେଳୁ ଖେଳୁ ତେଲୀର ତେଲପସରା ଭାଙ୍ଗିବ, କୁମ୍ଭାର ମୁଣ୍ଡର ହାଣ୍ଡିବୋଝ ଭାଙ୍ଗିବ । ଖାଇ ଦେଲେ ଆସିବ । ବୈଶାଖରେ ସୋରିଷଫୁଲ, ଶ୍ରାବଣରେ ଶଗଡ଼ଧୂଳି, ମାଘମାସରେ ପାଚିଲା ତାଳ ନ ଦେଲେ ଆସିବ, ମୋତେ ବଭା ନ କଲେ ଆସିବ । ବଭା କଲେ ବେଦୀରେ ମାଆର ଖୀର ଖାଇବାକୁ ମାଗିବ, ପୋଡ଼ପିଠା ମାଗିବ, କାଞ୍ଜି ମାଗିବ, ମାଛ ମାଗିବ, ନ ଦେଲେ ଫେରିଆସିବ, ବରକନ୍ୟା ଦୋଳମୁକୁଟ ହୋଇଥିବେ, ଛୁମୁଣ୍ଡିଆ କ ଦରଗୁଲ ମୁଣ୍ଡରେ ବାଜଲେ ଆସିବ । ଯଦି ସବୁ ଯୋଗାଇଦେବେ, ତେବେ ସ୍ୱର୍ଗର ପଦାର୍ଥ ମୀନକେତନମାଳା, ଜୟବିଜୟ ଘଣ୍ଟି ମାଗିବ, ନ ଦେଲେ ଆସିବ ।

ହୀରାବତୀ, ମାଳାବତୀ ହଳଦମକୁକୁଟି ସଙ୍ଗେ କେତେବେଳେ ମୀନକେତନମାଳା, ଜୟବିଜୟ ଘଣ୍ଟି କଲବଲଟିଆଡ଼କୁ ଫିଙ୍ଗିଦେଲେ ଜାଣନ୍ତି ନାହିଁ । ସାଧବବୋହୂ ଗୋଟାଇ ରଖିଲା, ନତାଇଧୋବଣୀ ସଙ୍ଗେ ମଞ୍ଚକୁ ଫେରିଆସିଲା ।

ତା'ପରେ ସାଧବବୋହୂର ଗର୍ଭବାସ ହେଲା । ଶୁଣିଥିବାମତେ ସେ ସବୁ ସଧ ମେଣ୍ଟାଇଲା, ପଞ୍ଚୁଆତି, ଷଠୀ ଆଦି କଲା । ସ୍ୱର୍ଗର ଜୟବିଜୟ ଘଣ୍ଟି, ମୀନକେତନମାଳା ଦେଲା ପରେ କୁମର ଆଶ୍ଚର୍ଯ୍ୟ ହୋଇ ପଚାରିଲା—ଏସବୁ କୋଉଠୁ ପାଇଲୁ ବୋଉ ?

ସାଧବବୋହୂ କହିଲା—ତୋ ଲାଗି ଢନପୁର ବୁଲୁଚ ରେ ପୁଅ ।

Digitized by srujanika@gmail.com

ଏମିତି ବହୁଦିନ ବୋହିଗଲା । ହରିହର ନ ଫେରିବାରୁ ହୀରବତୀ, ମାଳାବତୀ ହାଡ଼ିଆଣୀ ବେଶ ଧରି କୋଳି ବିକି ବୁଲିଲେ । କୋଳି କିଣିଆଣିବା ଲାଗି ଅଧଡ଼ିବାଏ ଚାଉଳ ଦେଇ ସାଧବାଣୀର ବୋହୂ ପଠାଇଲା । ବେଶୀ ଚାଉଳ ଦେଇ ଅଳ୍ପ କୋଳି ଦେବାରୁ ସେ କଳି କଲା; ହାଡ଼ିଆଣୀ କହିଲା—

‘ଆଣି ଠାଣି ମାଣି
ବ୍ୟାଘ୍ର ଘଇତାର ନାମ ନ ଜାଣି ।’

ସ୍ତ୍ରୀ ଯାଇ ସ୍ୱାମୀକି କହିଲା—ହାଡ଼ିଆଣୀ କୋଳିବିକାଳୀ ମତେ ଏମିତି ଏମିତି ପଚାରୁଛନ୍ତି !

ମଞ୍ଚର ବିକାକଣା ହାଡ଼ି ଓ ସ୍ୱର୍ଗର ହରିହର ପଚାରିଲା—ମୋତେ ଚାହିଁ ନା ମୋ ନାଆଁକୁ ?

ଏମିତି ପଚାରୁ ପଚାରୁ ପୋଖରୀରେ ପଶି ଆଣ୍ଠୁଏରୁ ଅଣ୍ଟାଏ, ଛାତିଏ, ବେକେ ପାଣିକି ଗଲା । ତଥାପି ସ୍ତ୍ରୀ କହିଲା—ତୁମକୁ ଚାହେଁନାହିଁ, ତୁମ ନାଆଁକୁ ଚାହେଁ । ଏମିତି କଥା ଶୁଣି ବିକାକଣା ହାଡ଼ି ବୁଡ଼ିମଲା । ହରିହର ନାମ ଧରି ହୀରବତୀ ମାଳାବତୀଙ୍କ ପାଖେ ଆସି ପହଞ୍ଚିଲା ।

ଓଷା କାହାଣୀ ବୋଲି ସରିଲା, ଉଆସ ଭିତରୁ ଓଷେଇଣୀ, ଭୋକଉପାସୀ ରାଣୀମାନଙ୍କ କରୁଣ କୋମଳ କଣ୍ଠର ହୁଳହୁଳି ଶୁଣାଗଲା ।

ଆଖପାଖ ଶାସନର ଦଳାରେ ମହାଜନଙ୍କୁ ବ୍ରାହ୍ମଣ ନିମନ୍ତ୍ରଣ—ଠାକୁରାଣୀଙ୍କ ଭୋଗ ପାଇବେ, ରଜାଙ୍କୁ ଆଶୀର୍ବାଦ କରିଯିବେ; କାଙ୍ଗାଳୀଙ୍କୁ ମଧ୍ୟ ନିମନ୍ତ୍ରଣ, ଭରି ଭୋଜନ ପରେ ରାଜାଙ୍କ ଶୁଭ ମନାସି ଯିବେ ।

ରାଜବାଟିରେ ପଶୁ ପଶୁ ରାଜଗୁରୁ ସିଂହଦୁଆର ଛାତରେ ଗୋଟାଏ ଫୁଲଶାଗୁଣା ବସିବାର ଦେଖିଲେ; ପାଇକ ଟେକା ପକାଇବାରୁ ସେଟା ଉଡ଼ିଗଲା । ହେଲେ ରାଜଗୁରୁଙ୍କ ମନକୁ ପାପ ଛୁଇଁଲା—ଏଡ଼େ ବୁଢ଼ା ହେଲିଣି; କେବେ ଏ ଆଖି ଏମିତି ଦେଖିଚି ?

Digitized by srujanika@gmail.com

ରାଜଗୁରୁ ଏ କଥା ପ୍ରସଙ୍ଗ ନ କରି ଉଆସରେ ପଶିଲେ । ରାଣୀମାନେ ପାଦଧୂଳି ନେଲେ । ପାଦ ଗରମପାଣିରେ ଓଦା ହେଲା ପରି ଲାଗିଲା । ବାତ ଘରେ ସତେ କି ପିତ୍ତ ପଶିଯାଇଛି ! କାହାରି ମନରେ ସୁଖ ନାହିଁ, ବ୍ୟସ୍ତ ବିକଳ ହେଉଛନ୍ତି । କାହିଁକି କିଛି ଭଲ ଲାଗୁନାହିଁ, କିଏ କହିବ ?

ସିଆଳି ପତର ପଡ଼ିଗଲା, ପାଣି ଛୁଆଁ ହେଇଗଲା—ଖଜା, ମିଠେଇ, ଜଲବି, କୋରା, ଖଇ, କାକରା, ଆରିଷା, ନାନାମାନ ଆଦି କେତେ କ'ଣ ଲାଗିଗଲା । ବ୍ରାହ୍ମଣମାନେ ପାଟିକି ନେଇଛନ୍ତି କି ନାହିଁ, ଶୁଣାଗଲା ହୁମୁରି ଭଇରେ······

'ମହାରାଜା ଆସିଗଲେ' ଚହଳ ଚାରିଆଡ଼େ ପଡ଼ିଗଲା । ଉଆସର ମଝି ଅଗଣାରେ ଆପଟମାନେ କାନ୍ଧରୁ ପାଲିଙ୍କି ଓହ୍ଲାଇଲେ । ମହାରାଜାଙ୍କୁ ଅନ୍ତଃପୁର ଭିତରକୁ ଉଠାଇନେବା ଲାଗି ଭିତର ଲୋକେ ଅଇଲେ । ଅଇଲେ ରାଜଗୁରୁ, ଦେବାନ୍, ଗଡ଼ନାୟକ, ଅଫିସର୍‌ମାନେ ।

ହେଲେ ଘୁମୁଁ ? ଚାହିଁଛନ୍ତି ନା ଆଖି ବୁଜିଛନ୍ତି ? କଥା କହିବା ଭଙ୍ଗୀରେ ଆଁ କରୁଛନ୍ତି, କିଛି ହୁକୁମ୍ ମିଳୁନାହିଁ କାହିଁକି ?

କିଏ କାହାକୁ କ'ଣ କହିବ ? ସମସ୍ତେ ତାଟକା ହୋଇ ଚାହିଁଛନ୍ତି ।

ପାଦ କାଲୁଆ, କାକରଆ; ନିଃଶ୍ୱାସ ଚାଲୁନାହିଁ । ହେଲେ କ'ଣ ଘଟିଛି, କେହି କାହାରିକୁ କହୁନାହିଁ, କହିବାକୁ ସାହସ ହେଉ ନାହିଁ । ସାଙ୍ଘାତିକ କିଛି ଘଟିଯାଇଛି ବୋଲି ମୁହଁରୁ ମୁହଁକୁ ଇସାରା ଚାଲିଛି । ସେଇ ଇସାରାରେ ମହାଜନମାନେ ଅଧା ଖିଆରୁ ଉଠିଯାଇଛନ୍ତି । ତଥାପି ସବୁ ନିଶ୍ଚଳ, ନୀରବ ।

କଥା କ'ଣ କି, ରଜା ପୂର୍ଣ୍ଣଚନ୍ଦ୍ର କାଲେ କାଳ ମୁହଁରୁ ବର୍ତ୍ତିଯିବେ, ଏଇ ଭାବନା ମନରେ ଘେନି ଜଗନ୍ନାଥ ଦର୍ଶନ କରି ଯାଇଥିଲେ ।

Digitized by srujanika@gmail.com

ତ୍ରିମୂର୍ତ୍ତିଙ୍କ ଉପରେ ଦଅଣା, ତୁଳସୀ ଆଉ ଧଣ୍ଡା ମାଳମାନ ଚଢ଼ାଯାଇଥିଲା, ଗରୁଡ଼ସ୍ତମ୍ଭ ପାଖରେ ସହସ୍ର ଦୀପ ବସାଯାଇଥିଲା, ଭୋଗରାଗ ବି କରାଯାଇଥିଲା । ବିମଳା ଆଉ ମହାଲକ୍ଷ୍ମୀଙ୍କ ଦର୍ଶନ ପରେ ମହାରାଜା ଗରୁଡ଼ସ୍ତମ୍ଭ ସାମ୍ନାରେ ପାଲିଙ୍କିରେ ବସିଲେ । ଆପଟମାନେ ପାଲିଙ୍କି କାନ୍ଧଉ କାନ୍ଧଉ ଗୋଟାଏ ବାହା ଛିଡ଼ିପଡ଼ିଲା । ମହାରାଜା ଆଉ ବାଟେ ତଳେ ପଡ଼ିଗଲେ । ଗୋଟେ ହାତ, ପାଦ ଓ ଦେହର ଗୋଟେ ପାଖ ଅଚଳ, ଅଥର୍ବ ହୋଇଗଲା ।

ପୁରସ୍ତମରେ ସେତେବେଳେ ଚିକିତ୍ସକ ବୋଇଲେ କବିରାଜ; ଅବଶ୍ୟ ମାଗୁଣି ବ୍ରହ୍ମାଙ୍କ ପରି ଭିଷକ୍ ଥିଲେ; ଦେଖାଇଥିଲେ କିଛି ବା ପ୍ରତିକାର ହୋଇଥାନ୍ତା, କିନ୍ତୁ ରଜା ଭାବିଲେ—

କତରା ଘୋଡ଼ି ହେଲେ
ଯମ କି ଛାଡ଼ିବ ଭଲେ ?

ଜଗନ୍ନାଥ ଶରଣ ନେଇ ବଞ୍ଚିଥିଲା; ଶେଷ ଜୀବନରେ ବି ତାଙ୍କରି ଆଶ୍ରା ନେବାକୁ ଆସିଥିଲା । କଥା ଅଛି—

ମାରେ ହରି ରଖେ କୌନ୍
ରଖେ ହରି ମାରେ କୌନ୍ ?

ଜଗନ୍ନାଥେ ଆଉ ଚହ୍ନ ଆଡ଼ ଆଖି କରୁନାହାନ୍ତି, ସେଥି ଲଗି ଏ ହୀନଅବସ୍ଥା, କାଳ ଏତେ ବଳୀଆର ହେଇଚି ।

ନଇଲେ ଏତେ ଟାଣ କାଠର ଏ ପାଲିଙ୍କି ବାହାଟା ଭାଙ୍ଗିପଡ଼ିଲା କେମିତି ? ସେ ମାରିବାକୁ ଚହୁଁଥିବାବେଳେ ଛୁର ବଇଦଟା ମତେ ବଞ୍ଚାଇବ କାପରି ?

ଫାଳେ ତ ମଲାଣି ହାତଗୋଡ଼ ଅଉ ଚଳୁନାହିଁ, ତୁଣ୍ଡ ଯାହା ଫିଟୁଚି, ଏଇ ମାନ । ଶୁଣି, ନଅରକୁ ବେଗି ଘେନଚାଲ ମତେ । ରାଣୀ-ମାନଙ୍କ ମୁହଁ ଦେଖୁ ଦେଖୁ ମରିବି, ଯୋଉ ପ୍ରଜାଙ୍କର ଏତେ ଆପଣାର ହେଇଥିଲି, ତାଙ୍କ ମୁହଁ ଦେଖୁ ଦେଖୁ ମରିବି ।

Digitized by srujanika@gmail.com

ଆପଣେ କି ଦିନ କି ରାତି ଓପାମଭେକରେ ଏକା ନିଃଶ୍ୱାସରେ ଧାଇଁଲେ—ନଅରରେ ବଳଦ ଦେଖିବ, ହେପାଜତ ହବ ।

ରଜା ଏକା କଡ଼ରେ ପଡ଼ିଥାନ୍ତି, ପାଣି 'କ ପଣାଟିକିଏ ମାଗିନାହାନ୍ତି, ବିକୃତ ଶବ୍ଦରେ ମନର ଯନ୍ତ୍ରଣା ପ୍ରକାଶ କରିନାହାନ୍ତି ।

ହଜାର ହଜାର ପ୍ରଜା ରାଜଦର୍ଶନକୁ ଆସି ସିଂହଦୁଆରେ ଭିଡ଼ାହୋଇଛନ୍ତି । ପେଗୃଟାଏ ବୋବାଳି ଗୁଡ଼ିଲା; ମଗୁଶୀରର କାଳୁଆ ରାତିରେ ରାଣୀହଂସପୁରର କରୁଣ କାନ୍ଦଣା ସଙ୍ଗେ ମିଶିଗଲା କାପ୍‌ତାର ସ୍ୱର······ମାଣ ପୂରିଲା ।

ଶୀତ କୁହୁଡ଼ିର ଏକ କାକରଝରା କାଳିମା ଘୋଟିଗଲା ରାଜ୍ୟସାରା ।

॥ ସାତ ॥

'ଦାନରେ ତୁମ୍ଭେ କଳ୍ପତରୁ, କେବେ କୌଣସି ପ୍ରାର୍ଥୀ ନିରାଶ ହୋଇ ଖାଲିହାତରେ ଫେରେନାହିଁ ।

ନ୍ୟାୟାନ୍ୟାୟ ବିଚାରରେ ତୁମ୍ଭେ ବୃହସ୍ପତିଙ୍କ ପରି ନିରପେକ୍ଷ, ଦୈତ୍ୟଗୁରୁ ଶୁକ୍ରଙ୍କ ପରି କବି, ଐଶ୍ୱର୍ଯ୍ୟରେ କୁବେରଙ୍କ ସମକକ୍ଷ, ସତ୍ୟରକ୍ଷାରେ ତୁମ୍ଭେ ଶିବି ।

ପ୍ରଚଣ୍ଡ ମାର୍ତ୍ତଣ୍ଡ ତେଜଭରା ଗ୍ରୀଷ୍ମକାଳ ପରି ତୁମ୍ଭେ ତେଜସ୍ୱୀ, ମହାସାଗର ପରି ଗୁରୁଗମ୍ଭୀର, ଶୌର୍ଯ୍ୟରେ ଅର୍ଜୁନ ।

ତୁମ୍ଭଙ୍କ ହୃଦପୁରେ ଲକ୍ଷ୍ମୀ, ଅଧରରେ ସରସ୍ୱତୀ, ଶିରୋଦେଶରେ କେଶବ, ଭୁଜଦଣ୍ଡରେ ଚଣ୍ଡୀ, ତୁମ୍ଭଙ୍କ ରାଜପ୍ରାସାଦରେ ସ୍ୱୟଂ କୁବେର ବିରାଜମାନ କରିଛନ୍ତି ।

Digitized by srujanika@gmail.com

ସହସ୍ର ମୁଖରେ ସ୍ୱୟଂ ଅନନ୍ତ ଗୁଣୀଙ୍କ ଗୁଣକୀର୍ତ୍ତନ କରିବାକୁ ଅକ୍ଷମ ।

ଆକାଶ କାଗଜ, ସାତ ସମୁଦ୍ର କାଳି, ଗଣେଶ ସ୍ୱୟଂ ଲେଖକ ହେଲେ ବି ଆପଣଙ୍କ ଅସଂଖ୍ୟ ଗୁଣ ଅବର୍ଣ୍ଣନୀୟ ହୋଇ ରହିଯିବ ।'

ସଦ୍ୟ ଲାଭ ଆଶାରେ ଚାଟୁକାରମାନେ ଏମିତି ଚାଟୁକଥା କହି ରଜାଙ୍କୁ ବହୁତ ଉପରକୁ ଟେକୁଥିଲେ । ରଜା ଯେ ଟେକି ହେଉ ନ ଥିଲେ, ତା ନୁହେଁ । ତେବେ ଚେତା ଥିଲା, ସେ ବୁଝିଥିଲେ—ସେମାନେ କିଏ, କ'ଣ କହୁଛନ୍ତି । ନିଜର ବିଦ୍ୟାବୁଦ୍ଧି, ଧନସମ୍ପତ୍ତି କେତେ, ସେ ଜାଣିଥିଲେ । ହେଲେ ଏ ଦୁର୍ବଳତା ଏଡ଼ିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା; ଚାଟୁକାରମାନେ ତାଙ୍କୁ ଘେରିରହି ମନକୁ ଫୁଲାଇ ରଖିଥିଲେ, ଗୋଟେ ଅଧେ ଗୀତ ବା ଶ୍ଳୋକ ବୋଲି ବେଶ୍ ଦି ପଇସା ଖସାଇ ନେଉଥିଲେ ।

ଚାଟୁକାରଙ୍କ ବ୍ୟତୀତ ବହୁତ ଅବାଞ୍ଛିତ ଲୋକ ରଜାଙ୍କ ଚୌପାଖେ ଥାନ୍ତି । କାନକୁହା ବହୁ ନିରୀହଙ୍କ ନାଆଁରେ ଲଗେଇ-ଲୁଟେଇ କହନ୍ତି । ସାତ କଥାରେ ସତ ଟେକିଲା ପରି ରଜା ସେମାନଙ୍କ କଥାରେ ଟଳନ୍ତି, ବେଳେ ବେଳେ ଚଳନ୍ତି । ଫଳରେ କେତେ ଅନ୍ୟାୟ ହୁଏ, ନିରୀହ ଲୋକେ ଶାସ୍ତି ଭୋଗ କରନ୍ତି ।

ବେଳେ ବେଳେ ବାହାପିଆଙ୍କ କଥାରେ ବି ରଜା ପଡ଼ିଯାନ୍ତି । ଆକାଶରୁ ତୋଳିଆଣି କଥାକହି ସେ ରଜାଙ୍କ ମନ ମଜାଇଦିଏ, ଏଣେ ଖଞ୍ଜରେ ନିଜର ସ୍ୱାର୍ଥ ହାସଲ କରିନିଏ; ଯେମିତି ନେକଡ଼ ଛକଡ଼ ବାହାପିଆ । ଅଥଚ ରଜାଙ୍କ ମରଜିକି ଗୁହାଁ କଥା ନ କହିପାରି କେତେ ବିଦ୍ୟାସାଗର ଅପମାନ ପାଇ ଫେରନ୍ତି ।

କାଳନ୍ଦୀକି କାଳୀ ପରି ଖଟୁଆ, ମିଛୁଆ, ବାହାପିଆମାନେ ରାଜବାଟିକି ବିଷାକ୍ତ କରିଦେଇଥାନ୍ତି; ଗୁଣୀ, ଜ୍ଞାନୀ, କବିଙ୍କ ବିଷୟରେ ପ୍ରତିକୂଳ କ୍ରିୟା ସୃଷ୍ଟି କରିଥାନ୍ତି ।

ହେଲେ ଈଶ୍ୱରଚନ୍ଦ୍ରଙ୍କର ଏଇ ବିଶେଷତ୍ୱ ଯେ ବିଷକ୍ରିୟା ତାଙ୍କୁ କାବୁ କରିପାରୁ ନ ଥିଲା; ଗୋଟିଏ କାନ ଖୋସାମତିଆଙ୍କ ପାଇଁ ଥିଲେ ବି ଆର କାନଟି ସେ ରସିକଙ୍କ ଲାଗି ଖୋଲା ରଖିଥିଲେ ।

Digitized by srujanika@gmail.com

ସେ ବହୁତ କବିଙ୍କ ବନ୍ଧୁ ଥିଥିଲେ, ବହୁ କବିଙ୍କୁ ଅର୍ଥ ସାହାଯ୍ୟ ଦେଉଥିଲେ । ସ୍ବତନ୍ତ୍ରପଦ୍ମୂନ ଷଡ଼୍‌ବିଂଶ ବିଦ୍ୱାନ୍‌ସଭାରେ କବିସମ୍ମିଳନୀ କରୁଥିଲେ । ଅବହେଳିତ ଭାସ୍କରମାନଙ୍କୁ ଡକାଇ କେତେ ମୂର୍ତ୍ତି ଗଢ଼ାଉଥିଲେ, ନାମ୍‌ଜାଦା ଶିଳ୍ପୀଙ୍କୁ ହେପାଜତରେ ରଖି ବହୁତ ଛବି ଅଙ୍କାଉଥିଲେ । ସେ ଓଡ଼ିଆସାହିତ୍ୟ, କଳା, ଭାସ୍କର୍ଯ୍ୟର ବଡ଼ ପୋଷକ ଥିଲେ ।

ହାତୀରେ ବସାଇ ସେ କବିଙ୍କୁ ପ୍ରାକୃତିକ ଦୃଶ୍ୟ ଦେଖାଉଥିଲେ, ସ୍ୱରାଜ୍ୟର ଇତିହାସ ଶୁଣାଉଥିଲେ ।

ସେ କବିତା ଶୁଣୁଥିଲେ, କବିଙ୍କୁ ଶୁଣାଉଥିଲେ; ସେତେବେଳେ ସେ ଯେ ଜଣେ ରଜା, ସେ କଥା ଭୁଲିଯାଉଥିଲେ—ରସରାଜ୍ୟରେ ରଜା ପ୍ରଜା କ'ଣ, ବଡ଼ ସାନ କ'ଣ, ବ୍ରାହ୍ମଣ ଚଣ୍ଡାଳ କ'ଣ ! ରସ ସମସ୍ତଙ୍କୁ ସମାନ କରେ, ଅନେକ ପ୍ରାଣକୁ ଏକପ୍ରାଣ କରେ ।

କବିସୂର୍ଯ୍ୟଙ୍କ ସଙ୍ଗୀତରେ ଆଠଗଡ଼ ରଜା ଅଛନ୍ତି । ତାଳମୂଳର ରାଜା ସେମିତି ଅନଧିକାର ଚର୍ଚ୍ଚା କରିନାହାନ୍ତି । କବି ଭଣିତା ସ୍ଥାନରେ କୋଉଠି ରାଜଭଣିତା ଦେଖିବାକୁ ମିଳେନାହିଁ । ରାଜାଙ୍କ ମହତପଣିଆଁ ଏ ।

ମୟୂରଭଞ୍ଜ, ଷଡ଼େଇକଳା, ନୀଳଗିରିରୁ ଛଉନାଚ ଦଳ ଆସନ୍ତି, ଗଞ୍ଜାମରୁ ଦାସକାଠିଆ, ରଣପା, କଳାହାଣ୍ଡିରୁ ଘୁମୁରାନାଚ, ଢେଙ୍କାନାଳରୁ ସଖୀନାଚ, କଟକରୁ ଯାତ୍ରା, ପାଲା, ପୁରୀରୁ ନାଗା ଆସନ୍ତି; ରାଜଆଦର, ଅଭ୍ୟର୍ଥନା ଓ ପ୍ରଚୁର ଉପାୟନ ପାଇ ମହାନନ୍ଦରେ ବିଦାୟ ନିଅନ୍ତି ସମସ୍ତେ ।

ରାଜା ଈଶ୍ୱରଚନ୍ଦ୍ର ମହାବୀରକେଶରୀ; ରାଜାଙ୍କ ପିଲାଦିନ ଘରେ ଅଯତ୍ନରେ କଟିଥିବ, ଘର ମଧ୍ୟରେ ଭସିଥିବ—ଉପରଠାଉରିଆମାନେ ଭାବନ୍ତି । ଯୋଉମାନେ କଥାର ଭିତରେ ପଶନ୍ତି, ମର୍ମ ଠଉରାନ୍ତି, ସେମାନେ ଜାଣନ୍ତି—ରଜା ପ୍ରଜା ଦୁଃଖ କାହାରିକି ଛାଡ଼ିନାହିଁ । ଦୁଃଖ ଚଢ଼ୁ ଦାଗିନାହିଁ, ଏମିତି ଗୋଟିଏ ଲୋକ ବି ଆଖିରେ ପକାଇବାକୁ

Digitized by srujanika@gmail.com

ମିଳେନାହିଁ । ଈଶ୍ୱରଚନ୍ଦ୍ରଙ୍କ ଜୀବନ ତ ନଥାଏ, ସେ କୋଉ ରଜାଘରେ ବଢ଼ିଥିଲେ କି ?

ସାଆନ୍ତଘର ଦୁଃଖର ଘର; କିଛି ଜାଗିର ମାତ୍ର ଭରସା, ହାତଗୃଷ ନ କଲେ ସେଥିରୁ ଯତ୍‌ସାମାନ୍ୟ ଗ୍ରାସଧାନ ମିଳେ । ଆଡ଼ମ୍ବରରେ ଚଳିବାକୁ ଇଚ୍ଛା, ପଇସା ନାହିଁ । ଦୈହିକ ଶ୍ରମ କରିବାକୁ କୁଣ୍ଠା, ବଳ ନାହିଁ ବୋଲି ନୁହେଁ, ମାନ ତଳେ ପଡ଼ିଯିବ ' କେହି କେହି ରଜାଘରେ ଚାକିରି କରନ୍ତି, ସିପାହିଙ୍କ ସର୍ଦ୍ଦାର, ଥାନାର ଦାରୋଗା, କାଉଆଖାନାର ମ୍ୟାନେଜର, ବିଶ୍ୱସ୍ତ ଗୁପ୍ତଚର, ରଜାପ୍ରଜାଙ୍କ ଯୋଗସୂତ୍ର ଅଫିସର—ବାହାର ଘର ଆୟ ମିଶି କେତେକଙ୍କର ଭଲ ଚଳେ ।

ସାହିରେ ସାତୋଟି ସାଆନ୍ତ ଘର, ପନ୍ଦର ପନ୍ଦର ଝିଅ, ପୁଅକୁ ଗୃହିଁ ଗୃହିଁ ଝିଅଙ୍କ ସଂଖ୍ୟା ବଢ଼ିଯାଇଛନ୍ତି—ବଢ଼ି ଘରକଲେ ଗୋଟେ ଗାଆଁ ହୋଇଯିବ ।

ଝିଅ ଗହଳରେ ସବା ସାନ ଭାଇ ଭାସ୍କର ସାଆନ୍ତଙ୍କର ଗୋଟିଏ ପୁଅ ହେଲା, ଘର ଚହଳ ପଡ଼ିଗଲା, ଏକା ସାହିରେ କାହିଁକି, ଗୃଇଆଡ଼େ । କେଡ଼େ ତପସ୍ୟାବଳ, କେଡ଼େ ଭାଗ୍ୟଜୋର୍ ! ଅନ୍ଧାରଘରେ ଚନ୍ଦ୍ର ଉଇଁଲା, ସାତ ସାଆନ୍ତାଣୀଙ୍କ ହାତର ପାଣି ସେ, କାନର ଗଣ୍ଡି ।

କାର୍ତ୍ତିକେଶ୍ୱରଙ୍କୁ ବଳିଯାଇଥିଲା ଏ ପିଲା; ସେ ଛ' ମାଆଙ୍କଠାରୁ ଦୁଧ ପିଉଥିଲେ, ଏ ସାତ ମାଆଙ୍କଠାରୁ ପିଇଲେ—ଏ କୋଳରୁ ସେ କୋଳକୁ ଡେଇଁ । ତେବେ ଗୋଟାଏ ପାଟି, କାର୍ତ୍ତିକଙ୍କର ଥିଲା ଛ'ଟା ପାଟି ।

ଏ ପିଲାକୁ କେହି ତଳେ ଥୋଇଦେଉ ନ ଥାନ୍ତି—ଆହା, କି କଳା, କି କଳା, ବିଷ୍ଣୁ ପ୍ରତିମାକୁ ତଳେ ଥୋଇଲେ, ଘାବ ମର୍ମେ ମର୍ମେ । ଏ ପିଲା ଏ ବାପ କାନ୍ଧରୁ ସେ ବାପ କାନ୍ଧକୁ ଡେଉଁଥାଏ, ଏ ମାଆ କାଖରୁ ସେ ମାଆ କାଖରେ ଯାଇ ବସୁଥାଏ ।

Digitized by srujanika@gmail.com

କାନ୍ଦି ଶବଦ ହେଲେ ସାତ ସାଆନ୍ତାଣୀଙ୍କ ମନ ବିକଳ ହୁଏ, ଅଧା ଗାଧୋଇ ବା ଦରଖିଆ ହୋଇ ଉଠିଆସନ୍ତି, କାଖେଇନେଇ ମାଙ୍କଡ଼, କୁକୁର, ବଣି କି ବାଘୁଚଢ଼େଇ ଦେଖାନ୍ତି, ପାଟଦୋଳରେ ଶୁଆଇ ଖେଳାନ୍ତି ।

ଆରେ ଦିନେ ଏ କ'ଣ ହେଲା ? ହଳଦିଗଣ୍ଠି ପରି ରଙ୍ଗ, ଏଇଟା କ'ଣ ? ନାଗସାପଟାଏ !

ପିଲା ଗହମ ନିଦରେ ଶୋଇଛି, ଏ ସାପ ତା ମୁଣ୍ଡ ଉପରେ ଫଣା ଟେକିଛି ! ସାନ ସାଆନ୍ତାଣୀ ଏ ଭୟଙ୍କର ଦୃଶ୍ୟ ଦେଖି କାବାକାଠ ହୋଇଗଲେ—ମୁହଁରୁ କଥା ବାହାରିଲାନାହିଁ; ଏଡ଼େ ଭାଗ୍ୟର ଏ କି ଦଶା ! ସବୁ ଅକାରଣ ହୋଇଗଲା ! କି ପୋଡ଼ାକପାଳ !

ସାଆନ୍ତାଣୀ ପାଦ ଚପି ଚପି ଯାଇ ଅନ୍ୟ ଜାଆମାନଙ୍କୁ ଡାକିଆଣିଲେ । ସମସ୍ତେ ଦେଖି ତାଟକା । ନିଃଶ୍ୱାସ ଶବ୍ଦ ବି କାହାର ଶୁଭୁ ନ ଥାଏ; କାଳେ ଚମକିଉଠି ସାପ ଚୋଟ ମାରିଦେବ !

ମାଆମାନଙ୍କ ମନ ବିକଳ—ସତେ କ'ଣ ଗଳାରତନ, ଗଣ୍ଠିଧନ ଏ କାଳ ମୁହଁରୁ ବର୍ତ୍ତିବ ?

ଏ ସଂସାରରେ ଏମିତି କୋଉଠି ଘଟେ ? ଠଣାବାଟେ ଖରା ଟିକେ ପଡ଼ୁଛି, କାଳେ ନିଦ ଭାଙ୍ଗିଯିବ, ଏଥିଲାଗି ଏ ସାପ ଫଣା ଟେକି ରହିଛି । ଏ ଦୁଷ୍ଟ ସାପ ନୁହେଁ, ମହାଦେବଙ୍କ ଦେହରେ ଚଳବଚଳ ହଉଥିବା ସାପ, ସାପ କ'ଣ ଏଠିକି ମନକୁ ଆସିଛି ? ମହାଦେବ ପଠାଇଛନ୍ତି ବୋଲି ଆସିଛି ! ଜନ୍ମରୁ ଏ ପିଲା ଉପରେ ମହାଦେବଙ୍କ ତିନି ଆଖି ପଡ଼ୁଛି ! ଏ ଦିନେ ରଜା ହବ !

ଯାକୁ ସାପ ଯେତେବେଳେ ମାରିଲା ନାହିଁ, ଯାର କୋଉ ବିପଦ କିଛିହେଲେ କ୍ଷୟକ୍ଷତି ଘଟାଇପାରିବ ନାହିଁ, ମହାଦେବ ଡମ୍ବରୁ ବଜାଇ ସବୁ ବିପଦକୁ ଫୁତ୍କାରରେ ଉଡ଼ାଇଦେବେ ।

Digitized by srujanika@gmail.com

ସବୁ ସାଆନ୍ତାଣୀ ମୁହଁରେ ଓଢ଼ଣା ଧରି ବେକରେ ପାଲଦଉଡ଼ି ପକାଇ ଗୋଡ଼ତଳେ ପଡ଼ିଲେ । ନେତ୍ରୁବାନମସ୍ତେ ହେଲେ, ସାପ ମୁଣ୍ଡ ନୁଆଁଇ ଗୁଳିଗଲାବେଳେ ତା ଉପରକୁ ହଳଦିପାଣି ପକାଉଥିଲେ; ଏହା ନାଗର ସନ୍ତୋଷବିଧାନ କରେ, ବିଶ୍ୱାସ ।

ଜନ୍ମବର୍ଷଠାରୁ ଚଉଦବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ସବୁ ସାଆନ୍ତ ମିଶି କପିଳାସର ଚନ୍ଦ୍ରଶେଖରଙ୍କଠାରେ ମେଳା କରାଇଲେ ।

ରଜା ପୂର୍ଣ୍ଣଚନ୍ଦ୍ର ତ ଅଧା ବୟସରେ ଗଲେ; ତା ଆଗରୁ ଜାତକ ଗଣନା କରାଇ ନିଜର ଘୋର ମାରକଦଶା ଥିବା କଥା ଜାଣିଥିଲେ । ତାଙ୍କର ପିଲାଝିଲା ନ ଥିଲା । ତାଙ୍କ ଅନ୍ତେ କ'ଣ କୁଳ ବୁଡ଼ିଯିବ ? ଅନ୍ଧାର ଘୋଟିଯିବ ?

ରଜା ଚୌଦିଆଡ଼େ ଆଖି ବୁଲାଇଲେ; ଦୂରଦୂରାନ୍ତର ବନ୍ଧୁବାନ୍ଧବଙ୍କ ଭିତରୁ କେତେ କିଏ ପୁଅ ପଠେଇଚ କଲେ, ସେମାନଙ୍କ ରଙ୍ଗଢ଼ଙ୍ଗରେ ରଜା ବହୁ ଦୁର୍ଗନ୍ଧର ସୁରାକ୍ ପାଇଲେ; କଳେ ବଳେ କୌଶଳେ କୌଣସିମତେ ରାଜ୍ୟଟି ହାତକୁ ଆସିଲେ ବହୁ କାମନା ପୂରଣ କରିବେ । ରଜାଙ୍କ ମନ ମାନିଲାନାହିଁ । ଶେଷକୁ ସେ ଭାଇବିରାଦରମାନଙ୍କ ଉପରେ ଆଖି ପକାଇଲେ—ସାଆନ୍ତ କୁଳରେ ଏକମାତ୍ର ପୁଅ ଈଶ୍ୱର ! ଏଇ ହେବ କୁଳଚନ୍ଦ୍ରମା, ତେଣୁ ଈଶ୍ୱର ବଦଳରେ ତା ନାଆଁ ଈଶ୍ୱରଚନ୍ଦ୍ର ଦିଅ ।

ସେଇଆ ହେଲା; ରଜାଙ୍କ ଶବ ପଡ଼ିଥିବାବେଳେ ଈଶ୍ୱରଚନ୍ଦ୍ରଙ୍କୁ ସାଆନ୍ତମାନଙ୍କ ଘରୁ ଆଣି ପାତ୍ରମନ୍ତ୍ରୀମାନେ ମୁଣ୍ଡରେ ରାଜଶାଢ଼ୀ ବନ୍ଧାଇଲେ, ପାଟଖଣ୍ଡା ଧରାଇଲେ; ନାବାଳକ, ନାଆଁକୁ ହେଲେ ସେ ରଜା । ରାଜ୍ୟ କୋର୍ଟ୍ ଅଫ୍ ୱାର୍ଡ଼୍ସ୍‌ରେ ରହିଲା । ପଲିଟିକାଲ୍ ଏଜେଣ୍ଟ ଜଣେ ଦେୱାନ୍ ନିଯୁକ୍ତ କରି ପଠାଇଲେ । ସେ ତାଳମୂଳର ଶାସନ ପରିଚାଳନା କଲେ ।

ରାଜସିଂହାସନ ଖେଳମେଳରେ ମାତିଥିବା ଏ କୁନି ରାଜାଙ୍କୁ ମାନିଲା ନାହିଁ କି ରହିଲା ନାହିଁ । ଚୁପ୍ ଚୁପ୍ ହୋଇ କାହା ସଙ୍ଗେ କଥା

Digitized by srujanika@gmail.com

ନ ଜନ୍ମ ବସିବାର ବ... ନୁହେଁ ... ଥୀଙ୍କୁ ଡାକିଆଣି ବୋଇଲେ ପାନପଣି ହୁରୁଡ଼ିଥାନ୍ତି । କଏ ପକ୍ଷିଆସି ... ଡ଼ଲକୁ ଘଉଡ଼ିଦେଉଥାନ୍ତି । ମେନ ବନ୍ଧାରେ କ ବୋ... ପାଇଁ କେଜା ... ଜଗଣୀର ଭଜାଙ୍କୁ ଜଗ ଧୋଟି ଆସିଲା, ଜର୍-ପଛେ ପଛେ ସନ୍ନିପାତ ।

ରଜାଘରେ, ସାଆନ୍ତଘରେ କାନ୍ଦବୋବାଳି ନ ପଡ଼ିଲେ ବି ସେଇ ଅବସ୍ଥା; ଲୁହ ଶୁଭ କ ଅଶୁଭ ମାନୁ ନ ଥାଏ ।

ରୋଗ ଓଷଦ ମାନୁନାହିଁ, କିଛିହେଲେ ମନ୍ତ୍ରକାଠ କରୁନାହିଁ । ସାଆନ୍ତ ବାପା କିଛି ବାଟ ନ ପାଇ ମଣ୍ଟାପୀର ଠାକୁରଙ୍କ ନାମରେ ଈଶ୍ୱରଚନ୍ଦ୍ରଙ୍କୁ ପାଣି ଛଡ଼ାଇଦେଲେ । ଈଶ୍ୱରଚନ୍ଦ୍ର ମୁଣ୍ଡରେ ପଠାଣଟୋପି ପିନ୍ଧି କେତେ କାଳ ଯାଏ ରାଜ୍ୟରେ ଫକୀରବେଶରେ ଭିକ ମାଗି ବୁଲିଲେ । ଯାହା ଭିକ ମାଗି ଆଣିଲେ, ସେଥିରେ ଷୋଳ ପୂଜା ହେଲା—ଈଶ୍ୱରଚନ୍ଦ୍ର ତିଷ୍ଟିଗଲେ । ବହୁ ବର୍ଷ ପର୍ଯ୍ୟନ୍ତ ସାଆନ୍ତସାଇଆ ତାଙ୍କୁ ପଠାଣ ବୋଲି ଡାକୁଥିଲେ । ଛୁଆଁ ହେବା ଉପରେ କ କଣ ଯମ ତାଙ୍କୁ ଗୋଡ଼ାଇଗଲା; ହେଲେ ତାର ରାଗ ଥିଲା, ମାରିବା ଲାଗି ନାନା ଉପାୟ ଖୋଜୁଥିଲା ଯେମିତିକି ।

ବଣରେ ଥରେ ଗୋଟାଏ ତମ୍ପସାପ ଗୋଡ଼ାଇଥିଲା, ଗଛକୁ ଚଢ଼ିଯାଇ ପତର ଗହଳରେ ସେ ଜୀବନ ବଞ୍ଚାଇଥିଲେ । ତାଙ୍କ ସହଚରମାନେ ପଥର ପକାଇ ସାପଙ୍କୁ ମାରିଦେଲେ ।

ଥରେ ହାତୀରେ ଚଢ଼ି ଶିକାରକୁ ଯାଉଥିବାବେଳେ ମହାବଳବାଘ ହାତୀର ଲଙ୍ଗୁଳ ବାଟେ ପିଠିଉପରକୁ ଉଠିଆସି ବସିଲା । ହାତୀ ହୁରୁଡ଼ି ଦଉଡ଼ୁଥାଏ । ଈଶ୍ୱର ତା ପିଠିରୁ ଖସିପଡ଼ିଲେ ଓ ଗୋଡ଼ରେ ପଥର ମାଡ଼ ହେଲା । ବହୁ କଷ୍ଟରେ ସେ ଭଲ ହେଲେ ।

ଥରେ ଅମଣିଆଁ ଘୋଡ଼ାକୁ ମଣ କରୁ କରୁ ସେ ଛିଟିକି ଦୂରରେ ପଡ଼ିଥିଲେ । ତାଙ୍କ ଗୋଡ଼ହାତ ଭାଙ୍ଗିଗଲା, ବହୁ ଚିକିତ୍ସା ପରେ ସେ ବଞ୍ଚିଲେ ।

Digitized by srujanika@gmail.com

ଆଉ ଥରେ ଘୋଡ଼ାଟା ପାଗଳ ଥିଲା କି କ'ଣ କେଜାଣି, ଅକଡ଼ଆ ଜାଗାରୁ ପୁଳାଏ କାମୁଡ଼ିନେଲା; ଛ' ମାସ ପରେ କଡ଼ବାଲଗା ଅବସ୍ଥାରୁ ସେ ଉଠିଲେ ।

ଆମ୍ବ ତୋଳୁ ତୋଳୁ ଜୋର୍ ପବନ ବୋହିଲା ହେବାରୁ ଗଛର ଅଗଡ଼ାଳରୁ ସେ ଖସିପଡ଼ିଥିଲେ । ଆଉ ଥରେ ତାଙ୍କ ଚଲନ୍ତା ମଟର ଗାଡ଼ିରେ ନିଆଁ ଲାଗିଯାଇଥିଲା ।

କେତେ କେତେ ବିପତ୍ତି ନ ପଡ଼ିଲା
କୃଷ୍ଣ ଥିଲାକୁ କିଛି ନ ଲାଗିଲା !

ଭଗବାନ୍ ତାଙ୍କୁ ଏମିତି କେତେ ବିପତ୍ତିରୁ ରକ୍ଷା କରିଥିଲେ, ବୋଧହୁଏ, ତାଙ୍କ ଦ୍ୱାରା କିଛି ସତ୍କର୍ମ କରିବାପାଇଁ ।

ଚଗଲ୍ ମନ, କିଛି ନ କରି ଘଡ଼ିଏ ସମ୍ଭାଳ ହେଉ ନ ଥିଲା । ବିପତ୍ତି କେବଳ ତାଙ୍କ ପଛେ ପଛେ ଗୋଡ଼ାଉ ନ ଥିଲା, ସେ ବିପତ୍ତି ପଛରେ ଗୋଡ଼ାଉଥିଲେ । କୌଣସି ଅସାଧ୍ୟ କର୍ମ କରିବାକୁ ସେ ଡରୁ ନ ଥିଲେ । ଖଣ୍ଡା ଆଦଣ୍ଡା ନ ହେବେ କାହିଁକି ?

ଦେହସାରା ହବନ କିଛି ନା କିଛି ଗୋଟାଏ ଦାଗ ଥିଲା । ବିର୍ଣ୍ଣ ଡ଼ାକାମୁଡ଼ାର, ଛେଚୁକଚୁର ଚିହ୍ନସବୁ; ସଲଖ ସୁନ୍ଦର ଭେଣ୍ଡିଆଟିଏ ହୋଇ ସେ ବଢ଼ି ନ ଥିଲେ ବା ତାଙ୍କ ପ୍ରକୃତି ତାଙ୍କୁ ବଢ଼ିବାକୁ ଦେଇ ନ ଥିଲା ।

ନିଜେ ଯୁଦ୍ଧ ସାମ୍ନାକୁ ଯାଇ କ୍ଷତରୁ ଅନ୍ୟମାନଙ୍କୁ ରକ୍ଷାକରିବା ପ୍ରକୃତ କ୍ଷତ୍ରିୟର କାମ । ସେ ସେଇଆ କରୁଥିଲେ । ଜୀବନମୂର୍ଚ୍ଛା ଲଢ଼େଇ ଭିତରେ ସେ ବଞ୍ଚିଥିଲେ ଜଣେ ମହାବୀର ପରି ।

ତାଙ୍କ ବ୍ରତଘରେ ଏକ ବିଘ୍ନ ଘଟିଲା, ଯାହା ଏ ସଂସାରରେ ଘଟେନାହିଁ କହିଲେ ଚଳେ । ସ୍ଥିର କର୍ମ କରୁ କରୁ ହଠାତ୍ ପୁରୋହିତଙ୍କ ପ୍ରାଣ ଛାଡ଼ିଗଲା । ଅନେକ ବିଳମ୍ବରେ ଆଉ ଜଣେ ପୁରୋହିତ ଖୋଜା

Digitized by srujanika@gmail.com

ହୋଇ ଆସି କାମ ବଢ଼ାଇଲେ । ଏଥିରେ ବୃଦ୍ଧ ବାଲକକୁ ଅଶୌଚ ଦୋଷ ଲାଗିଲା । ଦ୍ୱିଜକୁମାରମାନଙ୍କୁ ସାବର୍ଣ୍ଣୀ ଅନ୍ନ ଦାନ ଦେଇ ପ୍ରାୟଶ୍ଚିତ୍ତ କରିବାକୁ ହୋଇଥିଲା ।

ରାଜା ଶିକାରଗଳ୍ପ ପଢ଼ିବାକୁ ଭଲପାଉଥିଲେ, ସେ ବଡ଼ ଶିକାରୀ ଭାବରେ ନିଜକୁ ଗଢ଼ିଥିଲେ । ସେତେବେଳେ ତାଳମୂଳରେ ଘୋର ଜଙ୍ଗଲ, ବହୁତ ବାଘ ଥିଲେ । ଈଶ୍ୱରଚନ୍ଦ୍ର ଜୀବନରେ ୧୦୭ଟି ମହାବଳ ବାଘ ମାରିଥିଲେ । ହରିଣ ଅପେକ୍ଷା ବାଘ ମାରିବା ତାଙ୍କ ମତରେ ସହଜତର; ବାଘ ଗାଈ କି ମଇଁଷି ମାରେ, ପରଦିନ ସନ୍ଧ୍ୟାରେ ମଡ଼ ଖାଇବାକୁ ନିଶ୍ଚିତ୍ତ ଆସେ । ଗଛମାନଙ୍କରେ ମଞ୍ଚା ବାନ୍ଧି ବସିଲେ ହେଲା । ଭୟଙ୍କର, ପୁଣି ଭାରି ନିବୁଛିଆ; ପୁଲେ ଦପୁଲା ମଡ଼ ମାଉଁସ ଖାଏ କି ନ ଖାଏ. ମୁଣ୍ଡରେ ବା ପେଟରେ ଗୁଳିଚୋଟ ବାଜେ । ତା'ପରେ ବାଘକୁ ମଟରରେ ପକାଇ ରାଜବାଟିକି ଅଣାଯାଏ ।

ଶିକାରୀଭାବରେ ତାଙ୍କ ଖ୍ୟାତି ଖୁବ୍ ବ୍ୟାପିଥିଲା; ମୟୂରଭଞ୍ଜ, ବାମଣ୍ଡା, ବୋଡ଼ାସମ୍ବର, କନିକା, କାଶୀପୁର ଓ ମାଳଗିରିରୁ ସେ ଶିକାର ନିମନ୍ତ୍ରଣ ପାଉଥିଲେ ।

ରଜା ସେ, ରଜାର ଢାଲ୍ ଚାହିଁଲେ; ବଣର ଏଇ ରଜାଙ୍କ ପ୍ରତି ତାଙ୍କର ଅଶେଷ କରୁଣା ଓ ମମତା ଆସିଲା । ତାଙ୍କ ମତରେ ବଣର ରକ୍ଷାକର୍ତ୍ତା ସେ; ସେ ଥିବାରୁ ବଣ ନଷ୍ଟଭ୍ରଷ୍ଟ ହୁଏ ନାହିଁ । ରାଜା ବହୁତ ଆୟୁ କରନ୍ତି । ରଜା ବାଘକୁ ନ ମାରି ଯନ୍ତା ବସାଇ ଧରିଲେ, ଚିଡ଼ିଆଖାନାରେ ଆଣି ରଖିଲେ ।

ବଣରୁ ନିଜେ ବାଘଛୁଆ ଧରିଆଣି ପାଳିଲେ । ସବୁଦିନ ବାଘ ଆଉ କୁକୁରଙ୍କୁ ଏକାଠି ବସାଇ ମଟରରେ ଯାଆନ୍ତି । 'ଖଇରୀ' ବାଘର ବହୁତ ଆଗର କାହାଣୀ ଏ । ରଜାଙ୍କ ପଛରେ କୁକୁରପରି ଏ ବାଘମାନେ ଗୋଡ଼ାଇଥାନ୍ତି । ପୋଷା ବିଲେଇପରି ଆଣି କୋଳରେ ବସାନ୍ତି, ଗେଲ କରନ୍ତି । ଏମାନଙ୍କ ମାଆ ବାଘୁଣୀ କୋଉଠି ? ବାପ ବାଘକୁ ବା ଚିହ୍ନେ କିଏ ?

Digitized by srujanika@gmail.com

ଅନାଥ ଶିଶୁ ... ସେ ... ନାଘରେ ୮ ... ଅଷ୍ଟ କରିଥାନ୍ତି । ସେମାନଙ୍କ ... କାଳ୍ଟ ... ଗୋମାଂସ ... ହାଡ଼ହାଡ଼ିଆଣୀମାନେ ... ଦାଣ୍ଡିଉଠରେ

ଥରେ ତାଳମୂଳକୁ ଗୋଟା ରେସିଡେଣ୍ଟ ସାହେବ ଆସିଲେ, ସଙ୍ଗରେ ସାହେବାଣୀ । ସୌଜନ୍ୟଦୃଷ୍ଟିରୁ ସାହେବାଣୀଙ୍କୁ ରାଣୀ ସମ୍ବର୍ଦ୍ଧନା ଜଣାଇବା କଥା । ରାଣୀ ତ ଇଂରାଜୀ ପଢ଼ିନାହାନ୍ତି, ଓଡ଼ିଆମିଶା ହିନ୍ଦୀ କହନ୍ତି, ସାହେବାଣୀ ଇଂରାଜୀ ଛଡ଼ା ଅନ୍ୟ ଭାଷା ବୁଝନ୍ତି ନାହିଁ—ଠାରେଠାରରେ କିଛି କାଳ କଥାବାର୍ତ୍ତା ଚାଲିଲା । ରାଣୀ ସାହେବାଣୀ ବେକରେ ସୁନା ସୂତାରେ ଗୁନ୍ଥା ଗୋଟିଏ ମୋତି, ପଦ୍ମରାଗ ଆଉ ନୀଳାର ହାର ପିନ୍ଧାଇଦେଲେ । ଖୁସିହୋଇ ଅନ୍ତଃପୁରରୁ ଫେରୁ ଫେରୁ ଗୋଟିଏ ଭୟଙ୍କର ଦୃଶ୍ୟ ଦେଖି ତାଙ୍କ ଚିତ୍ତ କଣ ହୋଇଗଲା ।

ମହାବଳ ବାଘଟାଏ ତାଙ୍କ ସ୍ୱାମୀଙ୍କ କପାଳରେ ପଞ୍ଝା ପକାଇଛି, ଝର ଝର ରକ୍ତ ଝରୁଚି, ସେ ଗୃହଁଚି । ସାହେବାଣୀ ଗୋଟାଏ ବିକଟାଳ ଚିତ୍କାର କଲେ, ସେଥିରେ ଚମକପଡ଼ି ବାଘ ତଳକୁ ପାଦ ଖସାଇଦେଲା । କଥା କ'ଣ କି, ଏ କଉତୁକିଆ ବାଘଗୁଡ଼ିକ ଦେଖି ରେସିଡେଣ୍ଟ ସାହେବ ସେଥିରୁ ଗୋଟିଏ ନେବାକୁ ବସିଲେ । ବାଘ କେଜାଣି କ'ଣ ବୁଝିଲା, ରେସିଡେଣ୍ଟ ସାହେବଙ୍କୁ ଦେଖିବାମାତ୍ରେ ଦୁଇ ଗୋଡ଼ରେ ଛିଡ଼ାହୋଇ କପାଳରେ ପଞ୍ଝା ପକାଇଦେଲା; ଏତିକିରେ ଏତେ ଶଙ୍କା ହେଲା ଯେ ସାହେବଙ୍କ ବାଘ ନେବା ସକ୍ ମେଣ୍ଟିଗଲା । ସାହେବାଣୀ ଡରେଇଦେଲେ —ଗେଲ ଖେଳୁ ଖେଳୁ ତେଲ ବାହାରିବ, ଆଜିର ଏ ଜୀଅନ୍ତା ଖେଳଣାଟି ଦିନେ ଖେଳାଳୀକୁ ଖାଇବ ।

ପିତୃଶ୍ରାଦ୍ଧରେ ଗଣ୍ଡାମାଂସ ବ୍ୟବହାର କଥା ରାଜମାତା ପୁରାଣରୁ ଶୁଣିଥିଲେ । ହିମାଳୟ ପାଦଦେଶରେ ଗଣ୍ଡା ଶିକାର କରୁ କରୁ କିରାତବେଶୀ ଶିବଙ୍କୁ ଯୁଦ୍ଧରେ ହଟାଇ ଅର୍ଜୁନ ପାଶୁପତ ଶର ଓ କଙ୍କତମୀ ଆବଦ୍ଧଙ୍କଠାରୁ ଅକ୍ଷୟତୂଣୀର ପାଇଥିଲେ । ପିତୃଶ୍ରାଦ୍ଧରେ ଏ ମାଂସ ଅର୍ପଣ କରିବାରୁ ବଡ଼ ଧର୍ମ ଆଉ ନାହିଁ । ଜମାତାଙ୍କ

Digitized by srujanika@gmail.com

ସନ୍ତୋଷବିଧାନ ଲାଗି ଈ ... ଆସିବା ସଙ୍କଳ୍ପ
କଲେ ଓ ନେପାଳ ରାଜାଙ୍କୁ ... ଦେଲେ ଏ ଦେଶରେ
ବହୁ ଗଣ୍ଡା ଥିଲେ, ଗଣ୍ଡା ... ନିଷେଧ କରି ନ
ଥିଲେ । ତେଣୁ ରାଜାଙ୍କଠାରୁ ... ଅନୁମତି ମିଳିଲା ।

ଈଶ୍ୱରଚନ୍ଦ୍ର କେତେ ... ଦିନ ବୁଲିଲେ ତୁଷାରମଣ୍ଡିତ ହିମାଳୟ ପାହାଡ଼ମାଳାର ପାଇନ୍ ଅରଣ୍ୟରେ, ତୁଷାରଖଣ୍ଡ ସଦୃଶମାନ ପାହାଡ଼ୀ ହ୍ରଦର କୂଳେ କୂଳେ । ପଶୁପତିନାଥଙ୍କ ଉପରେ ଦୁବ, ଗଇଣ୍ଡଫୁଲ, ବେଲପତ୍ର ଚଢ଼ାଇଲେ । ତାଙ୍କରି ଶିକାରୀମାନଙ୍କ ସାହାଯ୍ୟରେ ଏକ ପାହାଡ଼ୀ ନଈକୂଳର ଦେବଦାରୁ ବଣରେ ଗଣ୍ଡାଟିଏ ଶିକାର କଲେ । ପିତୃଶ୍ରାଦ୍ଧରେ ପିଣ୍ଡପତ୍ରରେ ଗଣ୍ଡାମାଂସ ପରିବେଷଣ କରି ବଡ଼ବଡ଼ଆଙ୍କର ତୃପ୍ତିବିଧାନ କରାଗଲା । ତାଳଚେର ରାଜବଂଶରେ କେହି ଏ କଥା କେବେ କରି ନ ଥିଲେ । ଜନନୀ ଅତି ସନ୍ତୋଷରେ ଆଶୀର୍ବାଦ କଲେ । ଏହି କୃତିତ୍ୱର ସ୍ମୃତିସ୍ୱରୂପ ରାଜା ଗଣ୍ଡା ମୁଣ୍ଡଟି ବୈଠକଘରେ ଝୁଲାଇଦେଲେ ।

ଶିକାରବିଳାସୀ ରାଜାଙ୍କର ଗୋଟିଏ ବଡ଼ ବିଳାସ ଥିଲା ଗୟଳ-ଖେଦା । ଓଡ଼ିଶାର ଗୟଳ ଆମେରିକାର ବାଇସନ୍‌ଠାରୁ ଭୟଙ୍କର— ଦେଖିବାକୁ ମଇଁଷି ଭଳି, କିନ୍ତୁ ସୁଷ୍ଠୁତର, ସବଳତର ଅରଣାମଇଁଷି ସେ । ଆଖିରେ ତାର ତୀବ୍ର ହିଂସା, ତା କବଳରେ ପଡ଼ିଲେ ଆଉ ରକ୍ଷା ନାହିଁ । ସେଥିଲାଗି ଲେଖାଅଛି—

ଅରଣା ମଇଁଷି ରହିବ ଅନାଇ
ମଇଁଷିର ପାଦ୍ରେ ନ ଯାଅ ଦନାଇଁ ।

ବଣାଇଁ ଜଙ୍ଗଲରେ ସେତେବେଳେ ବହୁତ ଗୟଳ । ଗୟଳି ମାଡ଼ିଲେ ବାଘ ପଳେଇଯାଏ ।

ଜଙ୍ଗଲରେ ଗୟଳ ଲାଗି ଢେର ବାଘ, ତେବେ ଏ ଗୟଳର ଗୋଟିଏ ନାଲିରୂପଣ ଅଛି । ସେ ଲୁଣିମାଟି ଖାଇବାକୁ ଭଲ ପାଏ । ବସନ୍ତପବନ ବୋହିଲେ ମା ଫୁଲ୍‌କା ହୋଇଯାଏ । ଏ ମାଟି ବହୁତ

Digitized by srujanika@gmail.com

ନରମ, ଲୁଣିଆଁ ଲାଗେ । ଗଯୂଳ ଏଇ ଲୁଣିଆଁ ଖଇମାଟି ଖାଇବାକୁ ଭଲ ପାଏ । ମଣିଷ ତାର ଏଇ ଦୁର୍ବଳତାର ସୁଯୋଗ ନିଏ । ମାଟି ଖାଇବାକୁ ଆସୁଥିବାବେଳେ ସେ ଦଶଫୁଟ ଲମ୍ବ, ଦଶଫୁଟ ଗଭୀର ଗାତରେ ପଡ଼େ । ତାକୁ ପ୍ରଲୋଭିତ କରିବା ପାଇଁ ବାଟରେ କଦଳୀ, ବାଉଁଶ, କଆଗଛ ପୋତି ଦିଆହୋଇଥାଏ । ଖାଲରେ ପଡ଼ିଲାପରେ ତାକୁ ଟ୍ରକ୍‌ରେ ନେଇ ପାର୍କରେ ଛଡ଼ାଯାଏ ।

ହାତୀଖେଦା ରଜାଙ୍କର ଆଉ ଗୋଟିଏ ବିଳାସ । କଥା ଅଛି— 'ହାତୀ ମଲେ ଲକ୍ଷେ, ଜୀଇଁଲେ ଲକ୍ଷେ' ଟଙ୍କା; ଖେଦାରେ ଧରି ହାତୀ ବିକି ରଜା ନିଜର ଆୟ ବଢ଼ାଉଥିଲେ । ହାତୀ ବନସ୍ତରେ ଥିଲେ ରାଜାଙ୍କର; ଧରାହେଲେ ବି ସେଇ ରାଜାଙ୍କର ସମ୍ପତ୍ତି ।

ଯୋଉ ରଜାଙ୍କର ଘରେ ବୌଲ ହାତୀ ନାଇଁ, ସେ କି ରଜା ? ମଟରଗାଡ଼ି ଯୁଗରେ ଗଡ଼ଜାତ ରଜା ହାତୀରେ ବସୁ ନ ଥିଲେ । ତଥାପି ହାତୀଶାଳ ଥିଲା, ରଜାଙ୍କର ତିନି ଘର ପାଞ୍ଚ ଘର ହାତୀ ଥିଲେ । କିଛି ନ କଲେ ବି ଅଭିଷେକ ଉତ୍ସବ, ବା ଠାକୁରଙ୍କ ରଥଯାତ୍ରା, ଚନ୍ଦନଯାତ୍ରା ପଟୁଆରରେ ହାତୀମାନେ ବାହାରୁଥିଲେ, ମୁଣ୍ଡରୁ ଶୁଣ୍ଢ ଚିତ୍ରିତ ।

ହାତୀ ଆମର ସାଥୀ; ଆମ ଚିତା ମୁରୁଜଖୋଟିରେ ହାତୀ, ଆମ ଗାଉଁଲି ଖେଳଣାରେ ହାତୀ, ଆମର ଦେଉଳେ ଦେଉଳେ ହାତୀ, ପିଲାକୁ ଗେଲ କଲାବେଳେ ଆମେ ତାକୁ 'ଗୁଣ୍ଡୁଣି ହାତୀ'—ଝୁଲ୍ ମୋ ହାତୀ ଝୁଲ୍‌ରେ, ବାଆ ପାଣି ଖାଇ ଫୁଲ୍‌ରେ ।

'ହାତୀଟି କାଳିଆ ଅସଲ ମେଳିଆ
ନ ଜାଣଇ ଖାଲି ଖମା
ଗୋପପୁରେ ଥାଇ ଦୁଧ ସର ଖାଇ
ହୋଇଛି ଧୂହର ଧୂମା
ମୋ ହାତୀ ଝୁଲ୍‌ରେ ।'

Digitized by srujanika@gmail.com

ଶୀତଦିନେ ଗଛ ପତ୍ରଝଡ଼ା ଦିଏ, କଞ୍ଚା ପତରପାଚୁରି ଖାଇ ବଞ୍ଚେ ଏ ହାତୀ; ଖାଇବା ଅଭାବ ହେଲେ ହାତୀ ବଣ ଛାଡ଼ି ପାହାଡ଼ ଉପତ୍ୟକା ଓ ଖୋଲାମେଲା ଜାଗାକୁ ଆସେ, ପ୍ରଜାଙ୍କର ପାଚିଲା ଧାନଖେତ, ଆଖୁ ଆଉ କଦଳୀ ଫସଲ ନଷ୍ଟ କରେ ।

ହାତୀଖେଦାରେ ରଜା ପ୍ରଜା ଦୁଇ ପକ୍ଷର ଉପକାର । ପ୍ରଜାଙ୍କ ଫସଲରକ୍ଷା ପାଏ, ରଜା ହାତୀ ବିକି ଲକ୍ଷ ଲକ୍ଷ ଟଙ୍କା ଲାଭ କରନ୍ତି ।

ସେ ବର୍ଷ ବ୍ରାହ୍ମଣୀ ନଦୀ ଡେଇଁ କେତେ ହାତୀ ବାରୁଆଁ ଜଙ୍ଗଲରେ ପଶିଲେ, ରାତିରେ ପାହାଡ଼ରୁ ତଳକୁ ଗଡ଼ି ପ୍ରଜାଙ୍କ ହେଲା ଫସଲ ନଷ୍ଟ କରି ଚାଲିଲେ; ଡେଙ୍ଗୁରବାଦ୍ୟ ବା ତାଳଫୋଟକା ବାଣକୁ ଖାତିରରେ ପକାଇଲେ ନାହିଁ ।

ରାଜା ଈଶ୍ୱରଚନ୍ଦ୍ର ପ୍ରଜାଙ୍କୁ ମେଳେଇ ପାହାଡ଼କୁ ଘେରାଉ କରିଦେଲେ । ପ୍ରଜାମାନେ ଦିନ ରାତି ଜଗିରହି ହାତୀଙ୍କୁ ଅନ୍ୟ କୁଆଡ଼କୁ ଯିବାକୁ ଦେଲେ ନାହିଁ—ପଳାଇବାକୁ ଚେଷ୍ଟା କଲେ, ବନ୍ଧୁକ ଫୁଟାଇଲେ; ଲୋକଙ୍କ ଏଇ ବେଢ଼ ବା ଘେରାଉକୁ 'ଜଗନ୍ତିବେଢ଼' କହନ୍ତି ।

ହାତୀଦଳ ଜଗନ୍ତିବେଢ଼ ମଧ୍ୟରେ ରହିବାମାନେ ଗିଡ଼୍ଦା କାମ ଆରମ୍ଭ ହୋଇଗଲା—ପର୍ବତ ଖୋଲ ଏଥିଲାଗି ସୁବିଧାଜନକ ସ୍ଥାନ । ଗିଡ଼୍ଦା ପଚିଶ ଫୁଟ ଲମ୍ବ, କୋଡ଼ିଏ ଫୁଟ୍ ଓସାର, ତିନିଫୁଟ୍ ଖାଲ । ତାର ଚାରି ପାଖରେ କଣ୍ଟା ଶାଳଗଛରେ କେତେଧାଡ଼ି ଗଣ୍ଡି ପୋତା— ଦୁଇ ତିନି ପରସ୍ତର ଏଇ ବାଡ଼କୁ ହାତୀ ଭାଙ୍ଗିପାରେ ନାହିଁ । ତା ଭିତରେ ହାତୀଙ୍କ ପଶିବାଲାଗି ଗୋଟିଏ ବାଟ ଖୋଲାଥାଏ, କିନ୍ତୁ ଉପରେ ଗୋଟିଏ କବାଟ ଝୁଲୁଥାଏ । ହାତୀଙ୍କି ପ୍ରଲୋଭିତ କରିବା ଲାଗି ବାଟଯାକ ଆଖୁ, ବାଉଁଶ, କଦଳୀଗଛ ପୋତା ହୋଇଥାଏ । ଖାଇବା ନିଶାରେ ହାତୀ ଗିଡ଼୍ଦାରେ ପଶିବାମାନେ ଟାଙ୍ଗିଆରେ ବନ୍ଧା ଦଉଡ଼ିକ କାଟି କବାଟ ପକେଇ ଦିଆଯାଏ ।

ପଡ଼ିବାମାନେ କ'ଣ କରିବ ବୁଝି ନ ପାରି ଥୋରପାରି ହେଁକ ଅସ୍ଥିରଭାବେ ହାତୀ ଆଗରୁ ପଛ, ପଛରୁ ଆଗ ଦୌଡ଼ନ୍ତି, ତା'ପରେ

Digitized by srujanika@gmail.com

ଗେରଦକୁ ମୁ... [illegible] ...ଙ୍ଗିବାକୁ ଚେଷ୍ଟା କର ଦାନ୍ତ ଘଷନ୍ତି, କବାଟ [illegible] ବଡ଼ ବଡ଼ କଣ୍ଟାରେ ରକ୍ତସ୍ନାନ ହୁଅନ୍ତି ମାତ୍ର । [illegible] ତଳେ ଗୋଡ଼ ବାଡ଼ାନ୍ତି, ଥୋରପାରରେ ଗିଡ଼୍ଧା [illegible] ର ଫିଙ୍ଗନ୍ତି, ଧୂଳି ଗୋଡ଼ ମାଟି ଫିଙ୍ଗାନ୍ତି । ଲୋକେ ଗିଡ଼୍ଦା ଚାରିପଟେ [illegible] ଜାଳନ୍ତି, ହାତୀଙ୍କ ଉପରକୁ ନିଆଁହୁଳା ଫିଙ୍ଗନ୍ତି, ବନ୍ଧୁକ ବା [illegible] ଫୁଟାଇ ଉପଘାତ କରନ୍ତି ।

ବଡ଼ଖିଆ ଜନ୍ତୁ; ଦୁଇ [illegible] ଉପାସରେ ରହି କାଇଲ ହୋଇପଡ଼େ । ପାଣିଟୋପିଏ ମିଳେ [illegible] ପାଇ ତା ତୋଣ୍ଟି ଶୁଖିଯାଏ । କ୍ରୋଧରେ ଅଧୀର [illegible] ହୋଇଯାଏ । ଏତିକିବେଳେ, ମାହୁନ୍ତ କୌଣସିବାଟେ ଖେଦା ଭିତରେ ପଶି ତା ପାଦରେ ଫାଶ ଲଗାଏ । ତା'ପରେ କୌଶଳରେ ଫେରିଆସେ । ହାତୀ ତାକୁ ଦେଖିପାରେ ନାହିଁ । କଉଁଠାଏ ଲାଗିଛି ଭାବି ହାତୀ ଗୋଡ଼ ଘୁଞ୍ଚିଲାବେଳେ ଫାଶ ଶକ୍ତ ହୋଇ ପାଦରେ ବାନ୍ଧିହୋଇଯାଏ ।

ତା'ପରେ ପୋଷା ହାତୀରେ ବସି ରାଜା ଈଶ୍ୱରଚନ୍ଦ୍ର ପହଞ୍ଚିଲେ । ଜଗୁଆଳ ପ୍ରଜାମହଲରେ ଚହଳ ପଡ଼ିଗଲା— ହେଇ ଆମେ କେତେ ଦୁଃଖରେ ଧରିଛୁ, ରାଜଯୋଗ୍ୟ ଉପହାର ନିଅ—ଏଇସବୁ ହାତୀ ।

ତା'ପରେ ଗିଡ଼୍ଦା କବାଟ ଖୋଲେ, ପୋଷା ହାତୀ ବାଟ କଢ଼ାଏ । ବଣର ସ୍ୱାଧୀନ ଜୀବ ଏବେ ବନ୍ଦୀ ମଦ ଛନ୍ଦା, ପୋଡ଼ାଧାଆ ପୋଡ଼ାଜଳା କରୁଛି । ଅସମ୍ଭାଳ କ୍ରୋଧ, ପ୍ରଚଣ୍ଡ ଶୋଷ । କଏଦୀମାନେ ବିକଳ ହେଣ୍ଟାଳି ଛାଡ଼ୁଛନ୍ତି, ଏକଦମ୍ କାବୁ । ଖସିବାର କିଛି ହେଲେ ବାଟ ନାହିଁ ।

ପୋଷା ହାତୀ ଆଉ ମାହୁନ୍ତ ମିଶି ବଣୁଆ ହାତୀମାନଙ୍କ ମନ ମନାଇଲେ । ସେ ହେଲା ମଣିଷର ଦାସ । ତଥାପି ହାତୀର ମନ ଯେତେ ମଣିଷକୁ ଚଳିବାକୁ ହୁଏ । ମନ ବିଗିଡ଼ିଲେ ସେ କାହାରି ବୁଝେ, ପ୍ରଳୟ କାଣ୍ଡ ଘଟାଏ । ଅଙ୍କୁଶ, ଶିକୁଳି ମାନେ ନାହିଁ । ମାହୁନ୍ତ ଯେ ଆଗରେ ପଡ଼ିଲା, ତାକୁ ଧରି ଚକଟି ପକାଏ ।

Digitized by srujanika@gmail.com

କେତେଥର ଖେଦା କରି ରାଜା ଈଶ୍ୱରଚନ୍ଦ୍ର ଜୀବନରେ ଶହେ ଘର ହାତୀ ଧରିଥିଲେ ଓ ବିକ୍ରୀ କରି ବିଶେଷ ଲାଭବାନ୍ ହୋଇଥିଲେ । କିନ୍ତୁ ପ୍ରଜାଙ୍କୁ ଅସହ୍ୟ ଦୁଃଖକଷ୍ଟ ସହିବାକୁ ହୋଇଥିଲା—ଖିଆଁକାକରରେ, ଅଧା ଉପାସରେ । ଘରୁ ଖାଇ ଘୋଡ଼ା ଆଗରେ ଡେଇଁବା କଥା ।

ଚାଷବାସ ଆଉ ଯାବତୀୟ ଘରକାମ ଛାଡ଼ି ପ୍ରଜାଙ୍କୁ ମାସ ମାସ ଜଙ୍ଗଲରେ ପଡ଼ିରହିବାକୁ ହେଉଥିଲା, ଗୁଡ଼ଜଳ ଛଡ଼ା ରାଜସରକାରରୁ ମୁଣ୍ଡପିଛା ଅଧଲାଏ ମାତ୍ର ମିଳୁଥିଲା । ଜଙ୍ଗଲର ପଚା ପାଣି ପିଇ ମଶାବଣରେ ପଡ଼ି କେତେ ମରୁଥିଲେ, କେତେ ବେମାରରେ ପଡ଼ି କତରାଳଗା ହେଉଥିଲେ ।

ଈଶ୍ୱରଚନ୍ଦ୍ରଙ୍କର ବଡ଼ ବିଳାସ ହେଲା ଏକ ପ୍ରାକୃତିକ ଚିଡ଼ିଆଖାନା । ଜଙ୍ଗଲର ଏକ ବିପୁଳ ଅଂଶ ସେ ପାଚେରୀ ଘେରାଇ ଦେଇଥିଲେ । ଭାରତବର୍ଷର ବିଭିନ୍ନ ବନ୍ୟ ଜନ୍ତୁ ଧରିଆଣି ଏଥିରେ ଛାଡ଼ିଥିଲେ । ଏହାକୁ ପାର୍କ ବୋଲି ସେ କହୁଥିଲେ, କିନ୍ତୁ ପାର୍କ ବା ଉଦ୍ୟାନର ଲଳନା ଚିହ୍ନ କୋଉଠି ନ ଥିଲା; ସବୁଠି ଆଦିମ ବନ୍ୟତା, ବୁଢ଼ା ବୁଢ଼ା ଶାଳ, ମହୁଲ, ଅସନ, କସି, ଚହ୍ଲାର, ପିଆଶାଳ; ଏ ଗଛରୁ ସେ ଗଛ, ସେ ଗଛରୁ ଆର ଗଛ ଲମ୍ବିଛି ଲଟା, ଝରୁଛି ପ୍ରାକୃତିକ ଝରଣାଟିଏ ।

ଏଥିରେ ହଜାର ହଜାର କୃଷ୍ଣସାର, ସମ୍ବର, କୁଟରା, ଘୋଡ଼ାଙ୍ଗ ଝିଙ୍କ, ମୟୂର, ବଣ କୁକୁଡ଼ା, ଶିଆଳ, ଗଧିଆ, କେନ୍ଦୁଆ, ଶୁଆସାରୀ, କପୋତ, ଭରତଆ ଆଦି ନାନା ଜାତିର ପଶୁପକ୍ଷୀ; ଜଙ୍ଗଲ ଭ୍ରମଣର ସ୍ୱାଭାବିକ ଆନନ୍ଦ ଦେଇଥାନ୍ତି । ଭାରତର ପ୍ରଥମ ଜାତୀୟ ଅଭୟାରଣ୍ୟ ଏ, ଉଚ୍ଚ ରାଜକଳ୍ପନା ଓ କବିତ୍ୱଭରା ।

ଏହା ମଧ୍ୟରେ ଈଶ୍ୱର ଚନ୍ଦ୍ର ରାଜାମାନଙ୍କୁ ବଣଭୋଜି ଦେଉଥିଲେ, ନିଜେ ବେଳେ ବେଳେ ଏକୁଟିଆ ବସି କବିତା ଲେଖୁଥିଲେ—ଏକାନ୍ତ

Digitized by srujanika@gmail.com

ବ୍ୟକ୍ତିଗତ; ଶାଳୀମାନଙ୍କୁ ଲିଖିତ, ହାସ୍ୟବ୍ୟଙ୍ଗରେ ଭରା, ଶୃଙ୍ଗାର-ରସାତ୍ମକ, ରାଜଅନ୍ତଃପୁରରେ ସେଇ ଛପା ଚଟଣିଚମକ ପୁସ୍ତକ ବ୍ୟବହୃତ, ଅନ୍ୟତ୍ର ନୁହିଁ ।

।। ଆଠ ।।

ଏବେ ଶିଳ୍ପପତି ପୁଞ୍ଜିପତି; ବହୁତ ଥିଲାବାଲା ସେ—ଯେମିତି ବହୁତ ରୋଜଗାର କରେ, ପୁଅଝିଅଙ୍କ ବାହାଘରେ ସେମିତି ଆଖିବୁଜା ଖର୍ଚ୍ଚ କରେ । କିନ୍ତୁ ସେ କାଳର ଧନୀ ବୋଇଲେ ରାଜା ବା ଜମିଦାର । ଗାଁବାଲେକେ ରଜାଙ୍କ ଧନର କଳନା କରନ୍ତି—"ଘିଅରେ ମୁହଁ ଧୁଅନ୍ତି, ଦୁଧରେ ଗୋଡ଼ ଧୁଅନ୍ତି, ହଂସୁଳୀ ତୂଳୀରେ ଶୁଅନ୍ତି, ପାଟପୀତାମ୍ବର ପିନ୍ଧି ଚକଚକ ହୁଅନ୍ତି । ହାତିଶାଳେ ହାତି, ଘୋଡ଼ାଶାଳେ ଘୋଡ଼ା, ହୀରାମାଳା, ମୋତିମାଣିକ, ଅସରପି ଗଦା ଗଦା । ଗୃହଆଡ଼େ ଲକ୍ଷ୍ମୀ ହସୁଛନ୍ତି ।" ରଜାଙ୍କ ଆୟ ଜମିବାଡ଼ିରୁ, ପ୍ରଜାଙ୍କଠାରୁ ଆଦାୟ ହେଉଥିବା ରାଜସ୍ୱରୁ; ଶିଳ୍ପଆୟ ସଙ୍ଗେ ଏହାକୁ ତୁଳନା କରାଯାଇପାରେନା । ପୁଞ୍ଜିପତିର ବିବାହମଉଚ୍ଛବରେ ଅର୍ଥ ସୁଅ ମୁହଁରେ ବୋହିଯାଏ—ସଜାସଜ, ଖିଆପିଆର ଆଡ଼ମ୍ବରକୁ ରାଜବିବାହ ସଙ୍ଗେ ତୁଳନା କଲେ ଦ୍ୱିତୀୟଟି ଦରିଦ୍ରତର ବୋଧ ହେବ । ତଥାପି ଏହା ବିଶେଷ ଆକର୍ଷଣୀୟ ବୋଧ ହେଉଥିଲା ।

ରାଜା ଈଶ୍ୱରଚନ୍ଦ୍ର ବାମଣ୍ଡା ରାଜଜେମାଙ୍କୁ ବାହା ହୋଇଥିଲେ । ତାଙ୍କ ସଙ୍ଗେ ୨୭ ଘର ହାତି, ୧୫୦ ଘର ଘୋଡ଼ା ଓ ପନ୍ଦରଶହ ବରଯାତ୍ରୀ ଯାଇଥିଲେ । ସେତେବେଳକୁ ମଟରଗାଡ଼ି ଗୃଳୁ ହୋଇ ନ ଥିଲା, ଜୋଇଁ ଗୋଟିଏ ହାତିଦାନ୍ତ ପାଲିଙ୍କିରେ ଶଶୁରଘରେ ହାଜର ହୋଇଥିଲେ ।

Digitized by srujanika@gmail.com

ବାମଣ୍ଡା ରଜା ଯାତାୟାତ ଲାଗି ଘୋଡ଼ା, ହାତୀ ଆଉ ଟମ୍‌ଟମ୍ ଗାଡ଼ି, ବିଶ୍ରାମ ଲାଗି ଅସ୍ଥାୟୀ ଘର, ତମ୍ବୁ, ବାଟଯାକ ବିଭିନ୍ନ ସ୍ଥାନରେ ଖାଦ୍ୟପେୟ ବ୍ୟବସ୍ଥା କରିଥିଲେ । ବିବାହ ଶ୍ରେଣୀରେ ୧୫୦ଟି ଚିତ୍ରମୁଣ୍ଡ ହସ୍ତୀ, ଦୁଇଶତ ଘୋଡ଼ା; ବହୁତ ଖାଡ଼ୁ ଆଲୁଅ; ନାଗରା, ଧୁମସା, କାହାଳୀ, ପେଙ୍କାଳି ଓ ବହୁତ ବାଇଦବାଜକାଠ ଶବ୍ଦରେ ଚୌଦିଗ ଉଚ୍ଛୁଳୁଥିଲା ।

ବିବାହକାଳରେ ପ୍ରତ୍ୟହ କୋଡ଼ିଏ ହଜାର ଲୋକଙ୍କ ଲାଗି ଭୋଜନବ୍ୟବସ୍ଥା ହୋଇଥିଲା, ବୃଦ୍ଧବୃଦ୍ଧା, ଦୁଃଖୀରଙ୍କୀଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା ।

ପୁଞ୍ଜିପତି ଦେଉଛନ୍ତି ମଟରଗାଡ଼ି ଯଉତୁକ । କିନ୍ତୁ ବାମଣ୍ଡାର ରଜା ବହୁ ଯାନବାହନ ମଧ୍ୟରେ ଜୋଇଁକି ଦେଇଥିଲେ ଦୁଇଟି ସୁନା ହାଉଦାପକା ଦନ୍ତାବଳ ।

ଈଶ୍ୱରଚନ୍ଦ୍ର କିନ୍ତୁ ମଉଜମଜଲିସରେ ମାତିପାରି ନ ଥିଲେ, ସେ ବର୍ଷ ଘୋର ମରୁଡ଼ି ବର୍ଷ । ବର୍ଷ ଅଧାରୁ ବର୍ଷା ବନ୍ଦ ହୋଇଗଲା । ଠିକ୍ ଥୋଡ଼ବେଳକୁ ଧାନ ମରିଶୋଇଲା । ସୁଖସମ୍ଭୋଗ ପଛକୁ ପକାଇ ଦେଇ ରଜା ପ୍ରଜାଙ୍କୁ ବଞ୍ଚାଇବା ଲାଗି ଲାଗିପଡ଼ିଲେ । ଜଣେ ହେଲେ ଲୋକଙ୍କୁ ସେ କଲିକତା ବା କାଳମାଟି ଛୁଡ଼ିଲେ ନାହିଁ । ତାଳମୂଳର ଲୋକେ ଆଉ କୋଉଠିକି ଯାଇ ମୁଣ୍ଡ ବିକିବେ, ଏ କଥା ରଜାଙ୍କୁ ବାଧିଲା ।

ସେ ଅମାର ଖୋଲିବାକୁ ଧନୀଲୋକଙ୍କୁ ଆଦେଶ ଦେଲେ । ଯୋଉମାନେ ବାସନକୁସନ, ଅଳଙ୍କାରପତ୍ର ବନ୍ଧାରଖି ଧାନ ଦେଉଥିଲେ, ଲୋକଙ୍କ ବିପଦରୁ ସମ୍ପଦ ଗୁଣୁଥିଲେ, ସେମାନଙ୍କ ପ୍ରତି କଠୋର ଶାସ୍ତି ବ୍ୟବସ୍ଥା ହେଲା । ଯୋଉମାନେ ଅଣ୍ଟା ଭିଡ଼ି ସେବାକାର୍ଯ୍ୟରେ ବାହାରି ପଡ଼ିଲେ, ସେମାନଙ୍କୁ ସଭା ସମକ୍ଷରେ ସମ୍ମାନିତ କରାଗଲା । ସୁନା କଙ୍କଣ, ସୁନା କୁଣ୍ଡଳ ପିନ୍ଧାଇ ଦିଆହେଲା କିମ୍ବା ମୁଣ୍ଡରେ ଶାଢ଼ୀ ବନ୍ଧାଗଲା ଓ ରାୟଚୌଧୁରୀ, ସୁବୁଦ୍ଧି, ସାହୁରତ୍ନ, ଦୟାସାଗର, ମାଳେନ୍ଦ୍ର, ରାୟ ଆଦି ଉପାଧି ଦିଆହେଲା ।

Digitized by srujanika@gmail.com

ଲୋକଓପାସରେ କେହ୍ବ ଯେପରି ଜଣେ ନ ମରନ୍ତୁ, ସେଥିପ୍ରତି ରାଜା ଦୃଷ୍ଟି ରଖିଲେ । କୃଷକାମ ବନ୍ଦ; ଲୋକେ ବେକାର । ରାଜା ରାଜ୍ୟର ବିଭିନ୍ନ ଅଞ୍ଚଳରେ ପୋଖରୀ ଖୋଳାଇଲେ, ବନ୍ଧ ବନ୍ଧାଇଲେ; ହିନ୍ଦୁମାନଙ୍କ ଲାଗି ଦେଉଳ, ମୁସଲମାନଙ୍କ ଲାଗି ମସଜିଦ୍ ତୋଳାଇଲେ । ନୂଆ ନୂଆ ରାସ୍ତାଘାଟ ନିର୍ମାଣ କରାଇଥିଲେ । ଗୋଟିଏ ହାଇସ୍କୁଲ ଓ ଡାକ୍ତରଖାନା ସ୍ଥାପନ କଲେ ।

ଅଖାଦ୍ୟ ଖାଇ ହଇଜା ଲାଗିଲା । ଚିକିତ୍ସା ବ୍ୟବସ୍ଥା ନ ଥିଲା । ହଜାର ହଜାର ଲୋକ ଶୋଇଗଲେ; ଗାଁ ଜନଶୂନ୍ୟ, କୋଉଠି କେମିତି ଅନାଥ ବାଳୁତଟିଏ । ରାଜା ଏମିତି ବହୁତ ଅନାଥ ଖୋଜିଆଣି ରାଜଧାନୀରେ ପାଳିଲେ, ପାଠ ପଢ଼ାଇଲେ । କେତେ ରୋଗିଣା ବୁଢ଼ା ବୁଢ଼ୀଙ୍କି ଆଣି ଥାଇତି କଲେ । ଚଳାଚଳ ଲାଗି ଉଭୟଙ୍କୁ ବେପାରେ ବସାଇ ବନ୍ଧ କରାଇଲେ, ଏମିତି ବହୁତ ବୁଢ଼ାବୁଢ଼ୀଙ୍କର ଘରଦ୍ୱାର ଓ ଚଳାଚଳ ଖର୍ଚ୍ଚ ସେ ଦେଉଥିଲେ । କେତେ ଦୁଃଖୀ ଗରିବଙ୍କ ବ୍ରତ ଓ ବିବାହଉତ୍ସବରେ ସେ ସାହାଯ୍ୟ କରୁଥିଲେ ।

ପ୍ରତି ସକାଳେ ବୁଲିଗଲାବେଳେ ସେ ଦଶ କୋଡ଼ିଏ ଟଙ୍କାର ଭେଜା ସଙ୍ଗରେ ନେଉଥିଲେ, ବାଟରେ ଦୁଃଖୀଗରିବ ଆଉ ରୋଗୀଙ୍କି ବାଣ୍ଟିଦେଉଥିଲେ । ତାଙ୍କ ଆସିବାବେଳ ହେଲେ ବାଟରେ ବହୁ ଲୋକ, ରଙ୍କୀ ରୁଣ୍ଡ ହେଉଥିଲେ ।

ଧାନକେନ୍ଦ୍ରାରେ ମଣିଷ ଜୀବନ । ଧାନ ଲକ୍ଷ୍ମୀ, ସେ ବୁଝିଥିଲେ । 'ପାଖ ବାଲି (ବିଲ) ଦୂର ମଟାଳ ଅପେକ୍ଷା ଭଲ' । ସେତେ ଯରସ ନ ହେଲେ ବି ସେ ଉଆସ ପାଖାପାଖି ଜମି ଚାଷ କରୁଥିଲେ, ବଡ଼ ବଳଦ ନ ପୋଷି ଶ୍ରେଷ୍ଠ ବଳଦ ପୋଷିଥିଲେ । ତାଙ୍କ ବଗୁରରେ ଶ୍ରେଷ୍ଠ ବଳଦ ଖାଆନ୍ତି କମ୍, କାମ କରନ୍ତି ବେଶୀ । ନିତି ଘୋଡ଼ାରେ ବସି ସେ ବୁଲି ବୁଲି ନିଜ ଚାଷ ଜମି ଦେଖୁଥିଲେ ।

ସେତେବେଳେ ବ୍ରହ୍ମପୁରରେ ରାଜକୁମାରମାନଙ୍କ ଲାଗି ଗୋଟିଏ ସ୍ୱତନ୍ତ୍ର କଲେଜ ଥିଲା । ସ୍ୱୟଂ ଈଶ୍ୱରଚନ୍ଦ୍ର ଏହାର ପରିଚାଳନା

Digitized by srujanika@gmail.com

କମିଟିର ସଭାପତି ଥିଲେ । କିନ୍ତୁ ସେ ନିଜ ପିଲାଙ୍କୁ ଏହି କଲେଜରେ ପଢ଼ାଉ ନ ଥିଲେ । ସେ ବୁଝିଥିଲେ—ରାଜକୁମାର କଲେଜ ଓ ଅନ୍ୟ ସାଧାରଣ କଲେଜ ଭିତରେ ତଫାତ୍ କ'ଣ । ରାଜକୁମାରମାନେ ବଦଭ୍ୟାସର ଅବତାର ଥିଲେ । ସେମାନେ ନିଜ ନିଜକୁ ବହୁତ ବଡ଼ ମନେ କରୁଥିଲେ, ଲୋକସାଧାରଣଙ୍କ ସଙ୍ଗେ ଆଦୌ ମିଶିପାରୁ ନ ଥିଲେ । ଆଡ଼ାଚୌଡ଼ା ଆଉ ଫୁର୍ତ୍ତିରେ ସେମାନେ ବହୁତ ପଇସା ଉଡ଼ାଇ ଦେଉଥିଲେ ।

ସେମାନେ ଇଂରେଜୀ ଆଦବ୍‌କାଇଦା ଖୁବ୍ ଶିଖୁଥିଲେ, ଦେଶୀୟ ରୀତିନୀତିକୁ ଘୋର କୁସଂସ୍କାର ବୋଲି ଘୃଣା କରୁଥିଲେ । ଗୋରା ସାହେବଙ୍କ ସାମ୍ନାରେ ଛେଳି, ଦେଶୀୟ ପ୍ରଜାଙ୍କ ଆଗରେ କନ୍ଟାଣ ମହାବଳ । ଶାସନ ଶିଖିବାକୁ ଯାଇ ରାଜକୁମାରମାନେ ଗୋଟିଏ ଗୋଟିଏ ଦୁଷ୍ଟ ଦୁଃଶାସନ ହୋଇ ଫେରୁଥିଲେ—ବିଦେଶୀ ଶାସନର ଏକାନ୍ତ ପକ୍ଷପାତୀ, ମୁକ୍ତିସଂଗ୍ରାମୀମାନଙ୍କର ଗଳଗ୍ରହ; ଗଡ଼ଜାତସବୁ ଇଂରେଜୀ ଶାସନର ରକ୍ଷାକବଚ ପରି କାମ କରୁଥିଲା ।

ଈଶ୍ୱରଚନ୍ଦ୍ର ଜାତିଆଣ ଭାବ ପ୍ରସାରର ଘୋର ବିରୋଧୀ ଥିଲେ । ସେ ରାଜପୁରୋହିତଙ୍କୁ ସଭାପତି କରି ରାଜ୍ୟରେ ଗୋଟିଏ ଆଠଜଣିଆ କମିଟି ଗଢ଼ିଥିଲେ, ଗୋଷ୍ଠୀ ବା ବର୍ଣ୍ଣ ବିଭେଦ ହେଲେ ଏହି କମିଟି ସମାଧାନ କରୁଥିଲେ, ଶେଷ ମୀମାଂସା ଦେଉଥିଲେ ସ୍ୱୟଂ ରାଜା ।

ବ୍ରାହ୍ମଣମୁଖ୍ୟ ମକଦ୍ଦମ, କ୍ଷତ୍ରିୟମୁଖ୍ୟ ସର୍ଦ୍ଦାର, କରଣମୁଖ୍ୟ ବେବର୍ତ୍ତା ବା ବକସି, ପାଇକମୁଖ୍ୟ ଦଳବେହେରା, ଗଉଡ଼ଙ୍କ ମୁଖ୍ୟ ସାହସମଲ୍ଲ, ଗୁଡ଼ିଆଙ୍କ ମୁଖ୍ୟ ଯୋଗଣିଆ ମହାପାତ୍ର—ଏମାନେ ଏହି କମିଟିର ସଭ୍ୟ ଥିଲେ ।

ଶାସନ ଦିଗରେ ଅଲଗା ହେଲେ ବି ସଂସ୍କୃତି ଦିଗରୁ ଓଡ଼ିଶାର ମୋଗଲବନ୍ଦୀ ଆଉ ଗଡ଼ଜାତ ଗୋଟିଏ ଥିଲା—ଧର୍ମ ଓ ଭାଷା ଦିଗରୁ ପ୍ରାୟ ସମସ୍ତେ ଏକାକାର । ଗଡ଼ଜାତ ରାଜାମାନେ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ, ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଲାଗି ବହୁ ଅର୍ଥ ସାହାଯ୍ୟ

Digitized by srujanika@gmail.com

ଦେଇଥିଲେ; ଉତ୍କଳସମ୍ମିଳନୀର ବାର୍ଷିକ ସଭାରେ ସେମାନେ ସଭାପତି ହେଉଥିଲେ, ଓଡ଼ିଆଭାଷା ଓ ସାହିତ୍ୟର ଇତିହାସ, ଉତ୍କଳପ୍ରଭା, ଭଞ୍ଜପ୍ରଦୀପ ଓ ସମ୍ବଲପୁର ହିତୈଷିଣୀ ପ୍ରଭୃତି ପତ୍ରିକା ଓ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରକାଶରେ ସେମାନେ ବିଶେଷ ସାହାଯ୍ୟ କରିଥିଲେ । ସୋନପୁର ମହାରାଜା କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍ ଏ: ଶ୍ରେଣୀ ଖୋଲଇଥିଲେ । ତାଳମୂଳର ରାଜା ଈଶ୍ୱରଚନ୍ଦ୍ର ଓଡ଼ିଶାର ଅଗ୍ରଗତି ଲାଗି ମୁକ୍ତ ହସ୍ତରେ ସାହାଯ୍ୟ କରିଥିଲେ ।

ତାଳମୂଳକୁ ରାଜା ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ କରିଥିଲେ; ସୂତା ଛଡ଼ା ଆଉ କିଛି ଆମଦାନୀ ହେଉ ନ ଥିଲା । ଗ୍ରାମେ ଗ୍ରାମେ ଚୂଲଥିଲା ତନ୍ତ; ସତାଲୁଗା, ଗାମୁଛା ଛଡ଼ା ବଣରୁ କୋଷା ସଂଗ୍ରହ କରି ତନ୍ତୀ ତସର କନା ବୁଣୁଥିଲା; ପଥର ତରଲାଇ କମାର ଲୁହା ଜିନିଷ, କଂସାରୀ ପିତ୍ତଳ ଜିନିଷ ତିଆରି କରୁଥିଲେ ।

ତାଳମୂଳର ଅଧିକାଂଶ ବନ, ପାହାଡ଼, ରଜାଙ୍କ ମନ ଯେମିତି ଜମିର ଧାନରେ, ସେମିତି ପାହାଡ଼ ବନରେ । ଆମ୍ବ, ଶାଳ, ପିଆଶାଳ ବଉଳ ଆଉ ଲାଲ୍ କେନ୍ଦୁ ପତ୍ର ଦେଖିଲେ ସେ ଆନନ୍ଦରେ ନାଚଉଠନ୍ତି । ବସନ୍ତବନରେ ହାତୀରେ ବସି ପାହାଡ଼ ବୁଲିବା ତାଙ୍କର ଗୋଟିଏ ବିଳାସ । ନିଜ ରାଜ୍ୟର ସବୁ ଗଛବୃଛକୁ ସେ ଚିହ୍ନନ୍ତି । ପଶୁପକ୍ଷୀଙ୍କ ସଙ୍ଗେ ପରିଚୟ ଜମେଇଥାନ୍ତି । ବନର ପୁରୁଣା ଅଭିଭାବକ ପରି ଦିଶୁଥିବା ଗଛରୁ ଗୋଟିଏ କିଏ କାଟିନେଲେ ସେ ଜାଣିପାରନ୍ତି । ବାରମ୍ବାର ରାଜଦୃଷ୍ଟି ପଡ଼ୁଥିବାରୁ ଜଙ୍ଗଲ ଶେଷ ହୁଏ ନାହିଁ; ରାଜା ପାହାଡ଼, ଜଙ୍ଗଲରୁ ପ୍ରଚୁର ଆୟ କରନ୍ତି । ଏମିତି କଡ଼ା କଟକଣା ସେ କରିଥାନ୍ତି ଯେ ଜଙ୍ଗଲରୁ ପତ୍ରଟିଏ, ପାହାଡ଼ରୁ ପଥରଖଣ୍ଡେ, ନଈରୁ ବାଲି ଟୋକେଇଏ କିଏ ନେଲେ ସେ ଜାଣିପାରନ୍ତି ।

ପାହାଡ଼ଉପର ଗଛ, ଅତଡ଼ାର ଗଛ କାଟିବାକୁ ମନା, କାରଣ ମାଟି ଧୋଇହୋଇ ଜମି ଅନୁର୍ବର ହୁଏ, ରାସ୍ତାଧାରର ଗଛ କାଟିବାକୁ ମନା, କାରଣ ସୌନ୍ଦର୍ଯ୍ୟହାନି ଘଟେ ।

Digitized by srujanika@gmail.com

ଭୂଇଁରୁ ପୋଛି ଗଛ କାଟିବାକୁ ଆଜ୍ଞା—ତା'ହେଲେ କଟାଗଛରୁ ପିଲ ବାହାରି, ପୁଣି ବଡ଼ ବଡ଼ ଗଛ ହୁଏ । ସହଜରେ କ୍ଷତର ଭରଣା ହୋଇଯାଏ ।

ମହାଗିନି, ଶାଗୁଆ , ପିଆଶାଳ, ରବର ଆଦି ଗଛ ବହୁ ସଂଖ୍ୟାରେ ଲଗାଇବାକୁ ଜଙ୍ଗଲ ରେଞ୍ଜରଙ୍କୁ ନିର୍ଦ୍ଦେଶ ଥିଲା । ପାଣିସୁଆ ଲଗା ଗଛରେ ପାଣିଦେଇ ବଞ୍ଚାଉଥିଲା । ହଳଆ ଜଙ୍ଗଲର ରକ୍ଷକ । ଜଙ୍ଗଲରେ ନିଆଁ ଲାଗିଲେ ଆଖପାଖ ଗ୍ରାମବାସୀଙ୍କି ଡାକି ସେ ଲିଭାଇଥାଏ । ଘାଟିଆ ଜଙ୍ଗଲ୍‌ଜିନିଷର ଆମଦାନି ରପ୍ତାନି ସମ୍ବାଦ ଦିଏ ।

ଶଅର, ଚଅଁଳା ପ୍ରଭୃତି ଆଦିବାସୀମାନେ ଜଙ୍ଗଲରୁ ବିନାନୁମତିରେ ଘାସ, ଲଇ, ପତ୍ର, ଦାନ୍ତକାଠି, କୁମ୍ଭାରମାନେ ହାଣ୍ଡି ପୋଡ଼ିବା ଲାଗି ଲଟା । ଜଙ୍ଗଲ, ଘଣ୍ଟିରିମାନେ କାଠକୋଇଲା, କୁନ୍ଦୁରି, ଖଡ଼ୁରି, କଂସାରି, ଅଠାରି ଓ ସିଥୁରିମାନେ ଅଜାଡିଆ କାଠ, କମାରମାନେ ପଥରକୋଇଲା, ପଥୁରିଆମାନେ ଶିଳ, ଚକି, ପଥୁରି, କୁଣ୍ଡ ଲାଗି ପଥର ସଂଗ୍ରହ କରିପାରୁଥିଲେ । ମୋଚିମାନେ ଗୁଳି, ପତ୍ର ନେଇ ଚମଡ଼ା କଷୁଥିଲେ । ଝରିମାନେ ବର୍ଷକୁ ଏକ ଟଙ୍କା ଫି ରଜାଙ୍କୁ ଦେଇ ବ୍ରାହ୍ମଣୀନଈରୁ ସ୍ୱର୍ଣ୍ଣରେଣୁ ସଂଗ୍ରହ କରିପାରୁଥିଲେ । କୁନ୍ଦୁରିମାନେ କମକୂଟ କାମ ପାଇଁ ମିଟୁ କୁଣିଆଁ, କୁମ୍ଭି ଓ କଟଗଞ୍ଜି କାଠ ସଂଗ୍ରହ କରୁଥିଲେ ।

ଗୃହଜମି ଅପେକ୍ଷା ଏକା ତାଳମୂଳ କାହିଁକି, ସମସ୍ତ ଗଡଜାତ ରାଜ୍ୟରେ ଜଙ୍ଗଲ ପରିମାଣ ବେଶୀ ଥିଲା । ଜଙ୍ଗଲ ଖିନ୍‌ଖରାପ ହେଲେ ବା ଜଙ୍ଗଲଜାତ ଦ୍ରବ୍ୟ ଚୋରି ହେଲେ ରଜାଙ୍କର ମାରାତ୍ମକ କ୍ଷତି ଘଟୁଥିଲା । ତେଣୁ ଜଙ୍ଗଲ ପରିଚାଳନାରେ କଡ଼ା ଶୃଙ୍ଖଳା ଜାରି ଥିଲା ଓ ଚୋରକୁ କଠୋର ଶାସ୍ତି ଦିଆହେଉଥିଲା ।

ଗେଙ୍ଗୁଟି, ମାଙ୍କଡ଼ାପଥର, ମାଟି, କାଠ, ଘାସ, ମୃଦଙ୍ଗାର, ବେତ, ନଳ, ଲଟା, ସଉଳ, ଫୁଲ, ଫଳ, ରସ, ଛେଲି, ମହୁ, ମହମ,

Digitized by srujanika@gmail.com

ଲାଖ, ରବର, କୁନ୍ଦ, ଘାସତେଲ, ଝୁଣା, ବାର୍ଣ୍ଣିସ୍, କୋଷାପୋକ, ପାଳୁଅ, ହାଡ଼ଦାନ୍ତ, ହାଡ଼, ଶିଙ୍ଘକୁ ଜଙ୍ଗଲଜାତ ଦ୍ରବ୍ୟଭାବେ ଧରାଯାଉଥିଲା ।

ଜଙ୍ଗଲ ଦୁଇ ଭାଗରେ ବିଭକ୍ତ ଥିଲା—ରକ୍ଷିତ ଓ ଖୁଡ଼ି; ଶାଳ, ପିଆଶାଳ, ମହୁଲ, ଶିଶୁ, କେନ୍ଦୁ, ବାନ୍ଧଣ, କଙ୍ଗଲା, କୁରୁମ, ଗମ୍ଭାରୀ, ଖଇର, ଆମ୍ବ, ପଣସ, ହରଡ଼ା, ବାହାଡ଼ା, କୋଚିଲା, ନାଗେଶ୍ୱର, କୁସୁମ, ତିନ୍ତୁଳି, ଶଳପ, ଜାମୁ, ଶିମୁଳି, ଅସନ, ସାଗୁଆନ, ଅଁଳା, ଶିରୀଷ, ଲିମ୍ବ, ମହାଲିମ୍ବ, ଚାର, ଖୀରକୋଳି, ତାଳ, ଖଜୁରି, ସୁନାରି, ଗୋହିରା, ବେଲ, ଆଛୁଆ ଜାତିଆ ଗଛ । ଘର ଓ ଚାଷକାମ ଲାଗି ଜୁଆଳି, ଈଷ, କଣ୍ଟି, ଲଙ୍ଗଳ ମୁଣ୍ଡା, ଶଗଡ଼ଦଣ୍ଡା, ମଇ, କଳା, ପଟା, ଫଳ, ଖଳାବାଡ଼ ବାଡ଼, କଣ୍ଟାଝାଟି ଆଖୁଡ଼ରୁଅ ଆଦି ଅନୁମତିକ୍ରମେ ରକ୍ଷିତ ଜଙ୍ଗଲରୁ ସଂଗୃହୀତ ହେଉଥିଲା । କାରଣ ନ ଦର୍ଶାଇ ପ୍ରଜା କୁସୁମ ଶିଶୁ, ଖଇର, ଅଁଳା, ଚାର, କ୍ଷୀର, ମହୁଲ, ଆଦି ଗଛ କାଟିବାକୁ ମନା ଥିଲା । ବେଏଣ୍ଟା, ଭେରୁ, ସିଧା, କଣ୍ଟମିରା, ମଇ, ରାଇପାଟଳୀ, କୁମ୍ଭୀ, ଚେନ୍ଦରା, ଧଉରା, ଲେମ୍ବୁରି, କମଳାଗୁଣ୍ଡି, ଘଣ୍ଟୁଳି, ଝାଟଳି, ଡାଲଟିଙ୍ଗ, କୁରେଇ ଅତି ଆବଶ୍ୟକ ଗଛ ମଧ୍ୟରେ ଯାଉଥିଲେ । ଘର ପୋଡ଼ିଗଲେ ବା ଭାସିଗଲେ ପ୍ରଜା ଜାତିଆ ଅଜାତିଆ ଉଭୟ କାଠ ରକ୍ଷିତ ବା ଖୁଡ଼ି ଜଙ୍ଗଲରୁ କାଟିପାରୁଥିଲା । କାରଣ 'ଆତୁରେ ନିୟମ ନାସ୍ତି ।'

ଜଙ୍ଗଲଜାତ ଦ୍ରବ୍ୟ ସେତେବେଳେ ରଜା ପ୍ରାୟ ଏଇ ଦରରେ ବିକ୍ରୀ କରୁଥିଲେ—ମହୁଲଗାଡ଼ିକୁ ଚାରି ଟଙ୍କା, ହରଡ଼ା, ବାହାଡ଼ା, ଅଁଳା ଗାଡ଼ିକୁ ଦୁଇ ଟଙ୍କା, କୋଚିଲା ଗାଡ଼ିକୁ ପାଞ୍ଚ ଟଙ୍କା, ଟୋଲ, କୁସୁମ, କରଞ୍ଜମଞ୍ଜି ମହଣକୁ ପାଞ୍ଚ ଟଙ୍କା, ଅସ୍ତା (କଞ୍ଚା) ପାଞ୍ଚ ଟଙ୍କା, ଆଛୁ ଦି ଟଙ୍କା, ଚିଉଳିଆ ଲାଖ ଚାଳିଶ ଟଙ୍କା, ଝୁଣା ଚାଳିଶ ଟଙ୍କା, ତାଳକମାଟି ଗାଡ଼ିକୁ ଆଠଅଣା, ଗେରୁ ଦୁଇ ଟଙ୍କା, ମହଣ ସେରକୁ ଦୁଇଅଣା, ମହୁ ସେରକୁ ଛ' ଅଣା, ଲୁହାପଥର ଦୁଇଅଣା, କମଳାଗୁଣ୍ଡି ସେର ଦି' ପଇସା, ତିନ୍ତୁଳି ଗାଡ଼ିକୁ ଦି ଟଙ୍କା, ଖଡ଼ିମାଟି ଶହେ ଘନଫୁଟକୁ

Digitized by srujanika@gmail.com

ଏକ ଟଙ୍କା, ସେବାଇ ଘାସ ଗାଡ଼ି ଆଠ ଅଣା, ଡ଼ୋଲଙ୍ଗା ହଜାରକୁ ପାଞ୍ଚ ଟଙ୍କା, ଛଣ ପନାସି ହଜାରେ ବଡ଼ାକୁ ଆଠ ଅଣା, ଆଖୁ ଚରୁଆ ଶହେଟାକୁ ବାରଣା, ଘଣାଗଣ୍ଡି ଗୋଟାକୁ ଦ ଟଙ୍କା, ଢର୍କି ଗୋଟାକୁ ଚୃରଣା, ଶଗଡ଼ ଚକ ଯୋଡ଼ାକୁ ଏକ ଟଙ୍କା, ବଡ଼ ଡଙ୍ଗା କାଠ ଗୋଟାକୁ ବାରଣାରେ ବନ୍ଦୀ ହେଉଥିଲା । ଖଇରକୁ ଏକ ହାଣ୍ଡି ଖଇର ରାନ୍ଧିବାକୁ ବର୍ଷକୁ ପାଞ୍ଚ ଟଙ୍କା, ତିନ ମାଣ ଜମିର କୁସୁମଗଛରେ ଲାଖ ଚରାଇବାକୁ ବର୍ଷକୁ ପାଞ୍ଚ ଟଙ୍କା, ତିନମାଣ ଜମିରେ ଅସନ ଗଛରେ ଟକୋଷାପୋକ ଚରାଇବାକୁ ବର୍ଷକୁ ରାଜାଙ୍କୁ ଏକ ଟଙ୍କା ଫି ଦେବାକୁ ହେଉଥିଲା । ସେତେବେଳକୁ ଜଙ୍ଗଲ ବନ୍ୟଜନ୍ତୁଭରା । ଜଙ୍ଗଲଜାତଦ୍ରବ୍ୟ ପରି ବନ୍ୟଜନ୍ତୁ ବିକ ବି ରଜା ବେଶ୍ ଲାଭବାନ୍ ହେଉଥିଲେ । ବାଘଛୁଆ ଆଠଅଣା, ଭାଲୁ ଛୁଆ ଏକ ଟଙ୍କା, ବାର୍ହାଛୁଆ ଦୁଇ ଟଙ୍କା, ଶମ୍ବରଛୁଆ ତିନ ଟଙ୍କା, କୁଟ୍ରା ଏକ ଟଙ୍କା, ହଂସ ଗୋଟାକୁ ଏକ ଅଣା ଦରରେ ବନ୍ଦୀ ହେଉଥିଲା ।

ଅନୁମତିକ୍ରମେ ଫସଲନଷ୍ଟକାରୀ ଜନ୍ତୁଙ୍କୁ ମାରି ଶିକାରୀ ଚମଡ଼ା, ଶିଙ୍ଘର ଅଧିକାରୀ ହେଉଥିଲା । ଗୁଡ଼ ଜଙ୍ଗଲରୁ ଶମ୍ବରଟିଏ ମାଇଲେ ପନ୍ଦର ଟଙ୍କା, ମୟୂର ପାଞ୍ଚ ଟଙ୍କା, ଝିଙ୍କ ବା ଗୁରାଣ୍ଡି ଲାଗି ଏକ ଟଙ୍କା, ଖରିଆ ଲାଗି ଆଠ ଅଣା ଫି ଦେବାକୁ ପଡ଼ୁଥିଲା । ବାର୍ହା ମାରିଲେ କୌଣସି ଫି ଦେବାକୁ ହେଉ ନ ଥିଲା । ଭାଲୁ, ମହାବଳବାଘ, ଚିତାବାଘ, ହାତୀ, ଆତ୍ମରକ୍ଷା ବ୍ୟତୀତ ମାରିବାକୁ ମନା ଥିଲା । ଚର୍ମଘୂଟିଆ, ଗ୍ରେଟ ଶିଙ୍ଘାଳ, ଶିଙ୍ଘ ନ ଥିବା ଅଣ୍ଡିରା ହରଣ ମାରିବା ନିଷେଧ ଥିଲା ।

ଜାଲ ମେଲି, ଗିଡ଼୍ଦା ତିଆରକରି, ବିଷ ବା ବିଦ୍ୟୁତ୍ ଆଲୋକ ପ୍ରୟୋଗ କରି ଜଙ୍ଗଲରୁ ଜୀବହତ୍ୟା କରିବା ମନା ଥିଲା ।

ଜମିର ଖଜଣା, ଜଙ୍ଗଲ ଠିକସ, କୋଇଲଖଣିର ରୟାଲ୍ଟି ମିଶି ପୂର୍ବରାଜାଙ୍କ ଆୟର ବହୁ ଗୁଣ ହୋଇଥିଲା । ଈଶ୍ୱରଚନ୍ଦ୍ର ଏ ଆୟକୁ ସ୍କୁଲ୍, ଡାକ୍ତରଖାନା, ଅନାଥାଶ୍ରମ, ଧର୍ମଶାଳା, ଅତିଥିଶାଳା ଓ ପାର୍କ ନିର୍ମାଣରେ ବ୍ୟୟ କରିଥିଲେ । ରାଜଧାନୀରେ ଟେଲିଫୋନ୍ ଓ ବିଜୁଳିଆଲୁଅ ଲାଗିବାରେ ବି ବହୁ ବ୍ୟୟ ହୋଇଥିଲା ।

Digitized by srujanika@gmail.com

ସୁନିଆଁକୁ ନୁହେଁ, ଦଶହରାକୁ ତାଙ୍କର ସୁନକଣ୍ଠା ନୂଆ ଅଙ୍କ ଆରମ୍ଭ ହୁଏ । ସେତେବେଳେ ଦରବାର ହଲ୍‌ରେ ବାର୍ଷିକ ରାଜଦରବାର ବସୁଥିଲା । ରାଜା, ଯୁବରାଜ, ଦେବାନ୍, ସେକ୍ରେଟରୀ, ପୋଲିସ ଅଫିସର, ଇଞ୍ଜିନିଅର, ଡାକ୍ତର, ଭାଇବରାଦର, କବି ବା ଲେଖକ, ଗଳ୍ପସାଗର, ବିଦୂଷକ, ପଣ୍ଡିତ ପ୍ରଭୃତି ସମସ୍ତେ ରାଜ୍ୟର ବିଧିମୁତାବକ ମୁଣ୍ଡରେ ହଳଦିଆ ପଗଡ଼ି ଭିଡ଼ିଥାନ୍ତି, ଆଗରୁ ସ୍ଥିରୀକୃତ ଆସନରେ ବସନ୍ତି । ଗତ ବର୍ଷର ଆୟବ୍ୟୟ, ଶୁଭଅଶୁଭ, ରାଜାଙ୍କର ରାଜ୍ୟ ବା ରାଜ୍ୟବାହାର ଗସ୍ତ, ଯୁବରାଜ ବା ଜେମାଙ୍କର ମଙ୍ଗଳକୃତ୍ୟ, ହାତୀଖେଦା, ଇଂରାଜୀ ରାଜକର୍ମଚାରୀଙ୍କ ଆଗମନ, ଶିକାର ଉଦ୍ଦେଶ୍ୟରେ କମିସନର ସାହେବ, ଜୁନାଗଡ଼ ବା ଭୋପାଳର ନବାବ, ହାଇଦରାବାଦର ନିଜାମ, କିମ୍ବା ନେପାଳ ରାଜାଙ୍କ ଆଗମନ, ପୁଷ୍କରିଣୀ ବା ମନ୍ଦିରର ଜୀର୍ଣ୍ଣ ସଂସ୍କାର, ଉତ୍କଳସମ୍ମିଳନୀର ସଭାପତିଭାବେ ଭାଷଣ ପ୍ରଦାନ ଆଦି ଯାବତୀୟ କଥା ବାର୍ଷିକ ବିବରଣୀରେ ସ୍ଥାନ ପାଉଥିଲା, ବିଶିଷ୍ଟ କବି ବା ଗାୟକଙ୍କୁ କବିଭୂଷଣ, ଗାୟକରତ୍ନ, ପଣ୍ଡିତଙ୍କୁ ବିଦ୍ୟାର୍ଣ୍ଣବ ଆଦି ଉପାଧିରେ ଭୂଷିତ କରି ସମ୍ମାନିତ କରାଯାଉଥିଲା ।

ପାଇକଖେଳ ଦଶହରାର ମୁଖ୍ୟ ଆକର୍ଷଣ । ଧନୁଶରରେ ପୁରୁଣା ଧରଣର ଲକ୍ଷ୍ୟବିନ୍ଧା, ବନ୍ଧୁକର ଗୁଳିରେ ଲକ୍ଷ୍ୟଭେଦ, ତେଲଚିକଣା ସ୍ତମ୍ଭରେ ଖାଲିଦେହରେ ଊର୍ଦ୍ଧ୍ୱାରୋହଣ, ମଲ୍ଲଯୁଦ୍ଧ, ଛୁରୀବାଘ ଯୁଦ୍ଧ, ଘୋଡ଼ାଦୌଡ଼ ପ୍ରତିଯୋଗିତା ବିଶେଷ ଆଖିଦୃଶିଆ ଥିଲା । ଖେଳବାଜାର ଆନନ୍ଦହିଲ୍ଲୋଳ ମଧ୍ୟରେ ରାଜା ଜେତାମାନଙ୍କ ମୁଣ୍ଡରେ ଶାଢ଼ୀ ବାନ୍ଧୁଥିଲେ । ଦରବାର ଆଉ ପାଇକଖେଳ ପରେ ରାଜଭୋଜି—ପାଟିରେ କେତେ ସୁଆଦିଆ ପଦାର୍ଥ ଲାଗୁଥିଲା, ବାହ୍ମଦିନର ଅରୁଚି ଛୁଟୁଥିଲା ।

ରାଜ୍ୟବାହାରେ ରାଜା ଖୁବ୍ ନାଁଡାକ୍ ଥିଲେ; ସେ ନିଖିଳ ଭାରତୀୟ ନରେନ୍ଦ୍ରମଣ୍ଡଳୀର ସମ୍ମାନିତ ସଭ୍ୟ ଥିଲେ, ଓଡ଼ିଶାର ପାଠୁଆ ମହଲରେ ବି ନାଆଁ କମେଇଥିଲେ; ଖାଲି ରଜା ବୋଲି ନୁହେଁ, ମନଚାହାର ଗ୍ରାହକ ଭାବରେ ତାଙ୍କର ସମ୍ମାନ ଥିଲା । ତାଙ୍କ ଧନମାନ,

Digitized by srujanika@gmail.com

ଦାନଶୀଳତା ଓ ମହତ୍ତ୍ୱରେ ମୁଗ୍ଧ ହୋଇ ପୁରୀ ରାଣୀ ସୂର୍ଯ୍ୟମଣି ପାଟମହାଦେଈ ଈଶ୍ୱରଚନ୍ଦ୍ରଙ୍କୁ ପାର୍ଶୀ ଓ ଓଡ଼ିଶାରେ ଚାମରସେବା ସନନ୍ଦ ଦେଇଥିଲେ—

'ତୁମ୍ଭଙ୍କୁ ଯେ ଅନୁଗ୍ରହ କରି ମହେନ୍ଦ୍ର ବାହାଦୂର ପଦ, କଳା ଛତ୍ର, ଧଳା ଛତ୍ର, କାହାଳୀ, ମଗରମୁହାଁ ପାଲିଙ୍କି, ରୂପାବେଣ୍ଟ ଚାମର, କର୍ପୂର ଝୁଲ, ସୋଠା ବରଦାର, ହାତୀ ଉପରେ ପତାକା, ଘୋଡ଼ା କାନରେ ତଉଁର, ଦୋଶାଖା ମସାଲ—ଆଜ୍ଞା ଦେଲୁଁ ଏ ସଲତନ ବଜେ ସହର ଗୃରକ୍ଷେନ ଗୁଡ଼ ଆଉ ସବୁଠାରେ କରିବ । ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନକୁ ଆସିଲେ ଆଉ ସମସ୍ତ ସଲତନରେ ଆସି ଛତ୍ର, କାହାଳୀ ବନ୍ଦ ଥାଇ ସିଂହଦ୍ୱାର ଚକଡ଼ାତଳେ ରଖି ଦେଉଳ ବେଢ଼ା ଭିତରକୁ ସଙ୍ଗେ ଦୁଇଗୋଟି ମଶାଲ ନେଇ ଦର୍ଶନକୁ ଯିବ ଭଣ୍ଡାରରୁ ସୁନା ବେଣ୍ଟ ଚାମର ପାଇ ଅର୍ଗଳି କାଠଠାରେ ଚାମରସେବା କରିବ, ତୁମ୍ଭ ଔରସ ଦର୍ଶନକୁ ଆସିଲେ ଦେଉଳ ଅଧା ଶୋଧ କରି ଦକ୍ଷିଣ ଦ୍ୱାର ଗୁମୁଟଠାରେ ପାଲିଙ୍କି ରଖି ଦର୍ଶନ କରାଇବ । ଆଉ ବିଷୟ ଖଟଣୀ କହିବାରୁ ଜାଣିବ, ୧୦ ଅଙ୍କ, ବିଚ୍ଛା ମାସ, ୭ ଦିନ ।ଇ। ପୁରୀରାଜାଙ୍କ ମୋହର, ସୂର୍ଯ୍ୟମଣି ପାଟମହାଦେଈଙ୍କ ସନ୍ତକ ।

ରଜାଙ୍କର ଚିନ୍ତା ଥିଲା ରାଜ୍ୟର ମଙ୍ଗଳଚିନ୍ତା, କାର୍ଯ୍ୟ ମଙ୍ଗଳକାର୍ଯ୍ୟ, କିନ୍ତୁ ସମୟ ଆସିଲା, ଲୋକେ ରଜାଙ୍କର କାର୍ଯ୍ୟକୁ ଅକାର୍ଯ୍ୟ ବୋଲି ବୁଝିଲେ; ସବୁ ଓଲଟା ବୁଝାମଣା ହେଲା ।

ବେଳେ ବେଳେ ହିତ କାମର ଅହିତ ଫଳ ହୋଇଥାଏ । ଯେମିତି ଦୁହାଁଳିଆ ଗାଈର ଜଙ୍ଘ ବାଛୁରିର ବନ୍ଧନର କାରଣ ହୋଇଥାଏ ।

ହାଓ୍ୱା ବଦଳିଗଲା; ସୁଲୁ ସୁଲିଆ ପବନ ପାଲଟିଲା ଝାଞ୍ଜି । ରଜାଙ୍କୁ ବିଷ୍ଟିଯୋଗ ପଡ଼ିଲା; ଘରଡ଼ିଙ୍କି କର୍ମ୍ମାର ହୋଇ ଖାଇ ଗୋଡ଼ାଇଲା—ସାରା ଓଡ଼ିଶାରେ ବା ଭାରତବର୍ଷରେ ନୁହେଁ, ସମଗ୍ର ପୃଥିବୀରେ । ଯଦୁବଂଶ ଆତ୍ମଧ୍ୱଂସର ବାଟ ନିଜେ କାଢ଼ିଥିଲେ । ଲୋକେ

Digitized by srujanika@gmail.com

ମୁଣ୍ଡଧାରଣା କରି ଜଣଙ୍କୁ ଆଣି ସିଂହାସନରେ ବସାଇଥିଲେ । ସେ ଆତ୍ମବିସ୍ତାର କଲା । ବୋଝ ଦାବିଲା—ବଳୀକ ପାତାଳକୁ ଗୃପିଲା ପରି; ବୃଦ୍ଧାଳୀ ଉଷ୍ଣଧରଦେଲା ସେ ବୋଝ । ରାଜତନ୍ତ୍ର ଲୋପ ପାଇଲା ।

କଥା ଅଛି—'ବିନାଶକାଳେ ବିପରୀତ ବୁଦ୍ଧି' । ତାଙ୍କୁ ଓଲଟା ବୁଦ୍ଧି ହିଁ ଦେଖାଗଲା; କିମ୍ବା ସେ ସମସ୍ତ ସେଇଆ । ଘଟଣା ସବୁ ତା ବାଟକୁ ତା ବାଟେ ଗୁନ୍ଥି ହୋଇ ଫଳ ଘଟିଯାଏ । ତୁମେ କିଛି କର ବା ନ କର ।

ଦହିହାଣ୍ଡିରେ କପର ଆସି ମୂଷଳ ପଶିଲା ? ତା ଏହିପରି— ରଜା ଥରେ ହିଙ୍ଗୁଳା ଦର୍ଶନକୁ ବାଜେ ହୋଇଥିଲେ, ତାଙ୍କ ଆଖିରେ ପଡ଼ିଲା ଗୋଟିଏ ଗାଈଜଗା ଟୋକା—ଦେହୁରୀ ଘରେ ଥିଲା—ଅନାଥ, ଚଟକା ମୁଣ୍ଡରେ ଝାମ୍ପୁରି ବାଳ ଆଖିରେ ପଡ଼ିବାରୁ ଡାହାଣରୁ ବାଆଁ, ବାଆଁରୁ ଡାହାଣ ଗୁଞ୍ଚୁଥାଏ ।

ସାବନା ବାହରେ ବହଲ ମଳି, ଲାଳ୍ ଧୂଳି । କଉପୁନୀମର; ମୁଣ୍ଡରେ ଝାମ୍ପି, ହାତରେ ବାଡ଼ି । ଗୋବର ଟାଙ୍କର ନାଆଁ ଧରି ଡାକ ପକାଉଥାଏ ।

ଈଶ୍ୱରଚନ୍ଦ୍ରଙ୍କର କ'ଣ ମନ ହେଲା କେଜାଣି, କହିଲେ—ଏ ପିଲାଟିକି ଉଆସରେ ଛାଡ଼ିଦେଇ ଆସିବ । ମୋ ପାଖରେ ରହି ବୋଲହାକ କରିବ । ରଜା ତୁଣ୍ଡ ଫିଟାଇ କହିଲେ ମାନେ ହୁକୁମ୍ ଦେଲେ । ଏଥିରେ ହାନିଲାଭ କ'ଣ ଅଛି ନ ଅଛି, କହିବ କିଏ ? ଦେହୁରୀ ହୁକୁମ୍‌ମତେ କାମ କଲା ।

ରାଜଉଆସ ଦେଖି ଗୋବରର ଆଖି ଖୋସି ହୋଇଗଲା । ସିଉଳଲଗା ଭୁଟପରି ଉଆସ ଚଟାଣ ସାଉଁଳିଆ, ପାଦ ଚପି ଗୃଲୁ ଗୃଲୁ ବି ସେ କଚଡ଼ାଏ ବି କଚଡ଼ା ଖାଇଲା । ଭାଗ୍ୟକୁ କେହି ଦେଖିନାହାନ୍ତି । ହସିଥାନ୍ତେ । ଗୁଡ଼ାଏ ଆଲୁଅରେ ତା ଆଖି ଝଲସିଯାଏ, ପାଦ ଛନ୍ଦିମନ୍ଦି ହୋଇଯାଏ ।

Digitized by srujanika@gmail.com

ଉଆସର ସଫାସୁତରା ମଣିଷ ଦେଖି ସେ ଶଙ୍କି ପଛେଇଯାଏ । ଦାସୀମାନେ ନିଜ ନିଜ ଭିତରେ କଥାଭାଷା ହୁଅନ୍ତି—ଏ ବଣଭାଲୁଟାକୁ ରଜା କୋଉଠୁ ଧରିଆଣିଛନ୍ତି, ବଣଜନ୍ତୁ ମେଳରେ ଜନ୍ତାରେ ନ ରଖି କାଇଁକି ଉଆସକୁ ଆଣିଛନ୍ତି ?

ସେ ଗୁପଚକ୍‌କଣିଆ ଚେହେରା କେତେ ଦେଖିଲା, ନ ଚାଖିଲା ଜିନିଷ କେତେ ଚାଖିଲା, ବହୁତ ମଉଜରେ ତା ଦିନ ପାଣି ପରି ବୋହିଗଲା ।

ପାହାଡ଼ପରି ଉଞ୍ଚ ଘର, ଗୋଟାକ ଉପରେ ଆଉ ଗୋଟାଏ ଲଦି ହୋଇଛି । ଅଜାଡ଼ି ହୋଇ ପଡ଼େ ନ ପଡ଼େ ।

କେଡ଼େ କେଡ଼େ ହାତୀ, କାନ ହଲାଉଛନ୍ତି ନା ବିଞ୍ଚିହଉଚନ୍ତି ? କେଡ଼େ ଟିକି ଟିକି ଆଖି ମିଟି ମିଟି କରୁଛନ୍ତି । ଗୋଟେ ଗୋଟେ ଗୋଡ଼ ଟେକି ହଲାଉଛନ୍ତି । ଘୋଳା ହଉଚି ନା କ'ଣ ?

କେତେ ଘୋଡ଼ା—କି ଟପକ୍ ଟପକ୍ ଚାଲି ! କି ବାଘ ! ନିଆଁପରି ଜଳୁଚି ଆଖି; ମୋ ଆଡ଼କୁ ଚାହିଁଲା ନା ପଚାରିଲା—କିରେ ଟୋକା!, ଯନ୍ତା ଭିତରେ ଅଛୁ ବୋଲି, ନଇଲେ ତୋ ମଜ୍ଜା ନିକାଳି ଦିଅନ୍ତି ।

ତଥାପି ତା ମନ ଭିତରେ ପଶି ବାହାରିଯାଉଥିଲା ଗାଈଚରା ଜୀବନର କେତେ ଛବି ! ଗାଆଁର ସେ କଅଁଳା ବାଛୁରୀ, ଦାଣ୍ଡରେ ଯୋଉ ଡିଆ ମାରୁଥାଏ, ଟିକିଏ ହେଲେ ଡର ଥାଏ ତା ଛାତିରେ ? କାଲେ କୋଉଠି ପଡ଼ିଯିବ, ବୁଡ଼ିଯିବ, ଗଧିଆ କି କେନ୍ଦୁଆ ଭିଡ଼ିନେବ !

ଗଛକୁ ଶୁଆଉ ବସାଉଥିବା ଗୋଠର ସେ ଖୋଲା ପବନ ଏଠି ଦେଲା କିଏ ?

ଲୁଣ ଦିନ ଭାତ ଖାଇ ଲଙ୍ଗଳା ହୋଇ ଚଲେ ଗଡ଼ୁଥିଲା । କେତେ ଛେଚ୍ଛକରି ଖାଉଥିଲା । ଖୁଣ୍ଟା ଡେଲା ଡିମା ଝୁଣ୍ଟି ଆଙ୍ଗୁଠିରୁ କେତେ

Digitized by srujanika@gmail.com

ଯଷ ଉଡ଼ିଯାଇଥିଲା । ଝାଇଁଝାଇଁଆ ଖରାରେ ମୁଣ୍ଡ, ଥିରୁ ଥିରୁ ଶୀତ କାକରରେ ଭୁଣ୍ଡ ଫାଟିଯାଇଥିଲା । ସେ ଦୁଃଖ କ'ଣ ଦୁଃଖ ପରି ଲାଗୁଥିଲା ? ଏଠି ଆଉ ଅଧିକ କି ସୁଖ ହେଲା !

କେତେ ଓଲୁଟାଏ ମୁଁ ! ଘୁଷୁରିଙ୍କ ପାଚିଲାକଦଳୀ ଗନ୍ଧଉଛି ! ପେଟ୍ଟ ଅନ୍ଧାରିଆ ଗଛ କୋରଡ଼ ଭଳି କାନ୍ଦୁଛି !

ଗୋବରା ଯୋଉ ଗାଆଁରୁ ଆସିଥିଲା ସେଟା ବଣମୁଲକ, ଅଧିକାଂଶ ଅଧିବାସୀ ଆଦିବାସୀ । ସମସ୍ତେ ଶ୍ରୀଅକ୍ଷର ବରୁଣେଇଁ ପର୍ବତ । ଆଖପାଖ ପାଞ୍ଚ ଦଶ କୋଶରେ କୋଉଠି ଗୃହାଳୀ ନାଇଁ । ନିର୍ଜନ ପଡ଼ିଆରୁ ଅଧରାତିରେ ବେଳେ ବେଳେ ମୌଖିକ ଗୀତ ଓ ମାଦଳ ସ୍ୱରଲହରୀ ଭାସିଆସେ । ଗୋବରାର ପାଠପଢ଼ା କଥା କାଇଁକି ଉଠିବ ? ପାଠ ନ ପଢ଼ି କାହାର କ'ଣ ହେଇଯାଉଛି ? ଗାଈଚରା ଗୋଠକୁ, ହଳିଆ ବିଲକୁ, କାଠୁରିଆ ବଣକୁ ଯାଉଛି । ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ଯାବତାବି ଚଳିଗଲେ ହେଲା, ଅଧିକାକୁ ପଚାରେ କିଏ ?

ଗୋବରା ରାଜବାଟିକି ବୁଝିପାରେ ନାଇଁ; ଏଠି ସେଠି ଏତେ ଜିନିଷ ଭର୍ତ୍ତିହୋଇଛି କାଇଁକି ? ଏତେ ଲୋକ ହାଉଜାଉ ହଉଛନ୍ତି କାଇଁକି ? ଯେ ଦାନ୍ତକାଠି ଦଉଛି, ସେ ପାଣି ଦେଇପାରନ୍ତା, ଶ୍ରୀଅଙ୍ଗରେ ତେଲମର୍ଦ୍ଦନ କରିପାରନ୍ତା; ରାଣୀହଂସପୁରେ କେତେ ମାଇପୀ, ସବୁବେଳେ ହାଉହାଉ କାଉକାଉ; କିଏ ଛୁଣ୍ଡଉ ଛିଣ୍ଡଉ ରାଣୀ ମହିମା-ମାନଙ୍କ ଧନ ଯାଉଛି । ଜଣେ ଦିଜଣ ହେଲେ ତ କାମ ଚଳନ୍ତା ! ଧନୀରକ୍ତ ବ୍ରାହ୍ମଣୀ ନାମମାନେ ରନ୍ଧାବଢ଼ା କରୁଥାନ୍ତେ କାଇଁକି ?

ଏ କଥା ଭରସି କାହାକୁ ପଚାରିପାରୁ ନ ଥାଏ । ଦିନେ କଳଗାଉଣାଟାଏ ବାଜିବା ଦେଖି ପଚାରିଲା—ମହାରାଜ, ଏ ଯନ୍ତ୍ରଟା ତ ଏତେ ବିକଟେ; ଯା ଭିତରେ ମଣିଷ ପଶି ଗୀତ ବୋଲୁଛି କେମିତି ? ମହାରାଜା ଗୋବରା କଥାକୁ ଉଡ଼ାଇ ଦିଅନ୍ତି ନାଇଁ; ଅନାଥକୁ ଦୟା ଦେଖେଇଥାନ୍ତି ସେ; ବାପା, ମାଆ କାହାକୁ କେବେ କୋଉ ପ୍ରଶ୍ନ ପଚାରିବାର ସୁଯୋଗ ପାଇଛି ସେ ?

Digitized by srujanika@gmail.com

ରଜା ଉତ୍ତର ଦଅନ୍ତ—ମଣିଷକୁ ନୁହେଁ, ତା ସ୍ୱରକୁ ଧରି ଏଥିରେ ରଖାଯାଉଚି, ସେଇ ସ୍ୱର ବାହାରୁଚି ।

ଦିନେ ଲାଇବ୍ରେରୀରେ ଧୂଳି ଝାଡ଼ି ଝାଡ଼ି ଗୋବର ପଚାରିଲା— ମହାରାଜ, ଏଗୁଡ଼ାକ କ'ଣ ?

'ବହି !'

'ଯାକୁ ତ କେହି ଖାଉନାହାନ୍ତି କି ମୁଣ୍ଡରେ ମାଣ୍ଡି କରି ଶୋଉ ନାହାନ୍ତି । ଯାକୁ ସବୁ ରଖିଛନ୍ତି କାହିଁକି ?'

'ଏଥିରେ ପାଠ ଥାଏ, ପଢ଼ିଲେ ମଣିଷର ଅକଲ ହୁଏ ।'

'ମୁଁ ପଢ଼ନ୍ତି !'

'ଦୁର୍; କ'ଣ କହନ୍ତିନ—

ବୁଢ଼ା କାଳ ପାଠ
ଛତୁଫୁଟା କାଠ ।
ଯାହା ହୋଇନାଇଁ ପିଲାକାଳେ
ତାହା ହେବ କି ପାଚିଲାବାଳେ ?

ଆରେ ଏତେକାଳ ବାଡ଼ି ଧରି ଗାଈଙ୍କ ପଛେ ପଛେ ଗୋଡ଼େଇ ଗୋଡ଼େଇ ଗଲା ? ଏଖିଣି ଧରିବୁ ଖଡ଼ି ? ପାଠ ପଢ଼ି ତୋ ବୟସର ପିଲା ଏବେ ନାକରେ ଫୁଙ୍କି କାନରେ ବାହାରୁଚନ୍ତି, କୋଉଠୁ ଯାଇ କୋଉଠି ଉଠଛନ୍ତି, ଆଉ ତୁ ପଢ଼ିବୁ ପାଠ !

ଏ କଥା ସିନା କହିଦେଲେ, ରଜା ଭାବିଲେ—ଏ ଟୋକା ମନକୁ ଏ କଥା କାହିଁକି ଆସିଲା ? ତାର କ'ଣ ବାପ ମାଆ ଅଛନ୍ତି ଯେ ଏକଥା ବୁଝିବେ ? ମତେ ସେ ବାପ ବରିଚିଲା ବୋଲି ତ କହିଲା; ପିଲାଟି ସିନା ଗୁଳୁଚ, ମନଟା ଗୁଳୁଚ ନୁହେଁ; ଏତେ ଛୁଟିପିଲା ତ ଉଆସରେ ଅଛନ୍ତି, କାହା ମୁହଁରୁ ଏମିତି କଥା ବାହାରେ ?

Digitized by srujanika@gmail.com

ଏ କଥା ସେ କହୁନାହାଁନ୍ତି ଯେ ଭଗବାନ୍ ତା ମୁହଁରେ କୁହାଉଛନ୍ତି ! ତା ବିନା କୋଉ କାମ ଅଟକି ଯାଉଥିଲା ନା ଯିବ ? ସେ ପଢ଼ିବ କହୁଛି ତ ପଢ଼ୁ !

ରାଜା କେତେ ଦୁଃଖୀ ରଙ୍କୀ ଅନାଥ ପିଲାଙ୍କୁ ପଢ଼ାଉଥାନ୍ତି; ଏବେ ଗୋବରର ପଢ଼ା ବେବସ୍ଥା କରିଦେଲେ ।

ସେ ମନଟାଣ ପିଲା ନୁହେଁ; ହେଲେ ମନରେ ଦୃଢ଼ ଜିଦ୍ । ବଳଦିଆ ରୀତି ତାକୁ ପସନ୍ଦ; 'ଦୋଷବନ୍ତ ବଳବନ୍ତ' ବାଟ ଅନୁସରଣ କରି ସେ କୌଣସିମତେ ମାଇନର ମାଟିକି ଡେଇଁଲା, ମାଟ୍ରିକ୍ ଅଧାଯାଏ ଗଲା, ତେଣିକି କ୍ଲାସ୍ ଉଠିପାରିଲା ନାହିଁ । ହାଡ଼ବଡ଼େଇଗଲା ।

'ଯେତିକି ବରାଦ ଥିଲା ହେଲା, ଖଧା ମାରି ପଣସ ପଚେଇ ଆଉ କି ଲାଭ ?'

ରଜା ଗୋବରକୁ ଉଠାଇଆଣି ଉଆସ ପରିଚାଳନା କାମରେ ମୁକରର୍ କଲେ ।

ସେତେବେଳେ ରାଜ୍ୟର ପାଣିପାଗ ନୁହେଁ ଥଣ୍ଡା, ନୁହେଁ ଗରମ । ଜିନିଷପତ୍ର ବାହାରକୁ ରପ୍ତାନି ହୁଏନାହିଁ; ଖୁବ୍ ଶସ୍ତା । ଗୋଟିଏ ଟଙ୍କାକୁ ମହଣେ, ଡାଲି ଅଧ ମହଣେ, ତେଲ ପାଞ୍ଚସେର, ଗୁଡ଼ ବତିଶ ସେର, ଗୁଆଘିଅ ଦେଢ଼ ସେର । କାଣିଖିଆ ବୋଲି କଲେ ରାଜକର୍ମଚାରୀ, କୋଇଲା ଖଣିର କେତେକ ଲୋକ । ପାଲିଙ୍କି ଉପରେ ପାଟଛତା ଉଡ଼ୁଥାଏ ସେଇମାନଙ୍କର । ଖଲାସୀଙ୍କ ସଂଖ୍ୟା ବେଶୀ; ସେମାନଙ୍କର ଅନ୍ତନାଡ଼ି ଦୁହିଁ ହୋଇଯାଉଥାଏ । ରାଜସ୍ୱ, ଭେଦାଗୁନ୍ଦା ଦେବେ କୋଉଠୁ ? କୋଠି, ଅମାର ପଛେ ଖାଲି ହୋଇଯାଏ, ଦେଣା, ମାଗଣା, ସଞ୍ଚାପଞ୍ଚା ଲଟରା ଛୁଟେନାହିଁ । ବଡ଼ ଯନ୍ତ୍ରଣାରେ ପଡ଼ିଥାନ୍ତି ପ୍ରଜାଏ ।

ସେ ଦୁଃଖ ରାଜାଙ୍କ କାନରେ ପଡ଼େନାହିଁ, ଫକାଟନ୍ତି ଯୋଉମାନେ, ସେମାନେ ତ ଜଣେ ଜଣେ କଣ ରଜା, ନିଜ ଜମିଜମା ବଢ଼ାଇ ଲାଗିଥାନ୍ତି, ନାନା ରୋଚକ ଚାଟୁବାଣୀରେ ରାଜାଙ୍କ ଦିଲ୍ ଉଷ୍ମ ରଖିଥାନ୍ତି ।

Digitized by srujanika@gmail.com

ରଜା ଭାବୁଥାନ୍ତି ନିଜ ଗାଦି କଥା—ଏହା ବିଧିନିର୍ଦ୍ଦିଷ୍ଟ; ରଜା ତା'ପରେ ଯୁବରାଜ । ନାତି, ଅଣନାତି, ପଣନାତି । ରଜା ତମ୍ବାମୁଣ୍ଡ ବାନ୍ଧି ସଂସାରକୁ ଆସିଛି—ସଂସାରରେ ଯେତେ ଯାହା ହେଉ ପଛକେ ସେ ରହିବ ଚିରକାଳ—ବିହିବିଧାତା କପାଳରେ ଗାର ମାରି ଯାଇଛି—ଯେ ଅଛି, ସେ ଥିବ । ଯୋ ହୋଇଛି ସେ ହୋଇଥିବ, ହୋଇ ଚାଲିଥିବ, ରଜାଙ୍କ ଅସଲ ଜୀବନନାଡ଼ି କୋଉଠି ଅଛି, କେହି ତାର ପତ୍ତା ପାଇବ ନାହିଁ ।

ଏ ସୁସ୍ଥ ଭାବନା, ଶାନ୍ତ ଭାବନା ଭିତରେ ଗାଢ଼ ନିଦ ଲାଗିଯାଇଥିବାବେଳେ ରଜା ହଠାତ୍ ଚମକିପଡ଼ିଲେ—ଆରେ ଏ ହେଲା କ'ଣ ?

ହଠାତ୍ ଏ ନିଆଁ ହାଓ୍ୱା କୁଆଡ଼ୁ ବୋହିଆସିଲା ? ବଣପୋଡ଼ି ? ଘରପୋଡ଼ି ? ନା ମନପୋଡ଼ି ?

ବନ ପୋଡ଼ିଲେ ଜଗତ ଜାଣେ । ମନ ପୋଡ଼ିଲେ କେହି ଜାଣନ୍ତି ନାହିଁ ପରା ! ଏତେ ଢେଙ୍ଗୁରା ବାଜୁଛି କାହିଁକି ?

କ'ଣ ? ପ୍ରଜାମଣ୍ଡଳ ମାତିଛନ୍ତି ! ତାଳମୂଳରେ ବିପ୍ଳବ ?

ଗୋଠ ମାତିଲେ ଖଣ୍ଟିଆ ମାତନ୍ତି । ପରବୁଦ୍ଧି ପ୍ରଳୟ; ଗୋଟାକେତେ ପରଘରଭଙ୍ଗା ଏ କାଉଁନ ଲଗାଇଚନ୍ତି ! ମୋର ସୁଧାର ପ୍ରଜା, ସୁନା ପ୍ରଜ ; ଏତେ ସୁଖରେ ମୁଁ ପାଳିଚି ତାଙ୍କୁ; ସେମାନେ ଏ ଘରପୋଡ଼ିଆଙ୍କ କଥାରେ ମାତିବେ କାହିଁକି ? ତୁମକୁ ସୁଖଶାନ୍ତିରେ ପାଳିଛି ମୁଁ, ଦୁଃଖଦୁର୍ଦ୍ଦଶା ଦୂର କରିପାରିବି ମୁଁ; ମୋତେ କହ; ଏମାନେ ଖାଲି ଲୁଖୁରା କଥା କହିବେ ନା, ବୋହିବ କିଏ ?

ଗୋବର୍ଦ୍ଧନ ଯାଅ, ଯୋଉମାନେ ଅବାଟକୁ ଯାଇଛନ୍ତି ସେମାନଙ୍କୁ ବୁଝେଇସୁଝେଇ ବାଟକୁ ଡାକିଆଣ ।

ଗୋବର୍ଦ୍ଧନ ପାଠୁଆ, କହିବୋଲିପାରେ, କଥାଲହସରେ କେତେ ଗୀତ, ଢଗଢମାଳି ବି ତା ତୁଣ୍ଡରୁ ବାହାରିଯାଏ । ମନରେ ତେଜ ଅଛି,

Digitized by srujanika@gmail.com

କଥାରେ ଓଜ ଅଛି, ଓଜନ ଅଛି । କଥାର ଅଣ୍ଟୁଣ୍ଡା ସୁଅ ଛୁଟିଥିଲାବେଳେ ସମସ୍ତେ କାବା ହୋଇ ଚୁହିଁଥାନ୍ତି—ଓହୋ, କେମିତି ଗୁନ୍ଥି ହୋଇ ମାଳା ପରି କଥା ବାହାରୁଚି !

ଗୋବର୍ଦ୍ଧନ ପଶିଲେ ଦେବରାଜପୁରେ ପଶୁଥିଲେ; ସେଠା ଲୋକେ ବେଶୀ ମାତିଥାନ୍ତି—ରଜାର ମୁକୁଟ ଉଡ଼ାଇଦେବୁ, ରଜାର ଉଆସ ପୋଡ଼ିଦେବୁ—ରଜାକୁ ନିକାଶ କରିଦେବୁ—ଏମିତି ଦୋହା ଚାଲିଥାଏ । ଗୋବର୍ଦ୍ଧନ ସରବରାକାର, ଦେଉଳର ପଣ୍ଡା, ମାଳୀ, ଦେହୁରୀ, ପୁଲିସ୍ ଆଉ ଧନୀଲୋକଙ୍କୁ ଘେନି ଗୋଟିଏ ସଭା କଲେ, କହିଲେ —ରଜା ବାପ, ପ୍ରଜା ପୁଅ; ଯୁଗେ ଯୁଗେ ଏ କଥା ଚାଲିଆସିଚି; ଆପଣା ବୁଦ୍ଧିରେ ଘାସ କାଟିବ, ପରବୁଦ୍ଧିରେ ଘୋଡ଼ା ଚଢ଼ିବ ନାହିଁ, ଏ କଥା ଋଷିମାନେ କହିଛନ୍ତି । ଯାହାଙ୍କ କଥାରେ ପଡ଼ିଚ ତାଙ୍କ ଗୁଣ ଜାଣିଚ ? ସେ ଗଛରେ ଚଢ଼େଇ ମୂଳ କାଟିଦେବେ, ତମ ସଂସାରକୁ ସୁଅରେ ଭସାଇଦେଇ ତାଳି ମାରି ହସୁଥିବେ ।

ଗୋବର୍ଦ୍ଧନର କଥା ଶୁଣୁ ନ ଶୁଣୁ କିଏ ସିଆଡ଼ୁ ଗର୍ଜିଉଠିଲା ? ମୁଣ୍ଡରେ ବେଙ୍କାଏ ଝୋଟ, ଦାହି, ମୁହଁର ଚମ କେରି କେରି, ତୁଣ୍ଡରୁ ନିଆଁ ଝୁଲ ଖସୁଥାଏ, କହିଲା—ରଜା ଅଇଁଠାଚଟା । ଏ ଚୂଲିପଶା ଟା କିଏ ? ଆରେ ମୋ ବଡ଼ ପୁତକୁ ଯେତେବେଳେ ରଜା ବାନ୍ଧିନେଲା, ସେତେବେଳେ ତୁ ଚୂଲିପଶା କୋଉଠି ଥିଲୁ ? ଏଇଲେ ଦଉଡ଼ିଆସି ଆପ୍ତିଲା ଖାଉଚୁ !

ହାଇରେ ସେ ଏମିତି କି ପାପ କରିଥିଲା ? ଚୋରି ନା ନାରୀ ? ତାକୁ ଜହଲରେ ଠୁଁକିଦେଲା କାହିଁକି ବା ?

ଆରେ ପାଞ୍ଚ ପ୍ରାଣୀ କୁଟୁମ୍ବ ଏଠି କି କଲବଲ ଛଟପଟ ହଉଚନ୍ତି ! ତାଙ୍କ ହୀନଅବସ୍ଥା କଥା ବୁଝୁଚି କିଏ ? ତତେ କିଛି ଦିଶୁନାହିଁ କିରେ ? ପୋକ ପରି ଚୁହିଁଚୁ କ'ଣ ? ତୋ ଆଖି କ'ଣ ଫୁଟିଯାଇଚି ? ତୁ ଓଲିଟି ଏଠିକି ଆସି ରଜାର ବଢ଼େଇ ଦେଖେଇ ହଉଚୁ ଆମ ଫୁଟିଲା ଆଖିରେ ଆଙ୍ଗୁଠି ଗେଞ୍ଜୁଚୁ ?

Digitized by srujanika@gmail.com

ହଇରେ ବାଟରେ ଦୂବ ଗଛଟିଏ ମିଳୁନ ନାଇଁ ? ଏ କଥା ଯାହା କରୁଚୁ, ଦୂବଗଛରେ ଦଉଡ଼ି ଦେଇ ମଲୁନାଇଁ !

ମାଉସୀ, ଯାଉଚ, ମୁଁ ରଜାଙ୍କୁ କହି ତୋ ପୁଅକୁ ଖଲସ୍ କରିଦେବି । ରଜା ଭାରି ଦୟାବନ୍ତ, ଗରିବର ବାପ ମାଆ, ଧର୍ମାବତାର ।

ଆରେ ଏ ସବୁ କଏ ? କୁଆଡ଼ୁ ଆସିଲେ ? ଛଅଣ ପରି ଗୋବର୍ଦ୍ଧନକୁ କାହିଁକି ଝାମ୍ପି ନେଲେ ?

॥ ନଅ ॥

ଏ ମଧ୍ୟରେ ବ୍ରାହ୍ମଣୀ ନଦୀରେ ବହୁତ ଜୁଆର ମାଡ଼ିଆସିଥିଲା । ନୂଆ ମେଘର ପାଣି ଏ, ଏମିତି ମେଘ ଏ ଆକାଶରେ ଆଉ କେବେ ଉଇଁ ନ ଥିଲା । ସାତ ସମୁଦ୍ର ବାହାରେ ଗୋଟିଏ ନୂଆ ସମୁଦ୍ରରୁ ଉଠିଥିଲା ଏ ବାମ୍ଫ, ବଢ଼ାଇଥିଲା ଲୋକମନରେ ଆଗ୍ନେୟ ଫସଲ । ପ୍ରଜାଶକ୍ତି ଯେ ରାଜଶକ୍ତି ଅପେକ୍ଷା ଅନେକ ବଡ଼, ଏହା ପ୍ରମାଣିତ ହୋଇଥିଲା । ଭଗବତ୍ ନିର୍ଦ୍ଦିଷ୍ଟ ନୁହେଁ; ପ୍ରଜା ମତରେ ରାଜାର ସ୍ଥିତି— ଏହା ପୃଥିବୀର କେତେ ଦେଶରେ ଜାଗ୍ରତ ଜନସାଧାରଣ ଦେଖାଇ-ଦେଇଥିଲେ ।

ଓଡ଼ିଶା ଗଡ଼ଜାତର ପ୍ରଜାବିପ୍ଳବ ଏକ ହଠାତ୍ ଉଠିଥିବା ଖଣ୍ଡିଆଭୂତ ନୁହେଁ, ଏହା ବୃହତ୍ ଝଡ଼ର ଅଂଶବିଶେଷ; ଭାରତୀୟ ସ୍ୱାଧୀନତାସଂଗ୍ରାମର ମଧ୍ୟ ଏହା ଏକ ଦିଗ; ସ୍ୱାଧୀନତା ମାନେ ଦେଶୀ ବିଦେଶୀ ସବୁ ଦାସତ୍ୱରୁ ମୁକ୍ତି ।

Digitized by srujanika@gmail.com

ଭାରତୀୟ ଗଡ଼ଜାତର ସଂଖ୍ୟା ଛ'ଶ । ଭାରତର ସ୍ୱାଧୀନତା-ସଂଗ୍ରାମ ଓ ଗଣବିପ୍ଳବ ପ୍ରଭାବରୁ ସେସବୁ ଦୀର୍ଘକାଳ ଅଲଗା ରହିପାରି ନ ଥିଲା । ମୋଗଲବନ୍ଦୀର ବିପ୍ଳବୀ ନେତାମାନେ ପ୍ରଜାମଣ୍ଡଳ ଗଢ଼ି ଗଡ଼ଜାତ-ମାନଙ୍କ ବିରୁଦ୍ଧରେ ବିପ୍ଳବର ସୂତ୍ରପାତ କରିଥିଲେ ।

ଇଂରେଜୀ ସରକାରଙ୍କ ହାତବାରିସି, ବିଦେଶୀ ହାତମୁଠାକୁ ଟାଣ କରୁଥିଲେ ଏଇ ପ୍ରତିକ୍ରିୟାଶୀଳ ଦୁର୍ଗସବୁ, ସେସବୁ ଚୂର୍ଣ୍ଣବିଚୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ସ୍ୱାଧୀନତା ପୂର୍ଣ୍ଣାଙ୍ଗ ହେବନାହିଁ । ତେଣୁ ମୋଗଲ-ବନ୍ଦୀରେ ବିପ୍ଳବୀ କର୍ମୀଙ୍କୁ ତାଲିମ୍ ଦେଇ ଗଡ଼ଜାତ ପଠାଯାଉଥିଲା ।

ପହିଲେ ଆନ୍ଦୋଳନ ତେଜିଲା ଗ୍ଲେଟ ନୀଳଗିରି ରାଜ୍ୟରେ । ନୀଳଗିରି ପ୍ରଜାମଣ୍ଡଳ ରାଜଅତ୍ୟାଚାରର ବିରୁଦ୍ଧରେ ଅଙ୍ଗୁଳି ଉତ୍ତୋଳନ କଲେ । ପ୍ରତିହିଂସା ସ୍ୱରୂପ ରାଜା ସ୍ଥାନୀୟ ଆଦିବାସୀଙ୍କୁ ଉସ୍କାଇ କର୍ମୀ-ମାନଙ୍କ ଘର ପୋଡ଼ିଦେଲେ, ଧନସମ୍ପତ୍ତି ବୋହିନେଲେ । ସେମାନଙ୍କୁ ଗିରଫ୍ କରି ଜେଲ୍‌ରେ ଭର୍ତ୍ତିକଲେ, ବେତ ମାଡ଼ରେ ପିଠି ଫଟାଇ ଦେଲେ । ହେଲ ଫସଲରେ ହାତୀ ଭର୍ତ୍ତିକରି ବରବାଦ୍ କରିଦେଲେ ।

ହେଲେ ଆନ୍ଦୋଳନ ଚପିଲା ନାହିଁ । କିଛି ସମୟ କୁହୁଳିଉଠି ଖୁବ୍ ଜୋର୍‌ରେ ଜଳିଲା । ପ୍ରଜାମାନେ ଏକଜୁଟ୍ ହୋଇ ରଜାଙ୍କୁ ଏମିତି ବାସନ୍ଦ କଲେ ଯେ ରଜା ଏକଘରିକିଆ ହୋଇଗଲେ, ମିଳାମିଶା ନ କରିବାଯାଏ ତାଙ୍କୁ ବାର୍ ହେଲା ନାହିଁ । ଚାକରଚାକରାଣୀ ସୁଦ୍ଧା ଉଆସରୁ ଛାଡ଼ି ପଳାଇଥିଲେ । ମୁଣୋହିଁ ଅଚଳହେବାରୁ ଚଟୁଧରି ରାଣୀଙ୍କୁ ଖନ୍ଦାଶାଳରେ ପଶିବାକୁ ହୋଇଥିଲା ।

ବେଳେ ବେଳେ ଛୋଟ କାରଣରୁ ବଡ଼ ବଡ଼ ଘଟଣା ଘଟିଯାଏ, କିମିଟିଖେଳରୁ ଯେମିତି ମହାଭାରତ; ନୟାଗଡ଼ରେ ବଡ଼ ଆନ୍ଦୋଳନଟିଏ ହୋଇଗଲା; କାରଣ କ'ଣ ? ପାନ ! ପାନ ଓଡ଼ିଶାର ଜାତୀୟ ଅଭ୍ୟାସ ବା ଦୁରଭ୍ୟାସ । ପାନଖୋର୍ ସଫା ଦାନ୍ତ ଦେଖିଲେ କହେ—ଗୋରୁ ହାଡ଼ ପରି ଦାନ୍ତ କାହିଁକି କରିଚୁ କରେ ?

Digitized by srujanika@gmail.com

କୁଣିଆଁ ମଇନ ପହଣ୍ଟିଲେ ଆଗେ ବଟୁଆ ଥୋଇଦିଅାନ୍ତି । ପାନ ଖାଇ ଓଠ ନାଲ; ଏଠି ସେଠି ଯୋଉଠି ଦେଖ, ଦିସ୍ତାପାଟ ପାନ-ପିକରେ ନାଲ ।

ଓଡ଼ିଶାର ଉପକୂଳ ଅଞ୍ଚଳରେ ପାନବରଜ କରି ଲୋକେ ଧନୀ; 'ନାଗବଲ୍ଲୀଦଳ ବରଜେ ଶ୍ୟାମଳ ବିଶାଳଖଣ୍ଡ'—ଏକା ବିଶାଳଖଣ୍ଡ କାଇଁକି, ପୁରୀର ଚନ୍ଦନପୁରରୁ ବାଲେଶ୍ୱରର ଚନ୍ଦନେଶ୍ୱର ପର୍ଯ୍ୟନ୍ତ ପାନବରଜ ଲାଗିଛି—ଚାରିକଡ଼ ବାଡ଼, ଉପରେ ଘୁମୁଣ୍ଡିଆ; ଘନ ଘୁଇ ଭିତରେ ପାନଲତା ବଢ଼େ, ବେଳେ ବେଳେ ପଦାକୁ ମୁହଁ କାଢ଼ିଥାଏ ଉଙ୍କି ।

କିଛି ନଥିଲାରୁ ଅତି ଥିଲାବାଲା ପର୍ଯ୍ୟନ୍ତ ଏ ଅଭ୍ୟାସ—ଖାଇସାରି ପାନ ବିକଟେ ନ ଖାଇଲେ ପାନ୍ତି ଆମ୍ବିଳା ହୋଇଯାଏ । ମୋଗଲ-ବନ୍ଦିଆଙ୍କଠୁ ଗଡ଼ଜାତିଆ ଶିଖିଛନ୍ତି, କିନ୍ତୁ ପାନ ହୁଏ ନାଇଁ, ମୋଗଲ-ବନ୍ଦୀରୁ ଗଡ଼ଜାତକୁ ପାନ ରପ୍ତାନି ହୁଏ । ଏ ବାଗରେ ଏକଚାଟିଆ ବ୍ୟବସାୟ କରି ବିଶେଷ ଲାଭବାନ୍ ହେବା ଲାଗି ଜଣେ ଛଉକା ବ୍ୟବସାୟୀ ନୟାଗଡ଼ ରଜାଙ୍କୁ ବହୁତ ଟଙ୍କା ଦେଇଥିଲା । ରଜା ଏତେ ଛନ୍ଦମନ୍ଦ ଜାଣନ୍ତି ନାଇଁ, ତା ପାଲରେ ପଡ଼ିଗଲେ । ଏବେ ଯାନ୍ତି କୁଆଡ଼େ ?

ସେ ବ୍ୟବସାୟୀ ବଢ଼କେ ହାଣ୍ଡିଏ ଆଣିବାକୁ ଗୁହିଁଲା—ବର୍ଷକେ ବଡ଼ଲୋକ ହୋଇଯିବା ଲାଗି ଲାଳସାରେ ଜିଭ ଲମ୍ବାଇ ବସିଲା । ପାନ ଦର ହୁ ହୁ ହୋଇ ବଢ଼ିଗଲା; ସେତେବେଳକୁ ନୟାଗଡ଼ରେ ବହୁତ ଅମଲୀ, ପାନ ଟିକିଏ ନ ହେଲେ ଅନ୍ନ ଜୀର୍ଣ୍ଣ ନ ହୁଏ; ମନୋମୁଖୀ ଏ ଦର ଏତେ ଆକାଶକୁ ଉଠିଗଲା ଯେ ଆଉ କାହାରି ହାତ ପାଇଲା ନାଇଁ । ଏଠିସେଠି ବସି ଲୋକେ ବିଚରିବିଚାରି ହେଲେ; ଶେଷକୁ ଏ ଅସନ୍ତୋଷ ଆନ୍ଦୋଳନ ରୂପ ନେଲା ।

ଆନ୍ଦୋଳନର ଯୁଗ ସେ; ପାନର ଅଭାବ ଗୋଟିଏ ଆଳ; ପାନ ଅନ୍ନ, ଜଳ ପରି ଅପରିହାର୍ଯ୍ୟ ନୁହେ, ଅଫିମ ଗଞ୍ଜେଇ ପରି ଏକ

Digitized by srujanika@gmail.com

ଭସ୍ମଙ୍କର ନଶା ବ ନୁହେ । ବହୁ ଦଗରେ ତ ଅସନ୍ତୋଷ ଥିଲ । ଏଇ ଆଲଟି ହେଲ ଏକ ରଞ୍ଜକ; ସେଥିରେ ନିଆଁ ଲଗିଲ୍ୟଷଣି ସେ ଉତ୍ତେଜନାର ବାଟ ଦେଇ ଚର୍ ଚର ମାଡ଼ିଗଲ୍—ତାପରେ ଗଛବାଣ ଫୁଟିଲ୍ ଠୋଓ—ଠାଆ ।

ରଜା ଟିକଏ ଡରୁଆ; ଆନ୍ଦୋଳନ ଯେ ଘରପୋଡ଼ି ସେ; କୋଉଠି ଲଗି କୋଉଠି ଗ୍ରୁଡ଼ିବ, କଏ ଜାଣେ ? କାଲେ ରେସିଡ଼େଣ୍ଟଙ୍କ କାନରେ ପହଞ୍ଚିବ, ସ୍ୱାଧୀନତାଆନ୍ଦୋଳନରେ ଆକ୍ରାନ୍ତ, କଣ ନାଇଁ କଣ ସେ କରିବସିବେ ! ଅଡ଼ୁଆ ଭିତରେ ହୁଏତ ମୁସ୍କିଲ ପଶିଯିବ '

ରଜା ଦବଗଲେ, ଏକଗୁଟିଆ ପାନବ୍ୟବସାୟ ବନ୍ଦ କର ପୂର୍ବ ଷ୍ଟିତି ଗ୍ରୁଲୁ ରଖିଲେ । ରଜ୍ୟ ଥଣ୍ଡା ପଡ଼ିଲ୍ ।

ଦେଖୁ ଦେଖୁ ପୁଣି ଧୂଆଁ ଉଠିଲ୍ । ଦେଖ, ଦେଖ—କଣ ? 'ଚରଉ କର' ! ମଇଁଷି, ଗାଈ ଚରେଇ ନେଲେ କର ଦବାକୁ ପଡ଼ୁଛି । କେତେ ଦେବେ ଯେ ! ଅଣ୍ଟା ଭଙ୍ଗି ଗଲଣି । ମେଣ୍ଢା, ଛେଳି କ କଅଁଳା ବାଛୁରିଟାଏ ଚରଲେ ବି ନିସ୍କୃତି ନାଇଁ । ବର୍ଷକୁ ମଇଁଷି ପିଛୁ ଦିଟଙ୍କା, ଗାଈ ପିଛୁ ଟଙ୍କାଏ, ମେଣ୍ଢା ବା ଛେଳି ପିଛୁ ଆଠଣା ଟିକସ ଦେବାକୁ ପଡୁଥିଲ ।

'ଚରଉକର ଉଠାଅ' ଆନ୍ଦୋଳନରେ ବହୁ ପ୍ରଜାମଣ୍ଡଳକର୍ମୀ ଗିରଫ୍ ହୋଇ ଜେଲ୍‌ରେ ପଶିଲେ । ଦେଖୁ ଦେଖୁ ଗାଁଗଣ୍ଡାରୁ ହଜାର ହଜାର ପ୍ରଜା ବଡ଼ି ସୁଅ ପରି ମାଡ଼ି ଅଇଲେ—ରଜବାଟି ଘେରଉ କରିବେ ! ଅବସ୍ଥା ଅସମ୍ଭାଳ । ରଜା ଯୋଉ କଥାକୁ ଡରୁଥିଲେ, ଆଖି ପିଛୁଳାକେ ସେ କଥା ଘଟିଗଲ । ଲୋକଙ୍କୁ ଦମନ କରିବା ଲଗି ରଜାଙ୍କର ବଳ ନାହିଁ । ଫୋନ୍ କଲେ । ପଲିଟିକାଲ୍ ଏଜେଣ୍ଟ ବେଜେଲଗେଟ୍ ସାହେବ କଟ୍ଟି ଫଉଜ ଧରି ଆସି ପହଞ୍ଚିଗଲେ । ଗୁଳି କାଣ୍ଡ ହବା ଉପରେ; ଏ ଉତ୍ତପ୍ତ ପରିସ୍ଥିତିରେ ରଜା ମୁଣ୍ଡ ନୋଇଁଲେ, ଚରଉକର ଗ୍ରୁଡ଼୍ କଲେ; ପ୍ରଜାମଣ୍ଡଳକର୍ମୀମାନଙ୍କୁ ବି ଖଲାସ୍ କରିଦେଲେ ।

Digitized by srujanika@gmail.com

ବେଜେଲ୍‌ଗେଟ୍ ଫେରିଯାଇଥାନ୍ତେ । କିନ୍ତୁ ରଣପୁର ଅବସ୍ଥା ସେତେବେଳକୁ ଅଠାଠିକ୍ । ରଣପୁର ରାଜା ପ୍ରଜାମଣ୍ଡଳକୁ ବେଆଇନ୍ ଘୋଷଣା କରିଥାନ୍ତି । ଗ୍ରେଟ ଜେଲ୍‌ଟି କର୍ମୀରେ ଭରପୂର; ତିଳ ପକେଇବାକୁ ଜାଗା ନାହିଁ; ତଥାପି ରାଜଦୃଷ୍ଟିରେ ଜେଲ୍ ଯିବାର ପାପ ବହୁ କର୍ମୀ କରିଥାନ୍ତି । ବିପ୍ଳବୀମାନଙ୍କୁ ନେଇ କୋଉଠି ରଖିବେ ରଜାଙ୍କ ପକ୍ଷରେ ଏକ ସମସ୍ୟା ହୋଇଥାଏ ।

ଏତିକବେଳେ ପ୍ରଜାମଣ୍ଡଳ ଫଉଜ ଜୁଆର ପରି ମାଡ଼ି ଅଇଲେ, ଜେଲ୍‌ପାଚେରୀ ଭାଙ୍ଗି କର୍ମୀମାନଙ୍କୁ ମୁକ୍ତ କରିବାକୁ ଚେଷ୍ଟା କଲେ । ରାଜପ୍ରାସାଦ ଘେରାଉ କଲେ । 'ଆତ୍ମରକ୍ଷଣ ଅସମ୍ଭବ' ଭାବି ରାଜା ବେଜେଲ୍‌ଗେଟ୍‌ଙ୍କ ସାହାଯ୍ୟଭିକ୍ଷା କଲେ । ରଜାଙ୍କ ଫୋନ୍ ପାଇବା ମାତ୍ରେ ଚାଳିଶି ଜଣ ଦେଶୀ ସିପାହୀ ଧରି ସାହେବ ନୟାଗଡ଼ରୁ ରଣପୁର ଆସିଲେ ।

ଲୋକେ ପଲିଟିକାଲ୍ ଏଜେଣ୍ଟଙ୍କ ପଥରୋଧ କଲେ, ବଡ଼ ବଡ଼ ଗଛ ହାଣି ରାସ୍ତାଯାକ ଶୁଆଇ ଦେଲେ । ରାସ୍ତାରୁ ଗଛ କାଟି ସଫା କରି ଆସିବାକୁ ବହୁତ ବିଳମ୍ବ ହେଲା । ଏ ଘଟଣା ସାହେବଙ୍କୁ ଉତ୍ତ୍ୟକ୍ତ କରିଥିଲା । ଗଛ ହାଣି ଶୁଆଉଥିବା ଅବସ୍ଥାରେ ସେ ସଙ୍ଗୀନ୍ ଭୂଷି ଚାରି ପାଞ୍ଚ ଜଣଙ୍କୁ ରକ୍ତାକ୍ତ କରିଦେଲେ । ତୁଣ୍ଡବାଇଦ ଘଡ଼ିକେ ସହସ୍ର କୋଶ ବ୍ୟାପିଗଲା । ଏ ସାହେବଟା ମଣିଷମାରୁ, ବାଟଯାକ ମଣିଷ ମାରି ଗଡ଼ାଇ ଦେଇଚି । ପୁଣି ମାରିବା ଲଗି ରଣପୁର ଆସିଚି । ଏଟା ମଣିଷଖିଆ ବାଘ; ଏଟାକୁ ଉପ୍ରୋଧ ନାହିଁ, ତାକୁ ଧର, ମାର; ଏ କଥା ଶୁଣି ଲୋକେ ନିଆଁବାଣ ହୋଇ ଚାରିଆଡ଼ୁ ଘେରି ଅଇଲେ । ଗୋରା ଶାସକ, ହମାକ୍ ଉପରେ ସବୁବେଳେ ରହିଛନ୍ତି, କଳା, ନେଟିଭ୍ ବୋଲି ଭାରତୀୟଙ୍କୁ ଘୃଣାଦୃଷ୍ଟିରେ ଦେଖି ଆସିଛନ୍ତି । ସେ କ'ଣ ଏୟା ସହନ୍ତି ? ତାଙ୍କ ତଳପା ରକ୍ତ ତାଳୁକୁ ଫିଟିଗଲା । ଦାନ୍ତ ରଗଡ଼ି ହାତ ମୁଠା ମୁଠା କରି ମାଡ଼ି ଆସୁଥିବା ଦୁଇଟାଙ୍କୁ ସେ ରିଭଲ୍‌ଭର୍ ଗୁଳିରେ ଶୁଆଇଦେଲେ, ବାଘୁଆ ବରୁଡ଼ ବସାରେ ସତେ କି ପଥରଟାଏ ବାଜିଗଲା ।

Digitized by srujanika@gmail.com

'ଏଠାକୁ ମାର, ମାର' କଳକଳା ରଡ଼ି ଉଠିଲା । ଲୋକସମୁଦ୍ର ଦେଖି ଛେରୁଆ ପୁଲିସ୍ ଫଉଜ କିଏ କୁଆଡ଼େ ଭୟରେ ଖସିଗଲେ । ଲୋକେ କୋଲଥବାଡ଼ିଆ ଠେଙ୍ଗା ର ବେଜେଲ୍‌ଗେଟ୍‌କୁ ପିଟି ପିଟି ମାରି ଶୁଆଇ ଦେଲେ । ତାପରେ ସେ ଶବର ହାଡ଼ ଗୁଣ୍ଡା କରି ପାଦରେ ଦଳି ଚକଟି ମାଉଁସ ମେଞ୍ଚାଟିଏ କରିଦେଲେ—ଆଚକକୁ ଯେମିତି ଖିମ, ହାତ ମୁହଁ ମିଶି ଏକାକାର ପିଣ୍ଡୁଳାଟିଏ ମାତ୍ର ହୋଇଥିଲା ।

ରଣପୁର ଜେଲ୍‌ରୁ କର୍ମୀମାନେ ମୁକ୍ତ ହେଲେ । ଲୋକଙ୍କୁ କେମିତି ବଞ୍ଚେଇବାକୁ ହବ, ନେତାଙ୍କ ମନ୍ତ୍ର ଘୂରିଲା । ଗୋରା ଶାସକର ତୀବ୍ର ପ୍ରତିଶୋଧ ଲିପ୍‌ସା ଜାଗ୍ରତ ହେବ—କମାଣ ମୁହଁରେ ଗାଁଗଣ୍ଡା ଉଡ଼ାଇ ଦବ, ଯେ ସାମ୍ନାରେ ପଡ଼ିବ, ମରିବ, ବାଛବିଚାର ବିବେଚନା ଶୀତଳ ମୁଣ୍ଡରେ ଥାଏ । ବ୍ରିଟିସ୍ କେଶରୀ ଏବେ ଘାଏଲ୍ । କାହା ତୋଟି କଣା କରିବ, କାହା ପେଟରୁ ଅନ୍ତବୁଜୁଳା କାଢିବ, କିଏ ଜାଣେ ? ଗୋରା ଫଉଜ ଗୃହୁଁ ଗୃହୁଁ ମାଡ଼ି ଆସିବ—ପଳାଅ, ପଳାଅ ମୋଗଲବନ୍ଦୀ ଜଙ୍ଗଲକୁ ପଳାଅ, ପିଲାପିଚିକା ସମସ୍ତଙ୍କୁ ଧରି ଚଳାଅ, ବାହା ନାଇଁ—ପଳାଅ, ନେତା ଶୁଣାଇଲେ, ନିଜେ ମଧ୍ୟ ଯେ ଯୁଆଡ଼େ ପଳାଇଲେ ।

ଲୋକେ ଘରଦୁଆର ଛାଡ଼ି ଯେ ଯୁଆଡ଼େ ପଳାଇଲେ । ଗାଁଗଣ୍ଡା ଖାଲି । ରଘୁ, ଦିବାକର ଦିଜଣଙ୍କୁ ଫାଶିଖୁଣ୍ଟରେ ଚଢ଼ାଇ ଦିଆହେଲା । ସେଇ ଉତପ୍ତ ମୁହୂର୍ତ୍ତରେ । ଧର୍ମକୁ ଆଖି ମିଟିକା ମାରିଲା ପରି । ବିଚାର ଠିକ୍ ହେଲା କି ନ ହେଲା, ବିବେଚନା କରୁଚି କିଏ ?

ଓଡ଼ିଶାର ସବୁ ଗଡ଼ଜାତକୁ ଢେଙ୍କାନାଳର ଅତ୍ୟାଚାର ବଳି ଯାଇଥିଲା । ରାଜା ପ୍ରଜାଙ୍କ ଇଜ୍ଜତମହତକୁ ଦିକଡ଼ାର କରିଦେଲେ । ବେଠି, ବେଗାରି, ମାଗଣ ଗୋଟିକୁ ଆରଟି ବଳିଥିଲା । ଦେଇ ଦେଇ ପ୍ରଜାଙ୍କ ଅବସ୍ଥା ଶେଷ ହୋଇଥିଲା ।

ରଜାଙ୍କୁ ଘେରି ରହିଥିଲେ ଦଳେ ମନ୍ଦ ଲୋକ । ସେଇମାନଙ୍କ କୁମନ୍ତ୍ରଣାରେ ଶାସନ ଚାଳୁଥିଲା । ଯୁବତୀ ଝିଅବୋହୂଙ୍କୁ ରାତିଅଧରେ ଉଆସକୁ ହରଣଚାଲ୍ କରି ନିଆଯାଉଥିଲା । ପ୍ରଜାଙ୍କ ଦାଢ଼ି, ନିଶ

Digitized by srujanika@gmail.com

ଓପାଡ଼ିବା, ନଖରେ ପିନ୍‌କଣ୍ଟା ବାଡ଼େଇବା, ମାଡ଼ବସି ମଇଳା ଖୋଇବା, ମୂତ ପେଇବା, ବଧା ମାଡ଼ରେ କାନ୍ଦିଲେ ଶବ୍ଦ ଲୁଚେଇବା ଲାଗି ମାଦଳ ବଜେଇବା ଘଟଣା ପ୍ରତିଦିନ ଘଟୁଥିଲା ।

ପାହାଡ଼ ଉପରେ 'ଯତନ ନଗର' ପ୍ରାସାଦ୍ ତୋଳାରେ ପଥର ବୋହି ବୋହି ହାଣ୍ଡି କାନ୍ଦିଥିଲେ, ଶୁଣାଯାଏ । ବେଠିଆଙ୍କ ଲୁହ ଲୁହା ଆଖିକୁ ଦିଶୁ ନଥିଲା, ପିଠରେ ବୁଟ୍ ବାଜୁଥିଲା ।

ଅତ୍ୟାଚାର ସହି ନ ପାରି ଲୋକେ ତେଜି ଉଠିଲେ; ତାର ମୁହାଁମୁହିଁ ହେବାକୁ ରଜାଙ୍କ ପୁଲିସ୍ ଫୌଜକୁ ଏକଜୁଟ୍ କରାଗଲା, ରାଜବାଟିର ଅନିଷ୍ଟ ଶଙ୍କାରେ ହର୍ତ୍ତାକର୍ତ୍ତାଭାଗ୍ୟବିଧାତା ଇଂରେଜ ସରକାରଙ୍କ ଗୋରାଫୌଜ ବି ମଗାଗଲା । ଗୋଟାଏ ପକ୍ଷ ନିରସ୍ତ୍ର କହିଲେ ଚଳେ—ଠେଙ୍ଗାବାଡ଼ି, ଟେକାପଥର ଭରସା । ଆର ପକ୍ଷରେ ରାଇଫଲ୍, ମେସିନ୍‌ଗନ୍ । ଦୁଇ ପକ୍ଷ ନାମକୁ ମାତ୍ର ଯୁଦ୍ଧ କଲେ, ହେଲେ ଗୋଟିଏ ପକ୍ଷରୁ ମରିଶୋଇଲେ ଅଠର ଜଣ । ଆର ପକ୍ଷରୁ ଜଣେ କେହି ଖଣ୍ଡି ଆଖାବରା ବି ହେଲନାଇଁ ।

ଏଇ ଅଠରଜଣଙ୍କ ଶବକୁ କଟକ ଅଣାଗଲା, କାଳିଆବୋଦା ମଶାଣିରେ ପୋଡ଼ିବାଲାଗି ପଟୁଆରରେ ନିଆଗଲା । ଶହୀଦ୍ ସମ୍ମାନ ଦେଇ ଦାହ କରାଗଲା—ଦେଶକୁ ନିର୍ଯାତନାରୁ ରକ୍ଷା କରିବା ପାଇଁ ଯେଉଁମାନେ ଚରମ ନିର୍ଯାତନା ବରଣ କଲେ ଓ ଦେଶକୁ ଜୀବନ ଉତ୍ସର୍ଗ କଲେ, ଜାତିର ପ୍ରାଣର ଅର୍ଘ୍ୟ ସେମାନଙ୍କର ପ୍ରାପ୍ୟ ।

ଢେଙ୍କାନାଳର ଶେଷ ବାଳୁତ ଶହୀଦ୍ ବାଜିରାଉତ, ମହାଭାରତର ସପ୍ତବୀର ରଥୀଙ୍କ ସହିତ ଅଭିମନ୍ୟୁ ପରି ଏକାକୀ ସେଇ କୈବର୍ତ୍ତ ବାଳକ ସଂଗ୍ରାମ କରିଥିଲା । ତା ସାହସର ତୁଳନା ନାଇଁ, ତା ବୀରତ୍ୱ କଳନା କରି ହୁଏ ନାହିଁ ।

ବ୍ରାହ୍ମଣୀ ନଦୀରେ ବଢ଼ି; ପ୍ରଜାମଣ୍ଡଳ ନଈ ପାରି କରିବାର ଦାୟିତ୍ୱ ଦେଇଛନ୍ତି ବାଜିକୁ—ପ୍ରଜାମଣ୍ଡଳ କର୍ମୀ ଛଡ଼ା ସେ ଆଉ

Digitized by srujanika@gmail.com

କାହାରିକୁ ପାରିକରିବ ନାହିଁ; ଗୋରିଫରିଙ୍ଗ ପହଞ୍ଚି ଡାକ ପକାଇଲେ —ଡଙ୍ଗା ଆଣ୍‌ରେ ଟୋକା !

ପ୍ରଜାମଣ୍ଡଳର ହୁକୁମ୍ ବିନା କାହାକୁ ପାରି କରିବ ନାହିଁ— କର୍ତ୍ତବ୍ୟନିଷ୍ଠାରେ ଅଟଳ ରହିଲା ବାଜି—କାସାବିଏଙ୍କା ପରି ।

ଗୋରି ଫରିଙ୍ଗ କେତେ ଲାଲ୍ ଆଖି, ଧମକଚମକ ଦେଖାଇଲେ । ତିଳେହେଲେ ଭ୍ରୂକ୍ଷେପ କଲାନାହିଁ ସେ ଏକଜିଦିଆ ଟୋକା—ପ୍ରାଣ ଯାଉ, ପଣ ରହୁ, ତାରି ଜିଦ୍ ।

ସେ ମୁଣ୍ଡ ନୋଇଁଲା ନାହିଁ, ଗୁଳିଗୁଚ୍ଛରେ ତାକୁ ନୁଆଁଇ ଦିଆ ହେଲା ।

ସେଦିନ ସେ ମଲା, ରଜା ବଞ୍ଚିଲା ପରି ଦିଶୁଥିଲେ । ଏବେ ଜଣାଯାଉଛି—ସେ ବଞ୍ଚିଚି, ରଜା କୁଆଡ଼େ ଧୂଳିସାତ୍ ହୋଇଯାଇଛନ୍ତି ।

ଅଧର୍ମ ବା ଅପଖ୍ୟାତିକ ରଜାଙ୍କର ଭୟ ନ ଥିଲା । ଲେଖକ ଗୋପାଳଚନ୍ଦ୍ର ପ୍ରହରାଜଙ୍କୁ ସେ ବସିବାପାଇଁ ତିନିଗୋଡ଼ିଆ ଚଉକିଟିଏ ଦେଇଥିଲେ—ଦୃଶ୍ୟ ଦେଖାଇବାଲାଗି ମଟରରେ ନେଇ ତାଙ୍କୁ ରାତିରେ ଜଙ୍ଗଲରେ ଛାଡ଼ିଦେଇ ଆସିଥିଲେ । ଗଛରେ ଚଢ଼ି ରାତିସାରା ବସିରହି ଲେଖକ ବନ୍ୟଜନ୍ତୁ କବଳରୁ ଆତ୍ମରକ୍ଷା କଲେ; ସକାଳୁ ଗଛରୁ ଓହ୍ଲାଇ ବାଟବାଟରେ ଯାଉଁ ଯାଉଁ ରାଜା କହିଲେ—ଓହୋ ଓ, ଆପଣ କୋଉଠି ରହିଗଲେ ? ଆମେ ରାତିସାରା ଖୋଜୁଛୁ ! ପ୍ରାଣଦେନି ଫେରିଆସି ସେ ଲେଖିଲେ—ସ୍ୱପ୍ନରେ ରାଜଯୋଗ—ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର କାହାଣୀ ।

ତାଳମୂଳର ରାଜା ଈଶ୍ୱରଚନ୍ଦ୍ରଙ୍କ ବିରୁଦ୍ଧରେ ବହୁତ ଅଭିଯୋଗ, କିଛି ନୂଆ ନୁହେଁ; ଓଡ଼ିଶାର ସବୁ ଗଡ଼ଜାତ ରାଜାଙ୍କ ବିରୁଦ୍ଧରେ ପ୍ରଜାମଣ୍ଡଳ ପ୍ରାୟ ଏଇ ଅଭିଯୋଗ ଆଣିଥିଲେ—

Digitized by srujanika@gmail.com

ରାଜା ପ୍ରଜାଙ୍କୁ ବେଠି ଖଟାନ୍ତି, ଭାଡିଆ ସୁଦ୍ଧା ନ ଦେଇ ରାସ୍ତା ଘାଟ ତିଆରି, ଉଦ୍ୟାନ ପାର୍କ ତିଆରି ଓ ହାତୀଧରା କାର୍ଯ୍ୟରେ ଲଗାନ୍ତି ।

ରଜା ବା ତାଙ୍କ କର୍ମଚାରୀ ମଫସଲ ଗସ୍ତକୁ ଗଲେ କି ଶିକାର କରିଗଲେ ପ୍ରଜାଙ୍କୁ ଚାଉଳ, ପରିବା, ଦୁଧ, ଖାସି, କୁକୁଡ଼ା ଆଦି ରସଦ ବିନା ପଇସାରେ ଯୋଗାଇବାକୁ ହୁଏ । ନାମଜାଦା କୁଣିଆଁ ଆଇଲେ ଅତିଥିଭବନକୁ ଚାଉଳ, ପରିବା, ଘିଅ, ଦୁଧ, ଆଦି ସଞ୍ଚା ଯୋଗାଯାଏ । ନାମତଃ ରଜା ଯୋଗାନ୍ତି, ପ୍ରକୃତରେ ପ୍ରଜାଙ୍କଠାରୁ ଆଦାୟ କରାଯାଏ । ଏହାଛଡ଼ା ଦଶହରା, ଦୋଳ ଆଦି ପର୍ବପର୍ବାଣିରେ ପଞ୍ଚା ଅର୍ଥାତ୍ ଭେଟି ଚାନ୍ଦା ଆଦାୟ ହୁଏ । ରାଜାଙ୍କ ପୁଅ କି ଝିଅର ବିଭାଘର ହେଲେ ପ୍ରଜା ମାଗଣ ଦିଅନ୍ତି, ନାମକୁ ମାଗଣ; ପ୍ରକୃତରେ ଏ ଏକ ଜବରଦସ୍ତ ଆଦାୟ ।

ଅତି ଶସ୍ତାରେ ଫସଲ ବିକି ପ୍ରଜା ଭେଟି ଚାନ୍ଦା ସଞ୍ଚା ପଞ୍ଚା ଦେଇପାରେ ନାହିଁ; ଭୋଗେ ଶାସ୍ତି । ଖରାଦିନରେ ମୁଣ୍ଡରେ ତାତିଲା ପଥର ନଦୀ ତାତିଲା ନଈବାଲିରେ ଏକଗୋଡ଼କିଆ ଛିଡ଼ା କରାଯାଏ । ଗୋଡ଼ତଳେ ପଡ଼ିଲେ ଠେଙ୍ଗୁଣିରେ ଗଣ୍ଡିକି ଗଣ୍ଡି ଛେଚି ଦିଆହୁଏ । ନଇଲେ ପୁଷମାସ ରାତିରେ ପ୍ରଜାକୁ ଦଳ ଗଡ଼ିଆରେ ବୁଡ଼ାଇ କୁଲା ବାଡ଼େଇ ଧାନ ଉଡ଼େଇଲା ପରି ପବନ ମାଡ଼ ଦିଆଯାଏ । ସନ୍ନିପାତ ଅବସ୍ଥା । ପ୍ରଜାର ଊର୍ଦ୍ଧ୍ୱଶ୍ୱାସ ଉଠେ ।

ରାଜକର୍ମଚାରୀ ଗାଁରେ ପଶିଲାକ୍ଷଣି ବାଘ ଗୋଳ ଲାଗିଲାପରି ଗୋଳ ଉଠେ । ସେ ବାଧନକୁସନ ହରଣଚାଲ କରନ୍ତିଏ, ମାଇପୀଙ୍କ ଦିହର ଅଳଙ୍କାର ବନ୍ଧାପକାଇ ଭେଟି ଚାନ୍ଦା ଦିଆଯାଏ । ବାପାଙ୍କ ଶ୍ରାଦ୍ଧ ନ କରି ବେଠିରେ ଯାଅ । ସେଥିଲାଗି ଏ ପ୍ରବଚନ ପ୍ରଚଳିତ ଥିଲା ।

ଛାଡ଼ି ପିତୃକାର୍ଯ୍ୟ
କର ରାଜକାର୍ଯ୍ୟ

ହାତୀଖେଦାରେ ଘରୁ ଖାଇ ଘୋଡ଼ା ଆଗରେ ହାଁ ଦେଉଁବାକୁ ହେଉଥିଲା । ଖରା ବର୍ଷା ଶୀତକାକରରେ ମଶାବଣରେ ପଡ଼ି କେତେ

Digitized by srujanika@gmail.com

ଲୋକଙ୍କ ଜୀବନ ଯାଉଥିଲା । ଶିକାର ଲାଗି ଆଡ଼ ବା ହାକା ହେଲେ ଜୀବଜନ୍ତୁଙ୍କ ଗୋଦା ଉଣ୍ଡି ଜଗିବସିବାକୁ ହେଉଥିଲା, ଜୀବଜନ୍ତୁଙ୍କୁ ଖେଦି ମଞ୍ଚାଆଡ଼କୁ ଅଡ଼େଇ ଆଣିବାକୁ ହୁଏ । ବାଘ ମାରିବାଲାଗି ଆଖପାଖ ଗାଁ ଲୋକେ କାଠ ବାଉଁଶ ଦେଇ ମଡ଼ ପଡ଼ିବା ଜାଗାରେ ମଞ୍ଚା ବାନ୍ଧୁଥିଲେ । ରଜଘରେ ମୁଣ୍ଡିକିଆ ବା ଛୁଞ୍ଚିକିଆ ହେଲେ ପ୍ରଜା ଚାଉଳ, ଡାଲି, ଅଟା, ଚିନି, ଖାସି, କୁକୁଡ଼ା ଯୋଗାଉଥିଲେ ।

ବଡ଼ ପୁଆଣିରେ ରଜାଘରେ ଆନନ୍ଦ କୋଳାହଳ, କିନ୍ତୁ ପ୍ରଜା ଘରେ କାନ୍ଦବୋବାଳି ପଡ଼େ । ରଜାଘରକୁ ବହୁତ ରଜା, ଜମିଦାର ଆସନ୍ତି ।

ଅତ୍ୟଧିକ କାମଚର୍ଚ୍ଚାରେ କାହାର କାହାର ଯୌନଶକ୍ତି ବିଲୁପ୍ତ ହୋଇଥାଏ । ଘରଚଟିଆ ଚଢ଼େଇ ଖାଇଲେ ପୁନଃ ପୁରୁଷତ୍ୱ ଲାଭ ହୁଏ, ବୈଦ୍ୟରାଜ ପରାମର୍ଶ ଦେଇଥାନ୍ତି । ଏଣେ ନିରୀହ ଘରଚଟିଆ ଧଇଲେ ପେଟକୁ ମାରେ ବୋଲି ଲୋକବିଶ୍ୱାସ ପ୍ରଚଳିତ । ଦୋଗାଇରେ ପ୍ରାଣ କଲବଲ ହେଉଥିଲେ ବି ଯୋଗାଇବାକୁ ହେଉଥିଲା ଅନ୍ୟାନ୍ୟ ଜିନିଷ ସହିତ ଅସଂଖ୍ୟ ଜୀଅନ୍ତା ଘରଚଟିଆ ।

ରଜା ବା ସାହେବଙ୍କ କ୍ୟାମ୍ପ ପଡ଼ିଲେ ପ୍ରଜାର ତାଳୁକା ଶୁଖୁଥିଲା । ଖଣ୍ଡମଣ୍ଡଳର ଦୁହାଁଳି ଗାଈ ଗୋଠ ଠୁଳ ହୋଇ ଆସୁଥିଲେ । ଏଣେ କ୍ଷୀର ସମୁଦ୍ର ଭସିଲେ ବି ଗାଆଁରେ ଦୁଧ ଶାମୁକାଏ ବିନା ନବଜନ୍ମାର ତାଳୁକା ଶୁଖୁଥିଲା । ପୁଣି ପାଞ୍ଚ ଛଅ ମାଇଲ ଦୂରବର୍ତ୍ତୀ ପାହାଡ଼ୀ ଝରଣାରୁ ପାଣି ଆଣି ଯୋଗାଇବାକୁ ହେଉଥିଲା । ଚଲାବାଟରେ କାଦୁଅ ପଡ଼ିଲେ ରଜା, ସାହେବ ବା ହାକିମଙ୍କୁ ଦୋଳା, ପାଲିଙ୍କି ବା ସୁଆରରେ ବସାଇ ଦହ ପାର କରିବାକୁ ହେଉଥିଲା ।

କଏ କୋଠା ତୋଳିଲେ ପିଢ଼ରେ ଛାତକୁ ଉଠିବା ମନା, ଦୁଆରେ ଯାଉଁଳି କବାଟ ଲଗାଇବା ମନା, ରାଜବାଟି ସାମ୍ନାରେ ଲୁଗା

Digitized by srujanika@gmail.com

ଦେଶର ଲମ୍ବାଇ ବା ମହାଣ ଛତା ଟାଣି ବୁଲିବା ମନା; ଏଥିରୁ ଔଦ୍ଧତ୍ୟ ଓ ରଜାଙ୍କ ପ୍ରତି ଅବମାନନା ପ୍ରକାଶ ପାଏ ।

ରାଜଦର୍ଶନରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ବିଧି । ରାଜ୍ୟର ସବୁ ଲୋକ ଅନଖୁଆ, ଅଦାଢ଼ିଆ । ନଖ ବା ଦାଢ଼ି ରଖିଲେ ରଜା ଓପାଡ଼ି ଦିଅନ୍ତି । ପ୍ରତିବାଦ କଲେ ମିଛ ମକଦ୍ଦମା ଲଗେଇ ଦିଆହୁଏ, ଘରଦ୍ୱାର ପୋଡ଼ି ଦିଆଯାଏ, ସମ୍ପତ୍ତିବାଡ଼ି ଲୁଟି ନିଆଯାଏ କିମ୍ବା ରାଜ୍ୟରୁ ତଡ଼ି ଦିଆହୁଏ । ରଜାଙ୍କୁ ବେଶୀ ରଗେଇଲେ ଲୁହା ଶିକୁଳିରେ ପଥର ସହିତ ବାନ୍ଧି ନଈ ଗର୍ଭରେ ପକେଇ ଦିଆ ହେଉଥିଲା କିମ୍ବା ଆଜୀବନ ଜେଲରେ ଘଣା ପେଲିବାକୁ ହେଉଥିଲା ।

ଏସବୁ ଅତ୍ୟାଚାର କାହାଣୀକୁ ପଦାରେ ପକାଇଥିଲେ ପ୍ରଜା-ମଣ୍ଡଳର ନେତା; ଆନ୍ଦୋଳନକୁ ଉସ୍କାଉଥିଲେ ଗଡ଼ଜାତ ବାହାରର ବହୁ ନେତା । ସ୍ୱୟଂ ମହାତ୍ମା ଗାନ୍ଧୀ ହରିଜନ ପତ୍ରିକାରେ ଏ ସମ୍ପର୍କରେ ପ୍ରବନ୍ଧ ଲେଖୁଥିଲେ । କେମିତି ପ୍ରତିହିଂସାଶୀଳ ଅତ୍ୟାଚାରୀ ରାଜାଙ୍କୁ ବ୍ରିଟିସ୍ ସରକାର ନୈତିକ ସମର୍ଥନ କରନ୍ତି, ପୃଥିବୀକୁ ଜଣାଇଥିଲେ ମହାତ୍ମାଜୀ । ଏଇ ଅଗ୍ନିବର୍ଷୀ ଲେଖା ବ୍ରିଟିସ ସରକାରଙ୍କ ଆସନ ସହିତ ରାଜନ୍ୟବର୍ଗଙ୍କ ଆସନକୁ ଟଳମଳ କରିଦେଇଥିଲା ।

ରାଜ୍ୟରେ ପ୍ରଜାମଣ୍ଡଳର ଶକ୍ତି ବହୁତ ବଢ଼ିଯାଇଥିଲା; ରାଜାଙ୍କ ସାମ୍ନାରେ ବହୁ ଦାବୀ ଉପସ୍ଥାପିତ ହୋଇଥିଲା । ରାଜା ଜବାବ୍ ଦେଲେ —ଏ ବେଠି, ଭେଟି, ସଙ୍ଗାପଙ୍ଗା ଭେଦା ଗୃହା ପ୍ରଥା କଣ ମୁଁ ଚଳାଇଛି ନା ଚଉଦପୁରୁଷରୁ ଚଳି ଆସୁଥିଲା ! ମୁଁ ଯାହା ନିଜେ ଚଳାଇନାହିଁ, ଉଠାଇଦେବି କେମିତି ? ଆଗେ ତ କେହି ଯାକୁ ଅନ୍ୟାୟ, ଅତ୍ୟାଚାର କହୁ ନ ଥିଲେ, ଏବେ ଏ ନୂଆ ନାଆଁ ଦିଆ ହେଲା କାହିଁକି ? ସେତେ-ବେଳେ ତ ପ୍ରଜା ସୁନା ପିଲା ପରି ଉଁ ଚୁଁ ନ କରି ସବୁ ଦେଇଦେଉଥିଲେ, ଏବେ କଣ ହେଲା ? ଏ ଶାନ୍ତ, ସୁଧାର ଲୋକଙ୍କ ମୁଣ୍ଡ ବିଗାଡ଼ୁଛି କିଏ ? କାଳିସୀ ନାଚିଲା ପରି ସେମାନେ ଯେ ଆଜି ନାଚୁଛନ୍ତି, ଏ ନାଟର ଗୋବର୍ଦ୍ଧନ କିଏ ? ମୋ ଶାନ୍ତିପୂର୍ଣ୍ଣ ରାଜ୍ୟଟାକୁ ନଷ୍ଟଭ୍ରଷ୍ଟ କରିଦେଲେ ଯେଉଁମାନେ, ଆଗେ ସେଇମାନଙ୍କ ବିଚାର ହେବା ଉଚିତ ।

Digitized by srujanika@gmail.com

ଏ ଦାବୀରୁ ମୁଁ ଗୋଟିଏ ହେଲେ ମାନବ ନାହିଁ; ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ । କେମିତି ଶାସନ କଲେ ଲୋକଙ୍କ ମୁଣ୍ଡ ଥଣ୍ଡା ହବ, ମୁଁ ଭଲଭାବେ ଜାଣେ ।

ବଫଳ ହୋଇ ରାଜଧାନୀ ତାଳମୂଳରେ ପ୍ରଜାମଣ୍ଡଳ କର୍ମୀମାନେ ଗୋଟିଏ ସଭା କଲେ । ଏଡ଼େ ସାହସ କେବେ ଦେଖାଯାଇ ନ ଥିଲା; ଗରମାଗରମ ବକ୍ତୃତା—ଏ ଗୋଟାଏ ଛଞ୍ଚାଣ, ପାଉ ପର ଆମକୁ ଝାମ୍ପୁଚ; ମହାବଳ ବାଘ, ଅଜଗର ସାପ, ଢଡ଼ିଆଲ କୁମ୍ଭୀର—ମଣିଷର କି ଉପକାର କରନ୍ତି ଏମାନେ ସେମିତି ଏ ରଜା, ତାରବା ନୁହେ, ମାରବା ତାର କାମ । ଏ ଆମ ଗୋଷ୍ଟି କାଟୁଚ, ଲକ୍ଷେ ଘର ଭାଙ୍ଗି ଉଆସ ତୋଳଚ, ୟାକୁ ତଡ଼ । ଆମ ରାଜ୍ୟରେ ଆମେ ହିଁ ରଜା ।

ଏ ରଜାକୁ କେହି ଖଜଣା ଦିଅନାହିଁ, ଟିକସ, ମାଗଣ, ସଞ୍ଚାପଞ୍ଚା, ଭେଦାଗୁନ୍ଦା କିଛି ଦିଅ ନାହିଁ, କୋର୍ଟ କଚେରୀକି ଯାଅନାହିଁ, ସ୍କୁଲ ଛାଡ଼ି ଚାଲିଆସ । ଜଙ୍ଗଲ ଆଇନ ଭାଙ୍ଗ, ଯେ ଯେତେ ପାର, ଗଛ କାଟିନିଅ । ମନଇଚ୍ଛା ଜଙ୍ଗଲରେ ବୁଲି ଶିକାର କର । ରଜା ଆଦେଶକୁ ପାଦରେ ଦଳ; ବଦେଶୀ ସରକାର ଯେ ରଜାଙ୍କୁ ଘଣ୍ଟ ଘୋଡ଼ାଇ ରଖିଚ, ତା ଆଇନ ବି ଅମାନ୍ୟ କର । ପ୍ରତି ଗାଆଁରେ ସ୍ୱାଧୀନ ଶାସନ ଚଳାଅ ।

ସଭା ଅଧାଅଧି ହୋଇଚ କି ନାହିଁ, ରଜାଙ୍କ ପୁଲିସ୍ ଫଉଜ ମାଡ଼ି ଅଇଲେ, ଲାଠି ଚଲାଇଲେ; ପିଟି ପିଟି କେତେ ଲୋକଙ୍କୁ ନେଇ ଜେଲ୍‌ରେ ପୂରେଇଲେ । ଆଉ କେତେ ଛିନ୍‌ଛତର ହୋଇ ପଳାଇ ଯାଇ ବଣବୁଦାରେ ଲୁଚଲେ ।

ଯୋଉମାନେ ଧରା ପଡ଼ିଲେ, ସେମାନଙ୍କୁ ଜଣ ଜଣ କରି ଆଣି ଜେଲ ସାମ୍ନାରେ ମୁହିଁ ମାଡ଼ି ତଳେ ଶୁଆଇ ଦେଲେ । ହେଲା ବେତ ମାଡ଼; ରକ୍ତସ୍ନାନ । ଅଚେତା ହେଲା ପରେ ଘାଆରେ ଆୟୋଡ଼ିନ୍ ଲଗାଇ ଜେଲ୍ ଭିତରେ ଶୁଆଇ ଦିଆହେଲା । ପଦାରେ ଲୋକଙ୍କ ଗଳିଅଇଲା ରାସ୍ତାରେ ଲହୁଲୁହାଣ କରି ମାରିବା ଅର୍ଥ ଦେଖାଇଦେବା ଯେ ରାଜ-

Digitized by srujanika@gmail.com

ବିରୋଧର ଶେଷ ଫଳ କଣ । 'ବଣ ମାଡ଼ ଦେଖି କୋଳଅ ଲୁଚିଗଲା' ହେଲାପରେ ଏ ମାଡ଼ ଦେଖି ଅନ୍ୟ ପ୍ରଜା ଚପିଯିବେ !

କିନ୍ତୁ ପ୍ରଜା ଚପିଲେ ନାହିଁ, ପିଣ୍ଡୁରୁ ଘାଆ ନ ଶୁଖୁଣୁ ପୁଣି ଯାଇ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ, ଯେତେ ମାଡ଼ ଖାଇଲେ ସେତେ ମାତି ଉଠିଲେ; ଗ୍ରାମେ ଗ୍ରାମେ ନିଆଁ ଖେଳିଗଲା ।

ରଜାଙ୍କ ମୁଣ୍ଡ ବେଶୀ ବିଗାଡ଼ ଦେଇଥାଏ ଏ ଗୋବର୍ଦ୍ଧନ । ହରଣଚୂଲ ପରେ ତା ମୁଣ୍ଡଟାକୁ ଡିଙ୍କିରେ ଛେଚିଦବା କଥା କେତେ ବିଚାରୁଥିଲେ; ଆଉ କେତେ କହୁଥିଲେ—ସେଟା ନିମକ୍‌ହାରାମ୍, ଚୁଟି ଧରି ତା ବେକଟା ଦାଆରେ ଘୋରିଦେବା । ତାଳମୂଳ ପ୍ରଜାମଣ୍ଡଳର ଭୁଇଁ ନେତା କହିଲେ—ତା ଦେହରେ କେହି ଟିପ ଛୁଆଁଅ ନାହିଁ, ତାକୁ କଟକ ପଠାଅ । ସେ ତାଲିମ୍ ପାଇ ଆସୁ । ପାଠ ପଢିଚି । ସେ ହବ ଆମର ନେତା ।

ଗୋବର୍ଦ୍ଧନ କଟକରେ କାଠଯୋଡ଼ି ବନ ଗଞ୍ଜେଇ ଅଫିମ ଦୋକାନ ସାମ୍ନାରେ ପିକେଟିଂ କଲେ, କଟକ ଜେଲ୍‌ରେ ରହିଲେ, ଖଲାସ ହୋଇ ପୋଷାକପତ୍ର ବଦଳାଇ ସେ ହୋଇଗଲେ କଂଗ୍ରେସ ନେତା । ତାକୁଡ଼ି ଧରି ସୂତା କାଟନ୍ତି, ମୁଣ୍ଡରେ ଗାନ୍ଧି ଟୋପି, ତୁଣ୍ଡରେ ଅହିଂସ ବଚନ, ଶାନ୍ତଶିଷ୍ଟ ମନୋଭାବ । ପ୍ରଜାମଣ୍ଡଳର ପୁରାପୁରି ତାଲିମପ୍ରାପ୍ତ କର୍ମୀ ହୋଇ ଗୋବର୍ଦ୍ଧନ ତାଳମୂଳ ଫେରି ଆସିଲେ, ରଜାଙ୍କ ବିରୁଦ୍ଧରେ ପ୍ରଜାଙ୍କୁ ମତାଇବାରେ ଲାଗିଲେ ।

ରାଜା ଈଶ୍ୱରଚନ୍ଦ୍ର ରାଗି ନିଆଁ ହୋଇ ଯାଇ କହୁଥାନ୍ତି—ଗାଈ ଗୋଠରେ ଗୋବରର ମୁଣ୍ଡ ଠିକ୍ ଥିଲା, ମଣିଷ ଗୋଠରେ ବିଗିଡ଼ିଗଲା । ସବୁ ଓଲଟା ବୁଦ୍ଧି ଦେଖାଗଲା, ରଜାଙ୍କର ଖିଅଭାତ ଗନ୍ଧେଇଲା, ପଖାଳ ତୋରାଣି ପୁଣି ବାସିଲା ।

ଏତେ କାଳ ଦୁଧ ଦେଇ ସାପଟାଏ ବଢ଼ାଇଥିଲା । ସେ ଶ୍ରେଷ୍ଠ ମାରନ୍ତା ନାହିଁ ତ କଣ କରନ୍ତା ?

Digitized by srujanika@gmail.com

କିଏ ଅଛରେ ସେଇଟାକୁ ଧରିଆଣି ଜେଲ୍‌ରେ ଭର୍ତ୍ତି କରି ଦିଅ, ବେତ ମାଡ଼ରେ ତା ପିଠି ସିଧା କରିଦିଅ ।

ମୋ ବତ୍ରିଶରେ କହିବାକୁ ତା ଜିଭ କେମିତି ଲେଉଟିଲା ? ତା ଲାଗି ଏତେ କରିଥିଲି; ଶେଷକୁ ମୋ ପଛକୁ କଳା ସଜାଡ଼ିଲା !

ନିଜର କିଛି ବୁଦ୍ଧି ନାହିଁ, ଯେ ଯାହା ବତେଇଦେଲା ସେଇଆ ! ଏତେ ନିମକ୍‌ହାରମ୍ !

ଗୋବର୍ଦ୍ଧନଙ୍କୁ ଜେଲ୍ ଫାଟକ ଡିଆଁଇଲା ବେଳେ ଦୂରରୁ ରଡ଼ି ଶୁଭୁଥାଏ— ଇନ୍‌କିଲବ ଜିନ୍ଦାବାଦ୍

ରଜା ଘଇଜରେ ରହିବା ନାହିଁ

ବେତ ମାଡ଼ ଆଉ ସହିବା ନାହିଁ, ସହିବା ନାହିଁ ।

ଜଣେ ଗୁପ୍ତଚର ଧଇଁସଇଁ ହୋଇ ଆସି କହିଲା—ମହାରାଜ, ପ୍ରଜାଏ ରାଜ୍ୟ ଛାଡ଼ି ବାହାରି ଯାଉଛନ୍ତି—

ବୁଟ୍‌ଜୋତା ମାଡ଼ ସହିବା ନାହିଁ, ସହିବା ନାହିଁ
ଜେଲରେ ଘଣା ପେଲିବା ନାହିଁ, ପେଲିବା ନାହିଁ
ରଜା ଘଇଜରେ ରହିବା ନାହିଁ, ରହିବା ନାହିଁ··· ।

"କଣ ସମସ୍ତେ ଚାଲିଯାଉଛନ୍ତି ?"

ଗରୁଗର ହୋଇଛି, ଭରା ମାସ, ପାଦେ ଚାଲିବାକୁ ଯୁ ନାହିଁ, ଗର୍ଭିଣୀ ଚାଲିଛି ।

ଅଶୀ ବର୍ଷର ବୁଢ଼ା, ଆଖିକି ଦିଶୁନାହିଁ, କାନକୁ ଶୁଭୁନାହିଁ, ବାଡ଼ି ଠୁକ୍ ଠୁକ୍ କରି ଚାଲିଛି ।

ପଛରେ ଉଠି ବସି ଚାଲିଛି ତାରି ବୋଗିଣୀ ବୁଢ଼ୀ— ଚମ ଧୁଡ଼ୁଧୁଡ଼ୁ, ହାଡ଼ କୁଡ଼୍‌କୁଡ଼ୁ ।

ଧାନ କୁଟିଲା ପରି ଚାଲିଛନ୍ତି କେତୁଟା ଟ୍ରେଙ୍ଗା ।

Digitized by srujanika@gmail.com

ପୁଅ ହାତରେ ବାଡ଼ ଧରି ଭିଡ଼ ନଉଚି, ଚାଲିଛନ୍ତି କେତୁଟା ଭିକାରୀ ଅନ୍ଧ ।

କେତୁଟା କୁଜା, ବାମନ, କେତୁଟା କୋଢ଼ି ଚାଲିଛନ୍ତି, ଗୋଡ଼ରେ ପୁଲା ପୁଲା କନା ବନ୍ଧା, ହାତରେ ପଗେ ପଗେ ଆଙ୍ଗୁଠି ଅଛି ମାତ୍ର । ଶୋଥଫୁଲା ଛଉଆ ମୁହଁ । ଥରକୁ ଥର ହାତରୁ ବାଡ଼ ଖସୁଚି ।

ପ୍ରେତପୁରୀରୁ ସିଧା ଉଠିଆସିଲା ପରି ଦିଶୁଛନ୍ତି ବୁଢ଼ାହାଡ଼ା । ତାଙ୍କ ଆଗରେ ଚାଲିଛନ୍ତି ଦଳ ଦଳ ଜୁଆନ୍ । ଦୋହାରୁ ନଆଁ ହୁଲା ଖସି ପଡୁଚି ।

ଘର କାନ୍ଧେଇ ଚାଲିଛନ୍ତି କେତେ, ଏ ଅଙ୍ଗାରେ ଚାଉଳ, ବାସନ କୁସନ, ସେ ଅଙ୍ଗାରେ ଚୁଲ୍ଲା, ଅଗଡ଼ମ୍ ବଗଡ଼ମ୍ କେତେ ଜିନିଷ ।

ଶଗଡ଼ରେ ଲଦା ହୋଇ ଚାଲିଚି କେତେ ବସ୍ତା ଧାନ, ମୁଗ, ବିରି । ଘରଗୋଟାକର ଜିନିଷପତ୍ର ବେତା ବା ଟୋକେଇରେ ମୁଣ୍ଡେଇ ଧରି ଚାଲିଛନ୍ତି ବା! କେତେ ।

ପଛରେ ବାଛୁରୀ, ଚାଲିଚି ଦୁହାଁଳ ଗାଈ ।

ଯୋଡ଼ ଯୋଡ଼ ସିନ୍ଦୁଲା ହେଇଛନ୍ତି, ଚାଲିଛନ୍ତି ଗଜାଦାମୁଡ଼, ଛଡ଼ା । ଅଧା ବଳଦ, ହାଡ଼ା ।

ଚାଲିଛନ୍ତି ଦଳ ଦଳ ଛେଳି, ମେଣ୍ଢା । ଆଣ୍ଠୁ ପକାଇ କ୍ଷୀର ପିଉଛନ୍ତି ଛୁଆ, ସ୍ନେହବଶରେ ଦଣ୍ଡେ ଛିଡ଼ା ହେଉଚି ମାଆ, ଆଗରେ ଦଳ ଚାଲିଯିବାରୁ ମାଆ ପୁଣି ଚାଲିଯାଉଚି, ଛୁଆ ଗୋଡ଼େଇ ଯାଉଛନ୍ତି ।

ଏ ଗାଆଁ ବିଲେଇ କୁକୁରଙ୍କ ସଙ୍ଗେ ସେ ଗାଆଁ ବିଲେଇ କୁକୁରଙ୍କର ଲାଗି ଯାଉଚି କଳି ।

କୋଉଠୁ କୋଉଯାଏ ଲୋକ ଲମ୍ବିଛନ୍ତି, ଆଖି ପାଉନାହିଁ । କେତେ ବ୍ରାହ୍ମଣୀ ନଈ ପାରିହେଇଗଲେଣି, କେତେ ଏ ପାରିରେ ।

Digitized by srujanika@gmail.com

କୁଆଡ଼େ ହବୁ ଯାଉଛ ବୋଲି ପଗ୍ଭରଲେ କହୁଛନ୍ତ—ଯୁଆଡ଼େ ମନ ଯିଆଡ଼େ । କାଇଁକି ଆମ ଅନୁକୂଳ ଭଙ୍ଗୁଚ ? ରଜାର ବଳଆ କୁକୁରସବୁ ତମେ; କହୁଁ ନ କହୁଁ ଆସି ମାଡ଼ିବସୁଚ । ଝୁଣ୍ଟିଝିଞ୍ଚାର ପକଉଚ, କୁଟୁକୁଟା କର ଖାଇଯାଉଚ !

ରଜାଙ୍କ ସଙ୍ଗେ ବସି କୁପାଞ୍ଚ କରୁଚ; ତୁମ ପାପ ତୁମକୁ ଖାଉ । ଆମେ ଯାଉଚୁ; ସେ ଆଉ ଆମ ରଜା ନୁହଁ କି ଆମେ ତାଙ୍କ ପ୍ରଜା ନୋହୁ ।

ଗଙ୍ଗା ଗଲୁ ଯେତିକ
ଫଳ ପାଇଲୁ ତେତିକ ।

ଖୁବ୍ ହୋଇଗଲା; କାହା ଉପରେ ଏଥର ଘୋଡ଼ା ଚଢ଼ିବ ଚଢ଼ୁଥାଅରେ ବାପା । ଏ ପୁରେ ଆଉ ପାଣି ଛୁଇଁବାକୁ ଆମ ମନ ନାଇଁ । ଇଜ୍ଜତ ଗଲା, ମହତ ଗଲା । ସବୁ ଧନଦରବ ଗଲା, ଅଧାମରା ଜୀବନ ଘେନି କି ଲଭ ?

ଏଇ ତ ଆଗରେ ଅନୁଗୁଳ; ଏଠି ଢେର ରଜା ଥିଲେ, ଗଲେ, ଲୋକଙ୍କର କ'ଣ ହୋଇଗଲା ?

ଏଠି ଯେ ଯାହା ରୋଜଗାର କଲା, ଚଳଲା । ସୁଖ ତାର, ଦୁଃଖ ତାର । ପାଟି ଫିଟେଇବାକୁ କେହି ନାଇଁ । କଥାରେ କଟକଣା ନାଇଁ, କି ଘଡ଼କ ଘଡ଼ କଏ ଯେଠି ହୁକୁମ୍‌ଜାରି କରୁନାଇଁ, କି ସରକାର ବରୁଦ୍ଧରେ ଅମଣିଆ ତୁଣ୍ଡରୁ କଥା ପଦେ ବାହାରିପଡ଼ିଲେ ସେ ବାନ୍ଧି ବାଡ଼େଇ ପକଉନାହାନ୍ତି । ଖଞ୍ଜଣା ଗଣ୍ଡାକ ଦେଇଦେଲେ 'ତୁମେ ସୁନାପୁଅ, ହେଣ୍ଡି ମାରୁଥା ।

ତାଲମୂଳକୁ ଦେଖିଲ—ଗଣଗଣିଆଁ ମାଛି ପରି ରଜା ଲୋକେ କେମିତି କଥାକେ କଥାକେ ବେଢ଼ିଯାଉଛନ୍ତି ! ସବୁବେଳେ ଖାଲି ଦିଅ, ଦିଅ । ଆଉ କୋଉ କଥାରେ କଏ ପ୍ରଜାକୁ ବାସି ମୁହଁରେ ପଗ୍ଭରେ ?

Digitized by srujanika@gmail.com

ମରଗଲେ ବି ରକ୍ଷା ନାହିଁ, ପୁଅକୁ ଘୋଷରଓଟେଇ କରନ୍ତି । ପୁଅ ନ ଥିଲେ ମାଇପଙ୍କ ଗହଣାଗାଣ୍ଠି ନେଇଯାନ୍ତି । ଘରକେ ଜଣେ ଖଞ୍ଜା । ସେ ରଜାଙ୍କ ବେଠିକାଠକୁ ଯିବ, ହାଣ୍ଡିଖେଦାକୁ ଯିବ । ଏଠି ଥେଲିକୁ ସିନା ସବୁ କଥା; ଆଉ କେତେ ଅଦଉତି ସାଧିବ ?

ଆମକୁ କୁକୁର ଲଗେଇବ, ସଙ୍ଗୀନ୍ ମୁନରେ ଗୁଡ଼ିକ କେଞ୍ଚିବ ! ବୁଟ୍ ପିନ୍ଧି ପିଠିରେ ଚାଲିବ !

ଆମେ ଯାଉଚୁ, ଏବେ ଏ ମାଟି ଚାଟୁଥାଅ, ପାହାଡ଼ ଚୈବଉଥାଅ, ଯେମିତି ରହି ସାଧି ନ ପାର ରବେଇଖବେଇ ହୋଇ ଲୋକ ଚକୁଳି ନ ପାଇ ଘଷିଫଡ଼ା ଚୈବାଏ ।

ମୁଁ ବହୁତ ବୁଝାସୁଝା କଲି—ସୁନା ପ୍ରଜାମାନେ, ଫେରିଚାଲ; ରଜା ନଦା ବସ୍ତୁ, ଯେ କାହାର ଅନିଷ୍ଟ ଚିନ୍ତା କରନ୍ତି ନାହିଁ, ପ୍ରଜା ତାଙ୍କ ପିଲିଝିଲି । ଯାହା ଭୁଲ୍‌ଭଟକା ହେଉଚି, ରଜାଙ୍କୁ କହି ମୁଁ ସୁଧାରିଦେବି । ତାଳମୂଳ ରାମରାଜ୍ୟ, ସୁନାର ଅଯୋଧ୍ୟା ପାଲଟିବ ।

'କାହିଁ ସେ ରାମ, କାହିଁ ଅଯୋଧ୍ୟା !

ପଥ ସୁମର ପିଛାଘର ଯିବ
ଆଉ ଅଯୋଧ୍ୟାକୁ ମନ ନ କରିବା ।'

ଏମିତି କଥା ହଉଁ ହଉଁ ଜଣେ ପ୍ରଜାମଣ୍ଡଳ ନେତା ଗର୍ଜିଉଠି କହିଲା—ଆରେ ଏ କତବାମଡ଼ାଠା କୋଉଠି ଥିଲା ? ନେଡ଼ଗୁଡ଼ କହୁଣୀଙ୍କ ବୋହିଯିବାଯାକେ ରଜାଙ୍କୁ ବୁଝେଇ ପାରିଲା ନାହିଁ । ଏଇଲେ ଘର ବୁଡ଼ି ପାଣି ଆଣୁଏ ହେଲାକ୍ଷଣି ନଦ ଭଜୁଚି !

ଗୁପ୍ତଚର ମୁହଁରୁ ଏ କଥା ଶୁଣି ଈଶ୍ବରଚନ୍ଦ୍ର ଗୁମ୍ ହୋଇଗଲେ । ଚାରିଆଡ଼ୁ ଏକା ଖବର !

ବିଲରେ ଧାନ ପାଚିଛି, କଦଳୀଗଛରେ କାନ୍ଦି ପଡ଼ିଚି, ସଜନା ଗଛରେ ଭର୍ତ୍ତି ଛୁଇଁ । ବାଡ଼ିରେ ଶାଗ, ଆଳୁ, କୋବି । ତାଳଗଛ ଅଗକୁ

Digitized by srujanika@gmail.com

ଉଠିଚ ଚରଣ୍ଡା, ହଳଦିଆ ଫୁଲ, ଲମ୍ବିଚ ଜହ୍ନୀ; କଖାରୁ ମାଡ଼ିଚ ଛୁଳେ ଛୁଳେ । ଲୋକେ ବିଲ ବା ବାଡ଼ ଫସଲକୁ ଛୁହଁନାହାନ୍ତି । କୋଉଠି ହେଲେଇ ପିଲାଟିଏ ନାହିଁ; କଟବାଲଗା ମଳୁକୁ ବି ଲୋକେ ଉଠେଇ ନେଇଛନ୍ତି । ଘରଦୁଆର ଠିଆମେଲା । ଜଞ୍ଜିର ବି ଲଗାଇ ନାହାନ୍ତି— ପଡ଼ିଚ ଗୋଟା ଗୋଟା ଶିଳ, ଚକି, ଛୁଉଲଧୂମା, ଖାଲି ଅମାର । ଦୁଆରେ ପଥର ପାହାଚ ଜଳ ଜଳ ଛୁହଁଚି; ସବୁ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ।

ଗୋଟା ରାଜ୍ୟ ଖାଲି ହୋଇଗଲା । କୋଉ ଶାସ୍ତ୍ରପୁରାଣରେ ଏ କଥା ଶୁଣା ଅଛି ?

କେଡ଼େ ଜିଦ୍ ! କେତେ ଏକ ମନ !

ଈଶ୍ୱରଚନ୍ଦ୍ର ଏବେ କାହାର ରଜା ? ପାହାଡ଼ ଜଙ୍ଗଲର ? କୋଶକୋଶବ୍ୟାପୀ ପାହାଡ଼ିଆ ରଙ୍ଗାମାଟିର ? ବାଘ, ଭାଲୁ, ଗଧିଆ, ବିଲୁଆ, କୋକିଶିଆଳି, ଶାଳିଆପତନି, ଓଧ, ନେଉଳଙ୍କର ? କୋଟି କୋଟି କୀଟପତଙ୍ଗଙ୍କର ?

ଏ ତାଙ୍କର ଜୟ ନା ପରାଜୟ ? ପ୍ରଜା ଡରି ପଳାଇଲେ ନା ଚଳନ୍ତୀ ବିଷ୍ଣୁ ରାଜାଙ୍କୁ ଗୋଇଠା ମାରି ଚାଲିଗଲେ ?

ପ୍ରଜାମାନେ ସେଦିନ ଅନୁଗୁଳରେ ପହଞ୍ଚିଲାବେଳକୁ ସଞ୍ଜ ଲାଗେ ନ ଲାଗେ । ଧନୀ ଗରିବ ଆଜି ସମସ୍ତଙ୍କ ସମଦଶା, ଗଛତଳ ଆଶ୍ରା; ସିତରେ କ'ଣ କରିପାରିବେ ? ଶୀତକାକରରେ ପଡ଼ିରହିବାକୁ ହେଲା । ଚୁଡ଼ାମୁଡ଼ି ଯାହା ସାଙ୍ଗରେ ଆଣିଥିଲେ, ସମସ୍ତେ ବାଣ୍ଟିକୁଣ୍ଟି ଖାଇଲେ ।

କେଡ଼େ କେଡ଼େ ଅବୁଝା ଜିଦ୍‌ଖୋର ପିଲା । ଅବସ୍ଥା ବୁଝିପାରି ସତେ ବା ତୁନି ପଡ଼ିଲେ ! କିଏ ଅଗୁନକ କାନ୍ଦିଉଠିଲେ ମୁହଁରେ ମାଆ ଥନ ମାଡ଼ିଦେଉଥିଲେ ।

Digitized by srujanika@gmail.com

ସିରସିରିଆ ପାହାଡ଼ୀ ପବନ, ଏମିତ ଖୋଲାମେଲାରେ ପଡ଼ି ରହିଲେ ଜୀବନ ବାହାରିଯିବ । ସେଇଠୁ ସମସ୍ତେ ମିଳିମିଶି ଧାଡ଼ି ଧାଡ଼ି ପତରକୁଡ଼ିଆ ତିଆରିରେ ଲାଗିଗଲେ । ଏଠୁସେଠୁ ଜାଲେଣି ଗୋଟେଇ ଆଣି ମାଇପେ ଚୁଲ୍ଲୀ ଲଗାଇ ବେଷେଇ ବସେଇଦେଲେ । ଜାତିଗୋଡ଼ ବିଗୁର ନାଇଁ । ମଉଛବ ପରି ପଙ୍ଗତରେ ବସିଗଲେ ସମସ୍ତେ; କି ତୃପ୍ତି !

ତାଳମୂଳର ଲୋକେ ଆଜ ଅନୁଗୁଳର କୁଣିଆଁ, ସାରା ଓଡ଼ିଶାର କୁଣିଆଁ । ଆଜ ତାଙ୍କର ଅସମୟ ପଡ଼ିଚ, କାଲି ଆମର ପଡ଼ିବ । ଭାଇ ଭାଇକ ଫେର୍ ସମ୍ଭାଳବ ତ ?

ଗାଁ ଗହଳର ଲୋକେ ଡାଲି, ଚାଉଳ, ପନିପରିବା, କାଠ, ଗୋଛି ଗୋଛି ଖଳିପତ୍ର ଘେନିଆସି ପହଞ୍ଚିଗଲେ ।

ଓଡ଼ିଶା ଓ ଭାରତର ବହୁ ଦାମୀ, ଦାତବ୍ୟ ଅନୁଷ୍ଠାନ ଅର୍ଥ ସାହାଯ୍ୟ ପଠାଇଲେ । ଚିକିତ୍ସା ଲାଗି ଡାକ୍ତର ଆସିଗଲେ । କେତୁଟା ଅସ୍ଥାୟୀ ଡାକ୍ତରଖାନା ଖୋଲିଗଲା ।

ଶୃଙ୍ଖଳା ରକ୍ଷା ଲାଗି ଏଠି ସେଠି କେତୁଟା ଥାନା ବି ବସିଗଲା । ଅନୁଗୁଳ ଜିଲ୍ଲାଭିତରର ଏ ଆଉ ଏକ ଜିଲ୍ଲା ହୋଇଗଲା ।

ହାନିଲାଭ ବୁଝିବା ଲାଗି ନେତା, ସାହାଯ୍ୟ କରିବାକୁ କର୍ମୀ ଆସିଗଲେ । ବିଭିନ୍ନ ନାଆଁ ଦିଆହୋଇ ଗୋଟିଏ ଗୋଟିଏ ଗାଁ ହୋଇଗଲା । ପ୍ରତି ଗାଁ ଦାୟିତ୍ୱରେ ଜଣେ ଜଣେ କଂଗ୍ରେସ କର୍ମୀ ରହିଲେ; କର୍ମୀମାନେ ସୁଶୃଙ୍ଖଳଭାବେ ପ୍ରତି ପରିବାର ପିଛି ସାହାଯ୍ୟ ବାଣ୍ଟିଲେ ।

ଲୋକେ ବେକାର ହୋଇ ବସିବେ କେତେଦିନ ? ବଳଣା, ଅରଟ ଯୋଗାଇ ଦିଆଗଲା; ଗଢ଼ାହେଲା କେତୁଟା ସୂତାକଟା କେନ୍ଦ୍ର; କେତୁଟା ତନ୍ତ ବସି ଲୁଗାବୁଣା ବି ଚାଲିଲା ।

ନଡ଼ିଆକତା ଯୋଗାଇ ଦିଆହେଲା । କେତେ ଦଉଡ଼ି ବୋଳିଲେ; କେତେ ବାଁ ଖୋଟରେ ବାଣି କାଟିଲେ, ମୁନ୍ଦୁରା, ମସିଣା, ବୁଣିଲେ । ଖଲି, ଦନା ସିଇଁଲେ । କେତେ ମୂଲ ଲାଗିଲେ ।

Digitized by srujanika@gmail.com

ଲୋକଙ୍କୁ କାମ ଯୋଗାଇବା ଲାଗି କେତୁଟା ପୁରୁଣା ପୋଖରୀର ଜୀର୍ଣ୍ଣସଂସ୍କାର କରାଗଲା, କେତେ ନୂଆ ରାସ୍ତାଘାଟ ତିଆରି ହେଲା ।

ଲୋକଙ୍କୁ ବୁଝାଇ ଫେରାଇ ନେବାଲାଗି ରଜାପକ୍ଷ ଲୋକେ ଥରକୁଥର ଆସୁଥାନ୍ତି, ଆସୁଥାନ୍ତି ରଜାଙ୍କ ବନ୍ଧୁ ରଜା, ଦେବାନ୍ । ଧନରତ୍ନ ଫୁସୁଲାଫୁସୁଲି ଚାଲିଥାଏ । ନେତାମାନଙ୍କୁ ବଶ କରିବା ଚେଷ୍ଟାର ବି ଅନ୍ତ ନଥାଏ । ଦେଶ ଚୁଲିକି ଯାଉ ପଛେ ତଉଦ ପୁରୁଷ ଲାଗି ଛନ୍ଦିହେବା—ଏ ମନୋଭାବ ସୃଷ୍ଟି ହୋଇ ନ ଥିଲା; ସେତେବେଳର ନେତା ମହାତ୍ମାଙ୍କ ଆଦର୍ଶ ଅନୁସରଣ କରିଚାଲିଥିଲେ । କେହି ରଜାଙ୍କ ପାଲରେ ପଡ଼ିଲେ ନାହିଁ, ସବୁ ଚେଷ୍ଟା ଫସରଫାଟିଗଲା । ଲୋକେ ନିଅମ କଲେ—ଏ ବସୁଧାମାତା, ଯାହାର ଧୂଳିମାଟି ଛୁଇଁ ଆମେ ନିଅମ କରୁଚୁ—ଏଠି ଖରାରେ ଭାଜି ହୋଇ ଭୋକଉପାସରେ ରହି ଶୀତକାକରରେ ପଡ଼ି ମରିବୁ ପଛେ ଫେରିବୁ ନାହିଁ—ସତ୍ୟ ସତ୍ୟ ତିନିବାର ସତ୍ୟ ଏ ।

ମହାତ୍ମା ଗାନ୍ଧୀଙ୍କ କଲମ 'ହରିଜନ' ରେ ନିଆଁ ବର୍ଷୁଥାଏ, ମାମାଁ ଇଂରେଜଙ୍କ ହୃଦରେ ଚିଆଁ ମାଡ଼ିହୋଇଯାଉଥାଏ । ଦୁନିଆଁର ଭଲଲୋକ-ମହଲରେ କେମିତି ମୁହଁ ଦେଖାଇବେ ?

ଏ ତାଳମୂଳ ରାଜ୍ୟଟା କୋଉଠି ? ଯାହାର ଇତିହାସ କ'ଣ ? ଯାହାର ରଜା କିଏ ? ଏ କ'ଣ ଏମିତି କଲା ଯେ ପ୍ରଜା ରାଜ୍ୟ ଛାଡ଼ି ପଳାଇଗଲେ !

ସେ ଯାହାହେଉ, ଏଟା ଗୋଟେ କଳଙ୍କ—ବ୍ରିଟିସ୍ ସାମ୍ରାଜ୍ୟ, ଯୋଉଠି ସୂର୍ଯ୍ୟାସ୍ତ ନାହିଁ, ଏଡ଼େ ବଡ଼ଟେ ରାଜ୍ୟ ଲାଗି, ଛି, କି ବଦ୍‌ନାମ୍ ।

ଏ ରଜାଟା କେଡ଼େ ଗୁମାନୀ ! ବ୍ରିଟିଶ୍ ପାର୍ଲାମେଣ୍ଟ ସଭ୍ୟମାନେ ନିଆଁ ହୋଇଗଲେ । ପ୍ରଧାନମନ୍ତ୍ରୀଙ୍କ ମୁହଁରେ କାଳି ବୋଳିହୋଇ ଯାଉଥିଲା । ସେ ଯେତେ ହୁଙ୍କାର ଦେଲେ, ତାର ଦଶଗୁଣ ହୁଙ୍କାର

Digitized by srujanika@gmail.com

ଦେଲେ ସାଇସ୍ରାସ୍ତ; ଅନୁଗୁଳକୁ ଧାଇଁ ଗଲେ ରେସିଡେଣ୍ଟ୍—ଉପର ଧଡ଼ସରେ ରଜାଙ୍କୁ ପକଡ଼ ଧଡ଼କେଇଲେ—ଡେର୍ ହେଲାଣି । ତୁମକୁ ଆଉ ବରଦାସ୍ତ କରାଯିବ ନାହିଁ । ଯଦି ଶୀଘ୍ର ପ୍ରଜାଙ୍କୁ ସ୍ୱରାଜ୍ୟକୁ ଫେରାଇ ନ ନିଅ, ତମକୁ ଠେଙ୍ଗେ ଦେବ । ରାଜ୍ୟରୁ ତଡ଼ିବ, ଆଉ ତୁମ ରାଜ୍ୟକୁ ଖାସ୍ କରିଦେବ । ସାବଧାନ ।

ଏ ଧମକରେ ରଜା ପାଣି ହୋଇଗଲେ । ଆଗରୁ ସାଙ୍ଗସାଥୀ ରଜା କେତେ ବୁଝେଇଥିଲେ, ଶୁଣିଲେ କି ବନ୍ଧୁବାନ୍ଧବ ଭାଇବରାଦର ବ ଫାଟିଫୁଟି ଯାଇଥିଲେ । କିନ୍ତୁ ଫଳ ହୋଇ ନ ଥିଲା । ଏ ଜଣ୍ଟାଧାଣ୍ଟ ଏବେ କ'ଣ ବତେଇଦେଲା ଯେ ଏକାବେଳକେ ମୁଣ୍ଡ ଥଣ୍ଡା । ଦାବୀ ପୂରଣ ଲାଗି ରାଜି ହୋଇଗଲେ । ରଜାଙ୍କର କି କରୁଣ ମୂର୍ତ୍ତି ! ଗୋଟାପଣେ ହାତରୁ ଖାଲି ବୋହିଯାଉଥାଏ । ରାଜକଳା ସତେ ବା କିଏ ହରଣ କରିନେଇଗଲା, ଅର୍ଜୁନ ହାତରୁ ଶ୍ରୀକୃଷ୍ଣ ଦେବକଳା ହରଣ କଲାପରି ।

ପ୍ରାୟ ବର୍ଷକ ପରେ ସବୁ ଦାବୀ ପୂରଣର ନିର୍ଦ୍ଦେଶର ଜବାବ୍ ମିଳିଲା । ଲୋକେ ତା'ପରେ ଧାଡ଼ି ବାନ୍ଧିଲେ, ଆନନ୍ଦୋତ୍ଫୁଲ୍ଲ ବିଜୟୀ ସେନା ପରି ।

ତାପରେ ଗାଁ, ଘର, ସଂସାରଚିନ୍ତା ମନକୁ ମାଡ଼ି ବସିଲା । ରଜା ଘର ପୋଡ଼ିଦେଇ ନାହାନ୍ତି ତ ? ଝଡ଼ଝଞ୍ଜାରେ ଚାଳ ଉଡ଼ିଯାଇ ନାହିଁ ତ ? ଗଲା ବର୍ଷ ତ ଛପରବନ୍ଦ ହୋଇନାହିଁ; ବର୍ଷା ମାଡ଼ରେ କାନ୍ଥ ଭାଙ୍ଗି ପଡ଼ିନାହିଁ ତ ? ଘର କଣ ଆଉ ସେମିତି ଥିବ ? ଗଛବୃଛ ?

ପୁଅ ବାହାଘର ହବ, ଝିଅ ଚହ୍ଲପାଳ ଯିବ । ଗଲା ସନ ବାପା, ମାଆଙ୍କ ଶ୍ରାଦ୍ଧ ହୋଇ ପାରିନାହିଁ, ବଡ଼ବଡ଼ିଆ ଉଁକା ହୋଇ ପାରିନାହିଁ, କିନ୍ତୁ ଓଷାବ୍ରତ, ପୁଣ୍ୟପର୍ବ ହୋଇ ପାରି ନାହିଁ, ଏ ସାଲେ ହବ । ହୋଇ ନାହିଁ ଗୁରୁବାର ମାଣବସା, ଗହ୍ମା ଉଆଁ, ରଜ ଦୋଳି ଖେଳ, ଦଣ୍ଡହରା ଖଣ୍ଡା ଖେଳ; ଦଣ୍ଡନାଚ, ଛଉନାଚ, ହାଙ୍ଗୁଲାମେଳା, କିନ୍ତୁ ହେଲେ ହାଉଁ ମେଳଣ ।

Digitized by srujanika@gmail.com

ବର୍ଷେ କାଳ ଠାକୁର ଠାକୁରାଣୀ ଅପାଣିଆ ହୋଇ ରହିଲେ । ଫୁଲପାଣି ଟୋପାଏ ଉପରେ ପଡ଼ିଲା ନାହିଁ, ଭୋଗରାଗକୁ ପଚାରେ କିଏ ?

ପୂଜାଧୂଜା, ନାଚତାମସା, ଦାଣ୍ଡ ଦେଉଳ, ବ୍ରତଓପାସ ସବୁ ମଣିଷ କରେ, ସେ ନିଜେ ତଳତଳାନ୍ତ ହୋଇଗଲେ ଏସବୁକୁ ପଚାରେ କିଏ ?

॥ ଦଶ ॥

ମଣିଷ କ୍ଷମତାପ୍ରିୟ; କ୍ଷମତା ପାଇଲେ ତାକୁ ଜାବୁଡ଼ି ଧରି ବସିବା ତାର ସ୍ୱଭାବ । 'ଗ୍ରୁଡ୍' ବୋଇଲେ ଗ୍ରୁଡଦାବ କେମିତି ? କ୍ଷମତା ତାର ପ୍ରାଣର ଏକ ଅଂଶ ଭଳି ହୋଇଯାଇଥାଏ ।

'ସବୁ ଦାବି ମାନିଯାଅ' ଅର୍ଥ କଣ ? ପ୍ରଜା ସବୁ, ତୁମେ କିଛି ନୁହଁ, ନାମକୁ ମାତ୍ର ରଜା । ବାହାର ସରକାରୀ ଉପରେ ଈଶ୍ୱରଚନ୍ଦ୍ର ସନ୍ଦକଟାଏ କରିଦେଲେ; ହେଲେ ତାଙ୍କୁ ବଡ଼ ବାଧିଲା ।

ଏତେ କାଳ ହୁକୁମ୍ ଦେଇ ଆସିଛନ୍ତି, ଏବେ ହୁକୁମ୍ ମାନିବାକୁ ହବ—ବହୁତ ଲୋକଙ୍କ ହୁକୁମ୍; ସମୟର କାରସାଦି ଏ । ବାରଣ ବଢ଼େଇଙ୍କ କଥା ହିଁ ଠିକ୍ ।

ଇଂରେଜ ସରକାର ରଜାଙ୍କର ରଜା; ତାଙ୍କ ହସ୍ତକ୍ଷେପ ବିରଳ । ଗଡ଼ଜାତରେ ରଜାଙ୍କର ଅଖଣ୍ଡ ରାଜୁତି ହିଁ ଚାଲିଥିଲା । ଏବେ ପ୍ରଜାଙ୍କ ପକ୍ଷରେ ଗୋଟା ଭାରତବର୍ଷ; ରଜାଙ୍କ ପକ୍ଷରେ କିଏ ? ସେ ଯେ ଏକାନ୍ତ ଏକା, ଅସହାୟ । ଏ ଯାକେ ଶଙ୍ଖରେ ପୂରେଇ ଯେ ଚନ୍ଦ୍ର ଆଡ଼ୁଆଳ କରିଥିଲେ, ଏବେ ସେ ବିରୂପ; ଆପଦବିପଦରେ ଆଉ ଭରସା କରିଯିବ କାହା ଉପରେ ।

Digitized by srujanika@gmail.com

ବିପଦ ଧୈର୍ଯ୍ୟଂ; ଧୈର୍ଯ୍ୟ ଧରି ରହିଲେ ରଜା; କୁଆଡ଼ ପାଣି କୁଆଡ଼କୁ ବୋହୁଚି ଦେଖିବା ଲଗି ।

ଏତେ କାଳ କୋଇଁପୁଅ ପରି ମାନ୍ୟଧର୍ମ ଦେଖାଉଥିଲେ; ଆଜ କାହିଁକି ବିରୂପ ? ଅବସ୍ଥାକୁ ଚୃହିଁ ବେବସ୍ଥା; ଇଂରେଜ ସରକାର କଣ କରନ୍ତେ ଯେ ! ତାଙ୍କୁ ଏ ଗାନ୍ଧିବୁଢ଼ା ଠେକଏ ପାଣି ପେଇ ସାରିଲେଣି ।

ଦୁଇଟି ଚୈ଼ଖା ମନ୍ତ୍ର ଭରତରେ ଇଂରେଜ ଶାସନ ଶକଟର ଅଖ ଦୁଗାଳ ଦେଲ । ପଳାଇବା ଯାଏ ବାର୍ ସମ୍ଭାଲ ନାଇଁ । ପ୍ରଥମ ମନ୍ତ୍ର 'ବନ୍ଦେ ମାତରମ୍', ଦ୍ୱିତୀୟ ମନ୍ତ୍ର 'ଭରତ ଛାଡ଼' ।

ପ୍ରଥମ ମନ୍ତ୍ର ଉକ୍ତରେ ନିଆଁ ଲଗାଇ ଉତାଇଲ—ଦେଶ ଗୋଟିଏ ମାଆ, ତା'ର ଅନର କ୍ଷୀରରେ ଆମେ ବଡ଼ୁ, ତା'ର କୋଳରେ ସେଷ ନିଶ୍ୱାସ ଛାଡ଼ୁ । ତା'ର ଗୋଡ଼ରେ ବେଡ଼ି ଦେଇଚି, ତା'ର ଅନ କାଟି ଦେଇଚି ବିଦେଶୀ ସରକାର । ପୁଅ ଝିଅ ହେଇ ତାର କରୁଣ ଦୁର୍ଦ୍ଦଶା ବରଦାସ୍ତ କରିପାରିବ କିଏ ?

ଜନମକଲ ମାଆ, ଅନ୍ନଜଳ ଯୋଗାଇଲ ମାଆ ଏକା—ଏକା ନାହିଁ ଦ୍ୱିଖଣ୍ଡ । ମାଆର ହାତରେ କଡ଼ି, ଗୋଡ଼ରେ ବେଡ଼ି, ତାର ହାହାକାର ଶୁଣି କୋଉ ପୁଅ ଝିଅ ପାଟିକି ଗୁଣ୍ଡା ଯିବ ? କିଏ ବା ସୁଖନିଦ୍ରା ଯାଇ ପାରିବ ?

ମାଆକୁ ମୁକ୍ତ କର, ସ୍ୱାଧୀନ କର, ଉଚ୍ଚ ପୂଜାପୀଠରେ ବସାଇ ଭକ୍ତିଭାବରେ ନମସ୍କାର କର । ମାନମର୍ଯ୍ୟାଦାରେ ଅର୍ପିତ ଏଇ ନମସ୍କାର ମାଆ ଅବଶ୍ୟ ଗ୍ରହଣ କରିବ ।

ଏଇ ମନ୍ତ୍ରଟି ଭରତର ଛ' ଲକ୍ଷ ଗାଆଁରେ ଚହଲ ପକାଇ ଦେଲ—କୋଟି କୋଟି ଲୋକଙ୍କର ଏଇ ଗୋଟିଏ ମାଆ; ଆମେ ଭଇଭଉଣୀ ସମସ୍ତେ ଗୋଟିଏ ଦଦରା ନାଆରେ ବସିଚୁ; ବୁଡ଼ିଲେ ସମସ୍ତେ ବୁଡ଼ିବା । ଏଇ ନାଆରେ ବିଦେଶୀ ଶତ୍ରୁ ଜଳା ଫଟାଉଚି; ଆମକୁ ବୁଡ଼େଇ ମାରିବା ତାର ମତଲବ୍ ।

Digitized by srujanika@gmail.com

ଏଇ ମନ୍ତ୍ରଟି ଦିନେ ଭରିଦେଇଥିଲା ଦୁର୍ବଳ ମନରେ ବଳ, ଭୀରୁ ମନରେ ସାହସ ଜଗାଇ ଥିଲା ଦିନେ ପ୍ରାଣ ବଳି ଦେବାର ସଂକଳ୍ପ । ଏଇ ମନ୍ତ୍ର ଉଚ୍ଚାରିତ ହେବା ମାତ୍ରେ ଶତସହସ୍ର ତୋପ ମୁହଁକୁ ଡେଇଁଥିଲେ, ହସି ହସି ଫାଶିଖୁଣ୍ଟରେ ଚଢ଼ିଥିଲେ, ବିଦେଶୀ ରାଇଫଲ୍ ଆଗରେ ଛାତିଫୁଲାଇ ଛିଡ଼ାହୋଇ ଯାଇଥିଲେ, ଘରସଂସାର, ଧନ-ଦଉଲତର ମାୟାମମତା ଛାଡ଼ି ।

ଏଇ ମନ୍ତ୍ରରେ କ'ଣ ଥିଲା କେଜାଣି, ଦିହରୁ ମଳି ଛାଡ଼ିନାହିଁ ଯେ ସ୍ତ୍ରୀଲୋକ, ଦିହରୁ ସବୁ ଗହଣାଗାଣ୍ଠି କାଢ଼ିଦେଇ ଦେଇଥିଲା, ଗଞ୍ଜେଇ ଅଫିମ ଦୋକାନ ଆଗରେ ପିକେଟିଂ କରୁଥିଲେ ନିଶା ଛାଡ଼ି ସେଦିନର ଗଞ୍ଜେଇ ଅଫିମଖୋର୍‌ମାନେ; ବିଦେଶୀ ଢଙ୍ଗର ପାଟମଠା ପେଡ଼ିରୁ କାଢ଼ି ପୋଡ଼ିଜାଳି ଦେଇଥିଲେ ଜମିଦାରମାନେ । ସରୁ ମାଞ୍ଚେଷ୍ଟର ଲୁଗା ଛାଡ଼ି ହାତରେ ସୂତାକାଟି ମୋଟା ଖଦି ବୁଣି ପିନ୍ଧିଥିଲେ କେତେ କେତେ ଘରର ଛୁଆପିଲାକଣିଆ ଲୋକମାନେ । ଲିଭରପୁଲ୍‌ର ସଫା ତୋଫା ଲୁଣ ପିଙ୍ଗିଦେଇ ନିଜ ସମୁଦ୍ରରୁ ମଇଳା ମାଟିଆ ଲୁଣ ମାରି ଖାଇ ଜେଲ୍‌ବରଣ କରିଥିଲେ ଅଗଣିତ ଲୋକ । ଲୁଣମରା କଟକଣା ଭାଙ୍ଗିବାଲାଗି ମହାତ୍ମାଗାନ୍ଧୀଙ୍କ ଡାଣ୍ଡି ଯାତ୍ରା ସ୍ୱାଧୀନତାସଂଗ୍ରାମ ଇତିହାସରେ ଏକ ରଙ୍ଗୀନ୍ ଅଧ୍ୟାୟ ସୃଷ୍ଟି କରିଥିଲା ।

ବିଲାତରୁ ଦକ୍ଷିଣ ଆଫ୍ରିକା—ଭାରତବର୍ଷ ପତିତ, ମଥିତ, ଅତ୍ୟାଚାରିତଙ୍କ ଲାଗି ଲଢ଼ି ବହୁ ଦୁଃଖ ଦୁର୍ଦ୍ଦଶା ଭିତରେ ନିଜର ପିଣ୍ଡମିତ୍ ଗଢ଼ି ଏତେ ଉଚ୍ଚକୁ ଉଠିଥିଲା ଯେ ଆଖି ପାଏ ନାହିଁ । ଦୁଃଖୀ ଗରିବର ଲଜ୍ଜାନିବାରଣ କନ୍ଥା ଖଣ୍ଡିଏ ଅଣ୍ଟାରେ ଗୁଡ଼ାଇଥିଲା, ଛେଳି ଦୁଧ ଠୋପିଏ ମାତ୍ର ପିଇ ବଞ୍ଚିଥିଲା; ଖାଲି ଦିହ, ହାତରେ ଖଣ୍ଡିଏ ବାଡ଼ି । ଭାରତର ଏ ମୁଣ୍ଡରୁ ସେ ମୁଣ୍ଡ ସେ ବୁଲି ଏଇ ମନ୍ତ୍ର ପ୍ରଚାର କରିଥିଲା । ଦେଖିବାକୁ କେତେ ଦୁର୍ବଳ, ଅଥଚ ଲୋକଙ୍କୁ ଏତେ ସବଳ କରିଦେଲା ଯେ ସେମାନେ ଭାଙ୍ଗିଲେ ପଛେ ନଇଁଲେ ନାହିଁ ।

ଏକମାତ୍ର ଲୋକ—ଯେ ଭାରତର ଦୁଃଖ ବୁଝିଥିଲା, କୀଟରୁ ବ୍ରହ୍ମ ପର୍ଯ୍ୟନ୍ତ । କେତେ ଘରର ଲୋକ, କେତେ ବଡ଼ ବାରିଷ୍ଟର, ରହୁଥିଲା

Digitized by srujanika@gmail.com

ସେ ଏକ ନୁଆଁଣିଆ ଚାଳ କୁଡ଼ିଆରେ । ଭାରତର ସବୁଠାରୁ ଦୁଃଖୀର ଯେତିକି ଖର୍ଚ୍ଚ, ସେତିକି ମାତ୍ର ଖିଆପିଆରେ ଖର୍ଚ୍ଚ କରୁଥିଲେ ସେ । ଯୁଆଡ଼େ ସେ ଯାଉଥିଲେ, ଗୋଟାଏ ମେଳଣ ବସୁଥିଲା—ବନ୍ଦେ ମାତରମ୍—ମହାତ୍ମାଗାନ୍ଧୀଙ୍କ ଜୟ···ଚହଲ ସବୁଆଡ଼େ ।

ସ୍ୱାଧୀନତା ସଂଗ୍ରାମର ଶେଷ ପର୍ବ—ବ୍ରିଟିସ ସାମ୍ରାଜ୍ୟକୁ ବାଲିଘର ପରି ଚୁର୍‌ମାର୍ କରିଦେବା ଲାଗି ସେ ଫୁଙ୍କିଦେଲେ ଦ୍ୱିତୀୟ ମନ୍ତ୍ର—ଭାରତ ଛାଡ଼ ।

'କ'ଣ କରିବି'ର ବିମୂଢ଼ତା ନ ଥିଲା ଏଥିରେ; ଏ ଥିଲା ଏକ ଜ୍ୱଳନ୍ତ ମନ୍ତ୍ର ଲୋକଙ୍କୁ ଉଦ୍ଦୀପ୍ତ ଓ ଉତ୍କ୍ଷିପ୍ତ କରିବାଲାଗି । ସଂଗ୍ରାମରେ ସବୁ କିଛି ଜଳାଞ୍ଜଳି ଦେଇଦେବା ଲାଗି ଏ ଏକ ଆହ୍ୱାନ,—ବ୍ରିଟିସ୍‌ର ଶେଷ ମରଣ ଘଣ୍ଟି ।

ସାମ୍ରାଜ୍ୟବାଦୀ ଦୋଧାଇରେ ପଡ଼ି ଭାବୁଥିଲା—କ'ଣ କରିବ; ରହିବ ନା ଛାଡ଼ି ପଳାଇବ ? ଭାରତର ନିରସ୍ତ୍ର, ଅହିଂସ୍ର, ମୁକୁଟବିହୀନ ସମ୍ରାଟ ଆଦେଶ ଦେଲେ—ଭାରତ ଛାଡ଼—ଏ ମହାତ୍ମାର କଥା, କିନ୍ତୁ ଭାରତର ମର୍ମବାଣୀ । ବିଦେଶୀର ଛାତି ଧଡ଼ଧଡ଼ ପଡ଼ିଲା—ତାକୁ ସାମାନ୍ୟ ଏକ ଲଙ୍ଗଳା ଫକୀର ନିକାଲି ଦବ ? ଭାରତବର୍ଷ ବ୍ରିଟିଶ ସାମ୍ରାଜ୍ୟର ସର୍ବଶ୍ରେଷ୍ଠ ରତ୍ନମୁକୁଟ, ତାକୁ ଜବରଦସ୍ତ କାଢ଼ିନବ ଏଇ ଏକ ଥୁରୁଥୁରୁ ବୁଢ଼ା !

ଦୁନିଆଁକୁ ପାଦତଳେ ଚାପିଥିବା ସେଇ କେଶରୀର ମୁଛକୁ ଝୁଙ୍କେଇ ଆଖିରୁ ରକ୍ତ କାଢ଼ିଦେବ, ଏଡ଼େ ଧମାକ ତାର ?

କ୍ରୋଧରେ ସେ ଦୁର୍ଦ୍ଦାନ୍ତ ଜନ୍ତୁର ନଖଦନ୍ତ ପଦାକୁ ବାହାରିପଡ଼ିଲା । ଠିକଏ ପଛକୁ ଘୁଞ୍ଚିଗଲାପରି ହୋଇ ସେ ଲମ୍ଫ ଦେଲା ଗାଁଗଣ୍ଡା ଉପରେ । ବାରୁଦଘରେ ତାର ନିଆଁ ଲାଗିଲା; ଗର୍ଜି ଉଠିଲା ମେସିନ୍‌ଗନ୍, ଚାରିଆଡ଼ ଅନ୍ଧାର କରିଦେଲା କମାଣଧୂଆଁ ଆଉ ଲୁହବୁହା ଗ୍ୟାସ୍ ।

Digitized by srujanika@gmail.com

ଦେଶର ଗଣତନ୍ତ୍ର ଉଚ୍ଚାରୁଛନ୍ତି ସିଂହ ବଳିଦାନର ଶେଷମନ୍ତ୍ର—ଭାରତ ଛାଡ଼ । ଶିଖଣ୍ଡୀଙ୍କୁ ଦେଖି ଗ୍ରୀଷ୍ମଦେବ ଯେପରି, ସେହିପରି କାବୁ ହୋଇଗଲା ସେ ସିଂହ, ଗୋଟାଏ ମାଟି, କାଠ କି କାଗଜ ସିଂହପରି ! ତାଠେଁ ଭୟ ଛାଡ଼ିଯାଇଛି । ତା ଗୋଳାବୃଷ୍ଟି ଯେପରିକି ପୁଷ୍ପବୃଷ୍ଟି ! ଲୋକେ ହସି ହସି ତାର ସମ୍ମୁଖୀନ ହେଲେ ।

ଫାଶିଖୁଣ୍ଟକୁ ଡର ନାହିଁ, ଗଛ ଡାଳେ ଡାଳେ ଝୁଲାଇ ଦିଆଗଲା ଦେଶପ୍ରେମୀ ବିଦ୍ରୋହୀଙ୍କୁ । ମାରି ମାରି ବାରୁଦ ସରିଗଲା । ତଥାପି ସେ ରକ୍ତବୀର୍ଯ୍ୟ ବାହିନୀ, ଯେତିକି ସେତିକି । ଭାଙ୍ଗୁଥାନ୍ତି ଥାନା, ପୋଡ଼ୁଥାନ୍ତି ଅଫିସ, ରେଲ୍‌ଷ୍ଟେସନ୍, ବିଦେଶୀ ବାଣିଜ୍ୟସଂସ୍ଥା ।

ଏସବୁ ବିପ୍ଳବ କାଣ୍ଡ କାରଖାନା କଥା, ତାଳମୂଳ ଜେଲ୍‌ର କଏଦୀମାନଙ୍କୁ ଜଣା ନ ଥାଏ । ସେମାନଙ୍କୁ ଖବରକାଗଜ ଦିଆଯାଉ ନ ଥାଏ । ଦେଶର ସମ୍ବାଦ ଜାଣିବାକୁ ବ୍ୟାକୁଳ—ଗାନ୍ଧିଜୀ ଏବେ କୋଉଠି ? କ'ଣ କରୁଛନ୍ତି ? ଦେଶବାସୀଙ୍କୁ କ'ଣ କରିବାକୁ କହୁଛନ୍ତି ! ସ୍ୱରାଜ ହେଉଛି କେବେ ?

ଜେଲ୍‌ରେ ନିଷ୍କ୍ରିୟ ହୋଇ ପଡ଼ି ରହିବାକୁ ଭଲ ଲାଗୁ ନଥାଏ । ଖସି ପଳାଇବାକୁ ମନ ଉଛୁନ୍ତି ।

ସାଥୀ ମହଲରେ ବହୁତ ଫୁସ୍‌ଫାସ୍ ଆଲୋଚନା ହୁଏ, ସବୁ ଫସର ଫାଟିଯାଏ । ବୟାଳିଶ ବିପ୍ଳବରେ ଗଡ଼ଜାତ ସରକାର ମନରେ ନାନା ଶଙ୍କା, ସଂଶୟ; ଜଗୁଆଳୀଙ୍କ ସଂଖ୍ୟା ଦୁଇଗୁଣ ବଢ଼ାଇ ଦିଆହୋଇଛି । ଜେଲ୍ ସାମ୍ନାରେ ଗାର୍ଡ, ଉପର ଗୁମ୍ବରେ ଗାର୍ଡ଼; ତାର ଦୃଷ୍ଟି ସମଗ୍ର ଜେଲ୍ ଉପରେ । କିଏ ପଳାଇବା ଚେଷ୍ଟା କଲେ ସଙ୍ଗେ ସଙ୍ଗେ ଗୁଳି ଖାଇ ମରିବ ।

ମାଘ ଶେଷ; କାଲି ଅସରାଏ ବର୍ଷା ହୋଇଥିଲା; କଥା ଅଛି—ମେଘେ ଶୀତ, ନଇଲେ ମାଘେ ଶୀତ; ଏବେ ମେଘ ମାଘ ମିଶି ପ୍ରବଳ ଶୀତ ସୃଷ୍ଟି କରିଛନ୍ତି, ପାହାନ୍ତା ପହରକୁ ଗୁରୁଅଡ଼େ ଘୋର କୁହୁଡ଼ି ଘୋଟିଯାଇଛି । ମୁହଁକୁ ମୁହଁ ଦିଶୁନାହିଁ ।

Digitized by srujanika@gmail.com

ଭୋର ଗୃହରେ । ଓ୍ୱାର୍ଡରମାନେ ଜେଲ କୋଠରୀର ଲୁହା କବାଟ ଖୋଲିଲେ । ଜେଲ୍‌ର ଅଫିସରେ ଦେଖା ଗଲାପରେ ଅପରାଧୀ କଏଦୀଙ୍କୁ ଗଣିଲେ, ଯାହାଙ୍କ ଉପରେ ବେଶୀ ସନ୍ଦେହ, ତାଙ୍କୁ ଚିହ୍ନଟ କଲେ । ରାଜନୈତିକ ବନ୍ଦୀଙ୍କ ଉପରେ କଡ଼ା ନଜର, ତାଙ୍କୁ ଠାଆ ଠାଆ କରି ଠାବ କଲେ ।

ଗଣତି କରି ଚାଲିଗଲା ପରେ ମନ ଟିକଏ ହାଲୁକା—ଓ୍ୱାର୍ଡ଼ଙ୍କୁ ହଠାତ୍ ଆଉ କେହି ଆସିବାର ଶଙ୍କା ଦୂର ହେଲା । ପୂର୍ବ ମସୁଧାମତେ ଜଣେ ଆଣ୍ଠେଇଲା, ତା' ଉପରେ ଜଣେ ଜଣେ ଆଣ୍ଠେଇଲେ । ଜେଲ୍‌ର ପଛପଟ କଣରେ ଏତେ କୁହୁଡ଼ି ଘୋଟିଛି ଯେ ଆଗପଟ ଲୋକ ଦେଖିପାରିବ ନାହିଁ । ଗୋବର୍ଦ୍ଧନ ଆଣ୍ଠେଇଥିବା ଲୋକଙ୍କ ପିଠିରେ ଚଢ଼ି, ପାଚେରୀ ଉପରେ ଉଠି ଦଣ୍ଡେ ଲେପ୍‌ଟି ଶୋଇଲେ, ତା'ପରେ ପାଚେରୀରେ ଘଷିହୋଇ ଧୀରେ ଖସିପଡ଼ିଲେ । ମୁଣ୍ଡରେ ଗାମୁଛା ଖଣ୍ଡେ ପଗଡ଼ି ବାନ୍ଧି ମୁହଁରେ ଗୋଟିଏ କାନି ଗୁଡ଼ାଇଦେଲେ —ଯେମିତି ଶୀତ ସକାଳେ ମୁହଁ ଘୋଡ଼ାଇଲାପରି ଜଣାଯିବ, କେହି ହଠାତ୍ ଚିହ୍ନିପାରିବ ନାହିଁ ।

ଜେଲର ନଜେ ଶି ଚିହ୍ନଟ କରିଗଲା ପରେ କାହା ମନରେ କାହିଁକି ସନ୍ଦେହ ଉପୁଜିବ ? ପଳାଇବାର ଦୁଇ ଘଣ୍ଟା ପରେ ଫୁସ୍‌ଫାସ୍ ଶବ୍ଦରୁ ଜଣାଗଲା—ଗୋବର୍ଦ୍ଧନ ପଳାଇଛନ୍ତି ।

ହେଲେ କେମିତି ପଳାଇବେ ? ଚାରିଆଡ଼େ ତ ଜଗୁଆଳିଙ୍କ ସତର୍କ ଦୃଷ୍ଟି ! ଏଇ ଜେଲ ଭିତରେ କୋଉଠି ଲୁଚିଥିବେ, ଖୋଜ । ଜେଲ୍‌ର ଅନ୍ଧକନ୍ଧି, ଅପରାଧୀ କଏଦୀ ମହଲ, କୂଅ, ଫାଶିଖୁଣ୍ଟଘର ଖୋଜାଗଲା ।

ରାଜଧାନୀ ତମାମ୍ ଖାନ୍‌ତଲାସ କରାଗଲା—ଗୁହାଳ, ଅମାର, ଖଣ୍ଡିଖାତ, ଡ୍ରମ, ଟ୍ରଙ୍କ୍ ବାକ୍‌ସ । ପତ୍ତା ମିଳିଲା ନାହିଁ । ଶେଷକୁ ରାଜାଙ୍କ ନିକଟକୁ ସମ୍ବାଦ ଗଲା—ଗୋବର୍ଦ୍ଧନ ପାଚେରୀ ଡେଇଁ ପଳାଇଛି ।

Digitized by srujanika@gmail.com

'ତୁମେସବୁ କଣ କରୁଥିଲ, କାହିଁକି ପଞ୍ଚା ପଞ୍ଚା ଲୋକ ପୋଷା ହେଉଛ ?' ରାଜା ରାଗିଲେ ।

ଜେଲର ରାଜମାତିକ ସଙ୍ଗୀମାନଙ୍କୁ ପଚରା ଉଚରା ହେଲା । କିଛି ନ କହିବାରୁ ଜବରଦସ୍ତ ସମ୍ବାଦ ଆଦାୟ ଚେଷ୍ଟା ହେଲା; ହାତରେ କଣ୍ଡି, ଗୋଡ଼ରେ ବେଡ଼ି ଦେଇ ହିହରେ ଚଆଁ ମଡ଼ାହେଲା । କିଛି ସମ୍ବାଦ ମିଳିଲା ନାହିଁ; ସବୁଠୁ ଗୋଟିଏ ଉତ୍ତର—ଆମେ ନିଘୋଡ଼ ନିଦରେ ଶୋଇଥିବାବେଳେ ଖସି ପଳାଇଛି ।

କେତେ ଗାଁ ଘେରାଉ କରାଗଲା, ପ୍ରଜାମଣ୍ଡଳ କର୍ମୀ କାଳେ ଲୁଚାଇ ରଖିଥିବେ ! ସନ୍ଦେହରେ ସେମାନଙ୍କ ଘର ଖାନତଲାସ କରାଗଲା । ବାଟଘାଟସବୁ ବନ୍ଦ କରାଗଲା, ଗଡ଼ବଧିରେ ସନ୍ଦେହ କରି କେତେ ଲୋକଙ୍କୁ ଥାନାକୁ ଆଣି ପଚରାଉଚରା କରାଗଲା ।

ସବୁ ବୃଥା ହେଲା ପରେ ରାଜା ପୁରସ୍କାର ଘୋଷଣା କଲେ— ଯେ ଜୀଅନ୍ତା ଗୋବର୍ଦ୍ଧନକୁ ଧରି ଆଣିଦବ, ସେ ଦଶହଜାର ଟଙ୍କା, ଦଶ ବାଟି ଜମି ପୁରସ୍କାର ପାଇବ; ସବଦା ରଜାଙ୍କ ସୁନଜରରେ ରହିବ ।

କିଏ ଧରିଆଣିବ ? ନିଃଶ୍ୱାସେ ନିଃଶ୍ୱାସେ ଲୋକଙ୍କ ଅବିଶ୍ୱାସ । ଯେ ଲୋଭରେ ପଡ଼ି ଧରିବ, ପ୍ରଜାମଣ୍ଡଳ କର୍ମୀ ତାକୁ ଶେଷ କରିଦେବେ ।

ରଜାଙ୍କ ନିଜ ଲୋକ ବୋଇଲେ କେତୁଟା ସରବରାକାର, ଜାଗିର ଭୋଗ କରୁଥିବା କେତେ ଜଣ ସାଆନ୍ତ, କେତୁଟା ଟହଲିଆ ଖୋସାମଦିଆ, ବାହାପିଆ, କେତୁଟା ବାଦୁଡ଼ି—ଏଣେ ରଜା ପକ୍ଷରେ ହଁ, ତେଣେ ପ୍ରଜା ପକ୍ଷରେ ହଁ ମାରୁଥାନ୍ତି, କୋଉ ପକ୍ଷରେ ବିଶ୍ୱାସଭାଜନ ହୋଇପାରୁ ନଥାନ୍ତି । କେତୁଟା ପୁଲିସ୍‌ଙ୍କ ପାଟିରୁ ଲାଳ ବୋହୁଥାଏ । ସେମାନେ ଖୋଦାଙ୍କୁ ଡାକି ଗୋଦା ଉର୍ଣ୍ଣି ବୁଲୁଥାନ୍ତି । କେତୁଟା ରାସ୍ତା ଧାରି ଗଛରେ ଲୁଚିବସିଥାନ୍ତି । ଗୋବର୍ଦ୍ଧନ ସେ ବାଟେ ଗଲେ, ଉପରୁ ଡେଇଁ ମାଡ଼ି ବସିବେ । ପ୍ରତି ଘାଟିରେ ବଣବୁଣାରେ ଲୋକ । ଛକିଥାନ୍ତି— ତିଳେମାତ୍ର ଉପ୍ରୋଧ ନ ରଖି ବଣଜନ୍ତୁ ପରି ମାଡ଼ିଦେବେ । ଏକାବେଳକେ ଭାଗ୍ୟ ବଦଳିଯିବ, ଭୁଇଁଚୁଆଁ ଚାଳ କୁଡ଼ିଆ ଜାଗାରେ କୋଠାବାଡ଼ି

Digitized by srujanika@gmail.com

ଉଠିବ । ପିଲାଏ ପାଠ ପଢ଼ିବେ, ବାବୁ ହେବେ, ନାଁ ଡାକ୍ ହେବ । କେତେ ଅନୁକୂଳ ଚିନ୍ତାରେ ପାଟିଟା ସତେ କି ମିଠା ମିଠା ହୋଇ ଯାଉଥାଏ, ଜିଭ ବୁଲାଇ ଓଠ ଗୁଟି ପକାଉଥାନ୍ତି ।

ପାରିଧି ଆଳ; ଗୋବର୍ଦ୍ଧନ ମାରଣ ଲକ୍ଷ୍ୟ । କେତେ ରଜାପୁଅ ନିତି ନିତି ଶିକାରକୁ ଯାଉଥାନ୍ତି । ଗୋବର୍ଦ୍ଧନ କାହିଁକି ତାଙ୍କ ଗୁଳି ମୁହଁକୁ ଆସିବେ, ଏ ବଗୁର ମନକୁ ଆସୁ ନଥାଏ ।

ହେଲେ କାହାରିକି ପୁରସ୍କାର ନ ଦେଇ ଗୋବର୍ଦ୍ଧନ ଛୁଟିଥାନ୍ତି । 'ଆରେ ଦେଖିପକାଇଲୁ କି ?' ସେଠା କଏ ? ଦୂରରେ ପୁଲିସ୍ ଫଉଜ ପଇନ୍ତରା ମାରୁଛନ୍ତି, ପାହାଡ଼ ଉପରୁ ଦିଶୁଚି ।

ବୁଦାବୁଦିକିଆ ଜଙ୍ଗଲ, ଏଠିସେଠି ଗୋଟେ ଗୋଟେ ବବୁର, କୁମ୍ଭାଟୁଆ ଡୁମୁରୁଚି—ରଜାଙ୍କ ଗୁପ୍ତଚର ଯେମିତି ଏଇଟା, କହୁଚି—ହେଇ ଦେଖ ପଳଉଚି !

ଚୈତ୍ର ମଳୟ ଘାମୁରେଇ ଦେଇ ଯାଉଚି, ଧାଡ଼ି ଧାଡ଼ି ତାଳ, ବାହୁଙ୍ଗାର ଖଡ଼ ଖଡ଼ ଶବ୍ଦରେ ଛାତି ଧଡ଼ ଧଡ଼ କମ୍ପୁଚି ।

ମହୁଲ ଗଛରେ ଫୁଲ ଧରିଚି, ବାସନା ଚହଟୁଚି ଦିଗେ ଦିଗେ; କେଉଁ ଗଛରେ କୁରୁଢ଼ି ଗୋଟିଏ ବସିନାହିଁ; ନୋଳଗାରିଆ, ଗେଲବସରିଆ ପିଲାଟିଏ ପରି ମଣିଷର ସ୍ନେହ ଦୃଷ୍ଟିରେ ବଢ଼ୁଚି, ଫୁଟୁଚି, ଫଳୁଚି ସେ ।

ଫଳ ଅଙ୍ଗୁର ପରି ଶୁଖିଲେ କିସ୍‌ମିସ୍, ମଣିଷର ଦାନା, କନା ବି ଯୋଗଉଚି ଇଏ । ମନ ଦବିଗଲା ବେଳେ ଦମ୍ ଦଉଚି ମହୁଲି ।

କାହାର ଦଖଲରେ ରହିବ, ମଣିଷର ନା ଭାଲୁର ? ଭାଲୁ ଦଖଲ ଛାଡ଼େନାହିଁ. ମଣିଷ ନିଆଁ ବରିଆ ଦେଖାଇ ତଡ଼େ । ତଥାପି ବେଳକାଳ ଉଣ୍ଡି ଭାଲୁ ରହେ ମାଧେ । ମୁହଁକୁ ଆଗେ ବଲ୍‌ବଲ୍ କରିଦିଏ, ଅପଣା ନାକଟାକୁ ଛେଚାଇଯାଏ । ନାକ ନାଆଁ, କଣାଟିଏ ଥାଏ ମାତ୍ର; ପାଟି ବାଟେ କି ସେ ବାଟେ ଗିଣିଗିଣିଆଁ କଥା ବାହାରେ ଜାଣିହୁଏ

Digitized by srujanika@gmail.com

ନାହିଁ । ଭାଲୁଖିଆ, ବାଲ୍‌ବାଲ୍ ମୁହଁ କେତେ ଦଶେ ପାହାଡ଼ୀ ଜଙ୍ଗଲ, ମହୁଲଚୋ'ଟାର ଆଖପାଖ ଗାଁରେ । ଗୋବର୍ଦ୍ଧନ ଆଖିରେ କେତୋଟି ମୁହଁ କଙ୍କାଳ ନାଚଗଲା ।

ସାମ୍ନାରେ ଗୋଟେ ଆମ୍ବତୋଟା, ବଉଳ ଚଣା ହେଲଣି, ଏଠି-ସେଠି କେତେ ପେନ୍ଥା ଆମ୍ବକଷି ଝୁଲିପଡ଼ିଚ ।

କୋଇଲର ଋତୁ ଏ, ସେ ତୋଟା ଗୁଡ଼ୁନାଇଁ । ସବୁ ଚଢ଼େଇଙ୍କ ସ୍ୱରକୁ ଦବେଇ ଉଠୁଚି କୁହୁ—ଏ ପଟ କୁହୁର ଜବାବ ସେ ପଟ ମିଳୁଚ ।

ପ୍ରେମପ୍ରୀତିର ବାଣୀ, ଆନନ୍ଦର ଗୀତ, ଗୋବର୍ଦ୍ଧନଙ୍କ ମନରେ କିନ୍ତୁ ସୃଷ୍ଟି କରୁଚ ପ୍ରତିହିଂସା—

'ଚୁପ୍ ଚୁପ୍, ତୁ ଅତି ଆପଣାର ପର, ଡେଙ୍ଗୁରା ପିଟି ଜଣାଇ ଦେଉଚୁ କାଇଁକି ମୋ ପଳାଇଯିବା କଥା !

କେଡ଼େ ସୁନ୍ଦର ଗୋଟାଳିଆ ପଥର, କଇଞ୍ଛ ପିଠି ପରି । ତାକୁ ଫଟାଇଲା କିଏ ଗଛରେ ଏଇ କଅଁଳିଆ ଚେର ! ଏଡ଼େ କୋମଳ ସେ, ଏତେ ଶକ୍ତି ଧରେ !

ଆରେ ଶାଗୁଆ ପତ୍ର ସମୁଦ୍ର ମଧ୍ୟରେ ଏ କି ଫୁଲ ? ଆରେ ଫୁଲ ନୁହେଁ, ଧଳା ଧଳା ପତ୍ର ଅତଣ୍ଡିର । ଆରେ ଏ ସରୁପନିଆ ଶିଶୁ ଗଛ ଅଗରେ ସୁନା ସୂତା ଗୁଡ଼ାଇଚ କିଏ ? ମୂଳ କାହିଁ ? ପତ୍ର ?

ଓ, ନିର୍ମୂଳୀ ! ଟିକିଏ ଟିକିଏ ପ୍ରଶ୍ରୟ ପାଇ ଶେଷକୁ ଯାଇ ମୁଣ୍ଡରେ ବସିଚ, ଏବେ ଦାବୁଚ, ଦାବୁଚ ତାର ଆଶ୍ରୟଦାତାକୁ ।

ଓଃ. କେତେ ଉଞ୍ଚ ଏ ଘାଟି, ରଙ୍ଗା ମାଟିର ପାହାଡ଼ ଉଠାଣି ଚାଲିବାଟ, ଏ ପଟେ ସେ ପଟେ କେତେ ବେତବୁଦା, ଲାଲ୍ ଶଗଡ଼ ବାଟୁଆ କୋଳି, କଳା କଳା ସିଙ୍ଗାଣିଆ କୋଳି । କି ବାସନା ଏ କୁରେଇ ଫୁଲର !

Digitized by srujanika@gmail.com

'ହେଲେ ଏ ଉପଭୋଗର ସମସ୍ତ ନୁହେ, ଜୀବନ ଯେମିତ ପଳାଇଛି ମୁଁ । ମନ ଚଞ୍ଚଳ ।'

କେତେ କଣ ଭାବୁ ଭାବୁ ଗୋବର୍ଦ୍ଧନ ରଗଡ଼ ପରେ ରଗଡ଼ ପାର୍ ହୋଇ ବାରୁଆଁ ଜଙ୍ଗଲରେ ପଶିଲେ—ଲମ୍ବା ଲମ୍ବା ଶାଳ ଜଙ୍ଗଲ, ତଳେ ଲଟାବୁଦା ବେଶୀ ନାହିଁ, ଖୋଲମେଲ । ପାହାଡ଼ ଗୁମ୍ଫା ଉପରେ ବସି ସେ କେତୁଟା ଆମ୍ବବଉଳ ଶୁଙ୍ଘିବାଇଲେ ।

ଗୁମ୍ଫା ତଳେ ଝାଲୁ ଘୁଡ଼ୁର୍ ଘୁଡ଼ୁର୍ ହଉଚ; ଛୁଆ ଦଟା ଏପଟ ସେପଟ ହଉଛନ୍ତି । ସେ ପଟେ 'ବୁଲଝର', ପଥର ପରେ ପଥର ଡେଇଁ ପାହାଡ଼ ତଳକୁ ବୋହି ଯାଉଚ ।

ଅଦୂରରେ ଡାକବଙ୍ଗଳା, ଖରାଦିନେ ରଜା ଆସି ରହନ୍ତି । କେତେ ଥର ରଜାଙ୍କ ସାଙ୍ଗରେ ଆସି ସେ ବି ରହିଛନ୍ତି । ଘଞ୍ଚ ଜଙ୍ଗଲ ରାତିସାରା ସରସର ମରମର କରୁଥାଏ, ଲାଗେ ଯେମିତି ସମୁଦ୍ର ଢେଉ ପିଟି ହଉଚ । ଝରକାରୁ ଚାହିଁଲେ ଦିନ ଦିପହରେ ମହାବଳ ବାଘ ଆଁ କରି ଶୋଇବାର ଦିଶେ, ମାଛି ବେଢ଼ିଥାନ୍ତି ।

ଆଜି ଅବସ୍ଥା ଭିନ୍ନ, ସେ ରଜା, ଆଉ ରାଜବାଟିକ ଉଠୁଚ— ଦିନେ ଯେ ଏତେ ପ୍ରିୟ ଥିଲା, ତାଙ୍କୁ ଦେଖିଲେ ଏବେ ଘୃଣଆଁ ଲାଗୁଚ । ତାଙ୍କ କଥା ମନେ ପଡ଼ିଲେ ଦେହ ଶୀତେଇ ଉଠୁଚ, ଲାଗୁଚ ତାଙ୍କ ମହାବଳ ଆଖିଦିଟା ଯେମିତି ପଛେ ପଛେ ଗୋଡ଼ାଇଚ; ଏବେ ବନ୍ୟ ଜନ୍ତୁ ପରି ପଳାତକ ସେ, ଶିକାରୀ ପରି ଗୋଡ଼ାଇଛନ୍ତି ରଜା ।

ରଜା ପ୍ରଜା ସଂଗ୍ରାମରେ ପ୍ରଜାପକ୍ଷର ସେନାପତି ହୋଇଛ ସେ; ସେନାପତି ଭାଙ୍ଗିଲେ ସେନା ଛତଭଙ୍ଗ ହୁଏ । ସେ ଡରିବ କାହାକୁ, କାହିଁକ ?

ଅଳ୍ପ ଦୂରରେ ମହାଦେବଙ୍କ ଦେଉଳ, ମୁଣ୍ଡିଆଟିଏ ମାରି ଯିବାକୁ ଭାରି ଇଚ୍ଛା, ଅଭୟ ମିଳିଥାନ୍ତା ସେଠୁ ।

Digitized by srujanika@gmail.com

ଡର ମାଡ଼ୁଲା ବନା ପୂଝାରୀଙ୍କୁ; ସେଠା ରଜାଙ୍କ କାନକୁହା; ଦୌଡ଼ିଯାଇ ରଜାଙ୍କ ନିଜ ଲୋକଙ୍କୁ ଫୋଡ଼ଦବ । ସେମାନେ ଗୋଡ଼ାଇ ଗୋଡ଼ାଇ ଧରିପକାଇବେ । ଏଠା ନିରାପଦ ସ୍ଥାନ ନୁହେଁ, ପଳାଇବ ।

ଘାଟି ପରେ ଘାଟି ପାରହୋଇ ଗୋବର୍ଦ୍ଧନ ତଳକୁ ଖସିଲେ । ଏଯାକେ ପ୍ରକୃତି କୁହୁଡ଼ିର ପଣତ ଘୋଡ଼ାଇ ରଖିଥିଲା । ଏବେ ତୋଫା ଖର; କେଡ଼େ ସୁନ୍ଦର ପକ୍ଷୀ ହଳଦିବସନ୍ତ, ଡରିଉଚି--ହୋଇ, ହୋଇ, ଗଲା, ଗଲା । ହଁ, ମତେ ନ ଡରାଇବ କାଇଁକି ? 'ସୀତା କୋକ ଲୋ' ବୋଲି ଦିନେ ସୀତାଦେବୀଙ୍କି ତ ସେ ଡରାଇଥିଲା !

ଏ ମିଛ ଡରଭୟ କାହିଁକି ? ଏ ପାହାଡ଼ଟା ରଜାଙ୍କ ସମ୍ପତ୍ତି ହୋଇପାରେ; ପ୍ରକୃତି କ'ଣ ରଜାଙ୍କର ? ଏ ପକ୍ଷୀମାନେ କ'ଣ ରଜାଙ୍କର ଘଠ ?

ନା ନା, ସେମାନେ ରଜାଙ୍କୁ କର ଦିଅନ୍ତି ନାହିଁ; ରଜାଙ୍କ ଗୁଳିରେ ପଣ ପଣ ମରନ୍ତି, ଯେମିତି ତାଳମୂଳର ପ୍ରଜା । ସମାନ ଦୁଃଖୀ ସେମାନେ, ସମାନ କଷ୍ଟୀ ।

ଏଇ ସମୟରେ ପନ୍ଦ୍ରେ ହଂସବଳ ଉଡ଼ିଗଲେ—ଗୋବର୍ଦ୍ଧନ ପ୍ରଶ୍ନ କଲେ—ପାଖରେ ବ୍ରାହ୍ମଣୀ ନଈ ନା କ'ଣ ? ତାଙ୍କ ପ୍ରଶ୍ନର ଉତ୍ତର ଦେଲା ପରି ବଡ଼ିଆ କାଙ୍କଠାଏ କହିଲା—ହଁ, ହଁ ।

କୋଉଠି ଅଁଣ୍ଠୁଏ, କୋଉଠି ବଳାଗଣ୍ଠିଏ ପାଣି । ଗୋବର୍ଦ୍ଧନ ନଈରେ ପଶି ପାରହୋଇ ବାଲିରେ ସାଇଁ ସାଇଁ ଚାଲିଲେ । କାହାକୁ ଦେଖିଲେ ମୁହଁ ବୁଲାଇଦିଅନ୍ତି । କିଏ କ'ଣ ପଚାରିଲେ କିଛି ନ ଜାଣିଲା ପରି ହୋଇ ରହନ୍ତି । ମନରେ ଭାବନା—କୁଆଡ଼େ ଯିବ ? ଚାରିଆଡ଼େ ତ ପୁଲିସ୍, ଟିକିଏ ସୁରାକ୍ ପାଇଲେ ବାନ୍ଧନେବେ । ଏତିକି ତଫାତ୍ ଯେ ରଜାଙ୍କ ଦାଉନ୍ତୁ ରକ୍ଷା ନାହିଁ, ଦେଖିଲାମାତ୍ରେ ନିକାଶ କରିଦେବେ । ତା'ଠାରୁ ମୋଗଲବନ୍ଦୀ ଜେଲ୍‌ରେ ବନ୍ଦୀ ହେବା ଅଧିକ ସମ୍ମାନଜନକ । ଧରାପଡ଼ିଲେ ସେଠି ସେ ରହିବେ ପ୍ରଥମ ଶ୍ରେଣୀ ବନ୍ଦୀ ହୋଇ;

Digitized by srujanika@gmail.com

ରହଣି, ଖାଦ୍ୟପେୟରେ କେତେ ଭଲ ବ୍ୟବସ୍ଥା । ଯାହା ଶୁଣିଛି—ଚଲଣିରେ କେତେ ସ୍ୱାଧୀନତା । ମୁଁ ରଜାଙ୍କ ପାଲରୁ ଖସି ଆସିଚି, ଇଂରେଜୀ ଖାପଚରେ ପଡ଼ିବା ପାଇଁ ନୁହେଁ । ପୋକ୍ରୁହରୁ ଖସି ମଡ଼ାଜାଲରେ ପଡ଼ିଲା ପରି ଏ ହବ । ଲାଭ କ'ଣ ? ଯୋଉ ଗୁଳିକାଣ୍ଡ ଗୁରଆଡ଼େ ଗୁଳିଚ, କେତେବେଳେ ଜୀବନ ଯିବ । 'ଦେଖିଲାମାତ୍ରେ ଗୁଳି କର' ଆଦେଶ; ମୋ ଉପରେ ସନ୍ଦେହ ଉପୁଜିଲେ ପୁଲିସ୍ ସଙ୍ଗୀନ୍ କେଞ୍ଚି ମାରିଦେବେ । ମରିବାକୁ ଡରୁନାହିଁ; ହେଲେ ଏମିତି ପୋକମାଛି ପରି ମରିବା କାହିଁକି ?

ସବୁ ବଡ଼ ବଡ଼ ନେତା ଏବେ ଜେଲ୍‌ରେ; ଆନ୍ଦୋଳନ ଚଳାଉଛି କିଏ ? ଯେ ଚଳାଉଛି, ମୁଁ ତାର ହାତମୁଠା ହୁଁ ଠାଣ କରିବ । ଇଂରେଜ ଗଛେ ଗଛେ ଖୋଜିଲେ ମୁଁ ପତ୍ରେ ପତ୍ରେ ଲୁଚିବ । ଲୁଚିଛପି ତ ପାତାଳପୁରରେ ଏମିତି କେତେ ନେତା ରହିଛନ୍ତି; ଇଂରେଜ ପତ୍ତା ପାଇନାହିଁ ।'

ଗୋବର୍ଦ୍ଧନ ଏହିପରି ଚିନ୍ତାରେ ମସ୍‌ଗୁଲ୍ ରହି ତାଳମୂଳ ସୀମା ପାର୍ ହେଲେ । ତା'ପରେ ଅନ୍ତରଙ୍ଗ ବନ୍ଧୁ କୁସୁନ ପଧାନ ଘରେ ଯାଇ ପହଞ୍ଚିଲେ । ବେଶଭୂଷା ବଦଳାଇ ଚଳବଚଳ ହେଲେ । ଦିନେ ଦୁଇ ଦିନ ବିଶ୍ରାମ ନେଲାପରେ ଲୋଟା କମ୍ବଳ ଧରି ବାବାଜୀ ବେଶରେ ବାହାରି ପଡ଼ିଲେ । ଢେଙ୍କାନାଳ ବାଟେ ଗଲେ ଧରାପଡ଼ିବାର ସମ୍ଭାବନା; ପୁଲିସ୍ ପ୍ରତି ଗାଡ଼ିର କୋଠରିମାନଙ୍କରେ ଉଙ୍କିମାରୁଥାନ୍ତି, ସନ୍ଦେହ ହେଲେ ପଚରାଉଚରା କରୁଥାନ୍ତି । ଗୋବର୍ଦ୍ଧନ ଜଙ୍ଗଲର ଚଲାବାଟ ଧଇଲେ । କଟକରେ ପହଞ୍ଚି ସ୍ୱରାଜ ଆଶ୍ରମକୁ ଗଲେନାହିଁ; ସେଠି ପୁଲିସ୍ ଛକିଛନ୍ତି; ସାରା କଟକସହର ପୁଲିସ୍ ଘେରାଉ ଭିତରେ ଅଛି । କାଳିଆବୋଦା ମଶାଣିର ଗୋଟିଏ କୁଡ଼ିଆରେ ଲୁଚିରହିଲେ । ସେଠ ଗୋପନରେ ଆନ୍ଦୋଳନ ଚଳାଉଥିବା ଜଣେ ଅଧେ ନେତାଙ୍କର ସନ୍ଧାନ ମିଳିଗଲା । ସେ 'ଭାରତ ଛାଡ଼' ଆନ୍ଦୋଳନ ଚଳାଇଲେ ।

Digitized by srujanika@gmail.com

ଏଣେ ତାଳମୂଳରେ ଘର ଗୋଟାଏ ଚହଲ ପଡ଼ିଗଲା—ଗୋବର୍ଦ୍ଧନ ପାଟେଶ୍ୱ ଡେଇଁ ପଳାଇଯିବା କଥାଟା ଧୂଆଁବାଣ; ରଜା ତାଙ୍କୁ ମାରିପକାଇଛନ୍ତି ।

ମାରିପକାଇଛି ? କେଡ଼େ କଥା କଲା ! ଆମ ନେତାଙ୍କୁ ମାରିପକେଇଲା ! ଏ ଗାଆଁରୁ ସେ ଗାଆଁ, ସେ ଗାଆଁରୁ ଆର ଗାଁକୁ ଗୁଜବ୍ ଛୁଟିଲା—ଏ ରଜାଟା ଘର ମାରଣା, ଯେତିକ ବଣଜନ୍ତୁ ମାରିଛି, ତାଠୁଁ ବେଶୀ ମଣିଷ । ଏଥର ତା ମାରଣାପଣ ଛଡ଼ାଇଦେବା, ତା ଶିଙ୍ଘ ଭାଙ୍ଗିଦବା ।

ନିଜର ଧର୍ମପୁଅକୁ ମାରିବାକୁ କେମିତି ତା ହାତ ଗଲା ? ମେଣ୍ଢା କି ଛେଳିଟିଏ ପାଳିଥିଲେ ତ ମାରିବାକୁ ହାତ ଯାଉନାହିଁ ! ସେ ରଜାର କ'ଣ ଦୟାମାୟା ଟିକିଏ ନାହିଁ ? ସେ ନିଜେ ଖଣ୍ଡାରେ ହାଣି ମାଇଲା, ନା ମରେଇଲା ?

ଆହା ଗୋବର୍ଦ୍ଧନ ପରି ନେତାଟାଏ ଆଉ ମିଳିବ ? ଲୋକଙ୍କ ପାଇଁ ତା ପ୍ରାଣ କାନ୍ଦୁଥାଏ । ସେ ଆମର ଭାଇବନ୍ଧୁରୁ ବଳି ।

ତାକୁ ମାରି ରଜା ଏବେ କୋଉ ସୋଇଁ ଧରିବାକୁ ଖସିଯିବ ? ଚାଲ, ଏଥର ତାକୁ ପାନେ ଦେବା । ରାଜବଂଶକୁ ନିପାତ କରିବା ।

ଲୋକେ ସମାନ୍ତରାଳ ସରକାର ଗଢ଼ିଲେ; ନେତାଙ୍କ ଆଦେଶରେ ରାଜ୍ୟର ସବୁ ଲୋକ ଏକଜୁଟ୍ ହେଲେ, ହାତରେ ଫାର୍ସା, ଖଣ୍ଡା, ଠେଙ୍ଗା-ବାଡ଼ି । ମୁଣ୍ଡରେ ଝାମ୍ପି; ଝୋଟ, କିରାସିନି—ରାଜବାଟିକି ନିଆଁ ଲଗାଇ ପୋଡ଼ିବେ, ରଜାକୁ ଟିକି ଟିକି କରି କାଟି ସେଇ ନିଆଁରେ ପକାଇଦେବେ—

ମୂଳୁଁ ମାଇଲେ ଯିବ ସରି
ଦେବଙ୍କ ସଙ୍ଗେ କମ୍ପା କଲି ?

Digitized by srujanika@gmail.com

ଲୋକେ ହଜାର ହଜାର ସଂଖ୍ୟାରେ ରାଜଧାନୀକୁ ଚାଲିଲେ । ବଂଶରକ୍ଷା କରିବା ଲାଗି ଘରେ ଜଣେ ଜଣେ ରହିଲେ ମାତ୍ର ।

ସଙ୍ଗରେ ଚୂଡ଼ା, ଗୁଡ଼, ଲୁଣ, ଲଙ୍କା, ପାଣିମାଠିଆ, ଭୁଣ୍ଡରେ ହରିବୋଲ ! ସ୍ତ୍ରୀଲୋକେ ହୁଳହୁଳି ପକାଇ ବନ୍ଦେଇଲେ । ଘଣ୍ଟା, ଶଙ୍ଖ, ଯୋଡ଼ନାଗରା ଆଉ ମହୁରୀ ବାଜିଉଠିଲା ।

ଜୀବନକୁ କାହାର ଭୟ ନାହିଁ ? ପ୍ରାଣଭୟରେ ଚୌକିଦାର, କନଷ୍ଟବଲ ପଗଡ଼ି ଥୋଇଦେଲେ । ପ୍ରଜାମଣ୍ଡଳ ଲୋକେ ଥାନାରେ ଜବରଦସ୍ତ ପଶି ବନ୍ଧୁକ ଲୁଟିନେଲେ । ଖଟୁଆ, ମିଛୁଆଙ୍କ ଉପରେ ହେଲା ମାଡ଼ ।

ଟେଲିଗ୍ରାଫ୍ ତାର କାଟି ଦିଆ ହେଲା । କଚେରୀ, ଡାକବଙ୍ଗଳା, ବାଟ୍ ଘର, ଜଙ୍ଗଲ ଅଫିସ୍ ପୋଡ଼ିଦିଆଗଲା । ଗାଁମାନଙ୍କରେ ରଜାରାଜୁତିର ଚିହ୍ନବର୍ଣ୍ଣ ରହିଲା ନାହିଁ ।

ପରେଡ୍ ପଡ଼ିଆରେ ଜନସମୁଦ୍ର; ଚିତ୍କାର ଶବ୍ଦରେ କାନ ଫାଟୁଥାଏ । ରଜାଙ୍କ ଚଉଦ ପୁରୁଷ ଉଖାଳୁଥାନ୍ତି । ଅସହ୍ୟ ।

ଅଶରଣର ଶରଣ ବ୍ରିଟିଶ୍ ସରକାର; ରଜା ଫୋନ୍ କଲେ— ମୁଁ ମୋ ପରିବାର ବିପନ୍ନ; ପ୍ରଜା ମିଛ ଅପବାଦ ଦେଇ ମାତିଉଠିଛନ୍ତି । ଯିଏ ମତାଇଯାଉଛି ସେ କୁଆଡ଼େ; ଧରିଛୁଆଁ ଦେଉ ନାହିଁ କି ନିଜେ ବାହାରୁଛି ବୋଲି କହୁନାହିଁ ।

ରାଜବାଟି ଘେରାଉରେ; ଆମେ ବହୁତ କୁଭାଷା ସହି ଧୈର୍ଯ୍ୟ ଧରି ରହିଛୁ । ଶୀଘ୍ର—ଅତି ଶୀଘ୍ର ଆମ ଜୀବନରକ୍ଷା ବ୍ୟବସ୍ଥା କର ।

ଇଂରେଜ ଫଉଜ ବନିକ ମଧ୍ୟରେ ହେଲିକପ୍ଟରରେ ଉଡ଼ିଆଇଲେ, ହାତରେ ବୋମା, ମେସିନ୍‌ଗନ୍, ଲୁହବୁହା ଗ୍ୟାସ୍ । ବୋମାରୁ ଭୟଙ୍କର ଗର୍ଜନରେ ଠିକ ତାଳମୂଳ ରାଜ୍ୟଟି କମ୍ପିଉଠିଥିଲା ।

Digitized by srujanika@gmail.com

କେତୁଟା ବୋମାମାଡ଼ରେ ଗାଁକୁ ଗାଁ ନିଆଁ କରିଦିଆହେଲା । ପ୍ରଜା ଆଉ ଫୌଜ ମଧ୍ୟରେ ଧୂଆଁ ବାଣର ପାଚେରିଟାଏ ଗଢ଼ାହେଲା । କଷ୍ଟ ଦେଖି ନ ପାରିଲେ ମଧ୍ୟ ଆଖି ବୁଜି ଲୋକେ ଟେକା, ପଥର ଫିଙ୍ଗୁଥାନ୍ତି, ଫୋପାଡ଼ ମାରୁଥାନ୍ତି । ଏଥିରେ କ'ଣ ହେବ ? ସୁଶିକ୍ଷିତ ସୈନ୍ୟଙ୍କ ସଙ୍ଗେ ପ୍ରଜାଫୌଜ କି ଲଢ଼େଇ କରିବେ ? ବୋମା ଭୟରେ ଛିନ୍‌ଛତ୍ର ହୋଇ କିଏ କୁଆଡ଼େ ପଳାଇଲେ ।

ହେଲିକାପ୍‌ଟର୍‌ ପଛେ ପଛେ ଗୋଡ଼ାଇ ମେସିନ୍‌ଗନ୍‌ରୁ ଗୁଳି ଫାୟାର କଲା । ହଜାର ହଜାର ଲୋକ ଶୋଇଗଲେ । ଟ୍ରକ୍‌ରେ ଶବସବୁ ବୋହିନେଇ ପେଟ୍ରୋଲ ଢାଳି ପୋଡ଼ିଦିଆହେଲା ।

ଗ୍ରାମେ ଗ୍ରାମେ ପଶି ଗୋରା ସୈନ୍ୟ ସ୍ତ୍ରୀମାନଙ୍କ ଇଜ୍ଜତ ନେଲେ, ସମୂହ ଜରିମାନା ଆଉ ପିଟ୍‌ଣି ଟିକସ ଧାର୍ଯ୍ୟ କରାଗଲା ।

ସେ ସମୟରେ ଜଙ୍ଗଲ ହିଁ ଥିଲା ଏକମାତ୍ର ନିରାପଦ ସ୍ଥାନ । ଲୋକେ ପଳାଇଯାଇ ସେଇଠି ଆଶ୍ରୟ ନେଲେ । ଜଙ୍ଗଲ, ଯୋଉଠି ସଭ୍ୟତା ମୋଟେ ପଶିନାହିଁ, ଘୋର ଅନ୍ଧାର ଜମାଟ ବାନ୍ଧି ରହିଛି, ତାହାଣୀ ଆଲୁଅରୁ ତାହାହିଁ ଅଧିକ ନିରାପଦ ବୋଧ ହେଲା । ସେଇ ଆଦିମ ଅନ୍ଧକାର କୋଳକୁ ଡେଇଁପଡ଼ି ଲୋକେ ବଞ୍ଚିଗଲେ ।

।। ଏଗାର ।।

କେତେବେଳେ ରାଗରେ କିଏ କହିଥିବ, ଗୋବର୍ଦ୍ଧନ ମୋ ଧର୍ମପୁଅ, ମୁଁ ତାକୁ ମାରିଦେଇପାରେ ? ଏ ଅପବାଦ ରଚନା କରିବା ପାଇଁ ଲୋକଙ୍କ ତୁଣ୍ଡ ଲେଉଟିଲା କିପରି ?

Digitized by srujanika@gmail.com

ନା କୃତଘ୍ନ, ଦୁର୍ମୁଖର ଅକଥ୍ୟ କିଛି ନାହିଁ ?

ଲୋକଙ୍କୁ ଦଇବ ଛାଡ଼ିଲା ନା କଣ ? ନଇଲେ ହାଣମୁହିଁକୁ ଆସିଥାନ୍ତେ କାହିଁକି ?

କଥା ଅଛି—'ଆତ୍ମାନଂ ସତତଂ ରକ୍ଷେତ୍'—ଆତ୍ମରକ୍ଷା ଲାଗି ଯା କିଛି କଲେ ପାପ ନାହିଁ ! ଗୁଳି ନ ଚଳାଇ ମୁଁ ଆଉ କଣ କରିଥାନ୍ତି ?

ଆହାରେ ମୋର ହତଭାଗ୍ୟ ପ୍ରଜା, ତୁମ କଥା ଭାବିଲାବେଳକୁ ମୋର ଛାତି ଫାଟି ଯାଉଚି । ଜୀବନସାରା ତୁମ ମଙ୍ଗଳ ଛଡ଼ା ଅମଙ୍ଗଳ ଚିନ୍ତା କେବେ କରିନାହିଁ । ସାଧ୍ୟମତେ କଲ୍ୟାଣ କରି ଆସିଛି । ଗୋଟିଏ ହେଲେ ନୂଆ ଟିକସ ବସାଇନାହିଁ ।

ପର ଶିଖାରେ ପଡ଼ି ତୁମେସବୁ କଣ ହେଇଗଲ ? ନା, ମୋର କପାଳ ମନ୍ଦ ପଡ଼ିଲା ? ସବୁ କରି ମୁଁ କାହିଁରେ ନୋହିଲି । ଥରେ ରାଜ୍ୟ ଛାଡ଼ି ପଳେଇଗଲି । ଏବେ ମାରିବାକୁ ଆସିଲ । ଜୀବନସାରା ରାଜ୍ୟ ଲାଗି କାର୍ଯ୍ୟ କରିବାର ସୁଫଳ ମୁଁ ହାତେ ହାତେ ପାଇଗଲି !

ଥରେ ଏକଘରକିଆ କଲ । ତାପରେ ଭାତରେ ମାଇଲ । ଏବେ ହାତରେ ମାରିବାକୁ ଅଇଲ !

ସବୁବେଳେ ମୁଁ ମାରୁଚି ବୋଲି ଅପବାଦ ଦଉଚ, ଏସବୁ କଣ ? ଆରେ, ମୁଁ ତ ଜୀବନହାରା ଦୁଃଖୀ, ଦୁଃଖ ମତେ ଡରାଇବ କଣ ?

ସାଆନ୍ତ ଘରେ ଜନ୍ମିଥିଲି, ଗରିବ ଚାଷୀଟିଏ ହୋଇ ଜୀବନ ଯାଇଥାନ୍ତା । ରାଜା ହୋଇ ମୋର ଗରିବାନ କଣ ଘୁଞ୍ଚିଲା ? ନା ବିପଦ ମତେ ଛାଡ଼ିଲା ? ସେଥିଲାଗି କଣ ମୋର ଭାବନା ଥିଲା ? ମୋ ଭାବନା ତୁମରି ଲାଗି । ପ୍ରଜା ଯଦି ରଜାକୁ ଛାଡ଼ିଲା, ସେଥିଠାରୁ ବଳି ମୋର ବଡ଼ ଦୁଃଖ କଣ୍ ? ଯଦି ହାତ ଉଠାଇ ମାରିବାକୁ ବସିଲ, ସେଥିଠାରୁ ବଳି କଷ୍ଟ କଣ ?

Digitized by srujanika@gmail.com

ସବୁବେଳେ ସୁନାମ ଅର୍ଜନ କରିବାକୁ ଚେଷ୍ଟା କରି ମୁଁ ଯାବଜ୍ଜୀବନ ବଦ୍‌ନାମରେ ଭାଗୀ ହେଲି । ଏଥିଲାଗି ମୁଁ କାହାରିକୁ ଦୋଷ ଦେଉନାହିଁ । ସବୁ ନିଜ ମୁଣ୍ଡକୁ ହିଁ ନେଉଛି ।

ଲାଉ ଲଗାଇଲେ ମୋ ଭାଗ୍ୟକୁ ଚଳଣା ହିଁ ଫଳିଲା, ନା ସବୁ ସମୟର ଦୋଷ ? ଏଥିରେ କାହାରି କିଛି ଭାବିବାର ବା କରିବାର ନାହିଁ । କାଳର ତାଳ ମାନିଯିବା ହିଁ କାମ, ମୁଁ ଆଉ କାହା ଲାଗି ବଞ୍ଚିବି ? କିଏ ଏବେ ମୋର ଦୀର୍ଘ ଜୀବନ ଚାହେଁ ?

ଯୁବରାଜ ! ଦିନକେ ଥରେ ସାକ୍ଷାତ ବି ହୁଏନାହିଁ । କେବେ ଥିଲେ ସେ ମୋ ସୁଖରେ ନା ଦୁଃଖରେ ? ଦଳେ ପଥଚ୍ୟୁତଙ୍କୁ ଘେନି ମୋ ଦୃଷ୍ଟି ଆଢୁଆଳରେ ସେ ବୁଲୁଥାନ୍ତି । ଅଭିଷେକର ସ୍ୱପ୍ନ ମୋର କେଡ଼େ କେଡ଼େ ବେମାରରେ ଦେଖା ଦେଇ ମଉଳି ଯାଇଛି । ବହୁ ବିଳମ୍ବ ହେଲାଣି । ରାଜା ହୋଇପାରିବେ କି ନାହିଁ ? ଆଶା ନିରାଶା ମଧ୍ୟରେ ତାଙ୍କ ଜୀବନ ଚଳେ ।

ପ୍ରଜା ବି ମୋର ଦୀର୍ଘ ଜୀବନ ଚାହାନ୍ତି ନାହିଁ । ନୂଆ ଶାସନ ଆସିଲେ ଯୁଗ ଓଲଟିବ, ବିଶ୍ୱାସ କରନ୍ତି ସେମାନେ ।

ଈଶ୍ୱରଚନ୍ଦ୍ର ଭାବି ଭାବି କ୍ଷୀଣତର ହେଲେ । ସଂସାରରୁ ତାଙ୍କ ମନ ତୁଟିଗଲା, ସ୍ୱାସ୍ଥ୍ୟ ଭାଙ୍ଗିଲା । ହଠାତ୍ ଦିନେ କୁହୁଡ଼ିଆ ସକାଳରେ ତାଙ୍କ ହୃତ୍‌ପିଣ୍ଡକ୍ରିୟା ବନ୍ଦ ହୋଇଗଲା ।

ଈଶ୍ୱରଚନ୍ଦ୍ର ! ପ୍ରକୃତ ରାଜକଳା ଥିଲା ତାଙ୍କର, ରାଜାର ହାଲ୍ । ଅନ୍ତରରେ କବି ଥିଲେ ସେ । ପ୍ରାଣ ଭରି ଭଲ ପାଉଥିଲେ କବି, ଲେଖକ, କଳାକାରଙ୍କୁ । ଦେଶର ଅରଣ୍ୟସମ୍ପଦକୁ ସବୁମତେ ରକ୍ଷା କରିଥିଲେ ସେ । ବନ୍ୟ ଜନ୍ତୁ କେଉଁଠି ମାରିଥିଲେ ବି ସେମାନଙ୍କ ପ୍ରତି ଗଭୀର ପ୍ରୀତି ଥିଲା ତାଙ୍କର । ପ୍ରାକୃତିକ ଚିଡ଼ିଆଖାନାରେ ସେମାନଙ୍କୁ ଆଶ୍ରୟ ଦେଇଥିଲେ ସେ ।

Digitized by srujanika@gmail.com

ଅନାଥର ଭରସା, ଅସହାୟ ରୁଗ୍‌ଣର ଆଶା, ଦୁଃଖୀଗରିବଙ୍କ ବାପମାଆ। ବହୁଦର୍ଶୀ, ବିଚକ୍ଷଣକର୍ମୀ, ରସିକଚୂଡ଼ାମଣି। ଘଣ୍ଟଣାଚକ୍ରରେ କେଉଁଠି ଘୂର୍ଣ୍ଣି ବହିଗଲା, ଗୋଟି ମାଡ ହୋଇ ଉଠାଇ ଦେଲା ସିନା, ପ୍ରକୃତପକ୍ଷେ ସେ ହୃଦୟହୀନ କୁଶାସକ ନ ଥିଲେ। ଏବେ ଲୋକେ ତାଙ୍କ ଜୟନ୍ତୀ ପାଳନ୍ତି, ସଦ୍‌ଗୁଣ ସୁମରି ଲୁହ ଗଡ଼ାନ୍ତି।

ଇଂରେଜ ଶାସନର ବେଳ ବୁଡ଼ି ବୁଡ଼ି ଆସୁଚି, ତଥାପି ଗୋରା ସାହେବଙ୍କ ଆଶା—ଆଉ କିଛି ଦିନ ତିଷ୍ଠି ପାରିବେ ପରା!

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜଣି ଆନନ୍ଦରେ କୁରୁଉଛନ୍ତି। ଜର୍ମାନ୍ ବୋମା ମାଡ଼ରେ ଲଣ୍ଡନସହର ଗୁଣ୍ଡା ହେଲାବେଳେ ପ୍ରାଣ ବିକଳରେ କଣ ଭୁଣ୍ଡରୁ ବାହାରି ପଡ଼ିଥିଲା। ଭାରତୀୟମାନେ ସେ କଥା ଧରିବସିବା ଉଚିତ ନୁହେ। 'ନିଜ ଭିତର କଳି ଆଗେ ମେଣ୍ଟାଅ, ତାପରେ ସ୍ୱାଧୀନତା ଆଶା କର।'

ହେଲେ ଶାସକ କଣ କରୁଛନ୍ତି? କଳି ଲଗାଉଛନ୍ତି ନା ଛିଣ୍ଡାଉଛନ୍ତି? ଭାଇ ପ୍ରତି ଭାଇ ଯେ ଅବୁଝା ହେଉଚି, ଭାଇକି ଭାଇ ଯେ ଗ୍ଳେବ ମାରୁଚି, ଏଥିଲାଗି ଦାୟୀ କିଏ?

ହଣାକଟା ଖୁବ୍ ଚୁଲିଚି, ରକ୍ତସୁଅ ଭାସୁଚି; କିଛି ନ ଜାଣିଲା ପରି ଆଖି ବୁଜି ବିରାଡ଼ି ଦୁଧ ପିଉଚି!

ଭାବିଚି 'ଦ୍ୱୟୋର୍ବିବାଦେ ତୃତୀୟସ୍ୟ ଲାଭଃ'; ଭାଇ ଭାଇ ମୁଣ୍ଡ ଫଟାଫଟି ହେଉଥିବାବେଳେ ଆମେ ନ ହେଲେ ଚଳିବ ନାହିଁ।

ଈଶ୍ୱରଚନ୍ଦ୍ରଙ୍କ ପରେ ଉଦୟଚନ୍ଦ୍ରଙ୍କ ଅଭିଷେକ। ବ୍ରିଟିସ୍ ସମ୍ରାଟଙ୍କ ଖରିତ ବା ଗାଦିନାସୀନ ସମ୍ମତିପତ୍ର ଭାଇସ୍‌ରୟଙ୍କ ପାଖେ ପହଞ୍ଚିଚି; ତାକୁ ସଙ୍ଗରେ ଘେନି ଆସି ପହଞ୍ଚିଛନ୍ତି ପୂର୍ବଭାରତୀୟ ଗଡ଼ଜାତ-ମାନଙ୍କ ରେସିଡେଣ୍ଟ ମିଃ ଟଡ୍।

Digitized by srujanika@gmail.com

ପହଞ୍ଚିଛନ୍ତି ଓଡ଼ିଶା ଗଡ଼ଜାତର ପ୍ରାୟ ସବୁ ରଜା, ପଲିଟିକାଲ୍ ଏଜେଣ୍ଟ୍ ଓ ଅନ୍ୟ ଅଫିସରବର୍ଗ । ଖରିତ ଦେବା ଆଗରୁ ରେସିଡେଣ୍ଟ କହିଲେ—

ରାଜ୍ୟର ଦାୟିତ୍ୱ ମୁଣ୍ଡରେ ବୋହିବା ଆଗରୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ନିଅ । ଏଇ ମହିମାମୟ ରାଜ୍ୟର ଉଜ୍ଜ୍ୱଳ ଅତୀତର ଦାୟାଦ ଆପଣ; ସମ୍ମାନର ଆସନ ଏଇ ରାଜସିଂହାସନ । ଏଥିରେ ବସିବା ଆଗରୁ ଶାସନଦାୟିତ୍ୱ କେଡ଼େ ଗୁରୁତର ତାହା ବୁଝିନେବା ଆବଶ୍ୟକ ।

ଛ ବର୍ଷର ଘୋର ଯୁଦ୍ଧ ପରେ ଏବେ ଶାନ୍ତିର ଜନ୍ମଯନ୍ତ୍ରଣା ଆମେ ଅନୁଭବ କରୁଛୁ ।

ଏଇ ଯୁଦ୍ଧ ପୃଥିବୀର ମାନଚିତ୍ର ବଦଳାଇ ଦେଇଛି । ଏ ବଦଳା-ବଦଳ ଅବଶ୍ୟ ଆମ ଇଚ୍ଛାମତେ ହୋଇଛି । ଏତେ ଦୁଃଖକଷ୍ଟ ପରେ ଯେଉଁ ଶାନ୍ତି ଆସିଚି, ତାର ଉପଯୁକ୍ତ ଉପଯୋଗ ହେବା ଆବଶ୍ୟକ ।

ମଣିଷଜାତି ଏବେ ଘୋର ପରୀକ୍ଷାନିରୀକ୍ଷା ମଧ୍ୟରେ ଗତି କରୁଛି । କର୍ମତତ୍ପର ହେବାଲାଗି ଏ ଅନୁକୂଳ ସମୟ ।

ବୟୁସ୍କର ପୋଖତ ଅନୁଭୂତି ନେଇ ଆପଣ ସିଂହାସନରେ ବସୁଛନ୍ତି । ଏ ରାଜ୍ୟର ଓ ରାଜ୍ୟ ବାହାରର ଅବସ୍ଥା ଭଲଭାବେ ବୁଝିପାରିଥିବେ । ରାଜ୍ୟର କଲ୍ୟାଣ, ଲୋକଙ୍କ ସନ୍ତୋଷବିଧାନ ଆପଣଙ୍କ କର୍ତ୍ତବ୍ୟ । ରାଜା ଓ ପ୍ରଜାମାନଙ୍କ ମିଳିତ ସହଯୋଗରେ ରାଜ୍ୟର ମଙ୍ଗଳ ହେଉ । ଲୋକଙ୍କ ସ୍ୱାର୍ଥ ଆପଣଙ୍କ ସ୍ୱାର୍ଥ ହେଉ । ଆପଣଙ୍କ ଶାସନ ଦୀର୍ଘ, ଶାନ୍ତିମୟ, ନିର୍ମଳ ଓ ସୁନ୍ଦର ହେଉ ।

କ୍ଷମତାପତ୍ର ଓ ଦେଶୀୟ ରୀତି ଅନୁସାରେ ଏ ତରବାରି ମୁଁ ଆପଣଙ୍କ ହାତରେ ଦେଉଛି । ଏହା ଦୃଢ଼ଭାବେ ଆପଣଙ୍କ ହାତରେ ରହୁ, ଶକ୍ତି, ନ୍ୟାୟ ଓ ଶାନ୍ତିର ପ୍ରତୀକ ହେଉ ।

ତରବାରିଟି କୋଷରେ ରଖି ରାଜା ସିଂହାସନରେ ବସିଲେ । ଅଭିଷେକର ଶରଚରିତ ବିଧିରକ୍ଷା ଓ ବ୍ରାହ୍ମଣମାନଙ୍କ ଆଶୀର୍ବାଦଲାଭ

Digitized by srujanika@gmail.com

ପରେ ରାଜା ଉଦୟଚନ୍ଦ୍ର ଏଇପ୍ରକାରେ ରେସିଡେଣ୍ଟଙ୍କ କଥାର ଉତ୍ତର ଦେଲେ—

'ଏ ରାଜ୍ୟର ଉଜ୍ଜ୍ୱଳ ପରମ୍ପରା ପ୍ରତି ମୁଁ ସଚେତନ, ମୋ ଉପରେ ନ୍ୟସ୍ତ ଗୁରୁଦାୟିତ୍ୱ ପ୍ରତି ମୁଁ ଅବହିତ । ଲୋକଙ୍କ ସ୍ୱାର୍ଥ ଜଗିବା ଓ ସୁଖଶାନ୍ତି ପ୍ରତି ଲକ୍ଷ୍ୟ ରଖିବା ମୋର ମୁଖ୍ୟ କର୍ମ ଓ ଧର୍ମ ।

ରାଜ୍ୟଶାସନ ଖାଲି ରଜାର ଦାୟିତ୍ୱ ନୁହେଁ । ଏଥିରେ ପ୍ରଜା ଏବେ ମୁଖ୍ୟ ଅଂଶୀଦାର । ଲୋକଙ୍କ ସଦିଚ୍ଛା, ସହଯୋଗ ମୋର ସମ୍ବଳ । ଲୋକଙ୍କ ଆର୍ଥିକ ଓ ନୈତିକ ମାନ ବଢ଼ାଇବା ଲାଗି ମୁଁ ଯଥାପରୋନାସ୍ତି ଚେଷ୍ଟା କରିବି ।

ଏ ଶୁଭ ମୁହୂର୍ତ୍ତରେ ଭାରତର ପ୍ରତିନିଧିଙ୍କ ଜରିଆରେ ଉଇଣ୍ଡସର୍ ହାଉସ୍‌ର ମହାମାନ୍ୟ ରାଜସମ୍ରାଟଙ୍କୁ ଗଭୀର କୃତଜ୍ଞତା ଜଣାଉଛି । ମୁଁ ଚିର ରାଜଭକ୍ତ, ଆଜୀବନ ଅନୁରକ୍ତ ରହିବି ।

ଏ ସାମାନ୍ୟ କାର୍ଯ୍ୟ ଉପଲକ୍ଷ୍ୟେ ଏତେ କଷ୍ଟ ସହି ଆପଣ ଏ ରାଜ୍ୟକୁ ଶୁଭାଗମନ କରିଛନ୍ତି । ଆପଣଙ୍କୁ ସାଧୁବାଦ ଜଣାଉଛି । ଆପଣଙ୍କ ଶୁଭ ଦୃଷ୍ଟି ଏ ରାଜା ଓ ରାଜ୍ୟ ଉପରେ ଚିରକାଳ ରହୁ ।'

କହନ୍ତି ଯେତେ
ନୁହନ୍ତି ତେତେ

ସଂସାରରେ କେତେ ଲୋକ କେତେ କଥା କହନ୍ତି; କାମରେ ଦେଖାନ୍ତି କେତେଜଣ ?

ମୁହଁ ବୁଲାଇବା ମାନେ ଉଦୟଚନ୍ଦ୍ର କହିବା କଥାକୁ ଭୁଲିଯାଉଥିଲେ । କଥା ସହିତ ତାଙ୍କ କାର୍ଯ୍ୟର କିଛି ସମ୍ବନ୍ଧ ନ ଥିଲା ।

ରଜା ହେବା ପରେ ପରେ ସେ ସିମ୍‌ଲା ଯାଇ ନରେନ୍ଦ୍ରମଣ୍ଡଳୀ ବୈଠକରେ ଯୋଗ ଦେଲେ; ଏହାର ସଭ୍ୟ ହେବା ତାଳମୂଳ ପକ୍ଷରେ ଏକ ଗୌରବର କଥା, ସେ ମନେ କରୁଥିଲେ; ଅନ୍ୟ ରାଜାମାନେ ତାଙ୍କୁ ଏ ଭାଗ୍ୟରେ ଈର୍ଷା ବି କରୁଥିଲେ ।

Digitized by srujanika@gmail.com

ତା'ପରେ ସେ ଗଲେ ରାୟପୁର 'ରାଜକୁମାର କଲେଜର ପୁରସ୍କାର ବିତରଣୀ ସଭାର ସଭାପତି ହୋଇ । ସେଠାରୁ ଗଡ଼ଜାତର ବନ୍ଧୁବାନ୍ଧବଙ୍କୁ ସଂଖୁଳିଯାଇ ଫେରିଲାବେଳକୁ ଏକ ମାସରୁ ବେଶୀ ସମୟ ଯାଇଥିଲା ।

ତା'ପରେ ଗଲେ କେଉଁଝର ରାଜାଙ୍କ ହାତୀଖେଦା ଦେଖିବାକୁ । ସ୍ୱଭାବତଃ ଶିକାର; ଗୋନାସିକା ଜଙ୍ଗଲରେ କଟିଲା ପ୍ରାୟ ଦୁଇ ସପ୍ତାହ ।

ବାମଣ୍ଡା ଟୀକାୟତଙ୍କ ବ୍ରତୋପନୟନ; ବନ୍ଧୁବାନ୍ଧବ କଥା; ନ ଗଲେ ନ ଚଳେ । ସେଠାରୁ ଫେରିଲେ ସାତ ଦିନ ପରେ ।

କଲିକତାରେ ଟେନିସ୍ ଟୋର୍ଣ୍ଣାମେଣ୍ଟ । ଏତେ ପାଖ, ନ ଯିବେ କେମିତି ସେ ! ନିହାତି ବେରସିକଙ୍କ ଛଡ଼ା କୋଉ ଗଡ଼ଜାତ ରଜା ଯାଇ ନାହାନ୍ତିକି ? ସେ ନିଜେ ସିନା ଟେନିସ୍ ଖେଳନ୍ତି ନାହିଁ, ଜଣେ ସମଝଦାର ଦେଖାଳୀ ଭାବରେ ତାଙ୍କର ନାମ ଅଛି । ରଜା ହୋଇ ଯଦି ମନର ସଉକ୍ ମେଣ୍ଟାଇ ନ ପାରିଲେ, ଆଉ କ'ଣ ହେଲେ ମେଣ୍ଟାଇବେ ?

ତା'ପରେ ବଲାଙ୍ଗୀରରେ 'କୋଶଳ କଳାମଣ୍ଡପ'ର ପୋଥି ପ୍ରଦର୍ଶନୀ । ପାଟଣା ଆଉ କଳାହାଣ୍ଡିର ରାଜା ମିଶି ଏହି ଗବେଷଣା ଅନୁଷ୍ଠାନଟି ଗଢ଼ିଥିଲେ । ଏଥିରେ ଯୋଗ ନ ଦେଲେ ସଂସ୍କୃତି ପ୍ରୀତି ନାହିଁ ବୋଲି ଲୋକେ କହିବେ । ଖେଳ ପରି ଏଟା ମନୋରଞ୍ଜକ ନୁହେଁ; ଭିତରେ ପଶିବା ଲାଗି ବହୁତ ବିଦ୍ୟା, ବୁଦ୍ଧି ଲୋଡ଼ା ହୁଏ । ଏତେ ନଟରେ କିଏ ପଶୁଚି ? ଗୁରୁଗମ୍ଭୀର ହୋଇ ଦେଖି ସବୁ ସମଝି ଗଲାପରି ମନୋଭାବ ଦେଖାଇଲେ ତ ହେଲା; ସଂସ୍କୃତିର ମାନ ରହିଲା, ନିଜର ବି ।

ଏ ସବୁରେ ଯୋଗ ଦେଇ ଫେରିଲାବେଳକୁ ବର୍ଷର ଅଧେ ଗଲାଗଲା, ଲୋକଙ୍କ ହାନିଲାଭ ବୁଝିବାକୁ ବେଳ ମିଳିଲା କୋଉଠି ?

ରଜାଘରେ ସବୁ ବଡ଼; କିଛି ନ ଥିଲେ ଗୋଟେ ହାଟା ସଉକ୍ ତ ଥାଏ, ଉଦୟଚନ୍ଦ୍ରଙ୍କ ସଉକ୍ ନୂଆ ଫେସନର ମଟରଗାଡ଼ିରେ ।

Digitized by srujanika@gmail.com

ପ୍ରତିବର୍ଷ ପୁରୁଣା ଗାଡ଼ି ବଦଳାଇ ସେ ନୂଆ ମଟରଗାଡ଼ି କିଣନ୍ତି । ସ୍ୱଭାବତଃ କୃପଣ ହେଲେ ବି ଏ ଦିଗରେ ତାଙ୍କର ଟଙ୍କା ସୁଅ ମୁହଁରେ ବୋହିଯାଏ ।

ଏମିତି କେତୋଟି ବଡ଼ଲୋକୀ ସଉକ୍ ତାଙ୍କର ଅଛି । ରହିଲେ ରହୁ । କୋଉ ଦେବାଳିଆ ହୋଇଯିବାର ଭୟ ଅଛି କି ?

ନାହିଁ ଯେ, ସେ ସଉକ୍‌ଟା ଯଦି ବଦଭ୍ୟାସ ହୁଏ, ସେ ତଳକୁ ଟାଣେ, ତଳାତଳାନ୍ତ ହେବାଯାଏ ଟାଣୁଥାଏ । ଉଦୟଚନ୍ଦ୍ରଙ୍କର ସେଇଆ ହୋଇଥିଲା । ଖାଦ୍ୟ ପ୍ରତି ତାଙ୍କର ନଜର ନ ଥିଲା; ଭୋଜନ ତ ସୁଖେ ଦୁଃଖେ ସମସ୍ତେ କରନ୍ତି—କିଏ ଘୃତାନ୍ନ, କିଏ ବା ଶାକାନ୍ନ । ପାନର ମଜ୍ଜା ଜାଣନ୍ତି କେତେଜଣ ?

ଭାଗ୍ୟବଳରେ ସବୁକିଛି ପାଇବା, ପୁଣି ପାନ ପ୍ରତାପରେ ସେ ସବୁ ପ୍ରତି ଆଖିବୁଜି ଦେଇ କୋଉ କଥାକୁ ପାସଙ୍ଗରେ ନ ପକାଇବାରେ ବଡ଼ଲୋକୀ ବାହାଦୁରୀ ପ୍ରକାଶ ପାଏ । ରାଜାଙ୍କର ଶୟନରେ ସ୍ୱପ୍ନ ବା ଜାଗରଣରେ କିଛି ଦୁଃସ୍ୱପ୍ନ ନ ଥିଲା । ଦୋସ୍ତ ଯେତିକି ଆସି ଜୁଟିଥିଲେ, ସମସ୍ତେ ଘରପୋଡ଼ିଆ, ପରଦ୍ୱାରଦଙ୍ଗା, ଲଫଙ୍ଗା । ହାଣ୍ଡି ପଛେ ମାଙ୍କଡ଼ଚିତ୍ର ମାରୁ, ମାଇପ ପଛକେ ନାକରେ ନମକାଠି ଦେଉ, ପିଆଡ଼କୁ ନିଘା ନାହିଁ । ପରସମସ୍ୟାରେ ନାକ ଗଳେଇଥାନ୍ତି ସେମାନେ—

ପର ବଳଦ ପରଶିଙ୍ଘା
ତା ବୋହୁଥାଏ ନରସିଂହା ।

ପ୍ରଜାଙ୍କ ତଳେ ଦୋଷ ଚାଳି କରି ଦେଖାନ୍ତି । ରଜାଙ୍କ ବୁଝା ଏକତରଫା । ହୋସ ଥାଏ କେତେବେଳେ କି ? ଗଧୁଟା ଖାଲରେ ପଡ଼େ କି ଢିପରେ ପଡ଼େ, କିଏ ଜାଣେ ? କେତେ ନିରୀହଙ୍କ ନାକ କାଟି ହୋଇଯାଏ । ହେଲେ—

ତୁ ତ ଯାହାକୁ କରୁଚୁ ଗୁହାରି
ମୋର ସେଇ ତ ହେଇଚି ବଇରି ।

Digitized by srujanika@gmail.com

ତାଙ୍କ ରୁଟିନ୍ ଦୁନଆଁ ବାହାର । ସେ ବ୍ରତକ କରୁଥିଲେ ଧନ, ଧନକୁ ସ୍ତ୍ରୀ । ମୁହଁସଞ୍ଜ ହେବାମାତ୍ରେ ସେ ଜିପ୍‌ରେ ଶିକାରକୁ ବାହାରି ପଡ଼ୁଥିଲେ । ସଙ୍ଗରେ କେତେ ଜଣ ମସ୍ତୁ ମସ୍ତୁ ଶିକାରୀ, କେଉଁଟା ରାଇଫଲ୍, ବଡ଼ ଛୁରୀ, କେଉଁଟା ଲମ୍ବା ଟର୍ଚ୍ଚ ।

ଏ ଶିକାରୀମାନେ ନଜେ ମାରନ୍ତି, ରଜାଙ୍କୁ ମାରିବାର ଯଶ ଦିଅନ୍ତି । ଶିକାର ବା ଖେଳ ସବୁଠି ରଜାଙ୍କ ଜୟ, ପ୍ରମାଣ କରିବାକୁ ହବ । ତା ନ ହେଲେ ରଜା ଯେ ରାଜ୍ୟର ଶ୍ରେଷ୍ଠ ପୁରୁଷ ପ୍ରମାଣ ହବ କପରି ?

ଜୀବନରେ ରଜା ଦୁଇ ଶହ ମହାବଳ ବାଘ ଶିକାର କରିଛନ୍ତି ବୋଲି ନାଁଡାକ୍ ଥିଲି । ଚିତାବାଘ, କେନ୍ଦୁଆ, ଭାଲୁ, ଗଧିଆ ଗଣତି ଭିତରକୁ ଆସୁ ନ ଥିଲେ । ଏ ମହାବଳଙ୍କ ମଧ୍ୟରୁ କେଉଁଟାଙ୍କ ଉପରେ ରଜାଙ୍କ ଗୁଳି ଯେ ବାଜି ନ ଥିବ, ନୁହେଁ, ହୁଏତ ମୁଣ୍ଡରେ ବା ଗୁଣ୍ଡିରେ ନ ବାଜି ଗୋଡ଼ରେ ବା ଲଙ୍ଗୁଡ଼ରେ ବାଜିଥିବ । ବାଘ ମଞ୍ଚା ଉପରକୁ ଝାମ୍ପ ମାରିବା ଆଗରୁ ଶିକାରୀ ଯେ ଗୁଳି ମାରି ଖସାଇ ନ ଥିବେ, ସେ କଥା ବି ନୁହେ । କନ୍ତୁ ସେସବୁ ଇତିହାସ ଗୋପ୍ୟ, ଶିକାରୀମାନେ ସର୍ବଦା ରଜାଙ୍କ ଅବ୍ୟର୍ଥ ଲକ୍ଷ୍ୟଭେଦକୁ ତାରିଫ୍ କରୁଥାନ୍ତି; ଶିକାରପ୍ରତିଷ୍ଠା ରାଜ୍ୟରୁ ରାଜ୍ୟ ବାହାରକୁ ବ୍ୟାପିଯାଏ ।

ରଜାଙ୍କ ଚଳାଚଳ ଘରେ ବାଘଶିକାରର ବହୁତ ଫଟୋ, ବାଘମୁଣ୍ଡ ଓ ଛାଲରେ ବୈଠକ ଘର କାନ୍ଥ ଭୟଙ୍କର ଦିଶୁଥାଏ । ଶିକାରକ୍ଳବ୍‌ଟି ସେ ଭଲଭାବେ ଚଳାଇ ରଖିଥାନ୍ତି । ଉପରସ୍ଥ ସାହେବଙ୍କୁ ନମନ୍ତ୍ରଣ କରି ସେ ଶିକାର ଅଭିନୟ କରନ୍ତି ।

ପ୍ରଜାଙ୍କ ଦ୍ୱାରା ଜଙ୍ଗଲ ଘେରାଉ କରି ସେ ଶିକାରକୁ ସାହେବଙ୍କ ମଞ୍ଚା ଆଡ଼କୁ ତଡ଼ି ଆଣନ୍ତି । ସାହେବଙ୍କ ଗୁଳିରେ କି ଶିକାରୀ ଗୁଳିରେ ବାଘ ମରୁ, ସେଥିରେ କିଛି ଯାଏ ଆସେ ନାହିଁ । ସାହେବଙ୍କ ନାଆଁ ହେଲେ ହେଲା । ମଲା ଜନ୍ତୁ ଉପରେ ଗୋଡ଼ ଦେଇ ଫଟୋ ନିଆଯାଏ । ବ୍ୟାଘ୍ରହୀନ ବିଲାତରେ ସାହସିକତାର ଏ ସଙ୍କେତ ଦେଖାଇବାରେ ବହୁ ଗୁରୁତ୍ୱ ବା ଗୌରବ ଥାଏ । ମିସେସ୍ ବି ସ୍ୱାମୀଙ୍କ ବୀରତ୍ୱର ବହୁ

Digitized by srujanika@gmail.com

ବର୍ତ୍ତେଇ କରନ୍ତି, ସଙ୍ଗୀମାନଙ୍କ ଆଗରେ । ଉପରିସ୍ଥଙ୍କ ସାବାସ୍‌ପତ୍ର ମିଳିଥାଏ, ରଜାଙ୍କ ବହୁ ଦୁର୍ବଳତାକୁ ଘୋଡ଼ାଇ ପକାଏ । ସେଥିଲାଗି ରଜା ଉପରିସ୍ଥଙ୍କୁ ବାରମ୍ବାର ଶିକାରନିମନ୍ତ୍ରଣ ଦେଇଥାନ୍ତି, ବହୁ ବ୍ୟୟ ହେଲେ ବି । ଅବଶ୍ୟ ବ୍ୟୟର ଅଧିକ ଭାଗ ବହନ କରନ୍ତି ପ୍ରଜା ।

ବାଘ ବା ବାରହା ମାରିବା, ହାତୀ ଧରିବା କେବଳ ଗୋଟିଏ କୌତୁକର ବିଷୟ ନ ଥିଲା । ଦୁଷ୍ଟ ଜନ୍ତୁଙ୍କୁ ମାରି କ୍ଷୟକ୍ଷତିରୁ ରକ୍ଷା କରିବା ରଜାଙ୍କ ପକ୍ଷରେ ଏକ ପ୍ରଜାସେବା ବା ରାଜ୍ୟସେବା ଥିଲା । ଫସଲନଷ୍ଟକାରୀ ବାରହା, ଶମ୍ବର, ଚମ୍ପ, ଗୋଖର, ଚନ୍ଦନବୋଡ଼ା, ଅଜଗର, ଅହିରାଜ ବା ଶଙ୍ଖଚୂଡ଼ ଆଦି ବିଷାକ୍ତ ଓ ଭୟଙ୍କର ସର୍ପ ମାରି ପ୍ରଜା ରଜାଙ୍କଠାରୁ ପୁରସ୍କାର ଲଭ କରୁଥିଲେ ।

ଗଡ଼ଜାତ ପ୍ରଜାବିପ୍ଳବ ପରେ ଓଡ଼ିଶାରେ କେତେକ ରାଜା ପ୍ରତିନିଧିମୂଳକ ଶାସନ ଚଳାଇଥିଲେ; କେତେକ ରାଜ୍ୟରେ ନିର୍ବାଚନ ହୋଇଥିଲା, ବ୍ୟବସ୍ଥାସଭା ଗଢ଼ା ହୋଇଥିଲା, ମନ୍ତ୍ରୀମଣ୍ଡଳ ଗଠିତ ହୋଇ ରାଜ୍ୟଶାସନ ଚାଲିଥିଲା । ଫଳରେ ରଜାଙ୍କ ମନୁଆଁ ଭାବ ଓ ମନମୁଖୀ କାର୍ଯ୍ୟ ବାଧା ପାଇଥିଲା । ହେଲେ ଚାବି ଥିଲା ରଜାଙ୍କ ହାତରେ ।

ତାଳମୂଳରେ ଈଶ୍ୱରଚନ୍ଦ୍ରଙ୍କ ଅମଳରୁ ବ୍ୟବସ୍ଥାପରିଷଦଟିଏ ଗଢ଼ିଥିଲା । ଏହାର ଅଧେ ସଭ୍ୟ ମନୋନୀତ, ଅଧେ ସଭ୍ୟ ନିର୍ବାଚିତ, ଶେଷ ଭୋଟଟି ରଜାଙ୍କର । ପରିଷଦ୍ ଡାକିବାକୁ ରଜାଙ୍କର ମୋଟେ ମନ ନ ଥିଲା । ନାମ୍‌କାୱାସ୍ତେ ଏ ରହିଥିଲା ମାତ୍ର ।

କାଳବେଳ ଅଲଗା; କଣ୍ ନାଇଁ କଣ୍ ଅଘଟଣ କେତେବେଳେ ଘଟିଯିବ । ସରକାର ରଜାଙ୍କ ମୁଣ୍ଡରେ ଅଠା ବୋଳିବେ, ପ୍ରଜା ମଧ୍ୟ । ଏମିତି ଦୋହାଇରେ ପଡ଼ି ରଜା ପରିଷଦ୍ ଡାକୁଥାନ୍ତି । ଆଲୋଚନା ସମାଲୋଚନାର ତୋଫାନ ଉଠେ—ନିଷ୍ଫଳ ଶୂନ୍ୟ ସ୍ୱର ଏ ସବୁ । କାର୍ଯ୍ୟ କିଛି ହୁଏ ନାହିଁ । ବିଦେଶୀ ଶାସକଙ୍କ ଆନୁଗତ ଭଜେଇ ହବାକୁ ରଜାଙ୍କୁ ଏ ପ୍ରହସନ ପରେ ସୁବିଧା ମିଳେ ମାତ୍ର ।

Digitized by srujanika@gmail.com

ଦେଶପ୍ରେମୀଙ୍କ ଘୋର ଆନ୍ଦୋଳନ ମଧ୍ୟରେ ପାଞ୍ଚ ବର୍ଷ ବୋହିଗଲା; ବିଦେଶୀ ଶାସକଙ୍କୁ ସୁଖନିଦ୍ରା ହୋଇନାହିଁ; ସଦା ସତର୍କ ରହିଛନ୍ତି ।

ଯୁଦ୍ଧ ସରିଲା । ଇଂରେଜଙ୍କ ଜୟ ହେଲେ ବି ସର୍ବାଙ୍ଗ ଖଣ୍ଡି ଆ-ଖାବର, ଦିଟା ମହାବଳ ବାଘଙ୍କ ଯୁଦ୍ଧରେ ଯେମିତି ହୁଏ; ଗୋଟାଏ ହାରେ, ହୁଏତ ମରେ । ଯୋଉଟା ଜିଣେ, ସେଟା ଲହୁଲୁହାଣ । କଥା ଅଛି—'ଛଡ଼ା ମୁଦିରଥ ମଡ଼ା ସଙ୍ଗେ ସରି' ।

ଇଂରେଜଙ୍କ ଅବସ୍ଥା ଠିକ୍ ସେମିତି ହୋଇଥିଲା । ଶିଖ ମଉଳି ଯାଇଥିଲା । ଦିହରୁ ଖଣ୍ଡ ଖଣ୍ଡ ହୋଇ ହାଡ଼ ଖସିଗଲା ପରି ଗୋଟି ଗୋଟି ରାଜ୍ୟ ଖସିଯାଇ ସ୍ୱାଧୀନତା ଘୋଷଣା କରୁଥାନ୍ତି ।

'ଆଲୋ ସଖୀ, ଆପଣା ମହତ ଆପେ ରଖି ।'

ଭାରତକୁ ସ୍ୱାଧୀନତା ଦେଇ ଖସିଆସ, ଆନ୍ଦୋଳନକାରୀଙ୍କ ଦ୍ୱାରା ବିତାଡ଼ିତ ହେବା ଅପେକ୍ଷା ଏହା ଅଧିକ ସମ୍ମାନାସ୍ପଦ । ବ୍ରିଟେନର ବିପଦର ବନ୍ଧୁମାନେ ସମୟୋପଯୋଗୀ ପରାମର୍ଶ ଦେଉଥିଲେ, ଟାଳଟାଳି କରିବା ଦେଖି ଗୃପ ବି ପକାଉଥିଲେ ।

ଯୁଦ୍ଧରେ କ୍ଲାନ୍ତ, ଦୁର୍ବଳ, ଏକାନ୍ତ ଋଣଗ୍ରସ୍ତ; ଭାରତୀୟଙ୍କୁ ଅଧିକ କାଳ ଚପାଇ ରଖିବା ବି କଷ୍ଟକର ହେଉଥିଲା ।

ଏଣେ ଗାନ୍ଧିଜୀଙ୍କ ଅହିଂସ ଅସହଯୋଗ ସଂଗ୍ରାମକୁ ତେଣେ ନେତାଜୀଙ୍କ ସଶସ୍ତ୍ର ମୁକ୍ତିସଂଗ୍ରାମ । ଶେଷ ଆଶ୍ରୟସ୍ତମ୍ଭ ପୁଲିସ୍ । ଶେଷକୁ ନୌବାହିନୀ ସହିତ ପୁଲିସ୍ ବି ବିପ୍ଳବ କଲେ ।

ଗ୍ରେଟ୍‌ବ୍ରିଟେନର ନିର୍ବାଚନରେ ବି ଭାରତ ପ୍ରତି ଅନୁକୂଳ ଭାବ ସୃଷ୍ଟି ହୋଇଥିଲା । ଜାତୀ ଦଳ ଶୋଚନୀୟ ଭାବେ ପରାଜିତ ହୋଇ-ଥିଲେ । ନବଗଠିତ ଶ୍ରମିକସରକାର ଭାରତୀୟ ନେତାମାନଙ୍କ ସହିତ ସ୍ୱାଧୀନତା ସମ୍ପର୍କରେ କଥାବାର୍ତ୍ତା କରିବା ପାଇଁ ପ୍ରତିନିଧିଦଳ

Digitized by srujanika@gmail.com

ପଠାଇଲେ । ଜିନ୍ନା ପାକିସ୍ଥାନ ଦାବୀରେ ଅଟଳ ରହିଲେ । ଗାନ୍ଧିଜୀ ଅବିଭକ୍ତ ସ୍ୱାଧୀନ ଭାରତ ପକ୍ଷରେ ଥିଲେ । ତାଙ୍କୁ ଛାଡ଼ିଦେଇ ଦାସତ୍ୱ ଓ ଦେଶବିଭାଗ—ଏଇ ଦୁଇ ମନ୍ଦ ଭିତରୁ ଦ୍ୱିତୀୟ ମନ୍ଦଟି ନେତାମାନେ ବାଛିନେଲେ !

ମାଉଣ୍ଟ୍‌ବାଟନ୍ ହେଲେ ସ୍ୱାଧୀନ ଭାରତର ପ୍ରଥମ ଭାଇସ୍‌ରୟ । ଜିନ୍ନା ସ୍ୱାଧୀନ ପାକିସ୍ଥାନର ଭାଇସ୍‌ରୟ, ଜବାହରଲାଲ ନେହରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଉପପ୍ରଧାନ ମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ।

କୂଟନୀତିରେ ଇଂରେଜଙ୍କୁ ବଳି ନାହିଁ । ଦୁଇଟି ଭାଇଙ୍କ ଭିତରେ ବା ରାଜା ମଧ୍ୟରେ କଳି ଲଗାଇ ଦିଅନ୍ତି, ଗୋଟିଏ ପକ୍ଷ ସମର୍ଥନ କରି ଜିଣନ୍ତି, ତାପରେ ଅନ୍ୟଟିକୁ ନିକାଶ କରନ୍ତି । କୂଟନୀତିବଳରେ ଇଂରେଜ ଭାରତ ଜୟ କରିଥିଲା, ଏବେ ଦି ଭାଗ କରି ଭାରତର ଚରମ କ୍ଷତି ଘଟାଇଲା ।

ଅଗଷ୍ଟ ଚଉଦ ତାରିଖ ରାତି ବାରଟା ବେଳେ ଇଂରେଜ ଭାରତକୁ କ୍ଷମତା ହସ୍ତାନ୍ତର କଲା । ଭାଇସ୍‌ରୟ ଲର୍ଡ ଓ୍ୱାଭେଲ୍, ପ୍ରାଦେଶିକ ଗୋରା ଗଭର୍ଣ୍ଣର, ଇଂରେଜ କର୍ମଚାରୀ ଓ ସୈନ୍ୟସାମନ୍ତ ପେଡ଼ିପେଟରା ବାନ୍ଧି ଉଡ଼ାଜାହାଜ ବା ଜାହାଜରେ ବସି ରାତାରାତି ବିଦାୟ ନେଲେ । ବିଦାୟବେଳେ ରଜା, ଜମିଦାରଙ୍କୁ ଛାଡ଼ିଦେଲେ ଅନ୍ୟ କାହାରି ଆଖିରୁ ବୁନ୍ଦାଟିଏ ଲୁହ ବୋହି ନ ଥିଲା ।

ଯିବାବେଳେ ଇଂରେଜ ବିପଦର ଦୋସ୍ତ, ସାମ୍ରାଜ୍ୟର ବିଶ୍ୱସ୍ତ ବନ୍ଧୁ ଗଡ଼ଜାତରାଜାମାନଙ୍କୁ ମଝିଦରିଆରେ ଭସାଇ ଦେଇ ଯାଇ ନ ଥିଲା । ଅଶୀତର କରଦରାଜ୍ୟ, ବ୍ରିଟିଶ୍ କରୁଣାରୁ ଭୋଗ କରିଥିଲେ ଅଧା ସ୍ୱାଧୀନତା । ଏବେ ସେମାନଙ୍କୁ ପୂରା ସ୍ୱାଧୀନତା ମିଳିଗଲା । ଏହି ବନ୍ଧୁମାନଙ୍କ ପ୍ରତି ଇଂରେଜର ଶେଷ ବାଣୀ—ହେ ପରମ ଉପକାରୀ ବନ୍ଧୁଗଣ, ମନ ହେଲେ ସ୍ୱାଧୀନ ଭାବରେ ନିଜ ନିଜ ରାଜ୍ୟରେ ରାଜତ୍ୱ କର, ନଇଲେ ନରେନ୍ଦ୍ରମଣ୍ଡଳୀ ବା ରାଜନ୍ୟମଣ୍ଡଳୀର ସମୁଦ୍ଧ

Digitized by srujanika@gmail.com

ପରିଚାଳନାରେ ରହ; ତା ଯଦି ସମ୍ଭବ ନ ହୁଏ, ଭାରତ ବା ପାକିସ୍ଥାନକୁ ଇଚ୍ଛାମତେ ଆଉଜି ଯାଅ ।

ସ୍ୱାଧୀନଭାବରେ ଚଳିବାର ଶକ୍ତି ପ୍ରାୟ କାହାର ନ ଥିଲା । ନୟମିତ ସୈନ୍ୟବାହିନୀ ନ ଥିଲା; ଥିଲେ କିଛି ପୁଲିସ୍ । ରାଜାମାନେ ଦେଶୀୟଙ୍କ ଆଗେ ଥିଲେ କଂଚାଶ ମହାବଳ, ଇଂରେଜଶାସକଙ୍କ ଆଗେ ଲାଙ୍ଗୁଳକଟା ଶିଆଳ ।

ଇଂରେଜ ହାତର ସଖୀକୁଣ୍ଢେଇ; ସଖୀନାଚ୍‌ଆ ପରି ମୂଡ଼ା ଚାଣି ଇଚ୍ଛାମତେ ନଚାଉଥିଲା ସେ. ବେଳ ପଡ଼ିଲେ ଅକଶ ସାଧି କରିଡ଼ି ଚୁନ୍‌ଚୁନ୍ କରି ଦଡ଼ିକେ ସବୁ ସୁଖସୋହାଗ ସାରି ଦେଉଥିଲା । ଇଂରେଜକୁ ସୁହାଇଲା ଭଳି ନାଚୁଥିଲେ, ଗୀତ ଗାଉଥିଲେ ରାଜାମାନେ । ଟିକିଏ ବାଁତାଳିଆ ହେଲେ ଅବସ୍ଥା ସାଙ୍ଘାତିକ; ରାଜଦ୍ରୋହୀ ! ଶାସ୍ତି— ରାଜ୍ୟଖାସ୍ ।

ଅସଲ କ୍ଷମତା ନିଜ ହାତରେ ରଖିଥିଲେ ଇଂରେଜ । ମିଛକୁ ଗୋଟାଏ ଅଭିଷେକଗହଳ ଲାଗିଥିଲା । 'ନରେନ୍ଦ୍ରମଣ୍ଡଳୀ' ତିଆରି ଅନୁଗତ୍ୟ ଆଦାୟ କରୁଥିଲେ । ପଟିଆଲା ମହାରାଜା, କଚ୍‌ର ମହାରାଜା, ଯୋଧପୁର, ଜୟପୁର ବିକାନିର, କାଶ୍ମୀରର ମହାରାଜା, ମୋରଭିର ଠାକୁରରାଜା, ଅଲଓ୍ୱାର, ମଣ୍ଡି, କପୂରଥଲା, ତ୍ରିପୁରା, ମୟୂରଭଞ୍ଜ, ନଓ୍ୱାନଗର, ପାନ୍ନାର ମହାରାଜା, ଭୋପାଳର ନବାବ୍ ପ୍ରଭୃତିଙ୍କି ନେଇ ନରେନ୍ଦ୍ରମଣ୍ଡଳୀ ଗଠିତ ହୋଇଥିଲା । ଏଥିରେ ଭାଇସ୍‌ରୟ ସଭାପତିତ୍ୱ କରୁଥିଲେ; ଭାଇସ୍‌ରୟ ପହଞ୍ଚିବା ପରେ ଗତାନୁଗତିକ ରୀତିରେ ଚାନ୍‌ସେଲର ରାଜାମାନଙ୍କୁ ତାଙ୍କ ସହିତ ପରିଚିତ କରାଇ ଦେଉଥିଲେ । ପହିଲେ କୌଣସି ରାଜାଙ୍କ ମୃତ୍ୟୁରେ ଶୋକପ୍ରସ୍ତାବ ଧାର୍ଯ୍ୟ ହେଲା ପରେ ବିଭିନ୍ନ ରାଜ୍ୟରେ ଶିକ୍ଷାବିସ୍ତାର, ଶିଳ୍ପବିକାଶ ଆଦି ବିଷୟରେ ଆଲୋଚନା ହେଉଥିଲା ।

ରାଜାମାନଙ୍କ ଆନୁଗତ୍ୟ ଆଦାୟ ନିଖିଳଭାରତୀୟ ଅନୁଷ୍ଠାନ ନରେନ୍ଦ୍ରମଣ୍ଡଳୀ ଓ ପ୍ରାଦେଶିକ ଅନୁଷ୍ଠାନ (ରାଜନ୍ୟମଣ୍ଡଳୀ) ଗଠନର

Digitized by srujanika@gmail.com

ଭିତରୀ ଉଦ୍ଦେଶ୍ୟ ଥିଲା । କାହା ମୁଣ୍ଡ ଠିକ୍ ଇଂରେଜ ରାଜସିଂହାସନ ତଳେ ଲଗୁଥିଲା ନ ଲଗୁଥିଲା, ଟେରେଇ ଟେରେଇ ଶାସକମାନେ ଦେଖୁଥିଲେ, ଟିକିଏ ଏପଟ ସେପଟ ହେଲେ ମଜ୍ଜା ନିକାଳି ଦେଉଥିଲେ ।

ବିଦେଶୀ ଶୋଷଣର ଗୋଟିଏ ଗୋଟିଏ ଅସ୍ତ୍ର ଥିଲେ ଦେଶୀୟ ରାଜା । ଇଂରେଜଙ୍କ ପୋଷା ଗୋବନ୍ଦମୂଷାଗୁଡ଼ିଏ—ଗୁଳର ନୁହନ୍ତି କି ଗାତର ନୁହନ୍ତି, ଗୁଡ଼ିଏ ଖାଅନ୍ତା! ଖେଳଣା ।

ଏ ପଟ୍ଟ ଦେଖିଲେ ବହୁତ ବଡ଼, ସେ ପଟ୍ଟ ଦେଖିଲେ ଅତି ଛୋଟ । ଏ ପଟେ ହାତୀ, ଘୋଡ଼ା, ଉଆସ, ମଟରଗାଡ଼ି, ମହୀନ୍ଦ୍ର ବାହାଦୁର, ମହାରାଜାଧିରାଜ, କେ. ସି. ଆଇ ଇ. ଆଦି ଶୁଖିଲା ଉପାଧି; ମୋଟା ଯୁଦ୍ଧଚାନ୍ଦା ପଇଠ କଲେ ଏଭଳି ମହିମାବର୍ଦ୍ଧକ ଉପାଧି ଦରବାରରୁ ସହଜରେ ମିଳି ଯାଉଥିଲା । ରାଜାଙ୍କ ମାନ ବଢ଼େଇବା ପାଇଁ ନିଜ ନାମ ପାଖରେ 'ସାହେବ' ଶବ୍ଦ ବସିଯାଉଥିଲା—କଣ ନା 'ରାଜାସାହେବ' !

ସେ ପଟ୍ଟ ଚାହିଁଲେ କେଳାର ପଦ୍ମତୋଳାରେ ପେଡ଼ିରେ ବନ୍ଦୀ ସାପଟିଏ, ଫଣା ଟେକେ, ମୁଣ୍ଡରେ କଠଉ ଚିହ୍ନ, ଫଁ ଫଁ କରେ, ଜୋର୍‌ରେ ଚୋଟ ମାରେ । ବିଷାକ୍ତ ସାପ, କିନ୍ତୁ ତା କାମୁଡ଼ାରେ ବିଷ ଟିକେ ନାହିଁ । ବିଷଦାନ୍ତ ଓପାଡ଼ି ଦିଆ ହେଇଚି । କି କରୁଣ ଅବସ୍ଥା ।

ସ୍ୱାଧୀନତାଲାଭ ପରେ ନେହରୁଙ୍କ ନେତୃତ୍ୱରେ ଗଠିତ ଭାରତସରକାର ଟିକିଏ ପଚାଉଥିଲେ— ବିରୁଡ଼ିଭରାକୁ କାହିଁକି ଏଇନେ ଟେକା ପକାଇବା ? କୁଆଡ଼ି ପାଣି କୁଆଡ଼ିକୁ ବୋହୁଚି, ଆଗେ ଦେଖ ।

ଭଲ ଥାଏ, ମନ୍ଦ ଥାଏ । ବିଛୁ ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇବା କଣ ଠିକ୍ ?

ଯଦି ଏକାଠି ମିଶି କିଛି ଗୋଟାଏ ହଟ୍ଟଗୋଳ କରନ୍ତି ! ଭାଇ ଭାଇ ବିବାଦ ବଢ଼ି ବଢ଼ି ଯଦି ଗୃହଯୁଦ୍ଧରେ ପରିଣତ ହୁଏ ! ଭାରତୀୟଙ୍କୁ ଶାନ୍ତି ଦେବା ଆଳରେ ଇଂରେଜ ଯଦି ପୁଣି ଫେରିଆସେ ।

Digitized by srujanika@gmail.com

ଦୁର୍ବଳ ନବଜନ୍ମା; ଭୂତପ୍ରେତଙ୍କୁ ବହୁତ ଭୟ । ରାଜନ୍ୟସମସ୍ୟାରେ ମୁଣ୍ଡ ପୂରେଇବାକୁ ମନ ହେଉନାହିଁ କାହିଁକି ? ତେଣେ ଦେଖ, ଜନ୍ମ ହେଉଁ ହେଉଁ ପାକିସ୍ଥାନ ନାହାନାଡକ ଅଣ୍ଟାରେ ଗୁଡ଼ାଇ ନାଉଦୈତ୍ୟ ପରି ମାଡ଼ି ଆସୁଚି, ପାହାଡ଼ୀ ସୈନ୍ୟଙ୍କୁ ମଡାଇ ଲମ୍ଫ ଦେଇଚି କାଶ୍ମୀର ଉପରେ । ତେଣେ ରାଜାକାର ମାତିଉଠିଛନ୍ତି ହାଇଦରାବାଦ୍‌ରେ ।

ନେହରୁ ଶଙ୍କିଲେ—ଉଦାର ଭଦ୍ରଲୋକ, ଗୋଲାପୀ ଆଦର୍ଶ ଭାବରାଶିରେ ଆଚ୍ଛନ୍ନ, କଳ୍ପନାବିଳାସୀ କବି, ପୃଥିବୀ ଆଗରେ ଭାରତ ଭଲପଣର ମୁହଁ ରଖିବା ଲାଗି । ପରିସ୍ଥିତିର ମୁକାବିଲା କରିବା ଲାଗି ବାହାରିପଡ଼ିଲେ ବାସ୍ତବବାଦୀ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ । ସତରେ ଲୁହାର ମଣିଷ ସେ, ଲୌହହୃଦୟ ନେଇ ଜନ୍ମିଥିଲେ । ଲୁହା ଜାଣି ଠିକ୍ ଠିକ୍ ପାଣି ଦେବାର ଶକ୍ତି ବି ହାସଲ୍ କରିଥିଲେ ।

ଏଠିସେଠି ମୁଣ୍ଡ ଟେକୁଥିବା ବିରୋଧକୁ ସମ୍ଭାଳିନେଲେ ସେ; ଜଣେ ସର୍କସ୍ ମାଷ୍ଟର୍, ହାତରେ ତାଙ୍କର ବିଜୁଳି ଚାବୁକ, ବାଘର କାନ ଧରି ଟାଣନ୍ତି, ସିଂହର ମୁଣ୍ଡ । ଭାରତୀୟ ରାଜନ୍ୟବର୍ଗଙ୍କ ପ୍ରତି ତାଙ୍କର ତିଳାର୍ଦ୍ଧ ଶଙ୍କା ବା ସମ୍ଭ୍ରମ ନ ଥିଲା; କାରଣ ମହାରାଜାମାନଙ୍କ ମହାରାଜା ସଙ୍ଗେ ଲଢ଼େଇରେ ଯଶସ୍ୱୀ ହୋଇ ଫେରିଥିଲେ ସେ ।

କୋମଳ ଆଉ କଠୋର ଏଇ ମିଶ୍ରିତ ଭାବରେ ଗଢ଼ା ହୋଇଥିଲା ତାଙ୍କର ମନ । ସେ ନିଆଁ ପରି ତାତି ଯାଉଥିଲେ, ପୁଣି ଦଣ୍ଡକ ପରେ ବରଫ ପରି ଶୀତଳ; ପାଣି ହୋଇ ବୋହି ଯାଉଥିଲେ ସେ ।

ଗଡ଼ଜାତରାଜ୍ୟମାନଙ୍କୁ ସେ ମନେ କରୁଥିଲେ ଭାରତମାତାଙ୍କ ଦେହର ଗୋଟିଏ ଗୋଟିଏ କର୍କଟ ଘାଆ; ଉପରେ ମଲମ ବୋଳି ଭଲ କରିବାର ସମ୍ଭାବନା ନାହିଁ । ସେସବୁ ଅପରେସନ୍ କରି ଉଡ଼ାଇଦେବା ଉଚିତ ।

ଦିଲ୍ଲୀରେ 'ନରେନ୍ଦ୍ରମଣ୍ଡଳୀ' ସଭା ବାରମ୍ବାର ବସୁଥାଏ, ଏକାଠି ତିଷ୍ଠି ରହିବାର କିଛି ଗୋଟାଏ ନୂଆ ବାଟ ବାହାର କରିବା ଲାଗି ।

Digitized by srujanika@gmail.com

ଆଗେ ଭାଇସ୍‌ରୟ ସଭାପତି ହେଉଥିଲେ; ଉତ୍ସବ ଥିଲା । ଏବେ ଦଧିନଉତି ଖସିପଡ଼ିଲା ପରେ ଦେଉଳ ପରି ହୋଇଛି ଏ ଅନୁଷ୍ଠାନ । ଯା ମୁହଁ ପୂର୍ବକୁ, ତା ମୁହଁ ପଶ୍ଚିମକୁ । ଶୃଙ୍ଖଳା ଶୂନ୍ । ଭୁଷୁଡ଼ି ପଡ଼ିବାର ପୂର୍ବାଭାସ ।

ଏବେ ପୂର୍ବଭାରତର ରାଜାମାନେ ମିଶି ପୂର୍ବଭାରତରାଷ୍ଟ୍ରୀୟ ରାଜନ୍ୟମଣ୍ଡଳୀ ଗଢ଼ିଛନ୍ତି । ରାଜାମାନଙ୍କ ସ୍ୱାର୍ଥରକ୍ଷା ଲାଗି ଏ ଲଢ଼ିବ, ଜଣେ ରାଜାଙ୍କ ରାଜ୍ୟରେ ବିପତ୍ତି ପଡ଼ିଲେ ଅନ୍ୟ ରାଜାମାନେ ସାହାପକ୍ଷ ହେବେ ।

ଯଦି ଏକାବେଳକେ ଅନେକ ରାଜ୍ୟରେ ବିପ୍ଳବ ହୁଏ, ସମ୍ଭାଳା ଯିବ କେମିତି ? ଏ ରାଜାମାନଙ୍କ ସୈନ୍ୟବିଭାଗରେ କିଏ ଯୋଗ ଦେବ ? ସେଇ ବିପ୍ଳବୀ ପ୍ରଜାଙ୍କ ମଧ୍ୟରୁ ସୈନ୍ୟ ବାଛୁଯିବେ ତ ? ଯେଉଁ ସୈନ୍ୟ ବାଛୁଯିବେ, ସେମାନେ ବିପ୍ଳବୀ ଭାଇବନ୍ଧୁଙ୍କୁ ଦମନ କରିବେ ନା ରଜାଙ୍କୁ ତଡ଼ିବେ ?

ଆଗେ ପ୍ରଜାବିପ୍ଳବ ହେଲେ ରଜା ଇଂରେଜଶାସକଙ୍କ ସାହାଯ୍ୟରେ ତାହା ଦମନ କରୁଥିଲେ । ସ୍ୱାଧୀନ ଭାରତସରକାର ଏବେ ସାହାଯ୍ୟ କରିବେ କାହିଁକି ? ନରେନ୍ଦ୍ରମଣ୍ଡଳୀ ବା ରାଜନ୍ୟମଣ୍ଡଳୀ ପ୍ରତିନିଧିମୂଳକ ଅନୁଷ୍ଠାନ ନୁହେଁ; ଏହା ଏବ ଭାରତସରକାରଙ୍କ ସ୍ୱୀକୃତି ଲାଭ କରିନାହିଁ ।

ଯୋଉମାନେ ପ୍ରଜାଙ୍କୁ ମତାଇ ଗଡ଼ଜାତରେ ଆନ୍ଦୋଳନ ସୃଷ୍ଟି କରିଥିଲେ, ସେମାନେ ପ୍ରଜା ବିରୁଦ୍ଧରେ ରାଜାଙ୍କୁ ସାହାଯ୍ୟ ଦେବେ କିପରି ? ରାଜତନ୍ତ୍ରର ବିଲୋପ ତ ସେମାନେ ଚାହାନ୍ତି ।

ଭାରତର ରାଜାମାନେ ନାନା ସଂଶୟରେ ମ୍ରିୟମାଣ । ଏତିକିବେଳେ ସର୍ଦ୍ଦାର ପଟେଲ ଓଡ଼ିଶା ଆସି କଟକ ରାଜଭବନରେ ଏକ ରାଜନ୍ୟମଣ୍ଡଳୀ ବୈଠକରେ ଯୋଗ ଦେଲେ । ଓଡ଼ିଶାର ଛବିଶଟି ଗଡ଼ଜାତର ସବୁ ରାଜା ଉପସ୍ଥିତ । ସରଗରମ୍ ବାତାବରଣ; 'କଣ

Digitized by srujanika@gmail.com

ଘଟିବ' ଆଶଙ୍କା ପ୍ରତ୍ୟେକ ମନରେ । ଗୁରୁଗମ୍ଭୀର ଚତୁର୍ଦ୍ଦିଗ; ପରସ୍ପରଙ୍କ ସୌଜନ୍ୟମୂଳକ ଆଦାନପ୍ରଦାନ ମାତ୍ର ଚାଲିଥାଏ ।

ଚା ଭୋଜ ଶେଷ ହେଲା, ଲଞ୍ଚ୍ ବା ପ୍ଲେନ୍ ଛାଡ଼ିବାକୁ ଘଣ୍ଟାଏ ବାକି । ରାଜାମାନଙ୍କ ଆଡ଼ୁ ଏ ଯାଏଁ କିଛି ନିର୍ଭରତା ନ ପାଇ ସର୍ଦ୍ଦାରଜୀ ରାଗିଥାନ୍ତି । ବିଦାୟ ଆଗରୁ ସେ କେତୋଟି କଡ଼ା କଡ଼ା କଥା ଶୁଣାଇଦେଲେ—

"କାନ୍ଥ ଲେଖା ଆଡ଼କୁ ଆଖି ପକାଅ, ଏହାକୁ ଲଲାଟଲିପି ବୋଲି ଧରିନିଅ । ସମୟୋପଯୋଗୀ କଥା ଶୁଣ, ନଇଲେ ଡେରି ଉପୁଡ଼ିଯିବ ।

ଯେ ସ୍ୱାଧୀନ ରହିବ, ରହ, ମୋର କିଛି କହିବାର ନାହିଁ । ରାଜ୍ୟରେ ଶୃଙ୍ଖଳାରକ୍ଷା ଦାୟିତ୍ୱ ପୂରାପୂରି ରଜାଙ୍କର । ପ୍ରଜା ବିପ୍ଳବ କରି ରଜାଙ୍କୁ ତଡ଼ିବାକୁ ବସିଲେ ସେଥିରେ ଭାରତସରକାରଙ୍କ ମୁଣ୍ଡ ବଥାଇବ ନାହିଁ । ରାଜରକ୍ଷଣ ଲାଗି ସରକାର ପ୍ରଜାମାରଣ ନୀତି ଗ୍ରହଣ କରିବେ ନାହିଁ ।

ଏତକ କଡ଼ା କଥା ଭଲ ଫଳ ଦେଖାଇଲା; ସ୍ୱାଧୀନଭାବେ ରହିବା ଚିନ୍ତା ପ୍ରାୟ ଲୋପ ପାଇଲା । ଭାରତୀୟ ସାଧାରଣତନ୍ତ୍ରରେ ଯୋଗ ଦେବା ଭାବ ରଜାମାନଙ୍କ ମଧ୍ୟରେ ପ୍ରକାଶିତ ହେଲା ।

ରାଜ୍ୟ ଗଲେ କେମିତି ଚଳିବା ? ଭାରତସରକାର ଆମ ଚଳାଚଳର କି ବ୍ୟବସ୍ଥା କରିବେ ?

ସର୍ଦ୍ଦାରଜୀ ସୁଚତୁର, ସହଜରେ ରାଜାମାନଙ୍କ ମନୋଭାବ ଠଉରାଇ ନେଲେ । କଠୋର, କଡ଼ା ପରେ କୋମଳ, ସୁସାର ବଚନ ବାହାରିଲା—

ସଂପୃକ୍ତ ପ୍ରଦେଶରେ ଦେଶୀୟ ରାଜ୍ୟଗୁଡ଼ିକ ମିଶାଇଦେବା ହିଁ ଏକମାତ୍ର ସମାଧାନର ପନ୍ଥା; ରାଜାମାନଙ୍କ ଚଳାଚଳରେ ଯେପରି କିଛି ଅସୁବିଧା ନ ହୁଏ, ତା ଦେଖିବା ମୋର କାମ ।

Digitized by srujanika@gmail.com

ରାଜ୍ୟ ଯିବା ପରେ ବି ରାଜା ରାଜା ବୋଲାଇବେ, ପୂର୍ବ ଉପାଧି-ସବୁ ଅକ୍ଷୁଣ୍ଣ ରହିବ ।

ନିଜ ରାଜ୍ୟର ଆୟକୁ ଚାହିଁ ରାଜାଙ୍କୁ ଯଥେଷ୍ଟ ଭତ୍ତା ଦିଆଯିବ । ଉଆସ ବା ଉଆସ ଲାଗିଏଥି ବାଗବଗିଚା କମ୍ବା ରାଜାଙ୍କ ଘରଜମି, ଜମା ଟଙ୍କା, ସୁନା ଉପରେ ଆଞ୍ଚ ଆସିବ ନାହିଁ । ରାଜାଙ୍କ ପୂର୍ବ ମାନସମ୍ମାନ ରକ୍ଷା କରାଯିବ ।

ତୁମେମାନେ ସୁଖଶାନ୍ତିରେ ରହ, ସରକାରଙ୍କ ଆନ୍ତରିକ ଇଚ୍ଛା ।

ଓଡ଼ିଶା ସମଗ୍ର ଭାରତକୁ ପହିଲେ ମିଶ୍ରଣବାଟ ଦେଖାଇଲା ବା ଏ ପ୍ରକ୍ରିୟା ଏହିଠାରେ ଆରମ୍ଭ ହେଲା ।

ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ପହିଲେ ନୀଳଗିରିର ରାଜା ଏ ପ୍ରଦେଶମିଶ୍ରଣ ଦଲିଲରେ ଦସ୍ତଖତ କଲେ, ତା'ପରେ ଢେଙ୍କାନାଳ ବଡ଼ଗିରିଆ, ନୟାଗଡ଼, ଦଶପଲ୍ଲା, ପାଟଣା, କଳାହାଣ୍ଡି, ଷଡ଼େଇକଳା, ଖରସୁଆଁ...... । ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ରାଜ୍ୟମାନଙ୍କ ମିଶ୍ରଣ ପରେ ମାତ୍ର ବାକୀ ରହିଲା ଓଡ଼ିଶାର ଗୋଟିଏ ରାଜ୍ୟ—ମୟୂରଭଞ୍ଜ ।

ମୟୂରଭଞ୍ଜ ମହାରାଜା କହିଲେ—ମୋ ରାଜ୍ୟରେ ରାଜା ସବୁକିଛି ନୁହନ୍ତି । ପ୍ରତିନିଧିମୂଳକ ଶାସନ ଚାଲିଛି । ସେମାନଙ୍କ ମତ ନ ନେଇ ମୁଁ ଦସ୍ତଖତ କରିବ କିପରି ?

ମୟୂରଭଞ୍ଜର ଟାଳଟଳ ନୀତି ଓଡ଼ିଶାର ବହୁତ କ୍ଷତି ଘଟାଇଲା । ଜଣେ ତଥାକଥିତ ଭାରତୀୟ ନେତା ମୟୂରଭଞ୍ଜକୁ ବିହାରରେ ମିଶାଇବା ଚେଷ୍ଟାରେ ଲାଗିଗଲେ । ମହାରାଜା ଓଡ଼ିଆଭାଷା ଓ ସାହିତ୍ୟପ୍ରେମୀ ଥିଲେ; ଏ ରାଜବଂଶ ଆଧୁନିକ ଓଡ଼ିଶା ନିର୍ମାଣ ଲାଗି ବହୁ ଦାନ ଦେଇଥିଲେ ।

ଏଥିରେ ବିଫଳ ହେଲା ପରେ ସେଇ ନେତାଙ୍କ ଶ୍ୟେନଦୃଷ୍ଟି ପଡ଼ିଲା ଷଡ଼େଇକଳା, ଖରସୁଆଁ ଉପରେ; ଷଡ଼େଇକଳାରେ ଗୋଳମାଳ

Digitized by srujanika@gmail.com

ସୃଷ୍ଟି ଲାଗି ଠାଠାରୁ ବହୁତ ଗୁଣ୍ଡା ପଠାହେଲା । ରାଜ୍ୟରେ ଶୃଙ୍ଖଳାରକ୍ଷା ଲାଗି ଗୁଳି ହେଲା । ଏ ରାଜନୀତିକ ଖେଳରେ ବହୁ ନିରୀହ ବଳି ପଡ଼ିଲେ ।

ମୟୂରଭଞ୍ଜ ଓଡ଼ିଶାରେ ମିଶିନାହିଁ; ଶାସନଗତ ଅସୁବିଧାରୁ ଓଡ଼ିଶାସରକାର ଷଡ଼େଇକଳାରେ ଶୃଙ୍ଖଳା ରକ୍ଷା କରିପାରୁ ନାହାନ୍ତି । ଭୌଗୋଳିକ, ଐତିହାସିକ ଓ ଭାଷାତ୍ମକ ଐକ୍ୟ ପ୍ରତି ଆଖି ବୁଜିଦେଇ ଷଡ଼େଇକଳା, ଖରସୁଆଁକୁ ଓଡ଼ିଶାରୁ କାଢ଼ିନେଇ ଭାରତସରକାର ବିହାରରେ ମିଶାଇଦେଲେ । ମୟୂରଭଞ୍ଜ ମିଶିବା ପର୍ଯ୍ୟନ୍ତ ଏ ଏକ ଅସ୍ଥାୟୀ ବ୍ୟବସ୍ଥା ହୋଇଥିଲା । କିନ୍ତୁ ପରେ ମୟୂରଭଞ୍ଜ ଓଡ଼ିଶାରେ ମିଶିଲା ଓ ଶାସନଗତ ଅସୁବିଧା ଦୂର ହେବା ପରେ ବି ଷଡ଼େଇକଳା ଖରସୁଆଁକୁ ଆଉ ଓଡ଼ିଶାକୁ ଫେରାଇ ଦିଆହେଲା ନାହିଁ ।

ରାଜାର ନାହିଁ ନ୍ୟାୟ
ଯା କରେ ତା ଭଲେ ।

ଓଡ଼ିଆଙ୍କ ଗଳାରେ ତିନି ଗିରି କଣ୍ଟା ହୋଇ ରହିଲା; ସେ ଗିରି ଏବେ ଲିଭିନାହିଁ, କେବେ ଲିଭିବ ନାହିଁ ।

ଆମ ବୃହତ୍ ଉତ୍କଳନିର୍ମାତା ନେତା ମର୍ମେ ମର୍ମେ ସେଇଆ ବୁଝିଥିଲେ । ଛୋଟନାଗପୁରକୁ ଓଡ଼ିଶାରେ ମିଶାଇଦେବାର ଏକ ପ୍ରସ୍ତାବ ଥିଲା । ତା'ହେଲେ ଓଡ଼ିଶା ଏକ ଆଦିବାସୀବହୁଳ ଅଞ୍ଚଳ ହୋଇଯିବ; ଏହାର ନେତା ସେ ନ ହୋଇ କୌଣସି ଆରଣ୍ୟକ ବା ଗିରିଜନ ହେବେ ।

ଷଡ଼େଇକଳା, ଖରସୁଆଁ ବି ଆଦିବାସୀବହୁଳ ଅଞ୍ଚଳ; ସେ ଏଇ ଦୁଇ ରାଜ୍ୟକୁ ଗୁଆ ଟେକିଦେଇ ପର ବିହାରକୁ ଦେଇଦେଲେ । ଏ ପ୍ରଦେଶରେ ପ୍ରତିବାଦ ଉଠିବାରୁ କହିଲେ—ବଡ଼ ପ୍ରଦେଶଟାଏ କ'ଣ ହେବ ? ଅର୍ଥନୈତିକ ବିକାଶ ବଡ଼ କଥା ।

ଛବିଶଟି ଗଡ଼ଜାତରୁ ଚବିଶଟି ଓଡ଼ିଶାରେ ରହିଲା, ସୁନ୍ଦରଗଡ଼, କଳାହାଣ୍ଡି, ବଲାଙ୍ଗିର, ଫୁଲବାଣୀ, ମୟୂରଭଞ୍ଜ, ଢେଙ୍କାନାଳ, କେଉଁଝର ଆଦି ଓଡ଼ିଶାର ଜିଲ୍ଲା ନାମରେ ନାମିତ ହେଲା ।

Digitized by srujanika@gmail.com

ରାଜା ଉଦୟଚନ୍ଦ୍ର, ତାଳମୂଳରାଜ୍ୟକୁ ଓଡ଼ିଶାରେ ମିଶାଇଲା-ବେଳେ ସୁଖୀ ଥିଲେ ନା ଦୁଃଖୀ ?

ଦସ୍ତଖତଟି କରସାରି ସେ ହସୁଥିଲେ—ନଡ଼ ଗଲା; ମୁଣ୍ଡ ଥିଲେ ସିନା ମୁଣ୍ଡବଥା ହବ ! ମୁଣ୍ଡ କାଟିବାକୁ କୁରାଢ଼ି ଉଠାଇ ଲୋକେ ଧାଇଁବେ—

କିନ୍ତୁ ଗୋଟାଏ ବୋଝ ଖସିଲାପରି ତାକୁ ଲାଗୁଥିଲା । କି ବୋଝ ସେ ? କେଉଁ ଭାର ? କ'ଣ ତାଙ୍କର ଅଡ଼ୁଆ କରୁଥିଲା ? ସରକାର ମୁଣ୍ଡରୁ ବୋଝଟି ଖସାଇନେଇ ସୁବିଧା କି ଅସୁବିଧା କଲେ, ବୁଝିବାକୁ ତାଙ୍କର ବେଳ ବା ଧୈର୍ଯ୍ୟ ନ ଥିଲା ।

ସେ କହୁଥିଲେ—ସମସ୍ତଙ୍କର ଯାହା ହେଲା, ମୋର ସେଇଆ ହେଲା, ଏଥିରେ ଭାବିବାର କ'ଣ ଅଛି ?

ରାଜୁତି ଥିଲାବେଳେ ବ୍ୟକ୍ତିଗତ ଖର୍ଚ୍ଚ ଲାଗି ସେ ଯେତିକି ଟଙ୍କା ପାଉଥିଲେ, ତାଠାରୁ ଢେର୍ ବେଶୀ ଭତ୍ତା ପାଇଲେ । ସେଥିମଧ୍ୟରୁ ଅଧିକାଂଶ ବିଦେଶୀ ଶୁର୍ଣ୍ଣି ଝିଙ୍ଗାଇନେଲା । ମଉଜମଜଲିସ୍ ଉପରେ ଡିଲେ ହେଲେ ଆଞ୍ଚ୍ ଆସିଲା ନାହିଁ । ଭବିଷ୍ୟତ ଚିନ୍ତା ତାଙ୍କୁ ଘାରୁ ନ ଥିଲା । ବର୍ତ୍ତମାନ ହିଁ ସବୁ ।

କିନ୍ତୁ କେତେକ ରଜା ବେଶ୍ ସତର୍କ, ସାବଧାନ ଥିଲେ । ଭତ୍ତା ଟଙ୍କାରେ କେହି ଆସାମରେ ଚା ବଗିଚା କିଣିଲା, କେହି ବା ବ୍ୟବସାୟ କଲା, ସିନେମାହାଉସ୍ ଚଳାଇଲା ।

କେହି କେହି ଗଚ୍ଛିତ ସୁନା, ଟଙ୍କା ଖେଳେଇ ରାଜନୀତିଜୁଆ ଖେଳରେ ମାତିଗଲେ । ସ୍ୱତନ୍ତ୍ର ବା ଗଣତନ୍ତ୍ର ଦଳ ଗଢ଼ିଲେ, ପ୍ରକାଶ କଲେ 'ଗଣତନ୍ତ୍ର' ବା 'ସ୍ୱରାଜ' ଦୈନିକ । ଏ ଯୁଗରେ ରଜାଠାରୁ ମନ୍ତ୍ରୀ ବଡ଼ । ଧନ ଖଟାଇ କୂଟନୀତି ବୁଦ୍ଧି ଖେଳାଇ ହୋଇପାରିଲେ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ । ଗୋଟିଏ ରାଜ୍ୟର ରଜା ଥିଲେ । ଏବେ ସମଗ୍ର ପ୍ରଦେଶର କର୍ତ୍ତୃତ୍ୱ ମିଳିଲା ।

Digitized by srujanika@gmail.com

ଅଧିକାଂଶ ରଜା ଥିଲେ ଅକର୍ମଣ୍ୟ, ଅପଦାର୍ଥ, ଅନାଡ଼ି । ପଛରୁ ସିଂହାସନଟି କାଢ଼ିନେବାମାତ୍ରେ ପଡ଼ିଲେ କର୍‌କାର୍, ତଳରୁ ଯାଇଁ କୋଉ ଘସାହେଲେ ! କେଡ଼େ ସମ୍ମାନମାନ, ନାରଖାର !

କି ଯୋଗ୍ୟତା ଯୋଗୁଁ ସିଂହାସନରେ ବସିଥିଲ ? କି ଚରିତ୍ରବଳ, କି ମଣିଷପଣ !

ଏବେ ଅପନ୍ତର ନୁଖୁରା ଭୂଇଁ ଉପରେ ଛିଡ଼ାହୋଇ ଦେଖାଅ କରାମତି । ଯଦି କିଛି ନ ଥିଲା, ବୁଝିବା ଯେ ଏ ଗୋଟାଏ ଗୋଟାଏ ନରମା ଲେସମା ମାଂସପିଣ୍ଡୁଳା—ଖଡ଼ିକା ନୁହନ୍ତି କ ପେଡ଼ିକ ନୁହନ୍ତି, ଘାସକୁ ଲମ୍ବ, ପାଳକୁ ଚ୍ଛେଟ ।

ରାଜବାଟିରେ ଚୂନ ଦେବାକୁ ପଇସା ନାହିଁ, ପଥର ଖସୁଚି । ତାଳପତ୍ର ମେଲାଇ ଉଠୁଚି ଗଛ, ମାଡ଼ୁଚି ଜଙ୍ଗଲ । ନାମ ମାତ୍ର ଓଜନରେ ବନ୍ଧୀ ହୋଇ ଶେଷ ହୋଇଯାଇଛି ସୁନା, ଏବେ ପାଚେରୀ ଭଡ଼ା ହୋଇ ବର୍ନ୍ଧିହେଉଚି ପଥର । ଧନଦଉଲତ, ମାନମର୍ଯ୍ୟାଦା ସବୁ ହରାଇ କଏ ଶୁଣ୍ଢିପିଣ୍ଡାରେ ଗଡ଼ୁଚି । ପ୍ରଜା ଛଅଁଟିଏ ଲେଖାଏଁ ଦେଇ ଦୟା ପାଇ କୋଉ ରଜା ନାମକ ଜୀବଟିକୁ ବା ବଞ୍ଚାଇଛନ୍ତି । ରଜା ଆସିଗଲେ, ହେଇ ଗାମୁଛା ପଡ଼ିଲା, କହି ରାଜା ଦୋଳବେଦୀରେ ବସୁଛନ୍ତି । ଭିକ ମିଳିଲେ ଯୋଗୁ ଉଆସ ନାମକ ଏକ ନୁଆଁଣିଆଁ ଗୃହଘରକୁ ଫେରୁଛନ୍ତି, କନ୍ୟାଦାୟଗ୍ରସ୍ତ ।

ରଜା ଥିଲାବେଳେ ଏମାନେ ପ୍ରକୃତ ଯୋଗ୍ୟ ଥିଲେ ନା ଲୋକେ ମିଛକୁ ଟେକଧରିଥିଲେ ? ଜଣେ ସାଧାରଣ ମଣିଷଭାବେ ଚଳିବାକୁ ଏବେ ଅଯୋଗ୍ୟ । ସେଦିନର ଧନ୍ୟ ଆଜି ଧିକ୍ । ମାନ୍ୟ ଆଜି ମାନହୀନ । କର୍ପୂର ଉଡ଼ିଯାଇଛି, କନା ବି ।

Digitized by srujanika@gmail.com

।। ବାର ।।

ତା'ପରେ ହୀନକପାଳିଆ କୀର୍ତ୍ତିଚନ୍ଦ୍ରର ହୀନମାନିଆଁ ଅଭିଷେକ ତ ଦେଖିଲ ସୁରତରଙ୍ଗିଣୀ । କେଡ଼େ ମିଛ ଏ ରଜା, ଏବେ କେଡ଼େ ମିଛ ଏ ରାଜଗାଦି !

ଖାଲି ପରମ୍ପରା ରକ୍ଷା କରିବାକୁ ଏତେ କଥାଟାଏ କରିବସିଲି ସିନା; ହେଲେ ଏ ପରମ୍ପରା ସହିତ ମୋର ସମ୍ପର୍କ କ'ଣ ? ପୂର୍ବ ରଜାମାନଙ୍କୁ ଯଦି ଗୋଟିଏ ମାଳା ବୋଲି ଧରାଯାଏ, ତେବେ ତାର ଗଣ୍ଠି ତ ପଡ଼ିଗଲା ବାପାଙ୍କ ଅମଳରୁ ! ଆମେ ମାଳାର ନାସିଟିଏ ମାତ୍ର, କାଟିଦେଲେ ଚଳେ, ଆମେ ରାଜା ନୋହୁଁ, ଛୁର ରାଜବଂଶୀୟ ମାତ୍ର ।

ନାଗବଂଶ, ବାଘବଂଶ, ସିଂହବଂଶ, ସୂର୍ଯ୍ୟବଂଶ, ଚନ୍ଦ୍ରବଂଶ, ସୋମବଂଶ, ଗଙ୍ଗବଂଶ—ଏମିତି କେତେ ରାଜବଂଶ ଲୋପ ପାଇଗଲା । ଫ୍ରାନ୍ସର ଲୁଇକୁ ମାରିଲେ, ରୁଷିଆର ଜାର୍‌ବଂଶକୁ ବି ବିନାଶ କଲେ । ଏବେ ନାମକୁ ମାତ୍ର ରଜା ଅଛନ୍ତି ଯାପାନ ବା ଗ୍ରେଟ୍‌ବ୍ରିଟେନ୍‌ରେ; କରଣହୀନ ଚନ୍ଦ୍ର ପରି, କିଛି ଭତ୍ତା ପାଇ ବଞ୍ଚନ୍ତି । ସଦାକୁ ରାଜଠାଟ୍ ବଜାୟ ଥାଏ । ହେଲେ ସେ କଣ, ପ୍ରଜା ଜାଣନ୍ତି । ଦେଶର କୋଉ କଥାରେ ପାଟି ଫିଟାଇବାକୁ ଜୁ ନ ଥାଏ । ସେ ଆଇନଶାସିତ ପ୍ରଜା ଜଣେ, ରାଜାର ଅଭିନୟ କରନ୍ତି ମାତ୍ର । ବାହାରେ ଭାରି ସମ୍ମାନ, ଅଭିଷେକରେ ଖୁବ୍ ଆଡ଼ମ୍ବର, ବିଭାଘରେ ଖୁବ୍ ହଇଚଇ; ସତେ ଯେମିତି ଦେଶର ସବୁ ସେଇ । କିନ୍ତୁ ବହ୍ୱାରମ୍ଭଃ ଲଘୁକ୍ରିୟା ।

କେଡ଼େ କେଡ଼େ ରଜା ରାଜବଂଶ କାଳର ଫୁତ୍‌କାରରେ କୁଆଡ଼େ ଉଡ଼ିଯାଉଥିବାବେଳେ କ'ଣ କହିବ ତାଳମୂଳ କଥା ? ଟିକି ଚଢ଼େଇଟିଏ ସେ, ଟିକିକ ପାଣିରେ ବୁଡ଼ିମଲା । ଶିଳଶିଳୁପତା ଗଗନେ ଉଡ଼ିଯାଉଥିବାବେଳେ ଶିମିଳିତୂଳାକୁ ପଚୁରେ କିଏ ?

Digitized by srujanika@gmail.com

ଗଡ଼ଜାତ ରଜାସବୁ ଗଲେ, ଆପଣା ପାପରେ ଆପେ ଲୋପ ହୋଇଗଲେ । ଗୁଡ଼ାଏ ହାତୀ ଏ, ଖାଆନ୍ତି ବହୁତ, ପିଅନ୍ତି ଆହୁରି ବେଶୀ । କାମ ଘର ଶୂନ୍ । ଏମାନଙ୍କୁ ବେଶୀକାଳ ପୋଷି ପ୍ରଜା କି ଲାଭ ପାଇଥାନ୍ତେ ? ତାଙ୍କ ଫସଲ ଚକଟନ୍ତେ, ଧରକୁଥର ତାଙ୍କୁ ବି ଚକଟୁଥାନ୍ତେ ।

ବିଳାସର କାଦୁଅପଙ୍କରେ ଘାଣ୍ଟି ଚକଟି ହୋଇ ଅଧାବୟସରେ ମରୁଥାନ୍ତେ । ଦରବାର ହୋଇଥାନ୍ତା କାମସାହିତ୍ୟଚର୍ଚ୍ଚାର ଗୋଟିଏ ଗୋଟିଏ କେନ୍ଦ୍ର । କାମନାଆଁକୁ ହୁଗୁ ହୁଗୁ ଜଳାଇବାକୁ ଉଦ୍ଦୀପକ ସଙ୍ଗୀତ ବୋଲା ହେଉଥାନ୍ତା । ବକ୍ଷ ଓ ନିତମ୍ବ ନଚାଇ ନାଚୁଣୀମାନେ ନାଚୁଥାନ୍ତେ । କବିମାନେ କାମକାବ୍ୟ ଉପହାର ଦେଉଥାନ୍ତେ । ରସାତଳକୁ ଖସୁଥିବା ରଜା ଇନ୍ଦ୍ର ସଙ୍ଗେ ସମାସ୍କନ୍ଧ ବୋଲି ଚାଟୁକାର ପଣ୍ଡିତ ଶ୍ଳୋକ ଗାଉଥାନ୍ତେ ।

ଲଢ଼େଇ ତ ନାହିଁ; ଅଧିକାଂଶ ରଜା ଘୋଡ଼ା ବି ଚଢ଼ିଜାଣୁ ନ ଥିଲେ । ତରବାରି ବୁଲେଇ ଆସୁ ନ ଥିଲା । ବସିଖାଇ ଗୋଟାଏ ଗୋଟାଏ ମହନ୍ତ ବନିଯାଇଥିଲେ—ଅଚଳ । ତିନିଜଣ ଉଠାଇଲେ ଉଠୁଥିଲେ, ବସାଇଲେ ବସୁଥିଲେ ।

ମୋଟେ ବୁଦ୍ଧି ଖେଳାଇବାକୁ ନ ପଡ଼ିବାରୁ ବୋକା ବନିଯାଇଥିଲେ । ମୁଣ୍ଡରେ କିଛି ନାହିଁ । ଭୁଣ୍ଡଟା ଗୁଳଥିଲା, ଲୋକ କଳନାରେ ସେ ବହୁତ ତଳକୁ ଖସିଥିଲେ । ଥରେ କୁଆଡ଼େ ଉଆଶାଳକୁ ଗସ୍ତକରି ଯାଇ ସେ ଉପର ହାଣ୍ଡିଟି ନ ଉଠାଇ ତଳ ହାଣ୍ଡିଟି ଉଠାଇ ଥିଲେ; ହାଣ୍ଡି ତଳେ ପଡ଼ିଯିବା ଶବ୍ଦରେ କୁମ୍ଭାର ଉଠ ଆଖିବୁଜି ଛେଚିଲା । ରଜାଙ୍କ ଇଜ୍ଜତ ଧିକଡ଼ାର ହେଲା ।

ନାୟିକାର ପ୍ରୀତିଠାର ବି ବୁଝିବାକୁ ସେ ଅସମର୍ଥ ଥିଲେ । ମାଲୁଣୀ ଗାଲରେ କାହିଁକି କଳା ଥାପୁଡ଼ା ବାଜିଲା, ରାଜଜେମା ହାତ, ଗୋଡ଼ ବା ଗୁନ୍ତିରେ ହାତ ଲଗାଇ କି ସଙ୍କେତ ଦେଲା, ମନ୍ତ୍ରୀ ସମଝେଇଲାରୁ ସେ ସମଝିଲେ । ମନଖିଆଲରେ ଗୋଟାଏ ଗୋଟାଏ କଠୋର ଆଦେଶ

Digitized by srujanika@gmail.com

ଜାଣି କହୁଥିଲେ ସେ—ମନପବନ ଡଙ୍ଗା ତିଆରି କରି ଆଣ, ରାତିକେ ଦେଉଳଟାଏ ଗଢ଼, ପୋଖରୀଟାଏ ଖୋଳ, ନଇଲେ ସବଂଶେ ଶୂଳ ! ଯେତିକି ଅଜବ ସେ, ସେତିକି ଅସମ୍ଭବ ତାଙ୍କ ଆଜ୍ଞା ।

ଏମିତି ରଜା ତ ଗଲେ, ରଜାର ଖିଆଲ ଗଲା । କିନ୍ତୁ ତାର ସେ ଦିଲ୍ ବା ଉଚ୍ଚ ମିଜାସ୍ ଆଉ ଦେଖିବାକୁ ମିଳିଲା ନାହିଁ । ରଜାର ସ୍ଥାନ ଅଧିକାର କଲା ହାକିମ । ରଜାର ମେଜାଜ୍‌ରେ ଯୋଉ ସିଂହର ବିକ୍ରମ ବା ଉଦାରତା ଥିଲା, ହାକିମୀରେ ନ ଥିଲା; ଥିଲା ଶିଆଳର ଗୁଇଁଚତୁର ଭାବ ।

ଓଡ଼ିଶା ସଙ୍ଗେ ଗଡ଼ଜାତସବୁ ମିଶିଲା ପରେ ଗଡ଼ଜାତର ଲୋକଙ୍କୁ ଗଡ଼ଆରୁ ପହଁରି ଯାଇ ଦରିଆରେ ପଶିଗଲା ପରି ଲାଗିଲା । ସେମାନେ ଦେଖିଲେ—ଏଠି ସବୁ ବଡ଼—ଜୁଆର ବଡ଼, ତରଙ୍ଗ ବଡ଼, ଭିତରେ ଯୋଉ ସୁଅର ତୋଡ଼ ଉଠେ, ସେ ବି ବଡ଼ । ତିମି, ମଗର, ସାର୍କ ଆଦି ବହୁତ ବଡ଼ ବଡ଼ ଜନ୍ତୁ ! ହେଲେ ସବୁଠୁ ବଡ଼ ହାକିମର ମେଜାଜ୍; ବଡ଼ପଣ ପରି ଦିଶେ, ସେ ବଡ଼ିମା ମାତ୍ର ।

ଗଡ଼ଜାତରେ ଜଣେ ଜଣେ ରଜା ଥିଲେ; ସେ ରୁଷ୍ଟ ହେଲେ ତାଙ୍କୁ ଫଳେପୁଷ୍ପେ, ଗୋଟାଏ ବେଠି କି ଭେଟିରେ ତୁଷ୍ଟ କରି ହେଉଥିଲା । ଓଡ଼ିଶାରେ ଏବେ କେତେ ରଜା ! ସଦା ରୁଷ୍ଟ ପରି ବୋଧ ହୁଅନ୍ତି ସେମାନେ, ତୁଷ୍ଟ କରିବାର ଶକ୍ତି କାହିଁ କାହାର ?

ରାଜସିଂହାସନ ଏବେ ମ୍ୟୁଜିଅମ୍‌ର ମଣ୍ଡନ । ଗୋଟାଏ କାଠଚୌକି ଉପରେ ବସି କେଡ଼େ ଦିମାକ୍ କାଢ଼ୁଚି ଏ ହାକିମ ! ଗଡ଼ଜାତକୁ ଆସି ରଜାର ଠାଣିରେ ସେ ଚାରିଆଡ଼କୁ ଚାହୁଁଚି ।

ତା ମନ ଏଡ଼େ ଚଙ୍ଗଚଙ୍ଗ ହଉଚି କାଇଁକି ? ଶଙ୍କା କାହାକୁ ? ସେ ତ ସର୍ବେସର୍ବା; ଏତେ ଉଚ୍ଚ ଆସନରେ ବସି ମାରିନେବାର ମିଛ ମନୋଭାବ କାହିଁକି ?

Digitized by srujanika@gmail.com

ଗଜଲ୍ଲକଡ ଚନ୍ଦନବନ କଟା ଯାଇ ହାଣ୍ଡିଦାନ୍ତ ବସି ପଲଙ୍କ ତିଆରି ହଉଚି, କସି କାଠର ଖଟରେ ନିଦ ହଉନାହିଁ । ହସ୍ତାନ୍ତ ହସ୍ତାନ୍ତ ପିଆଶାଳ କଟାଯାଇ ଝିଅମାନଙ୍କ ଲାଗି ଅଗ୍ରୀମ ଯଉତୁକ ସଜଡ଼ା ହଉଚି । ଅଥଚ ଝିଅ ନାଇଁ, ଝିଅ ପେଟରେ······

କାନଚଉକିଟିମାନଙ୍କୁ ଠିକା ଦିଆଯାଇ କେତୁଟା ବର୍ଷ ଭିତରେ ଜଙ୍ଗଲ ସଫା—ଟାଙ୍ଗର, ଅନୁର୍ବର ; ମରୁଭୂମିରେ ନାଚୁଛି ମଶାଚକା, ଘୂର୍ଣ୍ଣି ଗାଁମାନଙ୍କୁ ଗୁଡ଼ି ପରି ଉପରକୁ ଉଡ଼ାଇ ନେଉଛି । ନଣ୍ଡବଢ଼ିର ଭକ୍ତ ଆସ୍ୱାଦ ବି ମିଳି ଯାଉଛି । ଖଜଣା ବଢ଼ିଚି, ଟିକସ ବଢ଼ିଚି, ଜାଲ୍-ଜୁଆଚ୍ଚୋରି ବଢ଼ିଚି—ବଢ଼ି ବଢ଼ି ନାକବୁଡ଼ା ସ୍ତରକୁ ଆସି ଯାଇଛି ସବୁ । କି ଶସ୍ତା ଥିଲା ଏ ଗଡ଼ଜାତ, କି ମହଙ୍ଗା ଏ ମୋଗଲବନ୍ଦୀ ! ଗଡ଼ଜାତ ପ୍ରଜା ଭାବୁଚି—ମହାରଗରୁ ଯାଇ କାନ୍ତାରରେ ପଡ଼ିଲା ।

ତାଳମୂଳ ରାଜବଂଶର କଥା, ରାଣୀ ସୁରତରଙ୍ଗିଣୀ ଶୁଣିଲେ, ଛାଡ଼ିଲେ ଗୋଟିଏ ଦୀର୍ଘଶ୍ୱାସ ।

ନଈ ପରି ଏ ଗୋଟିଏ ଧାର, କେତେ଼ େଟିକିଟିଏ ହୋଇ ବାହାରିଚି, କେତେ ବଡ଼ ହୋଇ ସମୁଦ୍ରରେ ପଡ଼ିଚି !

ଏବେ ସବୁ ଅନ୍ଧାରରେ ପୋତି ହୋଇ ପଡ଼ିଲା । କିଏ ଖୋଜୁଚି ତାର ମୂଳ ? କିଏ ଦେଖୁଚି ତାର ମଝି ? ଏବେ କରୁଣ ଦୃଷ୍ଟିରେ ଦେଖନ୍ତି ଲୋକେ, କହନ୍ତି ଯାଙ୍କ ବାପା, ବୁଢ଼ାବାପା ଦିନେ ରଜା ଥିଲେ ! ଆମେ ଯାଙ୍କ ପ୍ରଜା ଥିଲୁ ! ଏବେ ଯେ······

ଏବେ ମନୁ, ମାନ୍ଧାତା, ଶିବି, ଦିଲ୍ଲୀପ, ରଘୁ, ଦଶରଥ, ଭରତ, ଯଜାତି, ପରୀକ୍ଷିତ ପୌରାଣିକ ରାଜ ନାମ ଲୋକେ ଉଦାସୀନ ଭାବେ ଶୁଣନ୍ତି, ମନରୁ ପୋଛି ପକାନ୍ତି । କେତେ଼ କେତେ ମହାରାଜା ପାଣିଫୋଟକା ପରି କାଳସିନ୍ଧୁରେ କୁଆଡ଼େ ମିଳାଇ ଗଲେ ! ମାଟି ଖୋଳୁ ଖୋଳୁ ପାଟରାଣୀଙ୍କର ଗଜମୋତିମାଳା, ସୁନାର କଅାପତୀ, ବାରହାତ ଲମ୍ବ

Digitized by srujanika@gmail.com

କେଶରେ ଅଷ୍ଟରନ୍ନ ମୋତିଜାଲି ବାହାରିପଡ଼େ । କେଉଁ ଦେଶର ରାଜାଙ୍କର ରାଣୀ ଏ ? କେଉଁ ପର୍ଯ୍ୟନ୍ତ ତାଙ୍କ ରାଜ୍ୟର ବିସ୍ତାର ଥିଲା ? କେତେ ପ୍ରଚଣ୍ଡ ଥିଲା ତାଙ୍କର ପ୍ରତାପ ! କାଳ କାହିଁକି ତାଙ୍କ ଇତିହାସ ସଞ୍ଚି ରଖିବାକୁ ଅନାବଶ୍ୟକ ମନେ କଲା ?

କାଳ ସଙ୍ଗେ ବଳ କଷି ପାରିଛନ୍ତି ଅଳ୍ପ କେତେ ଜଣ ରାଜା । ଏଠିସେଠି ଗୋଟାକେତେ କୀର୍ତ୍ତି ତାଙ୍କର ଦେଖାଯାଏ—ଦେଉଳ, ଅଟ୍ଟାଳୀ !—କୀର୍ତ୍ତିର୍ଯସ୍ୟ ସ ଜୀବତି ।

ସେଥି ଲାଗି କୁହାଯାଏ—ଆପଣା କଲା କର୍ମମାନ
ଆଗୁଁ........

ରାଜା କୀର୍ତ୍ତିଚନ୍ଦ୍ର କହିଲେ—'ପ୍ରିୟେ, ଧନେ ତ ହେଲେ କାହାର ମନ୍ଦ ପାଞ୍ଚନାହିଁ । ଭୋଗୁଚି କେଉଁ ଅପକର୍ମର ଫଳ ?'

'ନାଥ, କାଳର କଳା ପର୍ଦ୍ଦା ସବୁ ଘୋଡ଼ାଇ ପକାଇଚି । ପୂର୍ବଜନ୍ମ, କର୍ମର କଥା ତ ମଣିଷ ଭୁଲିଯାଏ । ପୂର୍ବଜନ୍ମରେ କିଏ କଣ ଥିଲା, କି ଅକର୍ମ କି ସୁକର୍ମ କରିଥିଲା, କିଏ କହିପାରିବ ? ଏ ଜନ୍ମ, ଏ ଜୀବନର କର୍ମ ହିଁ ବଡ଼, ଯାହା ଉପରେ ଆମ ଭବିଷ୍ୟତ ନିର୍ଭର କରେ ।

କାହାଣୀ ଶୁଣିସାରି ରତନା କହିଲା, ସାଆନ୍ତେ, କେଡ଼େ ବଡ ରାଜବଂଶ ଏ ! ଏକମନରେ ଶୁଣିଚି, ଭୋକଶୋଷ ଭୁଲିଯାଇଚି ।

ଆପଣ ତ କାହାଣୀର ଖଣି, ମତେ କଣ କହୁଚନ୍ତି !

ବୁରୁଧ ସାଆନ୍ତେ କହିଲେ—ଆରେ ତୁ କହୁ କଥା, ମୁଁ କହେ ସତ କଥା ।

"ମୋ କଥାସବୁ ମିଛ ?"

"ନାଇଁରେ, ମିଛ କାଇଁକି ହବ ? ଯେ ବି ଧନେ ଖାଣ୍ଟି ସତ କଥା ଥିଲା । କେହି ଜଣେ ଅନୁଭବୀ ତାକୁ ଏମିତି ରୂପ ଦେଇଛି । ଏ

Digitized by srujanika@gmail.com

ଯୁଗରୁ ସେ ଯୁଗକୁ, ଏ ଭୂଖଣ୍ଡରୁ ସେ ଭୂଖଣ୍ଡକୁ ଯାଇ ବାସ୍ତବତାଟିକ କୁଆଡ଼େ ହଜି ଯାଇଛି । ସବୁ ସ୍ୱପ୍ନ ପରି ଲଗୁଚି ।"

ମୁଁ ଟିକିଏ ରଜା ଶ୍ରୀ'ଚନ୍ଦ୍ରଙ୍କୁ ଦେଖନ୍ତି !'

'କଣ ଦେଖିବୁ ବା ? ଲକ୍ଷ୍ମୀଛଡ଼ା ଉଆସଟା ପୁରୁଣା ଯାଦୁଘର ପରି ଦିଶେ । ତା ଭିତରୁ ମୂର୍ତ୍ତିଟିଏ ଜୀବନ୍ୟାସ ପାଇ ଆସିଲା ପରି ଦିଶନ୍ତି ରଜା—ଏ ଯୁଗକୁ ଉଆସ, ଏ ରଜ ରୂପ ଖାପ୍‌ଛଡ଼ା ଦିଶେ । ବାଲିଗିରଡ଼ାକୁ ଦେଖି କିଏ ଅନୁମାନ କରିବ—ଏ ଦିନେ ପର୍ବତ ଥିଲା ! କାଳ ତାକୁ ଖାଇ ଖାଇ ଏତିକିରେ ରଖିଚି; ନଈ ସୁଅରେ ଗଡ଼ି ଗଡ଼ି ଆସି ସେ ଆହୁରି ବେଶୀ ଘୋରି ହୋଇ ଯାଉଚି । ହୁଏତ କେତେ ଦିନ ପରେ ଗୋଟିଏ ବାଲି ହୋଇଯିବ । ସେଥିରୁ·ଧୂଳି ହୋଇ କୁଆଡ଼େ ବୋଲି କୁଆଡ଼େ ଉଡ଼ିଯିବ । ସେମିତି ଦିନକୁ ଦିନ ଉପରୁ ତଳକୁ, ଆହୁରି ତଳକୁ ଖସୁଛନ୍ତି ରଜା; ଦରିଦ୍ରତର, ମଳିନକଂର ତାଙ୍କର ରୂପତ ବା ରୂପାନ୍ତରରେ ହୋଇଛନ୍ତି କାନତରାଟି, ସିନେମା ହାଉସ୍'ର ମାଲିକ···

ସାଆନ୍ତେ, ସେମିତି କହନା···;

ସେ ରଜା—ତାଙ୍କର ରଜକଳା ଅଛି ବୋଲି । ତାଙ୍କ ଗ୍ରାଁଟ୍‌କାଟ୍ ଅଲଗା ହେଇଥିବ, ଯେତେ କହିଲେ କଣ ହେବ ?

ଟିକିଏ ମତେ ଦେଖାଇ ଦିଅ, ସାଆନ୍ତେ, ନେହୁରା ହଉଚି ।

ଅତିଗରେ ଜଣ ମସିଣାଟିଏ ପଡ଼ିଚି । କାନ୍ଥକୁଦରେ କରଞ୍ଜ ତେଲର ଦୀପଟା ଜଳୁଚି । ଦୀପ ନାସିର କଳା କାନ୍ଥକୁଦର ପ୍ରାୟ ବୃଖଣ୍ଡେ ଉପରକୁ ଉଠି ହଜି ଯାଇଚି । ଶୋଉ ଶୋଉ ରତନା ଘରଯାକୁ କହିଲା—ବୁଝିଲୁ ରତମା, କାଲି ରାଜଦର୍ଶନକୁ ଯିବ । ବୁରୁଡ଼ ସାଆନ୍ତେ କହିଛନ୍ତି, ନେଇଯିବେ ।

'ମିଛ; ରଜା ଯେ, ଦିଅଁ ସେ । ଦିଅଁ କଣ ମଣିଷକୁ ଦେଖା ଦିଅନ୍ତି ?'

Digitized by srujanika@gmail.com

'ଆଖି ବୁଜିଁଚ, ଝିଙ୍ଗ୍ ଲାଙ୍କ ଘଣେ ।'

'ତୁମ ମୁହଁକୁ ଲାଜ ନାଇଁ ? କଣ ପିନ୍ଧିବ ? ସାତସିଆଁ ଗାମୁଛା ପିନ୍ଧି ବଲରେ ପଶୁଚ ବୋଲି·····କଣ ମାନମହତ ନାଇଁ ?'

'ତୋ ଭାଇ ଲଇଖିଣିଆଠଉଁ ଟିକିଏ ଦୋସଡ଼ାଟା ମାଗି ଆଣ୍ ; କୁଆଁକୁଞ୍ଚ ହୋଇ ପେଡ଼ିରେ 'ରଣପୁରୀ'ଖଣ୍ଡିକ ଅଛି, ତାକୁ ପିନ୍ଧି ଯିବ ।'

'ମଲି ମୋର, ତାର୍ କୋଉଠା ଦଡ଼ ଅଛି ମ ? ଅଷ୍ଟ ଶରୀର ତ ଅସରପା ଟୁକି ଯାଇଛନ୍ତି !'

'ସେଇ ଚଳବ; ଆମେ କୋଉ ଲାଟଘର ପିଲା ହୋଇଚୁ କି ?'

'ହଉ ହେଲା । ଖାଲିହାତରେ କ'ଣ ଯିବ ? ଦେଉଳକୁ କି ଉଆସକୁ ଖାଲିହାତରେ କିଏ ଯାଏ ? ଆମର କିଛି ନାଇଁ ବୋଲି କ'ଣ ମହତ ନାଇଁ ?'

'ଆଲୋ ହେ, ପିଡ଼ାରେ ଯୋଉ ପାଚିଲା ବୋଇତି କଖାରୁଟି ଅଛି, ତୋ ମନକୁ କେମିତି ପାଉଚ ?'

'ଛୁଆ, ଏ କ'ଣ ରାଜାଙ୍କ ମନକୁ ପାଇବ ?'

'ଗୁଡ଼ଉଲଭୁଜା ମୁଠାଏ ଯଦି ଦ୍ୱାରକାର ରଜା ଶ୍ରୀକୃଷ୍ଣଙ୍କ ମନକୁ ପାଇଲା, କଖାରୁଟା ଆମ ରଜାଙ୍କ ମନକୁ ନ ପାଇବ କାଇଁକି ? ଅସଲ ମନର ଭକ୍ତିଭାବ ।

ଆଚ୍ଛା, ଦେଖିଲୁ; ବାଡ଼ିଆଡ଼ ରଞ୍ଜାରେ ଯଦି କଣିକା କୁଡ଼ ଥାଏ···'

'ମଲା, ଫୁଲ ନ ଶୁଖୁଣୁ କୁଆ କହୁଚ—ଏ ମୋର, ଲାଲ ପିମ୍ପୁଡ଼ି ସିଆଡ଼ ବେଢ଼ିଆସୁଛନ୍ତି । ଏଣ୍ଡୁଅ ମୁଣ୍ଡ ଟୁଙ୍ଗାରୁଚ—ମାନେ ଏଟା ମୋର, ମୋର । ପିଲାଏ ଦାନ୍ତ ନ ଘଷୁ ଣୁ ପଟେ ପଟେ ଦଉଡ଼ୁଛନ୍ତି । କଣି କାକୁଡ଼ିଟିଏ ପାଇଲେ ପଛଆଡ଼େ ଆଂଶ ଘଷି ଦେଇ ଗୁଳିବାଇ-

Digitized by srujanika@gmail.com

ଯାଉଛନ୍ତି । ସ୍ତ୍ରୀଙ୍କ ପାଉରୁ ବଞ୍ଚିବ କୋଉଠି ଯେ ତୁମେ ରଜାଘରକୁ ନେବ । ଦ ଗୃହଟା ପାଚିଲା ପିଜୁଳି ଟିଣ ବାଡ଼େଇ ଚଢ଼ ବାଦୁଡ଼ ମୁହଁରୁ ଅଟକାଇଚ, କାଲିକ ହାଟକୁ ନେବ । ଘରେ ଲୁଣ ନାହିଁ ।'

'ଲୁଣ ନ ହେଲେ ନାହିଁ, ଅଲଣା ଖାଇବା; ମିଳି ତ ଗଲଚରେ···

ବାଃ ବାଃ ରେ ରତମା
ପାଟପତମା
ସରୁ କାଟେଣୀ
ନଅର ଜହ୍ଲୀ
ଫୁଲବରଣୀ
ରତମା କରଚି ଘର
ଅଠର ଖଣ୍ଡ ବାଇଦ ବାଜେ ଟଙ୍ଗର ଟଙ୍ଗର ।

ଛଟାଟା ବୋଲି ଘେଗାଏ ନାଚି ଯାଉଁ ଯାଉଁ ରତନା ଶୁଣିଲା—ରତମା କହୁଚି—ମତେ ଚଢ଼ାନା, ରଗିଲେ ମୁଁ କାହାର ନୁହେଁ ହଁ । ପିଲାଏ ପରା ସେ ଘରେ ଅଛନ୍ତି ! ତମକୁ ଟିକଏ ଲାଜ ମାଡ଼ୁନାହିଁ ? ନାଚୁଚ ?

ବୁଢ଼ା ସାଆନ୍ତେ ସିଂହଦୁଆର ପାହାଚ ଉପରକୁ ଖପ୍‌ଖାପ୍ ଉଠିଗଲେ ।

ରତନା ଶଙ୍କିଗଲା । ଆଁ କଲା ସିଂହ ହଟାକୁ ଗୁହାଁଦେଇ ଗୁଣ୍ଡ ଚାର ଦାଉଁ ଦାଉଁ ପଡ଼ିଲା । ଗୁଲାଲାବେଳେ ପାହାଚରେ ଧୂଳି ଲଗିଗଲେ କେହି କିଛି କହିବେ ନାହିଁ ତ ? ଆଣ୍ଠୁ ଯାଏ ଧୂଳି । ଗୋଡ଼ଧୋଇ ଯାଇଥିଲେ ହେଇ ନ ଥାନ୍ତା ? ପୋଖରୀ ନାହିଁ ?

ଓଃ, କେତେ ଉଞ୍ଚ ଘର ! ବେକ ଭାଙ୍ଗିଯାଉଚି, ମୂଳରେ ଛିଡ଼ାହୋଇ ଅଗ ଦେଖି ହଉନି ।

କେତେ ବାଘ ମୁଣ୍ଡ, ଗସ୍ତୁଲ, ସିଂହ, ଓଃ, ଗୁଣ୍ଡ ଥିବ ଉଠୁଚି କାହିଁକି ? ହଠାତରେ ତ ଖଡ଼ଗାର ପଡ଼ିଯିବ । କେତେ ନୁଆଁଗା । ମୁଣ୍ଡଟା

Digitized by srujanika@gmail.com

କେଉଡ଼େ ଅଲବା ବଲବା ! ଝିକଏ କୁଣ୍ଡେଇ ଯାଇଥିଲେ ହେଇ ନ ଥାନ୍ତା । ହନୁହାଡ଼ ଉପରକୁ ଖୁହିଁଚ । ଗାଲ ଆଉ ଆଖି ଗାଡ଼େ ଗାଡ଼େ ପଶିଯାଇଚ । ଏ ଅପରଛନଆଁ ଲୋକଟାକୁ ଦେଖି ରଜା ଗ୍ରିଗିବେ ନାଇଁ ତ ?

ଡର ଡର ଆଗକୁ ପାଦେ ପଛକୁ ପାଦେ ହଉଁ ହଉଁ ରତନା ବୈଠକଘର ଦୁଆରେ ପହଞ୍ଚିଗଲା । ସାଆନ୍ତେ ଆଖି ଠାର ଦେଲେ—ହେଇ ରଜା ।

ରତନା ଗୁହିଁଦେଇ ବୋକା ପାଲଟିଗଲା । କ'ଣ କରବ ସେ ? କେମିତି ମାନ୍ୟତା ଦେଖାଇବ ?

ଘବୁ ଘବୁ ଲମ୍ବ ହୋଇ ଗୋଡ଼ ତଳେ ପଡ଼ିଗଲା । ତଳେ ବସି ଦେଖିଲା—ଥାଲି ପଠ ପର କେଡ଼େବଡ ମୁହଁ, କେଡେ କେଡେ କଡଗ ବାଧୁଆ ନଶ । କେଡେ କେଡେ ଲମ୍ବା ଚୌଡ଼ା ଆଖି ।

ହେଲେ ରାଜପୋଷାକ କାହିଁ ? ମୁକୁଟ ? ପାଟଖଣ୍ଡା ? ମନ୍ତ୍ରୀ କାହାନ୍ତି ? ଦୁଆରି ?

ସିଂହାସନ କାହିଁ ? ଏ ତ ଗୋଟାଏ ଗଦ ଚୌକି, ସାଆନ୍ତଘରେ ଦେଖିଚ । ଅଧିକା କ'ଣ ?

ପିନ୍ଧିଛନ୍ତି ମିଲ୍ କୁଞ୍ଚକରା ଧୋତି, ଦହରେ ଖଣ୍ଡେ କୁରୁତା । ଏ ରଜା ହଁ, ଯୋଉ ଯୁଗରେ ଯେମିତି ରଜା ମରହଛିଆ ଯୁଗରେ ଜରି ବେଶ, ଜରି ମୁକୁଟ ଥିଲା । ଅଣ୍ଟାରେ ଖଣ୍ଡାଟାଏ ଝୁଲୁଥିଲା ।.ଇଂରାଜୀ ଅମଲ ହେଲା । ଯୁଗ ବଦଳିଲା, ବେଶ ବ । ସେ ଅମଲ ଯାଇ ଏବେ କଂଗରସ ଅମଲ । ଏ ଯୁଗକୁ ଗୁହିଁ ଏ ବେଶ ।

ରାଜା କୀର୍ତ୍ତିଚନ୍ଦ୍ର ଏକଲୟରେ ଅନାଇ ରତନାର ଗଢଣଧି କଳୁଥାନ୍ତି ।

Digitized by srujanika@gmail.com

ରଚନା କଖାରୁ ଆଉ ଗୁଟେଚି ପିଜୁଲି ନେଇ ସାମ୍ନାରେ ଥୋଇଦେଲା—କଣ ମୁଁ ଦେଇପାରିବ, ସୁମ୍ନ ?

ରଜା ପଚାରିଲେ—କଖାରୁ, ପିଜୁଲି ଆଣିଚ କାହିଁକି ? ଚଉକିରେ ବସ, ଚଳେ କାହିଁକି ?

ରଚନା ମନେ ମନେ ବିଚାରିଲା—କ'ଣ ? ରଜାଙ୍କ ସମାସ୍କନ୍ଧ ହୋଇ ବସିବ ! ମୋ ବୁଦ୍ଧି କ'ଣ ପୋଡ଼ଜଳି ଗଲାଣି ? ସାନ ବଡ ଜ୍ଞାନ ନାହିଁ ?

କାହିଁ ରାମଚନ୍ଦ୍ର, ମହାରଜା
କାହିଁ ରମା ଭଣ୍ଡାରୀ !

ଆଜକାଲି ସବୁ ସମାନ । ସାନବଡ ଭେଦ ଭେକର ଭିଆଣ ।'

'ମୁହେଁ ମୁହେଁ କେମିତି ଜବାବ ଦେବ ? ଯୁକ୍ତି କଲି ପରି ହେବ ନାହିଁ ତ ? ସମାନ କହିଦେଲେ କ'ଣ ସମାନ ହୋଇଯାଏ, ସୁମ୍ନ ? ନଡ଼ା ଗୁଳ କୁଡ଼ିଆ ଆଉ ପଥର ଉଆସ କ'ଣ ସମାନ ? ଅଲଣା ପଖାଳ ଆଉ ଖେଚୁଡ଼ିଭାତ କ'ଣ ସମାନ ? ଚଳେ ଗଡେ, ଚିରିଣ୍ଡା କନାଧଡ଼ି ପିନ୍ଧେ, ଖପରରେ ଖାଏ । ଏ ସବୁ କ'ଣ ସୁମ୍ନୁଙ୍କ ପୋଷାକ ଆଉ ମୁଣୋହିଁ ସଙ୍ଗେ ସମାନ ହୋଇପିବ ?

କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ ?
କାହିଁ ହୀର କାହିଁ ବାଉଁଶ କଣି ?

ରଜା ବୁଝିଲେ—ଇହାକର ଅଲପକେ ନାହିଁ । କହିଲେ—ବହୁତ ସାହେବସୁବା, ରାଜାମହାରାଜା ଅତିଥି ଏଠିକି ଆସିଛନ୍ତି । ଆଜି ତୁମେ ମୋର ଅତିଥି !

'ମୁଁ କି ଘୁର ମଣିଷ, ମତେ ଅତିଥି କହୁଛନ୍ତି ! ରଜାଙ୍କ ଅତିଥି ହୋଇଥିଲି—ଏ କଥା ଯଦି କାହା ଆଗରେ କହେ, କିଏ ବିଶ୍ବାସ କରିବ ? ଲୋକେ କହିବେ—ଯା ମୁହଁରୁ ବାଣୁଚ ଏକା !'

Digitized by srujanika@gmail.com

'ବୁଦ୍ଧ ସାଆନ୍ତେ ତୁମ ବିଷୟରେ ମତେ ବହୁତ କହିଛନ୍ତି । ଉଆସରେ ଯେତେଦିନ ପାରୁଚ ରହ, ଇଚ୍ଛାହେଲେ ଦି କାମ କରିବ, ନଇଲେ ନାଇଁ ।'

'ଛି ଛି, ସାଆନ୍ତେ କାହିଁକି ଏମିତି କହିଲେ । ଘର ମଳମୁଣ୍ଡି ଆଟାଏ, ବଡ ଛିଗ୍ଛକର ଜୀବନ ମୋର । କେତେବେଳେ ଗଛ-ମୂଳେ କେତେବେଳେ ଝୁଲଆ ତଳେ ।'

'ତୁମଠାରୁ ଗପ ଶୁଣିବା ।'

'ମୋ ଗପ ପିଲାମାନେ ଶୁଣନ୍ତି । ଦିନେ ବକ୍ ବକ୍ ନ ହେଲେ ମତେ ନିଦ ହୁଏ ନାହିଁ । ସେ ବାଇଆ କଥାଗୁଡ଼ାକ ତୁମ୍ଭେ କ'ଣ ଶୁଣିବେ ? ଦରବାରରେ କେତେ କବି ପଣ୍ଡିତ……'

'ମୋର ଆଉ ସେ ଦରବାର ନାଇଁ । ତୁମକୁ ଦେଖି ହିଁ ଏଣିକି ବେଳେ ବେଳେ ମୋ ଦରବା'ର ବସିବ । ତୁମେ ଏବେ କୁଣିଆଁ, ଦୁଃଖର କୋଳରେ ବଢ଼ିଚ, ଦୁଃଖ ବୁଝିପାରିବ, ରଜାର ଦୁଃଖ ?'

'ରଜା ତ ପ୍ରଜାର ଦୁଃଖ ବୁଝିପାରିଲେ ନାହିଁ, ଯୁଗ ଯୁଗ ବହିଗଲା । ମୁଁ ପାମର ପ୍ରଜାଟାଏ, ମୋର ବୁଦ୍ଧି କେତେ, ମୁଁ ବୁଝିବି ରଜାର ଦୁଃଖ ! କୋଉ ଶିରରେ ବଥ ଧକ୍ ଧକ୍ କରେ, ଅଙ୍ଗାଙ୍ଗୁଳି ଯନ୍ତ୍ରଣା ଦିଏ, ଅନୁଭବୀ ତା ବୁଝେ । ଅନ୍ୟ ଲୋକ ବୁଝିପାରେନାହିଁ ।

ମୋ ଗପଗୁଡ଼ାକ ତ ଗାଉଁଲି, ସକାଳୁ ଉଠିଲେ ଯେ ଲଙ୍ଗଳେ ଯାନ୍ତି, ସେଇ ବନେଇଛନ୍ତି । ତାଙ୍କର ଲୋକଙ୍କୁ ଭଲ ଲାଗିବ । ରଜାପୁଅଙ୍କୁ ଖଜା ଅପୂରୁବ ?'

'ନାଇଁ, ଖଜା ମିଠେଇ କଥା ପଡ଼ନାଇଁ । ସେ ପାଟିରୁ ଯାଇ ପେଟରେ ମିଳେଇଯାଏ । ଗଳ୍ପ ସବୁକାଳେ ରହେ ।

ରତନା ଖଳା ସଫାକରି ଆରମ୍ଭ କଲା—

Digitized by srujanika@gmail.com

ସାତ ସମୁଦ୍ର, ତେର ନଈର ପାଣି ହାଉଜାଉ; ଢେଉଙ୍କ ଭିତରେ ଧସାଧସି, ପଡ଼ାପଡ଼ି; ଠେଲାପେଲାରେ ଉଧାଉଧି, ବକାବକି ହୋଇ ଏ ତା କାନ୍ଧରେ, ସେ ଯା ଗୁଣ୍ଡିରେ ଆସି ବାଜୁଛି । ଢେଉଙ୍କ ଏ ଯୁଦ୍ଧଗୋଳଗହଳ ମଧ୍ୟରେ ଗୋଟାଏ ଟାପୁ—ନାଁ 'ସୁନା ଟାପୁ ।'

ଏ ଟାପୁର ରଜା କିଏ ? ରାଣୀ କିଏ ? ମନ୍ତ୍ରୀ ବା ସେନାପତି କିଏ ? କେହି ଜାଣନ୍ତି ନାହିଁ । ପ୍ରଜାଙ୍କ ବିଷୟରେ ବି କିଛି ଖବର ନାହିଁ ।

ଏଠି ଜଙ୍ଗଲ ଅଛି କି ନାହିଁ, ଥିଲେ ସେଥିରେ ବାଘ, ଭାଲୁ, ଗଣ୍ଡା, ହାତୀ ଆଦି ପଶୁ, ଅହିରାଜ, ଅଜଗର, ଶଙ୍ଖଚୂଡ଼ ଆଦି ସାପ, ରହନ୍ତି କି ନାହିଁ, କେହି ଜାଣେନାହିଁ । ତେବେ ଉଡ଼ି ଉଡ଼ି ଡେଣା ଢୋଲ ହେଲେ ସମୁଦ୍ରର ବଡ଼; ସାନ ପକ୍ଷୀ ଆସି ବିଶ୍ରାମ ନିଅନ୍ତି, ଡିମ୍ବ ଦିଅନ୍ତି । ସଞ୍ଜସକାଳେ ପକ୍ଷୀଙ୍କ କୋଳାହଳ ଢେଉଗୋଳକୁ ବଳିଯାଏ ।

ଏ ଟାପୁର ରାଣୀ ମଉନାବତୀ । ସେ ସବୁବେଳେ ମଉନ ହୋଇ ରହିଥାନ୍ତି । ତାଙ୍କ ଦେଖାଦେଖି ମୁଦୁସୁଲିମାନେ ବି ମଉନା, ସୈନ୍ୟ-ସାଗର ମଉନ, ପ୍ରଜାମାନେ ବି ମଉନ । କେବଳ ଏ ରାଜ୍ୟରେ ପକ୍ଷୀ, ଗଛବୃଛ, ଢେଉ ଅମାନିଆଁ । କିଚିରିମିଚିରି, ସରସର ମରମର, କଳକଳ ଛଳଛଳ ଶବ୍ଦ ଶୁଭୁଥାଏ । ଦିପହର ହେଲେ, ପବନ ବନ୍ଦ ହେଲେ ଚାରିଆଡ଼ ନିଶବଦ ହୋଇଯାଏ । ସତରେ ଏମିତି ଏକ ମଉନ ମୁଲକ ପୃଥିବୀରେ ଆଉ କାହିଁ ନାହିଁ ।

ମଉନା ଯୁବତୀ, ଗୋଟିଏ ଉଆ ଗୁଣ୍ଡିଳରେ ଗଢ଼ା; ସେ ସଂକଳ୍ପ କରିଥାନ୍ତି—ଯେ କଥା କୁହାଇ ପାରିବ, ସେ ତାଙ୍କୁ ବିଭା ହେବେ । କେତେ କେତେ ମୁଲକର ଯୁବରାଜ୍ ହାରିଦେଇ ଗଲେଣି, କେହି ତ ପାଖରେ ପଶି ପାରୁନାହାନ୍ତି, କଥା କୁହାଇବେ କିଏ ?

ସପନପୁରର ରାଜକୁମାର, ତାଙ୍କର ବେତାଳ ସାଧନା; କେତେ କେତେ ଅସାଧ୍ୟ ସାଧିଛନ୍ତି, ହେଲେ ମନଲାଖି କନ୍ୟାଟିଏ ନିଜ ଲାଗି

Digitized by srujanika@gmail.com

ଆଣିପାରି ନାହାନ୍ତି । ଏଣେ ବୟସ ବଢ଼ି ଯାଉଥିଲେ ବି ବାଉଁଅପାଣି ପଢ଼ି ପାରିନାହାଁନ୍ତି । ରଜାରାଣୀଙ୍କ ଭାବେଣି, ହେଲେ ପୁଅ ମନ ନ କଲେ ସେମାନେ କଣ କରିପାରିବେ ?

ମଉନାବନ୍ତୀଙ୍କ ପଣ କଥା ଦିନେ ତାଙ୍କ କାନରେ ପଡ଼ିଲା । ସେ ଆଶ୍ଚର୍ଯ୍ୟ ହେଲେ—ଝିଅଙ୍କ ପାଟି ତ ସବୁବେଳେ ଟାକୁ ଟାକୁ, ଠିକଏ କଣ କଥା ପଡ଼ିଲେ ଗୁଡ଼ାଏ ଗପିଯାନ୍ତି, ବହେ ହସିପକାନ୍ତି । ଏମିତି ଖୁମାଣୀ, ଗୁମାନୀ ଝିଅ ଫେର୍ ସଂସାରରେ ଅଛନ୍ତି, ଯେ ପଦେ ବି କଥା ନ କହି ରହିପାରେ ' କେମିତି ଝିଅ ସେ ହୋଇଥିବ, ସତେ କେମିତି ?

ରଜାପୁଅ ଦରିଆକୂଳରେ ପହଞ୍ଚିଲା । କେତେ ଢେଉ ଏଠି ସେଠି ଛୁଆଁଛୁଡ଼ ହୋଇ ପଡ଼ୁଥାନ୍ତି, କେତେ ବା କୂଳ ସହିତ ବଳ କଷୁଥାନ୍ତି, ନ ପାରି ମୁଣ୍ଡ ନୁଆଁଇ ଲାଜରେ ଫେରିଯାନ୍ତି । କେତେ ବା କଚୁଡ଼ି ହୋଇ ପଡ଼ି ମରୁଥାନ୍ତି ।

ରଜାପୁଅର ଭାବେଣି—କେମିତି ସେ ଟାପୁକୁ ଯିବ ? ବୋଇତ କାହିଁ ? ପହଁରିଗଲେ ମଗର, ସାଙ୍କୁଶଙ୍କ କବଳରେ ପଡ଼ିବା ହିଁ ସାର ହେବ । ସେ ଅଷ୍ଟବେତାଳକୁ ସୁମରଣା କଲା । ବେତାଳମାନେ ଆକାଶରେ ଉଡ଼ିଯାଇପାରନ୍ତି, ସମୁଦ୍ରରେ ପହଁରି ଯାଇପାରନ୍ତି । ଏମିତି କିଛି ଅସାଧ ନାହିଁ, ଯାହା ସେମାନେ ସାଧି ନ ପାରନ୍ତି ।

ରଜାପୁଅର ମନ କଥା ଜାଣିପାରି ଜଣେ ବେତାଳ ହାମୁଡ଼ପଡ଼ି କହିଲା—ବସ । ରଜାପୁଅ ତା ପିଠିରେ ବସି ଦଣ୍ଡକେ ଯେ ସୁନାଟାପୁକୁ ଉଡ଼ିଗଲା—ଲୁଣୀ ସମୁଦ୍ର, କ୍ଷୀର ସମୁଦ୍ର, ମହୁ ସମୁଦ୍ର, ତା ପରେ ପଡ଼ିଲା ଦହି ସମୁଦ୍ର । ଏଇ ସମୁଦ୍ରରେ ଖରାରେ ଚକ୍ ଚକ୍ କରୁଚି ସୁନାଟାପୁ । ରଜାପୁଅ ଓହ୍ଲାଇଲା ।

ସାମ୍ନାରେ ଶଙ୍ଖ ମଲମଲ ଉଆସ, ହୀରା ମାଳା ମୋତି ମାଣିକ ଖଞ୍ଜା । ପ୍ରଥମ ଦୁଆରେ ସୈନ୍ୟସାଗର, ରଜାପୁଅକୁ ଦେଖିବାମାତ୍ରେ ସୈନ୍ୟ ଘେରିଯାଇ ଶର ପେଷିଲେ, ତରବାରି ବୁଲାଇ ପାଖକୁ ଚମକ

Digitized by srujanika@gmail.com

ଆସିଲେ, ସାବେଳୀ ଫିଙ୍ଗଲେ । ସବୁ ବେତାଳଙ୍କ ଦେହରେ ବାଜିଲା, ଟିକିଏ କୋଉଠି ରକ୍ତ ବି ହେଲା ନାହିଁ । ତାପରେ ବେତାଳମାନେ ମାତଉଠ ଭୀମ ରୂପ ଧରି ସୈନ୍ୟଙ୍କ ଉପରକୁ ଡେଇଁଲେ, ଜଣକ ଉପରେ ଆଉ ଜଣକୁ କଚାଡ଼ିଦେଲେ । କାହା ଗୋଡ଼କୁ ଧରି ବୁଲେଇ ବୁଲେଇ ପଥର ଉପରେ ପିଟିଦେଲେ, ସମୁଦ୍ରକୁ ବା ଫିଙ୍ଗିଦେଲେ । ତାପରେ ସୈନ୍ୟମାନେ ଛତ୍ରଭଙ୍ଗ ଦେଲେ । ରଜାପୁଅ ଯାଇ ଦ୍ୱିତୀୟ ଦୁଆରେ ପହଞ୍ଚିଲା ।

ସେଠି ଗୋଟିଏ ବଡ଼ ଶଙ୍ଖ, ତାକୁ ଫୁଙ୍କି ବଜାଇବାର ଶକ୍ତି କାହାରି ନାହିଁ । ଶଙ୍ଖକୁ ଦେଖିଲାକ୍ଷଣି ସେ ମନକୁ ମନ ବାଜେ । ଶଙ୍ଖ ଶବ୍ଦ ଶୁଣି ମଉନାବତୀ ଅଧିକ ସୈନ୍ୟ ପଠାଏ ।

ଏ ଶଙ୍ଖ ବାଜିବା ଆଗରୁ ସୁଉ ସୁଉ ହବା ମାତ୍ରେ ବେତାଳମାନେ ତା ମୁହଁ ବାଲିରେ ବନ୍ଦ କରି ସମୁଦ୍ରକୁ ଫିଙ୍ଗିଦେଲେ ।

ତୃତୀୟ ଦୁଆରେ ଗୋଟାଏ ଅସୁର ପକ୍ଷୀ; ଉଡ଼ିଲେ ଆକାଶରୁ ଅଧେ ଘୋଡ଼ାଇ ପକାଏ, କଳାହାଣ୍ଡିଆ ବଳଦ ଗୋଟି ଆସିଲା ପରି ଦିଶେ, କେବଳ ବିଜୁଳି ପରି ଚକ୍ ଚକ୍ କରୁଥାଏ ତାର ଦିଟା ଆଖି । ତଳକୁ ଝାମ୍ପି ପଡ଼ି ଦି ବୁର ଖୁମ୍ପାରେ ମଣିଷ ଦେହର ସବୁ ମାଉଁସ ଖାଇଯାଏ, ଠିଆ ହୋଇଥାଏ ଖାଲି ହାଡ଼କଙ୍କାଳ ।

ମୋଟା ମୋଟା ବେତାଳଙ୍କୁ ଦେଖି ପକ୍ଷୀଟା ଅତି ଖୁସିରେ ହସି ପକାଇଲା । ହସ ପରି ଅଣ୍ଟରେ କିଛି ଦିଶିଲା ନାହିଁ, ସାବଲ ପରି ଥଣ୍ଟ ଦିଫାଳରୁ ଖେଁ-ଖେଁ-ଖେଁ ଶବ୍ଦଟାଏ ମାତ୍ର ବାହାରିଲା ।

ବେତାଳଙ୍କ ବଳ ଜଣା ନ ଥିଲା ବୋଲି ପକ୍ଷୀର ଏ ହସ; ହେଲେ କାନ୍ଦିବାକୁ ସେ ବେଳ ପାଇଲା ନାହିଁ । ବେତାଳେ ତା ତୋଟି ଚିପିଦେଲେ । ଗୋଟାଏ ବନ୍ଧୁକ ଫୁଟିଲା ପରି ପାଟିରୁ ଶବ୍ଦ ବାହାରିଲା । ତା ପରେ ମଲା ପକ୍ଷୀର ଡେଣା ଦିଟାକୁ ଓଟାରି ବେତାଳେ ଯୁଆଡ଼େସିଆଡ଼େ ଫିଙ୍ଗିଦେଲେ ।

Digitized by srujanika@gmail.com

ଚତୁର୍ଥ ଦୁଆରେ ଗୋଟାଏ ହସ୍ପ୍ୟାନ୍ତ ଅସୁର । ବିହଟାକ ବାଳ, ମୂଣ୍ଡରେ ଝୋଟ ଗୋଚ୍ଛାଟାଏ ପରି ପାଚିଲା ବାଳ । ବେତାଳଙ୍କ ସାଙ୍ଗେ ସେ ଘଡ଼ିଏ ପହରେ ମଲ୍ଲଯୁଦ୍ଧ କରି ତାପରେ ଆଲଜା ହୋଇ ତଳେ ପଡ଼ିଗଲା । ବେତାଳେ ଲୁହାପରି ହାତ ପାପୁଲିରେ ତା ତଣ୍ଟି ମୋଡ଼ିଦେଲେ ।

ଏମିତି ଗୃହି ଦୁଆର ଲଙ୍ଘି ରଜାପୁଅ ଖଣ୍ଡେ ଦୂରରେ ଛିଡ଼ା ହେଲା । ସିଂହାସନଟିରେ ମଉନାବତୀ ବସିଚି । ରୂପକୁ ଚାହିଁଦେବାମାନେ ରଜାପୁଅକୁ ଲଗିଲା ଯେମିତି ବାୟା ହେଇଯାଉଚି । ବିହିବିଧାତା କେମିତି ଏ ରୂପ ଗଢ଼ିଚି ! କେଡ଼େ ନିଖୁଣ !

ରଜାପୁଅ ଚମକିପଡ଼ୁଚି, କେତେବେଳେ ବା ବୋକାହୋଇ ଠିଆହଉଚି । କଥା କହିଲାବେଳେ ଦୋହଲିଲେ ଏ ଓଠ ଦିଫାଳ କେଡ଼େ ସୁନ୍ଦର ଦିଶନ୍ତା ! ମୁହଁରୁ କେତେ ଚନ୍ଦ୍ର ଉଦିଆର ଡେଉ ଖସନ୍ତା ! ହଳଦିଚନ୍ଦନ ମିଶା ରଙ୍ଗର ଏ ଦେହଟି—ପଥର ମୂର୍ତ୍ତିଟିଏ ପରି ବସିଚି ।

ଅଷ୍ଟବେତାଳଙ୍କ ଭିତରୁ ଜଣେ ଲୁଚିରହିଲା ଖଟଖୁରାରେ, ଜଣେ ପାପୁରୁଖାରେ, ଜଣେ ଖମ୍ବରେ, ଜଣେ ପୂର୍ଣ୍ଣକୁମ୍ଭରେ । ଆଉ ଚାରିଜଣ ଅଦୃଶ୍ୟଭାବେ ଦେଖଣାହାରି ହୋଇ ରହିଲେ । ରଜାପୁଅ ତୁଣ୍ଡରୁ ବାହାରିଲା କଥାଟିଏ କହୁଁ···କଥା···

ଘରେ ଅବିହାଡ଼ୀ ଝିଅ; ପାନ ଖୋଜ ଚାରି ଦିଗକୁ ଚାରିଜଣ ଗଲେ—ବାପ, ବଡ଼ଭାଇ, ମାମୁଁ, ଅଜା; ଯିବା ଆଗରୁ ମନ କଥା କେହି କାହା ଆଗରେ କହିଲେ ନାହିଁ । ବିଭା ଦିନ ସ୍ଥିର ହୋଇଗଲା, ଚାରି ଦିଗରୁ ଚାରି ବର ଆସି ପହଞ୍ଚିଲେ । ଏତିକବେଳେ ଝିଅ କାହିଁକି ବାଡ଼ି ଆଡ଼କୁ ଯାଇଥିଲା, ତମ୍ପସାପ ଚୋଟେ ମାଇଲା । ସେତିକିରେ ଶେଷ । ଘରର ଯେତେ, ଚାରି ବର ଆଉ ବରଜାତି କାବାକାଠ ହୋଇ ଚାହିଁ ରହିଲେ । ହେଲେ ଉପାୟ କ'ଣ ? କୋକେଇ ବନ୍ଧାହେଲା । ଜୁଇ ଗାଡ଼ରେ ନିଆଁ ହୁତୁ ହୁତୁ ହୋଇ ଜଳିଲା । ଜଣେ ବର ଅତି ଦୁଃଖରେ

Digitized by srujanika@gmail.com

ଆସିଲେ, ସାବେଳୀ ଫିଙ୍ଗଲେ । ସବୁ ବେତାଳଙ୍କ ଦେହରେ ବାଜିଲା, ଟିକିଏ କୋଉଠି ଗଞ୍ଜୁଡ଼ି ବି ହେଲା ନାହିଁ । ତାପରେ ବେତାଳମାନେ ମାତିଉଠି ଭୀମ ରୂପ ଧରି ସୈନ୍ୟଙ୍କ ଉପରକୁ ଡେଇଁଲେ, ଜଣକ ଉପରେ ଆଉ ଜଣକୁ କଚାଡ଼ିଦେଲେ । କାହା ଗୋଡ଼କୁ ଧରି ବୁଲେଇ ବୁଲେଇ ପଥର ଉପରେ ପିଟିଦେଲେ, ସମୁଦ୍ରକୁ ବା ଫିଙ୍ଗିଦେଲେ । ତାପରେ ସୈନ୍ୟମାନେ ଛତଭଙ୍ଗ ଦେଲେ । ରଜାପୁଅ ଯାଇ ଦ୍ୱିତୀୟ ଦୁଆରେ ପହଞ୍ଚିଲା ।

ସେଠି ଗୋଟିଏ ବଡ଼ ଶଙ୍ଖ, ତାକୁ ଫୁଙ୍କି ବଜାଇବାର ଶକ୍ତି କାହାରି ନାହିଁ । ଶତ୍ରୁକୁ ଦେଖିଲାକ୍ଷଣି ସେ ମନକୁ ମନ ବାଜେ । ଶଙ୍ଖ ଶବ୍ଦ ଶୁଣି ମଉନାବତୀ ଅଧିକ ସୈନ୍ୟ ପଠାଏ ।

ଏ ଶଙ୍ଖ ବାଜିବା ଆଗରୁ ସୁଉ ସୁଉ ହେବା ମାତ୍ରେ ବେତାଳମାନେ ତା ମୁହଁ ବାଲିରେ ବନ୍ଦ କରି ସମୁଦ୍ରକୁ ଫିଙ୍ଗିଦେଲେ ।

ତୃତୀୟ ଦୁଆରେ ଗୋଟାଏ ଅସୁର ପକ୍ଷୀ; ଉଡ଼ିଲେ ଆକାଶରୁ ଅଧେ ଘୋଡ଼ାଇ ପକାଏ, କଳାହାଣ୍ଡିଆ ବଉଦ ଘୋଟି ଆସିଲା ପରି ଦିଶେ, କେବଳ ବିଜୁଳି ପରି ଚକ୍ ଚକ୍ କରୁଥାଏ ତାର ଦିଟା ଆଖି । ତଳକୁ ଝାମ୍ପି ପଡ଼ି ଦି ଚଞ୍ଚୁର ଖୁମ୍ପାରେ ମଣିଷ ଦେହର ସବୁ ମାଉଁସ ଖାଇଯାଏ, ଠିଆ ହୋଇଥାଏ ଖାଲି ହାଡ଼କଙ୍କାଳ ।

ମୋଟା ମୋଟା ବେତାଳଙ୍କୁ ଦେଖି ପକ୍ଷୀଟା ଅତି ଖୁସିରେ ହସି ପକାଇଲା । ହସ ପରି ଥଣ୍ଟରେ କିଛି ଦିଶିଲା ନାହିଁ, ସାବଲ ପରି ଥଣ୍ଟ ଦିଫାଳରୁ ଖେଁ-ଖେଁ-ଖେଁ ଶବ୍ଦଟାଏ ମାତ୍ର ବାହାରିଲା ।

ବେତାଳଙ୍କ ବଳ ଜଣା ନ ଥିଲା ବୋଲି ପକ୍ଷୀର ଏ ହସ; ହେଲେ କାନ୍ଦିବାକୁ ସେ ବେଳ ପାଇଲା ନାହିଁ । ବେତାଳେ ତା ତୋଟି ଚିପିଦେଲେ । ଗୋଟାଏ ବମ୍ବାଜି ଫୁଟିଲା ପରି ପାଟିରୁ ଶବ୍ଦ ବାହାରିଲା । ତା ପରେ ମଲା ପକ୍ଷୀର ଡେଣା ଦିଟାକୁ ଓଟାରି ବେତାଳେ ଯୁଆଡ଼େସିଆଡ଼େ ଫିଙ୍ଗିଦେଲେ ।

Digitized by srujanika@gmail.com

ଚତୁର୍ଥ ଦୁଆରେ ଗୋଟାଏ ଦମ୍ଭାନ୍ତ ଅସୁର । ଝାଉଁଥାକ ବାଳ, ମୁଣ୍ଡରେ ଝୋଟ ଗୋଛାଟାଏ ପରି ପାଚିଲା ବାଳ । ବେତାଳଙ୍କ ସାଙ୍ଗେ ସେ ଘଡ଼ିଏ ପହରେ ମଲ୍ଲଯୁଦ୍ଧ କରି ତାପରେ ଆଳିଜା ହୋଇ ତଳେ ପଡ଼ିଗଲା । ବେତାଳେ ଲୁହାପରି ହାତ ପାପୁଲିରେ ତା ତଣ୍ଟି ମୋଡ଼ିଦେଲେ ।

ଏମିତି ଚାରି ଦୁଆର ଲଙ୍ଘି ରଜାପୁଅ ଖଣ୍ଡେ ଦୂରରେ ଛିଡ଼ା ହେଲା । ସିଂହାସନଟିରେ ମଉନାବତୀ ବସିଚି । ରୂପକୁ ଚାହିଁଦେବାମାତ୍ରେ ରଜାପୁଅକୁ ଲାଗିଲା ଯେମିତି ବାଉଳା ହୋଇଯାଉଚି । ବିହିବିଧାତା କେମିତି ଏ ରୂପ ଗଢ଼ିଚି ! କେଡ଼େ ନିଖୁଣ !

ରଜାପୁଅ ଚମକିପଡ଼ୁଚି, କେତେବେଳେ ବା ବୋକାହୋଇ ଠିଆହଉଚି । କଥା କହିଲାବେଳେ ଦୋହଲିଲେ ଏ ଓଠ ହଳଫାଳ କେଡ଼େ ସୁନ୍ଦର ଦିଶନ୍ତା ! ମୁହଁରୁ କେତେ ଚନ୍ଦ୍ରଉଦଆର ତେଜ ଖସନ୍ତା ! ହଳଦିଚନ୍ଦନ ମିଶା ରଙ୍ଗର ଏ ଦେହଟି—ପଥର ମୂର୍ତ୍ତିଟିଏ ପରି ବସିଚି ।

ଅଷ୍ଟବେତାଳଙ୍କ ଭିତରୁ ଜଣେ ଲୁଚିରହିଲା ଖଟଖୁରାରେ, ଜଣେ ପାପୁରଖାରେ, ଜଣେ ଖମ୍ବରେ, ଜଣେ ପୂର୍ଣ୍ଣକୁମ୍ଭରେ । ଆଉ ଚାରିଜଣ ଅଦୃଶ୍ୟଭାବେ ଦେଖଣାହାରି ହୋଇ ରହିଲେ । ରଜାପୁଅ ତୁଣ୍ଡରୁ ବାହାରିଲା କଥାଟିଏ କହୁଁ···କଥା···

ଘରେ ଅବିବାହିତ ଝିଅ; ପାତ୍ର ଖୋଜି ଚାରି ଦିଗକୁ ଚାରିଜଣ ଗଲେ—ବାପ, ବଡ଼ଭାଇ, ମାମୁଁ, ଅଜା; ଯିବା ଆଗରୁ ମନ କଥା କେହି କାହା ଆଗରେ କହିଲେ ନାହିଁ । ବିଭା ଦିନ ଥିର ହୋଇଗଲା, ଚାରି ଦିଗରୁ ଚାରି ବର ଆସି ପହଞ୍ଚିଲେ । ଏତିକିବେଳେ ଝିଅ କାହିଁକି ବାଡ଼ି ଆଡ଼କୁ ଯାଇଥିଲା, ତମ୍ପସାପ ଚୋଟେ ମାଇଲା । ସେତିକିରେ ଶେଷ । ଘରର ଯେତେ, ଚାରି ବର ଆଉ ବରଜାତି କାବାକାଠ ହୋଇ ଚାହିଁ ରହିଲେ । ହେଲେ ଉପାୟ କ'ଣ ? କୋକେଇ ବନ୍ଧାହେଲା । ଜୁଇ ଗାଡ଼ରେ ନିଆଁ ହୁରୁ ହୁରୁ ହୋଇ ଜଳିଲା । ଜଣେ ବର ଅତି ଦୁଃଖରେ

Digitized by srujanika@gmail.com

ସେଇ ନଆଁକୁ ଡେଇଁପଡ଼ିଲା । ଆଉ ଜଣେ ଘରେ ଶୀତଳେଇଲା ପରେ ଅସ୍ଥି ନେଇ ଗଙ୍ଗାରେ ପକାଇଲା । ଜଣେ ଛତାପୋତି ସେ ଜୁଇପାଖେ ବସିରହିଲା । ଜଣେ ସଞ୍ଜୀବନୀ ମନ୍ତ୍ର ପାଠ କରି ସେଇ କନ୍ୟା ଓ ତାଲାଗି ପ୍ରାଣବଳି ଦେଇଥିବା ବରକୁ ବଞ୍ଚେଇଲା । ଏ କନ୍ୟାକୁ ଏ ଚାରିଜଣଙ୍କ ଭିତରୁ ବିଭାହେବ କିଏ ?

ଧାପରୁଖା କହିଲା—ଯେ ନଆଁକୁ ଡେଇଁ ମରିଥିଲା ।

ଖଟଖୁରୁ କହିଲା—ଯେ କନ୍ୟାର ଅସ୍ଥି ନେଇ ଗଙ୍ଗାରେ ପକାଇଲା ।

ପୁଷ୍ପିକୁମ୍ଭ କହିଲା—ଯେ ମନ୍ତ୍ରପଢ଼ି ଜୀବଦାନ ଦେଲା ।

ମଉନାବତୀ ତୁଣ୍ଡ ଖୋଲି କହିଲା—ତୁମେ ସବୁ ଭାରି ଅନ୍ୟାୟ କଥା କହୁଚ ? ଯେ ନଆଁକୁ ଡେଇଁ କନ୍ୟା ସହିତ ନବଜନ୍ମ ପାଇ ଉଠିଲା, ସେ ହେଲା ଜାଆଁଲା ଭାଇ; ଯେ ଆତ୍ମାର ସଦ୍‌ଗତି ଲାଗି କନ୍ୟାର ଅସ୍ଥି ନେଇ ଗଙ୍ଗାରେ ପକାଇଲା, ସେ ହେଲା ପୁଅ; ଯେ ସଞ୍ଜୀବନୀ ମନ୍ତ୍ର ପଢ଼ି ନବଜନ୍ମ ଦେଲା ସେ ହେଲା ବାପ । ଯେ କିଛି ନ କରି ମଶାଣିରେ ଛତା ପୋତି ବସିରହିଲା, ସେ ହେବ ପ୍ରକୃତପକ୍ଷେ କନ୍ୟାର ବର ।

ରଜା ଖୁସିହୋଇ ସଖୀମାନଙ୍କୁ ସାକ୍ଷୀରଖି କହିଲେ—ତୁମ ଜେମା ମଉନାବତୀ କଥା କହିଲେ ।

ତା'ପରେ ଦ୍ୱିତୀୟ ଗପର କଥାଟିଏ କହୁଁ । ବଢ଼େଇ, ତନ୍ତୀ, ଶଙ୍ଖାରୀ ଓ ରଜାପୁଅ ଚାରି ସଙ୍ଗାତ । ବିଦେଶ କରି ଗଲେ ! ଚାରି ପହରରେ ଚାରି ସଙ୍ଗାତ ଜଗିରହିଲେ । ନିଶା ଗରଜିଲା । ପ୍ରଥମ ପହରରେ ବଢ଼ଇପୁଅ ଗୋଟିଏ ସୁନ୍ଦର ମୂର୍ତ୍ତି ତିଆରି କଲା; ଦ୍ୱିତୀୟ ପହରରେ ତନ୍ତୀ ତାକୁ ଲୁଗା ପିନ୍ଧାଇଲା; ତୃତୀୟ ପହରରେ ଶଙ୍ଖାରୀ ଶଙ୍ଖା ପିନ୍ଧାଇଲା; ଚତୁର୍ଥ ପହରରେ ରଜାପୁଅ ନିଜ ଜୀବନରୁ ଅଧେ ଦେଇ ଜୀଆଁଇଲା । ଏ ଚାରିଜଣଙ୍କ ଭିତରୁ କନ୍ୟା ପାଇବ କିଏ ?

Digitized by srujanika@gmail.com

ଖଟଖୁରା—ଶଙ୍ଖାରୀ;
ପୂର୍ଣ୍ଣକୁମ୍ଭ—ରଜାପୁଅ;
ଧାପରୁଖା—ବଢ଼େଇ;

ମଉନାବଣ୍ଟି ରାଗିଯାଇ କହିଲା—ତୁମ ଭିତରୁ କାହାକୁ ଭଗବାନ୍ ଟିକଏ ବିଚାରବୁଦ୍ଧି ଦେଇନାହାନ୍ତି କିରେ ? ବଢ଼େଇତହେଲା ବାପ; ରଜା-ପୁଅ ନିଜ ଜୀବନରୁ ଅଧେ ଦେଇ ଜୀଆଁଇଲା । ସେ ହେଲା ଭାଇ; ଶଙ୍ଖାରୀ ଶଙ୍ଖା ପିନ୍ଧାଇଲା । ସେ ଶଙ୍ଖା ଦାମ୍ ପାଇବ, ଇଜ୍ଜତ ରକ୍ଷାଲାଗି ତନ୍ତୀ ଲୁଗା ପିନ୍ଧାଇଲା । ସେ ହେଲା କନ୍ୟାର ପ୍ରକୃତ ବର ।

ରଜାପୁଅ ସଖୀମାନଙ୍କୁ ବିଶ୍ୱସୁଥର ସାକ୍ଷୀ କଲା—ଦେଖ, ତୁମ ଜେମା ମଉନାବଣ୍ଟି କେମିତି କଥା କହିଲେ !

ତାପରେ ରଜାପୁଅ ଶେଷ କଥାଟି କହିଲା—'ଜଣେ ବଣିଆଁ ତୁମକୁ ଝୁରି ମରୁଚି । ଥରେ ମାତ୍ର ଦେଖା ଦେଇ ତା ଜୀବନ ରକ୍ଷା କର ।' ଗଉଡୁଣୀର ଏ ପ୍ରାର୍ଥନାରେ ବିକଳ ପାଇ ଜେମାଦେଈ ରାଜି ହୋଇଗଲେ । ସେ ଦେଉଳରେ ବଣିଆଁ ଟୋକାକୁ ଦେଖାଦେଲାବେଳେ ଚତୁରୀ ଗଉଡୁଣୀ କଣ କଲା ନା, ଦେଉଳ ଦୁଆର ବନ୍ଦ କରି ଜଉମୁଦ ଦେଲା । କୋଟୁଆଳ ଆଗରେ ଜେମାଙ୍କ ବଦ୍‌ନାମ ରଟନା କଲା ।

ଏ କଥା ଶୁଣି ମାଳୁଣୀ ହଜାରେ ସୁନାମୋହର ପୂଜାରୀକ ଲାଞ୍ଚ ଦେଇ ବଣିଆର ସ୍ତ୍ରୀ ଆଉ ପୁଅକୁ ଦେଉଳରେ ଭର୍ତ୍ତି କଲା । ଜେମା ବଣିଆଁ ପୁଅ ସହିତ ଦେଉଳରୁ ଖସି ଆସିଲେ । ମାଳୁଣୀ ନଅରରେ ପିନ୍ଧି କରି ଜେମାଙ୍କୁ ପୂରାଇଦେଲା । ରଜା ଗଉଡୁଣୀ କଥାର ସତ ମିଛ ବୁଝିବା ଲାଗି ଦେଉଳ ମୁଦ ଖୋଲିଲେ, ଦେଖିଲା ବେଳକୁ ଭିତରେ ବଣିଆଁ ବଣିଆଣୀ । ଦୁହିଙ୍କ ଭିତରେ କାହାର ବୁଦ୍ଧି ସରସ ?

ଖଟଖୁରା—ଗଉଡୁଣୀର;
ଧାପରୁଖା—ଗଉଡୁଣୀର;
ପୂର୍ଣ୍ଣକୁମ୍ଭ—ଗଉଡୁଣୀର;

Digitized by srujanika@gmail.com

ମଉନାବଣ୍ଣ ଗର୍ଜିଉଠି କହିଲ—ଶୁଣୁଚ, ଶୁଣୁଚ—ଏମାନେ କେଡ଼େ ଭୁଲ କଥା କହୁଛନ୍ତି ! ମାଲୁଣୀ ତ ଜଣିଲ; ତା ବୁଦ୍ଧି ସରସ ନୋହିବ କାହିଁକି ?

ରଜାପୁଅ ସଖୀମାନଙ୍କୁ ସାକ୍ଷୀରଖି କହିଲ—ଏଥର ବି ମଉନାବଣ୍ଣ କଥା କହିଲେ । ତିନ ଥରକୁ ଧରମ ଘୁଞ୍ଚ ।

ମଉନାବଣ୍ଣ ଅତି ଆନନ୍ଦରେ ରଜାପୁଅ ଗଳାରେ ବରଣମାଳା ଦେଲେ । ଏମିତି ଆଡ଼ମ୍ବରରେ ବାହାଘର ହେଲ, ଯାହା କୋଉଠି ଆଖି ଦେଖିନାହିଁ କି କାନ ଶୁଣିନାହିଁ ।

ମୋ କଥାଟି ସରଲ ।

ଗପ ଶୁଣିସାର ରଜା ପଚାରିଲେ—ରଚନା, ତୁ କଣ ପଢ଼ିଚୁ ?

'ଗୃହାଳୀକ ପୂଜା ନେଇନାହିଁ, ଘୁମ୍ନି ।'

'ଏତେ ପାଠ ଜାଣିଲୁ କେମିତି ?'

'ଏଗୁଡ଼ାକ ପାଠ ନୁହେ ଘୁମ୍ନି, ଖାଠ, ଦାଣ୍ଡରେ ପଡ଼ ହାଟରେ ଗଡ଼େ । ଗୃହାଳୀରେ ଅବଧାନ ବତାଏ ନାହିଁ, ଶୋଇଲବେଳେ ବୁଢ଼ୀମାଆ କହେ । ଗପ ଶୁଣୁ ଶୁଣୁ ନିଦ ଲଗିଯାଏ । ରାତିରେ ସପନ ଦେଖେ ସେଇ କଥା—ବାଘ ଡେଉଁଚି ଝୋପାକେ ବାରହାତ; ସାପମାନେ ଫଣା ଟେକି ଗୋଡ଼ାଇଛନ୍ତି, ଚୋଡ଼ାଇଛି ଅସୁରୁଣୀ ବୁଢ଼ୀ ଏଡ଼େବଡ଼ ଆଁ କରି ।'

'ଟେଲବସରିଆ ରଜାପୁଅ କାନରେ ଏ ଗପ ପଡେ ନାହିଁ । ରାଣୀ ମାଆ କେନାମଣିକେମାମଣିଙ୍କୁ ଗପ କହନ୍ତି ନାହିଁ, ପାଖରେ ବି ଶୁଆନ୍ତି ନାହିଁ । ଦାସଦାସୀ ସେମାନଙ୍କୁ ଗଢ଼ନ୍ତି । ସେବା କରୁ କରୁ ସେମାନଙ୍କର କାଳ ବୋହିଯାଏ ।

କେତେ ଦିଗରୁ ପ୍ରଜା ରଜାଙ୍କ ଅପେକ୍ଷା ବେଶୀ ଭାଗ୍ୟବନ୍ତ । ସେ ମନଖୁସିରେ ଏକୁଟିଆ ବଲବଣରେ ବୁଲେ, ଗଛରେ ଚଢ଼େ,

Digitized by srujanika@gmail.com

ନନ୍ଦଚୋଖଧାରେ ପହଁଚରେ । ଏବେ ଜାଣୁଚ, ପ୍ରଜା ଖାଉଥିବା ଅନେକ ଚଜ ରଜାଙ୍କ ଖାଦ୍ୟ ଘରେ ପଶେନାହିଁ, ଯେମିତି କି ପିତାଶାଗ, ମଦରଙ୍ଗା ଶାଗ, ହାଡ଼ମିଗ୍ରି ଶାଗ··· ଖିଆ ପୁଆରେ ଭସିଲେ କଣ ହେବ ? ଏକା ଜନିଷ ଖାଇ ଖାଇ ତ ବିଚ୍ଛା ଲାଗେ ।'

'ରତନା ମନକୁ ଏ କଥାଟା ପାଇଲା ନାହିଁ । ହସି ହସି କହିଲା —ଗ୍ରାମୁଁ ମନ କଲେ ସବୁ ଜନିଷ ଘଡ଼କେ ଆସି ପହଞ୍ଚିବ ।'

'ଯେତେ ଧର୍ମାଲୋକ ହେଉ ପଛକେ ଜଣେ ଲୋକ ସବୁ ବିଷୟରେ କେବେ ଭାଗ୍ୟବାନ୍ ହୋଇ ନପାରେ । ସର୍ବାଙ୍ଗସୁନ୍ଦର, ସବୁ ଗୁଣରେ ଗୁଣୀ, ସବୁ ଦିଗରେ ଦୈବାନୁଗ୍ରହ ଲାଭ କରୁଥିବା ଲୋକ ଜଣେ ହେଲେ ସଂସାରରେ ନାହିଁ ।

ଆଚ୍ଛା ରତନା, ତୁ ଆଉ କି କି କଥା ଜାଣୁ ?'

'ଡାଳିମ୍ବକୁମର, ବାଲବନ୍ତୀ କନ୍ୟା, ହଳାହଳକୁମର, ବାଘ-ବାଘୁଣୀ, ନାଗନାଗୁଣୀ, ଭାଲୁଭାଲୁକୁଣୀ, କଳାକୁମର କଥା, ଚମ୍ପାବତୀ କନ୍ୟା କଥା, ଉଜଳାବତୀ କନ୍ୟାକଥା, ବାନ୍ଧ୍ ବାନ୍ଧ୍ ଦଉଡ଼ି ମାର ମାର୍ ଠେଙ୍ଗା କଥା, ଅନନ୍ତା କଥା—ଏମିତି କେତେ କଥା, ସାତ ଦିନ ସାତ ରାତି କହିଲେ ସରିବ ନାହିଁ ।'

'ମୁଁ ଡକାଇଲେ ଆସି କଥାଟିଏ କହିବୁ, ମନ ଖୁସିରେ ଯେତେ ଦିନ ଇଚ୍ଛା ଉଆସରେ ରହ ।

କେତେଦିନ ଉଆସ ବାସ ରତନାକୁ ତ ସ୍ୱର୍ଗବାସ ପରି ଲାଗିଲା । ଅଠିଲ୍ ଖିଆ, ଅଶନ୍ତା ନିଦ, ନିଷ୍କର୍ମା ଜୀବନ ।

କିଛିଦିନ ପରେ ମନ ଛଟପଟ, ହାତ ଖୁଜୁବୁଜୁ ହେଲା; କେତେ ବସିବ ? ବସି ବସି ହାତଗୋଡ଼ ବନ୍ଧିଲା; ଆଗରୁ ଜାଣିଥିଲା,

Digitized by srujanika@gmail.com

କାମକରିବା କଷ୍ଟ । ଏବେ ବୁଝିଲା, କାମ୍‌କା ଲୋକ ପକ୍ଷରେ ବସିରହିବା ବେଶୀ କଷ୍ଟ । ଗ୍ରାମୁଁଙ୍କ ହୁକୁମ୍ ନେଇ କୋଦାଳଟିଏ କାନ୍ଧେଇ ଦିନେ ସେ ବଗିଚାରେ ପଶିଲା ।

ପୋକଶୁଙ୍ଘା ବଣ, ଲଜକୁଳି ମାଡ଼ିଛି ଏଠିସେଠି, ପାଦପକାଇ ହେଉନାହିଁ । ବୁଢ଼ିଆଣୀ ଜାଲର ଝାଲର ଝୁଲୁଛି ବଗିଚାର ମୂଳରୁ ଶେଷ, ସୁଗନ୍ଧରାଜକୁ ମାଡ଼ିବସିଛି ନର୍ମୁଳି, କଞ୍ଚନରେ ଫୁଟିଛି ଧୋଗିଣା, ମୁଚୁକୁଟିଆ ଫୁଲ ଗୋଟେ ଗୋଟେ ।

ଘୂରୁଥିବା ଫୁଆରାର ଇନ୍ଦ୍ରଧନୁକୁ ଏକ ଲୟରେ ଅନାଇ ବସିଥିଲା ଯୋଡ଼ ମାର୍ବଲ୍ ବଗ, ସେ ମୁହଁମାଡ଼ି ପଡ଼ିଛି; ଏଠିସେଠି ଅବହେଳିତଭାବେ ପଡ଼ିଛନ୍ତି କେତେ ଦେଶିମା ବିଦେଶିମା ଯୁବତୀ ମୂର୍ତ୍ତି, ଉଲଗ୍ନତାକୁ ଆଚ୍ଛନ୍ନ କରିଛି ବହଳ ଶିଉଳର ଏକ ଆସ୍ତରଣ ।

ରଜାଙ୍କର ସେଇ ବଗିଚା ଏ, ଯୋଉଠି ଲାବଣ୍ୟବତୀ ଲାଗି ପାଏଡ଼ା ପଡ଼ୁଥିଲା, ଏବେ ବାଯୁାବସା ଝୁଲୁଛି, ଚେମେଣ୍ଟି ଚେଁ ଚେଁ ହଉଛି, ଚୁଚୁନ୍ଦ୍ରା ପାଦଉପରେ ଚଢ଼ି ଚାଲିଯାଉଛି, ସାଲୁ ସାଲୁ ଚେଲୁଣିପୋକ, ସିଂବାଳୁଆ ।

ମୂଷାକୁ ଗୋଡ଼ଉ ଗୋଡ଼ଉ ସାଇଁକିନେ ଗୋଟାଏ ଧମଣା ସାପ ଚାଲିଗଲା; ଏଇଟା ଅହିରାଜ—ନା···? ରତନା କେତେବେଳଯାଏ ବରଡ଼ାପତ୍ର ପରି ଥରିବାକୁ ଲାଗିଲା ।

କ ବଗିଚା କାମ କରିବ, ମନ ତାର ମରିଗଲା । ସେ କୋଦାଳଟି କାନ୍ଧରେ ପକାଇ ଫେରିଆସିଲା—ଗୋଧନ ପଡ଼ିଆ ତ ହେଇଆସୁଛି, ହେଇଯାଉ; କେତେବର୍ଷର ଅବହେଳା ଭିତରେ ମରୁ ମରୁ ବଞ୍ଚିଛନ୍ତି କେତୁଟା ଗୋଡ଼ିବାଣ, ମନ୍ଦାର, କୃଷ୍ଣଚୂଡ଼ା, କଞ୍ଚନ । ବସନ୍ତ ବା ଶରତରେ କେହି ବଗିଚାକୁ ଆସି ଆନନ୍ଦର ନିଃଶ୍ୱାସଟିଏ ମାରନାହିଁ, ଝରିଯାଉଛି କେତେ ସୌନ୍ଦର୍ଯ୍ୟ, ଅନାଦୃତଭାବେ ।

Digitized by srujanika@gmail.com

ରଜାଘରକୁ ଆସି ଯୋଉ ବେବସ୍ଥା ଦେଖିଲା, କେତେଦିନ ପରେ ରତନାର ମନ ଗୁଡ଼ିଗଲା । ରାଜା ରାତି ପାହାନ୍ତିଆରେ ଶୁଅନ୍ତି, ଦିନ ଦିପହରେ ଉଠନ୍ତି । ଯୁବରାଜ ତଦ୍ରୂପ । ଦିନ ପହରେ ଛ’ଘଡ଼ିକି ରାଣୀମା’ମାନଙ୍କ ପହଣ୍ଡ ଭାଙ୍ଗେ । ତାର ଟିକିଏ ଆଗରୁ ଉଠି ଦାସୀମାନେ ଏଠି ସେଠି ବସି ହାଇ ମାରୁଥାନ୍ତି, ମୋଡ଼ିଭାଙ୍ଗି ହେଉଥାନ୍ତି, ନଇଲେ ଭୁଣ୍ଡରୁ ମଜର ଛଡ଼ାଇବାଲାଗି କଳି କରୁଥାନ୍ତି—ଜଣକ ଚୁଟିରେ ଜଣେ କଣ୍ଟା ପୋତୁଥାଏ, ନଇଲେ ଦିଜଣଙ୍କ ଝଗଡ଼ା ଲାଗିଲେ ଜଣେ ନଖ ଘଷୁଥାଏ । ଦିନଟି କେମିତି କଟିବ, ଏଇ ଦୁର୍ଭାବନାରେ ନୂଆ ନୂଆ ଝଗଡ଼ାର ଯୋଜନା ଗଢ଼ାହେଉଥାଏ ।

ରତନା ଜାଣୁନି—ରଜାଘର ଏଡ଼େ ଲୋକ, ତାଙ୍କର କ’ଣ ନାହିଁ ? ବିକା ହୋଇଗଲେ ଛ’ ଘର ହାତୀ, ଶାଗମାଛ ଦରରେ । ଏବେ ପଡ଼ିଛି ଐରାବତର ପାଳି । ଐରାବତ ଦନ୍ତାବଳା, ବାର ହାତ ଲମ୍ବ ଦାନ୍ତ, ଦାନ୍ତ ଅଗରେ ସୁନା ଗୋବ ବସିଛି; ତାପରି ଉଚ୍ଚ ହାତୀ ଓଡ଼ିଶାର କୋଉ ଗଡ଼ଜାତରେ ନ ଥିଲେ ।

ରାଜା ଈଶ୍ୱରଚନ୍ଦ୍ର ତା ପିଠିରେ ବସି ଶିକାରକୁ ଯାଉଥିଲେ । ଥରେ ମହାବଳ ବାଘ ଲାଙ୍ଗୁଳ ଧରି ଉଠିଆସି ତା ପିଠିରେ ଗୋଟାଏ ଗାତ ଖୋଳିଦେଇଥିଲା, ସେ ଖୋପଟା ପୂରିନାହିଁ ।

ଐରାବତର ବୟସ ଶହେ ବର୍ଷରୁ ବେଶୀ । ତିନି ପୁରୁଷ ଧରି ରାଜବଂଶର ସେବା କରି ଆସିଛି । ଯାତ୍ରା ପଟୁଆରରେ ସେ ସବା ଆଗରେ ଚାଲେ । କେତେ କାଳ ହେଲା ରାଜା ଦାନା ଯୋଗାଇ ପାରୁନାହାନ୍ତି । ମାହୁନ୍ତ ବଣବୁଦାରେ ବୁଲାଇ ଡାଳପତ୍ର ଖୋଉଛି ।

ଗରାଖ ଜୁଟିଲା କଣ୍ଟ୍ରାକ୍ଟର ଅଗରୱାଲା, ବଣରୁ ବ୍ରାହ୍ମଣୀ ନଈକି ଐରାବତ କାଠ ବୋହିବ—ତାପରେ ବର୍ଷାଦିନେ ଚାଲିବ କାଠପଟାଳି ।

ପାଟହାତୀ ବିକାହେଲା ମାତ୍ର ପାଞ୍ଚହଜାର ଟଙ୍କାରେ । ଗଲାବେଳେ ତା ଆଖିରୁ ଝରୁଥିଲା ଲୁହଧାର—ସତେ ଯେପରି ସେ ନିଜର ଦୁର୍ଭାଗ୍ୟ ବୁଝି ପାରୁଥିଲା—କି ଖାଦ୍ୟପେୟ, କି ବେଶଭୂଷା, କି

Digitized by srujanika@gmail.com

ଆଦରଅଭ୍ୟର୍ଥନା ! ଦାନା ମୁଠାକ ଲଗି ଏ ବୁଡା ଦନେ ସେ ମୋଟ ବୋହବ, ନ ପାରଲେ ଘନ ଘନ ଆଙ୍କୁଶ କେଞ୍ଚା ଖାଇ ରକ୍ତସ୍ନାନ କରବ !

ଐରବତର ବଦାୟ ପରେ ନାମ ମାତ୍ର ଦାମ୍‌ରେ ହାତୀଶାଳ ବକା ହେଲ । ଘୋଡ଼ା କଏ ଚଢ଼ୁଚ ? ମିଛକୁ କାହିଁକ ଏଥିରୁ ଦଳେ ପୋଷା ହେବେ ? ଦଅ ବକ । ଘୋଡ଼ା ଗଲ ପରେ ଘୋଡ଼ାଶାଳଟା କଣ ହେବ ? ଅତଥି ତ ଆସୁନାହାନ୍ତି; ଅତଥି ଭବନଟା କଣ ହେବ ? ଅନାଥ ପୋଡିବାକୁ ବଳ କାହିଁ ? ଅନାଥାଶ୍ରମଟା କଣ ହବ ? ଏ ହଯ୍ୟାନ୍ତ ହଯ୍ୟାନ୍ତ ବାହାର ଘରଗୁଡ଼ାକ କଣ ହବ ? ଆଗେ ବାହାଘର ବ୍ରତଘରେ ରାଜାମହାରାଜାମାନେ ରହୁଥିଲେ । ଏବେ ଭୂତ ବସା କରଛନ୍ତି, ତେମିଣି ତାଙ୍କ ଦୂତ ହେଇଚନ୍ତି । ରାଜବାଟିରେ ତ ଚୂନ ଲଗି ପାରୁନାଇଁ, ଏ ବାଜେ ଘରଗୁଡ଼ାକ ମରାମତ କରବାକୁ ପଇସା କାଇଁ ? ଏ ଗୁଡ଼ାକ ମିଛେ ମିଛେ ରଖି କ ଲଭ ?

ଧାନ କୋଠି, ତହସିଲ ଘର, ଦେବାନଙ୍କ ବାସଘର, କୋର୍ଟ କଚେରୀ ଘର ଗୋଟିକ ପରେ ଗୋଟିଏ ସବୁ ବକୀ ହୋଇଗଲ । ଶେଷକୁ ଆଖି ପଡ଼ଲ ରଙ୍ଗମଞ୍ଚ ଉପରେ. ଦନେ ଛଉନାଟରେ ଏ ମଞ୍ଚ ଘୂ ଘୂ କମ୍ପୁଥିଲ; ଦଶହରାକୁ ଅମଲମାନେ ଥିଏଟର କରୁଥିଲେ ।

ସବା ଶେଷକୁ ଆଖିପଡ଼ଲ ଚଡ଼ଆଖାନାଟି ଉପରେ । ଚଡ଼ଆ ତ ନାହାନ୍ତି । ଉଡ଼ଗଲ ଚଢ଼େଇ ଘଡ଼ଏ ପହରେ ଆଶ୍ରା ନବା ପାଇଁ ଗୋଟେ ଝଙ୍କାଳଆ ଗଛ ବ ନାହିଁ । ଲୋକେ ଗଛ କାଟିନେଇ ପଦା କର ଦେଇଛନ୍ତି; ହରଣ ଶମ୍ବର ମାର ଖାଇ ଯାଇଛନ୍ତି । ଏ ଠାଙ୍ଗରା ପଡ଼ଆଟା କଣ ହବ ? ସବୁତ ଗଲଣି । ଏଟା କୋଉ ଆଲୁଅ କରବ ?

ଏମିତ ବହୁତ ବକାବକ କର ବ ରାଜା ଘରଖର୍ଚ୍ଚକୁ ସମତୁଲ କରପାରଲେ ନାଇଁ । ଗୁରିଆଡ଼େ ଯେମିତ କ ବନ୍ଧବାଡ଼ ମେଲ ହେଇ ଯାଇଚ ଯେତେ ସୁଅ ପଶିଲେ ବ ବଲରେ ଟୋପାଟିଏ ପାଣି ରହୁନାଇଁ । ଦେଉଳକୁ ମୁକୁଶିଆଳ ବହୁତ ବଳ ଯାଉଚ । ରଜା ଭାବତ ହେଉଥାନ୍ତି—କ ଉପାୟ କରବେ ? ବକବାକୁ ଆଉ କଣ ଅଛୁ ?

Digitized by srujanika@gmail.com

ଏତିକିବେଳେ ପଛଆଡ଼ୁ ବାଜିଲା ଗୋଟେ ମରଣଧକ୍କା ! କଥା ଅଛି—

ନଈଁ ପଡ଼ିଥିବ ଯେତିକିବେଳେ
ବିଧାଏ ମାରିବ ସେତିକିବେଳେ ।

ଭାରତ ସରକାରଙ୍କ ନିର୍ଘାତିଆ ମାଡ଼ଟା ଠିକ୍ ସେମିତି କାଟିଲା । ଭଗ୍ନକାଠ ! ରଜାଙ୍କର ଥିଲା ଏଇଟି ଶେଷ ଆଶ୍ରୟବୃକ୍ଷ । କିଏ ଜାଣିଥିଲା, ବିନା ଝଡ଼ରେ ଏଇଟା ଅଗ୍ନିନକ ଉପୁଡ଼ି ପଡ଼ିବ ବୋଲି ? ଏ ପଡ଼ି ବା ଛାଞ୍ଚ ଉପରେ ନିର୍ଭର କରି ଦାଦିକଠା ମାରିନେବେ, ରଜା ବିଗୃରିଥିଲେ ।

ଚୁକ୍ତିପତ୍ର ହଠାତ୍ କ'ଣ ଏପରି ଖିଲାପ କରାଯାଏ ? ରାଜା ପିଲାଏ ବଡ଼ ଦାଣ୍ଡରେ ବସିବେ, ଏଇ ଦୃଶ୍ୟ କ'ଣ ଉପଭୋଗ ହେବ ?

ମୁଣ୍ଡରେ ଚଡ଼କ ପଡ଼ିଲାପରି ଲାଗିଲା । ଏତେବଡ଼ ପରିବାରଟା କେମିତି ସମ୍ଭାଳିବେ ? କୋଉ କୋଉ କାଳରୁ ଆସି ଆଶ୍ରା ନେଇଛନ୍ତି, ଏ ମୁଦୁସୁଲିଗୁଡ଼ାଙ୍କୁ ତଡ଼ିବେ କେମିତି ? ମୋର ଆଗରେ ଭିକମାଗି ବୁଲିବେ, ଯ୍ୟା ଦେଖି ଆଖି ସହିବ ?

ଖନ୍ଦାଘରେ ତରୁଣ ସୁଲକ୍ଷଣା ବ୍ରାହ୍ମଣୀନାମା, ବାଳଶ୍ରୀ ବିଧବା, ପତିତା ; ଗାଁ ସମାଜରୁ ତଡ଼ାଖାଇ ଏଇ ଭିଟରେ ଆସି ଆଶ୍ରା ନେଇଛନ୍ତି । ଆଜି ଗରିବ ହୋଇଗଲି ବୋଲି କୋଉ ମୁହଁରେ ତାଙ୍କୁ ତଡ଼ିବ ? କହିବାକୁ କେମିତି ଜିଭ ଲେଉଟିବ ?

ରେଜା କାନ୍ଦନ୍ତି ? ତାଙ୍କ ସୁନା ଲୁହ କିଏ ଦେଖିଛି ? ରଜାଙ୍କୁ କନ୍ଦାଇପାରେ କିଏ ଖାଣ୍ଡିଚନ୍ଦ୍ର କିନ୍ତୁ ଆଜି କାନ୍ଦିଲେ—ଅକୂଳ ଦରିଆରେ ଭାସିଯିବାର ନିରାଶ୍ରୟତା ସେ ଅନୁଭବ କରୁଥିଲେ ।

ଏବେ ଚଳାଚଳର ଏକମାତ୍ର ଅବଲମ୍ବନ ଜମି । ଠାଇଁଠାଇଁଆ ଖରାରେ, ଛେଚୁ ବର୍ଷାରେ ସେ ଜମିବାଡ଼ ବୁଲି ଦେଖିପାରିବେ ? ଶିଶୁଷ କୋମଳ ସୁକୁମାର ତନୁ ଶୁଖି ବଶିବଳତା ହୋଇଯିବ ନାହିଁ ?

Digitized by srujanika@gmail.com

ରାଜପଥ ବୋଲି ଆଉ ଅଲଗା ପଥ ନାହିଁ । ଲୋକଙ୍କ ଚଲାବାଟହିଁ ତାଙ୍କର ନା[illegible] । [illegible] ଜଣେ ଗଢ଼ିବ ପ୍ରଜା [illegible] ବହୁତ ବଡ଼ ଦଶେ, ଭିତରଟା ଫମ୍ପା ।

ର[illegible]ନାର ଗପ ସରିନାହିଁ; ରଜାଙ୍କ ଶୁଣାପର୍ବ ଶେଷ ହୋଇଗଲା । ଦମ୍ବିଦାଣ୍ଡିରେ ସତେ ବା ମୂଷଳ ପଶିଗଲା ! ତାଙ୍କ କରୁଣ କାହାଣୀ ତ[illegible] ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିବ, [illegible] ଆଉ କାହା କାହାଣୀ ଶୁଣିବେ କ'ଣ ?

ଖର୍ଚ୍ଚ କାଟ ଯୋଜନାରେ ରଜା ନିକାଲିବା ଆଗରୁ ରତନା ବାହାରିପଡ଼ିଲା । 'ରଜାଘର ଖାନା, ଖଣ୍ଡ ଖଣ୍ଡ ବସାଦହି ମୁଣ୍ଡା ମୁଣ୍ଡା ଛେନା' ଭିତରେ ଦିନେ ପିତାଶୁଖୁଆ ପୋଇଖାଡ଼ା, କଖାରୁଶାଗ, ଗୁଇଁପଖାଳ ଆଉ ରତମାର ଗେଲଗୌରବ ମନେପଡ଼ିଲା, ଘରକୁ ଯିବାକୁ ମନ ଉଚ୍ଛନ୍ନ ହେଲା—ରତମା—ପାଟପଡମା···

ହସଖୁସିରେ ସେ ଧାନମାନଙ୍କ ନାଆଁ ଅନୁସାରେ ପୁଅଝିଅଙ୍କ ନାଆଁ ଦେଇଥିଲା । ପୁଅଙ୍କ ନାଆଁ ଭୁତିଆ, ମକର, କଖାରୁଆ; ଝିଅ ନାଁ ଡାଳପୋହଳା । ପିଲାଙ୍କ ହସଖେଳ ମନକୁ ଅସ୍ଥିର କଲା ।

ମନେପଡ଼ିଲା ଭାଗବତ ଘର ପିଣ୍ଡାରେ ମଉସା, ପିଉସା, ସାଙ୍ଗ ସରିଶାଙ୍କ ସହିତ ଗପସପ, ପିଲାଙ୍କୁ ଗପକୁହା । ଗାଁଟା ମନରେ ଏକ ଆତ୍ମା, ଗୋଟାଏ କୁଟୁମ୍ବପରି ଥିଲା ।

ଗାଁରେ ବହୁତ ଦୁଃଖ, ହେଲେ ମୁହଁ ଚୁହାଁ ଚୁହିଁ, ମନ ମିଳାମିଳି, ଲୁହ ବଦଳାବଦଳିରେ ସେ ଦୁଃଖ କୁଆଡ଼େ ଦୂର ହୋଇଯାଏ । ରତନା ଧାଇଁଲା ଗୁଣୁଗୁଣୁ ବୋଲି—ରତମା, ପାଟପଡମା······

Digitized by srujanika@gmail.com

॥ ଛଅର ॥

'ପଦ୍ମ ଅଭିଷେକ ! ନା ନା, ଅଭିଷେକ କାହିଁକି କହୁଛ ? ଏ କଣ ରଜା ?'

'ହଁ, ଅଭିଷେକ; ବୁଢ଼ାରଜା ମଲେ ଯୁବରାଜଙ୍କର ଅଭିଷେକ ହୁଏ । ବିଦେଶୀ ବ୍ରିଟିସ୍ ସରକାର ମଲା, ଅଭିଷେକ ହେଲା କଂଗରସ ରଜାଙ୍କର ।'

'ରଜା ? ରଜା କାହିଁ ?'

'ହେଲା ହୋ, ରଜା, ନ ହୋଇ ତାଙ୍କ ନାଆଁଟା ଏବେ ମନ୍ତ୍ରୀ ହେଲା । ନାଆଁରେ କ'ଣ ଅଛି ? କାମ ତ ଏକା ।'

'ରଜା ତିନି ପାଞ୍ଜିରୁ ଯାଇଛନ୍ତି । ଅଭିଷେକ ନାଆଁ ଧରନାହିଁ ।'

'ହଉ ହେଲା; ତମକୁ ସେ ନାଆଁଟା ଯଦି ଅପସନ୍ଦ ଲାଗିଲା, ଆଉ ଗୋଟେ ନାଆଁ ଦଉଚି—ରାଜସୂୟ ଯଜ୍ଞ । ସୂତାକାଟାକୁ ସୂତ୍ରଯଜ୍ଞ କହୁଚ, ସେମିତି ଏ ଏକ ଯଜ୍ଞ । ବ୍ରିଟିସ୍ ରାଜ, ଗଡ଼ଜାତ ରାଜାଙ୍କୁ ମାରି ଏ ଯଜ୍ଞ ହଉଚି, ଏ ଏକ ରାଜସୂୟ ଯଜ୍ଞ । ଏଥିରେ ଘିଅର ଆହୁତି ନାହିଁ । ସ୍ୱାହା ସ୍ୱାହା ମନ୍ତ୍ର ନାହିଁ, ପଦ୍ମପାଖୁଡ଼ା ଆଉ କେଶରରେ ଆହୁତି ହବ ।'

'ହଁ, ଯଜ୍ଞ ବରଂ କହ । ଯଜ୍ଞରେ କେବଳ ତ୍ୟାଗର ବାଣୀ, ପଦ୍ମରେ ଏବେ ଯାହାଙ୍କର ବନ୍ଦାପନା ହବ, ସେ ଦେଶର ଜଣେ ମହାନ୍ ତ୍ୟାଗୀ ପୁରୁଷ । ଗୋଡ଼ ବେଡ଼ି ଆଉ ହାତକଡ଼ାରେ ସେ ଜେଲ୍‌ର ସେଲ୍ ଭିତରେ ବହୁ ଦୁଃଖ ପାଇଛନ୍ତି । ଆଧୁନିକ ଓଡ଼ିଶାର ନିର୍ମାତା ସେ ।'

Digitized by srujanika@gmail.com

ଦେଶ ପାଇଁ ଯେ ଏତେ ତ୍ୟାଗ କରିଛନ୍ତି, ତାଙ୍କୁ କ'ଣ ଦୂବ ବରକୋଳି ମନରେ ବନ୍ଧାଇବ, ଲକ୍ଷେ ପଦ୍ମରେ ବନ୍ଦାପନା କରିବା ବି କିଛି ଗୋଟାଏ ବଡ଼ କଥା ପରି ଲାଗୁନାହିଁ । କଂସ ରାଜାର ରାଣୀ ପଦ୍ମାବତୀ ଗୋଟାଏ ଗୋଟାଏ ଓଷାବ୍ରତକୁ ଏତିକ ଭାର ପଦ୍ମ ଲୋଡ଼ୁଥିଲେ । ପଦ୍ମତୋଳା ଶୁଣିନାହଁ ?

କଂସର ଘରଣୀ ପଦ୍ମାବତୀ ରାଣୀ
ସେ କରେ ଧନନ୍ତରି ଓଷା
ଲକ୍ଷେ ଭାର ପଦ୍ମ ଦେବୁ କି କହ୍ନାଇ
ନ ଥିବ ପାଖୁଡ଼ା ମିଶା କି ଗୋବିନ୍ଦ ହରେ ।

ସେ ପୁଣି ସୁନାର ପଦ୍ମ, ମଉଳେ ନାହିଁ । ଏକମାତ୍ର କାଳନ୍ଦୀହ୍ରଦରେ ଫୁଟୁଥିଲି । କାଳୀୟକୁ ଦମନ କରି ପଦ୍ମ ତୋଳି କୃଷ୍ଣ ମାମୁଁ କଂସାସୁରକୁ ଯୋଗାଇଦେଲେ, ନନ୍ଦରାଜାଙ୍କର ମାନମହତ ଆଉ ମୁଣ୍ଡ ରହିଗଲା ।

କୃଷ୍ଣ ଗୋଟାଏ ମାତ୍ର କାଳୀକି ଦମନ କରିଥିଲେ । ଆମ ନେତା ? ଆମ ନେତା ବହୁତ କାଳୀଙ୍କି ଦମନ କଲେ । ପ୍ର଼ ଗଡ଼ଜାତ ଗୋଟାଏ ଗୋଟାଏ କାଳନ୍ଦୀ ହ୍ରଦ ପରି ଥିଲି । ରାଜା ତାର ଦୁଃଶାସନରେ ଏଇ ହ୍ରଦକୁ ବିଷାକ୍ତ କରିଥିଲି । କୃଷ୍ଣ ଏହି ଦର୍ପିଷ୍ଠ ସର୍ପ ବା ଦୁର୍ଦ୍ଦାନ୍ତ ଅସୁରମାନଙ୍କୁ ଦମନ କଲାପରେ ହେଲେ ଦ୍ୱାରକାର ରାଜା । ଆମ ନେତା ରକ୍ଷାକଲେ ଦେଶର ମାନ, ରାଜଦମନ ପରେ ହେଲେ ଓଡ଼ିଶାର ବଡ଼ ମନ୍ତ୍ରୀ ।

ନେତାଙ୍କ ଜୟନ୍ତୀ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀକି ବଳିଗଲା । ଲକ୍ଷେ କ'ଣ, ଗୁରୁ ହାଗରୁ ଦ୍ୱିଗୁଣ ଲକ୍ଷ ପଦ୍ମ ଆସି ପହଞ୍ଚିଗଲା—ଶ୍ୱେତପଦ୍ମ, ରକ୍ତପଦ୍ମ, ଶତଦଳପଦ୍ମ । ନୀଳପଦ୍ମ ନାମରେ ଆସିଥିଲା ବହୁତ ବାସ କଇଁ ।

Digitized by srujanika@gmail.com

ପଦ୍ମକଳି ସବୁ ଫୁଟାଇ ଅଭିନନ୍ଦନ ମଣ୍ଡପ ସଜ୍ଜା ହେଲା, ମୂଳରୁ ଗୃହଚୂଆ ପର୍ଯ୍ୟନ୍ତ । ପଦ୍ମଅଗରେ ବାଟବଣା ମହୁମାଛି, ଅଟକଗଲେ ବାଟୋଇ ଭଅଁର । ଉଦ୍‌ଯୋଗକାରୀଙ୍କର ଏ ହେଲା ଏକ ସମସ୍ୟା—ବର ମନ୍ତ୍ରୀଙ୍କି ଯଦି କାମୁଡ଼ନ୍ତି ?

'ମନ୍ତ୍ରୀଙ୍କି ରକ୍ଷା କରିବା ନଗରପାଳ-ରକ୍ଷୀର କାର୍ଯ୍ୟ !'

'କ'ଣ ଗୁଳି କରିବ ? ନାଁ ଧରି ହାଜତରେ ଭର୍ତ୍ତି କରି ଦେଇପାରିବ ?' ଆଉ ଜଣେ ହସି ହସି କହିଲା—ମିଛକୁ ତୁମ ମୁଣ୍ଡସବୁ ବଥାଉଚ । ମନ୍ତ୍ରୀଙ୍କି ଲୀଳାକମଳଟିଏ ଧରେଇଦେଲେ ସେ ସେଥିରେ ଭଅଁର, ମହୁମାଛି ଉଡ଼ାଇବେ । ମେଘଦୂତରେ ଯକ୍ଷର ନାୟିକା, ଭଞ୍ଜଙ୍କ ଲାବଣ୍ୟବତୀ, ରାଧାନାଥଙ୍କ ପଦ୍ମାବତୀ ହାତରେ କବି ଭ୍ରମର ଦଂଶନ ସମସ୍ୟା ସମାଧାନ ଲାଗି ଧରେଇ ଦେଇଛନ୍ତି କମଳ । ଶକୁନ୍ତଳାଙ୍କ ହାତରେ ଏହା ନ ଥିବାରୁ ସେ ଛନକଭଙ୍ଗ ଦେଇ ପଳାଇ ଯାଉଁ ଯାଉଁ ବିକଳରେ ଡାକ ପକାଇଛନ୍ତି—ରକ୍ଷା କର, ରକ୍ଷା କର ।

ବରମନ୍ତ୍ରୀ ମଣ୍ଡପ ପାଖରେ ପହଞ୍ଚିବା ଆଗରୁ ସତେବା ତାଙ୍କ ଉପରେ ସନ୍ତୋଷରେ ଦେବତାମାନେ ପୁଷ୍ପ ବୃଷ୍ଟି କଲେ ହେଲିକୋପ୍ଟରର ପଦ୍ମ ପାଖୁଡ଼ା ବର୍ଷା ଲୋକଗହଳରେ ଭାରି ଗୋଟାଏ ଚମକ ସୃଷ୍ଟି କରିଥିଲା ।

ତାପରେ ବରମନ୍ତ୍ରୀଙ୍କୁ ପଦ୍ମମଣ୍ଡପରେ ପଦ୍ମସିଂହାସନରେ ବସାଇ ପଦ୍ମମୁକୁଟ ପିନ୍ଧାଇ ଦିଆହେଲା, ଲମ୍ବିଗଲା ମାଳା ଉପରେ ମାଳା—ସୁନୀତି ଓ ସଚ୍ଚରିତ୍ର ପ୍ରୋତ୍ସାହନ ବିଭାଗ, ଦୁର୍ନୀତି ଦୁଷ୍କୃତି ଦୁର୍ବୃତ୍ତିର ନିର୍ମୂଳନ ବିଭାଗ, ନିଶା ଓ ନିଶାଚର ନିବାରଣୀ ସଂଘ, ଦ୍ରୁତ ସାହିତ୍ୟ ଉନ୍ନତି ସମାଜ ଇତ୍ୟାଦି ଅନୁଷ୍ଠାନର ଟୋଗୁ ଟୋଗୁ ମାଳ ଭିତରେ ବରମନ୍ତ୍ରୀଙ୍କ ଶ୍ରୀମୁଖଟି ମାତ୍ର ଦିଶୁଥିଲା । ପଦ୍ମଘରରେ ଆକ୍ରାନ୍ତ, ଉତ୍ପୀଡ଼ିତ ମୁଖର ଯନ୍ତ୍ରଣା ଦେଖି ତାଙ୍କୁ ପଦ୍ମବ୍ୟୂହରୁ ମୁକ୍ତ କରାଗଲା, ଧୂପ, ଦୀପ, ଆଳତି ପରେ ବହୁ ସ୍ତୁତି ଗୀତ ବୋଲା ହେଲା, ବହୁଗୁଣବାଚକ

Digitized by srujanika@gmail.com

କବିତା ଆବୃତ୍ତି କରାହେଲା । ତାପରେ ସ୍ୱର୍ଣ୍ଣାକ୍ଷରରେ ମୁଦ୍ରିତ ଦୀର୍ଘ ଅଭିନନ୍ଦନପତ୍ର ପାଠ କରାଗଲା, ତାର ସାରମର୍ମ—

ତୁମେ ଅସୁର ମାରି ପୃଥିବୀର ଭାର ଲଘୁ କରିଛ,
ତୁମେ ଅଚଳକୁ ସଚଳ କରିଛ, କେତେ କେତେ ଗର୍ବ ଖର୍ବ କରିଛ ।

ତୁମେ ପାହାଡ଼ ଟାଳିଛ, ସମୁଦ୍ରକୁ ଗୋଳ କରିଛ
ଭାରତମାତାକୁ ସଗୌରବେ ସୁନାଦୋଳିରେ ଝୁଲାଇଛ ।

'ହେ ଉତ୍କଳମାତା ଯୋଗ୍ୟତମ ସୁତ
ତୁମ୍ଭ ଯୋଗୁଁ ଆମ୍ଭେ ହେଲୁ ସର୍ବେ ପୂତ ।'

ସମ୍ବର୍ଦ୍ଧନାର ଉତ୍ତର ଦେଇ ବଡ଼ମନ୍ତ୍ରୀ କହିଲେ—ଏସବୁ କଣ ହଉଛି ? ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ଏ କାଣ୍ଡ କାରଖାନା କଥା ମୁଁ କିଛି ଜାଣେ ନାହିଁ । ଏସବୁ ମୋତେ ମୋଟେ ଭଲ ଲାଗେନାହିଁ । ଏତେଗୁଡ଼ାଏ ପଦ୍ମ କୁଆଡୁ ଆସିଲା ? କିଏ ଆଣିଲା ?

ଜଗନ୍ନାଥଙ୍କର ସିନା ପଦ୍ମବେଶ କରାଯାଏ ! ମଣିଷଟା କ'ଣ ଛାର ! ସେ ଆଜି ଅଛି, କାଲି ନାହିଁ । ଏ ଜୀବନ ପାଣିଫୋଟକା । ସମୟଟା ରେଲ୍‌ଗାଡ଼ି, ତା କୋଳରେ ବସି ମଣିଷ ଗତି କରେ । ଯେତେବେଳେ ଯାହାର ଷ୍ଟେସନ ପହଞ୍ଚେ, ସେ ଓହ୍ଲାଇ ଯାଏ । ଏ ମର ଦେହଟାକୁ ଫୁଲ ଚନ୍ଦନରେ ବେଶ କରି ଲାଭ କଣ ? ଏ ପଦ୍ମ ଘଡ଼ିକେ ଶୁଖି କଳା ପଡ଼ିଯିବ, ଏ ଦେହ ବି କେତେବେଳେ ଭୁଷୁଡ଼ି ପଡ଼ିବ ।

ଆମେ ସାଧାରଣ କର୍ମୀ; ରଜାଙ୍କୁ ତଡ଼ିଛୁ । ରାଜରାଜୁଡ଼ା ଉପଦ୍ରବ ଏଠି ଲଗାଇଲେ ଚଳିବ ?

ମହାତ୍ମାଗାନ୍ଧୀଙ୍କ ଶିଷ୍ୟ ଆମେ । ଜୀବନ ମାତ୍ର ବଞ୍ଚାଇବା ଲାଗି ଖାଉ, ଶକ୍ତ ଶଯ୍ୟାରେ ଶୋଉ । ହାତକଟା ସୂତାର ତନ୍ତବୁଣା ଖଦଡ଼ ଧୋତି ପିନ୍ଧୁ । ଜନକଲ୍ୟାଣ ଲାଗି ଜୀବନ ଉତ୍ସର୍ଗ କରିଛୁ । ଏଠି ଏ ପାଳି ଲଗାଇଲେ ଲୋକେ କଣ କହିବେ ?

Digitized by srujanika@gmail.com

ଆଜି ଦୈବାତ୍ ମହାରାଜା ନାହାନ୍ତି, ନଇଲେ ଲକ୍ଷେ ପଦ୍ମ ବର ଏ ନେତା ବାଧାନା କଥା 'ହରିଜନ' ପତ୍ରିକାରେ ଲେଖିଥାନ୍ତେ, ଗୋଟାଏ ମରଣଠୋକ୍‌କର ଦେଇଥାନ୍ତେ । ବାର ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯାଇଥାନ୍ତା । ଥରେ ସେ ଠୋକ୍‌କର ଖାଇଥିଲେ ଆଉ ଅଣ୍ଟା ସଳଖି ମୁଣ୍ଡ ଟେକି ଉଠିବା ସମ୍ଭବ ହୋଇ ନ ଥାନ୍ତା । 'ବହ୍ୱାରମ୍ଭେ ଲଘୁକ୍ରିୟା' ଜାଣିଥିବ । ଏତେ ଆଡ଼ମ୍ବର କରିବା କିଛି ଦରକାର ନ ଥିଲା । ଘରେ ନ ପଶୁଣୁ ଗୁଳ ବାଜିବା ପରି ହେଲା ଏ । ମୋ ପ୍ରତି ସ୍ନେହ ଶ୍ରଦ୍ଧା ଥିଲେ ମୁଁ ଥରକୁଥର ଆପଣମାନଙ୍କ ସେବାର ସୁଯୋଗ ପାଇବି । ଏଇ ଯଥେଷ୍ଟ ।

ପୂର୍ତ୍ତମନ୍ତ୍ରୀ ଗୋବର୍ଦ୍ଧନ ଏ ସମ୍ବର୍ଦ୍ଧନାର ଘୋର ବିରୋଧୀ ଥିଲେ । ତାଙ୍କ ମତରେ ଏ ଏକ ବିଳାସ, ରଜା ମହାରାଜାଙ୍କୁ ମାନୁଥିଲା । ଜନସାଧାରଣଙ୍କ କ୍ଷେତ୍ରରେ ନିର୍ବାଚିତ ଜଣେ କଂଗ୍ରେସ କର୍ମୀଙ୍କି ଏ ଅଳସ ଅଯୁସ ନ ଯୋଗାଏ । ରାଜରାଜୁଡ଼ାଙ୍କ ଇତିହାସରେ ଯୋଉ ନଜିର ନାହିଁ, ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ, ଜଣେ ସ୍ୱାଧୀନତାସଂଗ୍ରାମୀ ନିର୍ଲଜ ଭାବରେ ସେଇ ଦୃଶ୍ୟର ଅଭିନୟ କରିଗଲେ ! ମନରେ ତିଳାର୍ଦ୍ଧ ଶଙ୍କା ବା ସଙ୍କୋଚ ଆସିଲା ନାହିଁ ! କହୁଛନ୍ତି କଣ ନା, ତାଙ୍କ ଅଜାଣତରେ ଏ କଥାଟା ହେଇଗଲା ! ଏମିତି ତ ଅଜାଣତରେ ବହୁତ ବଡ଼ ବଡ଼ କଥା ଘଟିଥିବ; ମନ୍ତ୍ରୀ ଅଜଣା ଗୃହଜଳର ଭାତ ଖାଇ ବସିଥିବେ ! ବାଆଁରେ ଇଚ୍ଛେନ ତ ଆଉ କଣ କହିବେ ?

ଓଃ, କେଉଁ କଥାଟାଏ ହେଇଗଲା ! ମହାତ୍ମାଜୀ ପରା କହିଛନ୍ତି —ଭାରତବର୍ଷରେ ଦାରିଦ୍ର୍ୟର ଚୂଡ଼ାନ୍ତ ରୂପ ଯଦି କେଉଁଠି ଦେଖିବାକୁ ମିଳେ, ତା ଏଇ ଓଡ଼ିଶାରେ ! ଦେଶ ସ୍ୱାଧୀନ ହେଲା ପରେ ସେ ଦାରିଦ୍ର୍ୟ ବଢ଼ିଚି ପଛେ କମୁନାହିଁ । ବେଶୀରୁ ବେଶୀ ଲୋକ ଦାରିଦ୍ର୍ୟର ସୀମାରେଖା ତଳକୁ ଠେଲି ଠେଲି ହୋଇ ଯାଉଛନ୍ତି । ଲଙ୍ଗଳା, ଅଧାଲଙ୍ଗଳା, କଉପୁନମରା, ଓପାସିଆ, ଦରଓପାସିଆ ସେଇ କଙ୍କାଳସବୁ ହାଡ଼ୁଆ ହାତରେ ପଦ୍ମଫୁଲ ଗଦାଇ ମନ୍ତ୍ରୀପୂଜା କରିବେ ? ରଜାଙ୍କୁ ଆଉ

Digitized by srujanika@gmail.com

ଡଡ଼ିଲେ କଣ ? କୋଉ ରାଜଦରବାର ଏ ମନ୍ତ୍ରୀଦରବାରର ଲାଭନ୍ଧାଆ ହବ ? କୋଉ ଅଭିଷେକରେ ଏତେ ବାଜା, ଏତେ ମଉଜ, ଏତେ ଭୋଜ ? ଏ ଅହଂସମାନଙ୍କ ପଲାଉ ଲଗି କେତେ ବୋଦା ପଡ଼ିଲେ ? ଶହ ଶହ ବୋତଲ ଖାଲି କର ସବଂତ ପର ସେସବୁ କଣ ବଣ୍ଟା ହେଲା ?

ହାୟରେ କପାଳ ! ଏ ଦେଶର କବି, ଲେଖକ, ବୈଜ୍ଞାନିକ, ଉଦ୍ଭାବକ, ଆବିଷ୍କାରକଙ୍କ ପ୍ରତିଭା ପୂଜା ଲଗି ଫୁଲକେଣ୍ଡାଟିଏ ମିଳେନାହିଁ । ଅଥଚ ଜଣେ ବ୍ୟକ୍ତିର ପୂଜା ଲଗି ଓଡ଼ିଶାର ପଦ୍ମପୋଖରୀ-ସବୁ ପୁଷ୍ପଶୂନ୍ୟ ହୋଇଗଲା । ଏ ତ ପ୍ରତିଭା ପୂଜା ନୁହେ, ଗାଦିପୂଜା, କ୍ଷମତାର ପୂଜା ! ବୁଝିବସିଲେ ଆତ୍ମସ୍ୱାର୍ଥର ପୂଜା ! ଯାହାର ଭିତରେ ମତଲବ ଅଛି । କାନ୍ଟ୍ରାକ୍ଟ୍ର, ଠିକାଦାର, ପଟ୍ଟାଦାର, ଅଫିସର, ଏଥିରୁ କେତେ ସୁବିଧା ମାରନେବେ; ବେଳକାଳ ଉଣ୍ଡି ଏହି ନେତାଙ୍କଠାରୁ ଚତୁର୍ଗୁଣ ଲାଭ ଉଠାଇବେ । ମୋହମୁଗ୍ଧଜାତରେ ସେ କିଛି କହିପାରିବେ ନାହିଁ । ଦେଶର କ୍ଷତି, ଦୁର୍ଗତି ।

ଥରେ ଏ ବ୍ୟକ୍ତିପୂଜାକୁ ପ୍ରଶ୍ରୟ ଦିଆଗଲା ତ, ଏ ଚାଲିବ । ଏ ଯୁଗର ନୂଆ ଢଆଣ ଏ ମନ୍ତ୍ରୀପୂଜା । ମନ୍ତ୍ରୀପୂଜାର ଅନେକ ବାଟ ଅଛି; ପରିଷଦ୍, ସଂସଦ୍, ସଂଘ, ସ୍କୁଲ୍, ପାଠାଗାର, ଦୋକାନ, ବଜାର, ବାଟ ଘାଟ ଘାଟ ଉନ୍ମୋଚନ, ସମ୍ମିଳନୀ ଉଦ୍ଘାଟନ ବା ଉଦ୍ଯାପନ ଏବେ ନିତ୍ୟନୈମିତ୍ତିକ ବିଷୟ ହୋଇଛି । ସୁବର୍ଣ୍ଣ ତୋରଣ ତିଆରି ହେଉଛି, ସୁବର୍ଣ୍ଣ ଅକ୍ଷରରେ ଅଭିନନ୍ଦନ ପତ୍ର ମୁଦ୍ରିତ ହେଉଛି । ତୁଚ୍ଛାତିତୁଚ୍ଛ ରାଜନୀତିକ ଭାଷଣ ବଡ଼ ବଡ଼ ଅକ୍ଷରରେ ସମ୍ବାଦପତ୍ରରେ ପ୍ରକାଶିତ ହେଉଛି । ପ୍ରକୃତ କର୍ମ ଅପେକ୍ଷା ବାଗାଡ଼ମ୍ବର ଉଚ୍ଚତର ସ୍ଥାନ ପାଉଛି । ଏ ସମାଜରେ ସାଧୁତା, ଆନ୍ତରିକତା, ନିଷ୍ଠାପରତାର ସ୍ଥାନ କାହିଁ ?

ଗୋବର୍ଦ୍ଧନ ମନେ ମନେ ସମାଲୋଚନା କଲେ ବି ଏକା ଲାଉର ମଞ୍ଜି, ଏକା ଦଳର ଲୋକ, ଗୁରୁଭାଇ । ଗୁରୁଭାଇର ପାପ, ପାପକୁ

Digitized by srujanika@gmail.com

ଲେଖା ନୁହେଁ । ସେ ପାପରେ ପୁଣ୍ୟର ମାର୍କା ମାରିଦେଇ ହୁଏ, ସେ ନିଆଁ ଅଣ୍ଟିରେ ପୂରାଇଲେ ଅଣ୍ଟି ପୋଡ଼େନାହିଁ ।

ଗୋବର୍ଦ୍ଧନ ବ୍ୟକ୍ତିପୂଜାକୁ ଘୃଣା କଲେ ବି ତାଳମୂଳରୁ ପାଞ୍ଚ ହଜାର ପଦ୍ମ ଯୋଗାଡ଼ କରି ଆଣିଥିଲେ । ସେ ଯେ ଏ ପୂଜାର ବିରୋଧୀ ତାର ଇଙ୍ଗିତ ମାତ୍ର ପଦାକୁ ପ୍ରକାଶ ପାଇ ନ ଥିଲା । କାରଣ ବିରୋଧ ଅର୍ଥ ବିଦାୟ । କେତେ ଦୁଃଖରେ ଏ ଗାଦିଟି ମିଳିଛି । ସାମାନ୍ୟ ଭୁଲ୍ କରି ସେ ହରାଇବେ ?

ତାଳମୂଳ ରାଜାଙ୍କ କବଳରୁ ଖସିଆସିବାଠାରୁ ମନ୍ତ୍ରୀ ଗାଦିରେ ବସିବାଯାଏ ମଝିରେ ଇତିହାସଟା ନ କହିଲେ ଗୋବର୍ଦ୍ଧନଚରିତର କେତେ ଅଂଶ ବାଦ୍ ପଡ଼ିଯିବ, ଅସ୍ପଷ୍ଟ ରହିଯିବ । ଏଇ ଆଶଙ୍କାରେ ଠିକେ ଠିକେ କହିଦିଆହେଲା ।

ହିଂସାକୁ ହିଂସା ଦରକାର, ଯେଷାକୁ ତେଷା । ଇଂରେଜ ବନ୍ଧୁକ ଦେଖାଉଛନ୍ତି; କେବଳ ବନ୍ଧୁକ ବଳରେ ତାଙ୍କୁ ତଡ଼ିହବ । ଗୋରା ଲାଲ୍ ଆଖି ଦେଖାଇଲେ ତାକୁ ଲାଲ୍ ଆଖି ଦେଖାଅ, ସେ ମାରିବାକୁ ଆସିଲେ ତାକୁ ମାର । ସେ ତିନି କୋଟିକି ଆମେ ତେତିଶ କୋଟି; ମୁହାଁମୁହିଁ ହୋଇ ନ ଥିଲୁ ବୋଲି ସିନା ! ଥରେ ମୁହାଁମୁହିଁ ହେଲେ ମଜ୍ଜା ଦେଖିବ, ଇଂରେଜ ଚେପା ହୋଇ ଭୂଇଁରେ ଲସିଯିବ ।

ଭାରତୀୟ ଜାତୀୟବାହିନୀର ସେନାପତି ନେତାଜୀଙ୍କ ପ୍ରତି ଗୋବର୍ଦ୍ଧନଙ୍କର ଗଭୀର ଆନୁଗତ୍ୟ ଥିଲା । ନାନା ସୂତ୍ରରେ ଅତି ଗୋପନୀୟ ଭାବରେ ଦେଶର ସମ୍ବାଦ ତାଙ୍କ ନିକଟକୁ ପଠାଉଥିଲେ ।

ଭିତରେ ହିଂସ୍ର, ବାହାରେ ଅହିଂସ୍ର—ମୁଣ୍ଡରେ ଗାନ୍ଧିଟୋପି, ଦେହରେ ଖଦଡ଼ ଜାମା; ତୁଣ୍ଡରେ ଈଶ୍ୱରଙ୍କ ଆଲ୍ଲା ତେରେ ନାମ, ବୋଲୁଥାନ୍ତି, ତେଣେ ତାକୁଡ଼ିରେ ସୂତା କାଟୁଥାନ୍ତି । ସତେ ଯେମିତି ଗାନ୍ଧିଜୀଙ୍କ ପରମଭକ୍ତ । ପ୍ରକୃତପକ୍ଷେ ସ୍ୱାଧୀନତା ସଂଗ୍ରାମ କେତେ ସୁବିଧାଜନକ ଉପରେ ସହାୟକ ହେବ, ସେ ବୁଝି ନ ଥିଲେ ।

Digitized by srujanika@gmail.com

ନଖଦନ୍ତ ଲୁଚାଇ ବୈଷ୍ଣବବେଶ ସାଜି ଚାଲିଲେ ବି ତାଙ୍କର ଅସଲ ରୂପ ବେଳେ ବେଳେ ପଦାକୁ ଫୁଟିପଡୁଥିଲା । 'ଲୁଚିଛୁ ନା ଗୋଡ଼ ଦିଶୁଛି' ଅବସ୍ଥା ।

ଜେଲ ପାଚେରି ଡେଇଁ ପଳାଇଆସିବା ସମ୍ବାଦକୁ ସେ ଜାଣିଶୁଣି ଗୋପ୍ୟ ରଖିଥିଲେ । ଧର୍ମବାପ, ଏତେଦିନ ପାଳିଥିଲେ, ପୋଷିଥିଲେ ବୋଲି ରଜାଙ୍କ ପ୍ରତି ତାଙ୍କର ତିଳାର୍ଦ୍ଧ ଉଦ୍ବେଗ ନ ଥିଲା । ରାଜବାଟି ଧ୍ବଂସ ହେଉ, ରଜାଙ୍କୁ ଉଆସରୁ ଓଟାରିଆଣି ଲୋକେ ସର୍ବଂଶେ ଶୂଳି ଦିଅନ୍ତୁ, ଯେମିତି ଲୁଚକି ଦେଲେ, ଜାକୁ ଦେଲେ, ଏହା ତାଙ୍କର ଅନ୍ତର୍ଗତ ଇଚ୍ଛା । ଏସବୁ ହେଉ, କିନ୍ତୁ ନେତାଙ୍କ ଦେହରେ ଧୂଳି ନ ଲାଗୁ, ସେ ଝାଡ଼ିଝୁଡ଼ି ହୋଇ ସୁନାପୁଅ ପରି ବସିଥାନ୍ତୁ—

ପର ପୁଅ ମଲା
ନା ମୋର ଗ ବାହାରେ ବାହାରେ ଗଲା ।

ଗୁଜବ୍ କେଡ଼େ ଅନିଷ୍ଟକାରୀ, କେତେ କ୍ଷତି ଘଟାଇପାରେ, ସେ ଚେତନା ତାଙ୍କର ନ ଥିଲା । ଫଳରେ ହଜାର ହଜାର ଯୁବତୀ ରାଣ୍ଡି ହେଲେ, କେତେ ଅଥରପା ବୁଢ଼ା ତୋରାଣି ଢୋକେ ନ ପାଇ ବଡ଼ଦାଣ୍ଡରେ ବସିଲେ । କେତେ ନିରୀହ କମାଣ ମୁହଁରେ ଉଡ଼ିଗଲେ, କେତେ ଗାଁଗଣ୍ଡା ପୋଡ଼ିଜାଳି ପାଉଁଶ କରି ଦିଆହେଲା, କେତେ ତରୁଣୀଙ୍କ ଇଜ୍ଜତମହତ ନଷ୍ଟ କରାଗଲା, କାହା ଲୁହ ବୋହିଲା ? ସେତେବେଳକୁ ନେତା କଟକରେ ବସି ସୁକଟ ଦେଖୁଥିଲେ, ଏ ଉତ୍କଟ ଅବସ୍ଥାରେ ତାଙ୍କ ଆଖିରୁ ଲୁହ ବୋହିଲା କି ନାହିଁ କିଏ କହିବ ? ଏଥିଲାଗି ସେ ନିଜକୁ ଦାୟୀ ବା ଦୋଷୀ ବୋଲି ସାବ୍ୟସ୍ତ କରିଥିଲେ କି ନାହିଁ କଲେ ବା ନ କଲେ କ'ଣ ଅଛି ? ଏହା କ'ଣ ପ୍ରତିକାର ? ଯାହା କ୍ଷତି ଘଟିଲା, ଜୀବନ ଦାନରେ ବି କ'ଣ ତାର କ୍ଷତିପୂରଣ ହୋଇପାରେ ?

ଏ ବିଦ୍ରୋହ ଫଳରେ ରାଜବାଟିରୁ କେତେଖଣ୍ଡି ଇଟା ଖସିଲା ? ରଜାଟା ଫାଗ—ତାଙ୍କ ପଛରେ ଅସଲ ବାଘ ଲୁଚିଛି, ରଜାଙ୍କ ଦେହରେ

Digitized by srujanika@gmail.com

ଟିପ ଛୁଇଁଲେ ସେ ବାରହାତ ଖେପାମାର ଝାମ୍ପି ପଡ଼ିବ, ଏ ଜ୍ଞାନ ତାଙ୍କର ଥିଲା । ଆପେ ବଞ୍ଚିଲେ ବାପର ନାମ ଭାବି ସେ ଖସିଗଲେ । କୂଟମାଡ଼ବୁଦ୍ଧିର ଏ ଏକ ପରିଜୟ । ରଜାଙ୍କ ଉପରେ ଏ ହତ୍ୟାକାଣ୍ଡ ଲାଗି ସବୁ ଦୋଷ ନଦ୍ଦେବା ଏକ ପକ୍ଷପାତ ବିଗ୍ଭର ।

ରାଜନୀତି କି ନିର୍ମମ ! ପରମୁଣ୍ଡରେ ନଡ଼ିଆ ପିଟିଖାଇବା, ନିଜେ ପଣସ ଖାଇ ପରମୁଣ୍ଡରେ ଅଠା ବୋଳିବା, ଖୁଣ୍ଟିଲରେ ବସି ବାଲିଆ ପିଟିବା ସୁବିଧାବାଦୀ ରାଜନୀତିକର କାମ । ଗୋବର୍ଦ୍ଧନ ସେଇ ନୀତିର ବାହକ, ଯଦିବା ବାହାର ଦୃଷ୍ଟିରେ ସେ ସରଳ, ମୁକ୍ତପ୍ରାଣ ବୋଧ ହୁଅନ୍ତି ।

ଗୋବର୍ଦ୍ଧନ ରାତିରେ ଲୁଚି ଲୁଚି ଅନୁଗୁଳରୁ କଟକ ଆସିଲେ । କୁଆଁତିରି ବୁଡ଼ିବା ଉପରେ, ସିନ୍ଦୂରି ଫାଟିଥାଏ, ନ ଥାଏ । ସେ ମହାନଦୀରେ ବୁଡ଼ଟାଏ ପକାଇଲେ । ମନରେ ଅସୀମ ତୃପ୍ତି ।

ସେତେବେଳେ ମହାନଦୀକୂଳଟା ଅତ୍ୟନ୍ତ ନିର୍ଜନ । ମଠ, ମନ୍ଦିର, ମସ୍‌ଜିଦ୍ ପ୍ରାୟ ସଂଶୟମୁକ୍ତ ଥାଏ । ଗୋବର୍ଦ୍ଧନ ପାଗଳବାବାଙ୍କ ମଠର ଦୁଇଟି କୋଠରୀ ଭଡ଼ା ନେଇ ରହିଲେ; ୧୯୪୨ ବିପ୍ଳବକାଳ; କାହା ସାହାଯ୍ୟରେ ବାହାର ସହିତ ଯୋଗସୂତ୍ର ରକ୍ଷାହେବ ? ଭାବୁ ଭାବୁ ତାଳମୂଳର ଦୁଇଜଣ ବିପ୍ଳବୀଙ୍କ ସହିତ ଦେଖା ହୋଇଗଲା । ଗୋଟିଏ ଗୁପ୍ତ ଲିଥୋ ମେସିନରେ ଲିଥୋ କରାଇ ସ୍କୁଲ୍, କଲେଜ, ଜେଲ୍‌ଫାଟକ, ବଜାର କାନ୍ଥରେ ମାରିଦିଆଗଲା—

ଦେଶର ସବୁ ନେତା ଏବେ ଜେଲ୍‌ରେ । ନିଜ ନେତା ନିଜେ ହୁଅ । ରେଲ୍‌ଲାଇନ୍ ତାଡ଼ି ଫୋପାଡ଼ିଦିଅ, ଟେଲିଗ୍ରାଫ୍, ଟେଲିଫୋନ୍ ତାର କାଟ । ଥାନା ପୋଡ଼ି, ଅଫିସ କାଗଜପତ୍ର ନଷ୍ଟ କରିଦିଅ— ସ୍କୁଲ କଲେଜରେ ଧର୍ମଘଟ କର, ବଜାରରେ ହରତାଳ କର । ଇଂରେଜ ଶାସନକୁ କାବୁ କର ।

ଖଜଣା ଟିକସ ଦିଅ ନାହିଁ । ଯୁଦ୍ଧଗ୍ଭନ୍ଦା ଦିଅନାହିଁ । ସୈନ୍ୟବାହିନୀକୁ ଧାନଗ୍ଭଉଳ, ପନିପରିବା, ମେଣ୍ଢା‌ଛେଳି ବିକ ନାହିଁ ।

Digitized by srujanika@gmail.com

ଇଂରେଜ ବୋଲ୍‌କର ବାନକୁହାଙ୍କୁ ନିପାତ କର । ଖଜଣାଖାନା ଲୁଟ୍ କର, ଜଙ୍ଗଲକୁ [illegible] । ତୁମ ନେତାଙ୍କୁ ଯେ ମାରୁଛି, ତୁମେ ତାକୁ ମାର, ଯେଷାଙ୍କୁ ଚେଷା ମାଡ ଧର ।

ଅହିଂସାମାନ୍ତ ଗରମପାଣି, ଗରମପାଣିରେ ଘର ପୋଡ଼େ ନାହିଁ । ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ ।

ଲୋକେ ମାତିଉଠିଲେ । ସବୁଆଡ଼େ ଭଙ୍ଗାରୁଜା, ପୋଡ଼ାଜଳା, ଧର୍ମଘଟ, ହରତାଳ, ଶୋଭାଯାତ୍ରା; ପୁଣି ଶହେ ଚୌରାଳିଶଧାରା ଜାରୀ, ଲୁହବୁହା ଗ୍ୟାସ୍ ପ୍ରୟୋଗ, ଗୁଳିକାଣ୍ଡ । ଲୋକଙ୍କୁ ଗୁହନିଆଁ କରିବାଲାଗି ଗାଁକୁ ଗାଁ ପୋଡ଼ି ଦିଆ ହେଉଥାଏ; ପିଟୁଣି ଟିକସ ଆଦାୟ ଚାଲିଥାଏ । ହଜାର ହଜାର ଲୋକ ଜେଲରେ; ସ୍ଥାନାଭାବ ଘଟିଲା; ତାର ଘେରାଯାଇ ମେଲାରେ କଏଦୀଙ୍କୁ ରଖାଗଲା ।

ଗାନ୍ଧିଜୀ ଅହିଂସ ସତ୍ୟାଗ୍ରହର ପକ୍ଷପାତୀ । ସେ ଏବେ ଆଗାଖାଁ ପାଲେସ୍‌ରେ ଅଟକବନ୍ଦୀ । ସେ କେବେ କହିପାରନ୍ତି—ଅଫିସ୍ ପୋଡ଼, ଖଜଣାଖାନା ଲୁଟ୍ କର । ହିଂସାକାଣ୍ଡରେ ବିଶ୍ୱାସୀ ଏ କୋଉ ସଇତାନର କାର୍ଯ୍ୟ । ଖୋଜ ଖୋଜ ଏ ନାଟର ଗୋବର୍ଦ୍ଧନକୁ ।

ଏ ପାମ୍ଫ୍‌ଲେଟ୍ ମାରୁଛି କିଏ ? ମରାହେଉଛି କେତେବେଳେ ? ସବୁଆଡେ ତ ପୁଲିସ୍ ଜଗୁଆଳୀ; ଦେଖ କାମରେ ଖିଲାପ କରୁଛି କିଏ ? ଦାରୋଗା ବାବୁ ଅଧରେ ତନଖି କରୁ କରୁ ଦେଖିଲେ—କାନ୍ଥରେ ଛାପା ମାରୁଛି ଗୋଟାଏ ଟୁଇ । ହୁଇସିଲ ମାଇଲେ, ଝର୍ଚ୍ଚ ପକାଇଲେ; ପୁଲିସ୍ ଗିରଫ୍ କଲାବେଳେ ସେ ଟୁଇ କହିଲା—ତୁଅଁ ନାଇଁ ଆଜ୍ଞା, ରୋଗଗ୍ରସ୍ଥ ।

'ଆଉଜନ୍ମରେ କି ପାପ କରିଥିଲୁ ଯେ ଏ ରୋଗ ହେଉଛି । ପୁଣି ପାପ କରୁଛୁ କୋଉ ସାହସରେ ?'

'ଏ ପାପ ନୁହେଁ, ପୁଣ୍ୟ ଆଜ୍ଞା, ଗାନ୍ଧୀ ମହାତ୍ମା କହିଛନ୍ତି—ଦେଶ ଲାଗି କାମ ମହା ପୁଣ୍ୟ ।'

Digitized by srujanika@gmail.com

'କେତେର ଭାର ତ ମୁହଁ ବଢ଼ିଯାଇଛି, ବଡ ବଡ କଥା କହୁଛୁ ।'

ଖାଲି ବିଦେଶୀ ଗୋରାମାନେ ବଡ ବଡ କଥା କହିବେ, ବିଧାତା ଲେଖିଦେଇଛି ? ଆମେ କଳା ଲୋକ ପଥରପରି ଶୁଣୁଥିବା ? ଆମ ଦେହରେ କ'ଣ ରକ୍ତ ନାହିଁ ?'

'ଖଣ୍ଡିଆ ଟିଣ ଧରି ଦ୍ୱାରଦୁଆରେ ଭିକ ମାଗୁଚ । ଯା ବହପ ଦେଖ ।'

ଥାନାକୁ ଘୋଷାରି ନିଆଗଲା; ଗୋରା ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ । ଫିଲିପ୍‌ସାହେବ ଚିତ୍କାର କଲେ—ସେଠାକୁ ଗେଲେଇ ଗେଲେଇ ପଚାରୁଚ କଣ ? ଲଗାଓ ତାକୁ । ସେ କାହାଠୁ ଏ ପାମ୍ଫ୍ଲେଟ୍ ଆଣିଚି, କଥାଟା ଆଦାୟ କର ।

କୁଷ୍ଠ ଘାଆରେ ମାଛି ବେଢ଼ି ଯାଉଥାନ୍ତି । ତା'ର ଉପରେ ବସିଲା ମାଡ଼, ମାଡ ଉପରେ ମାଡ଼ । ଚେତା ବୁଡ଼ିବା ଆଗରୁ ନରୁ ପଧାନ କହିଲା—ଏ ପୁଡ଼ିଆଟି ନିଅ । କାଳିଆବୋଦାରେ ମୋ ଭାରିଯା ରଧୀ, ଆଉ ତିନୋଟି ଛୁଆ ଅଛନ୍ତି । ତାକୁ ଦବ ।

'ବଜାଅ, ବଜାଅ, ଅସଲ ଆସାମୀର ନାଆଁ କହୁନାହିଁ, ନ କହି ଯିବ କୁଆଡ଼େ ? ମାଡ଼କୁ ଯେ ମହାଦେବ ଡରନ୍ତି !'

ତାପରେ ଫିଲିପ୍ ସାହେବର ଦେଠା ବୁଟ୍ ଗୋଇଠା; ଆଉ ଥରେ 'ଜୟହିନ୍ଦ୍' ଶବ୍ଦ ଶୁଣାଯାଇଥିଲା ।

Digitized by srujanika@gmail.com

ନରୁ ଗ୍ରେଫ୍ତାର ହେଲା । ଗୋପାଳପୁରରେ ଗାଁ ଲୋକେ ଚଢ଼ିଲେ । ସେ ମହାଦେବଙ୍କ ପାଖେ ଅଧିଆ ପଡ଼ିଲା, ବାଣ୍ଟିଲାଏ ପ୍ରସାଦ ମାନ ଖାଇ । ଲୋକେ ଦେଉଳରେ ପଶିବାକୁ ଡରିଲେ । ଆୟ କମିଯିବାରୁ ପଣ୍ଡା ଚଢ଼ିଲା । ନରୁ ପିଲାମାଇପଙ୍କୁ ନେଇ କାନ ବସ୍ତାଇ ବସିଲା । ଦିନରେ ଭିକ ମାଗେ, ରାତିରେ କଂଗରସ୍ କାମ କରେ । ଖଣ୍ଡିଆଖାବରା ଗୋଡ଼ହାତ; ସେଥିରେ ଗ୍ରେଟେଇ ଗ୍ରେଟେଇ ଯାଇ ଏଠା ଖବର ସେଠି ଦିଏ, ସେଠା ଖବର ଏଠି ଦିଏ । ତାର ବିଶ୍ୱାସ ଥିଲା—ଦେଶ ସ୍ୱାଧୀନ ହେଲେ କୋଉଠି ଆଉ ଭିକ ମାଗି ଯିବେନାହିଁ । ଅନ୍ଧ, କଣା, କୁଜା, ଗ୍ରେଟା ଆଦି ବିକଳାଙ୍ଗଙ୍କ ହେପାଜତ କରାଯିବ ।

କାଳଆବୋଦା ନାଆଁଟି ଶୁଣିବା ମାତ୍ରେ ମଡ଼ାକୁ ଗୁଡ଼ ପୁଲସ୍ ସଦଳବଳେ ଯାଇ ପାଗଳାବାବା ମଠକୁ ଘେରାଉକଲା । ପଳାଇବାକୁ ବାଟ ନାହିଁ । ହାତକଡ଼ା ପକାଇ ଗୋବର୍ଦ୍ଧନକୁ ହାଜତରେ ଠୁକି ଦିଆ ହୋଇଥିଲା ।

ବନ୍ଦିମାନେ ଭାବୁଥିଲେ—ଅପରାଧ ଗୁରୁତର; ସିଧା କୋରାପୁଟ ଜେଲ୍‌କୁ ପଠାଇଦେବେ । ଲକ୍ଷ୍ମଣ ନାୟକଙ୍କ ସଙ୍ଗେ ଗୋବର୍ଦ୍ଧନଙ୍କର ଫାଶି ହବ ।

ନଇଲେ ତାଳମୂଳ ରଜାଙ୍କ ନିକଟକୁ ତାକୁ ପଠାଇଦେବେ । ମୁଣ୍ଡ ଉପରେ ଘର୍ଘକାଳ ହେଲା ରଜାଙ୍କ ଓ୍ୱାରେଣ୍ଟ ଝୁଲୁଥାଏ ।

ଏସବୁ କିଛି ହେଲା ନାହିଁ । ନରୁର ଗିରଫ୍ ଖବର ଆଉ ଜଣେ କୁଷ୍ଠ ରୋଗୀଠାରୁ ପାଇ ଗୋବର୍ଦ୍ଧନ ପାଖରେ ଯାହା କାଗଜପତ୍ର ଥିଲା, ତାକୁ ନେଇ ମହାନଦୀରେ ପଥର ମଡ଼ାଇ ବୁଡ଼ାଇଦେଲେ । ତାଙ୍କ ବିରୁଦ୍ଧରେ ଅଣାଯାଇଥିବା ଅଭିଯୋଗ ଆଦୌ ପ୍ରମାଣିତ ହେଲାନାହିଁ, ଭାରତରକ୍ଷା ଆଇନ ବଳରେ ତାଙ୍କୁ କେବଳ ଜେଲରେ ଅଟକବନ୍ଦୀ କରି ରଖାଗଲା ।

ଅନ୍ୟ ନେତାମାନଙ୍କ ସହିତ ସେ ସସମ୍ମାନେ ଖଲାସ୍ ହେଲେ । ଦେଶ ସ୍ୱାଧୀନ ହେଲା । ଗଡ଼ଜାତସବୁ ଓଡ଼ିଶା ପ୍ରଦେଶ ସହିତ ମିଶିଲା ।

Digitized by srujanika@gmail.com

ନିର୍ବାଚନ ହେଲା; ତାଳମୂଳରୁ ଗଣତନ୍ତ୍ର ଦଳରୁ ଛିଡ଼ା ହେଲେ ରାଜା କୀର୍ତ୍ତିଚନ୍ଦ୍ର, କଂଗ୍ରେସ ତରଫରୁ ଗୋବର୍ଦ୍ଧନ ।

ରାଜା କୀର୍ତ୍ତିଚନ୍ଦ୍ର ରାଜ୍ୟହୀନ, କିନ୍ତୁ ରାଜମହଲରେ ବଢ଼ି ଆସିଛନ୍ତି, ରାଜଅଭିମାନ ଛାଡ଼ି ପାରି ନାହାନ୍ତି, ଦୁରଭ୍ୟାସ ମଧ୍ୟ । ଦିନ ଦିପହରକୁ ଉଠନ୍ତି, ଉପରବେଳାକୁ ଖାନ୍ତି । ଅଭ୍ୟାସ ମଣିଷର ଦ୍ୱିତୀୟ ପ୍ରକୃତି; ଦୁର୍ବଳ ମଣିଷ ମନ୍ଦ ଅଭ୍ୟାସର ବଶ ହେଲେ ଦୁର୍ବିପାକ ମଧ୍ୟରେ ବି ତାକୁ ଛାଡ଼ିପାରେ ନାହିଁ । କଥା ଅଛି—ହାତରେ ନ ଥାଇ ଧନ
ପୁଅ ବାହା କରି ମନ ।

ହାତରେ ପଇସା ନାହିଁ । ନିର୍ବାଚନ ଲଢ଼ି ବାହାରିଛନ୍ତି । ଗଣତନ୍ତ୍ରଦଳ କିଛି ପାଣ୍ଠି ଯୋଗାଇନାହିଁ । ନିଜ ମାନସମ୍ମାନ ଜଗି ରାଜା ବି ଭୁଣ୍ଡ ଶୁଣାଇନାହାନ୍ତି ।

କଥା ଅଛି—ଉଦ୍‌ଯୋଗ କର୍ମକର୍ତ୍ତା; କୀର୍ତ୍ତିଚନ୍ଦ୍ର ସବୁ ଜାଣନ୍ତି, ବୁଝନ୍ତି, କହନ୍ତି । କିନ୍ତୁ ଅତ୍ୟଧିକ ଅଳସୁଆ । ନିଜେ ନିର୍ବାଚନମଣ୍ଡଳୀରେ ଥରେ ବୁଲି ଆସିବାକୁ ସେ ସମୟ କରି ପାରିଲେ ନାହିଁ ।

ସେତେବେଳେ 'ପଣ୍ଡିତ ଜବାହର ନେହେରୁଙ୍କୀ ଜୟ' ଶୁଣିଲେ ଲୋକେ ପାଗଳ । ଲୋକସ୍ମୃତି କ୍ଷୀଣ; ଗୋବର୍ଦ୍ଧନଙ୍କ ଲାଗି ତାଳମୂଳର ଯେ ଏତେ ମରିଥିଲେ ସେ କଥା ଲୋକେ ଭୁଲିଯାଇଛନ୍ତି । ଲୋକେ ଗାଈସାହାଣ ପରି ଏକମୁହାଁ ଚାଲିଲେ ଭୋଟ ଦେଇ । ରାଜାସାହେବଙ୍କ ଅମାନତ ଉଡ଼ିଲେ; ବହୁ ତ୍ୟାଗସ୍ୱୀକାର, ବହୁ ବର୍ଷ ଜେଲ୍‌ବରଣ ଓ ସ୍ୱାଧୀନତା ସଂଗ୍ରାମ ଦାବୀରେ ଗୋବର୍ଦ୍ଧନ ଏକ ମୁଖ୍ୟସ୍ଥାନ ଲଭିକଲେ —ପୂର୍ତ୍ତମନ୍ତ୍ରୀ ।

ତାଳମୂଳ ରାଜଧାନୀର ଏକ ସମ୍ବର୍ଦ୍ଧନାସଭାରେ ସେ ଏଇ ଭାଷଣ ଦେଲେ—"ଆପଣମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ମୁଁ ରାଜାଙ୍କ ସହିତ ଯୁଦ୍ଧ କରି ଆସିଛି । କେତେଥର ସେ ହାରିଥିଲେ, କିନ୍ତୁ କେବେ ପରାଜୟ ସ୍ୱୀକାର କରି ନ ଥିଲେ । ଏବେ ଶତ୍ରୁ ହେଲେ ।

Digitized by srujanika@gmail.com

ଅମାନତ ଉଡ଼ିଗଲା, ମାନେ ଯାହା କହନ୍ତି—ଖପୁରି ଉଡ଼ିଗଲା । ଯେମିତି ଛଳଛଳାନ୍ତ ହୋଇଛନ୍ତି, ଆଉ ଦିନେ ସେ ମୁଣ୍ଡ ଟେକିବେ ନାହିଁ !

ଆପଣମାନଙ୍କ ଅନୁଗ୍ରହରୁ ମୁଁ ମନ୍ତ୍ରୀ ହୋଇଛି । ମୋ ଦୁଆର ଆପଣମାନଙ୍କ ଲାଗି ସବୁବେଳେ ଖୋଲା ରହିବ । ଆପଣମାନଙ୍କ ଦୁଃଖ ମୋ ଦୁଃଖ, ନିର୍ଭର ଜାଣିବେ ।'

ଗୋବର୍ଦ୍ଧନ ସରଳ ଜୀବନ, ଦେଶସେବା ଆଦର୍ଶ କିଛିଦିନ ବଜାୟ ରଖିଥିଲେ । ସାଇକେଲରେ ସେକ୍ରେଟେରିଏଟ୍‌କୁ ଯାଇ ସେ ଚମକ ଖେଳାଇଥିଲେ । ଦ୍ୱାର ତ ଖୋଲା, କାହା ପୁଅର ଚାକିରି ଲୋଡ଼ା, କିଏ ଅର୍ଥାଭାବରୁ କନ୍ୟାଦାୟମୁକ୍ତ ହୋଇପାରୁ ନାହିଁ, କିଏ ବା ପୈତୃକ ଋଣ ଶୁଝିପାରୁନାହିଁ, କିଏ ପରୀକ୍ଷାଫିସ୍ ଦେଇପାରୁନାହିଁ, କିଏ ଉପରକୁ ପଢ଼ିପାରୁନାହିଁ, କିଏ ଚାରିଧାମ ତୀର୍ଥଯାତ୍ରା ଇଚ୍ଛାକାଂକ୍ଷା ନେଇ ଆସିଛି, ବାଧା ଦେଉଛି ଅର୍ଥାଭାବ, କାହାର ବଦଳି ହୋଇଛି, କାହାର ପେନ୍‌ସନ୍ ମିଳୁନାହିଁ, ପ୍ରମୋସନ ହେଉନାହିଁ । ଏତେ ଲୋକଙ୍କୁ ସନ୍ତୁଷ୍ଟ କରିବା ଗୋବର୍ଦ୍ଧନଙ୍କ ଶକ୍ତିର ବାହାରେ, ଡାଲିଭାତ ମୁଠିଏ ଖାଇବାକୁ ଦେଇ ଛାଡ଼ିବା ମଧ୍ୟ ଅସମ୍ଭବ ହୋଇଉଠିଲା; ଘର, ପିଣ୍ଡା ସବୁଠି ନାନା ସ୍ୱାର୍ଥଲିପ୍ସା ନେଇ ଲୋକ ଆସି ଜମା ହୋଇଛନ୍ତି । ଗୋବର୍ଦ୍ଧନ ବୁଝିଲେ —କହିବା ବୋହିବା ସମାନ କଥା ନୁହେଁ । ସେ ବାଧ୍ୟ ହୋଇ ଦୁଆର ବନ୍ଦ କଲେ, ଗେଟ୍‌ପାଖେ ବନ୍ଧୁକଧାରୀ ଜଗୁଆଳୀ ରଖାଇଲେ । ଲୋକବ୍ୟୂହର ସମ୍ମୁଖୀନ ନ ହୋଇ ଘରୁ ଖସି ବାହାରିଯିବାର ଗୁପ୍ତବାଟ ରଖିଲେ ।

ଘରେ ତ ଗୋବର୍ଦ୍ଧନଙ୍କର ଯାହାତାହା ଖିଆପିଆ-ପ୍ରାୟ ସବୁଦିନ ଖଡ଼ା ବଡ଼ି ଥୋଡ଼, ଥୋଡ଼ ବଡ଼ି ଖଡ଼ା ପ୍ରାୟ ପ୍ରତିଦିନ ମିଟିଂ, ମୁଖ୍ୟତଃ ପୁଞ୍ଜିପତି ଆୟୋଜିତ । ଏଣେ ବାଟରେ ପରିଚୟ ଜମେଇ ଜାଲରେ ଧରି ଖାନଲୋଇବରେ ଢୁକାଇବା ଚେଷ୍ଟା ସେମାନେ କରୁଥାନ୍ତି । ଭୋଜିରେ ଯୋଗ ନ ଦେଇ ସେ ଚାଲିଲେ ଖସିଆସୁଥିଲେ—ନିରାମିଷାଶୀ, ମିଠା ଖାଏନାହିଁ; ନମସ୍କାର । ଏତିକ କହି ଗାଡ଼ିରେ ବସି ଫୁର୍‌ର୍ ।

Digitized by srujanika@gmail.com

ଏତେ ଖର୍ଚ୍ଚବାର୍ଚ୍ଚ ହେଲା; ମନ୍ତ୍ରୀ ଚାଲିଗଲେ ବୋଲି ଆୟୋଜକ ମନ ଊଣା କରେନାହିଁ । ପକ୍କା ବ୍ୟବସାୟୀ ସେ । ପଦାକୁ ଭାରି ନିଃସ୍ୱାର୍ଥ ଭାବ ଦେଖାଏ, କହେ—ମନ୍ତ୍ରୀ ଚାଲିଗଲେ ତ କ'ଣ ହେଲା ? ଅନ୍ୟ ଅତିଥିମାନଙ୍କ ଚର୍ଚ୍ଚା ତ ହେଲା । ଭିତରେ ଭାବେ—ଏଥର ଜାଲରେ ପଡ଼ିଲା ନାହିଁ; ଆରଥର, ତା ଆରଥର······?

ଜ୍ୟୋତିଷୀ ଗଣନାଠାରୁ ତାର ଗଣନା ଅଳ୍ପ ଅଭ୍ରାନ୍ତ ନୁହେଁ । ଥରେ ସୁଆଦ ପାଟିରେ ଲାଗିଲା ପରେ ଆଉ ଛାଡ଼ିଲାନାହିଁ । ମନ୍ତ୍ରୀ ଆଉ କେଉଁଠାରୁ ନ ଖାଇ ଫେରିଲେ ନାହିଁ ।

ଗସ୍ତନିର୍ଘଣ୍ଟ ପହଞ୍ଚିବା ମାତ୍ରେ ଡାକବଙ୍ଗଳାରେ ଖାନାପିନାର ଯୋଗାଡ଼ ହୋଇଯାଏ; ପ୍ରାୟ ଶହେ ଲୋକଙ୍କର ରାଜକୀୟ ବ୍ୟବସ୍ଥା; କରନ୍ତି କିଏ ? ହାଁଜି, ଗୋଡ଼ାଣିଆ, ଦାନ୍ତନକୁଟା, ଦାନ୍ତରେ କୁଟା, ଏମିତି କେତେ କିଏ । ବିଲ୍ ଦେବା ପାଇଁ ଏତେ ପଇସା କାହିଁ ?

ବିଲ୍ ନାମ ଶୁଣିବା ମାତ୍ରେ କେତୋଟି ବିନୀତ ହାତ ଯୋଡ଼ ହୋଇଯାଏ—ଆଜ୍ଞା, ଆମ ଭାଗ୍ୟଦୋଷ—ଏ କଥା ଶୁଣିଲୁ । ଆମ ଘରକୁ କଣ କୁଣିଆଁ ମଇତ୍ର, ଅତିଥି ଅଭ୍ୟାଗତ ଆସୁନାହାନ୍ତି ? ହୋଟେଲରେ ପିନା ଦାମ୍ ନିଅନ୍ତି; ଏଠି ସେ କଥା ଜାଣେ କିଏ ? କୋଉ ସୁକୃତିରୁ କେଜାଣି, କେବେତ କାଳକେ ଆପଣଙ୍କ ପଦଧୂଳି ପଡ଼ିଛି, ଏ ସ୍ଥାନ ପବିତ୍ର ହୋଇଚି ।

ଦେଖି ଦେଖି ମନ୍ତ୍ରୀଙ୍କର ଜିହ୍ୱାଲାଳସା ବଢ଼ିଲା । ଫଳ, ଛେନା ପ୍ରଭୃତି ସ୍ୱତନ୍ତ୍ର ଖାଦ୍ୟର ବରାଦ୍ ହେଲା । ମନ୍ତ୍ରୀଙ୍କ ନିର୍ଦ୍ଦିଷ୍ଟ ଅତିଥିଭବନର କାନ୍ଥ ଖୋଲାହୋଇ ଏୟାର୍‌କୁଲର ବସାଗଲା ।

ଚାରିଆଡ଼େ ବକ୍ତୃତା କରି କରି ମନ୍ତ୍ରୀଙ୍କ ଧାରଣା ହୋଇଯାଇଥିଲା—ସେ ଜଣେ ବଡ଼ ବକ୍ତା । ନଇଲେ ଲୋକେ ଏତେ ଡାକନ୍ତେ କାହିଁକି ବକ୍ତୃତା ସେମିତି ସାରବାନ୍ ସରସ ନ ହୋଇଥିଲେ ଲୋକେ ମନକର୍ଣ୍ଣ ଦେଇ ଶୁଣନ୍ତେ କାହିଁକି ?

Digitized by srujanika@gmail.com

ଲୋକସାଧାରଣଙ୍କୁ ସେ ବୋକା ଠଉରାନ୍ତି ନା କ'ଣ କେଜାଣି, ମଞ୍ଚରେ ଛିଡ଼ାହେବା ମାତ୍ରେ ପଚରିଦିଅନ୍ତି—କି ଭାଷାରେ ବକ୍ତୃତା ଦେବି ? ହିନ୍ଦୀ, ବଙ୍ଗଳା, ଇଂରାଜୀ, ସଂସ୍କୃତ, ପାଲି ନା ଓଡ଼ିଆରେ ? ବିଜ୍ଞ ଲୋକେ ଜାଣନ୍ତି—ୟାଙ୍କ ଦୌଡ଼ କେତେ, ମନେ ମନେ ହସନ୍ତି । ନିଜ ପ୍ରଶ୍ନର କୌଣସି ଉତ୍ତର ନ ପାଇ ମନ୍ତ୍ରୀ ଓଳିଆରୁ ଗାଳିଲା ପରି ଗାଳିପକାନ୍ତି ବକ୍ତୃତା, ଅନର୍ଗଳଭାବରେ ଓଡ଼ିଆରେ । ବିଜ୍ଞାନ, ଦର୍ଶନ, ଜ୍ୟୋତିଷ, କବିରାଜୀ, ହୋମିଓପ୍ୟାଥି ଆଦି ଯେ କୌଣସି ବିଷୟରେ କହିଲାବେଳେ ତାଙ୍କ ତୁଣ୍ଡ ଅଟକେ ନାହିଁ—ସତେ ବା ଗଣେଶଙ୍କ ପୁଅ, ସବୁ ବିଦ୍ୟା ସାଧି ଦୋରସ୍ତ କରିଛନ୍ତି ।

ବକ୍ତୃତା ଶୁଣି ଲୋକେ ବହୁତ ତାଳି ଦିଅନ୍ତି—ମାନେ ବନ୍ଦ କର, ବନ୍ଦ କର । ମନ୍ତ୍ରୀ ବୁଝନ୍ତି ଓଲଟା—ତାଙ୍କ ସର୍ବଜ୍ଞତାରେ ଲୋକେ ମୁଗ୍ଧ, ବିସ୍ମିତ, ଅଧିକ ଶୁଣିବାଲାଗି ଆଗ୍ରହ ପ୍ରକାଶ କରୁଛନ୍ତି ! ପ୍ରକୃତରେ ଲୋକେ ତାଙ୍କର ଘୋର ଅଜ୍ଞାନତା ଆଉ ମୂଢ଼ ସବ୍‌ଜାନ୍ତା ଭାବ ଦେଖି ମନେ ମନେ ହସୁଥାନ୍ତି ।

ଘନ ଘନ କରତାଳି ପରେ ସେ ଶାଖାପ୍ରଶାଖା ମେଲନ୍ତି—ହଁ, ଗୋଟାଏ ବଡ଼ ବିଷୟ ଛୁଡ଼ିଗଲା ! ଏଇ ମୋର ଶେଷ କଥା, ଏଇ ବକ୍ତୃତା ଭିତରେ ଘଣ୍ଟାକଣ୍ଟା କେତେଥର ବୁଲିଯାଏ । କଥା ଅଛି—

ରଜାର ନନ୍ଦିମା ପ୍ୟାଣ୍ଟ
ଯା କରେ ତା ଭଲେ ।

ମନ୍ତ୍ରୀଙ୍କ ବକ୍ତୃତାକୁ ଭଲକହିବାକୁ ହିଁ ହେବ । ନଇଲେ ରକ୍ଷା ନାହିଁ, ଆଗେ ରଜା ତ ସମାଲୋଚନାର ଉପରେ ଥିଲେ । ଏବେ ଯେଡ଼େ ଗଣତନ୍ତ୍ରୀ ବୋଲି ଦେଖାଇହେଲେ ବି ସେ ମନେ ମନେ ରାଗ ରଖିବେ, ବେଳ ଉଣ୍ଡି ଶୋଧ ସାଧିବେ ।

Digitized by srujanika@gmail.com

ଏଇ ସମୟରେ ଏମିତି ଗୋଟାଏ ଘଟଣା ଘଟିଲା, ଯାହା ଓଡ଼ିଶାର ନେତାମହଲରେ ତାଙ୍କୁ ବଦନାମ କରିଦେଲା, ଯଦିବା ଉଣା ଅଧିକେ ମନ୍ତ୍ରୀମଣ୍ଡଳର ସମସ୍ତ ସଭ୍ୟ ଏଥିଲାଗି ଦାୟୀ ଥିଲେ । ଗୋବର୍ଦ୍ଧନ କୁଆଁ ଣିଆ ବୋଲି କଥାଟା ତାଙ୍କ ଆଡ଼କୁ ଗଡ଼ିଗଲା, କୁହନ୍ତି । ଏଇଟା ତାଙ୍କ ନିର୍ବାଚନମଣ୍ଡଳୀର ଘଟଣା । ଯେ ବେଳଠୁଁ ସତର୍କ ହୋଇଥିଲେ ନେଡ଼ଗୁଡ଼ କହୁଣିକି ବୋହିଯାଇ ନ ଥାନ୍ତା ।

ଗାଣ୍ଟିଜଗା ଟୋକାଟେ, ସେ କି ସପନ ଦେଖିଲା କି ନାହିଁ କେଜାଣି, ହଠାତ୍ ବାବା ବନିଯାଇ ଚକାପକାଇ ବସିଗଲା—କିଏନା ନେପାଳୀବାବା ! ହୁକୁମ୍ ଦେବେ ।

ସବୁ ରୋଗକୁ ଗୋଟିଏ ମାତ୍ର ଔଷଦ—କି ଗଛର ପତ୍ର । ଔଷଦ ଗୁଣରେ ରୋଗ ଭଲ ହୁଏନା, ଠାକୁରଙ୍କ ଆଜ୍ଞାରେ ? ସେ କଥା କିଏ ଜାଣେ ବା ନ ଜାଣେ ? ଭଲହେଲେ ତ ନଷ୍ଟ ଗଲା; ସେ କଥା ଭାବି ବା ଆଲୋଚନା କରି କି ଲାଭ ?

ବାତକୁ ସେ, ପିତ୍ତକୁ ସେ, ଶ୍ଳେଷ୍ମାକୁ ସେ; କୁଷ୍ଠକୁ ସେ, ରାଜଯକ୍ଷ୍ମାକୁ ସେ, କାଛୁକୁଣ୍ଡିଆ, ମଇଁଷିଆ ଜାଦୁକୁ ସେ । ପାନେ ଔଷଦ ଖାଇ ଜନ୍ମଛୋଟା ଦୌଡ଼ୁଛି, ଅନ୍ଧର ଆଖି ଫିଟିଯାଉଛି, ଜଡ଼ାର ମୁହଁ ଖୋଲୁଛି, କୁଜା ପିଠି ସଳଖି ଛିଡ଼ାହୋଇଛି । କଥାଟା କ'ଣ ସତ ? ସତ ନୁହେଁ ତ କ'ଣ ? ଲୋକେ କ'ଣ ମିଛ କହୁଛନ୍ତି ? ରାଜ୍ୟ ରାଜ୍ୟ ଲୋକ ଦୌଡ଼ୁଛନ୍ତି ! ତୁମେ ପଚାରୁଛ କ'ଣ ? ଅବିଶ୍ୱାସ ହଉଚ ତ ନ ଯାଅ । ଆମ ଭାଗ୍ୟକୁ ଭଗବାନ୍ ଅବତରିଛନ୍ତି । ଯାଙ୍କୁ ଗନ୍ଧଉଚ

ଗୁଜବ୍‌ର ପ୍ରଭାବ ଏପରି ଯେ ଲୋକେ ଜାଣନ୍ତୁ ନ ଜାଣନ୍ତୁ, ରାଣନୟନ ପକାଇଲେ, ଆଖି ବୁଜିଇଦେଲେ; ଧାଇଁଲେ, କେବଳ ଧାଇଁଲେ —ସୁଅ ମୁହଁରେ ଧାଇଁଲେ ।

ଧନ୍ୟ ଏ ଖବରକାଗଜବାଲାଙ୍କୁ । ସେମାନେ ତିଳକୁ ତାଳ କରି ପ୍ରଚାର କରିଦେଲେ—ବିଚିତ୍ର ଏକ ବାଳକର ମହିମା । ବାଳକୃଷ୍ଣ ଏ, ବାଳଗୋପାଳ ଏ । ଛୁଇଁଦେଲେ ରୋଗ ଗୁଡ଼ ପଳାଉଛି ।

Digitized by srujanika@gmail.com

କୁହୁକ, ଇନ୍ଦ୍ରଜାଲ, ମାୟାରେ ବିଶ୍ୱାସୀ ତ କମ ନାହାନ୍ତି । ଔଷଧରେ ଭଲ ହେବାକୁ ବିଳମ୍ବ ଲାଗେ, ଭଲ ହୋଇପାରେ ନ ପାରେ; ଏଥିରେ ତ ଆଖି ପିଛୁଳାକେ । ଅନ୍ଧବିଶ୍ୱାସୀ ଲୋକେ ଦୌଡ଼ିଲେ, ଓଧ ସାଙ୍ଗରେ ବଣ୍ଡେଭୁଆ ବାଇ ହେଲା ପରି ଦୌଡ଼ିଲେ—ଆଧୁନିକ, ଶିକ୍ଷିତ ବିଜ୍ଞାନବିଶ୍ୱାସୀ ।

ରେଲ୍‌ଗାଡ଼ିରେ ପାଦ ପକେଇବାକୁ ଜାଗା ନାହିଁ । ପଞ୍ଜାବ, ଗୁଜୁରାଟ, ରାଜସ୍ଥାନ, ଆସାମ, ବିହାର, କର୍ଣ୍ଣାଟକ, କେରଳ, ମାନ୍ଦ୍ରାଜ, ବମ୍ବେ, ଦିଲ୍ଲୀ, କଲିକତା, କାଶ୍ମୀର ଲୋକେ ଛୁଟିଲେ ।

ଯାହାକୁ ଡାକ୍ତର ନିରାଶ କରିଛନ୍ତି, ଯେତେ ଖର୍ଚ୍ଚ ପଡ଼ୁ, ଯେତେ କଷ୍ଟ ହଉ ପଛେ, ସେ ଦୌଡ଼ିଆସିଛି । କେଜାଣି ଭଗବାନ୍ ଡାକ ଶୁଣିବେ, ଭଲ ହୋଇଯିବ ।

ଆସିଛନ୍ତି ବ୍ୟବସାୟୀ ଶେଠ, ରଜା, ଜମିଦାର, ବଡ଼ ବଡ଼ ଅଫିସର, ଦେଖିବା ବାହାନାରେ ଆସିଛନ୍ତି କେତେ ମନ୍ତ୍ରୀ—ଭିତ୍ତସ୍ଥ ଉଦ୍ଦେଶ୍ୟ—ପୁଅଟା ମାଂସପିଣ୍ଡୁଳା, ଦଶବର୍ଷ ହେଲା ଶେଯରେ ଗଡ଼ୁଛି । ଦୈବାତ୍ ଯଦି ଭଲ ହୋଇଯାଏ !

ଶଗଡ଼ ଶଗଡ଼ ପଇ ପର୍ବତରୁ ବୁହାହୋଇ ଆସୁଛି । ଭୋକଶୋଷ ଭୁଲି ବାଣ୍ଟିହେଉଛି ନେପାଳୀବାବା··· । ଉଠୁଛି ଦୋହା···ନେପାଳୀ-ବାବାଙ୍କ ଜୟ

ରନ୍ତଲେଇ ଗାଁଆରେ କି ଦିନ କି ରାତି ମେଳା ବସିଯାଇଛି, ଏତେ ଲୋକଙ୍କ ଖାଇବା କଥା ପଚାରେ କିଏ ? ଖରାଦିନ, ଗୋଟିଏ ମାତ୍ର ପୋଖରୀ । ଶୁଖି ପଙ୍କ ଉଠିଯାଇଛି । ସେଥିରେ ଲୋକ ପାଣି ସାରୁଛନ୍ତି, ସେଇ କାଦୁଅପାଣି ବି ପିଉଛନ୍ତି । ଶୋଷରେ ତୋଟି ଫାଟିଗଲେ ଆଉ କ'ଣ କରିବେ ?

ବାଡ଼ଠାକୁରାଣୀଙ୍କ ପାଇଁ ମଉକା ମିଳିଗଲା । ପଟାଳିପରି ଲୋକେ ଶୋଇଗଲେ । ସ୍ୱାମୀ ପାଇଁ କାନ୍ଦୁ କାନ୍ଦୁ ସ୍ତ୍ରୀ, ବାପ ପାଇଁ

Digitized by srujanika@gmail.com

କାନ୍ଦି କାନ୍ଦି ପୁଅ ମରିଶୋଇଲା । କାନ୍ଦବୋବାଳିରେ ଗୃହଆଡ଼ ଉଚ୍ଛୁଳିଲା । ତା'ପରେ ଦେଖୁ ଦେଖୁ ସବୁ ଭୁଣ୍ଡ ନୀରବ ହୋଇଗଲା, କାନ୍ଦିବାକୁ କେହି ରହିଲେ ନାହିଁ ।

କେତେ କେତେ ଘରର ଲୋକ; ପାଣି ଟୋପିଏ ବିନା ପାଟି ପାକୁ ପାକୁ କରି ମରିଶୋଇଲେ । ଭଲହେବାକୁ ଆସି ମୂଳରୁ ଗଲେ । ତାଳମୂଳରୁ କଟକ ପ୍ରାୟ ପଚିଶକୋଶ ସଡ଼ା ମଡ଼ା ଗନ୍ଧରେ ଭରିଗଲା । ପୋଡ଼ୁଛି, ପୋତୁଛି କିଏ ?

ଏ ବିପଦବେଳେ ଡାକ୍ତର, ନର୍ସ ବା କୌଣସି ସେବାକାରୀ ନ ଥିଲେ । ବୁଲୁଥିଲେ ଗୋଟିଏ ଦଳ ନିର୍ଭୀକ ଭାବେ । କେଉଁ ମୁର୍ଦ୍ଦାର ପକେଟରୁ କାଢ଼ୁଥିଲେ ଟଙ୍କା, ହାତରୁ ସୁନାମୁଦି ବା ଘଣ୍ଟା; କେଉଁ ନାରୀ ଦେହରୁ କାଢ଼ିନେଉଥିଲେ ଅଳଙ୍କାର—ନିର୍ବିକାର । ଆଖିରେ କରୁଣାର ଚିହ୍ନବର୍ତ୍ତି ନ ଥିଲା, ଲୋଭ—ପ୍ରଚଣ୍ଡ ଲୋଭ; ନିଷ୍ଠୁର ପ୍ରତିଯୋଗିତାରେ ମରାମରି ବି ଲାଗିଯାଉଥିଲା ।

ଗାଆଁର କୌଣସି ପରିବାର ବି ହଇଜା ପ୍ରକୋପରୁ ରକ୍ଷା ପାଇ ନ ଥିଲା । ରନ୍ତଲେଇଟା ଦିଶୁଥିଲା ଗୋଟାଏ ମଶାଣି ପରି । ତା ଭିତରେ ବାବାଙ୍କର ଶବସାଧନା ସତେ ବା ଚାଲିଥିଲା !

ଏଇ ଭୟଙ୍କର ଅବସ୍ଥାରେ ଚମକି ଆସିଲା ଜଣେ ନାରୀ, ବାବାଙ୍କ କାନକୁ ରଗଡ଼ ପଚାରିଲା—ତୋ ଔଷଧରେ ଟିକିଏ ରୋଗ ଭଲ ହଉଚି, କି ସକାଶେ ଏତେ ଲୋକ ମରି ଶୋଉଛନ୍ତି? ଗୋଟାଏ ଫେରକାମି ଲଗେଇଚୁ ଏଠି ! ଯା କହି ଲଗାଇଲା ଗୋଟାଏ ଚାପୁଡ଼ା । ସେତିକରେ ବାବାଙ୍କର ବ୍ରହ୍ମଜ୍ଞାନ ଆସିଗଲା । ପ୍ରାଣବିକଳରେ ପଳାଇଯାଇ ସେ କୋଉ ପାହାଡ଼ ଖୋଲରେ ଲୁଚିଲେ, କେହି ତାର ପତ୍ତା ପାଇଲେ ନାହିଁ ।

କେତେ ଖଣ୍ଡପ୍ରଳୟ ଘଟିଗଲା ! ଏତେ ଦୁର୍ଘଟଣା ଘଟିବାକୁ ସେ ଦେଲେ କାହିଁକି ? ଯାହା ମୁହୂର୍ତ୍ତକେ ବନ୍ଦ କରିପାରିଲା ଜଣେ ନାରୀ, ଏତେ କ୍ଷମତା ଧରି ଗୋବର୍ଦ୍ଧନ ପାରିଲେ ନାହିଁ କାହିଁକି

Digitized by srujanika@gmail.com

ଏଥିରେ ଲୋକକଲ୍ୟାଣ ହେବ ବୋଲି ତାଙ୍କର ବିଶ୍ୱାସ ଥିଲା । ହୁକୁମ୍ ନା ଭେଦ ?—କାହା ଉପରେ ତାଙ୍କର ଆସ୍ଥା ଥିଲା ? ନା, ଦି ନାଆରେ ଗୋଡ଼ ଦେଇଥିଲେ? ନ ଆଧୁନିକ, ନ ପ୍ରାଚୀନ; ସେ ଥିଲେ ମଝିମଝିଆ । ତେଣୁ ନିଜେ ବୁଡ଼ିନ୍ତୁ ନ ବୁଡ଼ନ୍ତୁ, ଦେଶକୁ ବୁଡ଼େଇ ମାରିବା ଅବସ୍ଥା ଘଟିଲା ।

ଏ ବୀଭତ୍ସ ଦୃଶ୍ୟ ଆଖି ଆଗରେ ବେଳେ ବେଳେ ନାଚିଯାଉଥିଲା । ଗୋବର୍ଦ୍ଧନ ପାଗଳ ପରି ହେଉଥିଲେ । କିନ୍ତୁ ବିଜମାତ୍ରକର ଏ ବୈରାଗ୍ୟ କ୍ଷଣିକ । ଏହା ଶ୍ମଶାନବୈରାଗ୍ୟ କୁହାଯାଇପାରେ ।

॥ ଚଉଦ ॥

'ଏ ଘର କି ଅବେଇଛତର ହୋଇ ପଡ଼ିଚି ! କେତେ ବୁଢିଆଣୀ ବସା, ଅଳନ୍ଧୁ !'

'ଜୀବନଟା ତ ସବୁବେଳେ ଅସଜଡ଼ା ରହିଗଲା, ଘରକୁ ପଚାରେ କିଏ ?'

ସଜାଡ଼ିବାକୁ କିଏ ମନା କରୁଛି ?'

'ନିଜକୁ ଗୁହିଁବାକୁ ମତେ ବେଳ କାହିଁ ? ଘର ଦେଖିବି କେତେବେଳେ ?'

'ଘର ବାହାର, ଆପଣା ପର ସବୁ ଦେଖିଲେ ସିନା ମଣିଷ !'

'ଘରକୁ ବା ନିଜକୁ ନ ଗୁହିଁ ପର କାମରେ ଜୀବନ ବିତେଇଲି ବୋଲି ସିନା ଲୋକେ ମତେ ମନ୍ତ୍ରୀ କଲେ !'

'ଆଗେ ମଣିଷ, ପରେ ମନ୍ତ୍ରୀ ହବା ସିନା ଭଲ ।'

Digitized by srujanika@gmail.com

'ତୁମେ କାହାକୁ ମଣିଷ କହୁଚ ? ଗାନ୍ଧିଜୀଙ୍କୁ ?'

'ନା, ସେ ମହାତ୍ମା, ଘର ଉପରେ ଆଖି ନ ରଖିବାରୁ ପିଲା-ଗୁଡ଼ାକ ବିଗିଡ଼ି ଗଲେ । ସ୍ତ୍ରୀ ବି ଜୀବନସାରା ସ୍ୱାମୀଙ୍କ ବିରୁଦ୍ଧରେ ବିପ୍ଳବ କରୁଥିଲେ । ନିଜେ ସଂସାର କରି ବି ଆଜୀବନ ଅସଂସାରୀ ହୋଇ ସେ ରହିଗଲେ । ମୁଁ ଭାବେଁ—ମଣିଷ ଘର ବାହାର ଦିଆଡ଼ କଥା ବୁଝୁ, ଦିଆଡ଼େ ସାମଞ୍ଜସ୍ୟ ରଖି ଚଳୁ ।

'ଘର ନ କଲେ ବାହାର କଥା ସେ ବୁଝିପାରିବ ନାହିଁ ।'

'କଣ କହୁଚ କରବୀ ? ଏ ବୁଢ଼ା ଦିନେ ମୁଁ ବିଭା ହେବି ? ହାଣ୍ଡି କୁଡ଼ି ବେକକୁ ଆଣିବି ?

ଏ ବୁଢ଼ାକୁ ବେଦୀରେ ବସିବାର ଦେଖିଲେ ଲୋକେ ହସିବେ ନାହିଁ ? ଜାଣୁ ଜାଣୁ ବଢିଲି ନଈରେ କାହା କନ୍ୟାକୁ କିଏ ଭସାଇଦେବ ?'

'କନ୍ୟାଚିନ୍ତା ତୁମକୁ କାହିଁକି ଲାଗିଚି ?'

କରବୀ ଘର ସଜାଡ଼ିଲା; ବେହେରାମାନେ ହାତରୁ ଗୁଣ୍ଠୁଣ୍ଡି ଛଡ଼ାଇ ନେଇ ଘର ସଫା କରିବାକୁ ଲାଗିଲେ । କରବୀ ଶୋଇବା ଶେଯ ଆଉ ଲୁଗାପଟା ସଜାଡ଼ିଲା ପରେ ଜଳଖିଆ କରି ଆଣିଦେଲା । ମାଆ-ଛେଉଣ୍ଡ ଗୋବର୍ଦ୍ଧନ ଜଳଖିଆରେ ନାରୀ ହସ୍ତ ସ୍ପର୍ଶର ସ୍ୱତନ୍ତ୍ର ମାଧୁରୀ ଓ ସ୍ନେହସୁଧାର ସ୍ୱାଦ ଉପଭୋଗ କରିବାକୁ ଲାଗିଲେ ।

କରବୀ ଉଣେଇଶି ଶ ବୟାଳିଶର ସହକର୍ମିଣୀ, ସେତେବେଳେ ରଣଚଣ୍ଡୀ ରୂପ; ଏବେ ତାଙ୍କ ରସରଙ୍ଗିଣୀ ରୂପ ଦିଶିଲା । ସେଦିନ ଡାଇରିରେ ଗୋବର୍ଦ୍ଧନ ଲେଖିଲେ—

'ଜୀବନସାରା ନିଜକୁ ଉଜାଡ଼ିଲି; ଦେଶ ଲାଗି ନିଜକୁ ଭାଙ୍ଗି ଚୂନା କଲି । ଆଉ କାହିଁକି ?

Digitized by srujanika@gmail.com

ତ୍ୟାଗର ଦିନ ଗ୍ଲଲିଗଲା । ଏବେ କର୍ମୀମାନଙ୍କରି ଭୋଗର ଦିନ; ଭୋଗବିଳାସରେ ମାତିଛନ୍ତି, ପଦାକୁ ତ୍ୟାଗଦିନର ସଙ୍କେତ ଖଦଡ଼ ଧୋତି, ଗାନ୍ଧୀଟୋପି ପିନ୍ଧିଛନ୍ତି । ଗଞ୍ଜେଇ, ଅଫିମ, ମଦ ଦୋକାନରେ ଯୋଉମାନେ ପିକେଟିଂ କରିଥିଲେ, ଏବେ ସେମାନଙ୍କର ଗୃହ ନିଶା ପାସ୍ । ବିଦେଶୀ ଜିନିଷ ବର୍ଜନଆନ୍ଦୋଳନ ଯୋଉମାନେ କରୁଥିଲେ, ଏବେ ସେମାନଙ୍କର ବିଦେଶୀ ବୋତଲ ନ ହେଲେ ଅଚଳ ।

ଏ ମଧ୍ୟରେ ମୁଁ 'ହଂସ ମଧ୍ୟେ ବକୋ ଯଥା ।' କେଉଁଠି ନୁଖୁରିମାଖରି, ଶୁଖିଲା ଠାଙ୍ଗଠାମୁଣ୍ଡିଆ ପାହାଡ଼ଟାଏ ମୁଁ । ରସ କଥା ବୁଝେ ନାହିଁ । ହସ ଉଠିଲେ ଗମ୍ଭୀର ହୋଇଯାଏ, ଆଶ୍ଚର୍ଯ୍ୟ, ମତେ କାହିଁକି ହସି ଆସେ ନାହିଁ ? ମନ ଭିତରର ଝରଣାସବୁ ଶୁଖିଗଲା କାହିଁକି ?

କରିବି ମୋର କଣ ? କାଇଁକି ଗ୍ଲୁଏଁ ଗ୍ଲୁଏଁ ଆସି ସେ ଏତେ କାମ କରିଯାଉଛି ? ନଜେ କନ୍ୟା ହବ ?

ନୁହେଁ କାଳୀ, ନୁହେ ଗୋରି; ନୁହେ ନିଷ୍ଠୁରା, ନୁହେ ଚଞ୍ଚଳା; ଶରତର ଶିଶିରସ୍ନାତ ଅପରାଜିତାଟିଏ ପରି, ରାଧାତମାଳ ଫୁଲ ପରି ଆଖି ଦୁଇଟି, ବାସକଇଁ ପରି ମୁହଁଟି ।

ବୟସ କେତେ ହବ ? 'ବୟସ କେତେ ତାଙ୍କର ଗୋ ଲଳେତ ?' ଗୃଳଣ ଭିତରେ; ମତେ ତ ପଚିଶ ପୂରି ଏକାବନ ପଶିଲା; କେତେ ବାଳ ଧଳା ହୋଇଗଲାଣି । କଳା କରିବା ପାଇଁ କଣ ପରି ବୋଳୁଛନ୍ତି !'

ଗୋବର୍ଦ୍ଧନ ଶୁଖିଲା ହସଟାଏ ହସି ମନେ ମନେ ଭାବିଲେ—ମତେ କହୁଛନ୍ତି ବ୍ରହ୍ମଗ୍ଲରୀ ବୃଷଭ ! ବିବାହ ପରେ ଠିକଣା ଜବାବ୍ ପାଇଯିବେ ।

Digitized by srujanika@gmail.com

ଗୋବର୍ଦ୍ଧନଙ୍କ ବିବାହ; ପୂର୍ତ୍ତି ମନ୍ତ୍ରୀ; ଉପହାରର ଗୋଟାଏ ପାହାଡ଼, କରଣୀର ଭଉଣୀ ସୁରଭି ବର୍ଣ୍ଣ ତାଲିକା କରୁଥାଏ । ସାହାଯ୍ୟ କରୁଥାନ୍ତି ପି. ଏ., କାଣ୍ଟ୍ରାକ୍ଟର, ଠିକାଦାର, ପଟାଦାର; ସହମନ୍ତ୍ରୀ ଆଉ ମନ୍ତ୍ରୀଦଳ । କଞ୍ଚାକୁ ପକ୍କା, ଭେଲକୁ ଭଲ ବୋଲି ପାସ୍ କରାଇଦେବା ଲାଗି ଏ ସବୁ ପରୋକ୍ଷ ଫାଶ । ସବୁ କିଛି କଳାର ନାମଜାଦା କଳାକାରମାନେ ଏ ଉତ୍ସବରେ ଯୋଗ ଦେଇଛନ୍ତି ।

ତାଳମୂଳ ଯୁବଯଜଙ୍କ ବ୍ରତୋପନୟନ ଗୋବର୍ଦ୍ଧନ ଦେଖିଛନ୍ତି । ରାଜାମାନେ ଯୋଉସବୁ ଉପହାର ଦେବାକୁ ମୂଲ୍ୟ ଦୃଷ୍ଟିରୁ ଶଙ୍କିଥାନ୍ତି, କାଣ୍ଟ୍ରାକ୍ଟରମାନେ ଦେଇଛନ୍ତି । କରଣୀ ଉପହାରସବୁ ବୁଲାଇ ବୁଲାଇ ଦେଖାଇଲା—ଟାଇପ୍ ନାମସବୁ ମରା ହୋଇଛି—ମାଲ୍‌ହୋତ୍ରା, ମୋଦି, ମଲ୍ଲୀ, ମଲ୍ଲିକ୍, ଲାଠ୍, ଶିଖଦାର୍, ସିଂହ, ଦେଶାଇ·····। ଅଳଙ୍କାରର ଚାକଚକ୍ୟରେ ଆଖି ଝଲସିଗଲା । କେତେ ଅଷ୍ଟରତ୍ନମାଳା, ଦୁଲ୍, ମୂଲ୍ୟବାନ୍ ପଥରବସା ସୁନା ଚୁଡ଼ି; ହୀରା, ମାଲା, ମୋତି, ବୈଦୁର୍ଯ୍ୟ ଆଉ ପଦ୍ମରାଗ । ଆଖି ଝଲସାଇ ଦେଲା; କୋଉ ଗଡ଼ଜାତର ରାଜରାଣୀ ଏତେ ପିନ୍ଧିବାକୁ ପାଉଥିଲେ ?

ଗୋବର୍ଦ୍ଧନ ବୋକା ବନିଗଲା; ଏ ଘରେ କାହିଁକି ଏସବୁ ପଶିଲା ? ଏଟା ରଜା, ଜମିଦାର ନା ପୁଞ୍ଜିପତିର ଘର

ଏ ସବୁ ଅଳଙ୍କାର କଣ ହେବ ? କରଣୀ ପିନ୍ଧି ପଦାକୁ ବାହାରି ପାରିବ ? ଲୋକେ କଣ କହିବେ ?

ଗୋବର୍ଦ୍ଧନଙ୍କୁ ଲାଗିଲା—ଏସବୁ ଡକେଇତି ଧନ; ଆଲିବାବା କପାଳକୁ ଜୁଟିଛି ।

ନେତା ମାନେ କଣ ? ଯେ ନିଏ; କଣ ନିଏ ? ଲୋକଙ୍କ ଦୁଃଖ । ନେତା ସାଙ୍ଗରେ 'ଦେତା' ଶବ୍ଦ ଆସେ । କଣ ଦିଏ ? ସୁଖ ।

ଏ ଡକେଇତି ଧନଗୁଡ଼ାକ ନିବ ? ଘର ପୋଡ଼ି ଦବନି ଇଏ ? ଘର ପୋଡ଼ିଦବା ସଙ୍ଗେ ସଙ୍ଗେ ଘରର ବାସିନ୍ଦାକୁ ପୋଡ଼ି ଦେବାର ଶକ୍ତି ଏ ଧନର ଅଛି ।

Digitized by srujanika@gmail.com

ମହାତ୍ମାଙ୍କୁ ତ ଦକ୍ଷିଣ ଆଫ୍ରିକାର ଭାରତୀୟ . ବ୍ୟବସାୟୀମାନେ ଏମିତି କେତେ ଉପହାର ଦେଇଥିଲେ । କସ୍ତୁରବା ତାକୁ କାନିରେ ସାତଗଣ୍ଠି ପକାଇ ରଖିଥିଲେ; ଦୃଢ଼ ହସ୍ତରେ ସେ ଗଣ୍ଠି ଫିଟାଇ 'ମୋହନ ଦାସ କରମଚାନ୍ଦ ଗାନ୍ଧୀ ସର୍ବସାଧାରଣ କାର୍ଯ୍ୟ ଲାଗି ସେ ଧନତକ ସବୁ ଦାନ କରିଦେଲେ । ତାଙ୍କର ଏଇ କାମ ଅତି ଉଚ୍ଚ ମଣିଷପଣର ସୂଚକ ।

ହାତପତେଇବା ମାତ୍ରେ କରବା ଏ ଧନ ଦେଇଦେବ ? ଗାନ୍ଧୀଙ୍କ ପରି ତାଠାରୁ ଜବରଦସ୍ତି ଛଡ଼ାଇନେବାର ସାହସ ବା ଶକ୍ତି ସେ ଅର୍ଜନ କରିପାରିଛନ୍ତି ? ଗୋବର୍ଦ୍ଧନ ଭାବିତ ହେଲେ ।

କରବା ଯଦି ନ ପିନ୍ଧିବ, ଏ ଅଳଙ୍କାରଗୁଡ଼ାକ ଘରେ ରଖି କି ଲାଭ ? ରାତିରେ ଆଗେ ନିଦ ହବ ? ଚୋର ଭୟ ମନକୁ ଅସ୍ଥିର ରଖିବ । ଚିରକାଳ ନ ଥିଲି ମୁଁ । ଏ ସବୁ ଜାଣ୍ଡି କରିପାରିବ ତ ?

ନାଃ, ଦେଇଦେଲେ ଭଲ—ଦରିଦ୍ର କଲ୍ୟାଣପାଣ୍ଠିକୁ, ଅନ୍ଧ ସ୍କୁଲକୁ, ଅନାଥାଶ୍ରମକୁ; ହଁ, ଦାନ ଦେଲେ ହିଁ ସୁନ୍ଦର ।

ଯୋଉ ହାତ ଦିଏ ସୁନ୍ଦର, ଯୋଉ ମନ ଦିଏ ସୁନ୍ଦର । ଏ ଅର୍ଜିତ ଧନ ନୁହେଁ, କେହି ଖୁସିମନରେ ଦେଇନାହିଁ । ହୁଏତ ଏ ଗୋଟାଏ ଥୋପ—ଗଡ଼ଶା ଗୁନ୍ଥି ପକାଇ ସଉଳ ଖାଇବା ମନୋଭାବ ସ୍ଥା ତଳେ ଅଛି । ଏଥିରୁ ଉଠାଇନେଲେ ହିଁ ଟିକିଏ ପବନ ଖେଳିବ, ମଣିଷ ସନ୍ତୋଷରେ ନିଃଶ୍ୱାସ ମାରିବ । ଯୋଗୀ ଜନକାଂକ୍ଷିତ ନିବୃତ୍ତିରେ ହିଁ ସୁଖ । ତାର ଅଧିକାଶ ଯଦି ହୋଇପାରେ, ମନ୍ତ୍ରୀଗାଦିଠାରୁ ଭୂମି ଆସନ ଅଧିକ ସୁଖପ୍ରଦ ହେବ । ଦର୍ପ ବା ଦମ୍ଭକୁ ଚରିତାର୍ଥ କରିବା ପାଇଁ ଦେଶ ବା ଦେବଙ୍କ ପ୍ରାପ୍ୟ ଫୁଲ ଆଉ ଲୁଣ୍ଠନ କରିବ ନାହିଁ ।

ତ୍ୟାଗୀ ଓ ଦେଶପ୍ରେମୀ ଲୋକେ ହିଁ ମନ୍ତ୍ରିତ୍ୱ କରିଆରେ ପ୍ରକୃତ ଦେଶସେବା କରିପାରିବେ ! ନିରନ୍ନକୁ ଅନ୍ନ, ନିର୍ବସ୍ତ୍ରକୁ ବସ୍ତ୍ର, ଅଘରିକୁ ଘର, ନିରାଶ୍ରୟକୁ ଆଶ୍ରା ଦେଇପାରିବେ । ହଜାର ହଜାର ଲୋକ ଖୋଲା ଆକାଶ ତଳେ ଖରାକାକରରେ ପଡ଼ି ମରିବେନାହିଁ । ଚିକିତ୍ସା ଅଭାବରୁ

Digitized by srujanika@gmail.com

ଶତ ଶତ ଲୋକ ଅକାଳରେ ମୃତ୍ୟୁବରଣ କରିବେ ନାହିଁ; ବୋକବକଳରେ ତାଳିଆ କାମୁଡ଼ିଲପରି ହୁକୁମ୍‌ଭଳ ମରୁମରୀଚିକା ପଛରେ ଦୌଡ଼ିବେ ନାହିଁ ।

ମନ୍ତ୍ରୀ ହେବା ଅର୍ଥ ଚଉଦପୁରୁଷ ଲାଗି ଧନ ସଞ୍ଚିବା ନୁହେଁ । ମୋବିଲ୍‌ରୁ ଗୁଆଘିଅ ବାହାରୁଛି, ସୋରିଷତେଲରେ ଅଗରା, ଶ୍ୱେତତୈଳ ନଇଲେ ଡିଜେଲ୍ ମିଶୁଛି । ଗୁଡ଼ରେ ମିଶୁଛି ଚମଡ଼ାଗୁଣ୍ଡ, ଚିନିରେ କାଚଗୁଣ୍ଡ, ଗୋଲମରିଚରେ ରଙ୍ଗିଣୀମଞ୍ଜି । ବିଷାକ୍ତ ମଦଖାଇ ଶହ ଶହ ଲୋକ ମରୁଛନ୍ତି । ଆମ୍ଭମାନଙ୍କ ଦୋଷ ଏ, ତେଣୁ ଧର୍ତ୍ତବ୍ୟ ନୁହେଁ । ଜଣେ ଜଣକୁ ମାଇଲେ ଫାଶି; କିନ୍ତୁ ଦେଶ ବା ଜାତିର ହତ୍ୟାକାରୀମାନେ ସୁରୁଖୁରୁରେ ଖସିଯାଉଛନ୍ତି ।

ଦେଶର ଆୟବୃଦ୍ଧି ନାଆଁରେ ସ୍କୁଲ କଲେଜ ଦୁଆରେ ଦେଶୀ ବିଦେଶୀ ମଦଦୋକାନ ଖୋଲିଗଲା; ଡ୍ରଗ୍ ବା ଗଞ୍ଜେଇ ପାନ-ଦୋକାନରେ କିଣିବାକୁ ମିଳିଲା । ପଣ୍ଡିତେ ଧର୍ମଶିକ୍ଷା ଦେଲାବେଳେ ପିଲାଏ ତାକୁ ଖାଇ ଘୁମାଇବାକୁ ଲାଗିଲେ । ଦେଶଟା ଘୂଣ ଖାଇଗଲାରେ ଜାତିଟା ମେରୁଦଣ୍ଡହୀନ ହୋଇଗଲା । କେତେ କେତେ ଲୋକ ଅର୍ଥମୋହରେ ପଡ଼ି କ ଚ୍ଛୁଚ୍ଛକର ହୋଇଗଲେ ! ଅନ୍ଧାଧୂନିଆ ଭାବରେ କୁଆଡ଼େ ଯାଉଛନ୍ତି ଯେମାନେ ? ନିଜେ ତ ଅନ୍ଧ, ଲୋକଙ୍କୁ ବାଟ ଦେଖାଇବେ କିପରି ?

ଲୋକେ ପଚାରୁଛନ୍ତି—ଚୋରି କରିବା ପାପ ? ମିଛ କହିବା ଅଧର୍ମ ?

ସଚ୍ଚୋଟ ହେବାକୁ ଚେଷ୍ଟାକରି ତା ପିଲାଏ ଖାଇବା ବିନା ଗଡ଼ିମରୁଛନ୍ତି । ଅମୁକ ଲୋକର ପ୍ରମୋସନ୍ ହେଉନାହିଁ । ସମୁକ ଲୋକ ଦି ପଇସା ଉପରିସ୍ଥଙ୍କୁ ଦେଇପାରିଲା ନାହିଁ ବୋଲି ତାର ବଦଳି ହଉଚି ଫୁଲବାଣୀ ବା କୋରାପୁଟ ।

ଏତେ ଚୋରବଜାର କଲା; ତାର କ'ଣ ହୋଇଗଲା ? କି ଅସୁଖରେ ଅଛି ସେ ? ଅମୁକ ଲୋକ ଏତେ ଦାନଧର୍ମ କଲା, ତା ବଡ଼ପୁଅ ପଡ଼ିମଲା କାହିଁକି ?

Digitized by srujanika@gmail.com

ଚରିତ୍ରବାନ୍ ଲୋକଟିଏ ପାଇବା କ କଷ୍ଟକର ହୋଇଛି । ବଡ଼ ବଡ଼ ଲୋକେ, ଯାହାଙ୍କୁ ଅନୁସରଣ କରି ଅନ୍ୟମାନେ ଗୁଲନ୍ତେ, ସେଇମାନେ ପଛକଲେ ଖସିଗଲେ । ଏ ପାପ ତଳକୁ ତଳକୁ ଭେଦି ଯାଉଥିଲା । ଭଗବାନ୍ ଏତେ ବଢ଼ିଗୁଲିଲା ଯେ ଗ୍ରହଣକରନା ବୋଲି କାହାକୁ କହିବାକୁ ସଙ୍କୋଚ ଲାଗିଲା । ତା ପିଲାକୁଟମ୍ବ କେମିତି ଚଳିବେ ? 'ପେଟପୋଷ ନାହିଁ ଦୋଷ' ତଗ କ'ଣ ସତ୍ୟ ?

ଉଃ, ମୁଁ ନିଜେ କ'ଣ କଲି ? ଏ ପାପର ସ୍ରୋତକୁ ଅଟକାଇବାକୁ ମୋର ନୈତିକ ବଳ କାହିଁ ? ମୋ ବିଭାଘରକୁ ଯୋଉ ଗୀତ ଲେଖାଗଲା, ଘଟର ମୁଣ୍ଡ ଗୀତକୁ ଯେ ବଳାଗଲା । ଯେଉଁଟି ନେଇ ରଜା ମହାପାପ କଲେ ବୋଲି ବଖାଣୁଥିଲି । ସେଦିନ କେତେ ଯେଉଁଟି ମୋ ଦୁଆରେ ଅଜାଡ଼ ହୋଇପଡ଼ିଲା କେହି କୌଣସି ଉପହାର ନେଇ ଆସିବେ ନାହିଁ ବୋଲି ନିମନ୍ତ୍ରଣପତ୍ରରେ ଲେଖି ନ ଦେଲି କାହିଁକି ? ପାଇବାକୁ ମନଥିଲା ପରି ହେଲା ଏ । ନୀରବ ରହିବା ଦ୍ୱାରା ଲୋକେ ବୁଝିଲେ—'ମୌନଂ ସମ୍ମତି ଲକ୍ଷଣଂ' । ଏ ଏକ ନୀରବ ମାଗଣ କହିଲେ ଚଳେ ।

ଏତେ ଲୋକ ଯେ ଆସି ଗୁମୁଣ୍ଡିଆ କଲେ, ହରିରଙ୍ଗା କନା, କାଗଜରେ ବିବାହମଣ୍ଡପ ସଜାଇଲେ, ଲିଚୁ-ଆଲୋକ ଝୁଲାଇଲେ, ଘର ଗୁରିପାଖେ ରଙ୍ଗୀନ୍ ବିଜୁଳି ଦେଇ ନଚାଇଲେ, ସେଥିଲାଗି କେତେ ଟଙ୍କା କାହାକୁ ଦେଲି ? ସେ ଏକପ୍ରକାର ବେଠି ନୁହେଁ କି ?

ଭୋଜି କିଏ ଦେଲା ? ଯାହାକଣ୍ଟୁ ଚଳନ୍ତି ଶ୍ରେଷ୍ଠ ଭୋଜ୍ୟ, କିଏ ସବୁ କୁହୁକ ବଳରେ ଯୋଗାଇ ଦେଇଗଲା ? ବିଲ୍ ତ କୋଉଠୁ ଆସିନାହିଁ । ଏ ସବୁ ଖର୍ଚ୍ଚ କଲା କିଏ ? ଯେ କରିଛି ସେ କ'ଣ ବିନା ସ୍ୱାର୍ଥରେ କରିଛି ? ପଇସାଏ ଦେଇଥିଲେ ତିନି ପଇସା ସେ ଆଦାୟ କରିନେବ ନାହିଁ ? ଦେଶର, ଜାତିର ଯେତେ କ୍ଷତି ହେଉ, ଖଇଗ୍ଟି ବିଲ୍‌ସବୁ ପାସ କରିଦେବି ନାହିଁ କି ? ଏ ବ୍ୟବସାୟୀଙ୍କ କାରସାଦି ବୁଝିପାରିଲି ନାହିଁ । ପୋଷା ମାଙ୍କଡ଼ଟାଏ ପରି ଏବେ ତାଙ୍କ ବଚନକାରେ ନାଚିବି ।

Digitized by srujanika@gmail.com

ସଞ୍ଜା-ପଞ୍ଜା-ଭେଦା-ଗୁନ୍ଦା-ମାଗଣ-ଭେଟି-ବେଠି-କେତେ ବଡ଼ ବଡ଼ କଥା କହୁଥିଲ ? ଏବେ ଲୋକେ ବୁଝିବେ—

କହନ୍ତ ଯେତେ, ବୁଝନ୍ତ ସେତେ ।

ଦିନେ ସହକର୍ମିଣୀ ଥିଲ, ଆଜି ସହଧର୍ମିଣୀ ହୋଇଛୁ । କରଣୀ ଲୋଭ ସମ୍ବରଣ କରିପାରିବ ? ମୋ କଥା ମାନିବ ?

କରଣୀ କେତେଦିନ ହେଲା ସ୍ୱାମୀଙ୍କୁ ଅନ୍ୟମନସ୍କ ଦେଖି ଚିନ୍ତିତ ହୋଇପଡ଼ିଥିଲ; ହଠାତ୍ ଦାନପ୍ରସ୍ତାବ ଶୁଣି ଲୁହ ଆଖିରେ କହିଲ—ମୁଁ କ'ଣ ନାହିଁ କରୁଛି ? ମୁଁ ଏ ଘରକୁ କେତେଦିନ ହେଲା ଆସିଛି ? ମୋ କଥାରେ କି ମୂଲ୍ୟ ଅଛି ?

ହେଲେ ସଂସାର କଲ କାହିଁକି ? ସଂସାର କରିବ, ଏଣେ ଧନଦଉଲତ କିଛି ଘରେ ରହିବ ନାହିଁ, ଏ କେମିତି କଥା ? ସବୁଦିନେ କ'ଣ ମନ୍ତ୍ରୀ ଥିବ ? ଏ ଧନ୍ଦା ଗଲେ ସେତେବେଳେ କ'ଣ ପବନ ପିଇ ଏଠି ଲୋକ ବଞ୍ଚିବେ ?

ନାକରେ ନିମକାଠି ଗୁଞ୍ଜି ତ ସାରା ଜୀବନ କଟିଲା । ଏବେ ଅଳଙ୍କାର ଦିଖଣ୍ଡ ପିନ୍ଧିଲେ ତୁମ ଦିହ କିଆଁ ସହୁନାହିଁ ? ମୋଟା ଖଦଡ଼ ଶାଢ଼ୀ କାଚି କାଚି ତ ମୋ ଖିଆ ଦରଜ ହୋଇଯାଇଚି । ଏବେ ପତଳା କଅଁଳିଆ, ଖସଖସିଆ ସିଲ୍କ ଶାଢ଼ୀ ଖଣ୍ଡେ ପିନ୍ଧିଲାଣି ଦିହକୁ ଆହା କେତେ ଉଶୁଆସ ଲଗୁଚି ! କୋଉ ମନ୍ତ୍ରିଆଣୀ ଫେସନ କରୁନାହିଁ ବା ଅଡ଼୍ଡ଼ା ଚୌଡ଼ାରେ ଚଳୁନାହିଁ ? ମୁଁ ଦରିଦ୍ରାଣୀ ବେଶରେ ସେମାନଙ୍କ ଆଗରେ ଛିଡ଼ାହେବି କାହିଁକି ? ଲୋକେ ଯେବେ ଖୁସିରେ ଦେଲେ ଆମେ ଭୋଗ ନ କରିବା କାହିଁକି ? ଆଜି କଥା ଗୁଡ଼; କାଲି ପିଲାମାନେ ସଂସାରକୁ ଆସିବେ; ସେମାନଙ୍କଲାଗି କିଛି ରଖିବା ନାହିଁ ?

କରଣୀର ମାସ ଗଡ଼ୁଚି, ପେଟ ଉପରେ ହାତ ବୁଲାଉ ବୁଲାଉ ସେ ମୃଦୁ ସ୍ୱରରେ କାନ୍ଦିପକାଇଲା ।

Digitized by srujanika@gmail.com

ଗୋବର୍ଦ୍ଧନ କେବଳ ଦେଖିଥିଲ ଦୁଃଖୀରଙ୍କୀଙ୍କର ଲୁହ; ଏମିତି ଗୋଟାଏ ଲୁହ ଅଛି, ଯାହା ମନକୁ ଓଲଟପାଲଟ କରିଦିଏ, ସେ ଏଇ ପ୍ରଥମ ବୁଝିଲେ । ସତରେ ଧୀର ପାଣି ପଥରକାଟେ, ତା ଗୁଡି ତରଳ ଗଲପରି ଲଗିଲ ।

କରବୀର ଆଖି ଦୁଇଟି ଆଗେ କେତେ ଉଦାସିଆ ଥିଲ ! ଏବେ କେତେବେଳେ ଚଟ୍‌କନେ ନିଆଁ ଜଳୁଚି ତ, ପଟ୍‌କନେ ପାଣି ବୋହିଯାଉଚି । ଆଖିକ କେତେ ଭେଙ୍ଗୁଚୁ କରୁଚି । କେତେ ପେଖନା ଦେଖାଉଚି ସେ ।

କଥା ଅଛି—'ଧରଣୀ ଧର; ଧରଣୀ ଲୁହକୁ ଏଡ଼ ଦେଇ ମାଡ଼ିଗଲେ ବାଲିଘର ପରି ନୂଆ ସଂସାରଟି ଢଡ଼କେ ଭୁଷୁଡ଼ି ପଡ଼ିବ । ଏଣେ ବାହାରେ ମୁହ ରଖିବାକୁ ହବ । ଆଚ୍ଛା ଦୋଧାଇରେ ପଡ଼ିଲ ମଣିଷ !

ଏଣୁ ମାଇଲେ ଗୋ ହତ୍ୟା
ତେଣୁ ମାଇଲେ ବ୍ରହ୍ମହତ୍ୟା ।

ନୂଆ ସଂସାରକୁ ସମ୍ଭାଳିବାକୁ ଯାଇ ସେ କରବୀ ଆଖିରୁ ଲୁହ ପୋଛି କହିଲେ—ମନ ବଡ଼ୁଥିଲ ନା; ମହାତମାଙ୍କ ଛଡ଼ା ଦେବା, ମରିବାକୁ କିଏ ଭଲପାଏ ?

ଏ ସଂସାର ଗୋଟାଏ ନୌକା—ଯାର ଗୋଟେ ମଙ୍ଗରେ ଧରଣୀ, ଆର ମଙ୍ଗରେ ଧରଣୀ । 'ଏଣେ ପୁଅରେ ଦାୟୁ, ତେଣେ ବାରଣ ବଢ଼େଇରେ ଦାୟୁ ।' ହ ଦାୟୁ ଭିତରେ ସାମଞ୍ଜସ୍ୟ ନ ରଖିପାରିଲେ ବାରବର୍ଷର ତପସ୍ୟା ଶୁଖୁଆପୋଡ଼ାରେ ହିଁ ଯାଏ ।

ହ' ନାଆରେ ଗୋଡ଼ଦେଲ ପରି ଅବସ୍ଥା; କିଣ କହନ୍ତିନ—

ମାଧିଆ ଭାଇ
ସବୁ କଥାକୁ ହଇ ହଇ ।

Digitized by srujanika@gmail.com

ସେଇ ଦୁର୍ଦ୍ଦଶା ଗୋବର୍ଦ୍ଧନଙ୍କର ହେଲା । କୌଣସି କଥାରେ ଦୃଢ଼ତା ତାଙ୍କର ନ ଥିଲା । ବାଦୁଡ଼ି ପରି କେତେବେଳେ ପଶୁପକ୍ଷକୁ, କେତେବେଳେ ପକ୍ଷୀପକ୍ଷକୁ ସେ ଉଡ଼ିଗଲେ । କୌଣସି ପକ୍ଷ ବି ତାଙ୍କୁ ନିଜର ଭାବେ ଗ୍ରହଣ କରିପାରିଲେ ନାହିଁ । ତାଙ୍କ ଚିନ୍ତା, କଥା ଓ କର୍ମ ଫରକ୍ ଫରକ୍ ହୋଇଗଲା । ଯୋଉ ଆଦର୍ଶ ସେ ବଖାଣୁଥିଲେ ସେ ମୁହଁର କଥା ହୋଇ ରହିଲା, କେବଳ ସଭାରେ ବକ୍ତୃତାମାନଙ୍କରେ ପ୍ରକାଶ ପାଇଲା ।

ମନ୍ତ୍ରିମଣ୍ଡଳରେ ଯୋଗ ଦେଲା ପରେ ସେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିଲେ—ରାଜନୀତି ଏକ ବ୍ୟବସାୟ, ସବୁଠାରୁ ଲାଭଜନକ । ରାଜନୀତି ଦେଶ ପାଇଁ, କିନ୍ତୁ ସୁଯୋଗ ଦେଖି ତାକୁ ନିଜ ଆଡ଼କୁ ଆଉଜେଇ ହୁଏ, ବହୁତ ଲାଭ ଉଠାଇ ହୁଏ ।

ବିଦ୍ୟା ମାତ୍ରେ ଭଲ; କିନ୍ତୁ ସବୁ ବିଦ୍ୟା ମଧ୍ୟରେ ଶ୍ରେଷ୍ଠ ବିଦ୍ୟା ଭଲ, ଅବଶ୍ୟ ନେଇ ଆସି ଥୋଇ ଜାଣିଲେ । ରାଜନୀତିରେ ସେଇଟା ସୁବିଧାଜନକ ଭାବେ କରିହୁଏ । ଗୋଳପାଣି ସୃଷ୍ଟି କରି କଙ୍କଡ଼ା ଧରି ତା ଭିତରେ ଲୁଚି ହୁଏ । ଆସନରେ ବସି ଚକ୍‌କଣିଆ କଥା କହିହୁଏ, ବଡ଼ ବଡ଼ ଆଦର୍ଶ ବଖାଣି ହୁଏ ଓ ସେଥିରେ ଲୋକଙ୍କୁ ଭୁଲେଇ ହୁଏ, ନିଜ ଦୋଷକରି ଅନ୍ୟ ମୁଣ୍ଡରେ ଅଠା ବୋଳି ହୁଏ । ନାନା ଉପାୟରେ ପଇସା ନ କଲେ ମନ୍ତ୍ରୀମଣ୍ଡଳରୁ ଗଲେ ଚଳିବ କେମିତି ?

ଦେଖୁ ଦେଖୁ ଢରସଂସାରର କଇଁଛ ଖୋଳପା ଭିତରେ ପଶିଗଲେ ସେ; କୌଣସି ସମାଲୋଚନା ତାଙ୍କୁ କାଟିଲା ନାହିଁ । ଖରା, ବର୍ଷା, ଶୀତ—ଦେଶର ଯେ କୌଣସି ପାଣିପାଗରେ ସେ ଅଚଳ ରହିଲେ । ବେଳେ ବେଳେ ସେ ମୁହଁ କାଢ଼ୁଥିଲେ । ଲୋକେ ପ୍ରଚ୍ଛନ୍ନ ଇଙ୍ଗିତ କରି କହୁଥିଲେ—

ନ ଦେଖିଲା ଲୋକେ ଦେଖ
କଇଁଅ କାଢ଼ିଛି ବେକ ।

Digitized by srujanika@gmail.com

ବର୍ଷକୁ ଗୋଟିଏ ଲେଖାଏ କୂଅ; କୂଅଁ ଶବ୍ଦଟିଏ ଶୁଣାଯିବା ମାତ୍ରେ ଚନ୍ଦା ପଡ଼େ; ପେଟ୍ରୋଲ ଟାଙ୍କି ବା ସିନେମା ହାଉସଟିଏ ଖୋଲଯାଏ, ନଇଲେ ଛଦ୍ମ ନାମରେ ଘରଟିଏ ତୋଳ ଭଡ଼ା ଲଗାଇ ଦିଅନ୍ତି, ପୁଅଙ୍କ ନାଆଁରେ କୋଉ କମ୍ପାନୀରେ ଅଂଶ କିଣନ୍ତି ।

ସନ୍ତାନ ସଂଖ୍ୟା ସୀମିତ ରଖିବା ଚିନ୍ତା କରିବାଙ୍କ ମନକୁ ଆସୁ ନ ଥାଏ—କେତେବେଳେ ବୃକ୍ଷକୁ ଫଳ କି ହୁଏ ଭାରି ?

ଆସନ୍ତି କେତେ ଠିକାଦାର, ପଟ୍ଟାଦାର । ଖାଲି ସମ୍ମାନ ଜଣାଇବାକୁ; ମନ୍ତ୍ରୀ ମୁହଁ କଡ଼ା ରଖିଥାନ୍ତି । କିନ୍ତୁ ଏଇଟା ବିବେକର ଜଳନ୍ତା ନିଆଁ ନୁହେଁ, ଶିଆଳ ପାଟିର ନିଆଁ । ମୁହେଁ ମୁହେଁ ଭାରି ଟାଣ ଟାଣ କଥା ଶୁଣାଇଲା ପରେ ଜଣାଯାଏ । ଭିତରଟା କାଲୁଆ । ବିଦାୟ ପୂର୍ବରୁ କଣ ଖାମଟିଏ ଗୁଞ୍ଜିଗଲା ପରେ ଯାନ୍ତି—ଗୋବର୍ଦ୍ଧନ ଦେଖି ନ ଦେଖିଲା ପରି ହୋଇ ରହନ୍ତି ।

ହତ୍ୟା ଯେତେ ଗୋପନୀୟ ହେଲେ ବି ଲୁଚି ରହିପାରେ ନାହିଁ । ସେହିପରି ପ୍ରେମ, ଅର୍ଥ କାରବାର । ସୁନାମ ଅପେକ୍ଷା ଦୁର୍ନାମ ଆହୁରି ଶୀଘ୍ର ବ୍ୟାପେ, ବ୍ୟାପୁଥାଏ । ଯେଉଁମାନେ ଲାଞ୍ଚ ଦେଇ ସମାନ ଅପରାଧ ଅର୍ଜିଥାନ୍ତି, ସେହିମାନେ ବେଶୀ ବଦ୍‌ନାମ ପ୍ରଚାର କରନ୍ତି ।

ରାଜାଜମିଦାରମୁଖ୍ୟ ସ୍ୱତନ୍ତ୍ର ଦଳ ସହିତ ହାତ ମିଳାଇ ନ ଥିଲେ ଗୋବର୍ଦ୍ଧନ ଏଥର ମନ୍ତ୍ରୀମଣ୍ଡଳରୁ ବାଦ୍ ପଡ଼ିଥାନ୍ତେ । ସେ ବିଚାରିଲେ—ରାଜନୀତିରେ ଶତ୍ରୁମିତ୍ର କଣ ? ଆଜିର ଘୋର ଶତ୍ରୁ କାଲିର ପରମ ବନ୍ଧୁ । ଗଡ଼ଜାତ ପ୍ରଜା ଆନ୍ଦୋଳନରେ ନେତୃତ୍ୱ ନେଇଥିଲି । ସେ ଭାବରେ ରଜା ମୋର ଶତ୍ରୁପକ୍ଷ ଥିଲେ, ସେ ଶତ୍ରୁତା ଭୁଲିଯାଇ ଆଜି ସାଙ୍ଗସରିଶା ହୋଇ ବସିବାକୁ ସ୍ନେହାଦରରେ ନିମନ୍ତ୍ରଣ କରୁଛନ୍ତି । ଯାଚିଲା ମାଲ ଛାଡ଼ିବାର ନୁହେଁ । ସ୍ୱତନ୍ତ୍ର ଦଳକୁ ଚଢ଼ିଲା ପରେ ରଜାଗନ୍ଧ ଛାଡ଼ି ଯାଇଛି । ରାଜାମାନେ ଏବେ ଲୋକପ୍ରତିନିଧି, ଯେମିତି ଆମେ ।

Digitized by srujanika@gmail.com

ଧନ ଆଉ କ୍ଷମତାରେ ବାଇ ହୋଇ ବହୁ ସ୍ୱାଧୀନତାସଂଗ୍ରାମୀ ଦେଶସ୍ୱାର୍ଥ ଅପେକ୍ଷା ଆତ୍ମସ୍ୱାର୍ଥକୁ ବଡ଼ କରି ଦେଖୁଥିଲେ, ସେମାନଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟି ଯାଉଥିଲା । ଜଣେ ମନ୍ତ୍ରୀ ହେବା ଲାଗି ଶିକ୍ଷାଗତ ଯୋଗ୍ୟତାକୁ ବଡ଼ କରି ଦେଖାଯାଉ ନ ଥିଲା । ଜେଲ୍ ଯିବାଟା ଥିଲା ବଡ଼ ଯୋଗ୍ୟତା । ଫଳରେ ସ୍ୱଳ୍ପଶିକ୍ଷିତ ଲୋକ ମନ୍ତ୍ରୀଭାବେ ଆସି ଗାଦିରେ ବସୁଥିଲେ । ଫାଇଲ ଭିତରେ ପଶିବାର ଶକ୍ତି ତାଙ୍କର ନ ଥିଲା । କିରାଣୀ, ଅଣ୍ଡରସେକ୍ରେଟାରୀ, ଡେପୁଟି ସେକ୍ରେଟାରୀ, ସେକ୍ରେଟାରୀ ଯୋଉ ନୋଟ୍ ଦେଉଥିଲେ, ତାକୁ ମନ୍ତ୍ରୀ ବୁଝିପାରୁ ଥିଲେ କି ନାହିଁ ସେ ଜାଣନ୍ତୁ—ଲେଖିଦେଉଥିଲେ ମୁଁ ସମ୍ମତ ବା ଅସମ୍ମତ । ଯଦ୍ୱାରା ଫଳରେ ମନ୍ତ୍ରୀ ଶାସନର ପ୍ରକୃତ ଉପକାର ଲୋକେ ପାଉ ନ ଥିଲେ । ଅମଲାତାନ୍ତ୍ରିକ ଶାସନର ମନ୍ଦ ଫଳ ହିଁ ଲୋକଙ୍କୁ ଭୋଗ କରିବାକୁ ହେଉଥିଲା ।

ଦୁର୍ନୀତି, ପ୍ରିୟାପ୍ରୀତିତୋଷଣ ତାଙ୍କର ନୈତିକ ଅଧୋଗତି ଘଟାଇଥିଲା । ଅନୁନ୍ନତ ଗଡ଼ଜାତ ଅଞ୍ଚଳରେ ବିଶେଷ ଉନ୍ନତି ହୋଇପାରି ନ ଥିଲା, କେତେକ ରାଜା ଅଦ୍ୟାପି ସ୍ୱରାଜ୍ୟରେ ଲୋକପ୍ରିୟ ଥିଲେ, ଯେଉଁସବୁ ଅଞ୍ଚଳରୁ ନିର୍ବାଚିତ ହୋଇ ଆସି ଓଡ଼ିଶାର ରାଜନୀତିକୁ ଅକ୍ତିୟାରରେ ରଖିବାକୁ ସମର୍ଥ ହେଲେ । ରାଜାମାନଙ୍କ ମଧ୍ୟରୁ କେତେକ ସୁଦକ୍ଷ ଶାସକ ଓ କୂଟନୀତି ଦିଗରେ ପ୍ରବୀଣ ଥିଲେ । ଅନ୍ତରରେ ଦୃଢ଼ ସଂକଳ୍ପ ନେଇ ସେମାନେ ରାଜନୀତିକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ—'ଯୋଉମାନେ ଆମ ହାତରୁ ରାଜ୍ୟ ଛଡ଼ାଇ ନେଇଛନ୍ତି, ସେମାନଙ୍କ ହାତରୁ ଆମେ ଓଡ଼ିଶା ଛଡ଼ାଇନେବୁ ।'

ସେମାନଙ୍କ ହାତରେ ଯଥେଷ୍ଟ ଗଚ୍ଛିତ ଧନ ଥିଲା । ନିର୍ବାଚନରେ ସଂଖ୍ୟାଧିକ୍ୟ ହାସଲ କରି ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ସେମାନେ ସମର୍ଥ ହେଲେ । ଉତ୍କଳବିଜେତାଭାବେ ଗର୍ବିତ ଗୋବର୍ଦ୍ଧନ ସମସ୍ତ ନୀତିକୁ ବଳି ଦେଇ ନତମସ୍ତକରେ ଜଣେ ମନ୍ତ୍ରୀଭାବେ ଏଥିରେ ଯୋଗ ଦେଲେ । ଜଣେ ମହାରାଜା ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ।

Digitized by srujanika@gmail.com

କେତେବର୍ଷ ମଧ୍ୟରେ ମାନ୍ତଗତ ବଭେଦ ଘଟିଲା । ବ୍ୟବସ୍ଥା-ସଭାରେ ସଂଖ୍ୟାଗରଷ୍ଠତା ଲାଗି ସଭ୍ୟ କଣାବକା ଚାଲଲ । ଲକ୍ଷ ଲକ୍ଷ ଟଙ୍କା ଦଆନଆ ହେବାଫଳରେ କେତେଜଣଙ୍କର ଆଜନ୍ମ ଦାରଦ୍ର୍ୟ ଘୁଞ୍ଚଗଲା । ବୁଦ୍ଧି କଷାକଷି, ଟଙ୍କା ଫୋପଡ଼ାଫୋପଡ଼ି ଆଉ ଟଣାଓଟରା ମଧ୍ୟରେ ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା ।

ଛ'ମାସର ରାଷ୍ଟ୍ରପତି ଶାସନ ପରେ ପୁଣି ନର୍ବାଚନ । କଂଗ୍ରେସ ପକ୍ଷରୁ ଗୋବର୍ଦ୍ଧନ, ସ୍ୱତନ୍ତ୍ର ପକ୍ଷରୁ ରାଣୀ ସୁରତରଙ୍ଗିଣୀ ତାଳମୂଳରେ ଓଡ଼ିଶା ବ୍ୟବସ୍ଥାସଭାର ସଭ୍ୟପଦ ଲାଗି ଛିଡ଼ାହେଲେ ।

ଗୋବର୍ଦ୍ଧନ ନର୍ବାଚନଭାଷଣରେ କହିଲେ—ହୀରାକୁଦ ବନ୍ଧ ଗଢ଼ିଚୁ, ପାରାଦୀପ ବନ୍ଦର କରିଚୁ । ରାଉର୍‌କେଲା ଲୁହାକାରଖାନା ବସାଇଛୁ । ଶିକ୍ଷାବସ୍ତାର ଲାଗି ବହୁତ ସ୍କୁଲ୍, କଲେଜ ଗଢ଼ିଚୁ, ଡାକ୍ତରଖାନା ବସାଇଛୁ । ଆମେ ଦରଦାମ୍ କମାଇବୁ, ଚୋରାବଜାରୀ, ଅପମିଶ୍ରଣକାରୀଙ୍କୁ ଧରି ସର୍ବସମକ୍ଷରେ ବଡ଼୍‌ବଜାରରେ ନକଟତମ ଆଲୁଅଖୁଣ୍ଟରେ ଫାଶି ଦବୁ । ବଶ୍ୱାସରେ ଏ ଜାତିକୁ ଯୋଉମାନେ ବଷ ଖୋଉଛନ୍ତି, ସେମାନଙ୍କ ନାକରେ ଦୌଡ଼ି ବାନ୍ଧ ଘୋଷାରିବୁ ।

ରଜା ଗଡ଼ଜାତଗାତରୁ ବାହାରି ଏବେ ମୋଗଲବନ୍ଧରେ ଫଣା ଟେକୁଛନ୍ତି, ବଷଦାନ୍ତ ଦେଖାଉଛନ୍ତି । ସେ ଦାନ୍ତ ଆମେ ଭାଙ୍ଗିବୁ; ସାପ ଯୋଉଠି ଥିଲେ ବି ତାକୁ ବଶ୍ୱାସ ନାହିଁ । 'ସସର୍ପେ ଚ ଗୃହେ ବାସଃ ମୃତ୍ୟୁରେବ ନ ସଂଶୟଃ ।'

ରଜାମାନେ ଏକାଠି ହୋଇଛନ୍ତି; ନଜ ନଜ ରାଜ୍ୟ ପୁଣି ଫେରପାଇବା ମତଲବ୍ ରଖିଛନ୍ତି । ସେ କଥା ଆମେ କରାଇଦେବୁ ନାହିଁ । ଯେ ରଜା ହୋଇ କଛି କଲା ନାହିଁ, ସେ ମନ୍ତ୍ରୀ ହୋଇ କ'ଣ କରିବ ? ପ୍ରଶ୍ନ ହେଲା—ରଜା ଯଦି ଖରାପ, ତାଙ୍କ ସହତ ମିଳିତ ମନ୍ତ୍ରିମଣ୍ଡଳ ଆପଣ ଗଢ଼ିଥିଲେ କପରି ? ଜେଲ୍ କାନ୍ଥ ତିନିଫୁଟ ବଢ଼ାଇଦେବା ଛଡ଼ା ଆପଣ ତାଳମୂଳର କି ଉପକାର କରିଛନ୍ତି ? ଜଙ୍ଗଲ ନର୍ମୂଳ; ଆମେ ଜାଳିବାକୁ ଖଣ୍ଡେ କାଠ ପାଉନାହୁଁ । ଗୋବର୍ଦ୍ଧନ

Digitized by srujanika@gmail.com

ଯ୍ୟାର ଉତ୍ତର ଦେବାକୁ ଅଣ୍ଟା ଭିଡ଼ିଥିଲାବେଳେ ଶୁଣାଗଲା—ରାଣୀ ସୁରତରଙ୍ଗିଣୀ ଜିନ୍ଦାବାଦ, ଗୋବର୍ଦ୍ଧନ ମୁର୍ଦ୍ଦାବାଦ। କୁଆଡ଼ୁ ଦି ଗୁରଣ୍ଡା ଟେକା ପଡ଼ିଲା, ଆଳୁଅ ଲିଭିଗଲା, ମୁହଁପାଖରୁ ମାଇକ୍‌ଟା କିଏ ଭିଡ଼ି ନେଇଗଲା ?

ଗୋବର୍ଦ୍ଧନ ତଥାପି ଗର୍ଜନ କରୁଥିଲେ—ଟେକା ପକାଇ ମତେ କେହି ଦବାଇପାରିବେ ନାହିଁ, ମୁଁ ଗୁଳିଗୋଳାକୁ ଗୁଣ୍ଡି ପଚାଇଛି, ବୋମା ମାଡ଼କୁ ଡରିନାହିଁ । କଂସାରିଘର ପାରି ମୁଁ, ଏ କୁଳି ଟାଉଁଟାଉଁକୁ ଡରିବି ?

ବକ୍ତୃତା କଳାଠିକ ଗୋବର୍ଦ୍ଧନ ଆୟତ୍ତ କରିଥିଲେ । ରାଣୀ ସୁରତରଙ୍ଗିଣୀ ଏଇ ବାହାରକୁ ବାହାରିଲେ; ସଭାମଞ୍ଚରେ ସେ କେବେ ଠିଆହୋଇ ନ ଥିଲେ । ସ୍ୱାମୀ ରାଜା କାର୍ତ୍ତିଚନ୍ଦ୍ରଙ୍କ ପରାଜୟଗ୍ଲାନି ତାଙ୍କ ମର୍ମଭେଦ କରିଥିଲା । ତାର ମୁକାବିଲା କରିବା ପାଇଁ ସେ ପଦାକୁ ବାହାରିଥିଲେ ।

ମଫସଲ ଗାଁ ମୁଣ୍ଡରେ ଜିପ୍‌ଟି ରଖିଦେଇ ସେ ଘରକୁ ଘର ବୁଲୁଥିଲେ, କାହାକୁ ମାଆ, କାହାକୁ ମାଉସୀ, କାହାକୁ ଝିଅ କରି । ପୁରୁଷସମାଜକୁ କିଛି କହିବାକୁ ତାଙ୍କୁ ଭାଷା ପଇଠୁ ନ ଥିଲା, ଲଜ୍ଜ ବି ମାଡ଼ୁଥିଲା । ଗୋବର୍ଦ୍ଧନଙ୍କ ବିରୁଦ୍ଧରେ ସେ ପଦଟିଏ କହୁ ନ ଥିଲେ, ତୁଣ୍ଡ ଗନ୍ଧେଇବ ବୋଲି ।

ସ୍ୱୟଂ ରାଣୀ, ଯାହାଙ୍କୁ ଚନ୍ଦ୍ରସୂର୍ଯ୍ୟ ଦେଖୁ ନ ଥିଲେ, ସେ ଦୁଆରକୁ ଆସିଲେ, କି ଭାଗ୍ୟ ! ସାକ୍ଷାତ୍ ଲକ୍ଷ୍ମୀପ୍ରତିମା; ପ୍ରଜାମାନେ ଲମ୍ବ ଲମ୍ବ ହୋଇ ପାଦତଳେ ପଡ଼ିଲେ ।

ରାଣୀ ସୁରତରଙ୍ଗିଣୀ ବିଜୟିନୀ ହେଲେ । ଗୋବର୍ଦ୍ଧନଙ୍କ ଅମାନତ ଉଡ଼ିଗଲା । ରାଜଅତ୍ୟାଚାରର ଭିତ୍ତିରେ ଦିନେ ଗୋବର୍ଦ୍ଧନ ଏ ରାଜ୍ୟ ଛାଡ଼ି ପଳାଇଯାଇଥିଲେ । ଆଜି ରାଜଉପଦ୍ରବ ନାହିଁ । ପ୍ରଜାମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଲେ ।

ଘୋର ପରାଜୟଗ୍ଲାନି ମଧ୍ୟରେ ଗୋବର୍ଦ୍ଧନ ଭାବୁଥିଲେ—

Digitized by srujanika@gmail.com

ଆରେ କଣ୍ଟୁରିଆ
ଆପଣା ହସ୍ତେ ହରାଇଲୁ ନଜର ଟାଙ୍ଗିଆ ?

କି ଅଭାଗ୍ୟ ! ରଜାଙ୍କୁ ଆମେ ତଡ଼ିଥିଲୁ, ଏବେ ପ୍ରଜାମାନେ ଆମକୁ ତଡ଼ିପାରଲେ, ରଜଅଙ୍ଗାରୁରରୁ ଆମ ଉପଦ୍ରବ ବଳିଯିବାରୁ ! ଲାଞ୍ଚ, ପ୍ରିୟାପ୍ରୀତିତୋଷଣ, ଶାଠ୍ୟ, ଜୁଆରେଷ୍ଟୁ ! କି ଅଧଃପତନ ! ବେଠି, ଭେଟି, ମାଗଣ, ରସଦ କୋଉଟିକି ଆମେ ଛାଡ଼ିଲୁ ?

ଜାଣିଥିଲୁ ସମ୍ପତ୍ତି ଯେ, ଠାକୁରଙ୍କ ଅମୁଣିଆଁ ଭୋଗ ସେ । ତାକୁ ବ୍ୟକ୍ତିଗତ ସମ୍ପତ୍ତିପରି ଖର୍ଚ୍ଚ କଲୁ । କେମିତି ନିର୍ବାଚନରେ ଜୟଯୁକ୍ତ ହେବୁ, ଏଥିଲାଗି ଅକାତରେ ପଇସା ଫିଙ୍ଗିଲୁ, ଦେଶର ସ୍ୱାର୍ଥକୁ ବନ୍ଧାପକାଇ ପଇସା ଗଦେଇଲୁ ; ବ୍ୟବସାୟୀଙ୍କଠାରୁ ମୋଟା ଚାନ୍ଦା ସଂଗ୍ରହ କରିବାରୁ ସେମାନେ ଆଖି ବୁଜି ଦର ବଢ଼ାଇଲେ; ଆମେ ପାଟି ଫିଟାଇଲୁ ନାହିଁ । ମିଛ ଧମକଗୁଡ଼ାଏ ଦେଲୁ । ଭବିଷ୍ୟତ ପାଇଁ ବିଦେଶୀ ବ୍ୟାଙ୍କ୍‌ରେ କେତେ ଯେ ଟଙ୍କା ଯାଇଥିଲୁ, ତାର ଠିକ୍‌ଠିକଣା ନାହିଁ । ଖାଇଁ ଥାଉଁ ଥାଉଁ ଏବେ ମଲୁ । ଲୋକେ ଆମକୁ ସମାଧି ଦେଇଦେଲେ ।

ଯୁବତୀ ଝିଅଙ୍କୁ ରଜା ଅଧରାତିରେ ଉଆସକୁ ଟେକିନେଉଥିଲେ କହି ଆମେ ଲୋକଙ୍କୁ ଉତ୍ତେଜିତ କରିଥିଲୁ । ଏବେ ଆମେ କ'ଣ କଲୁ ?

ସର୍ବଭାରତୀୟ ରାଜନୈତିକ ସମ୍ମିଳନୀ । ସେବାଭାବରେ ଉଦ୍‌ବୁଦ୍ଧ ହୋଇ କୁମାରୀ ନନ୍ଦିତା ଆସିଥିଲା—ହାତରେ ଦି ଦି ପଟ ପାଣିକାଚ, ଦେହରେ ମୋଟା ଖଦଡ଼ ଶାଢ଼ୀ, ବ୍ଲାଉସ୍; ହାତରେ ବ୍ୟାଗ୍‌ଟିଏ । କଥା କହୁଁ କହୁଁ ତାକୁଡ଼ିରେ ସୂତା କାଟେ । ତାକୁଡ଼ିହିଁ ତାର ଏକମାତ୍ର ଆୟୁଧ । ପରନ୍ତୁ ଯୌବନ ଚମତ୍କାର ବସ୍ତ୍ର ଆଉ ଅଳଙ୍କାରର ଅଭାବ ପୂର୍ଣ୍ଣ କରିଛି । ନନ୍ଦିତା ଯେତେ ସେବାକଲା, ତା ଅପେକ୍ଷା ବେଶୀ ସେବିତ ହେଲା । ତାର ସେବା କରିବାପାଇଁ ବହୁତ ପ୍ରୌଢ଼ ଆଉ ଯୁବକ ବାହାରିପଡ଼ିଲେ ।

Digitized by srujanika@gmail.com

ଦିନେ ଉଦୟଗିରି ପାହାଡ଼ର ନିର୍ଜନତା ସୁଯୋଗରେ ତା ଉପରେ ପାଶବିକ ଅତ୍ୟାଚାର-ଗଣଧର୍ଷଣ । ଆଖିରେ ଅନ୍ଧପୁଟୁଳି, ମୁହଁରେ ମେଞ୍ଚାଏ ଲୁଗା ମଡ଼ାହୋଇଛି । ଚିତ୍କାରଟିଏ କରି ନିଜର ପ୍ରତିବାଦ ଆଉ ବିକଳ କାରୁଣ୍ୟ ପୃଥିବୀକୁ ଜଣାଇବା ପାଇଁ ନିନ୍ଦିତା ସୁଯୋଗ ପାଇଲା ନାହିଁ । ତା ପ୍ରାଣ ଗୁଡ଼ିଗଲା ।

ଆକ୍ସିଡେଣ୍ଟ ! ଆକ୍ସିଡେଣ୍ଟରେ ମୃତା ସେବାପରାୟଣା ନିନ୍ଦିତା ! ଖବର ପୁଣି ଆକ୍ସିଡେଣ୍ଟ କ'ଣ ?

ପ୍ରକୃତ ଆକ୍ସିଡେଣ୍ଟରେ ମଲେ, ଅବଶ୍ୟ ଆସ୍ତେ ଆସ୍ତେ, ନଗରୀର ଧର୍ଷଣକାରୀ ପାଷଣ୍ଡମାନେ, କ୍ଷମତା ଆଉ ମଦ୍ୟ ଯାହାଙ୍କୁ ପଥଚ୍ୟୁତ କରିଥିଲା; ପଦଚ୍ୟୁତି ସେଇ ଶାସ୍ତିର ରୂପାନ୍ତର ମାତ୍ର ।

॥ ପନ୍ଦର ॥

ରଜା ଆଉ ରାଜବାଟିର ହାଲ୍‌ଚାଲ୍ ଦେଖି ରତନାର ମନ ବିକ୍ଷେଇ ଯାଇଥିଲା । ଅଳସୁଆ—ପଟା ଅଳସୁଆଦଳ । ଅଯୂଷରେ ଗଡ଼ଗଡ଼ଉଥାନ୍ତି । ଛତଳେ ହେଲେ ଚିନ୍ତାଦିକ ନାହିଁ । ଦିହ ଟିକିଏ ହେଲେ ଦୋହଲେ ନାହିଁ । ହାଡଭଙ୍ଗା କାମ କରି ଝାଳ ବୋହିବା କଥା ଶୁଣିନାହାଁନ୍ତି । ତୋଟିଯାଏ ଗିଳି ଗଡ଼ ଗଡ଼ ଶେଷରେ ଗାତକୁ ଯାନ୍ତି ।

କଥା ଅଛି—'ଆପଣା ଦୋଷେ ପ୍ରାଣୀ ମରେ'; ମଣିଷ ଏ ସଂସାରରେ ଯେତେ ଦୁଃଖକଷ୍ଟ ପାଏ, ସେଥିପାଇଁ ସେ ଅଧିକ ଦାୟୀ ନିଜେ । ରଜାଙ୍କ ପକ୍ଷେ ବି ଏ କଥା ସତ । ରାଜ୍ୟନୀତି ପଛକେ ନାଇଁ, ରଜା ବୋଲି କେଡ଼େ ଗର୍ବ ! ଦିନକୁ ଦିନ ତଳକୁ ତଳକୁ ଯାଇ ତଳତଳାନ୍ତ ହେଲେ ପଛେ ଗର୍ବ ଗୁଡ଼ିଲେ ନାହିଁ । ରୀତି ବଦଳିଲା ନାଇଁ । ଦେହ ହଲିଲା ନାଇଁ, ମୁଣ୍ଡରେ ବୁଦ୍ଧି ପଶିଲା ନାଇଁ ।

Digitized by srujanika@gmail.com

ଝଳ କଥାରେ ଗୃଲଲେ, ମନ୍ଦ ମେଳରେ ବସିଲେ । ଠିକଏ ହେଲେ ତାକତର୍କ ନାହିଁ, କଏ କଣ କହୁଛି, କାହିଁକି କହୁଚ, ତା କଥାରେ ଗୃଲଲେ ଖାଲରେ ପଡ଼ିବେ କି ଢିପରେ ପଡ଼ିବେ, ଭାବିଲେ ନାହିଁ । କେତେ କେତେ ସମ୍ପତ୍ତି ନାମମାତ୍ର ଦାମ୍‌ରେ ହାତଛଡ଼ା ହେଇଗଲା । ଭଲ କଥା କହିଲେ ବିଷ । କାହିଁକି ଏ ବୃଥା ଖିଆଲ୍, ଧମାକ୍, ବଡ଼େଇ ?

ରଜାଙ୍କୁ ଦେଖିବା ଲାଗି ମନରେ କେତେ କୌତୂହଳ ଘେନି ସେ ଆସିଥିଲା । ଫେରିଲାବେଳକୁ ସବୁ ସରାଗ ମରିଯାଇଥିଲା । ସେ ଯାହା ବୁଝିଥିଲା, ହାଡ଼େ ହାଡ଼େ ସେଇଆ ଅନୁଭବ କଲା—

ଏ ନୁହନ୍ତି ରଜା
ଖଣ୍ଡି ଖଜା !

ରାଜବାଟିରେ ରହି ସାଆନ୍ତମାନଙ୍କ ଇତିହାସ ବୁଝିପାରିଥିଲା । ଘୃଣାରେ ସେ ବୁରୁଢ ସାଆନ୍ତଙ୍କ ଦୁଆର ଆଉ ମାଡ଼ିଲା ନାହିଁ, ଯଦି ବା ସାଆନ୍ତେ ବଂଶର କୌଣସି ପାପ ଲାଗି ଦାୟୀ ନ ଥିଲେ, ମଣିଷ ହିସାବରେ ଭଲ ଥିଲେ—ଦୁଃଖୀର ଦୁଃଖ ବୁଝି ତାହା ଦୂର କରିବା ଲାଗି ସାଧ୍ୟମତେ ଚେଷ୍ଟା କରୁଥିଲେ ।

ଏ ଭିତରେ କୁଟୁମ୍ବର ପେଟ ବହୁତ ବଢିଥିଲା । ଗଉଣିକ ଧାନ ମୂଲରେ ଆଉ ଚଳୁ ନ ଥିଲା, ଯଦି ବା ରତନୀ ମାଇପୀ ମଜୁରି ଧାନ ଦି ପା ଆଣି ତା ସାଙ୍ଗେ ମିଶାଉ ଥିଲା, ପୁଅ ଭୁତିଆ ଗାଁଗୋଠିଆ ଗାଣ୍ଡି ଜଗୁଥିଲା ।

ରତନା ଭଣଜା ସପନାକୁ ଘେନି କୋଇଲାଖଣିରେ ପଶିଲା । ଧନକୁ ମଜୁରି ଗୃରିଟଙ୍କା । ପେଟ ବିକଳରେ ମୂଲିଆ ମଜୁରିଆ ହେବାର କରୁଣ ଇତିହାସ ଏ ।

କାପ୍‌ଟରେ ବହୁତ ତଳକୁ ଓହ୍ଲାଇବାକୁ ହୁଏ—ପାତାଳପୁର କଟରେ ' ନାଗ ମୂଲକ ' ବାସୁକୀ ଆଉ କେତେ ଦୂରେ ?

Digitized by srujanika@gmail.com

ମୁହଁକୁ ମୁହଁ ଦିଶୁନାହିଁ । ଗୁଣ୍ଡ ବାଉ ବୃଷ୍ଟି ହୁଏ—ଏ କଏ, ନସ କଏ । କ ଗରମ ' ହାଡ଼ ତରଳଗଲା ପରି ଲାଗେ । ଦେହସାରା ଫୋଟକା ଉଠିଯାଏ; ପରସ୍ତେ ଚମଡ଼ା ଉତ୍ତୁରିଯାଏ । ତା ପରେ ସବୁ ଆରେଇଯାଏ ।

ଝୁଣ୍ଟିବା ଭୟରେ ଗୋଡ଼ ଚେକ ଚେକ ପକାଇବାକୁ ହୁଏ । କେତେ ବାଟ ଗଲାପରେ ଆଲୁଅ ପଡ଼େ । ଲିଫ୍ଟ ପାଖ ସ୍ତାରେ ପବନ ଖେଳେ ।

ଗଇଁଡ଼ରେ କୋଇଲା ଖୋଳ ଟ୍ରଲିରେ ନଦ ଲ୍ୟାଇନ୍‌ରେ ଠେଲି ଠେଲି ନେବାକୁ ହୁଏ । ସେ ଟ୍ରଲିକୁ ଶୂନ୍ୟେ ଶୂନ୍ୟେ ଲିଫ୍ଟ ଉପରକୁ ଉଠାଇନଏ ।

ଖଣିରେ ପଶିଲା ଦିନରୁ ରତନାର ପ୍ରାଣ ଶୁଖିଗଲା, ତାର ରସ-ପ୍ରାଣର ମୃତ୍ୟୁ ଘଟିଲା କହିଲେ ଚଳେ । ରସିକର ପ୍ରାଣରସ ଶୁଖିଗଲେ ଗାଆଁର କ କ୍ଷତି ଘଟେ, ତା ବୁଝେ କଏ ? ଏହିପରି ଗୋଟିଏ ଗୋଟିଏ ଲୋକର ଅଭାବରୁ ଲୋକେ କଳ ପରି ହିଁ ଚଳବଚଳ ହୁଅନ୍ତି, ଗ୍ରାଇ ପରି ନିର୍ଜୀବ । ଧୋଇମରୁଡ଼ି, ଦୁଃଖଦାରିଦ୍ର୍ୟ ଲୋକଙ୍କୁ ଯେତେ ଅସହ୍ୟ ନୁହେ, ପ୍ରାଣର ଦାରିଦ୍ର୍ୟ ତାଠାରୁ ବଳି ଅସହ୍ୟ । ରତନା ବିନା ଗାଁ ମରୁଭୂମି ପରି ନୀରସ ହୋଇଗଲା, ଅଥଚ ଖଣି ଅଞ୍ଚଳର କିଛି ଲାଭ ହେଲା ନାହିଁ । ଖଣିରେ ଗୀତ ବୋଲୁଚି କଏ, ଶୁଣୁଚି ବା କଏ ? କଳା ଭୁଇଁ, ଅନ୍ଧାର ଆଉ କଳା କଳା ମଣିଷଙ୍କୁ ଦେଖିଲେ ମନ ମରିଯାଏ ।

କୋଇଲା ଭାଙ୍ଗିବାର କର୍କଶ ଶବ୍ଦ, ଲିଫ୍ଟ ଆଉ ପମ୍ପ୍‌ମାନଙ୍କର ଗର୍ଜନ । ଫେରିଲା ବେଳକୁ ଦେହ ଦଉପୋଡ଼ା କାଠ ପରି ଦିଶେ, ଜୀବ ଗୁଡ଼ିଗଲା ପରି ଲାଗେ ।

ଖଣିରେ କେତେ ବର୍ଷ କାମ କଲାପରେ ଦିନେ ସପନା କହିଲା— ତୁମମାନେ ଜାଳିବାକୁ ଆମକୁ ଟେର୍ କୋଇଲା ଦେଉଚ; ମଜୁରି ବି

Digitized by srujanika@gmail.com

ବଢ଼ାଉଛ । ହେଲେ ଏଠି ଆଉ କିଛି ଦିନ ରହିଲେ ମରିଯିବା, ନୋ ମାମୁଁ ।

କାହିଁ ଆଉ ସେ ସୁଖର ଦିନ ? ଧାନ କଟାକଟିବେଳେ ତୁ କେତେ ମଜା କଥାସବୁ କହୁଥିଲୁ—କାଟଖୁମ୍ବ କଥା, ସାହାଡ଼ା ସୁନ୍ଦରୀ କଥା···।

ବିଲରେ କି ମିଠାଳିଆ ଖରା, କି ଦିହଉଲୁସା ସୁଲୁସୁଲିଆ ପବନ, ଝିରିଝିରିଆ ବରଷା । ବେଙ୍ଗବେଙ୍ଗୁଲିଙ୍କ ଶଙ୍ଖମହୁରୀ, କୋଇଲି କୁମ୍ଭାଟୁଆଙ୍କ ଗେହ୍ଲାଳିଆ ଗୀତ ଆଉ ଗଛବୃଛଙ୍କ ସରସର ସ୍ୱରରେ ଆଖିରେ ଲୁହନିଦ ଢୋଟିଆସେ । ଯେତେ ଭାରି କାମ ପଡ଼ିଲେ ବି ସେତେବେଳେ ମୋଟେ ବାଧୁ ନ ଥିଲା । ତୋ ମନଭୁଲାଣିଆ ଗପ ଶୁଣିଲେ ଦିହରୁ ମଳରା ଛୁଡ଼ିଯାଉଥିଲା ଲୋ ମାମୁଁ; ଅଳ୍ପ ମଜୁରି ମିଳୁ ପଛକେ ମୂଲିଆ ଜୀବନର ସୁଖ ମଜୁରିଆ ଜୀବନରେ ନାହିଁ ।

ଦିନେ ଘର କାନଅତଡ଼ା ପଡ଼ିଲା; ଭୁଇଁଟା ଦୁଲୁକି ଗଲା, ଆଲୁଅଟା ଲିଭିଗଲା, ପବନ ସୁଅ ବନ୍ଦ ହୋଇଗଲା । ନିଃଶ୍ୱାସଟା ରୁନ୍ଧି ହେଲା ପରି ଲାଗିଲା । ସପନା ହାଉଳି ଖାଇ ଉପରେ ରତନାକୁ କୁଣ୍ଢେଇ ପକାଇଲା, ଚିତ୍କାର କହିଲା—ପୃଥିବୀ କଣ ଓଲଟି ପଡ଼ିଲା ? ଏ କଣ ହେଲା ମାମୁଁ ? ହେ ମା ହେଙ୍ଗୁଳା·

ଘୋର ଅନ୍ଧାର; ପାଟି ଅଠା ଅଠା; ନିଃଶ୍ୱାସ ବନ୍ଦ ହୁଏ ନ ହୁଏ ଅବସ୍ଥା; ଦିନ ଗଲା କି ରାତି ହେଲା, କେତେ ଦିନ, କେତେ ରାତି ବା ଗଲା କିଛି ଜଣା ପଡ଼ିଲା ନାହିଁ । ହେକ୍କା ଉଠିଲା ପରି ହେଉଥିବା ବେଳେ ଆଲୁଅ ସୁଅଟିଏ କୁଆଡ଼ୁ ଲମ୍ବି ଆସିଲା, ଦଲକାଏ ପବନ ବା ଆସି ଧକ୍କା ଦେଲା କୁଆଡ଼ୁ ? ଅଚେତା ଅବସ୍ଥାରେ ରତନା, ସପନାକୁ ଲିଫ୍‌ଟରେ ଉଠାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଗଲା; ଚେତା ହେଲା ପରେ ବି ଦି ଜଣଙ୍କ ଦିହ ଉପରେ ଥରୁଥାଏ । ବହୁ ଆଶ୍ୱାସନା ଓ

Digitized by srujanika@gmail.com

ଟଙ୍କାପଇସା ଦେଇ ଦୁହିଙ୍କୁ ଏକମାସ ଛୁଟିରେ ଘରକୁ ପଠାଇ ଦିଆହେଲା ।

କାହାର ହାତଗୋଡ଼ ଭାଙ୍ଗି ଥିଲା, କାହାର ମୁଣ୍ଡ ଛେଚା ହୋଇ ଯାଇଥିଲା, କାହାର ମେରୁଦଣ୍ଡ ଗୁଣ୍ଡା ହୋଇ ଯାଇଥିଲା । କାହାର ଆଖି ଫୁଟିଥିଲା, ଦାନ୍ତ ଦିଭାଡ଼ ବା ଉଡ଼ିଯାଇଥିଲା । ମଜୁରିଆ ଦେଖିଲେ ଡର ଖଣିରେ ଆଉ ପଶିବେନାହିଁ ! ଖଣିରୁ ଉଠାହୋଇଥିବା ଖଣ୍ଡିଆଖାବରା, ମଲା, ଦରମଲା ଲୋକଙ୍କୁ ଟ୍ରକ୍‌ରେ କୁଆଡ଼େ ହରଣଚାଲ୍ କରି ନିଆଗଲା । ଶୁଣାଶୁଣିରେ ମାମୁଁ ଭଣଜା ଜାଣିଲେ—ନଟିଆଇ, କାଶିଆଇ, ବରଜୁଆଇ ଆଉ ଜୀବନରେ ନାହାନ୍ତି । ଦିନେ ସପନା କହିଲା—ଭବିଲାକ୍ଷଣି ମୋ ଛାତି କଣ ହେଇ ଯାଉଚି ଲୋ ମାମୁଁ, ଆମେ ଆଉ ଖଣିଖାତରେ ପଶିବା ନାହିଁ । କେଉଁ ମୁହୂର୍ତ୍ତରେ ପ୍ରାଣ ଯିବ ।

ଦିନେହିଁ ଖଣିକାମ ଛାଡ଼ି ତାପଜ ବିଦ୍ୟୁତ୍ କାରଖାନାରେ ଯୋଗ ଦେଲେ । କୋଇଲାରୁ ବିଦ୍ୟୁତ୍‌ଶକ୍ତି ବାହାର କରାଯାଉଚି । ସେଥିରେ କେତେ କଳକାରଖାନା ଚାଲିଚି, ଲକ୍ଷ ଲକ୍ଷ ଘରେ ଆଲୁଅ ଜଳୁଚି, ଫ୍ୟାନ୍‌ବୁଲୁଚି । କିନ୍ତୁ ଗୋଟା ତାଳମୂଳ ରାଜ୍ୟରେ ଅଦିନ କୁହୁଡ଼ି ଘୋଟିଚି; ଝରଣାର ପାଣିରେ ପାଉଁଶ, ଫୁଲରେ ପାଉଁଶ, ଗଛପତ୍ରରେ, ନଡ଼ା ଚାଳରେ, ରାସ୍ତାଘାଟରେ, ମୁହଁ ଦିହରେ ସବୁଠି ଧଳା ଧଳା କୋଇଲା ପାଉଁଶ । ସନ୍ତାନମାନଙ୍କୁ ଆଡୁଆଳରେ ରଖିବା ଲାଗି ବନମାତାର ସବୁଜ ପଣତ ଆଉ ନାହିଁ ।

କୁଳି କଲାବେଳେ ପାଟିରୁ, ନାକ ପୋଛିଲାବେଳେ ନାକରୁ କୋଇଲା ଗୁଣ୍ଡ ବାହାରେ, ଆଖିରେ ଗୁଣ୍ଡ ପଡ଼ିବାର ଜ୍ୱାଳା ମାମୁଁ ଭଣଜା ଅନୁଭବ କରନ୍ତି । ହେଲେ ଉପାୟ କଣ ? ମଜୁରିଆକୁ ମନଲାଖି କାମଟାଏ ମିଳିବ କାହୁଁ ? ଜୀବନ ଯେ ବଞ୍ଚେଇବାର ଯେତେକ କଠିଣ ଯୁଦ୍ଧ ତା'ରି ଭାଗ୍ୟରେ ହିଁ ଘଟେ ।

Digitized by srujanika@gmail.com

ଦିନେ କାରଖାନା ଗଲା ବାଟରେ ହଠାତ୍ ମଟର ଗାଡ଼ିଟାଏ ଅଟକିଗଲା । ଦୁହିଙ୍କି ଟେକି ନେଇ ଥୋଇ ଦେ ଦୌଡ଼ି । ଦୁହେଁ ବୋକା ପାଲଟି ଯାଇ ମୂକ ହୋଇ ବସିଥାନ୍ତି, ଏ ପଟେ ପିସ୍ତଲ ଉଞ୍ଚା ହୋଇଥାଏ । ଟିକିଏ ଉଁ କି ଚୁଁ କଲେ ନାଳୁ ଦେଇ ଜଙ୍ଗଲକୁ ଫିଙ୍ଗିଦେବେ ।

ଗାଡ଼ି ବୁଦୁବୁଦିକିଆ ଜଙ୍ଗଲର ଚଲା ବାଟରେ ଯାଇ ପାଲହଡ଼ାର ମାଲ୍ୟଗିରି ମୂଳରେ ପହଞ୍ଚିଲା । ଦୁହିଙ୍କୁ ଗାଡ଼ିରୁ ଚଲାଇନେଇ ଗୁମ୍ଫା ଭିତରେ ରଖିଦିଆଗଲା । ଏ ଗୁମ୍ଫା ପାହାଡ଼ ତଳେ ତଳେ କୁଆଡ଼େ ବୋଲି କୁଆଡ଼େ ଲମ୍ବିଛି । ସହସ୍ରାଧିକ ଲୋକ ଏଥି ଭିତରେ ସହଜରେ ଚଳାଚଳ ହୋଇପାରିବେ । ଉପରେ କୋଉଠି ଜଳା ଅଛି, ଚନ୍ଦ୍ର କିରଣ ଆଉ ଖରା ପଡ଼େ, ଖିଲିଖିଲି ପବନ ବହେ ।

କେତେ କାଳ ବସିଲା ପରେ ଜଣେ ଦାଢ଼ିଆ ପଣ୍ଡିତ ଆସି ଆଶ୍ୱାସନା ଦେଲେ—ଆମେ ଚୋର କି ଡକାଇତ ନୋହୁଁ । ଦେଶର ଭଲମଙ୍ଗଳ ଲାଗି କାମ କରୁ । ତୁମ ପିଲାକୁ ଟିମ୍ବିଙ୍କୁ ଉପାସଭୋକରେ ଛଟପଟ କରି ମାରିବୁ ନାହିଁ; ପୋଷଣ ଭାର ଆମର । କିଛି ଭାବନା କର ନାହିଁ । ଘରେ ତୁମ ଶୁଭ ସମ୍ବାଦ ଦିଆଯିବ; କୋଉ ସୂତ୍ରରେ ଘରେ ଟଙ୍କା ଯାଇ ପହଞ୍ଚିବ, କେହି ଟେର୍ ପାଇବେ ନାହିଁ । ଆମର ଟଙ୍କାର ଅଭାବ ନାହିଁ । ଦେଶପ୍ରେମୀ, ଧର୍ମ ଭରଷ୍ଣୁମାନେ ଆମ ଭଣ୍ଡାର ପୂର୍ଣ୍ଣ କରି ରଖିଛନ୍ତି ! କାଶ୍ମୀରରୁ କନ୍ୟାକୁମାରୀ, ଦ୍ୱାରକାରୁ କାମାକ୍ଷା ଆମର ଅନୁଷ୍ଠାନ ସେମାନଙ୍କ ଦାନରେ ସୁରୁଖୁରୁରେ ଚାଲିଛି ।

ତୁମକୁ ଏବେ କିଛି କାମ କରିବାକୁ ହେବ ନାହିଁ । କୁସ୍ତି କସରତ କରି ଖାଇପିଇ ଆଗେ ଦେହର ବଳ କମାଅ । ପଢ଼ାପଢ଼ି କର, ପଣ୍ଡିତ-ମାନଙ୍କ ବକ୍ତୃତା ଶୁଣ । ଦେଶକୁ ଚିହ୍ନ, ଜାଣ । ଦେଶ ଲାଗି କିପରି ଧନ, ମନ, ପ୍ରାଣ ବଳି ଦେଇ ଶହୀଦ୍ ହେବାକୁ ହୁଏ, ବୁଝ । ଦେଶର ଭୂଗୋଳ ପଢ଼, ନକ୍ସା କାଟି ଶିଖ । ଜାତିର ଇତିହାସରୁ ଶିଖ—କେଉଁ ସଦ୍‌ଗୁଣରୁ,

Digitized by srujanika@gmail.com

ମହାନ୍ ସାଧନାରୁ ଆମେ ମନୀଷିଙ୍କର ଚରମ ଉନ୍ନତିସୋପାନରେ ପହଞ୍ଚିଥିଲୁ, କେଉଁ ଦୁର୍ଗୁଣରୁ ଆମର ପତନ ହେଲା ? ଏ ଦେଶ କେତେ ପୁରୁଣା, କେତେ ସଭ୍ୟ, ଏ ଦେଶରେ କିପରି ମହାଯୋଗୀ ବ୍ରହ୍ମର୍ଷି, ମହାନ୍ ଦାର୍ଶନିକ, ମହାକବି, ବୈଜ୍ଞାନିକ, କଳାକାର, ବିଶ୍ୱଧର୍ମଗୁରୁମାନଙ୍କ ଆବିର୍ଭାବ ଘଟିଥିଲା, ସେମାନେ କିପରି ଅସାଧ୍ୟକୁ ସାଧି, ଦୁର୍ଗମକୁ ଗମ୍ୟ କରି ନବ ନବ ମାର୍ଗର ଦିଶାରୀ ହୋଇଥିଲେ, ସେ ତତ୍ତ୍ୱ ବୁଝି ।

ତା ସଙ୍ଗେ ବୁଝି, କି ଦୋଷ, ଦୁର୍ବଳତା ହେତୁରୁ ଆମର ପତନ ଘଟିଲା, କାହିଁକି ବୈଦେଶିକମାନେ ବାରମ୍ବାର ଏ ଦେଶ ଆକ୍ରମଣ କରୁଥିଲେ, ସେମାନଙ୍କ ସମକ୍ଷରେ କାହିଁକି ଭାରତୀୟମାନେ ପଛଘୁଞ୍ଚା ଦେଉଥିଲେ, ଆମ ଦଳାଦଳି ଆଉ କନ୍ଦଳର ସୁଯୋଗ ନେଇ ଗୋଟାଏ ବେପାରୀ ଜାତି ଶେଷକୁ ଆମକୁ କେମିତି ଅକ୍ତିଆର କଲା, ଏକଜୁଟ୍ ହୋଇ ତା ବିରୁଦ୍ଧରେ ଲାଗିଲା କ୍ଷଣି ସେ କିପରି କୂଟନୀତି ବଳରେ ଆମକୁ ଭାଙ୍ଗି ଚୁରମାର୍ କରି ଚାଲିଗଲା, ଭାଇକୁ ଭଗାରି କରି ଚିରକାଳ ଲାଗି ଝଗଡ଼ାର ସୂତ୍ର ଖଞ୍ଜିଦେଲା, ସେସବୁ ଭଲଭାବେ ନ ବୁଝିଲେ ଆମେ ପାଦୁଏ ବି ଆଗେଇ ପାରିବା ନାହିଁ ।

ଆମ ଦେଶ ଲୋକଙ୍କ ଶାସନକାଳରେ ଦଳେ ଚତୁର, ଦଳେ ଆତ୍ମସ୍ୱାର୍ଥୀ କିପରି ଆଲୁଅର ଧନକୁ ଅନ୍ଧାରକୁ ଘେନିଗଲେ, ଲୋକଙ୍କ ପାଟିରୁ ଦାନା, ଅଣ୍ଟାରୁ କନା ହରଣଚାଲ୍ କରି କିପରି ଦିନୁଁ ଦିନ ଅଧିକ ସଂଖ୍ୟାରେ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳକୁ ଠେଲିଦେବାକୁ ଲାଗିଲେ, ଦେଶଧେନୁକୁ ଅଜସ୍ରସ୍ରାବୀ ବୋଲି ବିଚାରି ଦୁହିଁ ଦୁହିଁ ସେମାନେ କିପରି ରକ୍ତ ଦୁହିଁ ପକାଇଲେ ଓ ସେହି ରକ୍ତରେ ମନଖିଆଲରେ ହୋରି ଖେଳି ଲାଗିଲେ, ଦେଶର ପାଣିପବନକୁ ବିଷାକ୍ତ କରିଦେଲେ, ଏ କରୁଣ କଳଙ୍କିତ ଇତିହାସ ଜାଣିବା ଆବଶ୍ୟକ । ଦୁର୍ନୀତିର ମୂଳ ଯୋଉମାନେ, ସେମାନଙ୍କୁ ନିକାଶ କରିବା ଆମର ଲକ୍ଷ୍ୟ ।

ବାହାରକୁ ବହୁତ ଉନ୍ନତି ଦିଶେ— ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, କାରଖାନା, ନବ ନବ ନଗର, ପଥଘାଟ, ଶିକ୍ଷାନୁଷ୍ଠାନ,

Digitized by srujanika@gmail.com

ଚିକିତ୍ସାଳୟ ନିର୍ମାଣ; ଦେଶ ବହୁତ ଉଜ୍ଜ୍ୱଳ ଦିଶେ, କିନ୍ତୁ କି ବିକୃତଭାବେ ମଳିନ, ବହୁ ସମୃଦ୍ଧି ମଧ୍ୟରେ କି ଦାରିଦ୍ର୍ୟ । ପ୍ରଚଣ୍ଡ ଆଲୋକ ମଧ୍ୟରେ କି ବିକଟ ଅନ୍ଧକାର ! ଜାତୀୟ ଚରିତ୍ର ମଧ୍ୟରେ ଆହା ମୂଳରୁ ଚୂଳ କି କାଳିମା ଘୋଟିଯାଇଛି !

ଶହୀଦ୍ ରକ୍ତରେ ଉର୍ବର ମାଟିରୁ ଉଚ୍ଚ ଜାତୀୟ ଚରିତ୍ର ଜନ୍ମଲାଭ କରିବ; ଉଚ୍ଚ ମଣିଷପଣ କରିପାରିବ ଉନ୍ନତ, ସୁନ୍ଦର, ସର୍ବାଙ୍ଗୀନ ଏଇ ବିଶ୍ୱାସରେ ଆମର ଅଭିଯାନ ଓ ଜୟଯାତ୍ରା ।

ଘର ବାହାର କାହାରି ଉପରେ ତାଙ୍କର କିଛିହେଲେ ଅଧିକାର ନାହିଁ—ଘରେ ଏକଘରିକିଆ, ବାହାରେ ଗୋଠଛଡ଼ା । ଘରେ ତାଙ୍କ କଥାଟା ଆଉ କାହା ତୁଣ୍ଡରୁ ବାହାରିଲା ପରି ଶୁଣାଯାଏ; କରିଣ ସେ କଥାକୁ ପାସଙ୍ଗରେ ପକାଏନାହିଁ । ଉଚ୍ଚ ନୈତିକ ଆଦର୍ଶର ସମାଧି ଉପରେ ଆତ୍ମସ୍ୱାର୍ଥର ବିଦ୍ରୂପ ବାଣୀ । ବାହାରେ ତାଙ୍କ ମତକୁ କେହି ଗୁରୁତ୍ୱ ଦିଏ ନାହିଁ । ବକ୍ତୃତା ଦେଲାବେଳେ ତାଙ୍କ ସ୍ୱରଟା ଫମ୍ପା ମାଠିଆରୁ ବାହାରିଲାପରି ଲାଗେ ।

ନେତା ଆତ୍ମନିରୀକ୍ଷଣ, ସଂଶୋଧନ, ତପସ୍ୟା । ଲୋକସେବାର ଆନନ୍ଦ କ୍ଷମତାରେ ନାହିଁ । ସେବା ତାଙ୍କୁ ଗଢ଼ିଥିଲା, କ୍ଷମତା ତାଙ୍କୁ ପୋଡ଼ିଖାଇଛି । ରାସ୍ତାଧାରରେ, ଫୁଟ୍‌ପାଥ୍‌ରେ ସେ ଯେଉଁ ମଣିଷପଣ ହାସଲ କରିଥିଲେ, ଘରେ ପଶି ସିଂହାସନରେ ବସି ସେ ତାକୁ ହରାଇଲେ । ଆଜି ସବୁ ଥାଇ ସେ ଆତ୍ମହରା । ଗୋବର୍ଦ୍ଧନ ପୂର୍ବ ନିଜତ୍ୱ ଫେରିପାଇବା ପାଇଁ ଆଶ୍ରମ ଗଢ଼ିବେ, ତପସ୍ୟା କରିବେ, ସେ ହେବେ ରାଜନୈତିକ ସନ୍ନ୍ୟାସୀ—ଲୋକସେବା ତାଙ୍କର ଆଦ୍ୟ, ମଧ୍ୟ ଓ ଶେଷ ଦୀକ୍ଷା ।

ରାଜଧାନୀ ତାଳମୂଳରେ ଲୋକସନ୍ଧଯୋଗ ଆଶାରେ ସେ ଗୋଟିଏ ସଭା ଡକାଇଲେ, ଲୋକଙ୍କ ମୁହାଁମୁହାଁ ହେବାକୁ ତାଙ୍କୁ ଡର ମାଡ଼ୁଛି କାହିଁକି ? କାହିଁକି

Digitized by srujanika@gmail.com

ସଭାରେ ଲୋକ କାହାନ୍ତି ? କେତେ ଜଣ ପୁରୁଣା କର୍ମୀ ମାତ୍ର । ମାଇକଟା କାହିଁକି ଅଣାଯାଇଛି ? ଯୋଉଠି ଫୁଲମାଳା ଭାରରେ ବେକ ଭାଙ୍ଗି ପଡ଼ୁଥିଲା, ସେଠିକି ଫୁଲକେଣ୍ଡାଟିଏ ବି କେହି ଆଣିନାହାଁନ୍ତି । ଯୋଉଠି ହାଟ ମେଳାରେ ଲୋକ ଗଦା ହୋଇଯାଉଥିଲେ, ସେଠି କଥା କହିଲାବେଳେ ପ୍ରତିଧ୍ୱନି ଖତାଇ ହଉଛି । ଏଠି ସେଠି ବିଞ୍ଚିବୁଣି ହୋଇ-ଝଡ଼ୁଥିବା ସାହସକୁ ଠୁଳ କରି ଗୋବର୍ଦ୍ଧନ କହିଲେ—ଏବେ ଲୋକସେବାକୁ ଜୀବନର ବ୍ରତ କରିଛି—ବିପ୍ଳବକାଳରେ ଯେମିତି···ଏତିକିବେଳେ 'ଗୁଳି' ଫୁଟିଲା, ଆଲୁଅ ଲିଭିଗଲା, ମାଇକ୍‌ଟା ଓଲଟି ପଡ଼ିଲା । ରତନା ଦଗିଯାଇ ପଚାରିଲା—ମୋତେ ଲକ୍ଷ୍ୟଭ୍ରଷ୍ଟ କଲୁ କାହିଁକି ? ସପନା କହିଲା—ଏଟା ଛମାଢ ରାଜନୀତିକ, ଅମାନତ ହରାଇଛି, ଜାଣି ମରିଛି; ଶବ ଉପରକୁ ଗୁଳି ମାରି ଲାଭ କ'ଣ ?

'ଏଟା ରଜାଙ୍କୁ ତଡ଼ି ଆପେ ରାଜା ହୋଇଛି । ଦୁର୍ମତିର ଏମିତି ଯେତେ ଗୋଡ଼ା ଦେଶରେ ଅଛନ୍ତି, ସମସ୍ତଙ୍କୁ ମାରିବା । ଏଇମାନଙ୍କ ଉପଦ୍ରବରୁ ରକ୍ଷା ପାଇଲେ ଯାଇ ଦେଶ ଉଧେଇବ ! ଭଦ୍ର ଦିଶନ୍ତି, ଅସଲ ଡାକୁ ଏ । ରକ୍ଷକ ପରି ଦିଶନ୍ତି, ଅସଲ ଭକ୍ଷକ; ଦେଶାଗ୍ନି ପରି ଦିଶନ୍ତି, ବିଭ୍ରାନ୍ତ କରନ୍ତି ଏମାନେ । ବଠ୍ ପରି ଦିମାକ ଯୁାଙ୍କର, ଅସଲ ବିଭ୍ରାଟକାରୀ ଏ ।

ଦୁହେଁ ପଳାଇଯାଇ ଜଙ୍ଗଲ ଅନ୍ଧାରରେ ହଜିଗଲେ; କିଛି ସମୟ ଥାକ ମାରିଲା ପରେ ସପନା କହିଲା—ମାମୁଁ, ଗୁମ୍ଫା ଭିତରେ ତ ସବୁ ଚୁପଚାପ୍, ଠାରେଠୁରେ; ଏଠି ଟିକେ ଖୋଲାଖୋଲି କଥାବାର୍ତ୍ତା ହବା । କେତେକାଳ ହେଲା ଶୁଣିନାହିଁ, ଗୋଟେ କଥା କହ ।

ରତନା କହିଲା—କ'ଣ କହିବି ବଜାଆ କୁକୁର ଗୋଦା ଓଣ୍ଡି ବୁଲୁଛନ୍ତି । ଯୁଆଙ୍କ ହାବୁଡ଼ରେ ଯଦି ପଡ଼େ, ଦଫା ଶେଷ । ଗପୁଡ଼ି ମାମୁଁଟାର କଥା ମନେ ପକାଇବୁରେ ସ[illegible]ା ।

Digitized by srujanika@gmail.com

ମୋ ମୁହଁରୁ କଏ ସବୁ ଗପ କାଢ଼ିନେଇଛି ? ଗୁମ୍ଫାରେ ପଶିବା ଆଗରୁ ବହେ ଗପିଯିବାକୁ ମନ । ହେଲେ କିଛି ତ ମନେ ନାହିଁ । ଯାହା କହନ୍ତି—ନଦନଦୀ ବନ୍ଧ୍ୟା, ସତ । ହଉ ଯାହା ମନେ ପଡ଼ୁଛି, ଶୁଣ୍, ଏ ମୋର ଶେଷ ଗପ ହୋଇପାରେ ।

ଆଗକାଳ ହୋଇଥିଲେ କହନ୍ତି—ଜଣେ ରଜା ଥିଲେ । ଏବେ ତ ସହରଯାକ ଉଆସ, କାହିଁ କେତେ ରଜା । ଆଗେ ଯାହା ନାଆଁ ଦିନରେ ଆସୁଥିଲା—ସେଇ ସାଧୁତ, ସାଧବପୁଅ, ସାହୁକାର ବା ବେପାରୀ ଏବେ ସେଇ ରଜାଙ୍କ ଭିତରେ ମହାରଜା । ସାରା ଦେଶଟା ସେ କାହାଠୁ କେମିତି ପଟା ନେଇଗଲା ?

ସବୁଆଡ଼େ ଲମ୍ବିଛି ତାର ବଜାର—ବେପାର । ଦଣ୍ଡି ଧରି ବସିଛି ସେ । ତାର ପଣ୍ୟ ନୁହେଁ କ'ଣ ବା କଏ ? କାହାକୁ ନ ବିକୁଛି, ନ କିଣୁଛି ସେ ? ସେଇଁ ବଜାରର ଦରଦାମ୍ ଠିକଣା କରେ; ଆପଣା ମାନରେ ବିକାକିଣା ଚଳାଏ । ତାର ମିଠର ସବୁବେଳେ ଉପରକୁ ଉଠେ, ଉଠୁଥାଏ । ସେ ମହଜୁଦ କରେ, ବଜାରରେ ଢେର ଅଭାବ ହେଲେ ଜିନିଷପତ୍ର ଆସ୍ତେ ଆସ୍ତେ ଛାଡ଼େ, ଦରଜାର ପଛପଟେ । ସେ ଅପମିଶ୍ରଣ କରେ ବୋଲି ଲୋକେ ଅପବାଦ ଦିଅନ୍ତି । ଭାରତର ଜନସଂଖ୍ୟା କମାଇ ବହୁତ ଉପକାର କରୁଛି ବୋଲି ସେ କୈଫିୟତ୍ ଦିଏ ।

ଯେତେ ସୁନାରୂପା ସେ ଠୁଳ କରିଛି, ତାର ବେଶୀ ଭାଗ ଅନ୍ଧାରରେ, ଆଖିଦୃଶିଆ କିଛିଟା ଆଲୁଅରେ ଖେଳାଏ ମାତ୍ର । ତାକୁ ଧରିବା ଚେଷ୍ଟା ବୃଥା, ପୁରୁଣା ମୂଷା ସେ, ଶତଦ୍ୱାର ବିବର ତାର ।

ପାହାଡ଼, ବଣରୁ ସେ ସବୁ ଗଛବୃଛ କାଟିନିଏ, ସବୁଜଶ୍ରୀ ଦେଖିଲେ ପୋଛିଦିଏ । ଦେଶକୁ ନିର୍ମଳ କରି ବଣୁଆଙ୍କୁ ପଦାକୁ ଆଣି ସଭ୍ୟ କରିଛି, ତାର ଦାବୀ । ସୁସ୍ପଷ୍ଟ ମରୁଭୂମିରେ ଅକାଳେ ଅବେଳେ ଖଣ୍ଡିଆଭୂତ ନାଚିଲେ, ପାହାଡ଼ୀ ନଈ ପ୍ରଳୟକାଣ୍ଡ ଘଟାଇଲେ ସେ ଆନନ୍ଦରେ ନୃତ୍ୟ କରେ ।

Digitized by srujanika@gmail.com

ଧନଦଉଲତ ଚିନ୍ତାରେ ସେ ବେପାରୀଙ୍କ ନିଦ ହୁଏନାହିଁ । କିନ୍ତୁ ସେ ଶୁଏ । ଦିନେ ଘୁଇନିଦ ଲାଗିଥିଲା ବେଳେ ସେ ସ୍ୱପ୍ନ ଦେଖିଲା— ସଦଳବଳେ ଶିକାରକୁ ଯାଇଚି, ଚିତ୍ରମୃଗଟିଏ ତା ଗୁଳି ମୁହଁରେ ପଡ଼ିଲା । ପ୍ରାଣ ଛାଡ଼ିବା ଆଗରୁ ସେ ବିକଳ ସ୍ୱରରେ କାନ୍ଦିଉଠି କହିଲା—

ପୂର୍ବଜନ୍ମରେ ଗନ୍ଧର୍ବ ଥିଲି, ଇନ୍ଦ୍ରଙ୍କ ଅଭିଶାପ ମୋ ପକ୍ଷରେ ବର ସଦୃଶ ହୋଇଥିଲା । ପିଲାପିଲିଙ୍କୁ ନେଇ ଗୋଟିଏ ପ୍ରପାତ ପାଖ ବଣରେ ମହା ସୁଖରେ ଥିଲି । ସ୍ୱର୍ଗରେ ତ ସ୍ନେହ, ପ୍ରେମ ନାହିଁ । ସ୍ନେହ ପ୍ରେମ ଯୋଗୁଁ ଏ ବଣଢ଼ିର ମତେ ବୈକୁଣ୍ଠପୁର ପରି ଲାଗୁଥିଲା । ଜଙ୍ଗଲ ପଦା ହେଲା, ପ୍ରପାତ ଶୁଖିଗଲା । ପାଣିଟୋପାଏ ପାଇଁ କଲବଲ ହୋଇ ବୁଲି ବୁଲି ଶୋଷରେ ତୋଣ୍ଟି ଫାଟି ଯାଉଥିବା ବେଳେ ତୁ ବେପାରୀ ପାଣି ବଦଳରେ ମୋ ମୁହଁରେ ଦେଲୁ ନିଆଁ; ଏବେ ନେ ମୋ ଅଭିଶାପ—

ଜଙ୍ଗଲ ଶୂନ୍; ହିଂସ୍ର ଜୀବଜନ୍ତୁ ଆଉ ଲୁଚି ରହିବେ କୋଉଠି ? ରହିବେ ଅତି ଅରମା ଅରଣା ତୋ'ର ଭିତରେ । ତୋର ଆଉ ତୋ ଦଳର ସମସ୍ତଙ୍କର ମଣିଷ ପରି ଆକୃତିଟି ମାତ୍ର ଥିବ । ପ୍ରକୃତି ଭିନ୍ନ ହୋଇଯିବ । ଅଜଗର ପରି ନିର୍ବିକାରରେ ଗିଳିଯିବୁ. ସୁନା ଦେଖିଲେ ବିବେକବୁଦ୍ଧିକୁ ମାଡ଼ିକୁଦି ଗଣ୍ଡା ପରି ଏକମୁହାଁ ମାଡ଼ିଯିବୁ, ଭାଲୁ ପରି ରାମ୍ପୁଡ଼ି କାମୁଡ଼ି ଦେଶମାତାର ମୁଖକୁ ବିକୃତ, ବିବର୍ଣ୍ଣ କରିପକାଇବୁ ।

ତୋ'ର ହାତରେ ରହିବ କଳା କଳା ଗନ୍ତାଘରର ଚାବି । ନିର୍ଗୁଣ ରଜ୍ଜୁ ହାତରେ ଧରି ଦେଶକୁ ନିଜ ଦୋହାରେ ନଚାଇବୁ ତୁ । ଯା କହୁଁ କହୁଁ ଚିତ୍ରମୃଗଟିର ପ୍ରାଣ ଛାଡ଼ିଗଲା, ଛିଡ଼ା ହେଲା ସ୍ୱର୍ଗର ଗନ୍ଧର୍ବ; ତା ଚାରିପଟେ ଆଲୋକର ଏକ ମଣ୍ଡଳ । ଦେଖୁଦେଖୁ ସେ ସିଧା ଆକାଶକୁ ଉଠିଗଲା, ଆସ୍ତେ ଆସ୍ତେ କ୍ଷୁଦ୍ର ହୋଇ ଦିଶୁଥିଲା ଗୋଟିଏ ତାରା ପରି; ତାପରେ କଳାମେଘ ଘୋଟିଗଲା । ଘୋର ବତାସ, ବିଜୁଳି, ଚଡ଼ଚଡ଼ି । ତା ଭିତରେ ନିଜ [illegible] ବେକରେ ପିସ୍ତଲ

Digitized by srujanika@gmail.com

ଲଗାଇଥିଲେ ତା ନିଜ ଲୋକେ । ସ୍ୱାର୍ଥର ଯୁଦ୍ଧ ଏ । ଜାତିକ ହତ୍ୟା କରିବାର ସମସ୍ତ କାରସାଦ ପଦାରେ ପଡ଼ିଯାଇଥିଲା ।

ଏଇ ବିଭେଦର ଦୁର୍ଦ୍ଦିନରେ ମାଡ଼ି ଆସୁଥିଲା ଗୋଟାଏ ସମୁଦ୍ର, ପାହାଡ଼ ପରି ଉଞ୍ଚ ଉଞ୍ଚ ଢେଉ ତାର, ଝଡ଼ ପରି ଗର୍ଜନ । ସେଇ ସମୁଦ୍ରର ଗୋଟାଏ ଭୀଷଣ ଜୁଆର ଘେରି ଯାଇଥିଲା ସେ ବେପାରୀ ବୁଢ଼ାକୁ, ଟାଣି ନେଉଥିଲା ତା ଅଣ୍ଟାରୁ ଯେତେ ଦେଶବିରୋଧୀ ଷଡ଼ଯନ୍ତ୍ରର ଗୁଡ଼ିବ । ମାରିବାକୁ ପିସ୍ତଲ ଉଞ୍ଚାଇଲାବେଳେ ସେ ପ୍ରାଣ ବିକଳରେ ଚିତ୍କାର କଲା; ଆତଙ୍କରେ ବିଳବିଳାଇ ଅଚେତାରେ ତଳେ ପଡ଼ିଯାଉଥିଲାବେଳେ ଧରି ପକାଇଲା ଯାବତୀୟ କଳା କାଳିମା ଆଉ କଳଙ୍କର ଧରିତ୍ରୀ ।

ମୋ କଥାଟି ସରିଲା; କିନ୍ତୁ ଫୁଲ ଗଛଟି ମଲା ନାହିଁ । ଯେତେ ଅରଣା କାଳୀ ଗାଈ କଳା କଳା ଜିଭ ବଢ଼ାଇଥିଲେ, କେହି ତାକୁ ଛୁଟି ଦେଇ ପାରିଲେ ନାହିଁ । ଏଇ ବଣୁଆଁ କାଳୀ ଗାଈଙ୍କୁ ଆୟତ୍ତରେ ଆଣିବା ଲାଗି ସେଇ ଘୋର ସମୁଦ୍ରରୁ ବାହାରିଲା କିଏ ସେ ରଖୁଆଳ, ବାଟକଢ଼ାଆଳ, ଅତ୍ୟୁଜ୍ଜ୍ୱଳ ମଶାଲଧାରୀ ଦଣ୍ଡାରୀ ?

ମହାନ୍ ଚିରନ୍ତନ ମନୀଷ, ତା'ର ମହାମନ୍ତ୍ରରେ ଫୁଲଗଛଟି କଢ଼ା ମେଲି ଶାଖାପ୍ରଶାଖା ଖୋଲି ଚତୁର୍ଦ୍ଦିଗକୁ ଉଜ୍ଜ୍ୱଳ, ସୁନ୍ଦର କରି ଉଠିଲା— ସ୍ୱର୍ଗେ ଲାଗେ ଡାଳ, ମର୍ତ୍ତ୍ୟେ ଲାଗେ ଡାଳ—ଦେଖୁଚୁ ଟିକି ସପନା, ଏ ଆଗତ ଗଛର ରଙ୍ଗୀନ୍ ଫୁଲ, ସୁନାର ଫଳ !

ଶ୍ରୀଗୁଣ୍ଡିଚ୍ଚ, ୩-୭-୮୧

Digitized by srujanika@gmail.com